

'ଲଭ୍‌ଲେ'ରେ ଅଭିଲିପ୍ସା

▶ପୃଷ୍ଠା ୧୧ ଦେଖନ୍ତୁ...


RNI REGD NO: 42041/83

www.sakalaepaper.com

/sakalanews

/sakalanews

www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 43 •ISSUE-44 •THURSDAY •7 AUGUST 2025 •PAGE-12 •₹ 6.00 | BHUBANESWAR | •ବର୍ଷ-୪୩ •ସଂଖ୍ୟା-୪୪ •ଗୁରୁବାର •୭ ଅଗଷ୍ଟ ୨୦୨୫ •ପୃଷ୍ଠା-୧୨ •ଟ.୬.୦୦


## ବାଲେଶ୍ୱର, ବଲାଙ୍ଗୀ ପରେ ପଟ୍ଟାମୁଣ୍ଡାଇ

# ନିଜକୁ ଜାଳିଦେଲେ ଆଉ ଜଣେ ଛାତ୍ରୀ



■ **ପଟ୍ଟାମୁଣ୍ଡାଇ, ୬।୮ (ସମିସ):** ବାଲେଶ୍ୱର ଏଫ୍‌ଏମ୍ କଲେଜ ଛାତ୍ରୀ ସୌମ୍ୟାଶ୍ରୀଙ୍କ ଆତ୍ମଦାହ, ବଲାଙ୍ଗୀରେ ଜଣେ ନାବାଳିକାଙ୍କୁ ପୋଡ଼ିବୁ ନେଇ ରାଜ୍ୟରେ ରୋଷର ନିଆଁ ଜଳୁଛି । ଏହି ସମୟରେ ପଟ୍ଟାମୁଣ୍ଡାଇରେ ଜଣେ କଲେଜ ଛାତ୍ରୀ ନିଜ ଦେହରେ ନିଆଁ ଲଗାଇ ଆତ୍ମହତ୍ୟା କରିଛନ୍ତି । ପୁରୁଷ ବନ୍ଧୁର ଉତ୍ପୀଡ଼ନରେ ଅତିଷ୍ଠ ସମ୍ପୃକ୍ତ ଛାତ୍ରୀ ଏ ସଂକ୍ରାନ୍ତରେ ପୁଲିସ ନିକଟରେ ଅଭିଯୋଗ କରିଥିଲେ । ମାତ୍ର ବିଡ଼ମ୍ବନା ପୁଲିସ କୌଣସି କାର୍ଯ୍ୟାନୁଷ୍ଠାନ ନେଲାନାହିଁ, ଏପଟେ ଉତ୍ପୀଡ଼ନ ଅତିଷ୍ଠ ହେଲା । ଶେଷରେ ଜୀବନ ହାରିବାକୁ ନିଷ୍ପତ୍ତି ନେଇ ଛାତ୍ରୀଜଣକ ନିଜ ଦେହରେ କିରାସିନି ଢ଼ାଳି ନିଆଁ ଲଗାଇ ଦେଲେ ।

ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ବଡ଼ପଡ଼ା ପଞ୍ଚାୟତ କାଠିଆପଡ଼ା ଗ୍ରାମର ଶଶୀକାନ୍ତ ପରିଡାଙ୍କ ଝିଅ ସଙ୍ଗୀତା ବଡ଼ପଡ଼ା କଲେଜରେ +୩ ଶେଷବର୍ଷ କଳାରେ ପାଠ ପଢୁଥିଲେ । ଆଜି ସକାଳ ୭.୩୦ ମିନିଟ ସମୟରେ ସଙ୍ଗୀତାଙ୍କ ବାପାମାଆ କୌଣସି କାମରେ ପଟ୍ଟାମୁଣ୍ଡାଇ ଯାଇଥିଲେ ଓ ଘରେ ଝିଅ ସଙ୍ଗୀତା ଏକୁଟିଆ ଥିଲେ । ମାତ୍ର ଘରକୁ ଫେରିବା ପରେ ବାପାମାଆ ସଂଗୀତାଙ୍କ କୋଠରୀ ଭିତରୁ ବନ୍ଦ ଥିବା ଦେଖିବାକୁ ପାଇଥିଲେ । ବହୁ ଡକାଡକି ପରେ ସେ କବାଟ ନ ଖୋଲିବାରୁ ବାଧ ହୋଇ କବାଟ ଭାଙ୍ଗି ସେମାନେ ଘର ଭିତରେ ପଶିଥିଲେ । ମାତ୍ର ଘରଭିତରେ ସଙ୍ଗୀତାଙ୍କ ବଦଳରେ ମିଳିଥିଲା ତାଙ୍କର ପୋଡ଼ା ଶରୀର । ଘର ସାରା କିରାସିନି ଗନ୍ଧ ହେଉଥିବାରୁ ସେ ଦେହରେ କିରାସିନି ଢ଼ାଳି ହୋଇ ନିଆଁ ଲଗାଇ ଦେଇଥିବା ସନ୍ଦେହ କରାଯାଉଛି । ମାତ୍ର ପୁଲିସ ମାମଲାକୁ ଗୁରୁତ୍ୱ ଦେଇ ନଥିଲା ବୋଲି ସଙ୍ଗୀତାଙ୍କ ବାପା ଅଭିଯୋଗ କରିଛନ୍ତି । ଅନ୍ୟପକ୍ଷରେ ଏହି ଘଟଣାରେ ଜଣେ ପୁଲିସ କର୍ମଚାରୀଙ୍କ ବିବାଦୀୟ ଭୂମିକାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ହେଉଛି । ମାତ୍ର ଏହି ଘଟଣାରେ

- **ପୁରୁଷ ବନ୍ଧୁଙ୍କ ଉତ୍ପୀଡ଼ନ, ପୁଲିସ ବେଫିକର**
- **ଦେହରେ କିରାସିନି ଢାଳି ଲଗାଇଦେଲେ ନିଆଁ**
- **ଭିଡିଓ ଭାଇରାଲ ଧମକ ଦେଉଥିଲା ପ୍ରେମିକ**
- **ଘଟଣାସ୍ଥଳରେ ଏସ୍‌ପି ଓ ସାଇଣ୍ଟିଫିକ୍ ଟିମ୍**

ସଙ୍ଗୀତାଙ୍କ ପରିବାର ଲୋକଙ୍କ ଅଭିଯୋଗ ଅନୁସାରେ ତେରୋହି ଗ୍ରାମର ଜଣେ ଯୁବକ ସଙ୍ଗୀତାକୁ ଭଲ ପାଉଥିଲା । ମାତ୍ର ପରିବାର ଲୋକମାନେ ଏହାକୁ ସ୍ୱୀକୃତି ଦେଉ ନ ଥିଲେ । ଉକ୍ତ ଯୁବକ ଜଣକ ସଙ୍ଗୀତାଙ୍କ କେତେକ ଆପତ୍ତିଜନକ ଭିଡିଓ ଉତ୍ତୋଳନ କରି ଏହାକୁ ଭାଇରାଲ କରିଦେବାକୁ ଧମକ ଦେଉଥିଲେ । ତେଣୁ ସମ୍ପୃକ୍ତ ଯୁବକଙ୍କ ବିରୋଧରେ ପରିବାର ଲୋକେ ୪ ମାସ ତଳେ ଗ୍ରାମାଞ୍ଚଳ ଥାନାରେ ଏତଲା ଦେଇଥିଲେ । ପୁଲିସର କୌଣସି ଭୂମିକା ନାହିଁ ଓ ସଙ୍ଗୀତାଙ୍କ ପରିବାର ପକ୍ଷରୁ କୌଣସି ଏତଲା ଦିଆଯାଇ ନାହିଁ ବୋଲି ପୁଲିସ ପକ୍ଷରୁ କୁହାଯାଇଛି ।

ଛାତ୍ରୀ ଆତ୍ମହତ୍ୟା ଖବର ପାଇ କେନ୍ଦ୍ରାପଡ଼ା ଏସପି ସିଦ୍ଧାର୍ଥ କଟାରିଆ ପଟ୍ଟାମୁଣ୍ଡାଇ ମଡେଲ ଥାନା ଆଇଆଇସି ବନ୍ଦନା ପାତ୍ର, ଗ୍ରାମାଞ୍ଚଳ ଥାନା ଆଇଆଇସି ଧୀରଜ ଲେଙ୍କା, ସାଇଣ୍ଟିଫିକ ଟିମ ସହିତ ଘଟଣାସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି । ▶ପୃଷ୍ଠା-୭

## ଟ୍ରମ୍ପଙ୍କ ଡବଲ୍ ଛାଟ

# ଭାରତକୁ ୫୦% ଶୁଳ୍କ

## ଦୃଢ଼ ପ୍ରତିବାଦ ଜଣାଇଲା ଭାରତ, ଆମେ ଡରିବୁ ନାହିଁ

■ **ୱାସିଂଟନ, ୬।୮ (ଏଜେନ୍ସି):** ଭାରତ ବିରୋଧରେ ପୁଣି ଶୁଳ୍କ ଯୁଦ୍ଧ ଘୋଷଣା କରିଛନ୍ତି ଆମେରିକାର ରାଷ୍ଟ୍ରପତି ଟ୍ରମ୍ପ । ଆମେରିକାର ବାରଣ ସତ୍ତ୍ୱେ ଭାରତ ରୁଷରୁ ଅଶୋଧିତ ତେଲ ଓ ସାମରିକ ଅସ୍ତ୍ର କିଣିବା ଜାରି ରଖିଥିବାରୁ ଭାରତୀୟ ସାମଗ୍ରୀ ଉପରେ ଆଜି ଆହୁରି ୨୫ ପ୍ରତିଶତ ଶୁଳ୍କ ଲାଗୁ କରିଛନ୍ତି । ଏହାକୁ ମିଶାଇ ଭାରତୀୟ ସାମଗ୍ରୀ ଉପରେ ମୋଟ ୫୦ ପ୍ରତିଶତ ଶୁଳ୍କ ଲାଗୁ କଲେଣି ଟ୍ରମ୍ପ । କେବଳ ଏତିକି ନୁହେଁ, ଆବଶ୍ୟକ ପଡ଼ିଲେ ଭାରତ ଉପରେ ଆହୁରି ଶୁଳ୍କ ଧାର୍ଯ୍ୟ କରିବାକୁ ମଧ୍ୟ ସେ ଧମକ ଦେଇଛନ୍ତି ।

ଅନ୍ୟପକ୍ଷରେ ଟ୍ରମ୍ପଙ୍କ ଏଭଳି ଆଭିମୁଖ୍ୟର ପ୍ରତିବାଦ ଜଣାଇଛି ଭାରତ । ଭାରତ ପକ୍ଷରୁ ଟ୍ରମ୍ପଙ୍କ କାର୍ଯ୍ୟାନୁଷ୍ଠାନକୁ ଦୁର୍ଭାଗ୍ୟଜନକ ବର୍ଣ୍ଣନା କରିବା ସହିତ ସ୍ପଷ୍ଟ କରିଦେଇଛି ଯେ ଜାତୀୟ ସ୍ୱାର୍ଥ ଦୃଷ୍ଟିରୁ ଯାହା ଉଚିତ ସେହି ଅନୁସାରେ ପଦକ୍ଷେପ ନିଆଯିବ । ଆମେରିକାର ଧମକ ଆଗରେ ଭାରତ ଡରିବ ନାହିଁ କି ନଇଁଯିବ ନାହିଁ ।



**ଅତିରିକ୍ତ ୨୫% ଶୁଳ୍କ ଲଗାଇଲେ ଟ୍ରମ୍ପ**

**ଭାରତ ହରାଇବ ଜିଡିପିର ୧ ପ୍ରତିଶତ**

ସୂଚନାଯୋଗ୍ୟ ଯେ ୟୁରୋପ ସମେତ ଅନେକ ରାଷ୍ଟ୍ର ରୁଷ ସହିତ ଏବେ ବି ବାଣିଜ୍ୟ କାରବାର ଚଳାଇଥିବା ବେଳେ କେବଳ ଭାରତ ବିରୋଧରେ ଟ୍ରମ୍ପଙ୍କ ଏଭଳି ଆଭିମୁଖ୍ୟ ସମସ୍ତଙ୍କୁ ବିସ୍ମିତ କରିଛି । ଚୀନ ଆମେରିକାର ପାରମ୍ପରିକ ଶତ୍ରୁ ହୋଇଥିଲେ ମଧ୍ୟ ସେହି ଦେଶ ବିରୋଧରେ ଏତେ କଠୋର ହୋଇ ନାହାନ୍ତି ଟ୍ରମ୍ପ । ଅନ୍ୟପକ୍ଷରେ ଚୀନ ତୁଳନାରେ ଭାରତ ଉପରେ ୨୦ ପ୍ରତିଶତ ଅଧିକ ଶୁଳ୍କ ଧାର୍ଯ୍ୟ କରିଥିବା ବେଳେ ପାକିସ୍ତାନ ତୁଳନାରେ ୩୧ ପ୍ରତିଶତ ଅଧିକ ଶୁଳ୍କ ଭାରତ ଉପରେ ଧାର୍ଯ୍ୟ କରିଛନ୍ତି ରାଷ୍ଟ୍ରପତି ଟ୍ରମ୍ପ । ଏସଂକ୍ରାନ୍ତ ଆଦେଶରେ ଟ୍ରମ୍ପଙ୍କ ପକ୍ଷରୁ କୁହାଯାଇଛି ଯେ ▶ପୃଷ୍ଠା-୭






## ବିହାର ଭୋଟର ତାଲିକା ସଂଶୋଧନ

## ନିର୍ବାଚନ କମିସନଙ୍କୁ ତଥ୍ୟ ମାଗିଲେ ସୁପ୍ରିମକୋର୍ଟ

# ୬୫ ଲକ୍ଷର ହିସାବ ଦିଅ

■ **ନୂଆଦିଲ୍ଲୀ, ୬।୮ (ଏଜେନ୍ସି):** ବିହାରରେ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ (ଏସ୍‌ଆଇଆର୍) ବେଳେ ଯେଉଁ ୬୫ ଲକ୍ଷ ଭୋଟରଙ୍କ ନାମ କଟାଯାଇଛି, ସେ ସଂପର୍କରେ ତଥ୍ୟ ଲୋଡ଼ିଛନ୍ତି ସୁପ୍ରିମକୋର୍ଟ । ଆସନ୍ତା ଶନିବାର ସୁଦ୍ଧା ପୂର୍ଣ୍ଣାଙ୍ଗ ତଥ୍ୟ ଦେବାଲାଗି ନିର୍ବାଚନ କମିସନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ୬୫ ଲକ୍ଷ ଭୋଟରଙ୍କ ସଂପର୍କରେ କମିସନ ବିଭିନ୍ନ ରାଜନୈତିକ ଦଳଙ୍କୁ ତଥ୍ୟ ଦେଇଥିବା ବେଳେ ଅନ୍ୟତମ ଆବେଦନକାରୀ ଏଡିଆର୍‌କୁ ମଧ୍ୟ ଏହି ତଥ୍ୟ ଦେବାକୁ ପଡ଼ିବ ।

ଆଜି ଏହି ମାମଲାର ଶୁଣାଣି ବେଳେ ଏଡିଆର ନାମକ ଏନ୍‌ଜିଓ ପକ୍ଷରୁ କୁହାଯାଇଥିଲା ଯେ କମିସନ ଯେଉଁ ୬୫ ଲକ୍ଷ ଭୋଟରଙ୍କ ନାମ କାଟିଛନ୍ତି, ସେଥିରେ ଅନେକ ବିଭ୍ରାନ୍ତି ରହିଛି । କେବଳ ସଂଖ୍ୟା ନଦେଇ ସେମାନଙ୍କର ନାମ ଏବଂ କେଉଁମାନେ ମୃତ, କେଉଁମାନେ ଅନ୍ୟ ରାଜ୍ୟକୁ ପଳାଇଛନ୍ତି ଏବଂ କେଉଁମାନଙ୍କ ନାମ ଭୋଟର ତାଲିକାରେ ସାମିଲ ପାଇଁ ବିଚାର କରାଯାଇ ନାହିଁ ଏବଂ କାହିଁକି ବିଚାର କରାଯାଇ ନାହିଁ, ସେ ସଂପର୍କରେ ସଂପୂର୍ଣ୍ଣ ତଥ୍ୟ ଦିଅନ୍ତୁ ନିର୍ବାଚନ କମିସନ । ଜଷ୍ଟିସ ସୂର୍ଯ୍ୟକାନ୍ତ, ଜଷ୍ଟିସ ଉଜ୍ଜଳ ଭୂୟାଁ ଏବଂ ଜଷ୍ଟିସ କୋଟିଶ୍ୱର ସିଂହଙ୍କୁ ନେଇ ଗଠିତ ଖଣ୍ଡପୀଠ ଆଜି ଶୁଣାଣି ବେଳେ କହିଛନ୍ତି ଯେ କମିସନ କେବଳ ଚିଠାପ୍ରସ୍ତାବ ଜାରି କରିଛନ୍ତି । ପରବର୍ତ୍ତୀ ସମୟରେ ଏହା ଉପରେ ବିଚାର କରାଯିବ । ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଓକିଲ ପ୍ରଶାନ୍ତ ଭୂଷଣ କହିଥିଲେ ଯେ ୬୫ ଲକ୍ଷ ଭୋଟରଙ୍କ ସଂପର୍କରେ କମିସନ ନିର୍ଦ୍ଦିଷ୍ଟ ତଥ୍ୟ ଦେଉ ନାହାନ୍ତି । ମାନ୍ୟବର ବେଞ୍ଚ ନିର୍ବାଚନ କମିସନଙ୍କ ଓକିଲଙ୍କୁ କହିଲେ ଯେ ତାଲିକା ସଂଶୋଧନ ଦ୍ୱାରା କ୍ଷତିଗ୍ରସ୍ତ ହେଉଥିବା ପ୍ରତ୍ୟେକ ଭୋଟରଙ୍କ ସଂପର୍କରେ ଆମକୁ ତଥ୍ୟ ଦରକାର । ତେଣୁ ଆସନ୍ତା ଶନିବାର ସୁଦ୍ଧା ଉତ୍ତର ଦାଖଲ କରିବା ଲାଗି କମିସନଙ୍କୁ ନିର୍ଦ୍ଦେଶ ▶ପୃଷ୍ଠା-୭



**୬୫ ଭାଗ ଭୋଟରଙ୍କୁ ନେଇ ପ୍ରଶ୍ନ ଉଠାଇଲେ ଆବେଦନକାରୀ**

# ଆଦିବାସୀ ମହିଳାଙ୍କୁ ଗଣଦୁଷ୍କର୍ମ; ୩ ଗିରଫ

■ **ଅନୁଗୋଳ/ଛେଣ୍ଡିପଦା, ୬।୮ (ସମିସ):** ଅନୁଗୋଳ ଜିଲ୍ଲା ବାଗଡ଼ିଆ ଥାନା ଅଞ୍ଚଳର ଜଣେ ଆଦିବାସୀ ମହିଳାଙ୍କୁ ଗଣଦୁଷ୍କର୍ମ ହୋଇଥିବା ଅଭିଯୋଗ ହୋଇଛି । ଘଟଣାରେ ପୁଲିସ ୩ ଜଣଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତଙ୍କ ମଧ୍ୟରେ ଜଣେ ଯୁବକ ଥିବାବେଳେ ଅନ୍ୟ ଦୁଇଜଣ ନାବାଳକ ବୋଲି ଜଣାପଡ଼ିଛି ।



ସୂଚନାନୁଯାୟୀ, ପାଲଲହଡ଼ା ଥାନା ଅଞ୍ଚଳର ଜନୈକା ମହିଳା ତାଙ୍କ ସମ୍ପର୍କୀୟଙ୍କୁ ଦେଖା କରିବାକୁ ଗତ ୩ ତାରିଖରେ ଆସିଥିଲେ । ଅପରାହ୍ଣ ପ୍ରାୟ ୩ ଟାରେ ସେ ତାଙ୍କ ଭଣଜା ସହିତ ବାଇକ୍‌ରେ ଚାରିବାଟି ପେଟ୍ରୋଲ ପମ୍ପ ନିକଟରୁ ତେଲ ପକାଇ ଫେରୁଥିଲେ । ବାରମଞ୍ଜାର ରାସ୍ତାରେ ଏକ ଟ୍ରାକ୍ଟର ଧରି କିଛି ଶ୍ରମିକ ଗାଡ଼ି ଅଟକାଇ ସମ୍ପର୍କୀୟ ଯୁବକଙ୍କୁ ମାଡ଼ମାରି ମହିଳାଙ୍କୁ ଜଙ୍ଗଲ ଭିତରକୁ ଟେକି ନେଇଥିଲେ । ସେଠାରେ ୩ ଯୁବକ ଗଣଦୁଷ୍କର୍ମ କରିବା ପରେ ଟ୍ରାକ୍ଟର ଧରି ଚମ୍ପଟ ମାରିଥିଲେ । ସେହିଦିନ ପୀଡ଼ିତା ଓ ତାଙ୍କ ଭଣଜା ପଳାଇ ଯାଇଥିଲେ । ପରେ ୫ ତାରିଖ ଦିନ ପୀଡ଼ିତା ବାଗଡିଆ ଥାନା ଆସି ଘଟଣା ସମ୍ପର୍କରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ ▶ପୃଷ୍ଠା-୭

# ଦୁର୍ଘଟଣାରେ ଗଲା ୫ ଜୀବନ

## ଟ୍ରେଲର୍ ଚକା ତଳେ ପଡ଼ି ୨ ବାଇକ୍ ଆରୋହୀ ମୃତ

## ଟ୍ରକ୍ ଧକ୍କାରେ ଚାଲିଗଲା ପରିବାରର ୩ ଜୀବନ

■ **ବୁଗୁଡ଼ା/ତେଲକୋଇ, ୬।୮ (ସମିସ):** ପୃଥକ ପୃଥକ ସଡ଼କ ଦୁର୍ଘଟଣାରେ ଆଜି ୫ ଜଣଙ୍କ ପ୍ରାଣହାନୀ ଘଟିଛି । ଗଞ୍ଜାମ ଜିଲ୍ଲା ବୁଗୁଡ଼ାରେ ବାଇକ୍-ବୁଲେଟ୍ ଧକ୍କା ହେବା ଫଳରେ ୨ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ କେନ୍ଦୁଝର ଜିଲ୍ଲା ଜଗମୋହନପୁରଠାରେ ଏକ ବାଇକ୍‌କୁ ଟ୍ରକ୍ ଧକ୍କା ଦେବା ଫଳରେ ପରିବାରର ୩ ଜଣଙ୍କ ମୃତ୍ୟୁ ହୋଇଛି ।

ବୁଗୁଡ଼ା ନିକଟସ୍ଥ ଷୋଳମାଇଲିଠାରେ ବୁଧବାର ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି । ବାଇକ୍ ଓ ବୁଲେଟ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବାପରେ ପାଖରେ ଆସୁଥିବା ଟ୍ରେଲର୍ ଚକାତଳେ ପଡ଼ି ୨ ବାଇକ୍ ଆରୋହୀଙ୍କ ଜୀବନ ଯାଇଛି । ବୁଲେଟ୍ ଚାଳକ ମଧ୍ୟ ଗୁରୁତର ଆହତ ହୋଇଛନ୍ତି । ମୃତକ ହେଲେ ବୁଗୁଡ଼ା ଥାନା ଅନ୍ତର୍ଗତ ବେତାରସିଂ ଗ୍ରାମର ଶଶାଙ୍କ ମହାରଣା (୪୩) ଓ ସୁବୁଦ୍ଧିପଲ୍ଲୀର ଖଦାଳ ମହାରାଣା (୭୯) । ଗୁରୁତର ଜଣକ ହେଲେ ଜଗନ୍ନାଥପ୍ରସାଦ ଥାନା ଅନ୍ତର୍ଗତ ଶିଶୁଣ୍ଡା ଗ୍ରାମର ଲକ୍ଷ୍ମୀଧର ବେହେରା ।

ବୁଧବାର ସକାଳେ ଶଶାଙ୍କ ଓ ତାଙ୍କର ବଡ଼ବାପା ଖଦାଳ ବାଇକ୍‌ରେ ବନ୍ଧୁଘର ପଙ୍କଳବାଡ଼ି ଗାଁକୁ ଯାଉଥିବାବେଳେ ବାଲିପଦର ପଟୁ ଆସୁଥିବା ଲକ୍ଷ୍ମୀଧରଙ୍କ ବୁଲେଟ୍ ସହ ମୁହାଁମୁହିଁ ଧକ୍କା ହୋଇଥିଲା । ଫଳରେ ବାଇକ୍‌ରେ ବସିଥିବା ଶଶାଙ୍କ ଓ ଖଦାଳ ବାଲିପଦର ପଟୁ ବୁଗୁଡା ଆଡ଼କୁ ଆସୁଥିବା ଏକ ଲୁହାଛଡ଼ ବୋଝେଇ ଟ୍ରେଲର୍ ପଛ ଚକ ତଳେ ପଡ଼ିଯାଇଥିଲେ । ଘଟଣାସ୍ଥଳରେ ଶଶାଙ୍କଙ୍କ ମୃତ୍ୟୁ ହୋଇଥିବାବେଳେ ସ୍ଥାନୀୟ ଲୋକେ ଖଦାଳ ଓ ଲକ୍ଷ୍ମୀଧରଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ମେଡିକାଲକୁ ନେଇଥିଲେ । ତେବେ ସେଠାରେ ଚିକିତ୍ସାବେଳେ ଖଦାଳଙ୍କ ମୃତ୍ୟୁ ଘଟିଥିଲା । ▶ପୃଷ୍ଠା-୭

## ସ୍ରଷ୍ଟା ନାଟ୍ୟାଳୟରେ ନାଟକ 'କମ୍ବଳ' ମଞ୍ଚସ୍ଥ



ବାଲେଶ୍ୱର, ୬।୮ (ସମିସ): ଓଡ଼ିଆ ଭାଷା ବିକାଶ ଆନ୍ଦୋଳନ ପକ୍ଷରୁ ମାକଳପୁରସ୍ଥିତ ସ୍ରଷ୍ଟା ନାଟ୍ୟାଳୟ ପ୍ରେକ୍ଷାଳୟରେ ନାଟ୍ୟକାର ହେମେନ୍ଦ୍ର ମହାପାତ୍ରଙ୍କ ରଚିତ ନାଟକ 'କମ୍ବଳ' ମଞ୍ଚସ୍ଥ ହୋଇଯାଇଛି। 'କମ୍ବଳ'କୁ ଏହି ନାଟକରେ ଫକୀରମୋହନ ସେନାପତି ଓ ଗଙ୍ଗାଧର ମେହେରଙ୍କ ସମ୍ପର୍କର ଏକ ପ୍ରତୀକ ଭାବରେ ଗ୍ରହଣ କରାଯାଇଛି। ଏକଦା ଫକୀରମୋହନଙ୍କ ଗୃହକୁ ଗଙ୍ଗାଧର ମେହେର ଆସିଥିବା ସମୟରେ ତାଙ୍କର କମ୍ବଳଟିକୁ ବାଲେଶ୍ୱରରେ ଛାଡିଦେଇ ଯାଇଥିଲେ। ଶହେବର୍ଷ ପରେ ଭାଷା ଓ ସମ୍ପର୍କର ପ୍ରତୀକ ସେହି କମ୍ବଳକୁ ଧରି ଓଡ଼ିଆ ଭାଷା ବିକାଶ ଆନ୍ଦୋଳନର କର୍ମକର୍ତ୍ତାମାନେ ବରପାଲିକୁ ଯାତ୍ରା କରୁଛନ୍ତି। ଏହି ବିଷୟବସ୍ତୁକୁ ନେଇ ସୁନ୍ଦର ଭାବରେ ନାଟକଟିକୁ ରଚନା କରାଯାଇଛି। ନାଟକକୁ ନିର୍ଦ୍ଦେଶନା ଦେଇଥିଲେ ନିରଞ୍ଜନ ରାଉତ ଓ ଏଥିରେ ସଙ୍ଗୀତ ପରିବେଷଣ କରିଥିଲେ କଲ୍ୟାଣୀ ନନ୍ଦ। ଅଭିନୟରେ ଡ ଲକ୍ଷ୍ମୀକାନ୍ତ ତ୍ରିପାଠୀ, ଡ ସାରଙ୍ଗଧର ତ୍ରିପାଠୀ, ପ୍ରଭାକର ସାହୁ, ପଣ୍ଡିତ ସଞ୍ଜୟ କୁମାର ପଣ୍ଡା, ଜ୍ଞମରନାଥ ପାତ୍ର ଓ ପ୍ରଫୁଲ୍ଲ କୁମାର ଦାସ ସେମାନଙ୍କର ନିଖୁଣ କଳା ପ୍ରଦର୍ଶନ କରିଥିଲେ। ପ୍ରଚ୍ଛଦପଟ ସଙ୍ଗୀତରେ ମଞ୍ଚଉପରେ ମଙ୍ଗଳସୂଚକ ନୃତ୍ୟ ପରିବେଷଣ କରିଥିଲେ ସୁବ୍ରତା ମହାନ୍ତି, ସ୍ନିଗ୍ଧା ସାମନ୍ତରାୟ, ଶାନ୍ତିଲତା ପଣ୍ଡା, ମମତା ଦାସ, ତୃପ୍ତିରାଣୀ ପାତ୍ର, କୃଷ୍ଣା ପ୍ରଧାନ ଓ ବାସନ୍ତୀ ଦେ। ପ୍ରଥମେ ଅନୁଷ୍ଠାନର ବରିଷ୍ଠ ସଦସ୍ୟ ଶରତ କୁମାର ମହାପାତ୍ର, ତପନ ରାୟ, ଦୀପକ ବୋଷ, ଡ. ଶିରୀଶଚନ୍ଦ୍ର ଜେନା, ରମାକାନ୍ତ ନାୟକ, ରତ୍ନାକର ସିଂହ, ପ୍ରସନ୍ନ କୁମାର ଦାସ, ଜ୍ୟୋତ୍ସ୍ନା ରାୟ, ଗୀତାଞ୍ଜଳି ଶତପଥୀ, ଅର୍ଚ୍ଚନା ନନ୍ଦୀ ପ୍ରମୁଖ ଶ୍ରୀ ଜଗନ୍ନାଥଙ୍କୁ ପୁଷ୍ପାଞ୍ଜଳି ଦେଇ ଆଶିଷ କାମନା କରିଥିଲେ। ନାଟକଟି ସମସ୍ତଙ୍କଦ୍ୱାରା ଉପଭୋଗ୍ୟ ହୋଇଥିଲା।

# ଭେଣ୍ଡିଂଜୋନ୍ ପାଲଟିଛି ନିଶାଡ଼ୀଙ୍କ ଆଡ୍ଡାସ୍ଥଳୀ

ବାଲେଶ୍ୱର, ୬।୮ (ସମିସ)





ପୌର ପ୍ରଶାସନ ପାଖରେ ନାହିଁ ଖବର

ବାଲେଶ୍ୱର ସହରର ଫାଣ୍ଡିଛକ ହେଉଛି ଏକ ବ୍ୟସ୍ତବହୁଳ ସ୍ଥାନ। ଏହି ଫାଣ୍ଡି ଛକରେ ଫଳ ଦୋକାନଠାରୁ ଆରମ୍ଭ କରି ବିଭିନ୍ନ ପ୍ରକାର ଦୋକାନମାନ ରହିଛି। ଫାଣ୍ଡି ଛକ କହିଲେ ସାଧାରଣତଃ ଫଳ ମାର୍କେଟକୁ ବୁଝାଇଥାଏ। ଏଠାରେ ବହୁ ସଂଖ୍ୟାରେ ଫଳ ଦୋକାନୀ ବସି ସେମାନଙ୍କର ବ୍ୟବସାୟ କରନ୍ତି। ଅନ୍ୟପଟେ ଜିଲ୍ଲାପ୍ରଶାସନ ପକ୍ଷରୁ ଫକୀରମୋହନ ଗୋଲେଇ ଉପରେ ଥିବା ଉଡନ୍ତା ପୋଲର ମରାମତି କାର୍ଯ୍ୟ ପାଇଁ ପୋଲ ତଳେ ଥିବା ସମସ୍ତ ଦୋକାନ ଗୁଡିକୁ ଭାଙ୍ଗି ଦେଇଥିବା ବେଳେ ସେଠାରେ ଥିବା ଫଳ ବ୍ୟବସାୟୀମାନଙ୍କୁ ଆଇଟିଆଇ ଛକ ଠାରେ ନିର୍ମାଣ ହୋଇଥିବା ଭେଣ୍ଡିଂ ଜୋନକୁ ଉଠିଯିବାକୁ କୁହାଯାଇଥିଲା। ହେଲେ ସେମାନଙ୍କର ରୋଜଗାର କମ୍ ହୋଇଯିବା ଆଶଙ୍କାରେ ଫଳ ବ୍ୟବସାୟମାନେ ସେଠାକୁ ଯାଉ ନାହାନ୍ତି। ଫଳରେ ଆଇଟିଆଇ ଛକରେ ସ୍ୱତନ୍ତ୍ର ଭାବେ ସେମାନଙ୍କ ପାଇଁ ନିର୍ମାଣ ହୋଇଥିବା ଭେଣ୍ଡିଂ ଜୋନ ଏବେ ପାଲଟିଛି ନିଶାଡୀଙ୍କ ଆଡ୍ଡାସ୍ଥଳି। ହେଲେ ପୌରପ୍ରଶାସନ ପାଖରେ ଏ ନେଇ କୌଣସି ସୂଚନା ନାହିଁ।

ଭେଣ୍ଡିଂ ଜୋନର କବାଟ ଭାଙ୍ଗି ସେଠାରେ ନିଶାଡ଼ୀଙ୍କ ଆଡ୍ଡା ଜମୁଛି। ଏହାଛଡା ସେଠାରେ ଅନବନା ଗଛ ସବୁ ଉଠିଥିବା ବେଳେ ସେଠାରେ ଛେଳିଙ୍କ ଚରାଭୂଇଁ ପାଲଟିଛି। ଉକ୍ତ ଭେଣ୍ଡିଂ ଜୋନରେ ଲାଗିଛି ବିଦ୍ୟୁତ ମିଟର। ହେଲେ ସେଠାରେ କୌଣସି ବ୍ୟବସାୟୀ ବ୍ୟବସାୟ କରୁନଥିବା ବେଳେ ବିଦ୍ୟୁତ ବିଲ କିଏ ଦେଉଛି ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଦୋକାନୀମାନେ ବିଦ୍ୟୁତ ବିଲ ଦେଉନଥିବା ବେଳେ ପୌରପ୍ରଶାସନ ଏହାକୁ ଭରଣା କରୁଛି କି ତାହା ବି ଏକ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ନବ ନିର୍ମିତ ସେଇ ଭେଣ୍ଡିଂଜୋନ ମଧ୍ୟରେ ଦିଆସିଲି କାଠି ସହ ପାଉଁଶ ପଡିରହିଥିବା ଦେଖିବାକୁ ମିଳିଛି। ତେବେ ପୌରପ୍ରଶାସନ କାହା ସ୍ୱାର୍ଥରେ ଏହି ଭେଣ୍ଡିଂ ଜୋନ ନିର୍ମାଣ କରିଥିଲା ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ନେଇ ସ୍ଥାନୀୟବାସିନ୍ଦା ଗିରିଜା ଶଙ୍କର ଦାସ କହିଛନ୍ତି ଯେ, ଆଇଟିଆଇ ଛକରେ ନିର୍ମାଣ ହୋଇଥିବା ଭେଣ୍ଡିଂ ଜୋନ କେବଳ ଲୋକଙ୍କୁ ଭୂଆଁ ବୁଲେଇବା ପାଇଁ ହୋଇଛି। ରାସ୍ତା କଡରେ ପଡିଥିବା କେବିନ ଠାରୁ ଏହା ଅତ୍ୟନ୍ତ ନିମ୍ନମାନର ହୋଇଛି। ଏହାଛଡା ସେଠାରେ ଅତ୍ୟଧିକ ଗରମ ହେଉଥିବା ବେଳେ ସେଠାରେ କେହି ବସିବାକୁ ନାରାଜ ମଧ୍ୟ ହେଉଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ରାତିରେ ସେହି ଭେଣ୍ଡିଂ ଜୋନରେ ନିଶା କାରବାର ଠାରୁ ଆରମ୍ଭ କରି ଅନୈତିକ କାରବାର ଚାଲୁଛି। ଏପରିକି ଭେଣ୍ଡିଂ ଜୋନ ଖୋଲା ହେଉନଥିବା ବେଳେ ପୌରପ୍ରଶାସନ ପାଖରେ ତାହାର ଚାବି ରହିବା କଥା। ହେଲେ କିପରି ଭାବେ ତାହା ଖୋଲା ହେଉଛି ଯାହା ଏବେ ସମସ୍ତଙ୍କୁ ଚକିତ କରିଛି। ଅନ୍ୟପଟେ ଭେଣ୍ଡିଂ ଜୋନରେ କେହି ବ୍ୟବସାୟ କରୁନଥିବା ବେଳେ ବିଦ୍ୟୁତ ବିଲ ଅଯଥାରେ ପ୍ରଦାନ କରାଯାଉଛି। ତାହାକୁ ପୌର ପ୍ରଶାସନ ତୁରନ୍ତ ଦୃଷ୍ଟି ଦେଇ ସମାଧାନ କରିବାକୁ ଦାବି କରାଯାଉଛି। ଏ ନେଇ ପୌରପରିଷଦ ଅଧକ୍ଷା ସବିତା ସାହୁଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ଫଳ ବ୍ୟବସାୟୀମାନଙ୍କୁ ସେଠାକୁ ଯିବା ପାଇଁ କୁହାଯାଇଥିଲା ହେଲେ ସେମାନେ ଯାଉ ନାହାନ୍ତି। ଏଣୁ କାଉନସିଲରେ ପ୍ରସଙ୍ଗ ଉଠାଇ ତାହାକୁ ବନ୍ଦ କରାଯିବ। ଏହାଛଡା ସେଠାରେ ନିଶାଡିଙ୍କ ଆଡ୍ଡାସ୍ଥଳି ପାଲଟିଥିବା କଥା ସେ ଜାଣିନଥିବା ବେଳେ ତୁରନ୍ତ ଏକ ଟିମ୍ ଗଠନ କରାଯାଇ ତାହାର ତଦନ୍ତ କରାଯିବ ବୋଲି କହିଛନ୍ତି।

# ଚାଷୀଙ୍କ ସ୍ୱାର୍ଥ ପାଇଁ ବାଲେଶ୍ୱର ବିଜେଡିର ଦାବିକୁ ମାନିନେଲେ ରାଜ୍ୟ ସରକାର



ବାଲେଶ୍ୱର, ୬।୮ (ସମିସ): ଚାଷୀ ଭାଇଭଉଣୀମାନଙ୍କ ସ୍ୱାର୍ଥ ପାଇଁ ବିଜୁ ଜନତା ଦଳର ରାଜ୍ୟ ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଗତ ଜୁଲାଇ ୨୫ତାରିଖ ଦିନ ପୂର୍ବତନ ସାଂସଦ ରବୀନ୍ଦ୍ର କୁମାର ଜେନାଙ୍କ ନେତୃତ୍ୱରେ ବିଜେଡ଼ିର ଏକ ପ୍ରତିନିଧି ଦଳ ବାଲେଶ୍ୱର ଜିଲ୍ଲାପାଳଙ୍କୁ ଭେଟି ଖରିଫ୍ ଧାନ ସଂଗ୍ରହ ନିମନ୍ତେ ହେଉଥିବା ପଞ୍ଜୀକରଣରେ ଥିବା ବିବାଦମାନ ଓ ଅନାବଶ୍ୟକ ଜଟିଳ ପ୍ରକ୍ରିୟାକୁ ଯଥାଶୀଘ୍ର ସରଳୀକରଣ କରାଯିବା ବା ବାତିଲ କରିବାକୁ ଜିଲ୍ଲାପାଳଙ୍କ ଜରିଆରେ ସରକାରଙ୍କୁ ଦାବି ପତ୍ର ପ୍ରଦାନ କରିଥିଲେ, ଅନ୍ୟଥା ବହୁ ଚାଷୀ ଖରିଫ ଧାନ ବିକ୍ରି କରିବାରୁ ବଞ୍ଚିତ ହେବେ ବୋଲି ଅଭିଯୋଗ କରିଥିଲେ। ରାଜ୍ୟ ସରକାର ସେମାନଙ୍କ ଦାବି ମାନିନେଇ ବୁଧବାର ଦିନ ବିଧିବଦ୍ଧ ଭାବରେ ପଞ୍ଜୀକରଣ ପ୍ରକ୍ରିୟା ସରଳୀକରଣ କରାଯିବାର ନିଷ୍ପତ୍ତିକୁ ବାଲେଶ୍ୱର ଜିଲ୍ଲା ପ୍ରଶାସନ ମାଧ୍ୟମରେ ଏକ ଘୋଷଣାନାମା ଜାରି କରିଛନ୍ତି। ଜିଲ୍ଲାପାଳଙ୍କ ସ୍ୱାକ୍ଷରିତ ଏହି ଘୋଷଣାନାମାରେ ଖରିଫ୍ ଋତୁ ପାଇଁ ଚଳିତ ଚାଷୀ ପଞ୍ଜିକରଣ ସମୟରେ ଚାଷୀମାନେ ସମ୍ମୁଖୀନ ହେଉଥିବା ଅସୁବିଧାକୁ ଏଡାଇବା ପାଇଁ ପଞ୍ଜୀକରଣ ସମୟରେ ଚାଷୀମାନେ ଆଇନଗତ ଉତ୍ତରାଧିକାରୀ ପ୍ରମାଣପତ୍ର ବା ବଂଶାବଳୀ ପ୍ରମାଣପତ୍ର ପ୍ରଦାନ କରିବା ବାଧ୍ୟତାମୂଳକ ନୁହେଁ। ତଥାପି, ଚାଷୀଙ୍କୁ ସମ୍ପୃକ୍ତ ସେବା ସମବାୟ ସମିତି, ବହୁମୁଖି ଆଦିବାସୀ ସେବା ସମବାୟ ସମିତି, ମହିଳା ସେଲ୍ଫ ହେଲ୍ପ ଗ୍ରୁପ ସମ୍ମୁଖରେ ଏକ ସ୍ୱୟଂ ପ୍ରମାଣିତ ଘୋଷଣା ଫର୍ମ ଦାଖଲ କରିବାକୁ ପଡିବ, ଯାହାକୁ ପଞ୍ଜୀକରଣ ପାଇଁ ଏକ ବୈଧ ଡକ୍ୟୁମେଣ୍ଟ ଭାବରେ ଗ୍ରହଣ କରାଯିବ। ଯଦି ଏହି ସ୍ୱୟଂ ଘୋଷଣାନାମା ମାଧ୍ୟମରେ ଚାଷୀ ଦ୍ୱାରା ଦାଖଲ କରାଯାଇଥିବା କୌଣସି ସୂଚନା ମିଥ୍ୟା ବା ମନଗଢ଼ା ପ୍ରମାଣିତ ହୁଏ, ତେବେ ଆଇନ ଅନୁଯାୟୀ ସମ୍ପୃକ୍ତ ଚାଷୀଙ୍କ ବିରୁଦ୍ଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଜିଲ୍ଲା ପ୍ରଶାସନ ପକ୍ଷରୁ ଆଜିର ଘୋଷଣାନାମା ପରେ ପୂର୍ବତନ ସାଂସଦ ରବୀନ୍ଦ୍ର ଜେନା ଏହି ନିୟମ ଫଳରେ ଚାଷୀ ଭାଇଭଉଣୀ ମାନେ ଉପକୃତ ହେବା ସହ ସହଜରେ ପଞ୍ଜୀକରଣ କରିପାରିବେ ବୋଲି କହିଛନ୍ତି।

## ବିଜେପି ଜିଲ୍ଲା ସାଂଗଠନିକ ବୈଠକ

ବାଲେଶ୍ୱର, ୬।୮ (ସମିସ): ବିଜେପି ଜିଲ୍ଲା ସଭାପତି ଇଶ୍ୱର ଚନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ ଆଜି ସ୍ଥାନୀୟ ସିଦ୍ଧି କଲ୍ୟାଣ ମଣ୍ଡପରେ ବିଜେପିର ଜିଲ୍ଲା ସାଂଗଠନିକ ବୈଠକ ଓ କର୍ମଶାଳା ଆୟୋଜିତ ହୋଇଯାଇଛି। ଜିଲ୍ଲା ସାଧାରଣ ସମ୍ପାଦକ ପର୍ଶୁରାମ ପରିଡ଼ା ମଞ୍ଚ ପରିଚାଳନା କରିଥିଲେ। ବୈଠକରେ ଆଗାମୀ କାର୍ଯ୍ୟକ୍ରମ ବାବଦରେ ବିସ୍ତୃତ ଆଲୋଚନା ଓ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରିବା ପାଇଁ ରାଜ୍ୟ ସାଧାରଣ ସମ୍ପାଦକ ସାରଦା ଶତପଥୀ ପର୍ଯ୍ୟବେକ୍ଷକ ଭାବେ ଯୋଗଦାନ କରିଥିଲେ। ପ୍ରତି ଘରେ ତ୍ରିରଙ୍ଗା, ତ୍ରିରଙ୍ଗା ଶୋଭାଯାତ୍ରା, ବିଭାଜନର ବିଭୀଷିକା, ସ୍ୱଚ୍ଛ ଭାରତ, ସ୍ୱତନ୍ତ୍ରତା ସଂଗ୍ରାମୀ ଓ ସହୀଦଙ୍କୁ ସମ୍ମାନ, ରକ୍ଷା ବନ୍ଧନ, ବୃକ୍ଷରୋପଣ ଓ ସ୍ୱାଧୀନତା ଦିବସ ପାଳନ ଆଗାମୀ ୧୦ ତାରିଖରୁ ୧୫ ତାରିଖ ମଧ୍ୟରେ ସମଗ୍ର ଜିଲ୍ଲାରେ ବ୍ୟାପକ ଉତ୍ସାହରେ ପାଳନ କରିବା ପାଇଁ ଯୋଜନା ପ୍ରସ୍ତୁତ କରାଯିବା ସହିତ କାର୍ଯ୍ୟକର୍ତ୍ତାଙ୍କୁ ଦାୟିତ୍ୱ ବଣ୍ଟନ କରାଯାଇଛି। ସଦର ବିଧାୟକ ମାନସ କୁମାର ଦତ୍ତ, ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ, ପୂର୍ବତନ ଜିଲ୍ଲା ସଭାପତି ଉମାକାନ୍ତ ମହାପାତ୍ର ଓ ଲମ୍ବୋଦର ନାୟକ, ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାଶ, ସୋର ବିଧାୟକ ପ୍ରାର୍ଥୀ ପର୍ଶୁରାମ ଧଡ଼ା, ରାଜ୍ୟ ସମ୍ପାଦିକା ସିପ୍ରା ବାଜପେୟୀ ଓ ମହିଳା ନେତ୍ରୀ ସୁଷମାରାଣୀ ବିଶ୍ୱାଳ ଯୋଗଦେଇ ଆଲୋଚନା କରିଥିଲେ। ଶେଷରେ ଜିଲ୍ଲା ଗଣମାଧ୍ୟମ ସଂଯୋଜକ ଶ୍ରୀନିବାସ ପ୍ରଧାନ ଧନ୍ୟବାଦ ଦେଇଥିଲେ।

# ରାଜ୍ୟରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ

**● ପୁଲିସ ଡିଜିଙ୍କୁ ଛାତ୍ର ବିଜେଡିର ସ୍ମାରକ ପତ୍ର**




ବାଲେଶ୍ୱର, ୬।୮ (ସମିସ): ଓଡିଶାରେ ଅହେତୁକ ଛାତ୍ରୀ ଏବଂ ନାରୀଙ୍କ ଉପରେ ଦୁଷ୍କର୍ମ, ନିର୍ଯାତନା ଏବଂ ଅତ୍ୟାଚାର ବଢ଼ି ଚାଲିଥିବା ବେଳେ ସରକାର ନିରବଦ୍ରଷ୍ଟା ସାଜି ଚୁପ ରହିବା ପ୍ରତିବାଦରେ ସାରା ଓଡିଶାରେ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଅଗଷ୍ଟ ୧ରୁ ଅଗଷ୍ଟ ୮ ପର୍ଯ୍ୟନ୍ତ ରାଜ୍ୟବ୍ୟାପୀ ଚାଲିଥିବା ବିକ୍ଷୋଭ ଏବଂ ସ୍ମାରକ ପତ୍ର ପ୍ରଦାନ କ୍ରମରେ ଆଜି ବାଲେଶ୍ୱର ବିଜୁ ଯୁବ ଛାତ୍ର ଜନତା ଦଳ ପକ୍ଷରୁ ଏକ ସ୍ମାରକ ପତ୍ର ବାଲେଶ୍ୱର ଆରକ୍ଷୀ ଅଧୀକ୍ଷକଙ୍କୁ ପ୍ରଦାନ କରାଯାଇଛି। ବିଜେପି ସରକାରଙ୍କ ଏକବର୍ଷ ଭିତରେ ଅସଦାଚରଣ, ଦୁଷ୍କର୍ମ, ନାରୀ ନିର୍ଯାତନା ଅହେତୁକ ବୃଦ୍ଧି ପାଉଥିବା ବେଳେ ସରକାର ନିରବ ଦ୍ରଷ୍ଟା ସାଜିଛି। ସେ ଗୋପାଳପୁର ବିଚରେ କଲେଜ ଛାତ୍ରୀ ଦୁଷ୍କର୍ମ ହେଉ କି ଫକୀରମୋହନ କଲେଜ ପୀଡିତା ଆତ୍ମହତ୍ୟା ଘଟଣା ହେଉ କିମ୍ବା ପୁରୀ ଜିଲ୍ଲା ବଳଙ୍ଗା ନାବାଳିକା ଜିଅନ୍ତା ଜାଳିଦେବା ଘଟଣା ହେଉ କିଭଳି ଦୋଷୀମାନେ ଦୃଷ୍ଟାନ୍ତ ମୂଳକ ଦଣ୍ଡ ପାଇବେ ତାହା ଦାବି କରାଯାଇଥିଲା। ଏହାଛଡା ଶିକ୍ଷା ଅନୁଷ୍ଠାନ ଗୁଡିକରେ ଛାତ୍ରଛାତ୍ରୀଙ୍କ ସୁରକ୍ଷା ବୃଦ୍ଧି କରାଯିବା, ନାରୀ ସୁରକ୍ଷା ପାଇଁ ସ୍ୱତନ୍ତ୍ର ଟିମ ଗଠନ ସହ ପର୍ଯ୍ୟଟନ ସ୍ଥଳୀମାନଙ୍କରେ ସ୍ୱତନ୍ତ୍ର ପାଟ୍ରୋଲିଂ ବ୍ୟବସ୍ଥା କରାଯିବ ଆଦି ବିଭିନ୍ନ ଦାବି ଫକୀର ମୋହନ କଲେଜ ଏବଂ ଅନ୍ୟାନ୍ୟ କଲେଜରୁ ଆସିଥିବା ଛାତ୍ରମାନେ ଏବଂ ଯୁବ ଛାତ୍ର ବିଜେଡିର ନେତୃତ୍ୱମାନେ ପ୍ରଦାନ କରିଥିଲେ। ଏହି ଶୋଭାଯାତ୍ରାରେ ଯୁବ ସଭାପତି ତାପସ ପରିଡା, ରାଜ୍ୟ ଯୁବ କାର୍ଯ୍ୟକାରୀ ସଭାପତି ଶୁଭେନ୍ଦୁ ମଙ୍ଗରାଜ, ରାଜ୍ୟ ଯୁବ ସାଧାରଣ ସମ୍ପାଦକ ତାପସ ପାଣିଗ୍ରାହୀ, ରାଜ୍ୟ ଛାତ୍ର ସାଧାରଣ ସମ୍ପାଦକ ଓମପ୍ରକାଶ ମହାପାତ୍ର, ରାଜ୍ୟ ଛାତ୍ର ସାଧାରଣ ସମ୍ପାଦକ ଶୁଭମ ସାଇ ମହାପାତ୍ର, ରାଜ୍ୟ ଯୁବ ସମ୍ପାଦିକା ଜୟନ୍ତୀ ଦତ୍ତ, ରାଜ୍ୟ ଛାତ୍ର ସାଧାରଣ ସମ୍ପାଦକ ସିମନ ସାମଲ, ଜିଲ୍ଲା ଛାତ୍ର ନେତା ସୁଶୀଲ ପଣ୍ଡା, ଟାଉନ ଛାତ୍ର କାର୍ଯ୍ୟକାରୀ ସଭାପତି ଚିନ୍ମୟ ମହାନ୍ତି, ଫକୀରମୋହନ କଲେଜ ଛାତ୍ର ନେତା ସ୍ୱସ୍ତିକ ସାମନ୍ତ, ଛାତ୍ର ନେତା ଜଗଦୀଶ ଆଚାର୍ଯ୍ୟ, ଶୁଭମ ନାୟକ, ଜୀବନ ସଂଗ୍ରାମ ମିଶ୍ର, ଗଜେନ୍ଦ୍ର ନାୟକ, ହରିଶ ଜେନା, ସେକ ବୁରହାନ, ଓଁକାର ନାୟକ, ହର୍ଷ ଖଣ୍ଡେଲୱାଲ, ଜାକାବ ସିଂଙ୍କ ସହ ଶତାଧିକ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ।

# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶିଳ୍ପୀ ମହାସଂଘର ବିକ୍ଷୋଭ




ବାଲେଶ୍ୱର, ୬।୮ (ସମିସ)

ଓଡିଶା ଶିଳ୍ପୀ ମହାସଂଘ ପକ୍ଷରୁ ରାଜ୍ୟ ହସ୍ତଶିଳ୍ପୀ ଓ ବୁଣାକାରମାନଙ୍କର ଦୁଇ ଦଫା ଦାବି ନେଇ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରାଯିବା ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲା ପ୍ରଶାସନକୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସଂଘର ଜିଲ୍ଲା ସଭାପତି ବାସନ୍ତୀ ନାୟକଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ବିକ୍ଷୋଭରେ କୁହାଯାଇଛି ଯେ, ଉତ୍କର୍ଷ କଳାର ରାଜ୍ୟ ହେଉଛି ଓଡ଼ିଶା। କୃଷି ପରେ ଏକ ପ୍ରମୁଖ ସ୍ୱାବଲମ୍ବୀ କ୍ଷେତ୍ର ଭାବେ ପାଖାପାଖି ୧୦ଲକ୍ଷ ଲୋକ ଏହି ହସ୍ତଶିଳ୍ପ ଓ ହସ୍ତତନ୍ତ କ୍ଷେତ୍ରରେ ନିୟୋଜିତ ରହିଛନ୍ତି। ଓଡ଼ିଆ ଅସ୍ମିତାର ପରିଚୟ ଭାବେ ଶିଳ୍ପୀ ଓ ବୁଣାକାରମାନେ ପାରମ୍ପରିକ କାରିଗରକୁ ବଂଚାଇ ରଖିଛନ୍ତି। ଅନ୍ୟପଟେ ରାଜ୍ୟ ସରକାର କାରିଗର ଓ ବୁଣାକାରଙ୍କ ପାଇଁ ଅନେକ ଯୋଜନା କରିଛନ୍ତି ହେଲେ ଆନ୍ତରିକତାର ଅଭାବ ହେତୁ ସେମାନେ ଏହି ଯୋଜନାରେ ସୁଫଳ ହୋଇପାରୁ ନାହାନ୍ତି। ଫଳରେ ସରକାରଙ୍କ ପାଖରେ ସଂଘ ପକ୍ଷରୁ ଦୁଇ ଦଫା ଦାବି ଉପସ୍ଥାପନ କରାଯାଇଛି। ପୂର୍ବ ସରକାରଙ୍କ ସମୟରେ ଲାଗୁ କରାଯାଇଥିବା ମୁଖ୍ୟମନ୍ତ୍ରୀ ବରିଷ୍ଠ ବୁଣାକାର ଓ କାରିଗର ମାସିକ ସହାୟତା ଯୋଜନାର ଗାଇଡ ଲାଇନ ଅନୁସାରେ ଯଥା ଶିଘ୍ର ରାଜ୍ୟରେ ଯୋଗ୍ୟ ଶିଳ୍ପୀ ଓ ବୁଣାକାରମାନଙ୍କୁ ମାସିକ ଆର୍ଥିକ ସହାୟତା ପ୍ରଦାନ କରାଯାଉ। ଏହି ଯୋଜନା ଅର୍ନ୍ତଗତ ରାଜ୍ୟରେ ପାଖାପାଖି ୧୫ଶହ ବୁଣାକାରଙ୍କୁ ମାସିକ ଦୁଇ ହଜାର ଟଙ୍କା ମିଳୁଥିବା ବେଳେ ଜଣେ ହେଲେ ବି କାରିଗର ଏହି ଯୋଜନାରୁ ଲାଭ ପାଉ ନାହାନ୍ତି। ଏହି ଯୋଜନାରେ ସଠିକ କାର୍ଯ୍ୟକାରିତା ସହ ମାସିକ ଆର୍ଥିକ ସହାୟତା ରାଶିକୁ ଦୁଇ ହଜାରରୁ ୬ ହଜାର ଟଙ୍କାକୁ ବୃଦ୍ଧି କରାଯାଉ। କାରିଗରୀ ବା ବୁଣା କାମରେ ନିୟୋଜିତ ପରିବାରର ସମସ୍ତ ସଦସ୍ୟଙ୍କୁ ଏହି ଯୋଜନାରେ ସାମିଲ କରାଯାଉ। ଏହି ଯୋଜନାରେ କଳାକାରଙ୍କ ଭଳି ୪୦ବର୍ଷରୁ ଅଧିକ ମହିଳା ଓ ୫୦ବର୍ଷରୁ ଅଧିକ ପୁରୁଷ ବୁଣାକାର ଓ କାରିଗରଙ୍କୁ ମାସିକ ଦୁଇ ହଜାର ଟଙ୍କା ଦେବାର ବ୍ୟବସ୍ଥା ରହିଛି ଏଣୁ ଏହାକୁ ତୁରନ୍ତ ଲାଗୁ କରାଯାଉ ବୋଲି ଦାବି କରିଛନ୍ତି। ଏହାଛଡା ଦ୍ୱିତୀୟ ଦାବି ଭାବେ ୨୦୧୮ ମସିହା ମାର୍ଚ୍ଚ ୨୨ତାରିଖରେ ଓଡ଼ିଶା ହସ୍ତତନ୍ତ ଓ ହସ୍ତଶିଳ୍ପ ବିକାଶ ଓ ଉନ୍ନୟନ ପରିଷଦ ଉଦଘାଟିତ ହୋଇଥିଲା। ରାଜ୍ୟ ସରକାର ଓ କାରିଗର ଏବଂ ବୁଣାକାରଙ୍କ ମଧ୍ୟରେ ସମ୍ପର୍କର ସେତୁ ଭାବେ କାର୍ଯ୍ୟ କରିଆସୁଥିବା ଏହି ପରିଷଦର ପରିଚାଳନା ବୋର୍ଡ ଗଠନ କରାଯାଉନଥିବାରୁ ସମ୍ପୂର୍ଣ୍ଣ ନିଷ୍କ୍ରିୟ ହୋଇପଡିଛି। ଏଣୁ ପରିଷଦର କାର୍ଯ୍ୟକାରୀ ବୋର୍ଡକୁ ପୁନର୍ଗଠନ ପୂର୍ବକ ଯଥାଶିଘ୍ର କାର୍ଯ୍ୟକ୍ଷମ କରାଯାଉ ବୋଲି ଦାବି କରାଯାଇଛି। ଏହି ବିକ୍ଷୋଭ ସମାବେଶରେ ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ସଭାପତି ଉଦୟ ମହାନ୍ତି, ସମ୍ପାଦକ ପ୍ରିୟରଞ୍ଜନ କର ପ୍ରମୁଖଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।


यूनियन बैंक ऑफ़ इंडिया Union Bank of India
भारत सरकार का उपक्रम A Government of India Undertaking

**ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ**
କ୍ଷେତ୍ରୀୟ କାର୍ଯ୍ୟାଳୟ: ଭୁବନେଶ୍ୱର
୩/୧ଏ, ସିଭିକ୍ ସେଣ୍ଟର, ଆଇଆର୍‌ସି ଭିଲେଜ,
ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫

**ଡିମାଣ୍ଡ ନୋଟିସ୍**

**ସିକ୍ୟୁରିଟି ଇଣ୍ଟରେଷ୍ଟର ଏନ୍‌ଫୋର୍ସମେଣ୍ଟ ନିମନ୍ତେ ସରଫେଶୀ ଆକ୍ଟ ୨୦୦୨ର ଧାରା ୧୩(୨) ଅନୁଯାୟୀ ନୋଟିସ୍**

**ବିଷୟ: ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩(୩) ସହିତ ଧାରା ୧୩(୨) ଅନୁଯାୟୀ ନୋଟିସ୍**

ଆମେ ନିମ୍ନଲିଖିତ ଋଣଗ୍ରହୀତା/କୋ-ଆପ୍ଲିକାଣ୍ଟ/କୋ-ଓବ୍ଲିଗାଣ୍ଟ/ଗ୍ୟାରେଣ୍ଟିଦାତାମାନଙ୍କୁ ଜଣାଇ ଦେଉଛୁ କି ସେମାନେ ଆମର **ସମ୍ପୃକ୍ତ ଶାଖାରୁ** ନିମ୍ନଲିଖିତ ଋଣ ସୁବିଧା ଉପଲବ୍ଧ କରିଛନ୍ତି ଏବଂ ସେମାନେ ବକେୟା ଦେୟ / କିସ୍ତି / ସୁଧ ପରିଶୋଧ କରିନଥିବାରୁ ଭାରତୀୟ ରିଜର୍ଭ ବ୍ୟାଙ୍କର ନିର୍ଦ୍ଦେଶାବଳୀ ଅନୁସାରେ ସେମାନଙ୍କର ନିମ୍ନଲିଖିତ ଆକାଉଣ୍ଟ ଏନ୍‌ପିଏ ଶ୍ରେଣୀଭୁକ୍ତ ହୋଇଛି। କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସରଫେଶୀ ଆକ୍ଟ, ୨୦୦୨ର ଧାରା ୧୩(୨) ଅନୁଯାୟୀ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ସମ୍ପୃକ୍ତ ଶାଖାର** ଋଣଗ୍ରହୀତା/କୋ-ଆପ୍ଲିକାଣ୍ଟ/କୋ-ଓବ୍ଲିଗାଣ୍ଟ/ଗ୍ୟାରେଣ୍ଟିଦାତାମାନଙ୍କୁ ବ୍ୟାଙ୍କ ଦେୟ ପଇଠ କରିବା ନିମନ୍ତେ ଡ଼ିମାଣ୍ଡ ନୋଟିସ୍ ଜାରି କରାଯାଇଥିଲା କିନ୍ତୁ ନିମ୍ନଦର୍ଶିତ ପକ୍ଷମାନଙ୍କୁ ତାହା ପ୍ରଦାନ କରାଯାଇପାରିନଥିଲା। ତେଣୁ ଏହି ପ୍ରକାଶନଟି ସମସ୍ତ ପକ୍ଷଙ୍କୁ ଏକ ବିକଳ୍ପ ସେବା ଅଟେ। ସେମାନଙ୍କର ଆକାଉଣ୍ଟର ମୋଟ ବକେୟା ପରିମାଣ ନିମ୍ନ ଦର୍ଶିତ ସ୍ତମ୍ଭରେ ଦର୍ଶାଯାଇଛି। ସବିଶେଷ ବିବରଣୀ ନିମ୍ନରେ ପ୍ରଦତ୍ତ:

| ଶାଖା / ଋଣଗ୍ରହୀତା/କୋ-ଆପ୍ଲିକାଣ୍ଟ/କୋ-ଓବ୍ଲିଗାଣ୍ଟ/ଗ୍ୟାରେଣ୍ଟିଦାତାଙ୍କ ନାମ ଓ ଠିକଣା | ଋଣ ପ୍ରକାର | ଏନ୍‌ପିଏ ତାରିଖ /ଡିମାଣ୍ଡ ତାରିଖ / ମୋଟ ବକେୟା | ସମ୍ପତ୍ତିଗୁଡିକର ବିବରଣୀ |
|---|---|---|---|
| **ଭୁବନେଶ୍ୱର ମୁଖ୍ୟ ଶାଖା /** ୧) ଋଣଗ୍ରହୀତା: ଶ୍ରୀ ଅମିତାଭ ଘଡେଇ / ୨) କୋ-ଓବ୍ଲିଗାଣ୍ଟ: ଶ୍ରୀମତୀ ମହେଶ୍ୱେତା ମହାପାତ୍ର, ଉଭୟଙ୍କ ଠିକଣା- ସା: ପ୍ଲଟ୍ ନଂ.: ୧୯୭୫/୫୩୨୪, ଆକାରପୁରୀ କଲୋନୀ, ରଥ ରୋଡ, ଓଲ୍ଡ ଟାଉନ୍, ଗୌତମ ନଗର, ଭୁବନେଶ୍ୱର, ଓଡ଼ିଶା | ୧. ୟୁନିୟନ୍ ହୋମ୍ ୨. ୟୁନିୟନ୍ ଆଶିୟାନା ବ୍ୟକ୍ତିଗତ ଋଣ | ୧୩.୦୭.୨୦୨୫ / ୧୮.୦୭.୨୦୨୫ / ୧୮.୦୭.୨୦୨୫ ସୁଦ୍ଧା ଟ.୧୯,୯୮,୨୫୯.୯୬ | ବନ୍ଧକପ୍ରାପ୍ତ ସ୍ଥାବର ସମ୍ପତ୍ତି ଯାହାର ଫ୍ଲାଟ୍ ନଂ.: ୪୦୪, ୪ର୍ଥ ମହଲା, "ଶିବଶକ୍ତି ଏନ୍‌କ୍ଲେଭ୍" ୨ ବିଏଚ୍‌କେ, କ୍ଷେତ୍ର: ୧୩୮୨ ବର୍ଗଫୁଟ, ଖାତା ନଂ.: ୧୫୯, ଅନୁରୂପ ଖାତା ନଂ.: ୩୧୧/୪୩୨, ପ୍ଲଟ୍ ନଂ.: ୩୩୧ (ସ୍ଥିତିବାନ), କିସମ: ଘରବାରୀ, ମୌଜା: କଣ୍ଡିଲୋ, ଏସ୍‌ଆରଓ: ଜଟଣୀ, ଜିଲ୍ଲା: ଖୋର୍ଦ୍ଧା |
| **ଭୁବନେଶ୍ୱର ମୁଖ୍ୟ ଶାଖା /** ୧) ଋଣଗ୍ରହୀତା: ୧(କ) ମେସର୍ସ ବିଜିନେସ୍.କମ୍, ସ୍ୱତ୍ୱାଧିକାରୀ: ଶ୍ରୀମତୀ ବି ପି ଜୟଶ୍ରୀ ପଣ୍ଡା, ୧(ଖ) ଶ୍ରୀମତୀ ବି ପି ଜୟଶ୍ରୀ ପଣ୍ଡା / ୨) ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନେ: ୨(କ) ଶ୍ରୀ ବିଶ୍ୱଜିତ୍ ସାହୁ, ପିତା: ୰ ଗୌରାଙ୍ଗ ଚରଣ ସାହୁ, ୨(ଖ) ଶ୍ରୀ ବିଶ୍ୱବିଜୟ ସାହୁ, ପିତା: ୰ ଗୌରାଙ୍ଗ ଚରଣ ସାହୁ, ସମସ୍ତଙ୍କ ଠିକଣା: ପ୍ଲଟ୍ ନଂ.: ୧୪୯୪/୧୫୨୪, ଆଇବିଏଲ୍ ହାଉସ୍, ଟଙ୍କପାଣି ରୋଡ, ବଡଗଡ ବ୍ରିଟ୍ କଲୋନୀ, ଭୁବନେଶ୍ୱର, ଓଡ଼ିଶା - ୭୫୧୦୧୮ / ୩) ମୃତକ ଗ୍ୟାରେଣ୍ଟିଦାତା/ବନ୍ଧକଦାତା ଗୌରାଙ୍ଗ ଚରଣ ସାହୁଙ୍କ ଆଇନଗତ ଉତ୍ତରାଧିକାରୀମାନେ: ୩(କ) ଶ୍ରୀ ବିଶ୍ୱଜିତ୍ ସାହୁ, ପିତା: ୰ ଗୌରାଙ୍ଗ ଚରଣ ସାହୁ, ୩(ଖ) ଶ୍ରୀ ବିଶ୍ୱବିଜୟ ସାହୁ, ପିତା: ୰ ଗୌରାଙ୍ଗ ଚରଣ ସାହୁ, ୩(ଗ) କିରଣବାଳା ସାହୁ, ସ୍ୱାମୀ: ୰ ଗୌରାଙ୍ଗ ଚରଣ ସାହୁ, ସମସ୍ତଙ୍କ ଠିକଣା: ପ୍ଲଟ୍ ନଂ.: ୧୪୯୪/୧୫୨୪, ଆଇବିଏଲ୍ ହାଉସ୍, ଟଙ୍କପାଣି ରୋଡ, ବଡଗଡ ବ୍ରିଟ୍ କଲୋନୀ, ଭୁବନେଶ୍ୱର, ଓଡ଼ିଶା - ୭୫୧୦୧୮, ୩(ଘ) ଶ୍ରୀମତୀ ନଳିନୀ ପ୍ରଭା ସାହୁ, ପିତା: ୰ ଗୌରାଙ୍ଗ ଚରଣ ସାହୁ, ପ୍ଲଟ୍ ନଂ.: ଇ୨/୮, ୧ ନଂ. ବୃନ୍ଦାବନ କଲୋନୀ, ବଡପଡିଆ, ପାରାଦୀପ, ଜଗତ୍‌ସିଂହପୁର, ଓଡ଼ିଶା - ୭୫୪୧୪୨, ୩(ଙ) ମିସ୍ ନନ୍ଦିନୀ ପ୍ରଭା ସାହୁ, ପିତା: ୰ ଗୌରାଙ୍ଗ ଚରଣ ସାହୁ, ପ୍ଲଟ୍ ନଂ.: ଜିକେଭି-୫୮, ଗତି କୃଷ୍ଣ ଭିଲ୍ଲା, ବ୍ରହ୍ମେଶ୍ୱର ମନ୍ଦିର, ଟଙ୍କପାଣି ରୋଡ, ବଡଗଡ, ଭୁବନେଶ୍ୱର, ଓଡ଼ିଶା - ୭୫୧୦୧୮ | ୧. ସିସି ହାଇପୋଥିକେସନ୍ ୨. ମିଆଦୀ ଋଣ | ୨୩.୦୭.୨୦୨୫ / ୨୫.୦୭.୨୦୨୫ / ୨୪.୦୭.୨୦୨୫ ସୁଦ୍ଧା ଟ.୫,୦୧,୩୭,୬୩୭.୨୫ | ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଯାହାର (କ) ଶ୍ରୀ ବିଶ୍ୱବିଜୟ ସାହୁ, ଶ୍ରୀ ବିଶ୍ୱଜିତ୍ ସାହୁଙ୍କ ନାମରେ ଥିବା ସମ୍ପତ୍ତି ଯାହାର ମୌଜା: ତାଳପଡା, ତହସିଲ: କୁଜଙ୍ଗ, ଜିଲ୍ଲା: ଜଗତ୍‌ସିଂହପୁର, ଖାତା ନଂ.: ୭୫୫/୧୭୬, ପ୍ଲଟ୍ ନଂ.: ୩୫୭/୨୩୨୩, କ୍ଷେତ୍ର: ଏକର ୦.୦୫୦ ଡିସିମିଲି, (ଖ) ମୃତକ ଗୌରାଙ୍ଗ ଚରଣ ସାହୁଙ୍କ ଆଇନଗତ ଉତ୍ତରାଧିକାରୀମାନଙ୍କ ନାମରେ ଥିବା ସମ୍ପତ୍ତି ଯାହାର ମୌଜା: ତାଳପଡା, ତହସିଲ: କୁଜଙ୍ଗ, ଜିଲ୍ଲା: ଜଗତ୍‌ସିଂହପୁର, ଖାତା ନଂ.: ୭୫୫/୧୭୭, ପ୍ଲଟ୍ ନଂ.: ୩୫୭/୨୩୨୪, କ୍ଷେତ୍ର: ଏକର ୦.୦୪୦ ଡିସିମିଲି, (ଗ) ଶ୍ରୀ ବିଶ୍ୱବିଜୟ ସାହୁଙ୍କ ନାମରେ ଥିବା ସମ୍ପତ୍ତି ଯାହାର ମୌଜା: ତାଳପଡା, ତହସିଲ: କୁଜଙ୍ଗ, ଜିଲ୍ଲା: ଜଗତ୍‌ସିଂହପୁର, ଖାତା ନଂ.: ୭୫୫/୫୯, ଅନୁରୂପ ଖାତା ନଂ.: ୭୫୫/୫୧୪, ପ୍ଲଟ୍ ନଂ.: ୩୫୭/୨୫୫୭, କ୍ଷେତ୍ର: ଏକର ୦.୦୧୦ ଡିସିମିଲି |
| **ଓଏମ୍‌ସି କ୍ୟାମ୍ପସ୍ ଶାଖା /** ୧) ଋଣଗ୍ରହୀତା: ମେସର୍ସ ଜୟଦୁର୍ଗା ଟ୍ରାନ୍ସପୋର୍ଟ, ଅଂଶୀଦାରମାନେ: (କ) ଶ୍ରୀ ଶୁଭେନ୍ଦୁ କୁମାର ଦାସ, (ଖ) ଶ୍ରୀ ଚିତ୍ତରଞ୍ଜନ ଓଝା, ଉଭୟଙ୍କ ଠିକଣା-୧: ବ୍ଲକ୍-ସି, ପ୍ଲଟ୍ ନଂ.: ୨୨୯, ଜଗନ୍ନାଥ ବିହାର, ରୋଡ ନଂ.: ୬, ଝାରପଡା, ଲକ୍ଷ୍ମୀସାଗର, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା, ଠିକଣା-୨: ରୁମ୍ ନଂ.: ଏ-୧, ପ୍ଲଟ୍ ନଂ.: ୨୩୩୫/୪୦୬୧/୫୧୫୪, ସା: ଜଗତ୍‌ପୁର, ଗୋଲେଇ ଛକ, ଦୁର୍ଗା ମଣ୍ଡପ ନିକଟ, ଜଗତ୍‌ପୁର, କଟକ - ୭୫୪୦୨୧ / ୨) ଗ୍ୟାରେଣ୍ଟିଦାତା: ଶ୍ରୀ ଚିତ୍ତରଞ୍ଜନ ଓଝା (ଅଂଶୀଦାର), ପିତା: ଶ୍ରୀ ନିତ୍ୟାନନ୍ଦ ଓଝା, ସା: ବ୍ରାହ୍ମଣ ମଣିଯୋରି, କଟକ, ଓଡ଼ିଶା - ୭୫୪୨୦୬ / ୩) ବନ୍ଧକଦାତା: ଶ୍ରୀ ଶୁଭେନ୍ଦୁ କୁମାର ଦାସ (ପରିଚାଳନା ଅଂଶୀଦାର), ପିତା: କୃଷ୍ଣ ଚନ୍ଦ୍ର ଦାସ, ଗୋପିନାଥପୁର, ପଧାନପଡା, କଟକ, ଓଡ଼ିଶା - ୭୫୪୨୦୦ | ଏସ୍‌ଓଡିଜିଇଏନ୍ | ୨୯.୦୫.୨୦୨୫ / ୨୧.୦୭.୨୦୨୫ / ୩୦.୦୬.୨୦୨୫ ସୁଦ୍ଧା ଟ.୫୫,୦୫,୧୯୯.୫୧ | ଶୁଭେନ୍ଦୁ କୁମାର ଦାସଙ୍କ ନାମରେ ଥିବା ବାସୋପଯୋଗୀ ଜମି ଯାହାର ଖାତା ନଂ.: ୨୬୬/୧୮୦୨, ପ୍ଲଟ୍ ନଂ.: ୯୦୩/୨୩୮୭, ମୌଜା: ଅନନ୍ତପୁର, ଥାନା: ବାଲିଅନ୍ତା ନଂ.: ୮, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା, କ୍ଷେତ୍ର: ଏକର ୦.୦୪୦ ଡିସିମିଲି କିମ୍ବା ୧୭୪୨ ବର୍ଗଫୁଟ, ଏହାର ଚାରିପାର୍ଶ୍ୱରେ ଉତ୍ତର: ପ୍ଲଟ୍ ନଂ.: ୯୦୨, ଦକ୍ଷିଣ: ରାସ୍ତା, ପୂର୍ବ: ପ୍ଲଟ୍ ନଂ.: ୯୦୪, ପଶ୍ଚିମ: ପ୍ଲଟ୍ ନଂ.: ୯୦୩ର ଅବଶିଷ୍ଟ |
| **ରସୁଲଗଡ ଶାଖା /** ୧) ଋଣଗ୍ରହୀତା/ଆପ୍ଲିକାଣ୍ଟ/ବନ୍ଧକଦାତା: ୧(କ) ଶ୍ରୀ ବିରଞ୍ଚି ନାରାୟଣ ବେହେରା / ୧(ଖ) କୋ-ଆପ୍ଲିକାଣ୍ଟ / ବନ୍ଧକଦାତା: ଶ୍ରୀ ରବିନ୍ଦ୍ର କୁମାର ବେହେରା, ଉଭୟଙ୍କ ଠିକଣା- ସା: ପ୍ଲଟ୍ ନଂ.: ୨୭୧, ସା: ନହରକଣ୍ଟା, ମଞ୍ଚେଶ୍ୱର, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା - ୭୫୨୧୦୧ | ଏଚ୍‌ଏଲ୍‌ପିଜିଏନ୍ | ୨୯.୦୭.୨୦୨୫ / ୦୧.୦୮.୨୦୨୫ / ୩୧.୦୭.୨୦୨୫ ସୁଦ୍ଧା ଟ.୧୯,୫୫,୭୩୭.୧୨ | ଶ୍ରୀ ବିରଞ୍ଚି ନାରାୟଣ ବେହେରା ଏବଂ ଶ୍ରୀ ରବିନ୍ଦ୍ର କୁମାର ବେହେରାଙ୍କ ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୨୭୧/୨୧୮୧/୨୭୬୫, ଖାତା ନଂ: ୬୦୯/୮୪୩, କ୍ଷେତ୍ର: ଏକର ୦.୦୩୦ ଡିସିମିଲି ଏବଂ ପ୍ଲଟ୍ ନଂ.: ୨୭୧, ଖାତା ନଂ: ୭୨୦/୧୧୦, କ୍ଷେତ୍ର: ଏକର ୦.୦୧୫ ଡିସିମିଲି, **ମୋଟ କ୍ଷେତ୍ର: ଏକର ୦.୦୪୫ ଡିସିମିଲି,** ଉପରୋକ୍ତ ୨ଟି ପ୍ଲଟ୍‌ର ମୌଜା: ନହରକଣ୍ଟା, ମଞ୍ଚେଶ୍ୱର, ତହସିଲ: ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଏହାର (କାଗଜାତ୍ ଅନୁଯାୟୀ)ଚାରିପାର୍ଶ୍ୱରେ ଉତ୍ତର: ରାସ୍ତା, ଦକ୍ଷିଣ: କୈଳାସ ଚନ୍ଦ୍ର ସାହୁ ଏବଂ ଅନ୍ୟମାନେ, ପୂର୍ବ: ସବ୍ ପ୍ଲଟ୍ ନଂ.: ½, ପଶ୍ଚିମ: କୈଳାସ ଚନ୍ଦ୍ର ସାହୁ ଏବଂ ଅନ୍ୟମାନେ |
| **ଖୋର୍ଦ୍ଧା ଶାଖା /** ୧) ଋଣଗ୍ରହୀତା/ବନ୍ଧକଦାତା: ଶ୍ରୀମତୀ ବୈଜୟନ୍ତୀ ରାଣୀ ତ୍ରିପାଠୀ, ମେସର୍ସ ପାପାଲି ପେପର ପ୍ରଡକ୍ଟସ୍‌ର ସ୍ୱତ୍ୱାଧିକାରୀ, ଠିକଣା-୧: ସ୍ୱାମୀ: ସତ୍ୟବ୍ରତ ମିଶ୍ର, ପ୍ଲଟ୍ ନଂ.: ୪୯୩, ରଘୁନାଥ ନଗର, ଶୁକ ବିହାର, ଶନି ମନ୍ଦିର ନିକଟ, ଭୁବନେଶ୍ୱର, ପୋ: ଡୁମୁଡୁମା ଏଚ୍‌ବି କଲୋନୀ, ଜିଲ୍ଲା: ଖୋର୍ଦ୍ଧା, ପିନ୍ - ୭୫୧୦୧୯, ଠିକଣା-୨: ସ୍ୱାମୀ: ସତ୍ୟବ୍ରତ ମିଶ୍ର, ମଲ୍ଲିପୁର, ଗଡନିଆଳ, ଖାତା ନଂ.: ୩୭୫/୫୬, ପ୍ଲଟ୍ ନଂ.: ୭୦୧/୧୦୭୪, ଖୋର୍ଦ୍ଧା, ଓଡ଼ିଶା, ପିନ୍ - ୭୫୨୦୫୫ / ୨) ଗ୍ୟାରେଣ୍ଟିଦାତା: ଶ୍ରୀ ସତ୍ୟବ୍ରତ ମିଶ୍ର, ଠିକଣା-୧: ପିତା: ସଚ୍ଚିଦାନନ୍ଦ ମିଶ୍ର, ପ୍ଲଟ୍ ନଂ.: ୪୯୩, ରଘୁନାଥ ନଗର, ଶୁକ ବିହାର, ଶନି ମନ୍ଦିର ନିକଟ, ଭୁବନେଶ୍ୱର, ପୋ: ଡୁମୁଡୁମା ଏଚ୍‌ବି କଲୋନୀ, ଜିଲ୍ଲା: ଖୋର୍ଦ୍ଧା, ପିନ୍ - ୭୫୧୦୧୯, ଠିକଣା-୨: ପିତା: ସଚ୍ଚିଦାନନ୍ଦ ମିଶ୍ର, ମଲ୍ଲିପୁର, ଗଡନିଆଳ, ଖାତା ନଂ.: ୩୭୫/୫୬, ପ୍ଲଟ୍ ନଂ.: ୭୦୧/୧୦୭୪, ଖୋର୍ଦ୍ଧା, ଓଡ଼ିଶା, ପିନ୍ - ୭୫୨୦୫୫ | କ୍ୟାଶ୍ କ୍ରେଡିଟ୍ | ୨୬.୦୬.୨୦୨୫ / ୨୮.୦୭.୨୦୨୫ / ୨୮.୦୭.୨୦୨୫ ସୁଦ୍ଧା ଟ.୬୮,୭୭,୯୧୧.୩୭ | ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୭୦୧/୧୦୭୪, ବର୍ତ୍ତମାନର ଖାତା ନଂ.: ୩୭୫/୫୬, କ୍ଷେତ୍ର: ଏକର ୦.୨୮୦ ଡିସିମିଲି, ମୌଜା: ମଲ୍ଲିପୁର, ତହସିଲ: ଖୋର୍ଦ୍ଧା, ଜିଲ୍ଲା: ଖୋର୍ଦ୍ଧା, କିସମ: ପତିତ, ସ୍ୱତ୍ୱ: ସ୍ଥିତିବାନ, ଏହାର ଚାରିପାର୍ଶ୍ୱରେ ଉତ୍ତର/ଦକ୍ଷିଣ/ପଶ୍ଚିମ: ସରକାରୀ ରାସ୍ତା, ପୂର୍ବ: ବିରଞ୍ଚି ନାରାୟଣ ମିଶ୍ର |
| **ପ୍ରବାଶାସନ ଶାଖା /** ୧) ଋଣଗ୍ରହୀତା: ଶ୍ରୀ ତଥାଗତ ଭରଦ୍ୱାଜ, ପିତା: ଆର୍ତ୍ତତ୍ରାଣ ଜେନା / ୨) ଗ୍ୟାରେଣ୍ଟିଦାତା/ବନ୍ଧକଦାତା: ୨(କ) ଶ୍ରୀ ଆର୍ତ୍ତତ୍ରାଣ ଜେନା, ପିତା: ୰ କୁଞ୍ଜ ବିହାରୀ ଜେନା, ୨(ଖ) ଶ୍ରୀ ମନ ଆନନ୍ଦ ସାଗର, ପିତା: ଶ୍ରୀ ଆର୍ତ୍ତତ୍ରାଣ ଜେନା, ସମସ୍ତଙ୍କ ଠିକଣା- ସା/ଗ୍ରାମ: କାକରୁଦ୍ରପୁର, ପୋ: ବାଲିଅନ୍ତା, ଥାନା: ବାଲିଅନ୍ତା, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା - ୭୫୨୧୦୨ | ମିଆଦୀ ଋଣ | ୦୧.୦୬.୨୦୨୫ / ୨୮.୦୭.୨୦୨୫ / ୨୮.୦୭.୨୦୨୫ ସୁଦ୍ଧା ଟ.୧୭,୬୨,୦୮୮.୩୫ | ପଞ୍ଜିକୃତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୬୯୦, ବର୍ତ୍ତମାନର ଖାତା ନଂ.: ୨୩, କ୍ଷେତ୍ର: ଏକର ୦.୧୩୦ ଡିସିମିଲି, ମୌଜା: କାକରୁଦ୍ରପୁର, ତହସିଲ: ବାଲିଅନ୍ତା, ଜିଲ୍ଲା: ଖୋର୍ଦ୍ଧା, କିସମ: ଘରବାରୀ, ସ୍ୱତ୍ୱ: ସ୍ଥିତିବାନ, ଏହାର ଚାରିପାର୍ଶ୍ୱରେ ଉତ୍ତର: ବାରି, ଦକ୍ଷିଣ: ସର୍ବସାଧାରଣ ରାସ୍ତା, ପଶ୍ଚିମ: ରାଜ କିଶୋର ଜେନା, ପୂର୍ବ: ବିମଳ ଚନ୍ଦ୍ର ଜେନା |
| **ଶ୍ରୀକ୍ଷେତ୍ର ଶାଖା /** ୧) ଋଣଗ୍ରହୀତା/ବନ୍ଧକଦାତା: ନିବେଦିତା ମିଶ୍ର, ସ୍ୱାମୀ: ୰ ନାରାୟଣ ପ୍ରସାଦ ମିଶ୍ର, ମାତୃନିଳୟ ଗ୍ରେସ୍ ସିଟି, ହରିହର ବିହାର, ଗୁଣ୍ଡିଚା ମନ୍ଦିର ପଛପାର୍ଶ୍ୱ, ଥାନା: କୁମ୍ଭାରପଡା, ପୋ: ପୁରୀ, ଜିଲ୍ଲା: ପୁରୀ, ପିନ୍ - ୭୫୨୦୦୨ / ୨) କୋ-ଓବ୍ଲିଗାଣ୍ଟ/ଗ୍ୟାରେଣ୍ଟିଦାତା: ଶ୍ରୀମତୀ ସ୍ମିତା ମହାନ୍ତି, ସ୍ୱାମୀ: ଅଶେଷ କୁମାର ମହାନ୍ତି, ଠିକଣା-୧: ସା: ସାଇ ନାରାୟଣ ବିଦ୍ୟାମନ୍ଦିର, ନବକଳେବର ରୋଡ, ଜିଲ୍ଲା: ପୁରୀ - ୭୫୨୦୦୨, ଠିକଣା-୨: ସା: ସନ୍ତୋଷୀ ନଗର, ମଧୁପାଟଣା, କଟକ - ୭୫୩୦୧୦ | ୧. ଗୃହ ଋଣ ୨. ବନ୍ଧକ ଋଣ | ୨୯.୦୫.୨୦୨୫ / ୨୮.୦୭.୨୦୨୫ / ୨୮.୦୭.୨୦୨୫ ସୁଦ୍ଧା ଟ.୧୯,୪୮,୧୦୧.୩୭ | ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୬୯୩/୪୦୭୭, ଖାତା ନଂ.: ୫୨୧/୨୦୫୫, କ୍ଷେତ୍ର: ଏକର ୦.୦୨୯ ଡିସିମିଲି, ମୌଜା: ବାଲୁଖଣ୍ଡ, ଜିଲ୍ଲା: ପୁରୀ, କିସମ: ଘରବାରୀ |

ସରଫେଶୀ ଆକ୍ଟ ୨୦୦୨ର ଧାରା ୧୩(୨) ଅନୁଯାୟୀ ଆପଣମାନଙ୍କୁ ଉପରଦର୍ଶିତ ସ୍ତମ୍ଭରେ ଲିଖିତ ମୋଟ ବକେୟା ପରିମାଣ ସହିତ ଚୁକ୍ତି ହାରରେ ପରବର୍ତ୍ତୀ ସୁଧ ଏବଂ ଦେୟ, ଆପଣମାନଙ୍କ ଦ୍ୱାରା ସମ୍ପାଦିତ ଋଣ କାଗଜାତ୍‌ର ନିୟମ ଓ ସର୍ତ୍ତାବଳୀ ଅନୁଯାୟୀ ସମ୍ପୂର୍ଣ୍ଣ ବକେୟା ପରିମାଣ ଏହି ନୋଟିସ୍ ପାଇବାର **୬୦ ଦିନ** ମଧ୍ୟରେ ପୈଠ କରିବାକୁ ପଡ଼ିବ। ଅନ୍ୟଥା ଆମେ କଥିତ ବନ୍ଧକପ୍ରାପ୍ତ ସମ୍ପତ୍ତିଗୁଡ଼ିକୁ କଥିତ ଆକ୍ଟରେ ଦିଆଯାଇଥିବା କୌଣସି କିମ୍ବା ସମସ୍ତ ଅଧିକାରର ପ୍ରୟୋଗ କରି ନିଜ ଦଖଲକୁ ନେବାକୁ ବାଧ୍ୟ ହେବୁ । ଆକ୍ଟର ଧାରା ୧୩(୧୩) ଅନୁଯାୟୀ ଆପଣମାନେ ଏହି ନୋଟିସ୍ ପାଇବା ପରେ ବ୍ୟାଙ୍କର ବିନା ଅନୁମତିରେ ଉପରବର୍ଣ୍ଣିତ ବନ୍ଧକ ସମ୍ପତ୍ତିଗୁଡ଼ିକୁ ବିକ୍ରୟ କିମ୍ବା ସମ୍ପତ୍ତିଗୁଡ଼ିକ ସହିତ କୌଣସି ପ୍ରକାର କାରବାର କରିପାରିବେ ନାହିଁ। **ଏତଦ୍‌ଦ୍ୱାରା ଆପଣମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ସରଫେଶୀ ଆକ୍ଟର ଧାରା ୧୩ ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିଗୁଡ଼ିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରିପାରିବେ।**

**ସ୍ଥାନ: ଭୁବନେଶ୍ୱର**
**ତାରିଖ: ୦୬.୦୮.୨୦୨୫**

**ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ**
**ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ**

## ନାବାଳିକା ଦୁଷ୍କର୍ମ ମାମଲାରେ ଆସାମୀଙ୍କୁ ୨୦ବର୍ଷ ଜେଲ୍

କେନ୍ଦ୍ରାପଡ଼ା,୬।୮ (ସମିସ): ଏକ ନାବାଳିକା ଦୁଷ୍କର୍ମ ମାମଲାର ବିଚାର କରି କେନ୍ଦ୍ରାପଡ଼ା ସ୍ୱତନ୍ତ୍ର ପକ୍‌ସୋ କୋର୍ଟ ବିଚାରପତି ଆସାମୀ ଆନନ୍ଦ ନାୟକଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ୨୦ ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୫୦ ହଜାର ଟଙ୍କାର ଜରିମାନା ଶୁଣାଇଛନ୍ତି। ଜରିମାନା ଅନାଦେୟ ଆସାମୀ ଅଧିକ ଏକବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ ହେବେ ବୋଲି ଜଜ ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି। ଏହି ମାମଲାରେ ପୀଡ଼ିତାଙ୍କୁ ୬ ଲକ୍ଷ ଟଙ୍କାର କ୍ଷତିପୂରଣ ପ୍ରଦାନ କରିବା ପାଇଁ ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣଙ୍କୁ ଜଜ ନିର୍ଦ୍ଦେଶ ଦେଇଛନ୍ତି। ସୂଚନା ମୁତାବକ, କେନ୍ଦ୍ରାପଡ଼ା ସଦର ଥାନା ଅଞ୍ଚଳର ଜଣେ ୧୩ ବର୍ଷର ନାବାଳିକା ଗତ ୨୦୨୪ ନଭେମ୍ବର ୫ ତାରିଖ ୧୦ଟାରେ ସ୍କୁଲକୁ ଯାଇ ଘରକୁ ଫେରି ନ ଥିଲେ। ନାବାଳିକାଙ୍କ ପିତା ସ୍କୁଲକୁ ଫୋନ କରି ବୁଝିଲେ ଯେ ସେଦିନ ନାବାଳିକା ସ୍କୁଲକୁ ଯାଇନାହାନ୍ତି। ଏ ସମ୍ପର୍କରେ ତୁରନ୍ତ ସେ କେନ୍ଦ୍ରାପଡା ସଦର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ୬୦୮/୨୦୨୪ରେ ସଦର ଥାନାରେ ଏକ ମାମଲା ରୁଜୁ ହୋଇଥିଲା। ଉଭୟଙ୍କ ମୋଇବାଇଲ ଫୋନକୁ ଟ୍ରାକ କରି ପୁଲିସ ନଭେମ୍ବର ୨୭ ତାରିଖରେ ପୀଡ଼ିତାକୁ ଆନନ୍ଦପୁର ବସଷ୍ଟାଣ୍ଡରୁ ଉଦ୍ଧାର କରିବା ସହ ଅଭିଯୁକ୍ତ ଆନନ୍ଦ ନାୟକକୁ ମଧ୍ୟ ଗିରଫ କରିଥିଲା। ପୀଡ଼ିତାଙ୍କ ଜମାନବନ୍ଦୀ ଜଣେ ମହିଳା ପୁଲିସ ଅଧିକାରୀଙ୍କ ଦ୍ୱାରା ରେକର୍ଡ କରାଯାଇଥିଲା। ପରେ ଉଭୟ ପୀଡ଼ିତା ଓ ଅଭିଯୁକ୍ତଙ୍କ ଡାକ୍ତରୀ ପରୀକ୍ଷା କରାଯାଇଥିଲା। ପରେ ନାବାଳିକାଙ୍କୁ କେନ୍ଦ୍ରାପଡ଼ା ଶିଶୁ ମଙ୍ଗଳ ସମିତି ପାଖରେ ହାଜର କରିବା ପରେ ସମିତି ତାକୁ ସୁରକ୍ଷା ଗୃହକୁ ପଠାଇ ଦେଇଥିଲା। ଡାକ୍ତରୀ ପରୀକ୍ଷାରୁ ଜଣାପଡିଲା ଯେ ନାବାଳିକା ଗର୍ଭବତୀ ଅଛି। ଏହାପରେ ଅଭିଯୁକ୍ତକୁ ଗିରଫ କରି ପୁଲିସ କୋର୍ଟଚାଲାଣ କରିଥିଲା। ଏହି ମାମଲାରେ ତଦନ୍ତକାରୀ ଅଧିକାରୀ ୨୦୨୫ ଜାନୁଆରୀ ୨୩ ତାରିଖରେ ଅଭିଯୋଗପର୍ତ୍ତ ଦାଖଲ କରିଥିଲେ। ସମସ୍ତ ସାକ୍ଷ୍ୟ ପ୍ରମାଣକୁ ଆଧାର କରି ସ୍ୱତନ୍ତ୍ର ପକ୍‌ସୋ କୋର୍ଟ ଜଜ ପ୍ରଜ୍ଞା ପରମିତା ରାଉଳ ଉପରୋକ୍ତ ରାୟ ପ୍ରଦାନ କରିଛନ୍ତି। ଏଥିରେ ୧୧ ଜଣ ସାକ୍ଷୀ ସାକ୍ଷ୍ୟ ପ୍ରଦାନ କରିଥିଲେ।

## ନୂତନ ଡିଏଫ୍‌ଓଙ୍କ କାର୍ଯ୍ୟରେ ଯୋଗଦାନ

ରାଜନଗର, ୬।୮ (ସମିସ): ରାଜନଗର ଲୁଣା ଜଙ୍ଗଲ ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀ (ଡିଏଫ୍‌ଓ) ଭାବେ ଭରଦ୍ୱାଜ ଗାଓଙ୍କର ଆଜି କାର୍ଯ୍ୟରେ ଯୋଗ ଦେଇଛନ୍ତି। ୨୦୨୨ର ଯୁବ ଆଇଏଫଏସ ଅଫିସରଙ୍କ ଡିଏଫଓ ଭାବେ ଏହା ପ୍ରଥମ ପୋଷ୍ଟିଂ। ସେ ପୂର୍ବରୁ ପିସିସିଏଫ କାର୍ଯ୍ୟାଳୟରେ କାର୍ଯ୍ୟରତ ଥିଲେ। ଆଜି କାର୍ଯ୍ୟରେ ଯୋଗଦେବା ପରେ ଏସିଏଫ, ରେଞ୍ଜ ଅଫିସରଙ୍କ ସହିତ ପରିଚୟ ହେବା ସହିତ ଆଲୋଚନା କରିଛନ୍ତି। ରାଜନଗର ଡିଏଫଓ ସୁଦର୍ଶନ ଗୋପୀନାଥ ଯାଦବଙ୍କ ସମ୍ବଲପୁର ବନଖଣ୍ଡକୁ ଡିଏଫଓ ଭାବେ ବଦଳି ହୋଇଛି। ଶ୍ରୀ ଯାଦବଙ୍କ ତାଙ୍କ କାର୍ଯ୍ୟକାଳ ସମୟରେ ଲୁଣା ଜଙ୍ଗଲ ଅଭିବୃଦ୍ଧି ପାଇଁ ଉଲେଖନୀୟ କାର୍ଯ୍ୟ କରିଛନ୍ତି।

## ବନ୍ୟାବିପନ୍ନଙ୍କୁ ସହାୟତା ପାଇଁ କଂଗ୍ରେସର ଦାବିପତ୍ର

ରାଜନଗର,୬।୮ (ସମିସ): ଚଳିତ ବର୍ଷ ବନ୍ୟାରେ ଚାଷୀ ସେମାନଙ୍କର ବର୍ଷକର ଦାନା ହରାଇଛନ୍ତି। ବନ୍ୟାଅଞ୍ଚଳରେ ଚାଷୀ ଓ ଭାଗଚାଷୀଙ୍କୁ ସହାୟତା ଓ କ୍ଷତିପୂରଣ ନିମନ୍ତେ ଆଜି ରାଜନଗର ବ୍ଲକ କଂଗ୍ରେସ ପକ୍ଷରୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କ ଜରିଆରେ ୫ ଦଫା ଦାବିପତ୍ର ପ୍ରଦାନ କରାଯାଇଛି। ରାଜନଗର ବ୍ଲକ୍ ନଦୀନାଳ ଭରା ଅଞ୍ଚଳ। ଏଠାରେ ପ୍ରତିବର୍ଷ ବନ୍ୟା, ବତ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟର ସାମ୍ନା ଲୋକେ କରିଥା'ନ୍ତି। ଚଳିତ ବର୍ଷ ଭୟଙ୍କର ବନ୍ୟାରେ ୧୫ ଦିନ ଧରି ପାଣି ଘେରରେ ଲୋକମାନେ ରହିଥିଲେ ମଧ୍ୟ ସେମାନଙ୍କୁ ରିଲିଫ ଦିଆଗଲାନାହିଁ। ବନ୍ୟାଞ୍ଚଳରେ ଚାଷୀ ଖରିଫ ଧାନ ଚାଷ ପାଇଁ



ତଳି ରୋଇ ଥିଲେ। ତାହା ପଚି ନଷ୍ଟ ହୋଇଯାଇଛି। ଚାଷୀ ଏବେ ଚିନ୍ତାରେ ଦିନ କାଟୁଛନ୍ତି। ତୁରନ୍ତ ସେମାନଙ୍କୁ କୃଷି ଋଣ ଛାଡ଼, ମାଗଣାରେ ଅଧିକ ପରିମାଣରେ ସାର, ବିହନ, ଔଷଧ ପ୍ରଦାନ, ଗୋରୁଙ୍କ ପାଇଁ ଗୋଖାଦ୍ୟ ଯୋଗାଇ ଦେବା, ବନ୍ୟାଞ୍ଚଳର ଛାତ୍ରଛାତ୍ରୀଙ୍କ ଫିସ ଛାଡ଼ ସହିତ ବହିପତ୍ର ଓ ଡ୍ରେସ ପ୍ରଦାନ, ବନ୍ୟା ଯୋଗୁଁ ଖେତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ପ୍ରଦାନ ଆଦି ଦାବି ଆଜି କଂଗ୍ରେସ ପକ୍ଷରୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦିଆଯାଇଛି। ଯୁବ ନେତା ପ୍ରଶାନ୍ତ ରାଉତଙ୍କ ନେତୃତ୍ୱରେ ବରିଷ୍ଠ କଂଗ୍ରେସ ନେତା ଦାମୋଦର ବିଶ୍ୱାଳ, ବୈକୁଣ୍ଠ ବିହାରୀ ବିଶ୍ୱାଳ, ରାଜେନ୍ଦ୍ର ବେହେରା, ମଗୁଣୀ ଚରଣ ପଡିହାରୀ, ନିରଂଜନ ନାୟକ, ବିଜୟ ପଲାଇ, ରମାକାନ୍ତ ଜେନା, ବାସୁଦେବ ଜେନା, ଗୌରାଙ୍ଗ ରାଉତ, କପିଳାସ ସ୍ୱାଇଁ, ଅଲେଖ ରାଉତ, ସୁଶୀଳ ପ୍ରଧାନ, ଲକ୍ଷ୍ମଣ ସେଠୀ ପ୍ରମୁଖ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ବିଡିଓ ନ ଥିବାରୁ ସହକାରୀ ନିର୍ବାହୀ ଯନ୍ତ୍ରୀ ସାରଦା ପ୍ରସନ୍ନ ନାୟକଙ୍କୁ ପ୍ରଦାନ କରିଛନ୍ତି।

## ଖରିନାସୀରେ ପୁଲିସ କ୍ରିୟାଶୀଳ କାର୍ଯ୍ୟକ୍ରମ

ମହାକାଳପଡ଼ା,୬।୮ (ସମିସ): ମହାକାଳପଡ଼ା ବ୍ଲକ ଜମ୍ବୁ ସାମୁଦ୍ରିକ ଥାନା ଅଧୀନ ଖରିନାସୀ ରେଡକ୍ରସ ପଡ଼ିଆଠାରେ ଜିଲ୍ଲା ପୋଲିସ ପକ୍ଷରୁ କମ୍ୟୁନିଟି ପୁଲିସିଂ ଆକ୍ଟିଭିଟ ପ୍ରୋଗ୍ରାମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ କେନ୍ଦ୍ରାପଡ଼ା ଏସଡିପିଓ ଜ୍ୟୋତିରଞ୍ଜନ ଗୌଡ଼ ଯୋଗ ଦେଇଥିଲେ। ପୁଲିସ ଓ ସାଧାରଣ ଲୋକଙ୍କ ମଧ୍ୟରେ ସୁସଂପର୍କ ସ୍ଥାପନ କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ। ସାମୁଦ୍ରିକ ଥାନା ଅଧୀନ ଗାଁରେ ଲୁକ୍କାୟିତ ପ୍ରତିଭାଙ୍କୁ ଲୋକଲୋଚନକୁ ଆଣିବା ମୁଖ୍ୟ ଉଦ୍ଦେଶ୍ୟ। ସ୍ଥାନୀୟ ଅଞ୍ଚଳ ବିଦ୍ୟାଳୟର କୁନି କୁନି ଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ସହ ସଂଗୀତ, ଡ୍ୟାସ ଅନୁଷ୍ଠିତ ହୋଇଥିଲା। ପରେ ପ୍ରତିଭାବାନ କଳାକାରଙ୍କୁ ପୁରସ୍କୃତ କରାଯାଇଥିଲା। ଜମ୍ବୁ ସାମୁଦ୍ରିକ ଥାନା ଅଧିକାରୀ ସୌମ୍ୟରଞ୍ଜନ ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜମ୍ବୁ ସାମୁଦ୍ରିକ ଥାନାର ରାମଚନ୍ଦ୍ର ଦାଶ, ସଂଜୀବ ଖଟୁଆ, ବାପୁଜୀ ଶେଖର ପଲାଇ, ବୈଲୋଚନ ଧଳ ପ୍ରମୁଖ ପଦାଧିକାରୀ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍ଥାନୀୟ ସରପଞ୍ଚ ବନୀତା ରାଉତ, ସମିତିସଭ୍ୟା ରିତା ରକ୍ଷିତ, ସାମାଜିକ କର୍ମୀ ବଣ୍ଟି ଦେବନାଥ ପ୍ରମୁଖ ଉପସ୍ଥିତ ଥିଲେ। ସାଧାରଣ ଲୋକଙ୍କୁ ବିଭିନ୍ନ ସମୟରେ ବ୍ୟାଙ୍କ, ସାଇବର ଠକେଇ ଓ ମୋବାଇଲ ଫୋନରେ ବିଭିନ୍ନ ପ୍ରକାର ଗେମ ଖେଳି ଠକାମୀର ଶିକାର ଯେପରି ନ ହେବେ ସେଥିପ୍ରତି ସତର୍କ କରିବାକୁ ଏସଡିପିଓ ଓ ସାମୁଦ୍ରିକ ଥାନା ଅଧିକାରୀ ଶ୍ରୀ ବିଶ୍ୱାଳ ସାଧାରଣ ଲୋକଙ୍କୁ ସଚେତନତା ବାର୍ତ୍ତା ଦେଇଥିଲେ।

### ଆଳି କଲେଜରେ ଅବ୍ୟବସ୍ଥାକୁ ନେଇ ଧାରଣା

# ଅଧ୍ୟକ୍ଷଙ୍କ ପ୍ରତିଶ୍ରୁତି ପରେ ଓହରିଲେ ଛାତ୍ରଛାତ୍ରୀ

ଆଳି,୬।୮ (ସମିସ)



କେନ୍ଦ୍ରାପଡ଼ା ଜିଲ୍ଲା ଆଳି ମହାବିଦ୍ୟାଳୟରେ ଅବ୍ୟବସ୍ଥାକୁ ନେଇ ଆଜି ସକାଳୁ ଛାତ୍ରଛାତ୍ରୀ ଧାରଣା ଦେଇଥିଲେ। କଲେଜରେ ଦୀର୍ଘଦିନ ଧରି ବିଭିନ୍ନ ସମସ୍ୟାକୁ ନେଇ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଛାତ୍ରଛାତ୍ରୀ। ବାରମ୍ବାର ଅଭିଯୋଗ ପରେ ମଧ୍ୟ ଛାତ୍ରଛାତ୍ରୀଙ୍କ ସମସ୍ୟାର ସମାଧାନ ହେଉନାହିଁ। ଅଧ୍ୟକ୍ଷଙ୍କୁ ସମସ୍ୟା ସମ୍ପର୍କରେ ଛାତ୍ରାତ୍ରୀ ପୂର୍ବରୁ ଦାବିପତ୍ର ପ୍ରଦାନ କରିବା ସହ ଧାରଣାରେ ବସିବାକୁ ଚେତାବନୀ ଦେଇଥିଲେ। ସମସ୍ୟା ସମାଧାନ ନ ହେବାରୁ ଆଜି ଛାତ୍ରଛାତ୍ରୀ ଧାରଣା ଦେଇଥିଲେ। ଅଧ୍ୟକ୍ଷ ଧାରଣା ସ୍ଥଳକୁ ଯାଇ ଲିଖିତ ପ୍ରତିଶ୍ରୁତି ଦେବା ପରେ ଛାତ୍ରଛାତ୍ରୀ ଧାରଣରୁ ଓହରି ଯାଇଥିଲେ। ସୂଚନା ମୁତାବକ, ଗତ ୨୬ ତାରିଖରେ ଛାତ୍ରଛାତ୍ରୀ ଅଧ୍ୟକ୍ଷଙ୍କୁ ମହାବିଦ୍ୟାଳୟରେ ବର୍ଷା ପାଣି ନିଷ୍କାସନ ନ ହେବା ଯୋଗୁଁ ପାଣି ଜମି ରହିବା, ସାଧାରଣ ଶୌଚାଳୟ ନ ଥିବା, ଖେଳ ପଡିଆ ନ ଥିବା ଓ ପାଠାଗାର ସମସ୍ୟା ପ୍ରତି ଧ୍ୟାନ ଦେବାକୁ ଛାତ୍ରଛାତ୍ରୀ ଜଣାଇବା ସହ ଏହାର ଯଦି ସମାଧାନ ନ କରାଯାଏ, ଅଗଷ୍ଟ ୬ ତାରିଖରେ ଧାରଣା ଦେବାକୁ ଚେତାବନୀ ଦେଇଥିଲେ । ତେବେ ଅଭିଯୋଗକୁ ୧୦ ଦିନ ବିତିଯାଇଥିଲେ ମଧ୍ୟ ଛାତ୍ରଛାତ୍ରୀଙ୍କ ଅଭିଯୋଗ ଉପରେ କଲେଜ କମିଟି ଧ୍ୟାନ ଦେଲେନାହିଁ। ଏହାକୁ ନେଇ ଛାତ୍ରଛାତ୍ରୀ ଆଜି ସକାଳୁ ଧାରଣାରେ ବସିବା ସହ ମହାବିଦ୍ୟାଳୟ ଗେଟ୍‌ରେ ତାଲା ପକାଇ ଦେଇଥିଲେ। ଅଧ୍ୟାପକ ବୁଝାସୁଝା କରିବା ପରେ ମଧ୍ୟ ସେମାନେ ବୁଝି ନ ଥିଲେ। ଶେଷରେ ନୂତନ ଅଧ୍ୟକ୍ଷ ରବିନାରାୟଣ ଦାସ ଆସି ଛାତ୍ରଛାତ୍ରୀଙ୍କୁ ବୁଝାଇବା ସହ ଏହାର ସମାଧାନ ଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ ବୋଲି ଲିଖିତ ପ୍ରତିଶ୍ରୁତି ଦେବା ପରେ ଛାତ୍ରଛାତ୍ରୀ ଆନ୍ଦୋଳନରୁ ଓହରିଥିଲେ।

## ସଂସ୍କୃତ ସପ୍ତାହ ପାଳିତ

ରାଜନଗର,୬।୮ (ସମିସ): ରାଜନଗର ବ୍ଲକ ଚନ୍ଦ୍ରଶିଖରସ୍ଥ ଅଷ୍ଟଶମ୍ଭୁ ସଂସ୍କୃତ ବିଦ୍ୟାପୀଠରେ ସଂସ୍କୃତ ସପ୍ତାହ ପାଳିତ ହୋଇଯାଇଛି। ପ୍ରଧାନପଣ୍ଡିତ କୃଷ୍ଣଚନ୍ଦ୍ର ଷଡଙ୍ଗୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ପ୍ରଫେସର ଅକ୍ଷୟ କୁମାର ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିବା ସହିତ ସଂସ୍କୃତ ଭାଷା ଓ ଭାରତୀୟ ସଂସ୍କୃତିର ମହାନତା ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ କହିଥିଲେ। ଏହି କାର୍ଯ୍ୟକ୍ରମରେ ଅଷ୍ଟଶମ୍ଭୁ ସଂସ୍କୃତ ମହାବିଦ୍ୟାଳୟର ଅଧ୍ୟକ୍ଷ ସର୍ବେଶ୍ୱର ଲେଙ୍କା, ଅଧ୍ୟାପକ ପ୍ରଦୀପ କୁମାର ପାଲ, ପଣ୍ଡିତ ରତ୍ନାକର ଦାସ, ପଣ୍ଡିତ ଶରତ କୁମାର ରାଉତ, ସହକାରୀ ଶିକ୍ଷକ ଘନଶ୍ୟାମ ପରିଡା, ନଳିନୀକାନ୍ତ କର ପ୍ରମୁଖ ଯୋଗଦେଇ ଆଦି ଭାଷା ସଂସ୍କୃତ ସମସ୍ତ ଭାରତୀୟ ଭାଷାର ଜନନୀ ବୋଲି ମତବ୍ୟକ୍ତ କରିଥିଲେ।

## ଆଇନଜୀବୀଙ୍କୁ ପ୍ରଧାନଶିକ୍ଷକଙ୍କ ଗାଳିଗୁଲଜ ଅଭିଯୋଗ

ରାଜନଗର, ୬।୮ (ସମିସ): ରାଜନଗର ବ୍ଲକ୍ ଗୁପ୍ତି ପଞ୍ଚାୟତର ବନବିହାରୀଜୀଉ ନୋଡାଲ ହାଇସ୍କୁଲରେ ମଧ୍ୟାହ୍ନଭୋଜନ ନେଇ ପ୍ରଧାନଶିକ୍ଷକଙ୍କୁ କାରଣଦର୍ଶାଅ ନୋଟିସ ଜାରି କରାଯାଇଛି। ଏହି ଘଟଣାରେ ଅଭିଯୋଗ କରିଥିବା ଆଇନଜୀବୀଙ୍କୁ ବିଦ୍ୟାଳୟର ପ୍ରଧାନଶିକ୍ଷକ ଆଜି ତହସିଲ ପରିସରରେ ଥିବା ଓକିଲ ସଂଘ କାର୍ଯ୍ୟାଳୟ ନିକଟରେ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଧମକ ଦେଇଥିବା ନେଇ ରାଜନଗର ଥାନାରେ ଅଭିଯୋଗ ହୋଇଛି। ଆଜି ଦିନ ପ୍ରାୟ ୧୦ଟା ସମୟରେ ବନବିହାରୀଜୀଉ ନୋଡାଲ ହାଇସ୍କୁଲର ପ୍ରଧାନଶିକ୍ଷକ କୈଳାସ ଚନ୍ଦ୍ର କୁଣ୍ଡ ବାଇକ୍ ଯାଗେ ରାଜନଗର ତହସିଲ ଅଫିସରେ ପହଞ୍ଚି ଓକିଲ ସଙ୍ଘ କାର୍ଯ୍ୟାଳୟ ନିକଟକୁ ଯାଇ ଆଇନଜୀବୀ ସୁଶାନ୍ତ କୁମାର ଜେନାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ସରକାରୀ କର୍ମଚାରୀ, ସାଧାରଣ ଲୋକେ, ଆଇନଜୀବୀ, ସାମ୍ବାଦିକଙ୍କ ଉପସ୍ଥିତିରେ ଆଇନଜୀବୀଙ୍କୁ ଗାଳିଗୁଲଜ କରିବା ସହ ଧମକ ଦେଇଥିଲେ। ପ୍ରଧାନଶିକ୍ଷକ ଗାଳିଗୁଲଜ କରିବା ସମ୍ପର୍କରେ ଆଇନଜୀବୀ ସୁଶାନ୍ତ ଜେନା ରାଜନଗର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଆଜି ସକାଳେ ପ୍ରଧାନଶିକ୍ଷକ ତାଙ୍କୁ ଟେଲିଫୋନ କରି ଧମକ ଦେବା ପରେ ସଂଘ କାର୍ଯ୍ୟାଳୟରେ ପହଞ୍ଚି ଗାଳିଗୁଲଜ କରିବା ଓ ଧମକ ଦେଇଥିବା ନେଇ ଅଭିଯୋଗ କରିଛନ୍ତି। ବନବିହାରୀଜୀଉ ବିଦ୍ୟାଳୟରେ ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ୭୪୯ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରନ୍ତି। ଗତମାସ ୪ ତାରିଖ ଦିନ ବ୍ଲକ ଅତିରିକ୍ତ ଶିକ୍ଷାଧିକାରୀ ଶିବପ୍ରସାଦ ବେହେରା ବିଦ୍ୟାଳୟରେ ପହଞ୍ଚି ମଧ୍ୟାହ୍ନଭୋଜନ ସମ୍ପର୍କରେ ଯାଞ୍ଚ କରିଥିଲେ। ବିଦ୍ୟାଳୟରେ ୪୫୮ ଜଣ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ତେବେ ମଧ୍ୟାହ୍ନଭୋଜନ ପୋର୍ଟାଲରେ ୬୯୮ ଛାତ୍ରଛାତ୍ରୀ ମଧ୍ୟାହ୍ନଭୋଜନ ଖାଇଥିବା ନେଇ ଦର୍ଶାଯାଇଥିଲା। ଅର୍ଥାତ ଅଧିକ ୨୪୦ ଜଣ ଛାତ୍ରଛାତ୍ରୀ ମଧ୍ୟାହ୍ନଭୋଜନ ଖାଉଥିବା ଦର୍ଶାଯାଇଥିଲା। ଏ ନେଇ ପ୍ରଧାନଶିକ୍ଷକଙ୍କୁ ବ୍ଲକ ଶିକ୍ଷାଧିକାରୀ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି।

## ୨ ଲକ୍ଷ ତ୍ରିରଙ୍ଗା ତିଆରି କରୁଛନ୍ତି ଉତ୍କଳ ଗ୍ରାମୀଣ ପ୍ରଡ୍ୟୁସର୍ସ ଗ୍ରୁପ୍

ଡେରାବିଶ, ୬।୮ (ସମିସ): ଡେରାବିଶ ବ୍ଲକ୍ ଗୋଲରାହାଟ ପଞ୍ଚାୟତ ଅନ୍ତର୍ଗତ ଉତ୍କଳ ଗ୍ରାମୀଣ ପ୍ରଡ୍ୟୁସର୍ସ ଗ୍ରୁପ ଚଳିତ ବର୍ଷ ହରଘର ତ୍ରିରଙ୍ଗା କାର୍ଯ୍ୟକ୍ରମ ନିମନ୍ତେ ପ୍ରସ୍ତୁତ କରୁଛନ୍ତି ତ୍ରିରଙ୍ଗା ପତାକା। ଏହି ଗ୍ରୁପର ୭୦ରୁ ଉର୍ଦ୍ଧ୍ୱ ମହିଳା ଆସନ୍ତା ଅଗଷ୍ଟ ୧୫ ତାରିଖ ନିମନ୍ତେ ସରକାରଙ୍କ ହରଘର



ତ୍ରିରଙ୍ଗା କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଦିନରାତି ଏକ କରି ତ୍ରିରଙ୍ଗା ପତାକା ନିର୍ମାଣ କରିଚାଲିଛନ୍ତି। ଧାର୍ଯ୍ୟ ତାରିଖ ସୁଦ୍ଧା ଯେମିତି ହେଲେ ୨ଲକ୍ଷ ପତାକା ତିଆରି କରିବାକୁ ପଡ଼ିବ। ଏହି ପ୍ରଡ୍ୟୁସର୍ସ ଗ୍ରୁପର ସଭାପତି ଲେସାତୁନ ବିବି ଓ ସମ୍ପାଦିକା ରେଶମା ବେଗମ୍ କୁହନ୍ତି ଗତବର୍ଷ ଆମେ କେନ୍ଦ୍ରାପଡ଼ା ଜିଲ୍ଲା ପ୍ରଶାସନକୁ ୧ ଲକ୍ଷରୁ ଉର୍ଦ୍ଧ୍ୱ ଜାତୀୟ ପତାକା ଯୋଗାଇ ଦେଇଥିବାବେଳେ ବାହାର ବଜାର, ବିଭିନ୍ନ ସ୍କୁଲ କଲେଜ ଓ ସାମାଜିକ ଅନୁଷ୍ଠାନ ଆମ ନିକଟରୁ ଜାତୀୟ ପତାକା କ୍ରୟ କରିଥିଲେ। ଚଳିତ ବର୍ଷ ଆମ ନିକଟକୁ ବିଭିନ୍ନ ଅନୁଷ୍ଠାନରୁ ପତାକା କିଣିବା ନିମନ୍ତେ ପୂର୍ବରୁ ଅର୍ଡର୍‌ର ଆସିଲାଣି। ଆମ ସଦସ୍ୟା ପ୍ରତିଷ୍ଠାନରେ ରହିଥିବା ଅତ୍ୟାଧୁନିକ କପଡ଼ା କଟା ମେସିନ୍ ଓ ଯନ୍ତ୍ରଚଳିତ ସିଲେଇ ମେସିନ୍ ସହାୟତାରେ ଏହାକୁ ନିର୍ମାଣ କରିବାରେ ଲାଗିପଡ଼ିଛନ୍ତି। ଏହି ଗ୍ରୁପର ସଦସ୍ୟାଙ୍କ ଦ୍ୱାରା ପ୍ରସ୍ତୁତ ଏମ୍ବ୍ରୋଡୋରୀ ବେଡ଼ସିଟ୍, ଶାଢ଼ୀ ଓ ଅନ୍ୟାନ୍ୟ ସାମଗ୍ରୀ ରାଜ୍ୟ ଓ ରାଜ୍ୟ ବାହାରେ ଖୁବ୍ ପ୍ରସିଦ୍ଧିଲାଭ କରିଛି। ଯେଉଁଥିପାଇଁ ଏହି ପ୍ରଡ୍ୟୁସର୍ସ ଗ୍ରୁପକୁ ରାଜ୍ୟର ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୁରସ୍କୃତ କରିଛନ୍ତି। ଏଥିସହିତ ଏହି ଗ୍ରୁପର ମହିଳାଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ଡିଜାଇନ୍‌ର ପୋଷାକ ସମେତ ସ୍କୁଲ, କଲେଜ ଓ ଅଙ୍ଗନବାଡ଼ିର ୟୁନିଫର୍ମ ନିର୍ମାଣ କରିଥା'ନ୍ତି।


**ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ** (यूनियन बैंक ऑफ इंडिया / Union Bank of India — भारत सरकार का उपक्रम / A Government of India Undertaking)
କ୍ଷେତ୍ରୀୟ କାର୍ଯ୍ୟାଳୟ: ଭୁବନେଶ୍ୱର
୩/୧ଏ, ସିଭିକ୍ ସେଣ୍ଟର, ଆଇଆର୍‌ସି ଭିଲେଜ,
ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫

**ଡିମାଣ୍ଡ ନୋଟିସ୍**

**ସିକ୍ୟୁରିଟି ଇଣ୍ଟରେଷ୍ଟର ଏନ୍‌ଫୋର୍ସମେଣ୍ଟ ନିମନ୍ତେ ସରଫେଶୀ ଆକ୍ଟ ୨୦୦୨ର ଧାରା ୧୩(୨) ଅନୁଯାୟୀ ନୋଟିସ୍**

**ବିଷୟ: ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩(୩) ସହିତ ଧାରା ୧୩(୨) ଅନୁଯାୟୀ ନୋଟିସ୍**

ଆମେ ନିମ୍ନଲିଖିତ ଋଣଗ୍ରହୀତା/କୋ-ଆପ୍ଲିକାଣ୍ଟ/କୋ-ଓବ୍ଲିଗାଣ୍ଟ/ଗ୍ୟାରେଣ୍ଟିଦାତାମାନଙ୍କୁ ଜଣାଇ ଦେଉଛୁ କି ସେମାନେ ଆମର **ସମ୍ପୃକ୍ତ ଶାଖାରୁ** ନିମ୍ନଲିଖିତ ଋଣ ସୁବିଧା ଉପଲବ୍ଧ କରିଛନ୍ତି ଏବଂ ସେମାନେ ବକେୟା ଦେୟ / କିସ୍ତି / ସୁଧ ପରିଶୋଧ କରିନଥିବାରୁ ଭାରତୀୟ ରିଜର୍ଭ ବ୍ୟାଙ୍କର ନିର୍ଦ୍ଦେଶାବଳୀ ଅନୁସାରେ ସେମାନଙ୍କର ନିମ୍ନଲିଖିତ ଆକାଉଣ୍ଟ ଏନ୍‌ପିଏ ଶ୍ରେଣୀଭୁକ୍ତ ହୋଇଛି। କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସରଫେଶୀ ଆକ୍ଟ, ୨୦୦୨ର ଧାରା ୧୩(୨) ଅନୁଯାୟୀ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ସମ୍ପୃକ୍ତ ଶାଖାର** ଋଣଗ୍ରହୀତା/କୋ-ଆପ୍ଲିକାଣ୍ଟ/କୋ-ଓବ୍ଲିଗାଣ୍ଟ/ଗ୍ୟାରେଣ୍ଟିଦାତାମାନଙ୍କୁ ବ୍ୟାଙ୍କ ଦେୟ ପଇଠ କରିବା ନିମନ୍ତେ ଡ଼ିମାଣ୍ଡ ନୋଟିସ୍ ଜାରି କରାଯାଇଥିଲା କିନ୍ତୁ ନିମ୍ନଦର୍ଶିତ ପକ୍ଷମାନଙ୍କୁ ତାହା ପ୍ରଦାନ କରାଯାଇପାରିନଥିଲା। ତେଣୁ ଏହି ପ୍ରକାଶନଟି ସମସ୍ତ ପକ୍ଷଙ୍କୁ ଏକ ବିକଳ୍ପ ସେବା ଅଟେ। ସେମାନଙ୍କର ଆକାଉଣ୍ଟର ମୋଟ ବକେୟା ପରିମାଣ ନିମ୍ନ ଦର୍ଶିତ ସ୍ତମ୍ଭରେ ଦର୍ଶାଯାଇଛି। ସବିଶେଷ ବିବରଣୀ ନିମ୍ନରେ ପ୍ରଦତ୍ତ:

| ଶାଖା / ଋଣଗ୍ରହୀତା/କୋ-ଆପ୍ଲିକାଣ୍ଟ/କୋ-ଓବ୍ଲିଗାଣ୍ଟ/ଗ୍ୟାରେଣ୍ଟିଦାତାଙ୍କ ନାମ ଓ ଠିକଣା | ଋଣ ପ୍ରକାର | ଏନ୍‌ପିଏ ତାରିଖ /ଡିମାଣ୍ଡ ତାରିଖ / ମୋଟ ବକେୟା | ସମ୍ପତ୍ତିଗୁଡିକର ବିବରଣୀ |
|---|---|---|---|
| **ଭୁବନେଶ୍ୱର ମୁଖ୍ୟ ଶାଖା /** **୧) ଋଣଗ୍ରହୀତା: ଶ୍ରୀ ଅମିତାଭ ଘଡେଇ / ୨) କୋ-ଓବ୍ଲିଗାଣ୍ଟ: ଶ୍ରୀମତୀ ମହେଶ୍ୱେତା ମହାପାତ୍ର,** ଉଭୟଙ୍କ ଠିକଣା- ସା: ପ୍ଲଟ୍ ନଂ.: ୧୯୭୫/୫୩୨୪, ଆକାରପୁରୀ କଲୋନୀ, ରଥ ରୋଡ, ଓଲ୍ଡ ଟାଉନ୍, ଗୌତମ ନଗର, ଭୁବନେଶ୍ୱର, ଓଡ଼ିଶା | ୧. ୟୁନିୟନ୍ ହୋମ୍ ୨. ୟୁନିୟନ୍ ଆଶିୟାନା ବ୍ୟକ୍ତିଗତ ଋଣ | ୧୩.୦୭.୨୦୨୫ / ୧୮.୦୭.୨୦୨୫ / ୧୮.୦୭.୨୦୨୫ ସୁଦ୍ଧା ଟ.୧୯,୯୮,୨୫୯.୯୬ | ବନ୍ଧକପ୍ରାପ୍ତ ସ୍ଥାବର ସମ୍ପତ୍ତି ଯାହାର ଫ୍ଲାଟ୍ ନଂ.: ୪୦୪, ୪ର୍ଥ ମହଲା, "ଶିବଶକ୍ତି ଏନ୍‌କ୍ଲେଭ୍" ୨ ବିଏଚ୍‌କେ, କ୍ଷେତ୍ର: ୧୩୮୨ ବର୍ଗଫୁଟ, ଖାତା ନଂ.: ୧୫୯, ଅନୁରୂପ ଖାତା ନଂ.: ୩୧୧/୪୩୨, ପ୍ଲଟ୍ ନଂ.: ୩୩୧ (ସ୍ଥିତିବାନ), କିସମ: ଘରବାରୀ, ମୌଜା: କଣ୍ଡିଲୋ, ଏସ୍‌ଆର୍‌ଓ: ଜଟଣୀ, ଜିଲ୍ଲା: ଖୋର୍ଦ୍ଧା |
| **ଭୁବନେଶ୍ୱର ମୁଖ୍ୟ ଶାଖା /** **୧) ଋଣଗ୍ରହୀତା: ୧(କ) ମେସର୍ସ ବିଜିନେସ୍.କମ୍, ସ୍ୱତ୍ତ୍ୱାଧିକାରୀ: ଶ୍ରୀମତୀ ବି ପି ଜୟଶ୍ରୀ ପଣ୍ଡା, ୧(ଖ) ଶ୍ରୀମତୀ ବି ପି ଜୟଶ୍ରୀ ପଣ୍ଡା / ୨) ଗ୍ୟାରେଣ୍ଟିଦାତା/ ବନ୍ଧକଦାତାମାନେ: ୨(କ) ଶ୍ରୀ ବିଶ୍ୱଜିତ୍ ସାହୁ,** ପିତା: ୰ ଗୌରାଙ୍ଗ ଚରଣ ସାହୁ, **୨(ଖ) ଶ୍ରୀ ବିଶ୍ୱବିଜୟ ସାହୁ,** ପିତା: ୰ ଗୌରାଙ୍ଗ ଚରଣ ସାହୁ, ସମସ୍ତଙ୍କ ଠିକଣା: ପ୍ଲଟ୍ ନଂ.: ୧୪୯୪/୧୫୨୪, ଆଇବିଏଲ୍ ହାଉସ୍, ଟଙ୍କପାଣି ରୋଡ, ବଡଗଡ ବ୍ରିଟ୍ କଲୋନୀ, ଭୁବନେଶ୍ୱର, ଓଡ଼ିଶା - ୭୫୧୦୧୮ / **୩) ମୃତକ ଗ୍ୟାରେଣ୍ଟିଦାତା/ ବନ୍ଧକଦାତା ଗୌରାଙ୍ଗ ଚରଣ ସାହୁଙ୍କ ଆଇନଗତ ଉତ୍ତରାଧିକାରୀମାନେ: ୩(କ) ଶ୍ରୀ ବିଶ୍ୱଜିତ୍ ସାହୁ,** ପିତା: ୰ ଗୌରାଙ୍ଗ ଚରଣ ସାହୁ, **୩(ଖ) ଶ୍ରୀ ବିଶ୍ୱବିଜୟ ସାହୁ,** ପିତା: ୰ ଗୌରାଙ୍ଗ ଚରଣ ସାହୁ, **୩(ଗ) କିରଣବାଳା ସାହୁ,** ସ୍ୱାମୀ: ୰ ଗୌରାଙ୍ଗ ଚରଣ ସାହୁ, ସମସ୍ତଙ୍କ ଠିକଣା: ପ୍ଲଟ୍ ନଂ.: ୧୪୯୪/୧୫୨୪, ଆଇବିଏଲ୍ ହାଉସ୍, ଟଙ୍କପାଣି ରୋଡ, ବଡଗଡ ବ୍ରିଟ୍ କଲୋନୀ, ଭୁବନେଶ୍ୱର, ଓଡ଼ିଶା - ୭୫୧୦୧୮, **୩(ଘ) ଶ୍ରୀମତୀ ନଳିନୀ ପ୍ରଭା ସାହୁ,** ପିତା: ୰ ଗୌରାଙ୍ଗ ଚରଣ ସାହୁ, ପ୍ଲଟ୍ ନଂ.: ଇ୨/୮, ୧ ନଂ. ବୃନ୍ଦାବନ କଲୋନୀ, ବଡପଡିଆ, ପାରାଦୀପ, ଜଗତ୍‌ସିଂହପୁର, ଓଡ଼ିଶା - ୭୫୪୧୪୨, **୩(ଙ) ମିସ୍ ନନ୍ଦିନୀ ପ୍ରଭା ସାହୁ,** ପିତା: ୰ ଗୌରାଙ୍ଗ ଚରଣ ସାହୁ, ପ୍ଲଟ୍ ନଂ.: ଜିକେଭି-୫୮, ଗତି କୃଷ୍ଣ ଭିଲ୍ଲା, ବ୍ରହ୍ମେଶ୍ୱର ମନ୍ଦିର, ଟଙ୍କପାଣି ରୋଡ, ବଡଗଡ, ଭୁବନେଶ୍ୱର, ଓଡ଼ିଶା - ୭୫୧୦୧୮ | ୧. ସିସି ହାଇପୋଥିକେସନ୍ ୨. ମିଆଦୀ ଋଣ | ୨୩.୦୭.୨୦୨୫ / ୨୫.୦୭.୨୦୨୫ / ୨୪.୦୭.୨୦୨୫ ସୁଦ୍ଧା ଟ.୫,୦୧,୩୭,୬୩୭.୨୫ | ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଯାହାର **(କ) ଶ୍ରୀ ବିଶ୍ୱବିଜୟ ସାହୁ, ଶ୍ରୀ ବିଶ୍ୱଜିତ୍ ସାହୁଙ୍କ** ନାମରେ ଥିବା ସମ୍ପତ୍ତି ଯାହାର ମୌଜା: ତାଳପଡା, ତହସିଲ: କୁଜଙ୍ଗ, ଜିଲ୍ଲା: ଜଗତ୍‌ସିଂହପୁର, ଖାତା ନଂ.: ୭୫୫/୧୭୬, ପ୍ଲଟ୍ ନଂ.: ୩୫୭/୨୩୨୩, କ୍ଷେତ୍ର: ଏକର ୦.୦୫୦ ଡିସିମିଲି, **(ଖ) ମୃତକ ଗୌରାଙ୍ଗ ଚରଣ ସାହୁଙ୍କ ଆଇନଗତ ଉତ୍ତରାଧିକାରୀମାନଙ୍କ** ନାମରେ ଥିବା ସମ୍ପତ୍ତି ଯାହାର ମୌଜା: ତାଳପଡା, ତହସିଲ: କୁଜଙ୍ଗ, ଜିଲ୍ଲା: ଜଗତ୍‌ସିଂହପୁର, ଖାତା ନଂ.: ୭୫୫/୧୭୭, ପ୍ଲଟ୍ ନଂ.: ୩୫୭/୨୩୨୪, କ୍ଷେତ୍ର: ଏକର ୦.୦୪୦ ଡିସିମିଲି, **(ଗ) ଶ୍ରୀ ବିଶ୍ୱବିଜୟ ସାହୁଙ୍କ** ନାମରେ ଥିବା ସମ୍ପତ୍ତି ଯାହାର ମୌଜା: ତାଳପଡା, ତହସିଲ: କୁଜଙ୍ଗ, ଜିଲ୍ଲା: ଜଗତ୍‌ସିଂହପୁର, ଖାତା ନଂ.: ୭୫୫/୫୯, ଅନୁରୂପ ଖାତା ନଂ.: ୭୫୫/୫୧୪, ପ୍ଲଟ୍ ନଂ.: ୩୫୭/୨୫୫୭, କ୍ଷେତ୍ର: ଏକର ୦.୦୧୦ ଡିସିମିଲି |
| **ଓଏମ୍‌ସି କ୍ୟାମ୍ପସ୍ ଶାଖା /** **୧) ଋଣଗ୍ରହୀତା: ମେସର୍ସ ଜୟଦୁର୍ଗା ଟ୍ରାନ୍ସପୋର୍ଟ, ଅଂଶୀଦାରମାନେ: (କ) ଶ୍ରୀ ଶୁଭେନ୍ଦୁ କୁମାର ଦାସ, (ଖ) ଶ୍ରୀ ଚିତ୍ତରଞ୍ଜନ ଓଝା,** ଉଭୟଙ୍କ **ଠିକଣା-୧:** ବ୍ଲକ୍-ସି, ପ୍ଲଟ୍ ନଂ.: ୨୨୯, ଜଗନ୍ନାଥ ବିହାର, ରୋଡ ନଂ.: ୬, ଝାରପଡା, ଲକ୍ଷ୍ମୀସାଗର, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା, **ଠିକଣା-୨:** ରୁମ୍ ନଂ.: ଏ-୧, ପ୍ଲଟ୍ ନଂ.: ୨୩୩୫/୪୦୬୧/୫୧୫୪, ସା: ଜଗତ୍‌ପୁର, ଗୋଲେଇ ଛକ, ଦୁର୍ଗା ମଣ୍ଡପ ନିକଟ, ଜଗତ୍‌ପୁର, କଟକ - ୭୫୪୦୨୧ / **୨) ଗ୍ୟାରେଣ୍ଟିଦାତା: ଶ୍ରୀ ଚିତ୍ତରଞ୍ଜନ ଓଝା (ଅଂଶୀଦାର),** ପିତା: ଶ୍ରୀ ନିତ୍ୟାନନ୍ଦ ଓଝା, ସା: ବ୍ରାହ୍ମଣ ମଣିଯୋରି, କଟକ, ଓଡ଼ିଶା - ୭୫୪୨୦୬ / **୩) ବନ୍ଧକଦାତା: ଶ୍ରୀ ଶୁଭେନ୍ଦୁ କୁମାର ଦାସ (ପରିଚାଳନା ଅଂଶୀଦାର),** ପିତା: କୃଷ୍ଣ ଚନ୍ଦ୍ର ଦାସ, ଗୋପିନାଥପୁର, ପଧାନପଡା, କଟକ, ଓଡ଼ିଶା - ୭୫୪୨୦୦ | ଏସ୍‌ଓଡିଜିଇଏନ୍ | ୨୯.୦୫.୨୦୨୫ / ୨୧.୦୭.୨୦୨୫ / ୩୦.୦୬.୨୦୨୫ ସୁଦ୍ଧା ଟ.୫୫,୦୫,୧୯୯.୫୧ | **ଶୁଭେନ୍ଦୁ କୁମାର ଦାସଙ୍କ** ନାମରେ ଥିବା ବାସୋପଯୋଗୀ ଜମି ଯାହାର ଖାତା ନଂ.: ୨୬୬/୧୮୦୨, ପ୍ଲଟ୍ ନଂ.: ୯୦୩/୨୩୮୭, ମୌଜା: ଅନନ୍ତପୁର, ଥାନା: ବାଲିଅନ୍ତା ନଂ.: ୮, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା, କ୍ଷେତ୍ର: ଏକର ୦.୦୪୦ ଡିସିମିଲି କିମ୍ବା ୧୭୪୨ ବର୍ଗଫୁଟ, ଏହାର ଚାରିପାର୍ଶ୍ୱରେ ଉତ୍ତର: ପ୍ଲଟ୍ ନଂ.: ୯୦୨, ଦକ୍ଷିଣ: ରାସ୍ତା, ପୂର୍ବ: ପ୍ଲଟ୍ ନଂ.: ୯୦୪, ପଶ୍ଚିମ: ପ୍ଲଟ୍ ନଂ.: ୯୦୩ର ଅବଶିଷ୍ଟ |
| **ରସୁଲଗଡ ଶାଖା /** **୧) ଋଣଗ୍ରହୀତା/ଆପ୍ଲିକାଣ୍ଟ/ବନ୍ଧକଦାତା: ୧(କ) ଶ୍ରୀ ବିରଞ୍ଚ ନାରାୟଣ ବେହେରା / ୧(ଖ) କୋ-ଆପ୍ଲିକାଣ୍ଟ / ବନ୍ଧକଦାତା: ଶ୍ରୀ ରବିନ୍ଦ୍ର କୁମାର ବେହେରା,** ଉଭୟଙ୍କ ଠିକଣା- ସା: ପ୍ଲଟ୍ ନଂ.: ୨୭୧, ସା: ନହରକଣ୍ଟା, ମଞ୍ଚେଶ୍ୱର, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା - ୭୫୨୧୦୧ | ଏଚ୍‌ଏଲ୍‌ପିଜିଏନ୍ | ୨୯.୦୭.୨୦୨୫ / ୦୧.୦୮.୨୦୨୫ / ୩୧.୦୭.୨୦୨୫ ସୁଦ୍ଧା ଟ.୧୯,୫୫,୭୩୭.୧୨ | **ଶ୍ରୀ ବିରଞ୍ଚ ନାରାୟଣ ବେହେରା** ଏବଂ **ଶ୍ରୀ ରବିନ୍ଦ୍ର କୁମାର ବେହେରାଙ୍କ** ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୨୭୧/୨୧୮୧/୨୭୬୫, ଖାତା ନଂ: ୬୦୯/୮୪୩, କ୍ଷେତ୍ର: ଏକର ୦.୦୩୦ ଡିସିମିଲି ଏବଂ ପ୍ଲଟ୍ ନଂ.: ୨୭୧, ଖାତା ନଂ: ୭୨୦/୧୧୦, କ୍ଷେତ୍ର: ଏକର ୦.୦୧୫ ଡିସିମିଲି, **ମୋଟ କ୍ଷେତ୍ର: ଏକର ୦.୦୪୫ ଡିସିମିଲି,** ଉପରୋକ୍ତ ୨ଟି ପ୍ଲଟ୍‌ର ମୌଜା: ନହରକଣ୍ଟା, ମଞ୍ଚେଶ୍ୱର, ତହସିଲ: ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଏହାର (କାଗଜାତ୍ ଅନୁଯାୟୀ) ଚାରିପାର୍ଶ୍ୱରେ ଉତ୍ତର: ରାସ୍ତା, ଦକ୍ଷିଣ: କୈଳାସ ଚନ୍ଦ୍ର ସାହୁ ଏବଂ ଅନ୍ୟମାନେ, ପୂର୍ବ: ସବ୍ ପ୍ଲଟ୍ ନଂ.: ½, ପଶ୍ଚିମ: କୈଳାସ ଚନ୍ଦ୍ର ସାହୁ ଏବଂ ଅନ୍ୟମାନେ |
| **ଖୋର୍ଦ୍ଧା ଶାଖା /** **୧) ଋଣଗ୍ରହୀତା/ବନ୍ଧକଦାତା: ଶ୍ରୀମତୀ ବୈଜୟନ୍ତୀ ରାଣୀ ତ୍ରିପାଠୀ, ମେସର୍ସ ପାପାଲି ପେପର ପ୍ରଡକ୍ଟସ୍‌ର ସ୍ୱତ୍ତ୍ୱାଧିକାରୀ, ଠିକଣା-୧:** ସ୍ୱାମୀ: ସତ୍ୟବ୍ରତ ମିଶ୍ର, ପ୍ଲଟ୍ ନଂ.: ୪୯୩, ରଘୁନାଥ ନଗର, ଶୁକ ବିହାର, ଶନି ମନ୍ଦିର ନିକଟ, ଭୁବନେଶ୍ୱର, ପୋ: ଡୁମୁଡୁମା ଏଚ୍‌ବି କଲୋନୀ, ଜିଲ୍ଲା: ଖୋର୍ଦ୍ଧା, ପିନ୍ - ୭୫୧୦୧୯, **ଠିକଣା-୨:** ସ୍ୱାମୀ: ସତ୍ୟବ୍ରତ ମିଶ୍ର, ମଲ୍ଲିପୁର, ଗଡନିଆଳ, ଖାତା ନଂ.: ୩୭୫/୫୬, ପ୍ଲଟ୍ ନଂ.: ୭୦୧/୧୦୭୪, ଖୋର୍ଦ୍ଧା, ଓଡ଼ିଶା, ପିନ୍ - ୭୫୨୦୫୫ / **୨) ଗ୍ୟାରେଣ୍ଟିଦାତା: ଶ୍ରୀ ସତ୍ୟବ୍ରତ ମିଶ୍ର, ଠିକଣା-୧:** ପିତା: ସଚ୍ଚିଦାନନ୍ଦ ମିଶ୍ର, ପ୍ଲଟ୍ ନଂ.: ୪୯୩, ରଘୁନାଥ ନଗର, ଶୁକ ବିହାର, ଶନି ମନ୍ଦିର ନିକଟ, ଭୁବନେଶ୍ୱର, ପୋ: ଡୁମୁଡୁମା ଏଚ୍‌ବି କଲୋନୀ, ଜିଲ୍ଲା: ଖୋର୍ଦ୍ଧା, ପିନ୍ - ୭୫୧୦୧୯, **ଠିକଣା-୨:** ପିତା: ସଚ୍ଚିଦାନନ୍ଦ ମିଶ୍ର, ମଲ୍ଲିପୁର, ଗଡନିଆଳ, ଖାତା ନଂ.: ୩୭୫/୫୬, ପ୍ଲଟ୍ ନଂ.: ୭୦୧/୧୦୭୪, ଖୋର୍ଦ୍ଧା, ଓଡ଼ିଶା, ପିନ୍ - ୭୫୨୦୫୫ | କ୍ୟାଶ୍ କ୍ରେଡିଟ୍ | ୨୬.୦୬.୨୦୨୫ / ୨୮.୦୭.୨୦୨୫ / ୨୮.୦୭.୨୦୨୫ ସୁଦ୍ଧା ଟ.୬୮,୭୭,୯୧୧.୩୭ | ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୭୦୧/୧୦୭୪, ବର୍ତ୍ତମାନର ଖାତା ନଂ.: ୩୭୫/୫୬, କ୍ଷେତ୍ର: ଏକର ୦.୨୮୦ ଡିସିମିଲି, ମୌଜା: ମଲ୍ଲିପୁର, ତହସିଲ: ଖୋର୍ଦ୍ଧା, ଜିଲ୍ଲା: ଖୋର୍ଦ୍ଧା, କିସମ: ପତିତ, ସ୍ୱତ୍ୱ: ସ୍ଥିତିବାନ, ଏହାର ଚାରିପାର୍ଶ୍ୱରେ ଉତ୍ତର/ଦକ୍ଷିଣ/ପଶ୍ଚିମ: ସରକାରୀ ରାସ୍ତା, ପୂର୍ବ: ବିରଞ୍ଚ ନାରାୟଣ ମିଶ୍ର |
| **ପୁବାଶାସନ ଶାଖା /** **୧) ଋଣଗ୍ରହୀତା: ଶ୍ରୀ ତଥାଗତ ଭରଦ୍ୱାଜ,** ପିତା: ଆର୍ତ୍ତତ୍ରାଣ ଜେନା / **୨) ଗ୍ୟାରେଣ୍ଟିଦାତା/ବନ୍ଧକଦାତା: ୨(କ) ଶ୍ରୀ ଆର୍ତ୍ତତ୍ରାଣ ଜେନା,** ପିତା: ୰ କୁଞ୍ଜ ବିହାରୀ ଜେନା, **୨(ଖ) ଶ୍ରୀ ମନ ଆନନ୍ଦ ସାଗର,** ପିତା: ଶ୍ରୀ ଆର୍ତ୍ତତ୍ରାଣ ଜେନା, ସମସ୍ତଙ୍କ ଠିକଣା- ସା/ଗ୍ରାମ: କାକରୁଦ୍ରପୁର, ପୋ: ବାଲିଅନ୍ତା, ଥାନା: ବାଲିଅନ୍ତା, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା - ୭୫୨୧୦୨ | ମିଆଦୀ ଋଣ | ୦୧.୦୬.୨୦୨୫ / ୨୮.୦୭.୨୦୨୫ / ୨୮.୦୭.୨୦୨୫ ସୁଦ୍ଧା ଟ.୧୭,୬୨,୦୮୮.୩୫ | ପଞ୍ଜିକୃତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୬୯୦, ବର୍ତ୍ତମାନର ଖାତା ନଂ.: ୨୩, କ୍ଷେତ୍ର: ଏକର ୦.୧୩୦ ଡିସିମିଲି, ମୌଜା: କାକରୁଦ୍ରପୁର, ତହସିଲ: ବାଲିଅନ୍ତା, ଜିଲ୍ଲା: ଖୋର୍ଦ୍ଧା, କିସମ: ଘରବାରୀ, ସ୍ୱତ୍ୱ: ସ୍ଥିତିବାନ, ଏହାର ଚାରିପାର୍ଶ୍ୱରେ ଉତ୍ତର: ବାରି, ଦକ୍ଷିଣ: ସର୍ବସାଧାରଣ ରାସ୍ତା, ପଶ୍ଚିମ: ରାଜ କିଶୋର ଜେନା, ପୂର୍ବ: ବିମଳ ଚନ୍ଦ୍ର ଜେନା |
| **ଶ୍ରୀକ୍ଷେତ୍ର ଶାଖା /** **୧) ଋଣଗ୍ରହୀତା/ବନ୍ଧକଦାତା: ନିବେଦିତା ମିଶ୍ର,** ସ୍ୱାମୀ: ୰ ନାରାୟଣ ପ୍ରସାଦ ମିଶ୍ର, ମାତୃନିଳୟ ଗ୍ରେସ୍ ସିଟି, ହରିହର ବିହାର, ଗୁଣ୍ଡିଚା ମନ୍ଦିର ପଛପାର୍ଶ୍ୱ, ଥାନା: କୁମ୍ଭାରପଡା, ପୋ: ପୁରୀ, ଜିଲ୍ଲା: ପୁରୀ, ପିନ୍ - ୭୫୨୦୦୨ / **୨) କୋ-ଓବ୍ଲିଗାଣ୍ଟ/ଗ୍ୟାରେଣ୍ଟିଦାତା: ଶ୍ରୀମତୀ ସ୍ମିତା ମହାନ୍ତି,** ସ୍ୱାମୀ: ଅଶେଷ କୁମାର ମହାନ୍ତି, **ଠିକଣା-୧:** ସା: ସାଇ ନାରାୟଣ ବିଦ୍ୟାମନ୍ଦିର, ନବକଳେବର ରୋଡ, ଜିଲ୍ଲା: ପୁରୀ - ୭୫୨୦୦୨, **ଠିକଣା-୨:** ସା: ସନ୍ତୋଷୀ ନଗର, ମଧୁପାଟଣା, କଟକ - ୭୫୩୦୧୦ | ୧. ଗୃହ ଋଣ ୨. ବନ୍ଧକ ଋଣ | ୨୯.୦୫.୨୦୨୫ / ୨୮.୦୭.୨୦୨୫ / ୨୮.୦୭.୨୦୨୫ ସୁଦ୍ଧା ଟ.୧୯,୪୮,୧୦୧.୩୭ | ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୬୯୩/୪୦୭୭, ଖାତା ନଂ.: ୫୨୧/୨୦୫୫, କ୍ଷେତ୍ର: ଏକର ୦.୦୨୯ ଡିସିମିଲି, ମୌଜା: ବାଲୁଖଣ୍ଡ, ଜିଲ୍ଲା: ପୁରୀ, କିସମ: ଘରବାରୀ |

ସରଫେଶୀ ଆକ୍ଟ ୨୦୦୨ର ଧାରା ୧୩(୨) ଅନୁଯାୟୀ ଆପଣମାନଙ୍କୁ ଉପରଦର୍ଶିତ ସ୍ତମ୍ଭରେ ଲିଖିତ ମୋଟ ବକେୟା ପରିମାଣ ସହିତ ଚୁକ୍ତି ହାରରେ ପରବର୍ତ୍ତୀ ସୁଧ ଏବଂ ଦେୟ, ଆପଣମାନଙ୍କ ଦ୍ୱାରା ସମ୍ପାଦିତ ଋଣ କାଗଜାତ୍‌ର ନିୟମ ଓ ସର୍ତ୍ତାବଳୀ ଅନୁଯାୟୀ ସମ୍ପୂର୍ଣ୍ଣ ବକେୟା ପରିମାଣ ଏହି ନୋଟିସ୍ ପାଇବାର **୬୦ ଦିନ** ମଧ୍ୟରେ ପୈଠ କରିବାକୁ ପଡ଼ିବ। ଅନ୍ୟଥା ଆମେ କଥିତ ବନ୍ଧକପ୍ରାପ୍ତ ସମ୍ପତ୍ତିଗୁଡ଼ିକୁ କଥିତ ଆକ୍ଟରେ ଦିଆଯାଇଥିବା କୌଣସି କିମ୍ବା ସମସ୍ତ ଅଧିକାରର ପ୍ରୟୋଗ କରି ନିଜ ଦଖଲକୁ ନେବାକୁ ବାଧ୍ୟ ହେବୁ । ଆକ୍ଟର ଧାରା ୧୩(୧୩) ଅନୁଯାୟୀ ଆପଣମାନେ ଏହି ନୋଟିସ୍ ପାଇବା ପରେ ବ୍ୟାଙ୍କର ବିନା ଅନୁମତିରେ ଉପରବର୍ଣ୍ଣିତ ବନ୍ଧକ ସମ୍ପତ୍ତିଗୁଡ଼ିକୁ ବିକ୍ରୟ କିମ୍ବା ସମ୍ପତ୍ତିଗୁଡ଼ିକ ସହିତ କୌଣସି ପ୍ରକାର କାରବାର କରିପାରିବେ ନାହିଁ। **ଏତଦ୍ଦ୍ୱାରା ଆପଣମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ସରଫେଶୀ ଆକ୍ଟର ଧାରା ୧୩ ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିଗୁଡ଼ିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରିପାରିବେ।**

ସ୍ଥାନ: ଭୁବନେଶ୍ୱର
ତାରିଖ: ୦୬.୦୮.୨୦୨୫

ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ
ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ


### ବିଭାଗୀୟ ତ୍ରୁଟି ଯୋଗୁଁ ଚାଷୀ ହୀନସ୍ତା

# କେନାଲରେ ଆସୁନି ପାଣି, ଚାଷକାର୍ଯ୍ୟ ବାଧାପ୍ରାପ୍ତ

ଗରଦପୁର,୬।୮ (ସମିସ)



କେନାଲରେ ପାଣି ଆସିବା ବଦଳରେ ବିଲରେ ଜମି ରହିଥିବା ବର୍ଷା ପାଣି ପଳେଇଲା। ଗୋଟିଏ ପଟେ କେନାଲ ଶୁଖିଲା ଥିବାବେଳେ ଜମିରେ ରୁଆ ହୋଇଥିବା ଧାନ ମରିବାକୁ ବସିଲାଣି। ଜଳସେଚନ ଓ କୃଷି ବିଭାଗ ନାହିରେ ତେଲ ଦେଇ ଶୋଇ ରହିଛି। କେବଳ ଜେସିବି ଲଗାଇ ଆମ୍ପୁଡ଼ି ଦେଇ କୋଟି କୋଟି ଟଙ୍କା ହରିଲୁଟ କରୁଥିବା ଚାଷୀ ଅଭିଯୋଗ କରିଛନ୍ତି। ସଫେଇ ନାଁରେ ଠିକାଦାର ଠକୁଥିବାବେଳେ ବିଭାଗୀୟ ଅଧିକାରୀ ମୋଟା ଅଙ୍କର ଅର୍ଥ ନେଇ ସମର୍ଥନ ଦେଉଥିବା ଦେଖିବାକୁ ମିଳୁଛି। ସେପଟେ କେନାଲରେ ପାଣି ଆସୁ ନ ଥିବାରୁ ଚାଷୀ ହତାଶ ହୋଇପଡ଼ିଛନ୍ତି। ବର୍ଷା ଛାଡ଼ିଯିବାରୁ ଏବେ ମରୁଡି ହେବା ନେଇ ସମ୍ଭାବନା ସୃଷ୍ଟି ହୋଇଛି। ଗରଦପୁର ବ୍ଲକ ବ୍ରହ୍ମପୁର ଅଞ୍ଚଳର ଚାଷୀ ଏନେଇ ବିଭାଗୀୟ ଅଧିକାରୀଙ୍କୁ ବାରମ୍ବାର ଅଭିଯୋଗ କରିବା ପରେ କେହି କର୍ଣ୍ଣପାତ କରୁନାହାନ୍ତି। ଏହି ଅଞ୍ଚଳରେ ଅଳ୍ପ କେତେକ ଜମିକୁ ଛାଡ଼ିଦେଲେ ପ୍ରାୟ ୮୫ ପ୍ରତିଶତ ତଳି ଘେରା ଜମି ଜଳ ଅଭାବରୁ ସମ୍ପୂର୍ଣ୍ଣ ନଷ୍ଟ ହୋଇଗଲାଣି। ଯଦି ଏହି ସମୟରେ ଧାନକୁ ପ୍ରଚୁର ପାଣି ନ ମିଳେ, ତେବେ ଚାଷୀ ବର୍ଷକର ଆହାର ବିଲରେ ଯିବ ବୋଲି ମତପ୍ରକାଶ ପାଇଛି। ଜଳସେଚନ ସୁବିଧା ଥାଇ ମଧ୍ୟ ଗରଦପୁର ପଞ୍ଚାୟତର ବିଭିନ୍ନ ଅଞ୍ଚଳର କେନାଲ, ଏହାର ଶାଖା ଓ ଉପଶାଖା କେନାଲରେ ପାଣି ଆସୁନି। ବିଭାଗୀୟ ତ୍ରୁଟି ଯୋଗୁଁ ଚାଷୀ ହନ୍ତସନ୍ତ ହେଉଛନ୍ତି। କେବଳ ସରକାରୀ ଅର୍ଥ ଆତ୍ମସାତ କରିବାକୁ କେନାଲ ଠିକ୍ ସମୟରେ ସଫେଇ କରାଯାଉନାହିଁ। ଠିକାଦାର ଓ ଅଧିକାରୀଙ୍କ ମିଳିଭଗତରେ କୋଟି କୋଟି ଟଙ୍କା ହରିଲୁଟ କରାଯାଉଛି। ବ୍ରହ୍ମପୁର ଗ୍ରାମର ଚାଷୀ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରି ଏବେ ମୁଣ୍ଡରେ ହାତ ଦେଇ ବସିଛନ୍ତି। କେନାଲ ଦାୟିତ୍ୱରେ ଥିବା ଅଧିକାରୀ ଓ ବିଭାଗୀୟ ଯନ୍ତ୍ରୀଙ୍କ ଅବହେଳାକୁ ଚାଷୀ ଦାୟୀ କରିଛନ୍ତି। ଏ ସମ୍ପର୍କରେ ଜିଲ୍ଲାପାଳ ଦୃଷ୍ଟି ଦେବାକୁ ବ୍ରହ୍ମପୁର ଅଞ୍ଚଳର ତପନ ନାୟକ, ଅନାମ ଚରଣ ଦାଶ, ଅନାମ ଖଣ୍ଡୁଆଳ, ଗୌରାଙ୍ଗ କର, ଗୁରୁପଦ ଦାଶ, ନରେଶ ସ୍ୱାଇଁ, ଅମୀୟ ସାମନ୍ତରାୟ ପ୍ରମୁଖ ଦାବି କରିଛନ୍ତି।

ସକାଳ
THE SAKALA



# ଭିତ୍ତିଭୂମି ନଥାଇ ୟୁଏଏସ୍ ପୋର୍ଟାଲ୍ ଉପସ୍ଥାନକୁ ବିରୋଧ



ପାଇକମାଳ ଶିକ୍ଷକ ସଂଘର ବିଇଓଙ୍କୁ ଦାବିପତ୍ର

ପାଇକମାଳ,୬।୮ (ସମିସ)

ପ୍ରାଥମିକ ଶିକ୍ଷା ବ୍ୟବସ୍ଥାର ଗୁଣାତ୍ମକ ମାନ ବୃଦ୍ଧି ପାଇଁ ସରକାର ୟୁନିଫାଏଡ ଅଟୋମେସନ ସିଷ୍ଟମ (ୟୁଏଏସ) ଆରମ୍ଭ କରିବାକୁ ଯାଉଛନ୍ତି। ଏଥିରେ ସ୍କୁଲଗୁଡିକୁ ଶିକ୍ଷକ ଯୋଗାଇଦେବା, ସ୍କୁଲ ମନିଟରିଂ, ଛୁଟି ମଞ୍ଜୁର, ବଣ୍ଟନ ବ୍ୟବସ୍ଥା ପରିଚାଳନା, ଛାତ୍ରଛାତ୍ରୀଙ୍କ ଉପସ୍ଥାନ ଓ ଡ୍ରପଆଉଟ ରୋକିବା, ଶିକ୍ଷକ ଓ କର୍ମଚାରୀ ଉପସ୍ଥାନ ତଥା ଅଭିଯୋଗ ଗ୍ରହଣ ଆଦି ଅନ୍ତର୍ଭୁକ୍ତ ରହିଛି। ତେବେ ଆଜି ବି ବରଗଡ଼ ଜିଲ୍ଲାର ବିଶେଷ କରି ପାଇକମାଳ ବ୍ଲକ୍ ଭଳି ଆଦିବାସୀ ଓ ଅନୁସୂଚିତ ଜାତି ବହୁଳ ଅଞ୍ଚଳରେ ଶିକ୍ଷା ବ୍ୟବସ୍ଥାରେ ଅନେକ ସମସ୍ୟା ରହିଛି। ଏପରିକି ୟୁଏଏସ୍ ବ୍ୟବସ୍ଥା ଲାଗୁ କରିବା ପାଇଁ ପାଇକମାଳ ବ୍ଲକ୍ ଅଞ୍ଚଳରେ ଆବଶ୍ୟକ ଭିତ୍ତିଭୂମି ନାହିଁ। ଏହାସତ୍ତ୍ୱେ ଏହି ନିୟମ ଲାଗୁ କରିବା ବିଭାଗୀୟ ଦୂରଦୃଷ୍ଟିର ଅଭାବ ବୋଲି କହିବା ସହ ପାଇକମାଳ ବ୍ଲକ୍ ଏନପିଏସ ପ୍ରାଥମିକ ଶିକ୍ଷକ ସଂଘ ଅସନ୍ତୋଷ ପ୍ରକାଶ କରିଛି। ଶିକ୍ଷକ ନିଯୁକ୍ତି, ମୋବାଇଲ ଫୋନ ପ୍ରଦାନ, ନେଟ୍ ପ୍ୟାକ୍, କମ୍ପ୍ୟୁଟର ଶିକ୍ଷକ ଯୋଗାଇବା ପର୍ଯ୍ୟନ୍ତ ଏହି ନିଷ୍ପତ୍ତିକୁ ସ୍ଥଗିତ ରଖିବା ପାଇଁ ବରଗଡ଼ ଜିଲ୍ଲା ସଂଗଠନ ତରଫରୁ ସରକାରଙ୍କୁ ପୂର୍ବରୁ ଦାବି କରାଯାଇଥିଲା। କିନ୍ତୁ ବର୍ତ୍ତମାନ ପରିସ୍ଥିତିରେ ବିଦ୍ୟାଳୟରେ ଶିକ୍ଷକ ଅଭାବ, ଶିଶୁବାଟିକା ପାଇଁ ଶ୍ରେଣୀଗୃହ ଅଭାବ, ଅଣଶିକ୍ଷାଦାନ କାର୍ଯ୍ୟକ୍ରମରେ ଶିକ୍ଷକମାନଙ୍କୁ ନିୟୋଜନ ଗୁଣାତ୍ମକ ଶିକ୍ଷା ପ୍ରଦାନରେ ସମସ୍ୟା ସୃଷ୍ଟି କରୁଛି। ସେହିପରି ରାଜ୍ୟର ଅଧିକାଂଶ ବିଦ୍ୟାଳୟରେ ଆବଶ୍ୟକ ସଂଖ୍ୟକ ଶିକ୍ଷକ ନାହାନ୍ତି। ଅଧିକାଂଶ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ପଦବୀ ଖାଲି ପଡିଛି। ଏହି ପରିସ୍ଥିତିରେ ୟୁଏଏସ୍ ଲାଗୁ କରିବା ଆଦୌ ସମ୍ଭବ ନୁହେଁ ବୋଲି ମିଳିତ ଶିକ୍ଷକ ସଂଘ ଦର୍ଶାଇଛି। ଏଣୁ ଖାଲି ପଡିଥିବା ପଦବୀ ପୂରଣ କରିବା ସହିତ ଶିକ୍ଷକମାନଙ୍କୁ ବୋଝମୁକ୍ତ କରାଇଲେ ସରକାରଙ୍କ ଏହି ଡିଜିଟାଲ ରୂପରେଖ ଓ ଶିଶୁବାଟିକା ବ୍ୟବସ୍ଥା ସାକାର ହୋଇପାରିବ। ସେହିପରି ଉପଯୁକ୍ତ ଭିତ୍ତିଭୂମି ନହେବା ଯାଏଁ ଏହା ବନ୍ଦ କରିବାକୁ ପାଇକମାଳ ବ୍ଲକ୍ ପ୍ରାଥମିକ ଶିକ୍ଷକ ସଂଘ ତରଫରୁ ସରକାରଙ୍କୁ ଦାବି କରାଯାଇଛି। ଆଜି ପ୍ରାଥମିକ ଶିକ୍ଷକ ସଂଘ ତରଫରୁ ଶତାଧିକ କର୍ମକର୍ତ୍ତା ପାଇକମାଳ ଗୋଷ୍ଠୀ ଶିକ୍ଷାଧିକାରୀ ଅଦନ ସୁନାଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ବ୍ଲକ୍ ପ୍ରାଥମିକ ଶିକ୍ଷକ ସଂଘର ସଭାପତି ନିରାକାର ପ୍ରଧାନ, ଉପସଭାପତି ବୈଷ୍ଣବ ପଣ୍ଡା, ସମ୍ପାଦକ ଚକ୍ରଧର ଅଜଗର କୋଷାଧ୍ୟକ୍ଷ ରଞ୍ଜନ ବାଗ ସମେତ ଶିକ୍ଷକ ଶିକ୍ଷୟିତ୍ରୀ ଓ ସଂଘର କର୍ମକର୍ତ୍ତା ସାମିଲ ହୋଇଥିଲେ।

# ପଦ୍ମପୁର ବିଇଓଙ୍କୁ ଶିକ୍ଷକ ସଂଘ ପକ୍ଷରୁ ଦାବିପତ୍ର



ପଦ୍ମପୁର,୬।୮ (ସମିସ): ରାଜବୋଡାସମ୍ବର ବ୍ଲକ୍‌ର ନୂତନ ପେନସନ ଯୋଜନାଭୁକ୍ତ ପ୍ରାଥମିକ ଶିକ୍ଷକ ସଂଘର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ବୁଧବାର ସରକାରଙ୍କ ଉଦ୍ଦେଶ୍ୟରେ ୩ ଦଫା ଦାବି ସମ୍ବଳିତ ପତ୍ର ସ୍ଥାନୀୟ ବ୍ଲକ୍ ଶିକ୍ଷା ଅଧିକାରୀ ଲୋକନାଥ ଭୋଇଙ୍କ ଜରିଆରେ ପ୍ରଦାନ କରିଛନ୍ତି। ମାଟ୍ରିକ ସିଟିରୁ ଯୁକ୍ତ ଦୁଇ ସିଟି ପୋଷ୍ଟକୁ ଉନ୍ନୀତ କରି ମୂଳ ଗ୍ରେଡପେ ୪୨୦୦ ଦିଆଯାଉ, ୟୁଏଏସ୍ ଭଳି ବ୍ୟବସ୍ଥା ଲାଗୁ କରିବା ପୂର୍ବରୁ ଭିତ୍ତିଭୂମି ସୁଦୃଢ଼ କରାଯାଉ, ପ୍ରତ୍ୟେକ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଟାବଲେଟ୍, ଲାପଟପ ଆଦି ଯୋଗାଇ ଦେବା ସହ ଉପସ୍ଥାନ କ୍ଷେତ୍ରରେ ବିଦ୍ୟାଳୟର ଭୌଗଳିକ ସ୍ଥାନ ନିରୂପଣ ବ୍ୟବସ୍ଥାର ଉଚ୍ଛେଦ କରାଯାଉ। କାରଣ ଅନେକ ବିଦ୍ୟାଳୟଗୁଡିକୁ ଉଠାଇ ଦିଆଯାଇଥିବାରୁ ଯାତାୟାତ ଦୂରତା ବଢ଼ିଛି। ତେଣୁ ଅନେକ ଛାତ୍ରଛାତ୍ରୀ ପ୍ରାର୍ଥନା ଏବଂ ଉପସ୍ଥାନ ନେବା ପରେ ମଧ୍ୟ ଆସୁଛନ୍ତି। ନୂତନ ଉପସ୍ଥାନ ବ୍ୟବସ୍ଥା ଲାଗୁ ହେଲେ ମଧ୍ୟାହ୍ନ ଭୋଜନ ପରିଚାଳନା କ୍ଷେତ୍ରରେ ସମସ୍ୟା ଦେଖାଦେବ। ସବୁ ବିଦ୍ୟାଳୟରେ ନେଟୱର୍କ ସୁବିଧା ନଥିବାରୁ ଉପସ୍ଥାନରେ ସମସ୍ୟା ରହିବ। ଡାଟା ପ୍ୟାକ୍ ସରକାର ପ୍ରଦାନ ନକଲେ ଏହି କ୍ଷେତ୍ରରେ ମଧ୍ୟ ଅସୁବିଧା ସୃଷ୍ଟି ହେବ। ଏହସହ ପ୍ରମୋସନର ସରଳୀକରଣ ହେବା ଆବଶ୍ୟକତା ରହିଛି। କାରଣ ୨୦୧୧ ପୂର୍ବ ନିଯୁକ୍ତିରେ ଓଟିଇଟି ବିଜ୍ଞପ୍ତି ସମୟରେ ପ୍ରକାଶିତ ହୋଇ ନଥିଲା। ଏଣୁ ନିଯୁକ୍ତି ବରିଷ୍ଠତା ଆଧାରରେ ପ୍ରମୋସନ ଦିଆଯାଉ ବୋଲି ଦାବି ନେଇ ଦାବିପତ୍ର ବିଭାଗୀୟ ସଚିବ, ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀଙ୍କୁ ପ୍ରଦାନ କରାଯାଇଛି। ଉପରୋକ୍ତ ଦାବିଗୁଡିକ ସରକାର ପୂରଣ ନକଲେ ବାଧ ହୋଇ ଶିକ୍ଷକ ସଂଘ ରାଜରାସ୍ତାକୁ ଓହ୍ଲାଇବ। ଫଳରେ ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ ବା ଅଚଳ ହେବା ସହ ଆଗାମୀ ଦିନରେ ସରକାରଙ୍କୁ ମହଙ୍ଗା ପଡିବ ଚେତାବନୀ ଦିଆଯାଇଛି। ଏଣୁ ତୁରନ୍ତ ଦାବିଗୁଡିକ ମାନିନେବାକୁ ଶିକ୍ଷକ ରଘୁନାଥ ପୁରୀ, ପ୍ରଦୀପ ସାହୁ, ରତ୍ନାକର ଶତପଥୀ, ଶାନ୍ତନୁ ସରାଫ, ମନୋଜ ସାହୁ, ପ୍ରେମସାଗର ପ୍ରଧାନ, ଚଣ୍ଡୀପ୍ରସାଦ ଭୋଇ, ଭ୍ରମର ପ୍ରଧାନ ପ୍ରମୁଖ ଉଦବୋଧନ ଦେଇଥିଲେ। କୋଷାଧ୍ୟକ୍ଷ ବୀର କିଶୋର ସାହୁ, ମମତା ମିଶ୍ର, ରଞ୍ଜୁଳି ଦେଇ, ସଂଯୁକ୍ତା ରଥ, ପ୍ରଭାତୀ ପଟ୍ଟନାୟକ ପ୍ରମୁଖଙ୍କ ନେତୃତ୍ୱରେ ଦାବିପତ୍ର ପ୍ରଦାନ କରାଯାଇଥିଲା।

## ପଦ୍ମପୁରରେ ଓଷ୍ଟାର ବୈଠକ

ପଦ୍ମପୁର,୬।୮ (ସମିସ): ପଦ୍ମପୁର ଟାଉନ ଉଚ୍ଚ ବିଦ୍ୟାଳୟ ପରିସରରେ ଓଷ୍ଟା ସଭାପତି ପ୍ରମୋଦ ଚନ୍ଦ୍ର ନାଥଙ୍କ ସଭାପତିତ୍ୱରେ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ଓଷ୍ଟା ରାଜ୍ୟ ଉପଦେଷ୍ଟା ସତ୍ୟନାରାୟଣ ତ୍ରିପାଠୀ, ଜିଲ୍ଲା ଉପଦେଷ୍ଟା ପ୍ରୀତିରଞ୍ଜନ ପଧାନ ଓ ଚୂଳ ସୁନ୍ଦର ମେହେର ମଞ୍ଚାସୀନ ଥିଲେ। ସମ୍ପାଦକ ରବି ଶଙ୍କର ପଧାନ ସଭାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ନୂତନ ଅନୁଦାନ ପ୍ରାପ୍ତ ବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷକ ଓ କର୍ମଚାରୀମାନଙ୍କୁ ପେନସନ ପ୍ରଦାନ, ଚାକିରି ସର୍ତ୍ତାବଳୀ, ଅବସର ବୟସ ୬୦ରୁ ୬୨ ବର୍ଷକୁ ବୃଦ୍ଧି, ଗ୍ରେଡପେ'ରେ ଅସଙ୍ଗତି ଦୂର ସହ ଅନୁଦାନ ଯୋଗ୍ୟ ବିଦ୍ୟାଳୟ ଗୁଡିକୁ ଅନୁଦାନ ପ୍ରଦାନ ଆଦି ବିଷୟରେ ଆଲୋଚନା ହୋଇଥିଲା। ଦାବି ଗୁଡିକକୁ ନେଇ ୮ ତାରିଖ ଜିଲ୍ଲାପାଳଙ୍କ ମାଧ୍ୟମରେ ରାଜ୍ୟ ସରକାରଙ୍କୁ ଦାବିପତ୍ର ଦେବା ସହିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବାର ନିଷ୍ପତ୍ତି ଗ୍ରହଣ କରାଗଲା। ଯଦି ଚଳିତ ମାସ ୧୫ ସୁଦ୍ଧା ସରକାର ଦାବି ଗୁଡ଼ିକୁ ପୂରଣ ନ କରନ୍ତି, ତେବେ ଅଗଷ୍ଟ ୧୬ରେ ଭୁବନେଶ୍ୱର ପିଏମ୍‌ଜି ରାସ୍ତାରେ ଆନ୍ଦୋଳନ କରିବାକୁ ସଂଘ ଚେତାବନୀ ଦେଇଛି। ଶେଷରେ ଜିଲ୍ଲା ପରିଚାଳନା କମିଟି ସଦସ୍ୟ ପ୍ରସନ୍ନ ମେହେର ଧନ୍ୟବାଦ ଅର୍ପଣ କରିଥିଲେ।

## ପାଇକମାଳରେ ବ୍ଲକ୍‌ସ୍ତରୀୟ ଓଷ୍ଟା ଶିକ୍ଷକ ସଙ୍ଗଠନର ବୈଠକ

ପାଇକମାଳ,୬।୮ (ସମିସ): ବ୍ଲକ୍‌ସ୍ତରୀୟ ଓଷ୍ଟା ଶିକ୍ଷକ ସଂଗଠନର ଗୁରୁତ୍ୱପୂର୍ଣ୍ଣ ବୈଠକ ପାଇକମାଳ ଯମୁନା କନ୍ଧୁଣୀ ବାଳିକା ଉଚ୍ଚ ବିଦ୍ୟାଳୟରେ ସଙ୍ଘର ଉପ ସଭାପତି ସୁଶାନ୍ତ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସଂଘର ସମ୍ପାଦକ ଜିବର୍ଦ୍ଧନ ବିଶି ସଭାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଆସନ୍ତା ୮ ତାରିଖ ଶିକ୍ଷକ ମାନଙ୍କ ବିଭିନ୍ନ ସମସ୍ୟାକୁ ନେଇ ବରଗଡ଼ ଜିଲ୍ଲାପାଳଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯିବ। ଏହି କାର୍ଯ୍ୟକ୍ରମରେ ବହୁସଂଖ୍ୟାରେ ଶିକ୍ଷକ ଯୋଗ ଦେବାପାଇଁ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ପ୍ରତ୍ୟେକ ବର୍ଷ ଅଗଷ୍ଟ ୧୬ ତାରିଖକୁ ଶିକ୍ଷକ ଦାବି ଦିବସ ରୂପେ ପାଳନ କରାଯାଇଥାଏ। ଏଣୁ ଏହି ଦିବସକୁ ସଫଳ କରିବା ପାଇଁ ଭୁବନେଶ୍ୱର ଗାନ୍ଧୀ ମାର୍ଗକୁ ପାଇକମାଳ ବ୍ଲକ୍‌ର ପ୍ରତ୍ୟକ ବିଦ୍ୟାଳୟରୁ ଶିକ୍ଷକ ପ୍ରତିନିଧି ପହଞ୍ଚିବା ପାଇଁ ଉପଦେଷ୍ଟା ନନ୍ଦଲାଲ ନାୟକ ସମସ୍ତଙ୍କୁ ଅନୁରୋଧ କରିଥିଲେ। ଓଷ୍ଟା ସଂଗଠନରେ ନୂତନ ସଭ୍ୟ ପଞ୍ଜୀକରଣ ଏବଂ ଛାତ୍ରଛାତ୍ରୀଙ୍କ ପାଇଁ ଓଷ୍ଟା ଟେଷ୍ଟପେପର, ପ୍ରଶ୍ନପତ୍ରର ଉପାଦେୟତା ଉପରେ ଓଷ୍ଟାର ସଦସ୍ୟ ଭବାନୀଶଙ୍କର ଭୋଇ ଆଲୋଚନା କରିଥିଲେ। ଓଷ୍ଟା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରମାଇ ଚରଣ ଦାଶ ନିଜ ମତାମତ ଦେଇଥିଲେ। ବୈଠକରେ ପାଇକମାଳର ବିଭିନ୍ନ ବିଦ୍ୟାଳୟରୁ ୩୦ ଜଣ ଶିକ୍ଷକ ପ୍ରତିନିଧି ଯୋଗ ଦେଇଥିଲେ। ଶେଷରେ ଓଷ୍ଟାର ସଦସ୍ୟା ଅନିମା ରାଉତ ଧନ୍ୟବାଦ ଦେଇଥିଲେ।

## ବିଦ୍ୟାଳୟ ପାଚିକାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ପଦ୍ମପୁର,୬।୮ (ସମିସ): ପଦ୍ମପୁର ଉପଖଣ୍ଡ ଲଖମରା କ୍ଲଷ୍ଟର ଅଧୀନସ୍ତ ବମ୍ବରିତ ପ୍ରାଥମିକ ବିଦ୍ୟାଳୟର ପାଚିକା କୁନ୍ତଳା ବାରିକଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଦୀର୍ଘ ବର୍ଷ ଧରି ସୂଚାରୁରୂପେ ମଧ୍ୟାହ୍ନ ଭୋଜନ ରୋଷେଇ କରି ଛାତ୍ରଛାତ୍ରୀଙ୍କୁ ଖାଇବାକୁ ଦେଇଆସିଥିଲେ। ପ୍ରଧାନଶିକ୍ଷୟତ୍ରୀ କାନ୍ତି ଲୁହାରଙ୍କ ସଂଯୋଜନାରେ ଅନୁଷ୍ଠିତ ଅବସର ସମ୍ବର୍ଦ୍ଧନା ସଭାରେ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ବୈଷ୍ଣବ ପଣ୍ଡା, ଶିକ୍ଷାବିତ ଫକୀର ଦାସ, ପ୍ରଭାକର ସାହୁ, ଅଙ୍ଗନବାଡି କର୍ମୀ ଗୀତାଞ୍ଜଳି ମହାପାତ୍ର, ରାଜକିଶୋର ସାହୁ, ପୃଥ୍ୱୀରାଜ ଭୋଇ, ଶିକ୍ଷକ ନାରାୟଣ ସାହୁ, ମଣି ମହାନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।

## ଝାରବନ୍ଧରେ ଅନ୍‌ଲାଇନ୍ ଜୋନ୍ ଉଦ୍‌ଘାଟିତ

ପଦ୍ମପୁର/ଝାରବନ୍ଧ,୬।୮ (ସମିସ): ପଦ୍ମପୁର ଉପଖଣ୍ଡ ଝାରବନ୍ଧ କଲେଜ ରୋଡରେ ଅନ୍‌ଲାଇନ୍ ଜୋନ୍ ଉଦ୍‌ଘାଟନ ହୋଇଯାଇଛି। ସ୍କୁଲ କଲେଜ ଛାତ୍ରଛାତ୍ରୀଙ୍କ ଅନଲାଇନ କାମ ପାଇଁ ୧୦ ପ୍ରତିଶତ ରିହାତି କରାଯାଇଛି। ପଦ୍ମପୁର ଉପଖଣ୍ଡ ସାମ୍ବାଦିକ ସଂଘର ସମ୍ପାଦକ ରମେଶ ଚନ୍ଦ୍ର ବାରିକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ଏ ପରିପ୍ରେକ୍ଷୀରେ କଲେଜ ଛାତ୍ରଛାତ୍ରୀଙ୍କୁ ମାଗଣା ଖାତା, କଲମ ବଣ୍ଟନ କରାଯାଇଥିଲା। ଅନଲାଇନ ଜୋନ୍‌ର ମୁଖ୍ୟ ଚୈତନ୍ୟ ପ୍ରସାଦ ବରିହା, ସାମ୍ବାଦିକ ଝସକେତନ ବରିହା, ଅଞ୍ଜନ ବରିହା, ଦିବାକର ଆମରି, ଦୁର୍ଲଭ ମେହେର, ଯୁଗଳ ଭୋଇ, ଜିତେନ୍ ପଟେଲ ପ୍ରମୁଖ ଉପସ୍ଥିତ ଥିଲେ।

## ଲିଟିଲ୍ ଏଞ୍ଜିଲ୍ସ ପବ୍ଲିକ୍ ସ୍କୁଲର ପ୍ରତିଷ୍ଠା ଉତ୍ସବ

ବରପାଲି,୬।୮ (ସମିସ): ଲିଟିଲ ଏଞ୍ଜିଲ୍ସ ପବ୍ଲିକ ସ୍କୁଲର ୨୫ ବର୍ଷ ପୂର୍ତ୍ତି ଅବସରରେ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଡ. ସୁବ୍ରତ ମୁଣ୍ଡ, ପରିଚାଳନା ନିର୍ଦ୍ଦେଶିକା ସୁନିତା ମୁଣ୍ଡ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟର ପୁରାତନ ଛାତ୍ରଛାତ୍ରୀ କୁଳଦୀପ ଆନନ୍ଦ, ଆଡିଶ ବେହେରା, ରାଜ ସାହାଂଶୁ ବିଶ୍ୱାଳ ଓ ସିମରନ ତ୍ରିପାଠୀ ପ୍ୟାନେଲିଷ୍ଟ ଭାବେ ଯୋଗ ଦେଇଥିଲେ। ଛାତ୍ରୀ ଶ୍ରଦ୍ଧାସୁମନ ଦୀପ ଓ ଆକାଂକ୍ଷା ପ୍ରଧାନ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଦିବଂଗତ ସଂଗ୍ରାମ ସିଂ ଏବଂ ମହିଳା କର୍ମଚାରୀ ଦିବଂଗତା ତପସ୍ୱିନୀ ଦାଶଙ୍କ ଉତ୍ତରାଧିକାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କ୍ୟାରିୟର କାଉନସିଲର ଭାବେ ବିଶାଳ ଅଗ୍ରୱାଲ, ଆକାଶ ଦେବତା, ଘନସୁନ୍ଦର ଗଡତିଆ, ସ୍ୱାତୀକା ସାହୁ, ଯଶ ଅଗ୍ରୱାଲ ପ୍ରମୁଖ ପୁରାତନ ଛାତ୍ରଛାତ୍ରୀ କ୍ୟାରିୟର ଗଢ଼ିବା ଦିଗରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ଉଭୟ ବରପାଲି ଓ ଡୁଙ୍ଗୁରି ପାଲି ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

## ମାଣ୍ଡୋସିଲ ଡିଗ୍ରୀ କଲେଜରେ ଖୋଲିଲା ଓଏସ୍‌ଓୟୁ ପିଜି ଓ ୟୁଜି ବିଭାଗ



ପାଇକମାଳ,୬।୮ (ସମିସ): ବରଗଡ଼ ଜିଲ୍ଲା ପାଇକମାଳ ବ୍ଲକ୍ ମାଣ୍ଡୋସିଲ ଡିଗ୍ରୀ ମହାବିଦ୍ୟାଳୟରେ ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଓଏସଓୟୁ) ପକ୍ଷରୁ ପିଜି ଓ ୟୁଜି ବିଭାଗ ନାମଲେଖା ପାଇଁ ଅନୁମତି ମିଳିଛି। ଏନେଇ ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଓଏସଓୟୁ) ପତ୍ର କରିଛି। ଏହି ପତ୍ର ଅନୁସାରେ ଓଡ଼ିଆ, ଇଂରାଜୀ, ସଂସ୍କୃତ, ରାଜନୀତି ବିଜ୍ଞାନ, ଇତିହାସ ବିଷୟରେ ଛାତ୍ରଛାତ୍ରୀ ୟୁଜି ଏବଂ ପିଜି ବିଭାଗରେ ଛାତ୍ରଛାତ୍ରୀ ନାମ ଲେଖାଇ ପାଠ ପଢ଼ି ପାରିବେ। ଓଏସଓୟୁର ସଂଯୋଜକ ଭାବେ ଅଧ୍ୟାପକ କୃଷ୍ଣଚନ୍ଦ୍ର ଦେବତା ଦାୟିତ୍ୱରେ ଅଛନ୍ତି। ସୂଚନାଯୋଗ୍ୟ, ବରଗଡ଼ ଜିଲ୍ଲା ପାଇକମାଳ ବ୍ଲକ୍‌ର ଶେଷ ସୀମାରେ ତଥା ନୂଆପଡା ଜିଲ୍ଲା ସୀମାନ୍ତରେ ମାଣ୍ଡୋସିଲ ଡିଗ୍ରୀ ମହାବିଦ୍ୟାଳୟ ରହିଛି। ଏହି ଅଞ୍ଚଳର ଛାତ୍ରଛାତ୍ରୀଙ୍କ ପାଖେ ଓଏସଓୟୁ କିମ୍ବା ଇଗ୍ନୋ ଭଳି ବିଶ୍ୱବିଦ୍ୟାଳୟ ଅଧୀନରେ ଦୂର ପାଠ୍ୟକ୍ରମରେ ପାଠ ପଢ଼ିବା ପାଇଁ କୌଣସି ସୁବିଧା ସୁଯୋଗ ନଥିଲା। ଯିଏ ବି ପଢୁଥିଲେ ସେମାନେ ନୂଆପଡା, ରାଜଖରିଆର, ପାଟଣାଗଡ, ପଦ୍ମପୁରକୁ ଯାଇ ପାଠ ପଢୁଥିଲେ। ଶିକ୍ଷା ଗ୍ରହଣ ପାଇଁ ସେମାନଙ୍କୁ ଦୂରଦୂରାନ୍ତରକୁ ଯିବାକୁ ପଡୁଥିଲା। ତେବେ ଆଜିର ଖବର ଜାଣିବା ପରେ ମାଣ୍ଡୋସିଲ ଅଞ୍ଚଳର ଛାତ୍ରଛାତ୍ରୀଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି। ପାଠ ପଢ଼ିବାରେ ଆଉ ଦୂରତା ବାଧକ ସାଜିବ ନାହିଁ। ଅଞ୍ଚଳରେ ବହୁ ଛାତ୍ରଛାତ୍ରୀ ଏହାର ଲାଭ ପାଇପାରିବେ।

## ବନ୍ଧପାଲି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ବିଜ୍ଞାନ ମେଳା

ବରପାଲି,୬।୮ (ସମିସ): ବରପାଲି ବ୍ଲକ୍ ବନ୍ଧପାଲି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ବିଦ୍ୟାଳୟ ସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ରୂପେ ସରଣ୍ଡାପାଲି ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଅଶୋକ ସାହୁ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ବିଦ୍ୟାମନ୍ଦିର ପ୍ରଧାନଆଚାର୍ଯ୍ୟ ଜିତେନ୍ଦ୍ରିୟ ପୂଜାରୀ ଅତିଥି ପରିଚୟ ପ୍ରଦାନ ସହ ସ୍ୱାଗତ ଜଣାଇଥିଲେ। ଆୟୋଜିତ ମେଳାରେ ଶିଶୁ ବାଟିକା ବିଭାଗରେ ୬୦ଟି, ପ୍ରଥମରୁ ତୃତୀୟ ବିଭାଗରେ ୬୦ଟି, ଶିଶୁ ବର୍ଗରେ ୩୦ଟି, ବାଲବର୍ଗରେ ୨୪ଟି; ଏହିପରି ମୋଟ୍ ୧୭୪ଟି ଭିନ୍ନଭିନ୍ନ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ବିଚାରକ ଭାବେ ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟ ଗୁପେଇପାଲି ବିଜ୍ଞାନ ଶିକ୍ଷକ ଅମରେଶ ଦାଶ, ନୋଡାଲ ଉଚ୍ଚ ବିଦ୍ୟାଳୟ ବନ୍ଧପାଲି ବିଜ୍ଞାନ ଶିକ୍ଷକ ବାଳକୃଷ୍ଣ ମେହେର, ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଜାଙ୍ଗି ବିଜ୍ଞାନ ଶିକ୍ଷୟତ୍ରୀ ମନ୍ଦାକିନୀ ପଧାନ ପ୍ରମୁଖ ଦାୟିତ୍ୱ ତୁଲାଇଥିଲେ। ବିଦ୍ୟାମନ୍ଦିର ଆଚାର୍ଯ୍ୟ ଅରୁଣ ବାଗ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ବିଜୟ ଷାଣ୍ଢ ଧନ୍ୟବାଦ ଅର୍ପଣ କରିଥିଲେ। ବିଜ୍ଞାନ ଶିକ୍ଷକ ଗୋରୀ ସାହୁଙ୍କ ତତ୍ତ୍ୱାବଧାନରେ ବିଦ୍ୟାଳୟ ଗୁରୁଜୀ ଓ ଗୁରୁମା କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ସ୍ୱାଧୀନତା ଦିବସ ଉପଲକ୍ଷେ ବିଭିନ୍ନ ପ୍ରତିଯୋଗିତା

ପଦ୍ମପୁର,୬।୮ (ସମିସ): ପଦ୍ମପୁର ଉପଖଣ୍ଡ ସ୍ତରୀୟ ୭୯ତମ ସ୍ୱାଧୀନତା ଦିବସ ମହାସମାରୋହରେ ପାଳନ କରିବା ପାଇଁ ପଦ୍ମପୁର ପିଏମଶ୍ରୀ ବାଳିକା ଉଚ୍ଚ ବିଦ୍ୟାଳୟ ଠାରେ ବିଭିନ୍ନ ପ୍ରତିଯୋଗିତା ମାନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍କୁଲ ଓ କଲେଜ ଗୁଡିକର ଛାତ୍ରଛାତ୍ରୀ ମାନଙ୍କୁ ନେଇ ସଂଗୀତ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ୪ର୍ଥ ଶ୍ରେଣୀରୁ ୧୦ମଶ୍ରେଣୀ ଓ ଉଚ୍ଚ ମାଧ୍ୟମିକ ସ୍ତରୀୟ ଓ +୩ (ସ୍ନାତକ) ସ୍ତର ପର୍ଯ୍ୟନ୍ତ ସଂଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗିତା ଗୁଡିକୁ ମାର୍ଗଦର୍ଶିକା କମିଟି ପରିଚାଳନାରେ ୮ ତାରିଖ ପର୍ଯ୍ୟନ୍ତ ଆୟୋଜନ କରାଯିବ। ଏହି ଅବସରରେ ଓଡ଼ିଆ ବକ୍ତୃତା, ଓଡ଼ିଆ ତର୍କ ତଥା ଲିଖିତ ସାଧାରଣଜ୍ଞାନ ପ୍ରତିଯୋଗିତା ସ୍ଥାନୀୟ ଆରବି ହାଇସ୍କୁଲ ଠାରେ ଅନୁଷ୍ଠିତ ହୋଇଯାଇଛି। ପ୍ରତିଯୋଗିତାରେ ବିଚାରମଣ୍ଡଳୀ ଭାବେ ଓଡ଼ିଆ ବକ୍ତୃତା ପାଇଁ ୩ ଜଣ, ତର୍କ ପାଇଁ ୩ ଜଣ, ଲିଖିତ ସାଧାରଣ ଜ୍ଞାନ ପାଇଁ ୩ ବିଚାରମଣ୍ଡଳୀଙ୍କୁ ମନୋନୀତ କରାଯାଇଥିଲା। ବ୍ଲକ୍ ଶିକ୍ଷା ଅଧିକାରୀ ରାଜବୋଡାସମ୍ବର, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଓ ତାଙ୍କର ସହକର୍ମଚାରୀ ମାନେ, ସ୍କୁଲର ପ୍ରଧାନଶିକ୍ଷକ ଶିକ୍ଷୟିତ୍ରୀ ମାନେ ସହଯୋଗ କରିଥିଲେ।

## ଗୌହାଟୀ ଆଇଆଇଟିରେ ପଦ୍ମପୁରର ସୁଶୀଳ



ଦହିତା,୬।୮ (ସମିସ): ବରଗଡ଼ ଜିଲ୍ଲା ପଦ୍ମପୁର ଅଞ୍ଚଳର ମେଧାବୀ ଛାତ୍ର ସୁଶୀଳ ମେହେର ପ୍ରଥମ ପ୍ରୟାସରେ ଗେଟ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଦେଶର ଅନ୍ୟତମ ଅଗ୍ରଣୀ ବୈଷୟିକ ଉଚ୍ଚ ଶିକ୍ଷାନୁଷ୍ଠାନ ଆଇଆଇଟି ଗୌହାଟୀରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସରେ ଏମ୍‌ଟେକ୍ ପାଠ୍ୟକ୍ରମରେ ଯୋଗ ଦେଇଛନ୍ତି। ପଦ୍ମପୁର ନିକଟ ଖଇରପାଲି ଗାଁ ବାସିନ୍ଦା ସୁଦାମ ଓରଫ ଭକ୍ତବନ୍ଧୁ ମେହେର ଓ ସୀତା ମେହେରଙ୍କ ସାନପୁଅ ହେଉଛନ୍ତି ସୁଶୀଳ। ତାଙ୍କ ସଫଳତାରେ ଗାଁ ଲୋକଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି।

## ପାଇକମାଳ ଉଚ୍ଚ ବିଦ୍ୟାଳୟରେ ରେଡ୍‌କ୍ରସ୍ ପ୍ରଶିକ୍ଷଣ

ପାଇକମାଳ,୬।୮ (ସମିସ): ପାଇକମାଳ ବ୍ଲକ୍ ପାଇକମାଳ ଉଚ୍ଚ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ଡ. ଦ୍ୱାଦଶ ପ୍ରଧାନଙ୍କ ଅଧ୍ୟକ୍ଷତାରେ ରେଡକ୍ରସ୍ ପ୍ରଶିକ୍ଷଣ ଅନୁଷ୍ଠିତ ହୋଇଯାଇଛି। ବ୍ଲକ୍ ସଂଯୋଜକ ଲୋକନାଥ ସାହୁ ଓ ବିଦ୍ୟାଳୟର କାଉନସିଲର ଆନନ୍ଦିନୀ ସେଠ ମଞ୍ଚାସୀନ ଅତିଥି ଭାବେ ଉପସ୍ଥିତ ଥିଲେ। ତ୍ରିଲୋଚନ ନାଏକ ଅତିଥି ପରିଚୟ ଦେଇଥିଲେ। ଜିଲ୍ଲା ରେଡକ୍ରସ ତରଫରୁ ଆୟୋଜିତ ପ୍ରଶିକ୍ଷଣରେ ଡିଲେଶ୍ୱର ସାହୁ ପ୍ରାଥମିକ ଚିକିତ୍ସାରେ ଦୁର୍ଘଟଣା ସମୟରେ କିପରି ତତ୍‌କ୍ଷଣାତ ଉଦ୍ଧାର କାର୍ଯ୍ୟ କରି ବହୁମୂଲ୍ୟ ଜୀବନ ରକ୍ଷା କରାଯାଇପାରିବ ସେ ବିଷୟରେ ଛାତ୍ରଛାତ୍ରୀଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ଏଥିରେ ୧୮୧ ଜଣ ଛାତ୍ରଛାତ୍ରୀ ପ୍ରଶିକ୍ଷଣ ନେଇଥିଲେ। ବବିତା ବେହେରା, ଜ୍ୟୋତିର୍ମୟୀ ପଟ୍ଟନାୟକ, ସୁଦାମ ପାଣ୍ଡେ, ଅମିତ ସାହୁ, ଲଳିତ ବିଶ୍ୱାଳ, ମଧୁସ୍ମିତା ବେହେରା, ନିରୂପମା ସାହୁ ପରିଚାଳନାରେ ସହଯୋଗ କରିଥିବା ବେଳେ ଅମିତ ସାହୁ ଧନ୍ୟବାଦ ଦେଇଥିଲେ।

## ରାଣା ପ୍ରତାପ ସ୍କୁଲରେ ସଂସ୍କୃତ ସପ୍ତାହ

ବରଗଡ଼,୬।୮ (ସମିସ): ରାଜ୍ୟର ସମସ୍ତ ବିଦ୍ୟାଳୟରେ ଚଳିତ ବର୍ଷ ଅଗଷ୍ଟ ୬ରୁ ୧୨ ତାରିଖ ପର୍ଯ୍ୟନ୍ତ ସଂସ୍କୃତ ସପ୍ତାହ ପାଳନ ନିମନ୍ତେ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ରହିଛି। ଏହି ଅବସରରେ ବରଗଡ଼ ରାଣା ପ୍ରତାପ ଉଚ୍ଚ ବିଦ୍ୟାଳୟରେ ସଂସ୍କୃତ ସପ୍ତାହର ଶୁଭାରମ୍ଭ ହୋଇଯାଇଛି। ସଂସ୍କୃତ ଶିକ୍ଷକ ଗୋପବନ୍ଧୁ ପୁରୋହିତଙ୍କ ସଂଯୋଜନାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରଧାନଶିକ୍ଷକ ସୁଦୀପ ରଥ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଶିକ୍ଷୟିତ୍ରୀ ଗୀତା ଜାଲ, ବବିତା ନାଏକ ଦୀପିକା କୁଲୁ ପ୍ରମୁଖ ଯୋଗ ଦେଇ ଏହି ସପ୍ତାହ ପାଳନର ମହତ୍ତ୍ୱ ବିଷୟରେ ବୁଝାଇଥିଲେ। ପ୍ରଥମ ଦିବସରେ ସମସ୍ତ ଛାତ୍ରଛାତ୍ରୀ ନିଜ ନିଜ ପରିଚୟ ସଂସ୍କୃତ ଭାଷାରେ ଦେଇଥିଲେ। ପ୍ରତିଦିନ ସଂସ୍କୃତ ଭାଷା ସମ୍ବନ୍ଧୀୟ କିଛି କିଛି କାର୍ଯ୍ୟକ୍ରମର ଆୟୋଜନ କରାଯାଇ ଆସନ୍ତା ୧୨ ତାରିଖ ଦିନ ଏହି ସପ୍ତାହର ଉଦ୍‌ଯାପନୀ ସମାରୋହ ହେବ।

## ରେଡ୍‌କ୍ରସ୍‌ର ଜିଲ୍ଲାସ୍ତରୀୟ ପ୍ରସ୍ତୁତି ବୈଠକ

ବରଗଡ଼,୬।୮ (ସମିସ): ବରଗଡ଼ ପଞ୍ଚାୟତ ମହାବିଦ୍ୟାଳୟରେ ରେଡକ୍ରସ୍‌ର ଜିଲ୍ଲାସ୍ତରୀୟ ପ୍ରସ୍ତୁତି ବୈଠକ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ଡ. ନକୁଳ ସେଠ୍‌ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପଦ୍ମପୁର ଅଞ୍ଚଳ କଲେଜର ଅଧ୍ୟକ୍ଷ ପ୍ରଫେସର ଖଗେଶ୍ୱର ଦାଶ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜଗବନ୍ଧୁ ଦାଶ ଡିଗ୍ରୀ ମହାବିଦ୍ୟାଳୟର ଚେୟାରମ୍ୟାନ୍ ଅନ୍ତର୍ଯ୍ୟାମୀ ପଣ୍ଡା, ପଞ୍ଚାୟତ ସମିତି ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଜୟକେତନ ତ୍ରିପାଠୀ ଏବଂ ବରପାଲି ମହାବିଦ୍ୟାଳୟର ଅଧ୍ୟକ୍ଷା ଜୟନ୍ତୀ ଦାଶ ଯୋଗ ଦେଇଥିଲେ। ସଭାରେ ଜିଲ୍ଲା ରେଡକ୍ରସ୍ ସଂଯୋଜକ ପ୍ରଫେସର ପରମାନନ୍ଦ ରଥ ଉପସ୍ଥିତ ଥିଲେ। ପ୍ରଶାସନିକ ଅଧିକାରୀ ପ୍ରଫେସର ଡ. ଉମେଶ ଚନ୍ଦ୍ର ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲା ବେଳେ ରେଡକ୍ରସ୍ ଅଧିକାରୀ ସମୀର ସେଠ୍ ସଭା ପରିଚାଳନା କରିଥିଲେ।

# ପେନ୍‌ସନ୍ ଓ ଚାକିରି ସର୍ତ୍ତାବଳୀ ଦାବିରେ ୬୬୨ ବର୍ଗ କଲେଜ ସଂଘର ସ୍ମାରକପତ୍ର

ବରଗଡ଼,୬।୮ (ସମିସ)



ପେନସନ ଓ ଚାକିରି ସର୍ତ୍ତାବଳୀ ଦାବିରେ ୬୬୨ ବର୍ଗ କଲେଜ ସଂଘ ଆନ୍ଦୋଳନକୁ ଓହ୍ଲାଇଛି। ବରଗଡ଼ ଜିଲ୍ଲା ୬୬୨ ବର୍ଗ ଅଧୀନ ମହାବିଦ୍ୟାଳୟ ଗୁଡିକର ଅଧ୍ୟାପକ ଓ କର୍ମଚାରୀ ମାନେ ଗାନ୍ଧୀ ଛକ ନିକଟରୁ ଏକ ଶୋଭାଯାତ୍ରାରେ ଆସି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ପ୍ରତିବାଦ ସଭା କରିଥିଲେ। ଏହାପରେ ପେନସନ ଓ ଚାକିରି ସର୍ତ୍ତାବଳୀ ସମ୍ବଳିତ ଦାବିପତ୍ରକୁ ଓଡ଼ିଶା ମୁଖ୍ୟମନ୍ତ୍ରୀ, ଭାରତର ପ୍ରଧାନମନ୍ତ୍ରୀ ଓ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲ୍ଲାପାଳ ମଧୁଛନ୍ଦା ସାହୁଙ୍କୁ ପ୍ରଦାନ କରାଯାଇଥିଲା। ଜିଲ୍ଲା ସଂଘର ସଭାପତି ଅଶୋକ ବେହେରା, ଉପସଭାପତି ଗୋପାଳକୃଷ୍ଣ ମିଶ୍ର, ସମ୍ପାଦକ ସୁଶାନ୍ତ ମିଶ୍ର, ସହସମ୍ପାଦକ ଜଗଦୀଶ ଦେବତା, କୋଷାଧ୍ୟକ୍ଷ ସୁରେଶ ପରିଡା, ଅଧ୍ୟାପକ ବିଜୟ ମିଶ୍ର, ତାରିଣୀ ଦେବତା, ପ୍ରଶାନ୍ତ ପଣ୍ଡା, ସରୋଜ ଦେବତା, ନମିତା ବିଶି, ରାଜଶ୍ରୀ ମିଶ୍ରଙ୍କ ସମେତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ବର୍ଗର କଲେଜଗୁଡିକ ଗ୍ରାମାଞ୍ଚଳରେ ଉଚ୍ଚଶିକ୍ଷାର ପ୍ରାୟ ୭୦ଭାଗ ଦାୟିତ୍ୱ ବହନ କରୁଥିବାବେଳେ ସରକାର ସବୁବେଳେ ଏମାନଙ୍କୁ ଉପେକ୍ଷା କରୁଥିବା ଅଭିଯୋଗ ହୋଇଛି। ପ୍ରତିବାଦ ସଭାରେ ସଂଘର କର୍ମକର୍ତ୍ତା କହିଛନ୍ତି ଯେ, ୩୦ ବର୍ଷ ପୂର୍ବରୁ ସ୍ଥାପିତ ହୋଇଥିବା ଏହି ମହାବିଦ୍ୟାଳୟ ଗୁଡିକ ପର୍ଯ୍ୟାୟକ୍ରମେ ଅନୁଦାନ ପରିସରଭୁକ୍ତ ହୋଇଛନ୍ତି। ମାତ୍ର ଏହି ବର୍ଗର କର୍ମଚାରୀଙ୍କୁ ସରକାର ଏପର୍ଯ୍ୟନ୍ତ ଚାକିରି ସର୍ତ୍ତାବଳୀ ଦେଇନାହାନ୍ତି କି ପେନସନ ପରିସରଭୁକ୍ତ କରି ନାହାନ୍ତି। ପେନ୍‌ସନ, ଗ୍ରାଚ୍ୟୁଇଟି ତଥା ସମସ୍ତ ପ୍ରକାର ଅବସରକାଳୀନ ସୁବିଧାରୁ ଏହି କର୍ମଚାରୀମାନେ ବଞ୍ଚିତ ରହୁଛନ୍ତି। ଫଳରେ ଅବସର ପରେ ମାତ୍ରାଧିକ ଯନ୍ତ୍ରଣା ଭୋଗ କରୁଛନ୍ତି। ଏ ନେଇ ସରକାରଙ୍କ ନିକଟରେ ବାରମ୍ବାର ଦାବି କରାଯାଉଥିଲେ ସୁଦ୍ଧା କୌଣସି ସୁଫଳ ମିଳି ପାରି ନାହିଁ। ରାଜ୍ୟରେ ନୂଆ ସରକାର ଆସିବାର ଏକ ବର୍ଷ ବିତିଛି। ହେଲେ ମଧ୍ୟ ସରକାର ନୂତନ ପେନ୍‌ସନ୍ ନୀତି ଘୋଷଣା କରିନାହାନ୍ତି। ନୂତନ ସରକାରଙ୍କୁ ସମ୍ମାନ ଜଣାଇ ସଂଘ ଏକବର୍ଷ ହେଲା ଆନ୍ଦୋଳନକୁ ସ୍ଥଗିତ ରଖି ସରକାରଙ୍କ ସହ ଆଲୋଚନା ପାଇଁ ପ୍ରୟାସ କରିଥିଲା। କିନ୍ତୁ ଫଳ ଓଲଟା ମିଳିଲା। ଏହାର ପ୍ରତିବାଦରେ ବାଧ ହୋଇ ସଂଘ ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ଦାବିପତ୍ର ପ୍ରଦାନ କରିଛି। ଯଦି ସରକାର ସଂଘ ସହିତ ଆଲୋଚନା କରି ସମାଧାନର ବାଟ ବାହାର ନ କରନ୍ତି ତା'ହେଲେ ଅଗଷ୍ଟ ୧୬ ତାରିଖରେ ଭୁବନେଶ୍ୱର ଲୋଅର ପିଏମ୍‌ଜିରେ ବିଶାଳ ସମାବେଶ କରିବ ବୋଲି କର୍ମକର୍ତ୍ତାମାନେ ସୂଚନା ଦେଇଛନ୍ତି।



## ଏସ୍‌ସିବିରେ ଯକୃତ ପ୍ରତିରୋପଣ ବନ୍ଦ: ଆଜି ହାଇକୋର୍ଟରେ ଶୁଣାଣି

# ୪ ମାସ ଅପେକ୍ଷା କରି ଆଖି ବୁଜିଥିଲେ ବ୍ରହ୍ମାନନ୍ଦ

କଟକ,୬।୮ (ସମିସ): ହାଇକୋର୍ଟରେ ଯକୃତ ପ୍ରତିରୋପଣ ବନ୍ଦ ରହିବାକୁ ନେଇ ମାମଲାର ଶୁଣାଣି ଚାଲିଛି। ହାଇକୋର୍ଟ ଏହି ପ୍ରସଙ୍ଗରେ ଉଦବେଗ ପ୍ରକାଶ କରିବା ସହିତ ସ୍ୱାସ୍ଥ୍ୟ ବିଭାଗ ଏବଂ ଡିଏମଇଟିଙ୍କୁ ପ୍ରଶ୍ନ କରିଛନ୍ତି। ଏସ୍‌ସିବି କର୍ତ୍ତୃପକ୍ଷଙ୍କୁ ମଧ୍ୟ ଯକୃତ ପ୍ରତିରୋପଣ ବନ୍ଦର କାରଣ ପଚରାଯାଇଛି। ଗତ ସପ୍ତାହରେ ଏସ୍‌ସିବି ଅଧୀକ୍ଷକ ଭିଡିଓ କନଫରେନ୍ସ ଜରିଆରେ ମତ ରଖିଛନ୍ତି। ସେ କହିଥିଲେ କି, କୌଣସି ରୋଗୀ ପ୍ରତିରୋପଣ ଅପେକ୍ଷାରେ ନାହାନ୍ତି କିମ୍ବା କାହାର ମ୍ୟାଚିଂ ଡୋନର୍ ମିଳିନାହାନ୍ତି। ମାତ୍ର ପ୍ରତିରୋପଣ ଅପେକ୍ଷାରେ ଥିବା ରୋଗୀଙ୍କ ତାଲିକାକୁ ନଜର ପକାଇଲେ ଏସସିବି ଅଧୀକ୍ଷକଙ୍କ ମତ ଭିନ୍ନଥିବା ଭଳି ମନେହେଉଛି। ଗତ ସେପ୍ଟେମ୍ବର ମାସରୁ ପ୍ରତିରୋପଣ ବନ୍ଦ ହେବା ପରେ ଅନେକ ରୋଗୀ ମୃତ୍ୟୁ ମୁଖରେ ପଡିଛନ୍ତି। ଚୌଦ୍ୱାର ଅଞ୍ଚଳର ବ୍ରହ୍ମାନନ୍ଦ ବେହେରା ଜଟିଳ ଯକୃତ ରୋଗରେ ପୀଡ଼ିତ ଥିଲେ। ଗତବର୍ଷ ନଭେମ୍ବରରେ ଏସ୍‌ସିବି ମେଡିକାଲ ଡାକ୍ତରୀ ଦଳ ଏବଂ ଏଆଇଜି ପକ୍ଷରୁ ଯକୃତ ପ୍ରତିରୋପଣ ନିମନ୍ତେ ତାଙ୍କୁ ସବୁଜ ସଙ୍କେତ ଦିଆଯାଇଥିଲା। ତାଙ୍କ ନାମ ପ୍ରତିରୋପଣ ଅପେକ୍ଷା ତାଲିକାର ୩ୟ ସ୍ଥାନରେ ଥିଲା। ମୃତ୍ୟୁ ସହ ସଂଘର୍ଷ କରୁଥିବା ବ୍ରହ୍ମାନନ୍ଦ ପୁର୍ନଜୀବନ ପାଇବେ ବୋଲି ଆଶା ବାନ୍ଧି ଥିଲେ। ହେଲେ ବଡ ମେଡିକାଲରେ ପ୍ରତିରୋପଣ ହଠାତ୍ ବନ୍ଦ ରହିଥିଲା। ସୁସ୍ଥ ହେବାର ଆଶାରେ ରହି ୪ମାସ ପରେ ଅର୍ଥାତ ଫେବୃୟାରୀରେ ବ୍ରହ୍ମାନନ୍ଦ ସବୁଦିନ ପାଇଁ ଆଖି ବୁଜିଥିଲେ। ତାଙ୍କ ପୁତୁରା ବିଶ୍ୱରଞ୍ଜନ ଅଭିଯୋଗରେ କହିଛନ୍ତି ଯେ, ଏସ୍‌ସିବି କର୍ତ୍ତୃପକ୍ଷଙ୍କ ଉପରେ ଭରସା କରିବା ଭୁଲ୍ ହୋଇ ଯାଇଥିଲା। ୮ମାସ ଧରି ଯନ୍ତ୍ରଣା ପାଇବା ପରେ ତାଙ୍କର ମୃତ୍ୟୁ ଘଟିଥିଲା। ଏସ୍‌ସିବିରେ ଯକୃତ ପ୍ରତିରୋପଣ ଜାରି ରହିଥିଲେ ପରିବାର ପାଇଁ ଏଭଳି ଦିନ ଦେଖିବାକୁ ମିଳିନଥାନ୍ତା ବୋଲି ବିଶ୍ୱରଞ୍ଜନ କହିଛନ୍ତି। ଏହି ଘଟଣାରେ ଏସ୍‌ସିବି କର୍ତ୍ତୃପକ୍ଷଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ।

### ଏଆଇଜି ସହିତ ସରିଥିଲା ଆଲୋଚନା; ପତ୍ନୀ ଦାନ କରିଥା'ନ୍ତେ ଯକୃତ

ଘଟଣାରୁ ପ୍ରକାଶ ଯେ ୫୨ବର୍ଷୀୟ ବ୍ରହ୍ମାନନ୍ଦଙ୍କ ଘର ଚୌଦ୍ୱାର ଆଗ୍ରାହାଟ ଅଞ୍ଚଳରେ। ଗତବର୍ଷ ସେ ଲିଭର ସିରୋସିସ୍‌ରେ ପୀଡ଼ିତ ଥିବା ଜଣାପଡ଼ିଥିଲା। ପରିବାର ଲୋକେ ତାଙ୍କୁ ତୁରନ୍ତ ଏସ୍‌ସିବିରେ ଭର୍ତ୍ତି କରିଥିଲେ। ଗତବର୍ଷ ଏପ୍ରିଲରେ ଏଠାରେ ଯକୃତ ପ୍ରତିରୋପଣ ଆରମ୍ଭ ହୋଇଥିବାରୁ ବ୍ରହ୍ମାନନ୍ଦ ସୁସ୍ଥ ହୋଇ ପାରିବେ ବୋଲି ପରିବାର ଲୋକଙ୍କ ଆଶା ରହିଥିଲା। ଏହିକ୍ରମରେ ଯକୃତ ପ୍ରତିରୋପଣ ନିମନ୍ତେ ବ୍ରହ୍ମାନନ୍ଦଙ୍କ ନାମ ପଞ୍ଜୀକରଣ ହୋଇଥିଲା। ତାଙ୍କ ପତ୍ନୀ ସ୍ମିତାଞ୍ଜଳି ବେହେରା ଯକୃତ ଦାନ ନିମନ୍ତେ ସମ୍ମତି ଜଣାଇଥିଲେ। ନଭେମ୍ବର ମାସରେ ବ୍ରହ୍ମାନନ୍ଦଙ୍କ ସମସ୍ତ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ସ୍କ୍ରିନିଂ ଶେଷ ହେବା ସହିତ ପତ୍ନୀ ସ୍ମିତାଞ୍ଜଳିଙ୍କ ମଧ୍ୟ ଆବଶ୍ୟକ ସ୍ୱାସ୍ଥ୍ୟ ପରୀକ୍ଷା ହୋଇଥିଲା। ହେଲେ ସେପ୍ଟେମ୍ବର ମାସ ପରେ ବଡ ମେଡିକାଲରେ ଆଉ ଯକୃତ ପ୍ରତିରୋପଣ କରାଗଲା ନାହିଁ। ଏହା ଭିତରେ ବ୍ରହ୍ମାନନ୍ଦଙ୍କ ପରିବାର ଲୋକେ ଏସ୍‌ସିବି କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଥିଲେ। ପୁଣି ଥରେ କେବେ ପ୍ରତିରୋପଣ କରାଯିବ ତାହାକୁ ଅପେକ୍ଷା କରି ରହିଥିଲେ। ମାତ୍ର ପ୍ରତିରୋପଣ ହୋଇ ନପାରିବାରୁ ଚଳିତବର୍ଷ ଫେବୃୟାରୀ ୧୭ ତାରିଖରେ ବ୍ରହ୍ମାନନ୍ଦଙ୍କ ମୃତ୍ୟୁ ଘଟିଥିଲା। କଣ୍ଟ୍ରାକ୍ଟର ଭାବେ କାର୍ଯ୍ୟ କରୁଥିବା ବ୍ରହ୍ମାନନ୍ଦଙ୍କ ପରିବାର କହିଲେ ପତ୍ନୀ ସ୍ମିତାଞ୍ଜଳି ଏବଂ ଝିଅ ଅନ୍ୱେଷା। ତାଙ୍କ ମୃତ୍ୟୁ ପରିବାର ପାଇଁ ଦାରୁଣ ଦୁଃଖ ଆଣି ଦେଇଛି। ବଡ ମେଡିକାଲରେ ପ୍ରତିରୋପଣ ଆଶାରେ ରହି ଏଭଳି ଅନେକ ରୋଗୀ ମୃତ୍ୟୁବରଣ କରି ସାରିଲେଣି ବୋଲି କୁହାଯାଉଛି।

# ଡିଜିଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର



କଟକ,୬।୮ (ସମିସ): ରାଜ୍ୟରେ ଆଇନଶୃଙ୍ଖଳା ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇ ସାରିଲାଣି। ବିଭିନ୍ନ ସ୍ଥାନରେ ନାରୀମାନେ ଅସୁରକ୍ଷିତ ମନେ କରୁଛନ୍ତି। ନାରୀ ସମାଜ ଉପରେ ନିର୍ଯାତନା ବଢ଼ି ଚାଲିଥିବା ଅଭିଯୋଗ ଉଠାଇ ଆଜି ବୀରେନ ମିତ୍ର ମହିଳା ମହାବିଦ୍ୟାଳୟର ଛାତ୍ରୀମାନେ ମଙ୍ଗଳାବାଗ ଥାନାଧିକାରୀଙ୍କୁ ଭେଟିଥିଲେ। ଡିଜିଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଛାତ୍ର ବିଜେଡିର ରାଜ୍ୟ ସାଧାରଣ ସମ୍ପାଦକ ଈଶ୍ୱର ମହାରଣାଙ୍କ ନେତୃତ୍ୱରେ ମହାବିଦ୍ୟାଳୟର ଛାତ୍ରୀ ଜୟଶ୍ରୀ ବାରିକ, ଯାଜ୍ଞସେନୀ ସାହୁ, ମାନସୀ ନାଥ, ବର୍ଷା ବେହେରା, ଜୟଶ୍ରୀ ବେହେରା, ସସ୍ମିତା ସାହୁ, ସାନିଆ ପରୱିନ ପ୍ରମୁଖ ଉପସ୍ଥିତ ଥିଲେ।

# ନ୍ୟୁ ଷ୍ଟିୱାର୍ଟ ସ୍କୁଲରେ ହିରୋସୀମା ଦିବସ



କଟକ,୬।୮ (ସମିସ): ମିଶନ ରୋଡ ସ୍ଥିତ ନ୍ୟୁ ଷ୍ଟିୱାର୍ଟ ସ୍କୁଲ ପରିସରରେ ବିଦ୍ୟାଳୟର ଅଧ୍ୟକ୍ଷ ରେଭେରେଣ୍ଡ ମୋଜେସ ମହାନ୍ତିଙ୍କ ଅଧ୍ୟକ୍ଷତାରେ ହିରୋସୀମା ଦିବସ ପାଳିତ ହୋଇଯାଇଛି। ଉକ୍ତ ଦିବସରେ ଅଧ୍ୟକ୍ଷ ପ୍ରାରମ୍ଭିକ ପ୍ରାର୍ଥନା କରିଥିଲେ ଓ ଶିକ୍ଷୟିତ୍ରୀ ଶବନମ ବାହାର ଏହି ଦିନରେ ଘଟିଥିବା କରାଳ ବିଭିଶିଖା ଓ ସମଗ୍ର ବିଶ୍ୱରେ ଶାନ୍ତି ପ୍ରତିଷ୍ଠା କରିବା ବିଷୟରେ ଆଲୋକପାତ କରିବା ସହିତ ଆଗକୁ ଏପରି ନ କରିବା ପାଇଁ ଛାତ୍ରଛାତ୍ରୀଙ୍କୁ ଶପଥ ପାଠ କରାଇଥିଲେ। ବିଦ୍ୟାଳୟର ସଂଯୋଜିକା ସୁମିତ୍ରା ପଣ୍ଡା, ଆକ୍ଟିଭିଟି ସଂଯୋଜକ ଆଲୋକ ପ୍ରକାଶ ସାହୁ, ବରିଷ୍ଠ ଶିକ୍ଷୟିତ୍ରୀ ଆଭା ବିଶ୍ୱାଳ, ସୁଲତା ବେହେରା, ସୁସ୍ମିତା ପାତ୍ର, ମିତ୍ରାବିନ୍ଦା ସାମନ୍ତରାୟ, ମର୍ସି ରାଉତ, ଶାରୀରିକ କ୍ରୀଡା ଶିକ୍ଷକ ଅମୂଲ୍ୟ ବେହେରା, ପ୍ରେମାଶିଷ ଜେନା ପ୍ରମୁଖ ପରିଚାଳନା କରିଥିଲେ। ଉକ୍ତ ଦିବସରେ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, କର୍ମଚାରୀ ତଥା ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

## ଶିଶୁଭବନରେ ଏଣିକି ଅନ୍‌ଲାଇନ୍ ଆଉଟ୍‌ଡୋର ଟିକଟ

କଟକ,୬।୮ (ସମିସ): ଶିଶୁଭବନରେ ରୋଗୀ ସମ୍ପର୍କୀୟଙ୍କୁ ଆଉଟଡୋର ଟିକଟ ପାଇଁ ଆଉ ଧାଡି ଲଗାଇବାକୁ ପଡିବ ନାହିଁ। ଏଠାରେ ଅନଲାଇନ୍ ଜରିଆରେ ଟିକଟ ବୁକିଂ ପ୍ରକ୍ରିୟା ଆରମ୍ଭ ହୋଇଛି। ଗତ ଦୁଇ ଦିନ ହେବ ପରୀକ୍ଷାମୂଳକ ଭାବେ ଅନଲାଇନ ଟିକଟ ବୁକିଂ ସାଇଟ ଖୋଲାଯାଇଥିଲା। ଏଥିରେ ୨୦ଜଣ ରୋଗୀ ଟିକଟ ବୁକିଂ କରିଥିଲେ। ପରେ ବୁଧବାର ଠାରୁ ଟିକଟ ବୁକିଂ ଅନଲାଇନ୍‌ରେ ଆରମ୍ଭ କରାଯାଇଛି ବୋଲି ଅଧୀକ୍ଷକ ପ୍ରଫେସର ଡାକ୍ତର ପ୍ରଭାକର ମିଶ୍ର ସୂଚନା ଦେଇଛନ୍ତି। ଶିଶୁଭବନର ନିଜସ୍ୱ ୱେବସାଇଟ୍‌ରେ ଟିକଟ ଉପଲବ୍ଧ କରାଯାଉଛି। ପ୍ରକାଶଥାଉକି, ପ୍ରତ୍ୟେକ ଦିନ ପ୍ରାୟ ୮୦୦ ରୋଗୀ ଆଉଟଡୋର ଟିକଟ ନିମନ୍ତେ ଲାଇନ ଲଗାନ୍ତି। ରାଜ୍ୟର ଏକମାତ୍ର ଶିଶୁରୋଗ ଚିକିତ୍ସା ପ୍ରତିଷ୍ଠାନ ଭାବେ ପରିଗଣିତ ଶିଶୁଭବନକୁ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଶିଶୁରୋଗୀ ଆସିଥାନ୍ତି। ତେବେ ଧାଡିରେ ଛିଡା ହୋଇ ଆଉ ସେମାନଙ୍କ ସମ୍ପର୍କୀୟଙ୍କୁ ଟିକଟ ନିମନ୍ତେ ହଇରାଣ ହେବାକୁ ପଡିବ ନାହିଁ।

## ବେକରେ ଲୁଗା ବାନ୍ଧି ଛାତ୍ରୀଙ୍କ ଆତ୍ମହତ୍ୟା

କଟକ,୬।୮ (ସମିସ): ଶିଖରପୁର ଅଞ୍ଚଳରେ ଜଣେ କଲେଜ ଛାତ୍ରୀ ବେକରେ ଲୁଗା ବାନ୍ଧି ଆତ୍ମହତ୍ୟା କରିଛନ୍ତି। ମୃତା ଛାତ୍ରୀ ଜଣକ ହେଲେ ପହଲି ଚରଣ ସ୍ୱାଇଁଙ୍କ ଝିଅ ପରମିତା ସ୍ୱାଇଁ ଓରଫ ଲିପି(୧୮)। ଖବରପାଇ ଚାଉଳିଆଗଞ୍ଜ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବକୁ ଜବତ କରିଛି। ପୁଲିସର ସୂଚନା ମୁତାବକ, ପହଲି ଗଞ୍ଜାମ ଜିଲା ଖପରାଗଣ୍ଡ ଗ୍ରାମର ମୂଳବାସିନ୍ଦା ହୋଇଥିଲେ ମଧ୍ୟ ସେ ଆଜକୁ ୩୫ ବର୍ଷରୁ ଅଧିକ ହେବ ଚାଉଳିଆଗଞ୍ଜ ଥାନା ଅନ୍ତର୍ଗତ ଶିଖରପୁର ନଦୀକୂଳ ସାହିରେ ଘରଭଡ଼ା ନେଇ ସପରିବାର ରହୁଛନ୍ତି। ତାଙ୍କର ତିନିଝିଅ ଓ ଦୁଇପୁଅ ଥିବା ବେଳେ ଲିପି ହେଉଛି ମଝିଆ। ଅପରାହ୍ଣ ୫ଟାରେ ତାଙ୍କ ମା ଲିପିକୁ ଡାକିଥିଲେ ମଧ୍ୟ ସେ କବାଟ ଖୋଲି ନ ଥିଲେ। କବାଟ ଭଙ୍ଗାଯିବା ପରେ ଏକ ଫ୍ୟାନ୍‌ରେ ବେକରେ ଲୁଗାଦେଇ ଦେଇ ଲିପି ଝୁଲିଥିବା ଦେଖିବାକୁ ମିଳିଥିଲା। ଘଟଣା ପଛରେ ପ୍ରେମଜନିତ କାରଣ ଥାଇପାରେ ବୋଲି ପୁଲିସ ସନ୍ଦେହ କରି ତଦନ୍ତକୁ ତ୍ୱରାନ୍ୱିତ କରିଛି।

## ହିରୋସୀମା ଦିବସ ପାଳିତ




କଟକ,୬।୮ (ସମିସ): ବୁଧବାର ସନ୍ଧ୍ୟାରେ ଇସ୍କଫ ପକ୍ଷରୁ ବାଦାମବାଡି ଶିକ୍ଷା ସମୃଦ୍ଧି ହଲରେ ହିରୋସୀମା ଦିବସ ଅନୁଷ୍ଠିତ ହୋଇଛି। କ୍ଷୀରୋଦ କୁମାର ବିଶ୍ୱାଳଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଇସକଫ ସାଧାରଣ ସମ୍ପାଦକ ବିଜୟ କୁମାର ପଢିହାରୀ, କିଶୋର ଜେନା, ଭିକାରୀ ଦାସ, ସୁଶାନ୍ତ ମହାପାତ୍ର, ସୁବାସ ବୋଷ ପ୍ରମୁଖ ଆମେ ଯୁଦ୍ଧ ନୁହେଁ ଶାନ୍ତି ଚାହୁଁ ବୋଲି କହିଥିଲେ। ପରମାଣୁ ବୋମା ପରୀକ୍ଷଣ ବନ୍ଦ କରିବାକୁ ସମସ୍ତ ଅତିଥିମାନେ ମତବ୍ୟକ୍ତ କରିଥିଲେ।

# ପ୍ଲାଷ୍ଟିକ ବ୍ୟାଗ୍‌ରୁ ମିଳିଲା ନବଜାତକ

କଟକ,୬।୮ (ସମିସ): କଟକ ରେଳ ଷ୍ଟେସନର ରେଳ ଧାରଣା ପାଶ୍ୱର୍ରୁ ଜଣେ ନବଜାତ ଶିଶୁର ମୃତଦେହ ଜବତ ହୋଇଛି। ଏକ ପ୍ଲାଷ୍ଟିକ ବ୍ୟାଗରେ ମୃତ ଶିଶୁର ଶବ ରଖାଯାଇଥିଲା। ଏହାକୁ ଆରପିଏଫ୍ ଉଦ୍ଧାର କରି କଟକ ବଡ଼ ଡାକ୍ତରଖାନାକୁ ପଠାଇଛି। ସୂଚନା ଅନୁଯାୟୀ, ବୁଧବାର ରାତି ପ୍ରାୟ ୯ଟା ୩୦ ବେଳେ ଆରପିଏଫ୍ ପୁଲିସ ପାଟ୍ରୋଲିଂ କରୁଥିଲା। ଏହି ସମୟରେ ମାଲଗୋଦାମ ଓଭର ତଳେ ରେଳ ଧାରଣା ପାଶ୍ୱର୍ରେ ଏକ ଧଳା ରଙ୍ଗର ଜରି ବ୍ୟାଗ ରଖାଯାଇଥିବା ଦେଖିବାକୁ ମିଳିଥିଲା। ଏହି ବ୍ୟାଗରେ ଏକ ନବଜାତ ଶିଶୁପୁତ୍ର ଥିବା ଦେଖିବା ପରେ ତୁରନ୍ତ ତାକୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। କିନ୍ତୁ ସେଠାରେ ଡାକ୍ତର ମୃତ ଘୋଷଣା କରିଛନ୍ତି। ତେବେ ସେଠାରେ ସିସି କ୍ୟାମେରା ନଥିବାରୁ କିଏ ଏହି ବ୍ୟାଗ ଛାଡ଼ିଦେଇ ଯାଇଛି, ସେ ସମ୍ପର୍କରେ କୌଣସି ସୂଚନା ମିଳି ପାରିନାହିଁ।

# ମେଗା ଆୟୁର୍ବେଦ ସମ୍ମିଳନୀ 'ଚରକାୟତନ' ଉଦ୍‌ଯାପିତ



କଟକ,୬।୮ (ସମିସ): ୫ ଜୁଲାଇ ସ୍ଥାନୀୟ ନରାଜସ୍ଥିତ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ପରିସରରେ ସପ୍ତାହବ୍ୟାପୀ ଆୟୋଜିତ ହୋଇଥିବା ଅନ୍ତର୍ଜାତୀୟ ଆୟୁର୍ବେଦ କାର୍ଯ୍ୟକ୍ରମ "ଚରକାୟତନ' ଉଦଯାପିତ ହୋଇଯାଇଛି। ପ୍ରାୟ ୧୫୦ରୁ ଊର୍ଦ୍ଧ୍ୱ ବିଦ୍ୟାର୍ଥୀ ଓ ଶିକ୍ଷାନବୀଶଙ୍କୁ ନେଇ ଚାଲିଥିବା ଏହି କାର୍ଯ୍ୟକ୍ରମ ପ୍ରକୃତ ପକ୍ଷରେ ଆୟୁର୍ବେଦର ପୁନଃଜାଗରଣ ଉଦ୍ଦେଶ୍ୟରେ ଅନୁଷ୍ଠିତ ହୋଇଥିଲା। ଭାରତ ସରକାରଙ୍କ ଆୟୁଷ ମନ୍ତ୍ରାଳୟ ପକ୍ଷରୁ ରାଷ୍ଟ୍ରୀୟ ଆୟୁର୍ବେଦ ବିଦ୍ୟାପୀଠ ଆନୁକୂଲ୍ୟରେ ଆୟୋଜିତ ଚରକାୟତନ ସମ୍ମିଳନୀର ଉଦଯାପନୀ ଉତ୍ସବରେ ରାଷ୍ଟ୍ରୀୟ ଆୟୁର୍ବେଦ ବିଦ୍ୟାପୀଠ କାର୍ଯ୍ୟକ୍ରମ ପରିଚାଳିକା ଡ. ରିୟା ଗୋୟଲ ସାମ୍ପ୍ରତିକ ସମୟରେ ଏହାର ପ୍ରାସଙ୍ଗିକତା ସମ୍ପର୍କରେ ସୂଚନା ଦେଇଥିଲେ। ବିଦ୍ୟାପୀଠର ଗୁରୁ ପ୍ରଫେସର ଉପେନ୍ଦ୍ର ଦୀକ୍ଷିତ ଏବଂ ପ୍ରଫେସର ସଞ୍ଜୟ କାଡ଼ିମାଟି କେଉଁ ପରିପ୍ରେକ୍ଷୀରେ ଚରକାୟତନ ଆୟୋଜନ କରାଗଲା, ତାହା ବର୍ଣ୍ଣନା କରିଥିଲେ। ଉଦଯାପନୀ ଉତ୍ସବରେ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ତେଜପ୍ରତାପ ଆୟୁର୍ବେଦର ପ୍ରଚାର ଓ ପ୍ରସାର ନିମନ୍ତେ ଅବିରତ କାର୍ଯ୍ୟ କରୁଥିବାରୁ କାର୍ମିକ ନିର୍ଦ୍ଦେଶକ ସ୍ୱାମୀ ସତ୍ୟଚୈତନ୍ୟ, କାର୍ଯ୍ୟନିର୍ବାହୀ କୁଳସଚିବ ପ୍ରଫେସର ଅନିଲ କୁମାର ଶର୍ମା ଓ ବିଭାଗୀୟ ଡିନ୍ ଡ. ପ୍ରଦୀପ କୁମାର ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସେହିପରି ଡେପୁଟି ଡିନ୍ ପ୍ରଫେସର ଦୁର୍ଗାପ୍ରସାଦ ଦାଶ, ବୈଦ୍ୟ ଡ. ଉପେନ୍ଦ୍ର ଦୀକ୍ଷିତ, ପ୍ରଫେସର ସଞ୍ଜୟ କାଟିମାଟି, ଡ. କ୍ଷୀରାବ୍ଧୀ, ଡ. ଅଖିଳେଶ କର, ଡ. ଲୋପାମୁଦ୍ରା ଦାଶ ପ୍ରମୁଖଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ଆୟୋଜକ କମିଟି ପକ୍ଷରୁ ଡ. ରିୟା ଗୋୟଲ, ଡ. ହିମାଂଶୁ କୌଶିକ, ଡ. ସଂଗ୍ରାମ ଭରଦ୍ୱାଜ, ଶ୍ରୀ କୁଳଦୀପ, ଡ. ଶିବପ୍ରସାଦ ମହାନ୍ତି, ଡ. ଦେବାଶିଷ ଶତପଥୀ, ଡ. ଦେବୀକା ଶ୍ରୀନିବାସନ, ଡ. ନିଖିଳ କୌଶିକ, ଡ. ସୋନମ ଅଗ୍ରୱାଲ, ଡ. ମୋନିକା ତିୱାରୀ, ପ୍ରଫେସର ଆର୍. ଏନ୍. ଶତପଥୀ, ପ୍ରଫେସର ରମାକାନ୍ତ ରଥ, ପ୍ରଫେସର ଅଭୟ ମିଶ୍ର, ଡ. ପଲ୍ଲବୀ ମହାନ୍ତ, ଡ. ରଞ୍ଜିତା, ଡ. ଦେବାଶିଷ ଦାସ, ଡ. ପ୍ରିୟାଂଶୁ ତ୍ରିପାଠୀ, ଡ. ସତ୍ୟସୁନ୍ଦର ମିତ୍ର, ଡ.ଅକ୍ଷୟ କୁମାର, କୌଶିକ କାପୁରିଆ, ସୌରଭ ବାୱେଜା, ଗୋପସୁନ୍ଦର ବେହେରା, ପ୍ରୀତମ ଦାସ, ଦେବପ୍ରିୟ ମିତ୍ର, ଆଦିତ୍ୟ ଦଳେଇ, ଶ୍ୟାମସୁନ୍ଦର ନାୟକ, କେଦାର ବେହେରା ଓ ଆକାଶ ସାମନ୍ତରାୟ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉଦଯାପନୀ ଉତ୍ସବରେ ସଭାପତି ଭାବରେ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ତେଜପ୍ରତାପ ଯୋଗଦେଇଥିବା ବେଳେ କୁଳସଚିବ ଅନିଲ କୁମାର ଶର୍ମା ମୁଖ୍ୟବକ୍ତା ଏବଂ ବିଭାଗୀୟ ଡିନ୍ ପ୍ରଫେସର ପ୍ରଦୀପ କୁମାର ପଣ୍ଡା ସମ୍ମାନୀୟ ଅତିଥି ଭାବରେ ଯୋଗ ଦେଇଥିଲେ। ଡେପୁଟି ଡିନ୍ ପ୍ରଫେସର ଦୁର୍ଗା ପ୍ରସାଦ ଦାଶ ଅତିଥିଙ୍କୁ ସ୍ୱାଗତ କରିଥିଲେ। ସଂହିତା ବିଭାଗ ମୁଖ୍ୟ ପ୍ରଫେସର କେଟି ରାଉତରାୟ ଧନ୍ୟବାଦ ଦେଇଥିବା ବେଳେ ଡାକ୍ତର ଦେବୀକା ଶ୍ରୀନିବାସନ ଏବଂ ଡାକ୍ତର ମୀରା ପାଣିଗ୍ରାହୀ ମଞ୍ଚ ପରିଚାଳନା କରିଥିଲେ।

## ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ପଣ୍ଡିତ ନୀଳକଣ୍ଠ ଦାସଙ୍କ ଜୟନ୍ତୀ



କଟକ,୬।୮ (ସମିସ): ଓଡ଼ିଶାର ଶତାୟୁ ସାରସ୍ୱତ ଅନୁଷ୍ଠାନ 'ଉତ୍କଳ ସାହିତ୍ୟ ସମାଜ' ପକ୍ଷରୁ ୫ ତାରିଖ ମଙ୍ଗଳବାର ପୂର୍ବାହ୍ନରେ ପଣ୍ଡିତ ନୀଳକଣ୍ଠ ଦାସଙ୍କ ଜୟନ୍ତୀ ଅନୁଷ୍ଠାନ ପରିସରରେ ପାଳିତ ହୋଇଥିଲା। ଅନୁଷ୍ଠାନର ସଭାପତି ଡକ୍ଟର ଗୋବିନ୍ଦଚନ୍ଦ୍ର ଚାନ୍ଦ ପ୍ରାରମ୍ଭିକ ସୂଚନା ଦେବା ପରେ ସଂଗଠନ ସଂପାଦକ ଡକ୍ଟର ସୁନାମଣି ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଜୟନ୍ତୀ ସଭାରେ ଅନୁଷ୍ଠାନର ସାଧାରଣ ସଂପାଦକ ପ୍ରାଧ୍ୟାପକ ଆଦିତ୍ୟ ପ୍ରତାପ ଧଳ, କାର୍ଯ୍ୟନିର୍ବାହିକା ସମିତି ସଦସ୍ୟ ବ୍ରହ୍ମାନନ୍ଦ ମହାନ୍ତି, ରାଧାଶ୍ୟାମ ରାଉଳ, ସରୋଜିନୀ ମିଶ୍ରଙ୍କ ସମେତ ଦିବ୍ୟଜ୍ୟୋତି ପାଣି, ଅଜିତ୍ କୁମାର ମହାପାତ୍ର, ଭୁବନାନନ୍ଦ ମହାନ୍ତି, ମନୋରଞ୍ଜନ ମହାପାତ୍ର, ରାଜୀବ ଷଡ଼ଙ୍ଗୀ, ମୈତ୍ରୀଭୂଷଣ ଖୁଣ୍ଟିଆ, ଗୌତମ ଚନ୍ଦ୍ର କର, ଲକ୍ଷ୍ମୀପ୍ରସାଦ ଆଚାର୍ଯ୍ୟ, ଅଧ୍ୟାପକ କିଶୋର ଚନ୍ଦ୍ର ଦାସ, ମନୋରଞ୍ଜନ ବେହୁରା, ପ୍ରଭାତ ଦାସ ଜଣେ ଶିକ୍ଷାବିତ୍, ଦାର୍ଶନିକ, ସାରସ୍ୱତ ସାଧକ, ଜନସେବକ, ବାଚସ୍ପତି, ସଂପାଦକ ଭାବେ ନିଜକୁ ପ୍ରତିପାଦିତ କରିଥିବା ପଣ୍ଡିତ ନୀଳକଣ୍ଠଙ୍କ ସାଧନାମୟ ଜୀବନ ଓ ସୃଜନଶୀଳ ପ୍ରତିଭାର ବିଭିନ୍ନ ଦିଗ ସଂପର୍କରେ ଆଲୋକପାତ କରିଥିଲେ। ପାଠାଗାର ସଂପାଦକ ବ୍ରହ୍ମାନନ୍ଦ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ। ଆରମ୍ଭରେ ପଣ୍ଡିତ ନୀଳକଣ୍ଠ ଓ ଅନ୍ୟ ବରପୁତ୍ରଙ୍କ ପ୍ରତିକୃତିରେ ମାଲ୍ୟାର୍ପଣ କରାଯାଇଥିଲା।

# କଟକ ନଗର କଂଗ୍ରେସ ପକ୍ଷରୁ ସାଂଗଠନିକ ବୈଠକ




କଟକ,୬।୮ (ସମିସ): ଆଜି କଟକ ନଗର କଂଗ୍ରେସ କମିଟିର ଏକ ସାଂଗଠନିକ ବୈଠକ ସ୍ଥାନୀୟ ସେଲଟର ଛକସ୍ଥିତ କଂଗ୍ରେସ କାର୍ଯ୍ୟାଳୟଠାରେ ବରିଷ୍ଠ କଂଗ୍ରେସ ନେତା ଙ୍କ ମହମ୍ମଦ ମୋକିମଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। କଂଗ୍ରେସ ସଂଗଠନକୁ ଜୋରଦାର ଓ କ୍ରିୟାଶୀଳ ସଂଗଠନରେ ପରିଣତ କରିବା ସହ ଯୁବ କଂଗ୍ରେସ, ମହିଳା କଂଗ୍ରେସ ଓ ଛାତ୍ର କଂଗ୍ରେସ କର୍ମୀମାନେ ଆଗାମୀ ଦିନରେ କଟକ ସହରରେ ଦୃଢ ଭାବେ କାର୍ଯ୍ୟ କରିବାକୁ ପାଇଁ ଶ୍ରୀ ମୋକିମ ପରାମର୍ଶ ଦେଇଥିଲେ। ଏହି ଅବସରରେ ଆଗାମୀ ଅଗଷ୍ଟ ୮ ତାରିଖରେ ବଳଙ୍ଗା ନାବାଳିକା ପୋଡି ଘଟଣାରେ ୩ ଦୁର୍ବୃତ୍ତଙ୍କ ଗିରଫ ଦାବିରେ ଓଡିଶା ପ୍ରଦେଶ କଂଗ୍ରେସ ପକ୍ଷରୁ ପୁଲିସ ଡିଜି କାର୍ଯ୍ୟାଳୟ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଧାରଣାରେ କଟକ ସହରରୁ କିପରି ଅଧିକରୁ ଅଧିକ ଜନସାଧାରଣ ଯୋଗଦେବେ ସେଥିପାଇଁ ନେତୃବୃନ୍ଦ ଆଲୋଚନା କରିଥିଲେ। ନଗର କଂଗ୍ରେସ ପୂର୍ବତନ ସଭାପତି ଗିରିବାଳା ବେହେରା ଡିଜି ଅଫିସ ସମ୍ମୁଖରେ ହେବାକୁ ଥିବା କାର୍ଯ୍ୟକ୍ରମ ସଫଳ କରିବାକୁ କହିଥିଲେ। ପୂର୍ବତନ ନଗର ମହିଳା କଂଗ୍ରେସ ସଭାନେତ୍ରୀ ଶୈଳବାଳା ଜେନା କଟକ ସହରରେ ମହିଳା ସଂଗଠନ କିପରି ଆହୁରି ସୁଦୃଢ ହେବ ସେଥିପାଇଁ ସମସ୍ତ ମହିଳାମାନେ କାମ କରିବା ପାଇଁ କହିଥିଲେ। ବରିଷ୍ଠ କଂଗ୍ରେସ ନେତା ନିକୁଞ୍ଜ ପଶାୟତ, ବିଶ୍ୱଜିତ ଦାସ, ମଜୀଦ ଖାନ, ଅନିଲ ବେଉରା, କିଶୋର କର, କର୍ପୋରେଟର ତଥା କଟକ ମହାନଗର ନିଗମ ବିରୋଧୀ ଦଳ ନେତା ସନ୍ତୋଷ ଭୋଳ, କେ କାମେଶ୍ୱର ରାଓ, ବଟକୃଷ୍ଣ ସାହୁ, ଭାନୁ ସେନାପତି, ପୂର୍ବତନ କର୍ପୋରେଟର କେଦାର ପୃଷ୍ଟି ପ୍ରମୁଖ ବହୁ କଂଗ୍ରେସ କର୍ମୀ ଯୋଗ ଦେଇଥିଲେ।

### ମାଲବାହୀ ଗାଡ଼ିରେ ବେଧଡ଼କ ଯାତ୍ରୀ ପରିବହନ

# ଯାଞ୍ଚ କଡ଼ାକଡ଼ି ପାଇଁ ଆର୍‌ଟିଓଙ୍କୁ ନିର୍ଦ୍ଦେଶ

କଟକ, ୬।୮ (ସମିସ): ଅନେକ ସମୟରେ ମାଲବାହୀ ଗାଡି ଗୁଡିକ ଦୁର୍ଘଟଣାର ଶିକାର ହେଉଥିଲା ବେଳେ ଏଥିଲାଗି ମୁଖ୍ୟତଃ ଓଭରଲୋଡ ଏକ ପ୍ରମୁଖ କାରଣ ହୋଇଥାଏ। ତେବେ ମାଲବାହୀ ଗାଡି ଗୁଡିକରେ ବେଆଇନ ଭାବେ ଯାତ୍ରୀ ପରିବହନ ହେଉଥିବା ନେଇ ଏବେ ପରିବହନ ବିଭାଗର ଚିନ୍ତା ବଢିଛି। ଏହାଉପରେ ନଜର ରଖିବା ସହିତ ଏଗୁଡିକୁ କଡାକଡି ଯାଞ୍ଚ କରିବା ପାଇଁ ରାଜ୍ୟ ପରିବହନ ପ୍ରାଧିକରଣ ପକ୍ଷରୁ ସବୁ ଆରଟିଓଙ୍କୁ ନିର୍ଦ୍ଦେଶ ଦିଆଯିବା ପରେ ଏଥିପାଇଁ ପ୍ରକ୍ରିୟା ଆରମ୍ଭ ହୋଇଥିବା ଜଣାପଡିଛି। ମାଲବାହୀ ଗାଡି ଗୁଡିକରେ ଯାତ୍ରୀ ପରିବହନ କରାଯିବା ଆଇନ ସମ୍ମତ ହୋଇ ନଥିବା ସତ୍ତ୍ୱେ ବହୁ ସଂଖ୍ୟାରେ ବିଭିନ୍ନ ଶ୍ରମ କାର୍ଯ୍ୟରେ ନିୟୋଜିତ ଶ୍ରମିକ ମାନଙ୍କୁ ଠିକାଦାରମାନେ ପରିବହନ କରିଆସୁଛନ୍ତି। ଗୋଟିଏ ଗୋଟିଏ ପିକଅପ ଗାଡିରେ ୨୦ରୁ ୩୦ ଶ୍ରମିକ ୨୦ରୁ ୧୦୦କିଲୋମିଟର ପର୍ଯ୍ୟନ୍ତ ଯାତ୍ରା କରୁଥିବା ଦେଖିବାକୁ ମିଳୁଛି। ଏଥିପାଇଁ ଅନେକ ସମୟରେ ଗାଡି ଓଲଟି ଦୁର୍ଘଟଣା ଘଟୁଛି। ଆରଟିଓମାନେ ସେମାନଙ୍କ ଦ୍ୱାରା ଗଠିତ ସ୍କ୍ୱାଡ ସାହାଯ୍ୟରେ ଏହି ଗାଡିଗୁଡିକର ଯାଞ୍ଚ କରିବା ପାଇଁ କୁହାଯାଇଛି। ଏପରିକି କେତେକ କ୍ଷେତ୍ରରେ ଗାଡି ଗୁଡିକ ଉପରେ ଯାବତୀୟ ସରଞ୍ଜାମ ସହିତ ଶ୍ରମିକ ମାନେ ବି ବସି କରି ଯାଉଥିବା ପରିଲକ୍ଷିତ ହୋଇଛି। ନୂତନ ମୋଟର ଯାନ ନିୟମ ଅନୁସାରେ ଜରିମାନା ରାଶି ମଧ୍ୟ ବଢିଛି। ଏହି ଅନୁସାରେ ଜରିମାନା ଆଦାୟ କରାଯାଉଛି। ଭୁବନେଶ୍ୱର-ଚଣ୍ଡୀଖୋଲ, କଟକ-ପାରାଦୀପ ଆଦି ଜାତୀୟ ରାଜପଥ ଦୁର୍ଘଟଣା ପ୍ରବଣ ହୋଇଥିଲା ବେଳେ ଏହି ରାସ୍ତାରେ ବିଗତ ଦିନରେ ଅନେକ ମାଲବାହୀ ଗାଡି ଦୁର୍ଘଟଣାଗ୍ରସ୍ତ ହେବାର ନଜିର ରହିଛି।

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ଅର୍ଜୁନ ଚରଣ କୁଣ୍ଡୁ
(ପୂର୍ବତନ ପ୍ରଧାନଶିକ୍ଷକ)
ଗ୍ରାମ - ସୋଧ , ଦୋବଲ ,ଧାମନଗର, ଭଦ୍ରକ
ଆବିର୍ଭାବ - ୧୧.୦୩.୧୯୪୮
ତିରୋଧାନ -୨୮,୦୭,୨୦୨୫
ବାପା , ଆପଣଙ୍କ ଅବର୍ତ୍ତମାନରେ ଆଜିକୁ ଏଗାର ଦିନ ହୋଇ। ଆପଣଙ୍କ ଅନୁପସ୍ଥିତିକୁ ପ୍ରତି ମୁହୂର୍ତ୍ତ ରେ ଆମ୍ଭେମାନେ ଅନୁଭବ କରୁଛୁ । ଆପଣଙ୍କ ସ୍ନେହ, ଶ୍ରଦ୍ଧା, ଭଲ ପାଇବା ପ୍ରତ୍ୟେକ ମୁହୂର୍ତ୍ତରେ ମନେପଡୁଛି, ମହାପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ ଆପଣଙ୍କ ଅମର ଆତ୍ମା ସଦଗତି ହେଉ।
"ଇତି: ଆପଣଙ୍କର ହତଭାଗ୍ୟ ପୁତ୍ର ହିମାଂଶୁ ଶେଖର କୁଣ୍ଡୁ , ଶୁଭ୍ରାଂଶୁ ଶେଖର କୁଣ୍ଡୁ, ସିତାଂସୁ ଶେଖର କୁଣ୍ଡୁ , ବନ୍ଧୁବାନ୍ଧବ ଆତ୍ମୀୟ ସ୍ୱଜନ ଓ କୁଣ୍ଡୁ ପରିବାର ବର୍ଗ

# ଆୟପ୍ପା ମନ୍ଦିରରୁ ଚୋରି

ଉମରକୋଟ, ୬।୮ (ସମିସ): ଆୟପ୍ପା ମନ୍ଦିରରୁ ଚୋରି । ଉମରକୋଟ ପୌରାଞ୍ଚଳ ଅଧୀନ ୮ ନମ୍ବର୍ ୱାର୍ଡ ଡଙ୍ଗରି ସାହିରେ ଥିବା ଆୟାପା ମନ୍ଦିରରୁ ଗତ ରାତିରେ ବଡ଼ଧରଣର ଚୋରି ହେଇଛି । ମନ୍ଦିରରେ ଥିବା ସମସ୍ତ ଜିନିଷକୁ ଦୁର୍ବୃତ୍ତମାନେ ଚୋରାଇ ନେଇଥିବା ଥାନାରେ ଅଭିଯୋଗ ହୋଇଛି । ଆୟାପା ସେବା ସଂଘର ସଭାପତି ନଳିନୀ ରଞ୍ଜନ ମିଶ୍ର ଉମରକୋଟ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ପକ୍ଷରୁ ଚୋରଙ୍କୁ ଧରିବା ପାଇଁ ତତ୍ପରତା ପ୍ରକାଶ କରିଛି । ମନ୍ଦିରରୁ ୧ କିଲୋ ରୁପା, ପିତଳ ୩ କ୍ୱିଣ୍ଟାଲ , ବଡ ବ୍ୟାଟେରି, ମାଇକ୍‌ସେଟ, ସମରସିବଲ ପାଣି ମୋଟର ସହ ବହୁତ୍ ଜିନିଷ ଚୋରି ହେଇଥିବା ଏତଲାରେ ଦର୍ଶାଯାଇଛି । ଚୋରି ସାମଗ୍ରୀର ମୂଲ୍ୟ ୬ ଲକ୍ଷ ଟଙ୍କାରୁ ଅଧିକ ହେଇଥିବା ଅନୁମାନ କରାଯାଉଛି । ଆଜି ନବରଙ୍ଗପୁରରୁ ପୁଲିସ ସାଇଣ୍ଟିଫିକ ଟିମ୍ ଓ ଅନୁସଂଧାନୀ କୁକୁର ମନ୍ଦିରରେ ପହଞ୍ଚି ତଦନ୍ତ କରିଥିଲା । ଅପର ପକ୍ଷରେ ଉମରକୋଟରେ ଥିବା ସମସ୍ତ କଂସାବାସନ ଦୋକାନ ସହ ବିଭିନ୍ନ କବାଡି ଦୋକାନ ଗୁଡିକୁ ମନ୍ଦିର କମିଟି ପକ୍ଷରୁ ଚୋରି ହେଇଥିବା କଥା ସୂଚନା ପ୍ରଦାନ କରାଯିବ ସହ କେହି ଯଦି ଚୋରି ହେଇଥିବା ସାମଗ୍ରୀ ବିକ୍ରୀ ପାଇଁ ଆଣେ ତୁରନ୍ତ କମିଟିକୁ ଜଣାଇବା ପାଇଁ ଅନୁରୋଧ କରାଯାଇଛି ।

● ଲାଞ୍ଚ ନେବା ଘଟଣା

# ଜେଲ୍ ଗଲେ ବିଇଓ ଅଫିସ କିରାଣୀ

କୋରାପୁଟ, ୬।୮ (ସମିସ): ମୃତ ଶିକ୍ଷକଙ୍କ ପେନ୍‌ସନ ସମେତ ଅନ୍ୟାନ୍ୟ ପ୍ରାପ୍ୟ କରାଇବାକୁ ମଙ୍ଗଳବାର ସନ୍ଧ୍ୟାରେ ୧୫ ହଜାର ଟଙ୍କା ଲାଞ୍ଚ ନେବାବେଳେ ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଥିବ ନନ୍ଦପୁର ବ୍ଲକ ଶିକ୍ଷା ଅଧିକାରୀ କାର୍ଯ୍ୟାଳୟର କନିଷ୍ଠ କିରାଣୀ ସମ୍ବିତ ତ୍ରିପାଠୀଙ୍କୁ



ଜେଲ୍ ହାଜତକୁ ପଠାଇ ଦିଆଯାଇଛି । ମଙ୍ଗଳବାର ସନ୍ଧ୍ୟାରେ ସେମିଳିଗୁଡା ବସ୍‌ଷ୍ଟାଣ୍ଡ ନିକଟରେ ଲାଞ୍ଚ ଟଙ୍କା ନେଉଥିବା ବେଳେ ଧରା ପଡ଼ିଥିଲେ । ୨୦୧୯ ରେ ମୃତ୍ୟୁବରଣ କରିଥିବା ଜଣେ ପ୍ରାଥମିକ ସ୍କୁଲ ଶିକ୍ଷକଙ୍କ ବକେୟା ଦରମା, ରିଭିଜନ ପେନସନ ଏବଂ ଅନ୍ୟାନ୍ୟ ପ୍ରାପ୍ୟ କରାଇ ଦେବା ନିମନ୍ତେ ଶ୍ରୀ ତ୍ରିପାଠୀ ମୃତ ଶିକ୍ଷକଙ୍କ ପତ୍ନୀଙ୍କୁ ୩୦ ହଜାର ଟଙ୍କା ଲାଞ୍ଚ ମାଗିଥିଲେ । ମୃତ ଶିକ୍ଷକଙ୍କ ପତ୍ନୀ ଏ ସମ୍ପର୍କରେ ଭିଜିଲାନ୍ସର ଦ୍ୱାରସ୍ଥ ହେବା ପରେ ଶ୍ରୀ ତ୍ରିପାଠୀଙ୍କୁ ଧରିବା ପାଇଁ ଯୋଜନା ପ୍ରସ୍ତୁତ ହୋଇଥିଲା । ଭିଜିଲାନ୍ସ ଏସପିଙ୍କ ନିର୍ଦ୍ଦେଶ ଅନୁଯାୟୀ ଅତିରିକ୍ତ ଏସପି ଅନନ୍ତ ପ୍ରସାଦ ମଲ୍ଲିକଙ୍କ ନେତୃତ୍ୱରେ ଗଠିତ ଟିମ୍ ମଙ୍ଗଳବାର ସନ୍ଧ୍ୟାରେ ସେମିଳିଗୁଡ଼ାରେ ଛପି ରହିଥିଲେ ଏବଂ ବସ ଷ୍ଟାଣ୍ଡ ନିକଟରେ ପ୍ରଥମ କିସ୍ତି ୧୫ ହଜାର ଟଙ୍କା ଲାଞ୍ଚ ନେବାବେଳେ ଭିଜିଲାନ୍ସ ଟିମ ଶ୍ରୀ ତ୍ରିପାଠୀଙ୍କୁ ଧରିଥିଲେ । କୋରାପୁଟ ଭିଜିଲାନ୍ସ ଡିଭିଜନ ପକ୍ଷରୁ ୭ ପିସି ଆମେଣ୍ଡମେଣ୍ଟ ଆକ୍ଟ ୨୦୧୮ ଅନୁଯାୟୀ ଏକ ମାମଲା (କେଶ ନଂ ୨୬/୨୦୨୫) ରୁଜୁ କରା ଯାଇ ଗିରଫ କରା ଯାଇଥିଲା । ବୁଧବାର ଅପରାହ୍ନରେ ଶ୍ରୀ ତ୍ରିପାଠୀଙ୍କୁ ଜୟପୁର ଭିଜିଲାନ୍ସ କୋର୍ଟରେ ହାଜର କରା ଯାଇଥିଲା ଓ ଜାମିନ ନାମଞ୍ଜୁର ହେବାରୁ ଜେଲ ହାଜତକୁ ପଠାଇ ଦିଆଯାଇଛି ।

● ମଶାଣି ଯିବାକୁ ନାହିଁ ରାସ୍ତା

# ଶବ ସତ୍କାର ପାଇଁ ବିପଦସଙ୍କୁଳ ନଦୀ ପାର

ପୋଡ଼ାଗଡ଼, ୬।୮ (ସମିସ): ମଶାଣି ଯିବାକୁ ରାସ୍ତା ସୁବିଧା ନାହିଁ । ଗାଁରେ କେହି ମୃତ୍ୟୁବରଣ କଲେ ଜୀବନକୁ ବାଜି ଲଗାଇ ଭରା ନଈ ପାର ହୋଇ ଶବ ଧରି ମଶାଣି



ଯିବାକୁ ପଡୁଛି । ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ଗାଦିଆ ଗୁଡା ପଞ୍ଚାୟତ ଅଧିନସ୍ଥ ବଗେଇପଦରଗାଁରେ । ଏହିଗାଁରେରହୁଥିବା ରାଜା ଗରଡାଙ୍କ ଗତକାଲି ସନ୍ଧ୍ୟାରେ ଅକାଳ ମୃତ୍ୟୁ ହୋଇଥିଲା । ତାଙ୍କ ଶବ ସତ୍କାର ପାଇଁ ବାହାରି ଥିଲେ ସମ୍ପର୍କୀୟ ପରିବାର ବର୍ଗ ଏବଂ ବନ୍ଧୁ ବାନ୍ଧବ । ହେଲେ ମଶାଣି ଯିବା ପୂର୍ବରୁ ବାଟ ଓଗାଳିଛି ମୁରାନ ନଦୀ । ସ୍ଥାୟୀ ପୋଲ ନ ଥିବାରୁ ଭରା ନଦୀରେ ଜୀବନକୁ ବାଜି ଲଗାଇ କୋକେଇରେ ଶବ ଧରି ମଶାଣି ନେଉଥିବା ଦେଖିବାକୁ ମିଳିଛି । ଏଭଳି ଘଟଣା ଦିନେ କି ଦୁଇଦିନର ନୁହେଁ, ବର୍ଷ ବର୍ଷ ଧରି ଲୋକେ ଦୁର୍ଦ୍ଦଶା ଭୋଗୁଥିବା ଗାଁର ତ୍ରିନାଥ ଗରଡା, ବିଦୁ ଖରା, ବୈଦ୍ୟନାଥ ଡଙ୍ଗ୍ରି, ଲବ ଭତ୍ରା ପ୍ରମୁଖ ପ୍ରକାଶ କରିଛନ୍ତି । କେବଳ ଏହି ଗୋଟିଏ ଗାଁର ଲୋକେ ନୁହଁନ୍ତି, ତଳ ଗଦ୍ରି ଏବଂ ପରଜା ଗଦ୍ରି, ଗ୍ରାମବାସୀ ମଧ୍ୟ ସମସ୍ୟା ଭୋଗୁଥିବା କୁହାଯାଉଛି । ଖରାଦିନେ ନଦୀରେ କମ୍ ପାଣି ଥିବାରୁ ସେତେଟା ବିପଦ ନାହିଁ । କିନ୍ତୁ ବର୍ଷା ଦିନେ ଗାଁର କେହି ମୃତ୍ୟୁ ହେଲେ ଏଭଳି ତିନି ଖଣ୍ଡ ଗ୍ରାମବାସୀ ବହୁତ ସମସ୍ୟା ଭୋଗୁଥିବା କୁହାଯାଉଛି ।

# ହାର୍ଡୱେୟାର ଦୋକାନରୁ ଡକାୟତି

କାଲିମେଳା, ୬।୮ (ସମିସ): ମାଲକାନଗିରି ଜିଲ୍ଲା ଏମ ଭି - ୭ ୯ ଥାନା ଅନ୍ତର୍ଗତ ଏମ ଭି - ୭୨ ଗ୍ରାମର ଏକ ହାର୍ଡୱେର ଦୋକାନର ତାଲା ଭାଙ୍ଗି ଲୁଟିନେଲେ ଦୁର୍ବୃତ୍ତ । ଦୋକାନ ତାଲା ଭାଙ୍ଗି ଟଙ୍କା ବାକ୍ସ ଲୁଟ କରି ଛୁ ମାରିଛନ୍ତି ଦୁର୍ବୃତ୍ତ । ମଙ୍ଗଳବାର ରାତି ଅଧରେ ଦୁର୍ବୃତ୍ତ ମାନେ ହାର୍ଡୱେର ଦୋକାନରୁ ଲୁଟି ନେଇଛନ୍ତି ଲକ୍ଷାଧିକ ଟଙ୍କା । ଏହା ସହ ଗାଁ ର ଅନ୍ୟ ଜଣଙ୍କ ଘରେ ପଶି ମହିଳାଙ୍କୁ ମରଣା ।କ ଆକ୍ରମଣ କରି ଚୋରୀ ପାଇଁ ଉଦ୍ଦମ କରୁଥିବା ବେଳେ ଗ୍ରାମବାସୀ ମାନେ ଉଠୀଯିବାରୁ ଦୁର୍ବୃତ୍ତ ମାନେ ପଡାଇଯାଇଥିଲେ । ସକାଳେ ଏମ ଭି - ୭ ୯ ଥାନା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ଜଣାପଡିଛି ।

ନାବାଳିକାକୁ ବଳାତ୍କାର ଉଦ୍ୟମ ଅଭିଯୋଗ ମାମଲା

# ମିଥ୍ୟା ଅଭିଯୋଗ ଦିଆଯାଇଛି: ଅଭିଯୁକ୍ତ ଯୁବକ ଚିନ୍ନା



ରାୟଗଡ଼ା, ୬।୮ (ସମିସ): ୧୭ ବର୍ଷୀୟ ନାବାଳିକାକୁ ଦୁଷ୍କର୍ମ ଉଦ୍ୟମ ଅଭିଯୋଗ ପରେ ଗୁଣପୁର ଥାନାରେ ମାମଲା ରୁଜୁ ହୋଇଛି । ତେବେ ଏ ନେଇ ମୁହଁ ଖୋଲିଛନ୍ତି ଅଭିଯୁକ୍ତ ଯୁବକ ବୋଷି ଚିନ୍ନା । ଗତ ସୋମବାର ଦିନ ଅଭିଯୋଗକାରିଣୀ ନାବାଳିକା ଓ ତାଙ୍କ ସମ୍ପର୍କୀୟ ଜିଲ୍ଲାପାଳଙ୍କୁ ଭେଟି ନ୍ୟାୟ ମାଗିବା ପରେ ଏହି ଘଟଣା ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶିତ ହୋଇଥିଲା । ଯାହାକୁ ନେଇ ଆଜି ରାୟଗଡ଼ା ଜିଲ୍ଲାପାଳ ଏବଂ ଜିଲ୍ଲା ଏସପିଙ୍କ ଉଦ୍ଦେଶ୍ୟରେ ଲିଖିତ ଅଭିଯୋଗ ପତ୍ର ପ୍ରଦାନ କରି ନ୍ୟାୟ ଦାବି କରିଛନ୍ତି ଯୁବକ ଚିନ୍ନା । ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଅତିରିକ୍ତ ଜିଲ୍ଲାପାଳ ନବୀନ ଚନ୍ଦ୍ର ନାୟକ ଏବଂ ଜିଲ୍ଲା ଏସ୍‌ପିଙ୍କ କାର୍ଯ୍ୟାଳୟରେ ଅତିରିକ୍ତ ଏସପି ସ୍ୱାଶତିକ ପଣ୍ଡା ଏହି ଅଭିଯୋଗ ପତ୍ର ଗ୍ରହଣ କରିଛନ୍ତି । ଏଥିରେ ଉଲ୍ଲେଖ ରହିଛି ଯେ, ଗତ ଜୁଲାଇ ୮ ତାରିଖରେ ସେ ଉକୁମ୍ବାରେ ଥିବା ନିଜ ମାମୁଁ ବି.ତିରୁପତିଙ୍କ ଘରକୁ ଯାଇ ଅପରାହ୍ନ ୪ଟା ସମୟରେ ନିଜ ସିରିଝୋଲି ଗାଁକୁ ଫେରିଥିଲେ । ପରେ ସିରିଝୋଲି ଗ୍ରାମବାସୀ ଓ ଅଭିଯୋଗକାରିଣୀ ନାବାଳିକାଙ୍କ ପରିବାର ବର୍ଗ ବିନୋଦିନୀ ଗରଡିଆ ନାମକ ଏକ ମହିଳାଙ୍କ ଇଙ୍ଗିତରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ତାଙ୍କୁ ୫ଲକ୍ଷ ଟଙ୍କା ଦାବି କରିଥିଲେ । ସେ ମନା କରିବାରୁ ତା ନାମରେ ମିଥ୍ୟା ମାମଲା ଦେବୁ କହିବା ସହ ଏକ ଖୁଣ୍ଟରେ ବାନ୍ଧି ମାଡ଼ ମାରିଥିଲେ । ଏ ନେଇ ତାଙ୍କ ପରିବାର ଲୋକେ ଗୁଣପୁର ଥାନାକୁ ଫୋନ କରି ଜଣାଇବାରୁ ପୋଲିସ ଆସି ତାଙ୍କୁ ଉଦ୍ଧାର କରିଥିଲେ ବୋଲି ଉଲ୍ଲେଖ କରିଛନ୍ତି । ଏହାର କିଛି ଦିନ ପରେ ତାଙ୍କ ନାଁରେ ଗୁଣପୁର ଥାନାରେ ଏକ ଦୁଷ୍କର୍ମ ମାମଲା ରୁଜୁ ହୋଇଥିବା ସେ କହିଛନ୍ତି । ସେଦିନ ଠାରୁ ଗୁଣପୁର ପୁଲିସ ବାରମ୍ବାର ତାଙ୍କ ଘରକୁ ଆସି ପଚାରଉଚରା କରି ବାରମ୍ବାର ଥାନାକୁ ଡାକୁଛନ୍ତି । ସେ ଜଣେ ସିକଲିନ୍ ରୋଗୀ ହୋଇଥିବାରୁ ଥାନାକୁ ଅନେକ ସମୟରେ ଯାଇ ଅସୁସ୍ଥ ଅନୁଭବ କରୁଛନ୍ତି । ଅଭିଯୋଗକାରିଣୀ ତାଙ୍କ ନାମରେ ମିଥ୍ୟା ମାମଲା ଦେଇଛନ୍ତି । ତାଙ୍କ ପ୍ରତି ହୋଇଥିବା ମିଥ୍ୟା ମାମଲାରେ ପୁଲିସ ତଦନ୍ତ ଜାରି ରହିଛି ଏବଂ ଘଟଣା ଦିନ ସେ ଗାଁରେ ନ ଥିବା ପୁଲିସ ତଦନ୍ତ ବେଳେ ଜାଣିଛନ୍ତି ବୋଲି ଯୁବକ ଚିନ୍ନା ଉଲ୍ଲେଖ କରିଛନ୍ତି । ତେବେ ଜୁଲାଇ ୮ ତାରିଖରେ ମଧ୍ୟାହ୍ନ ପ୍ରାୟ ସାଢେ ୧୨ଟା ସମୟରେ ଗାଁରେ ଥିବା ଏକ ଜେରକ୍ସ ଦୋକାନକୁ ଯାଇ ନାବାଳିକା ଜଣକ ଫେରୁଥିବା ସମୟରେ ଚିନ୍ନା ପଛପଟୁ ଆସି ନାବାଳିକାର ପାଟିରେ ଗାମୁଛା ବାନ୍ଧି ତାକୁ ଟେକି ଟେକି ନେଇ ନିକଟରେ ଏକ ବୁଦା ଜଙ୍ଗଲ ସ୍ଥାନରେ ଦୁଷ୍କର୍ମ ଉଦ୍ୟମ କରିଥିଲେ ବୋଲି ନାବାଳିକା ଗୁଣୁପୁର ଥାନାରେ ଏତଲା ଦେଇଛନ୍ତି । ଆଜ ଅଭିଯୋଗ ପତ୍ର ପ୍ରଦାନ ବେଳେ ଚିନ୍ନାଙ୍କ ସହିତ ତାଙ୍କ ପରିବାର ବର୍ଗ ଉପସ୍ଥିତ ଥିଲେ ।

● କେବେ କାର୍ଯ୍ୟକ୍ଷମ ହେବ ନଦୀତଟ ପାର୍କ

# କୋଟିଏ ଟଙ୍କାର ପାର୍କ ଗାଈଗୋରୁଙ୍କ ଚରାଭୂଇଁ

ଗୁଡ଼ାରୀ, ୬।୮ (ସମିସ): ଗୁଡାରୀ ବଂଶଧାରା ନଦୀ ତଟରେ କୋଟିଏରୁ ଅଧିକ ଟଙ୍କା ଖର୍ଚ୍ଚ କରି ନିର୍ମାଣ କରାଯାଇଥିବା ଶିଶୁ ଉଦ୍ୟାନ ଆଜି ଅଧା ପନ୍ତରିଆ ଭାବେ ପଡ଼ିରହିଛି । ଏହି ପାର୍କରେ ପରିଷଦରୁ ଭିନ୍ନ ଭିନ୍ନ ଅଟକଳମୂଲ୍ୟ ରଖାଯାଇ ଟଙ୍କା ଆତ୍ମସାତ କରାଯାଇଥିବା ଅନୁମାନ କରାଯାଉଛି । କାରଣ ପରିଷଦର ଯେତିକି ଟଙ୍କା ବାୟ ବରାଦ କରାଯାଇଛି, ସେତିକି ପରିମାଣର ଟଙ୍କା ଖର୍ଚ୍ଚ ହୋଇ ନଥିବା ଦେଖିବାକୁ ମିଳୁଛି । ପୂର୍ବ ସରକାର ସମୟରେ ଅଞ୍ଚଳର ସହରର ସୌନ୍ଦର୍ଯ୍ୟକରଣ ବିଭିନ୍ନ ଉନ୍ନତି ପାଇଁ ପରିଷଦକୁ ବିଭିନ୍ନ ଯୋଜନା ମାଧ୍ୟମରେ କୋଟିକୋଟି ଟଙ୍କା ସରକାରଙ୍କ



ତରଫରୁ ବ୍ୟୟବରାଦ କରାଯାଇଛି । ସେହି ସମୟରେ ପାର୍କ ପାଇଁ ଅଟକଳ ମୂଲ୍ୟ ରଖି ନିର୍ମାଣ କରାଯାଇଥିଲେ ମଧ ପାର୍କର ପାରିପାର୍ଶିକ ଅବସ୍ଥା ଦେଖିଲେ ବାଟମାରଣ ଗନ୍ଧ ବାରି ହେଉଛି । ଏହି ପାର୍କ ଠିକାଦାର ମାଧ୍ୟମରେ କରାଯାଇଥିଲେ ମଧ ତଦାରଖ କରିଥିଲେ ପରିଷଦ ପୂର୍ବତନ ସରକାରୀ ଜେଇ ବିପିନ ପ୍ରଧାନ । ବର୍ତ୍ତମାନ ବଦଳି ହୋଇ ସେ ଭୁବନେଶ୍ୱରରେ କାର୍ଯ୍ୟରତ ଅଛନ୍ତି । ଏହି ପାର୍କକୁ ଦେଖିଲେ ସହରର ଜନସାଧାରଣ କ୍ଷୁବ୍ଧ ହେବା ସହ ଲକ୍ଷ ଲକ୍ଷ ଟଙ୍କା ହରିଲୁଟ ହୋଇଛି । ଏହାକୁ ତଦନ୍ତ ପରିସରକୁ ଆଣିବା ଆବଶ୍ୟକ ବୋଲି ସେ କହିଛନ୍ତି । ପ୍ରାୟ ୭୦ ଫୁଟ ଉପରେ ଏହି ପାର୍କ ନିର୍ମାଣ କରାଯାଇଛି, କାହାର ଇଙ୍ଗିତରେ ଏତେ ଉପରେ ନିର୍ମାଣ କରାଯାଇଥିଲା, ଏହାର କାରଣ ଅସ୍ପଷ୍ଟ । ଜଯେତିକି କାମ କରାଯାଇଛି ତାର ରକ୍ଷଣାବେକ୍ଷଣ ଅଭାବରୁ ଆଜି ନଷ୍ଟ ହେବାକୁ ବସିଲାଣି । ଖୋଲାମେଲା ହୋଇ ପଡ଼ିରହିଥିବାରୁ ଗୋରୁଗାଈଙ୍କ ଚରାଭୂଇଁ ପାଲଟିଛି । ପଡ଼ି ରହିଥିବା ପାର୍କ କେବେ ସମାପ୍ତ ହେବ ତାହାର ଉତ୍ତର କାହା ପାଖରେ ନାହିଁ । ପ୍ରାୟ କୋଟିଏ ଟଙ୍କା ଖର୍ଚ୍ଚ କରି ନିର୍ମାଣ କରିଥିବା ପାର୍କ ସହରର ଲୋକଙ୍କ କାର୍ଯ୍ୟରେ ଆସିବ ନା ବର୍ଷ ବର୍ଷ ପଡ଼ିରହି ସହରର ସୌନ୍ଦର୍ଯ୍ୟକରଣ ନାଁରେ ହରିଲୁଟ ହେଉଥିବ ତାହା ଜନସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

# ହାର୍ଡୱେୟାର ଦୋକାନରୁ ଡକାୟତି

କାଲିମେଳା, ୬।୮ (ସମିସ): ମାଲକାନଗିରି ଜିଲ୍ଲା ଏମଭି - ୭ ୯ ଥାନା ଅନ୍ତର୍ଗତ ଏମ୍‌ଭି - ୭୨ ଗ୍ରାମର ଏକ ହାର୍ଡୱୟାର ଦୋକାନର ତାଲା ଭାଙ୍ଗି ଲୁଟିନେଲେ ଦୁର୍ବୃତ୍ତ । ଦୋକାନ ତାଲା ଭାଙ୍ଗି ଟଙ୍କା ବାକ୍ସ ଲୁଟ କରି ଛୁ ମାରିଛନ୍ତି ଦୁର୍ବୃତ୍ତ । ମଙ୍ଗଳବାର ରାତି ଅଧରେ ଦୁର୍ବୃତ୍ତ ମାନେ ହାର୍ଡୱେର ଦୋକାନରୁ ଲୁଟି ନେଇଛନ୍ତି ଲକ୍ଷାଧିକ ଟଙ୍କା । ଏହାସହ ଗାଁର ଅନ୍ୟ ଜଣଙ୍କ ଘରେ ପଶି ମହିଳାଙ୍କୁ ମରଣାନ୍ତକ ଆକ୍ରମଣ କରି ଚୋରି ପାଇଁ ଉଦ୍ୟମ କରୁଥିବା ବେଳେ ଗ୍ରାମବାସୀ ଉଠିଯିବାରୁ ଦୁର୍ବୃତ୍ତ ମାନେ ପଳାଇ ଯାଇଥିଲେ । ସକାଳେ ଏମଭି - ୭ ୯ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ଜଣାପଡିଛି ।

# ସ୍ୱାଧୀନତା ଦିବସ ପାଇଁ ପ୍ରତିଯୋଗିତା

ଜୟପୁର, ୬।୮ (ସମିସ): ଆସନ୍ତା ସ୍ୱାଧୀନତା ଦିବସ ପାଇଁ ଉପଖଣ୍ଡ ପ୍ରଶାସନ ପକ୍ଷରୁ ଛାତ୍ରଛାତ୍ରୀଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ପିଏମଶ୍ରୀ ସରକାରୀ ଉଚ୍ଚବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନଶିକ୍ଷକ ପ୍ରକାଶ ଚନ୍ଦ୍ର ପଟ୍ଟନାୟକଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଇଓ ଚନ୍ଦନ କୁମାର ନାୟକ, ସିଆରସିସି ସଂଯୁକ୍ତା ରାଉତ ଉପସ୍ଥିତ ଥିଲେ । ଓଡିଆ ବିତର୍କ ପ୍ରତିଯୋଗିତାରେ କନିଷ୍ଠ ବର୍ଗ (ଷଷ୍ଠରୁ ଅଷ୍ଟମ ଶ୍ରେଣୀ)ରେ ୨୧ଜଣ, ବରିଷ୍ଠ (ନବମ ଓ ଦଶମ୍ ଶ୍ରେଣୀ) ବର୍ଗରେ୨୪, ସର୍ବ ବରିଷ୍ଠ (ମହାବିଦ୍ୟାଳୟ) ରେ ୭ଜଣ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ । ସେହିପରି ଇଂରାଜୀ ବିତର୍କରେ କନିଷ୍ଠ ବର୍ଗରେ ୨୬, ବରିଷ୍ଠ ବର୍ଗରେ୨୧ ସର୍ବ ବରିଷ୍ଠରେ ୬ଜଣ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ । ଓଡ଼ିଆ ପ୍ରବନ୍ଧ ପ୍ରତିଯୋଗିତାରେ କନିଷ୍ଠ ବର୍ଗରେ ୩୯, ବରିଷ୍ଠ ବର୍ଗରେ ୩୧, ସର୍ବ ବରିଷ୍ଠରେ ୧୦ଜଣ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ । ଇଂରାଜୀ ବିତର୍କରେ କନିଷ୍ଠ ବର୍ଗରେ ୨୪, ବରିଷ୍ଠ ବର୍ଗରେ ୩୧, ସର୍ବ ବରିଷ୍ଠରେ ୬ଜଣ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ । ମୋଟ ୨୪୬ଜଣ ପ୍ରତିଯୋଗୀ ନିଜ ପ୍ରତିଭା ପ୍ରଦର୍ଶନ କରିଥିଲେ । ଏଥିରେ ବିଚାରକ ଭାବେ ଉଦୟଶଙ୍କର ଜାନୀ, ସୁରେନ୍ଦ୍ର ପଟ୍ଟନାୟକ, ଡ. ଯୁଗଳକିଶୋର ମିଶ୍ର, ଉମାକାନ୍ତି ବାଇପାଇ, ବ୍ରହ୍ମାନନ୍ଦ ଟୁଡୁ, ଅଧ୍ୟାପକ ଡ. ସୁଧାଂଶୁଶେଖର ପଟ୍ଟନାୟକ, ଜାନାର୍ଦ୍ଦନ ପଣ୍ଡା, ଡମ୍ବରୁ ପାଣିଗ୍ରାହୀ, ଅଧ୍ୟାପକ ରବି ମହାନ୍ତି, ଅଧ୍ୟାପକ ସୀମାଞ୍ଚଳ ମହାପାତ୍ର, ପ୍ରଭାତ ରଥ, ସୀମାଞ୍ଚଳ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ । ଗୁରୁବାର ଦିନ କନିଷ୍ଠ, ବରିଷ୍ଠ, ସର୍ବ ବରିଷ୍ଠ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଦେଶାତ୍ମବୋଧକ ସଂଗୀତ ପ୍ରତିଯୋଗିତା ପିଏମଶ୍ରୀ ସରକାରୀ ଉଚ୍ଚବିଦ୍ୟାଳୟରେ ଏବଂ ଚିତ୍ରାଙ୍କନ ପ୍ରତିଯୋଗିତା ଶ୍ରୀ ବିକ୍ରମଦେବ ଚାରୁକଳା ବିଦ୍ୟାଳୟରେ ଆୟୋଜିତ ହେବ ବୋଲି ଜଣାପଡ଼ିଛି ।

● ଗାଈଚରାଳିଙ୍କ ମୃତଦେହ ଉଦ୍ଧାର

# ହତ୍ୟା ଅଭିଯୋଗ ଆଣିଲେ ପରିବାର ଲୋକେ

ଜୟପୁର, ୬।୮ (ସମିସ): କୋରାପୁଟ ଜିଲ୍ଲା ଜୟପୁର ସଦରଥାନା ଗଡ଼ପଦର ଗ୍ରାମର ହରିଜନ ସାହିର ଗାଈଚରାଳି ଘାସିଆ ହରିଜନ(୫୦)ଙ୍କ ମୃତଦେହ ସ୍ଥାନୀୟ ଦୁବୁଲି ପୋଲ ନିକଟରୁ ଉଦ୍ଧାର କରାଯାଇଛି । ମୃତକଙ୍କ ବାମ କାନ, ବାମ ଗୋଡର ଆଣ୍ଠୁ ଏବଂ ଜଙ୍ଘରେ ଗଭୀର ଆଘାତ ଲାଗିଥିବା ଯୋଗୁଁ ତାଙ୍କୁ ହତ୍ୟା କରାଯାଇଥିବା ପୁଅ ଶିବ ହରିଜନ ଏବଂ ପରିବାର ପକ୍ଷରୁ ସନ୍ଦେହ କରାଯାଇ ସଦର ଥାନାରେ ଏତଲା ଦିଆଯାଇଛି । ସୂଚନା ଅନୁଯାୟୀ, ମୃତକ ଘାସିଆ ସବୁଦିନ ଭଳି ଗତକାଲି ଦୁବୁଲି ଗ୍ରାମର କେଶବ ପ୍ରଧାନଙ୍କ ଗୋରୁଗାଈକୁ ନେଇ ସ୍ଥାନୀୟ ପଡିଆକୁ ଚରାଇବାକୁ ନେଇଥିଲେ । କିନ୍ତୁ ସଂଧ୍ୟା ସୁଦ୍ଧ ଘାସିଆ ଫେରି ନଥିଲେ । ପରିବାର ଏବଂ ଗାଈ ମାଲିକ ଖୋଜାଖୋଜି କରିବା ପରେ ସ୍ଥାନୀୟ ଦୁବୁଲି ପୋଲ ନିକଟସ୍ଥ ଏକ ଜମିରୁ ତାଙ୍କ କ୍ଷତବିକ୍ଷତ ଶରୀର ଉଦ୍ଧାର କରାଯାଇଥିଲା । ଏହାପରେ ଥାନାକୁ ସୂଚନା ଦେବା ପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ଆମ୍ବୁଲାନ୍ସ ଯୋଗେ ତାଙ୍କୁ ଚିକିତ୍ସାଳୟକୁ ନିଆଯାଇଥିଲା । ସେଠାରେ ଡାକ୍ତର ତାଙ୍କର ମୃତ ଘୋଷଣା କରିଥିଲେ ବୋଲି ଥାନା ଅଧିକାରୀ ସଚିନ୍ଦ୍ର ପ୍ରଧାନ ପ୍ରକାଶ କରିଛନ୍ତି ।

# ଦିଲ୍ଲୀ ସ୍ୱାଧୀନତା ଦିବସ ଉତ୍ସବରେ ଯୋଗଦେବେ ଶର୍ମିଷ୍ଠା

ବୋରିଗୁମ୍ମା, ୬।୮ (ସମିସ): ଆସନ୍ତା ଅଗଷ୍ଟ ୧୫ ତାରିଖ ଦିନ ଦିଲ୍ଲୀର ଲାଲକିଲ୍ଲାରେ ହେବାକୁ ଥିବା ସ୍ୱାଧୀନତା ଦିବସ କାର୍ଯ୍ୟକ୍ରମରେ ଯୋଗ ଦେବେ ବୋରିଗୁମ୍ମା ବେଣାଗାଁ ସେକ୍ଟରର ସୁପରଭାଇଜର ଶର୍ମିଷ୍ଠା ନାୟକ । ଆସନ୍ତା ୧୧ ତାରିଖରେ ସେ ଦିଲ୍ଲୀ ଗସ୍ତରେ ଯିବେ । ରାଜ୍ୟରୁ ଜଣକୁ ଡାକରା ଆସିଥିବା ଯୋଗୁଁ ସେ ବହୁତ ଖୁସି ଅନୁଭବ କରିଛନ୍ତି । ସେଥିଆଗରୁ ଜିଲ୍ଲା ଏବଂ ବ୍ଲକ ସ୍ତରରେ ଅନେକ ଥର ପୁରସ୍କୃତ ହୋଇଛନ୍ତି । ରାଜ୍ୟ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ସେ ଓଡ଼ିଶାରୁ ଏକମାତ୍ର ସୁପରଭାଇଜର ଭାବେ ସେ ଏହି କାର୍ଯ୍ୟକ୍ରମରେ ସାମିଲ ହେବେ ।

# ଅଙ୍ଗନବାଡି କର୍ମୀ ଓ ସହାୟିକାଙ୍କୁ ଅଗ୍ନି ସୁରକ୍ଷା ପ୍ରଶିକ୍ଷଣ



ନନ୍ଦପୁର, ୬।୮ (ସମିସ): ନନ୍ଦପୁର ସମନ୍ୱିତ ଶିଶୁ ବିକାଶ କାର୍ଯ୍ୟାଳୟ ପରିସରରେ ଆଜି ଅଗ୍ନି ସୁରକ୍ଷା ପ୍ରଶିକ୍ଷଣ କର୍ମଶାଳା ସିଡିପିଓ ମୀନତି ବାଲା ପଟ୍ଟନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରଶିକ୍ଷଣ ଶିବିରରେ ଅଙ୍ଗନବାଡି କର୍ମୀ ଓ ସହାୟିକା ମାନଙ୍କୁ ଅଗ୍ନି ପ୍ରଶମନ ତାଲିମ ଦିଆଯାଇଛି । ଅଙ୍ଗନବାଡି କେନ୍ଦ୍ରର ଆଗଧାଡିର କର୍ମକର୍ତ୍ତା ମାନଙ୍କୁ ଏଲପିଜି ସମ୍ପର୍କୀତ ସର୍ବନିମ୍ନ ଅଗ୍ନି ନିର୍ବାପନ ଓ ସୁରକ୍ଷା ବିଧି ବିଷୟରେ ଜ୍ଞାନ ଦେବା ଏହି ପ୍ରଶିକ୍ଷଣ କର୍ମଶାଳାର ମୁଖ୍ୟ ଉଦ୍ଦେଶ୍ୟ ଥିଲା । ଏହି କର୍ମଶାଳାରେ ଅଗ୍ନିଜନିତ ଦୁର୍ଘଟନା କିପରି ରୋକିବେ, ଜରୁରୀ ପରିସ୍ଥିତିରେ କିପରି ପ୍ରତିକ୍ରିୟାଶୀଳ ହେବେ ସେ ନେଇ ପ୍ରଶିକ୍ଷଣ ଦିଆଯାଇଥିଲା । କାର୍ଯ୍ୟକ୍ରମକୁ ପ୍ରଶିକ୍ଷକ ଭାବେ ସ୍ଥାନୀୟ ଅଗ୍ନିଶମ ବିଭାଗର କେନ୍ଦ୍ରାଧିକାରୀ ହେମନ୍ତ କୁମାର ସାମଲ , ଫାୟାର ମ୍ୟାନ୍ ପ୍ରକାଶ କିସାନ, ରଞ୍ଜନ ମଲ୍ଲିକ, ବିଷ୍ଣୁ ପ୍ରସାଦ ନାୟକ, ଦିଳେଶ୍ୱର ସେଠିଆ ପ୍ରମୁଖ ଯୋଗ ଦେଇ ଅଗ୍ନି ପ୍ରଶମନ ଯନ୍ତ୍ର ଓ ସେଗୁଡ଼ିକର ବ୍ୟବହାର ଉପରେ ପ୍ରତ୍ୟକ୍ଷ ପ୍ରଶିକ୍ଷଣ ଦେଇଥିଲେ । ଏହି କର୍ମଶାଳାରେ ୨୪୭ ଜଣ ଅଙ୍ଗନବାଡ଼ି କର୍ମୀ ଓ ସହଯୋଗୀ ତାଲିମ ନେଇଥିବା ଶ୍ରୀମତୀ ପଟ୍ଟନାୟକ କହିଛନ୍ତି । ଆଇସିଡିଏସ ନନ୍ଦପୁର ଦ୍ୱାରା ଗୃହୀତ ଏହି ପ୍ରଗତିଶୀଳ ପଦକ୍ଷେପ ବ୍ୟାପକ ଭାବେ ସମସ୍ତ ଅଂଶଗ୍ରହଣକାରୀମାନଙ୍କ ଦ୍ୱାରା ପ୍ରଶଂସା କରାଯାଇଛି ।

ଶିକ୍ଷାର ଗୁଣାତ୍ମକମାନ ବୃଦ୍ଧି ପାଇଁ ପ୍ରୟାସ

# ପ୍ରଧାନଶିକ୍ଷକଙ୍କ ତାଲିମ ଓ ପରାମର୍ଶ ଶିବିର

ରାୟଗଡ଼ା, ୬।୮ (ସମିସ): ରାୟଗଡ଼ା ଜିଲ୍ଲାରେ ଶିକ୍ଷାର ଗୁଣାତ୍ମକମାନ ବୃଦ୍ଧି ନିମନ୍ତେ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ଅଭିନବ ପ୍ରୟାସ ଦେଖିବାକୁ ମିଳିଛି । ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣିଙ୍କ ଅନୁମତିକ୍ରମେ ଜିଲ୍ଲା ଶିକ୍ଷାଧିକାରୀ ରାମଚନ୍ଦ୍ର ନାହକଙ୍କ ନିର୍ଦ୍ଦେଶ ଅନୁଯାୟୀ ରାୟଗଡ଼ା ବ୍ଲକ ଅନ୍ତର୍ଗତ ସମସ୍ତ ବିଦ୍ୟାଳୟର ମୁଖ୍ୟ ଶିକ୍ଷକବୃନ୍ଦଙ୍କ ଏକ ଦିବସୀୟ ତାଲିମ ତଥା ପରାମର୍ଶ ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ରାୟଗଡ଼ା ବ୍ଲକ ଓ ପୌରାଞ୍ଚଳର ସମସ୍ତ ସରକାରୀ ଓ ଘରୋଇ ଶିକ୍ଷାନୁଷ୍ଠାନଗୁଡିକର ପ୍ରଧାନ ଶିକ୍ଷକ, ଅଧ୍ୟକ୍ଷ ବୃନ୍ଦ ଯୋଗ ଦେଇଥିଲେ । ମୁଖ୍ୟ ଅତିଥିରୂପେ ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀ ନାହାକ, ବରେଣ୍ୟ ଅତିଥି ରୂପେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଭଜନଲାଲ ମାଝୀ, ଜିସିଡି ଜିଲ୍ଲା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ନମିତା ପଧାନ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁନୀତା ଭୋଇ, ପିରାମିଲ ଫାଉଣ୍ଡେସନର କାର୍ଯ୍ୟକ୍ରମ ମୁଖ୍ୟ ଓ ସଂଚାଳକ ଚୈତନ୍ୟ ପଟେଲ ଏବଂ ସମ୍ବିତ ତ୍ରିପାଠୀ, ସମ୍ବଳ ବ୍ୟକ୍ତିତ୍ୱ ରାୟଗଡ଼ା ବ୍ଲକ ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ ଛବିଲାଲ ସିଂ, ସମଗ୍ର ଶିକ୍ଷାର ଜିଲ୍ଲା ପ୍ରୋଗ୍ରାମର



ଦିଲୀପ କୁମାର ସାବତ ଓ ରାୟଗଡ଼ା ବ୍ଲକର ଯୋଜନା ସଂଯୋଜକ ସୁଶାନ୍ତ ପଲେଇ ପ୍ରମୁଖ ଯୋଗଦେଇ ବିଦ୍ୟାଳୟର ବିକାଶଧାରା ବିଷୟରେ ଆଲୋଚନା କରିଥିଲେ । ବିକାଶଧାରାର ବିଭିନ୍ନ ମାନଦଣ୍ଡ ଅନୁଯାୟୀ ଜିଲ୍ଲା ଶିକ୍ଷାର ପ୍ରଗତିକୁ ତ୍ୱରାନ୍ୱିତ କରିବା ନିମନ୍ତେ ସାମାଜିକ ବ୍ୟବସ୍ଥାରେ ଉଭୟ ସରକାରୀ ଓ ଘରୋଇ ଅନୁଷ୍ଠାନର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ରାଷ୍ଟ୍ରୀୟ ସର୍ଭେକ୍ଷଣ ପରୀକ୍ଷା ୨୦୨୪ ଅନୁସାରେ ତୃତୀୟ ଶ୍ରେଣୀର ପିଲାଙ୍କର ଦକ୍ଷତା ସର୍ବେକ୍ଷଣରେ ରାୟଗଡା ଓଡିଶାରେ ପଞ୍ଚମ ସ୍ଥାନ ଅଧିକାର କରିଥିବା ବେଳେ ଷଷ୍ଠ ଓ ନବମ ଶ୍ରେଣୀ ସର୍ବେକ୍ଷଣରେ ପିଲାଙ୍କ ଦକ୍ଷତା ସନ୍ତୋଷଜନକ ଅଛି । ଆମକୁ ପୁଣି ଅନେକ ରାସ୍ତା ଅତିକ୍ରମ କରିବାକୁ ଅଛି ବୋଲି ଶ୍ରୀ ନାହାକ ପ୍ରକାଶ କରିଛନ୍ତି । ୟୁଡାଇସରେ ସଠିକ ତଥ୍ୟ ପ୍ରଦାନ କରିବାକୁ ହେବ । ଆସ ସ୍କୁଲ ଯିବା ଅଭିଯାନରେ ସିଟିଏସ ମାଧ୍ୟମରେ ଅଧାରୁ ପାଠ ଛାଡୁଥିବା ପିଲାଙ୍କୁ ଚିହ୍ନଟ କରି ସେମାନଙ୍କୁ ମୁଖ୍ୟ ସ୍ରୋତକୁ ଫେରାଇ ଆଣିବା ପାଇଁ ସମ୍ପୃକ୍ତ ଅଞ୍ଚଳର ଶିକ୍ଷକଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି । ମହିଳା ଓ ବାଳିକାଙ୍କ ପ୍ରତି ଅସଦାଚରଣ ରୋକିବା ନିମନ୍ତେ ଆଭ୍ୟନ୍ତରୀଣ ସଂଯୋଜନା କମିଟି ଗଠନ, ବିଦ୍ୟାଳୟ ସୁରକ୍ଷା ଯୋଜନା, ବିଦ୍ୟାଳୟ ବିକାଶ ଯୋଜନା ପ୍ରସ୍ତୁତି ଉପରେ ଆଲୋଚନା ହୋଇଥିଲା । ଘରୋଇ ଶିକ୍ଷାନୁଷ୍ଠାନଗୁଡିକରେ ପିଲାଙ୍କ ବ୍ୟାଗର ଓଜନ କମ୍ କରିବା ସହ ଶିଶୁ ସୁରକ୍ଷା ନିମନ୍ତେ କଡ଼ା ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ପ୍ରତି ବିଦ୍ୟାଳୟରେ 'ଏକ ପେଡ୍ ମାଁ କେ ନାମ' ଯୋଜନାରେ ପ୍ରତି ପିଲା ପିଛା ଗଛଟିଏ ରୋପଣ ପାଇଁ ଅବଗତ କରାଯାଇଥିଲା । ପିଏମ୍ ପୋଷଣ ଯୋଜନାରେ ଉତ୍ତମ ମାନର ଖାଦ୍ୟ ପରିବେଷଣ ସହ ପ୍ରତିଦିନ ହିତାଧିକାରୀଙ୍କ ସଂଖ୍ୟା ମେସେଜ ମାଧ୍ୟମରେ ବିଭାଗକୁ ଅବଗତ କରିବା ଜରୁରୀ । ସମସ୍ତ ଘରୋଇ ବିଦ୍ୟାଳୟ ସରକାରଙ୍କ ବିନା ଅନୁମତିରେ ଅବା ବିନା ପଞ୍ଜୀକରଣରେ ପରିଚାଳନା କରୁଥିଲେ ଦୋଷୀ ସାବ୍ୟସ୍ତ ହୋଇ ଦଣ୍ଡିତ ହେବେ । ୟୁଡାଇସ ତଥ୍ୟ ଅନ୍‌ଲାଇନ୍ ମାଧ୍ୟମରେ ପୂରଣ କୌଶଳ ସମସ୍ତଙ୍କୁ ପ୍ରଦାନ କରାଯାଇଥିଲା । ଆଗାମୀ ଦିନରେ ଏହାର ସୁଫଳ ରାୟଗଡାବାସୀ ନିଶ୍ଚିତ ପାଇବେ ବୋଲି ଭଜନ ଲାଲ ମାଝୀ କହିଛନ୍ତି । ନିଜ ବିଦ୍ୟାଳୟକୁ ଏକ ନମ୍ବର କରିବା ପାଇଁ ଚେଷ୍ଟା କଲେ ରାୟଗଡା ଶିକ୍ଷାରେ ଏକ ନମ୍ବର ହେବ ଏବଂ ପ୍ରତି ବ୍ଲକରେ ଏପରି କାର୍ଯ୍ୟକ୍ରମ ଆୟୋଜନ କରିବା ପାଇଁ ଜିଲ୍ଲା ଶିକ୍ଷାଧିକାରୀ ଆହ୍ୱାନ ଦେଇଥିଲେ । ବରିଷ୍ଠ ଶିକ୍ଷକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ଓ ଏବିଇଓ ଛବିଲାଲ ସିଂ ଧନ୍ୟବାଦ ଅର୍ପଣ କରିଥିଲେ । ତେବେ ଜିଲ୍ଲାରେ ଡ୍ରପଆଉଟ ଛାତ୍ରଛାତ୍ରୀଙ୍କ ସଂଖ୍ୟା ଉଦ୍‌ବେଗଜନକ ଥିବା ବେଳେ କେବେ ସେମାନେ ଚିହ୍ନଟ ହେବେ ଏବଂ କେବେ ସେମାନଙ୍କୁ ମୁଖ୍ୟସ୍ରୋତକୁ ଦାୟିତ୍ୱ ବହନ କରିଥିବା ଶିକ୍ଷକମାନେ ଫେରେଇ ଆଣିବେ ତାହା ଦେଖିବାକୁ ବାକି ରହିଲା



# ୪ କେଜିରୁ ଊର୍ଦ୍ଧ୍ୱ ଗଞ୍ଜେଇ ଜବତ; ଜଣେ ଗିରଫ

ରାଉରକେଲା, ୬/୮ (ସମିସ): ପ୍ଲାଣ୍ଟସାଇଟ୍ ଥାନା ପୁଲିସ ଇଦଗାହ ପଡ଼ିଆ ପଛପଟରୁ ଗଞ୍ଜେଇ ଚୋରା ଚାଲାଣ କରିବା ଅଭିଯୋଗରେ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି। ଗିରଫ ଅଭିଯୁକ୍ତ ହେଉଛି ବାସନ୍ତୀ କଲୋନୀ ଅଞ୍ଚଳର ମୁନ୍ନା କୁମାର ସାହା (୩୨)। ତାଙ୍କ ନିକଟରୁ ୪ କେଜି ଗଞ୍ଜେଇ ଜବତ କରାଯାଇଥିଲା। ସୂଚନାଯୋଗ୍ୟ ଯେ ଗତ ୫ ତାରିଖ ସନ୍ଧ୍ୟାରେ ପ୍ଲାଣ୍ଟସାଇଟ୍ ପୁଲିସ ପାଟ୍ରୋଲିଂ କରୁଥିବାବେଳେ ନିର୍ଭରଯୋଗ୍ୟ ସୂଚନା ଆଧାରରେ ଇଦଗା ପଡ଼ିଆରେ ଚଢ଼ଉ କରି ମୁନ୍ନା କୁମାର ସାହାକୁ ସନ୍ଦେହଜନକ ଅବସ୍ଥା ଧରି ଯାଞ୍ଚ କରିବା ପରେ ତା ନିକଟରୁ ୪ କିଲୋ ୧୦୦ ଗ୍ରାମ ବେଆଇନ ଗଞ୍ଜେଇ ଜବତ କରିଥିଲା। ଏହାକୁ ସେ ସାଧାରଣଲୋକଙ୍କୁ ବିକ୍ରୟ କରିବା ଉଦ୍ଦେଶ୍ୟରେ ନେଇଯାଉଥିଲେ ବୋଲି ପୁଲିସ ନିକଟରେ ସ୍ୱୀକାର କରିଥିଲା। ଅଭିଯୁକ୍ତ ମୁନ୍ନା ଠାରୁ ଏକ ମୋବାଇଲ୍‌ଫୋନ୍ ମଧ୍ୟ ଜବତ କରାଯାଇଥିଲା। ଗିରଫ ମୁନ୍ନା ବିହାର ରାଜ୍ୟ ବାଙ୍କା ଜିଲ୍ଲାର ମୂଳବାସୀନ୍ଦା ହୋଇଥିବା ବେଳେ ସେ ବାସନ୍ତୀ କଲୋନୀର କ୍ୱାର୍ଟର୍ସ ନଂ. ଏଫଏଲ/୧୭୬, ଚତୁର୍ଥ ମହଲାରେ ରହୁଥିବା ସୂଚନା ମିଳିଛି। ତା ନାମରେ ଏକ ମାମଲା ରୁଜୁ କରାଯାଇଛି। ମୁନ୍ନା କୁମାର ସାହଙ୍କ ବିରୋଧରେ ପୂର୍ବରୁ ରାଉରକେଲା ଜିଆରପି ପୋଲିସ ଷ୍ଟେସନ୍ ଏବଂ ପ୍ଲାଣ୍ଟସାଇଟ୍ ପୁଲିସ ଷ୍ଟେସନ୍‌ରେ ହତ୍ୟା ଉଦ୍ୟମ, ଚୋରି, ଆକ୍ରମଣ ଭଳି ଧାରା ସମେତ ଅନେକ ଅପରାଧିକ ମାମଲା ରୁଜୁ ହୋଇଛି। ଅଭିଯୁକ୍ତକୁ ପଚରାଉଚରା କରିବା ପରେ ପୁଲିସ ଅଧିକ ତଦନ୍ତ ଜାରି ରଖିଛି।



## ■ ଜେପି ହାଇଟ୍ସ ହୋଟେଲରେ ଚଢ଼ଉ

# ୭ ଜୁଆଡ଼ି ଗିରଫ; ୭,୧୩୦ ଟଙ୍କା ଜବତ



ରାଉରକେଲା, ୬।୮ (ସମିସ): ରାଉରକେଲା ସହରର ସିଭିଲ୍ ଟାଉନ୍ ସିପ୍ ଅଞ୍ଚଳର ଜେପି ହାଇଟସ୍ ହୋଟେଲରେ ରାଉରକେଲା ପୁଲିସ୍ ଚଢ଼ଉ କରି ୭ ଜଣ ଜୁଆଡିଙ୍କୁ ଗିରଫ କରିବାସହ ସେମାନଙ୍କ ନିକଟରୁ ୭ ହଜାର ୧୩୦ ଟଙ୍କା, ୭ଟି ମୋବାଇଲ ଫୋନ୍, ୨୧୦ ତାସ ସହିତ କିଛି ଆପତ୍ତିଜନକ ଜିନିଷ ମଧ୍ୟ ଜବତ୍ କରିଥିବା ଜଣାପଡ଼ିଛି। ଗିରଫ ହୋଇଥିବା ୭ ଅଭିଯୁକ୍ତ ହେଲେ ଦେଓଗାଁର ବଳଦେବ ସିଂହ (୫୯), ଡେଲି ମାର୍କେଟର ଧୱଳ ଢୋଲାକି (୪୩), ପାନପୋଷ ଜଗନ୍ନାଥ ମନ୍ଦିର କଲୋନୀର ମନୋଜ କୁମାର ମଲିକ (୫୮), ଦାଣ୍ଡିଆପାଲିର ଅବଧେଶ କୁମାର ସାହୁ (୪୬), ପାନପୋଷ ରୁପୁଟୋଲାର ଗୋବିନ୍ଦ ଭୂମିଜ (୫୮), ପାନପୋଷ ତ୍ରିଦେବ ହୋଟେଲ ଶୁଭରଞ୍ଜନ ମହାନ୍ତି (୩୦) ଏବଂ ବେଦବ୍ୟାସର ଶିବ ବିସୋଇ (୪୦)। ସମସ୍ତ ଅଭିଯୁକ୍ତଙ୍କ ବିରୋଧରେ ମାମଲା ରୁଜୁ କରି କୋର୍ଟଚାଲାଣ କରିଛି ପୁଲିସ।

## ● ଦୁର୍ବୃତ୍ତଙ୍କ ଟାର୍ଗେଟରେ ମନ୍ଦିର ହୁଣ୍ଡି

# ୨ ସପ୍ତାହରେ ୩ ଚୋରି, ପୁଲିସ ପାଟ୍ରୋଲିଂ ଢିଲା

ରାଉରକେଲା, ୬।୮ (ସମିସ): ରାଉରକେଲା ସହରରେ ଥିବା ମନ୍ଦିର ହୁଣ୍ଡି ଗୁଡ଼ିକ ଏବେ ଦୁର୍ବୃତ୍ତଙ୍କ ଟାର୍ଗେଟରେ। କେଉଁଠି ତାଲା ଭାଙ୍ଗି ହୁଣ୍ଡି ସଫା କରି ଦେଉଛନ୍ତି ତ ଆଉ କେଉଁଠି ସମ୍ପୂର୍ଣ୍ଣ ହୁଣ୍ଡି ତାଡ଼ି ନେଇ ପଳାଉଛନ୍ତି। ଦୁଇସପ୍ତାହ ମଧ୍ୟରେ ୩ଟି ମନ୍ଦିର ହୁଣ୍ଡିରୁ ଚୋରି ଘଟଣା ଲୋକଲୋଚନକୁ ଆସିଛି। ସେପଟେ ବାରମ୍ବାର ମନ୍ଦିର ହୁଣ୍ଡିରୁ ଚୋରି ହେବାନେଇ ପୁଲିସର ଚିନ୍ତା ବଢିଛି। ସୂଚନାଯୋଗ୍ୟ ଯେ ସ୍ଥାନୀୟ ସେକ୍ଟର - ୧୫ ଥାନା ଅଧୀନ ସେକ୍ଟର -୧୬ ଡି. ବ୍ଲକ୍ ହନୁମାନମନ୍ଦିର ହୁଣ୍ଡିର ତାଲାଭାଙ୍ଗି ସେଥିରୁ ଦୁର୍ବୃତ୍ତମାନେ ମଙ୍ଗଳବାର ବିଳମ୍ବିତ ରାତିରେ ସମସ୍ତ ଟଙ୍କାଚୋରି କରି ନେଇଛନ୍ତି। ବୁଧବାର ସକାଳେ ପୂଜକ ମନ୍ଦିରକୁ ଆସିବା ପରେ ହୁଣ୍ଡି ଭଙ୍ଗା ଯାଇଥିବା ଦେଖିବାକୁ ପାଇଥିଲେ। ଦୀର୍ଘଦିନ ଧରି ହୁଣ୍ଡି ଖୋଲା ଯାଇନଥିବାରୁ ହୁଣ୍ଡିରେ ହଜାର ହଜାର ଟଙ୍କା ରହିଥିବା ଅନୁମାନ କରାଯାଉଛି। ସେକ୍ଟର -୧୫ ଥାନା ପୁଲିସ ଘଟଣାର ତଦନ୍ତ ଚଳାଇଛି। ସେହିପରି ଗତ ୨୨ତାରିଖ ରାତିରେ ସେକ୍ଟର-୧୬ସ୍ଥିତ ତାରିଣୀ ମନ୍ଦିର ହୁଣ୍ଡିତାଡ଼ି ଦୁର୍ବୃତ୍ତମାନେ ଚୋରିକରି ନେଇଥିଲେ। ହୁଣ୍ଡି ତାଡ଼ି ଟଙ୍କା ନେଇଯିବା ପରେ ମନ୍ଦିର ପଛପଟେ ପକାଇ ଚାଲି ଯାଇଥିଲେ। ଏହି ଘଟଣାର ଦୁଇଦିନ ପରେ ଅର୍ଥାତ୍ ୨୪ ଜୁଲାଇ ରାତିରେ ପ୍ଲାଣ୍ଟସାଇଟ୍ ଥାନା ଅଧୀନ ମହତାବରୋଡ୍ ନିକଟ ଶିବଶକ୍ତି ମନ୍ଦିରର ହୁଣ୍ଡିଭାଙ୍ଗି ଦୁର୍ବୃତ୍ତମାନେ ଟଙ୍କା ଚୋରିକରି ନେଇଥିଲେ। ତେବେ ଏହି ୩ଟି ହୁଣ୍ଡି ଚୋରି ଘଟଣାରେ ପୁଲିସର କାର୍ଯ୍ୟାନୁଷ୍ଠାନ ଶୂନବୋଲି ଅଭିଯୋଗ ହୋଇଛି।

## 'ଆର୍‌ଏସ୍‌ପି: ଆଜି ଓ ଆସନ୍ତାକାଲି'-ପ୍ରଗତିର ସହଯାତ୍ରୀ ଗଣମାଧ୍ୟମ' ଆଲୋଚନାଚକ୍ର

# ରାଉରକେଲାର ବିକାଶ ପାଇଁ ଆର୍‌ଏସ୍‌ପିର ସମ୍ପ୍ରସାରଣ ଅପରିହାର୍ଯ୍ୟ

ରାଉରକେଲା, ୬/୮ (ସମିସ): ରାଉରକେଲା ସହରର ସର୍ବାଙ୍ଗୀନ ବିକାଶ ପାଇଁ ରାଉରକେଲା ଇସ୍ପାତ କାରଖାନାର ସମ୍ପ୍ରସାରଣ ଏକାନ୍ତ ଅପରିହାର୍ଯ୍ୟ ବୋଲି ଆଜି ସ୍ଥାନୀୟ ଇଣ୍ଡୋ ଜର୍ମାନ କ୍ଲବ୍ ପରିସରରେ ଆୟୋଜିତ 'ଆର୍‌ଏସ୍‌ପିର ଆଜି ଏବଂ ଆସନ୍ତାକାଲି - ପ୍ରଗତିର ସହଯାତ୍ରୀ ଗଣମାଧ୍ୟମ' ଶୀର୍ଷକ ଆଲୋଚନାଚକ୍ରରେ ଆର୍‌ଏସ୍‌ପି ଡିଆଇସି ଆଲୋକ ବର୍ମା କହିଛନ୍ତି। ସେ ସାମ୍ବାଦିକମାନଙ୍କର ବିଭିନ୍ନ ପ୍ରଶ୍ନ ଓ ପ୍ରସ୍ତାବକୁ ସ୍ୱାଗତ କରି କହିଲେ ଓଡ଼ିଶାର ଶିଳ୍ପ କୋଣାର୍କ ଭାବେ ପରିଚିତ ରାଉରକେଲା ଇସ୍ପାତ କାରଖାନାର ବର୍ତ୍ତମାନ ଉତ୍ପାଦନ କ୍ଷମତା ୪.୫ ମିଲିୟନ ଟନ୍ ରହିଛି। ହେଲେ ଦ୍ରୁତ କ୍ରମବର୍ଦ୍ଧିଷ୍ଣୁ ଇସ୍ପାତ ବଜାର ସହ ତାଳ ଦେଇ ଚାଲିବା ସହ ଆମର ପ୍ରତିଯୋଗୀମାନଙ୍କ ସହ ଖାପ ଖୁଆଇ ଚାଲିବାକୁ ହେଲେ ଆରଏସପିର ଉତ୍ପାଦନ କ୍ଷମତା ବୃଦ୍ଧି ହେବା ଅନିର୍ବାଯ୍ୟ। ଆର୍‌ଏସ୍‌ପିର ଉତ୍ପାଦନ କ୍ଷମତାକୁ ଆଗାମୀ ଦିନରେ ୯.୩ ମିଲିୟନ ଟନ୍‌କୁ ବୃଦ୍ଧି କରାଯିବାର ପ୍ରସ୍ତାବ ରହିଥିବାରୁ ଏହାକୁ ସମ୍ପ୍ରସାରିତ କରାଯିବ, ଯେଉଁଥିପାଇଁ ୩୦,୦୦୦ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି। ଏଥିପାଇଁ ଆବଶ୍ୟକ ପଡୁଥିବା ୧୨୦୦ ଏକର ଜମିକୁ ଆର୍‌ଏସ୍‌ପି ପରିସରକୁ ଲାଗିଥିବା ବରକାନି ଓ ଝାରମୁଣ୍ଡା ଅଞ୍ଚଳରୁ ଅଧିଗ୍ରହଣ କରାଯାଇ ସମ୍ପ୍ରସାରଣ କାର୍ଯ୍ୟ ଆରମ୍ଭ କରାଯିବ। ଏହି ସମ୍ପ୍ରସାରଣ ପାଇଁ ୮ଟି ଗ୍ରାମରେ ଥିବା ୩୦୦ ପରିବାର ବାସଚ୍ୟୁତ ହେବେ। ବାସଚ୍ୟୁତ ହେବାକୁ ଥିବା ପରିବାରଙ୍କୁ ଇସ୍ପାତ କାରଖାନା ପକ୍ଷରୁ ଘର ନିର୍ମାଣ କରାଯାଇ ଆବଶ୍ୟକ ଥଇଥାନ କରାଯିବା ପାଇଁ ଉଚ୍ଚସ୍ତରୀୟ ଆଲୋଚନା ହୋଇ ସରିଛି। ଏଥିସହିତ ରାଉରକେଲା ଇସ୍ପାତ କାରଖାନାରୁ ମାଲ୍ ପରିବହନ ପାଇଁ ଆର୍‌ଏସ୍‌ପିରୁ ବନ୍ଧମୁଣ୍ଡା ନିକଟ ଡୁମେର୍ତ୍ତା ପର୍ଯ୍ୟନ୍ତ ୪ କିମି ଦୂରତା ବିଶିଷ୍ଟ ଦ୍ୱିତୀୟ ରେଳ ଲାଇନ୍ କାର୍ଯ୍ୟ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ। ଏଥିପାଇଁ ସମସ୍ତଙ୍କ ସହଯୋଗ ସେ କାମନା କରିଥିଲେ। ଶ୍ରୀ ବର୍ମା କହିଲେ ରାଉରକେଲା ଇସ୍ପାତ କାରଖାନାରେ ଏବେ ୧୧ ହଜାର ୭୦୦ ସ୍ଥାୟୀ କର୍ମଚାରୀ ରହିଥିବା ବେଳେ ୧୬ ହଜାରରୁ ଉର୍ଦ୍ଧ ଠିକା ଶ୍ରମିକ ରହିଛନ୍ତି। ଏହାସହ ୨ ଲକ୍ଷ ଲୋକ ଆର୍‌ଏସ୍‌ପି ଉପରେ ନିର୍ଭରଶୀଳ। ଗତ ଡିସେମ୍ବର ୨୦୨୪-୨୫ ସୁଦ୍ଧା ଆରଏସପି ୧୪୦ କୋଟି ଟଙ୍କା କ୍ଷତିରେ ଚାଲୁଥିଲା। ସାରା ଦେଶରେ ମୋଟ ୧୮୦ ମିଲିୟନ ଟନ ଇସ୍ପାତ ଉତ୍ପାଦନ ହେଉଥିବା ବେଳେ ସେଲ ଓ ଆରଆଇଏନଏଲ ମିଶିକରି ୨୫ ମିଲିୟନ ଟନ ଇସ୍ପାତ ଉତ୍ପାଦନ କରୁଛନ୍ତି। ୨୦୧୯ ପର୍ଯ୍ୟନ୍ତ ଆର୍‌ଏସ୍‌ପି ଓଡ଼ିଶାରେ ସର୍ବାଧିକ ଇସ୍ପାତ ଉତ୍ପାଦନକାରୀ କମ୍ପାନୀ ରହି ୧ ନମ୍ବର ସ୍ଥାନରେ ରହିଥିବାବେଳେ ଆଜି ଏହା ୩ ନମ୍ବରକୁ ଖସି ଆସିଛି। ସୁତରାଂ ଆରଏସପିକୁ ଲାଭାର୍ଜନ ସଂସ୍ଥା କରିବାକୁ ଏହାର ସମ୍ପ୍ରଦାୟର ଜରୁରୀ ହୋଇପଡ଼ିଛି। କାରଣ ଆର୍‌ଏସ୍‌ପି ସମ୍ପ୍ରସାରିତ ହେଲେ ସ୍ଥାନୀୟ ନିଯୁକ୍ତି ବଢ଼ିବ ଏବଂ ଅଧିକ ଲାଭ କରିବ। ସେଥିରୁ ଆୟ ଟଙ୍କା ରାଉରକେଲାରେ ହିଁ ଖର୍ଚ୍ଚ ହେବ। ସହରବାସୀଙ୍କ ସର୍ବାଙ୍ଗୀନ ଆର୍ଥିକ ବିକାଶ ନିମିତ୍ତ ଆରଏସପି ଆର୍ଥିକ ଭାବେ ସୁଦୃଢ଼ ହେବାର ଆବଶ୍ୟକତା ରହିଛି। ସେ କହିଲେ ଆଇଜିଏଚକୁ ପରିଚାଳନା କରିବା ଏବଂ ରୋଗୀ ସେବା ପାଇଁ ବାର୍ଷିକ ୧୪୫ କୋଟି ଟଙ୍କା ଖର୍ଚ୍ଚ କରାଯାଉଛି। ଆରଏସପିର ଟାଉନସିପକୁ ମେଣ୍ଟେନ କରିବା ପାଇଁ ୩୫୦ କୋଟି ଟଙ୍କା ଖର୍ଚ୍ଚ କରିବାକୁ ପଡୁଛି। ସିଏସ୍‌ଆର ଫଣ୍ଡରେ ପାଶ୍ୱର୍ାଞ୍ଚଳର ଉନ୍ନତି ପାଇଁ ବିଗତ ୨୦୨୪-୨୫ ବର୍ଷରେ ୧ କୋଟି ୫୮ ଲକ୍ଷ ଟଙ୍କା ବ୍ୟୟରେ ଭିତ୍ତିଭୂମି ବିକାଶ ସହ ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ ଓ ସ୍ୱଚ୍ଛତା, ସାମାଜିକ ସୁରକ୍ଷା, ରୋଜଗାରର ରାସ୍ତା, ସଂସ୍କୃତି ଓ କ୍ରୀଡ଼ା, ମହିଳା ସଶକ୍ତିକରଣ ଏବଂ ଅନ୍ୟାନ୍ୟ କ୍ଷେତ୍ରରେ ବିନିଯୋଗ କରାଯାଇଛି। କ୍ରୀଡ଼ାର ବିକାଶ ପାଇଁ ଇନ୍‌ଡୋର ଷ୍ଟାଡିୟମର ଉନ୍ନତି କରାଯାଇ ଭଲିବଲ୍ କୋର୍ଟ ପ୍ରତିଷ୍ଠା କରାଯାଇଛି। ଆଗାମୀ ଦିନରେ ଇସ୍ପାତ ଷ୍ଟାଡିୟମର ଉନ୍ନତି କରାଯିବା ସହିତ ବିଜୁ ପଟ୍ଟନାୟକ ହକି ଷ୍ଟାଡ଼ିୟମର ଫ୍ଲଡ୍ ଲାଇଟ୍ ବ୍ୟବସ୍ଥା, ଫୁଟ୍ ବଲ୍ ଷ୍ଟାଡିୟମ ନିର୍ମାଣ ଏବଂ ବାସ୍କେଟ୍ ବଲ କୋର୍ଟ ପୁନର୍ଦ୍ଧାର କରାଯିବା ପାଇଁ ପ୍ରସ୍ତାବ ରହିଛି ବୋଲି ଶ୍ରୀ ବର୍ମା କର୍ମଶାଳାରେ ସୂଚନା ଦେଇଥିଲେ। ସମସ୍ତ ପଣଧାରୀଙ୍କ ସହ ସଂଯୋଗ ସ୍ଥାପନ ତଥା ସୂଚନାର ପ୍ରଭାବଶାଳୀ ବିତରଣ ମାଧ୍ୟମରେ ସ୍ୱଚ୍ଛତା, ବିଶ୍ୱାସ ତଥା ଜନସାଧାରଣଙ୍କ ସହିତ ଅଧିକ ସମ୍ପର୍କକୁ ପ୍ରୋତ୍ସାହିତ କରିବାରେ ଗଣମାଧ୍ୟମର ମହତ୍ୱପୂର୍ଣ୍ଣ ଭୂମିକା ନିମନ୍ତେ ଡିଆଇସି ଶ୍ରୀ ବର୍ମା ସେମାନଙ୍କର ପ୍ରଶଂସା କରିଥିଲେ। ଏହି ଅବସରରେ ମାନବ ସମ୍ବଳ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର, କାର୍ଯ୍ୟବିଭାଗର ନିର୍ବାହୀ ନିର୍ଦ୍ଦେଶକ ବିଶ୍ୱରଞ୍ଜନ ପଲାଇ, ସାମଗ୍ରୀ ପରିଚାଳନା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଅନୀଲ କୁମାର, ଖଣି ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏମ.ପି ସିଂହ, ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ସୁଦୀପ ପାଲ ଚୌଧୁରୀ, ଚିକିତ୍ସା ଓ ସ୍ୱାସ୍ଥ୍ୟ ସେବା ବିଭାଗର ସିଏମଓ ଇନ-ଚାର୍ଜ ଡ. ଜୟନ୍ତ କୁମାର ଆଚାର୍ଯ୍ୟ ଏବଂ ବିତ୍ତ ଓ ଲେଖା ବିଭାଗର ସିଜିଏମ ରାଜେଶ ଦାସଗୁପ୍ତା ମଞ୍ଚାସୀନ ଥିଲେ। ଅର୍ଚ୍ଚନା ଶତପଥୀ ସମାବେଶକୁ ସ୍ୱାଗତ କରିଥିବା ବେଳେ ଶଶାଙ୍କ ଶେଖର ପଟ୍ଟନାୟକ 'ରାଉରକେଲା ଇସ୍ପାତ କାରଖାନା-ଆଜି ଏବଂ ଆସନ୍ତାକାଲି' ପ୍ରସଙ୍ଗରେ ଏକ ବିସ୍ତୃତ ଉପସ୍ଥାପନା ପ୍ରସ୍ତୁତ କରିଥିଲେ। ଆରଏସ୍‌ପିର ସିଏସଆର କାର୍ଯ୍ୟଧାରା ଉପରେ ଏକ ଚଳଚ୍ଚିତ୍ର ପ୍ରଦର୍ଶିତ ହୋଇଥିଲା। ଲୋକସମ୍ପର୍କ ବିଭାଗର ସହକାରୀ ପ୍ରବନ୍ଧକ ଜୟଦେବ ମଜୁମଦାର ସଂଯୋଜନା କରିଥିଲେ।



# ନାବାଳିକାକୁ ଦୁଷ୍କର୍ମ ଅଭିଯୋଗରେ ଯୁବକ ଗିରଫ

ରାଉରକେଲା, ୬/୮ (ସମିସ): ସୁନ୍ଦରଗଡ଼ ଜିଲ୍ଲାର ହାତୀବାରୀ ଥାନା ଅଞ୍ଚଳରେ ପୁଣି ଲଜ୍ଜା। ଜଣେ ନାବାଳିକାକୁ ଦୁଷ୍କର୍ମ କରିଥିବା ଅଭିଯୋଗରେ ପୁଲିସ ଜଣେ ଯୁବକକୁ ଗିରଫ କରିଥିବା ସୂଚନା ମିଳିଛି। ହାତୀବାରୀ ଥାନା ଅଧୀନ ଆଣ୍ଠୁଗୁଡ଼ା ଗାଁର ଜଣେ ଯୁବକ ଜଣେ ୧୬ ବର୍ଷୀୟା ନାବାଳିକାଙ୍କୁ ଭଲ ପାଉଥିଲେ। ପରେ ବିବାହର ପ୍ରତିଶ୍ରୁତି ଦେଇ ଅନେକ ଥର ଶାରୀରିକ ସମ୍ପର୍କ ରଖିଥିଲେ। ତେବେ ନାବାଳିକା ଜଣକ ଅନ୍ତଃସତ୍ୱା ହୋଇଯିବାରୁ ତାଙ୍କୁ ବିବାହ କରିବା ପାଇଁ ସେ ଯୁବକଙ୍କୁ ପ୍ରସ୍ତାବ ଦେଇଥିଲେ। ହେଲେ ଯୁବକ ଜଣଙ୍କ ବିବାହ କରିବା ପରିବର୍ତ୍ତେ ତାଙ୍କୁ ନିର୍ଯାତନା ଦେବାସହ ବିବାହ କରିବା ପାଇଁ ମନା କରିଦେଇଥିଲେ। ଏହାପରେ ନାବାଳିକା ଜଣକ ଗର୍ଭବତୀ ହେବାର ଖବର ପରିବାର ବର୍ଗଙ୍କୁ ଜଣାଇଥିଲେ। ଏନେଇ ପରିବାରଲୋକେ ହାତୀବାରୀ ଥାନାରେ ଦୁଷ୍କର୍ମ ଅଭିଯୋଗ କରିଥିଲେ।

# ଟିପ୍ପର ମାଲିକ ସଂଘ ପକ୍ଷରୁ ଚାରାରୋପଣ

ରାଉରକେଲା, ୬/୮ (ସମିସ): ରଘୁନାଥପାଲ୍ଲୀ ଟିପର ଓନର୍ସ ଆସୋସିଏସନ ପକ୍ଷରୁ ଚାରା ରୋପଣ କାର୍ଯ୍ୟକ୍ରମ କରାଯାଇଛି। ସାରନଗରୀ ଅଞ୍ଚଳର ବିଶିଷ୍ଟ ସମାଜସେବୀ ଅଶୋକ କୁମାର ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଦକ୍ଷିଣ ରାଉରକେଲାର ବୋଇତବନ୍ଦାଣ ପଡ଼ିଆ ନିକଟ କଇଁଥା ବସାଠାରେ ରଘୁନାଥପାଲ୍ଲୀ ଟିପର ଓନର୍ସ ଆସୋସିଏସନ ପକ୍ଷରୁ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ନିମ୍ବ, ଆମ୍ବ, ପିଜୁଳି, ଡାଳିମ୍ବ, ଲେମ୍ବୁ, କରଞ୍ଜ ସହିତ ବିଭିନ୍ନ ପ୍ରକାରର ଔଷଧୀୟ ଗଛ ଚାରା ଲଗାଯାଇଥିଲା। ଆଗାମୀ ପିଢ଼ିକୁ ପରିବେଶ ପ୍ରଦୂଷଣ ଜନିତ ଭୟଭୟତାରୁ ରକ୍ଷା କରିବାକୁ ହେଲେ ବ୍ୟାପକ ଚାରାରୋପଣ ମାଧ୍ୟମରେ ଧରାପୃଷ୍ଠକୁ ସବୁଜିମା କରି ରଖିବାକୁ ପଡ଼ିବ। ଅନ୍ୟମାନଙ୍କ ମଧ୍ୟରେ ବସନ୍ତ କୁମାର ଗିରି, ଦେବପ୍ରସାଦ ମିଶ୍ର, ଅଜିତ କୁମାର ଛୋଟରାୟ, ବ୍ରଜକିଶୋର ସାମଲ, ଶୁଭମ ବେହେରା, ଏମ୍‌ଡି ସାଜିଦ, ସୌମ୍ୟରଞ୍ଜନ ନାୟକ, ମନୋଜ କୁମାର ମହାନ୍ତି, ବିଶ୍ୱଜିତ ମିଶ୍ର, ପ୍ରସନ୍ନ କୁମାର ଦାସ, ଫିରୋଜ ଆଲାମ, ଅଶ୍ୱିନୀ ପଟ୍ଟନାୟକ, ଅର୍ଜୁନ ଲମ୍ହା, ଶ୍ରୀକାନ୍ତ ଦାସ, ସର୍ବେଶ୍ୱର ଜେନା, ଶଶୀକାନ୍ତ ସାହୁ, ହରମୋହନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।



# ବେଦାନ୍ତ ଆଲୁମିନିୟମ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ

ରାଉରକେଲା, ୬/୮ (ସମିସ): ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ ପକ୍ଷରୁ ଗ୍ରାମାଞ୍ଚଳ ସ୍କୁଲଗୁଡ଼ିକରେ ଋତୁସ୍ରାବ ସ୍ୱଚ୍ଛତା ଏବଂ କିଶୋର ସ୍ୱାସ୍ଥ୍ୟକୁ ପ୍ରୋତ୍ସାହିତ କରିବା ଉପରେ ଏକ ସପ୍ତାହବ୍ୟାପୀ କାର୍ଯ୍ୟକ୍ରମ ଆୟୋଜିତ ହେଇଥିଲା। ସୁନ୍ଦରଗଡ଼ ଜିଲ୍ଲାର ଜାମକାନି, କୁରାଲୋଇ ଏବଂ ଘୋଘରପାଲିର ୧୮ରୁ ଅଧିକ ସ୍କୁଲରେ ଅନୁଷ୍ଠିତ ହୋଇଥିବା ବେଳେ ଏହି କାର୍ଯ୍ୟକ୍ରମରେ ଷଷ୍ଠରୁ ଦଶମ ଶ୍ରେଣୀର ପ୍ରାୟ ୧,୧୦୦ରୁ ଅଧିକ ଛାତ୍ରଛାତ୍ରୀ ଏଥିରେ ସାମିଲ ହୋଇଥିଲେ। ଏହି ଅବସରରେ ବ୍ୟକ୍ତିଗତ ସ୍ୱାସ୍ଥ୍ୟ ଏବଂ ସୁସ୍ଥତା ବିଷୟରେ ବିସ୍ତୃତ ଆଲୋଚନା, ସଚେତନତାକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ ଆନ୍ତରିକ ଶିକ୍ଷା ଅଧିବେଶନ, ହିଟ୍ ବ୍ୟାଗ ଏବଂ 'ମାସିକ ଋତୁସ୍ରାବ' ଶିକ୍ଷା ପୁସ୍ତିକା ଭଳି ଲିଙ୍ଗ-ସମ୍ବେଦନଶୀଳତା ସାମଗ୍ରୀ ବଣ୍ଟନ କରାଯାଇଥିଲା। ଏହି ଅଧିବେଶନରେ ବେଦାନ୍ତର କର୍ମଚାରୀ ଓ ସ୍ୱେଚ୍ଛାସେବୀଙ୍କ ସକ୍ରିୟ ଅଂଶଗ୍ରହଣ ଦେଖିବାକୁ ମିଳିଥିଲା ଯାହା ଛାତ୍ରଛାତ୍ରୀମାନଙ୍କୁ ଶାରୀରିକ ପରିବର୍ତ୍ତନ ଏବଂ ପ୍ରାରମ୍ଭିକ ସ୍ୱାସ୍ଥ୍ୟ ସଚେତନତାର ଗୁରୁତ୍ୱ ଉପରେ ଅବଗତ କରାଇବା ପାଇଁ ସାହାଯ୍ୟ କରିଥିଲା। ବେଦାନ୍ତ ଆଲୁମିନିୟମର ସିଇଓ ରାଜୀବ କୁମାର କହିଛନ୍ତି, ଏକ ସୁସ୍ଥ ଏବଂ ନିୟନ୍ତ୍ରିତ ସମାଜ ଗଠନ ପାଇଁ ସମ୍ପ୍ରଦାୟ ସ୍ୱାସ୍ଥ୍ୟ ଏବଂ ପରିଚ୍ଛନ୍ନତାକୁ ପ୍ରୋତ୍ସାହିତ କରିବା ଅତ୍ୟନ୍ତ ଜରୁରୀ। ନିରନ୍ତର ଏବଂ ଅନ୍ତର୍ଭୁକ୍ତ ପ୍ରୟାସ ମାଧ୍ୟମରେ, ଆମେ ମହିଳା ଏବଂ କିଶୋରୀମାନଙ୍କୁ ଉପଯୁକ୍ତ ଜ୍ଞାନ ଏବଂ ଆବଶ୍ୟକୀୟ ସମ୍ବଳ ପ୍ରଦାନ କରି ସଶକ୍ତ କରିବାକୁ ଲକ୍ଷ୍ୟ ରଖିଛୁ ଯାହାଦ୍ୱାରା ସେମାନେ ନିଜର ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହୋଇ ପାରିବେ। ବେଦାନ୍ତ ଆଲୁମିନିୟମ ଶିକ୍ଷା, ସ୍ୱାସ୍ଥ୍ୟସେବା, ସ୍ଥାୟୀ ଜୀବିକା, ଭିତ୍ତିଭୂମି, ତୃଣମୂଳ କ୍ରୀଡା ଏବଂ ସଂସ୍କୃତିକୁ ପ୍ରୋତ୍ସାହିତ କରି ସ୍ଥାନୀୟ ସମ୍ପ୍ରଦାୟକୁ ସଶକ୍ତ କରିବା ପାଇଁ ସମର୍ପିତ ରହିଛି। ଏହି ପ୍ରୟାସଗୁଡ଼ିକ ବେଦାନ୍ତ ଆଲୁମିନିୟମର କାର୍ଯ୍ୟକ୍ଷମ କ୍ଷେତ୍ର ମଧ୍ୟରେ ଏବଂ ବାହାରେ ପରିବର୍ତ୍ତନ ଆଣିବା ପାଇଁ ଅଙ୍ଗୀକାରବଦ୍ଧ। ଓଡ଼ିଶାର ସାମଗ୍ରିକ ଅଭିବୃଦ୍ଧି ଏବଂ ଉନ୍ନତି, ପ୍ରତି ସମ୍ପ୍ରଦାୟର ଭାବନାକୁ ପ୍ରୋତ୍ସାହିତ କରେ।



# ସିଣ୍ଟର ପ୍ଲାଣ୍ଟ-୩ ଦ୍ୱାରା 'ଡାଇରେକ୍ଟ ଚାର୍ଜ ଟ୍ରାନ୍ସଫର୍ ଚୁଟ୍' ପ୍ରତିରୋପଣ

ରାଉରକେଲା, ୬/୮ (ସମିସ): ସେଲ୍ ରାଉରକେଲା ଇସ୍ପାତ କାରଖାନାର ସିଣ୍ଟରିଙ୍ଗ ପ୍ଲାଣ୍ଟ - ୩ ର ଉଦ୍ୟୋଗୀଙ୍କ ପ୍ରୟାସରେ ନିଜସ୍ୱ ଦକ୍ଷତାରେ ସିଣ୍ଟରିଂ ପ୍ଲାଣ୍ଟ-୩ (ଏସପି-୩) ସର୍କୁଲାର ସିଣ୍ଟର କୁଲରର ଡାଇରେକ୍ଟ ଚାର୍ଜ ଟ୍ରାନ୍ସଫର ଚୁଟ୍ (ଡିସିଟିସି) ପ୍ରତିରୋପଣ ହୋଇଛି। ଉଲ୍ଲେଖଯୋଗ୍ୟ ଯେ, ୨୦୧୨ରେ ଏହାର ସ୍ଥାପନା ପରେ ପ୍ରଥମ ଥର ପାଇଁ ଏହି ଗୁରୁତ୍ୱପୂର୍ଣ୍ଣ ଜଟିଳ ଉପକରଣର ପରିବର୍ତ୍ତନ କରାଯାଇଥିଲା। ଏହି ମହତ୍ୱପୂର୍ଣ୍ଣ ୟୁନିଟ୍ କ୍ରସିଂ ପରେ ବ୍ଲାଷ୍ଟ ଫର୍ଣ୍ଣେସ୍-୫ରେ ଆବଶ୍ୟକୀୟ ଗୁଣବତ୍ତାର ସିଣ୍ଟର ଯୋଗାଣ ସୁନିଶ୍ଚିତ କରିଥାଏ। ଦୀର୍ଘବର୍ଷ ଧରି କାର୍ଯ୍ୟକ୍ଷମ ରହିବା ଫଳରେ ଡିସିଟିସି ଗୁରୁତର ଅବକ୍ଷୟ ହୋଇଥିଲା, ବିଶେଷକରି 'ଫ୍ଲୋ ଡାଇଭର୍ଟର', ଗୁରୁତର ଭାବରେ କ୍ଷତିଗ୍ରସ୍ତ ହୋଇଥିଲା। ଏହାଫଳରେ ସିଣ୍ଟରର ଛୋଟ ଅନାବଶ୍ୟକ ଆକାରରେ ବିଘଟନ ବୃଦ୍ଧି ପାଇଥିଲା, ଯାହା ଉତ୍ପାଦର ଗୁଣବତ୍ତା ଉପରେ ପ୍ରତିକୂଳ ପ୍ରଭାବ ପକାଇଥିଲା। ଏହି ଡିସିଟିସି ପ୍ରତିସ୍ଥାପନ ପାଇଁ ପ୍ରାୟ ଦୁଇବର୍ଷ ପୂର୍ବେ ଚିନ୍ତନ ଆରମ୍ଭ ହୋଇଥିଲା। କିନ୍ତୁ ୧୭ ଟନ୍‌ରୁ ଅଧିକ ଓଜନର ଏହି ଉପାଦାନର ବିଶାଳ ଆକାର ଏବଂ ସର୍କୁଲାର ସିଣ୍ଟର କୁଲରରେ ସୀମିତ ସ୍ଥାନ ମଧ୍ୟରେ ୯ ମିଟରରୁ ଅଧିକ ଉଚ୍ଚତାରେ ଏହାର ପ୍ରତିସ୍ଥାପନା ଏହି କାର୍ଯ୍ୟପାଇଁ ଏକ ଆହ୍ୱାନ ସୃଷ୍ଟି କରିଥିଲା। ଏହି ଜଟିଳ ପରିବେଶ ମୋବାଇଲ୍ କ୍ରେନ୍ ଏବଂ ଉପକରଣ ବ୍ୟବହାରରେ ପ୍ରତିବନ୍ଧକ ସୃଷ୍ଟି କରିଥିଲା ଏବଂ ଏକ ଅଭିନବ ଏବଂ ସତର୍କତାପୂର୍ଣ୍ଣ ଯୋଜନାବଦ୍ଧ ପଦ୍ଧତିର ଆବଶ୍ୟକତା ଅନୁଭୂତ ହୋଇଥିଲା। ଡିଜାଇନ୍ ବିଭାଗର ସହଯୋଗରେ ଅନ୍ୟ ଏକ ବ୍ୟାପକ ଯୋଜନା ବିକଶିତ ହୋଇଥିଲା ଯେଉଁଥିରେ ଡିସିଡିଟିସି ପାଇଁ କଷ୍ଟମ୍-ଇଞ୍ଜିନିୟର୍ଡ ଡ୍ରଇଂ ଏବଂ ପ୍ରତିସ୍ଥାପନକୁ ସହଜ କରିବା ପାଇଁ ଏକ ଟ୍ରଲି ସ୍ଥାପନ ପାଇଁ ଏକ ୧୨-ମିଟର ଲମ୍ବ ରେଳ ବ୍ୟବସ୍ଥା ଅନ୍ତର୍ଭୁକ୍ତ ଥିଲା। ସଠିକ୍ ମାଇକ୍ରୋ-ଲେଭଲ୍ ଯୋଜନା ଏବଂ ପ୍ରସ୍ତୁତି କାର୍ଯ୍ୟ ସହିତ ଏହାର ସମ୍ପୂର୍ଣ୍ଣ ପ୍ରତିସ୍ଥାପନ କାର୍ଯ୍ୟ ଜୁଲାଇ ୨୫ ରୁ ୩୦ ତାରିଖ ପର୍ଯ୍ୟନ୍ତ ମାତ୍ର ଛଅ ଦିନ ମଧ୍ୟରେ ସଫଳତାର ସହ ସମାପ୍ତ ହୋଇଥିଲା। ଏକ ପ୍ରମୁଖ ମାଇଲଖୁଣ୍ଟ ସ୍ୱରୂପ ସେଲ୍ ମଧ୍ୟରେ ଯେକୌଣସି ସିଣ୍ଟର ପ୍ଲାଣ୍ଟରେ ଡିସିଟିସିର ଏହା ହେଉଛି ପ୍ରଥମ ପ୍ରତିସ୍ଥାପନ। ଏହି ପଦକ୍ଷେପକୁ ୨୦୨୩ରେ ତତ୍କାଳୀନ ସିଣ୍ଟର ପ୍ଲାଣ୍ଟ ବିଭାଗର ସିଜିଏମ ଏବଂ ବର୍ତ୍ତମାନର କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ବି. ଆର. ପଲାଇଙ୍କ ଦ୍ୱାରା ସଂକଳ୍ପିତ ଏବଂ ବୈଷୟିକ ଭାବରେ ମାର୍ଗଦର୍ଶନ କରାଯାଇଥିଲା। ସିଣ୍ଟର ପ୍ଲାଣ୍ଟ ବିଭାଗର ସିଜିଏମ୍ ଶେଖର ନାରାୟଣଙ୍କ ମାର୍ଗଦର୍ଶନରେ ସଫଳ ହୋଇଥିଲା। ସିଣ୍ଟର ପ୍ଲାଣ୍ଟ-୩ ବିଭାଗର ମୁଖ୍ୟ ତଥା ଜିଏମ୍ ଇନ୍‌ଚାର୍ଜ କଲ୍ୟାଣ ସମାଜଦାର ଏହି ପ୍ରକଳ୍ପର ନେତୃତ୍ୱ ନେଇଥିଲେ।



**ସେଲ୍ ଇତିହାସରେ ପ୍ରଥମ ପ୍ରୟାସ**

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ଅର୍ଜୁନ ଚରଣ କୁଣ୍ଡୁ
(ପୂର୍ବତନ ପ୍ରଧାନଶିକ୍ଷକ)
ଗ୍ରାମ - ସୋଧ, ଦୋବଲ, ଧାମନଗର, ଭଦ୍ରକ
ଆବିର୍ଭାବ - ୧୧.୦୩.୧୯୪୮
ତିରୋଧାନ -୨୮,୦୭,୨୦୨୫
ବାପା, ଆପଣଙ୍କ ଅବର୍ତ୍ତମାନରେ ଆଜିକୁ ଏଗାର ଦିନ ହୋଇ। ଆପଣଙ୍କ ଅନୁପସ୍ଥିତିକୁ ପ୍ରତି ମୁହୂର୍ତ୍ତ ରେ ଆମ୍ଭେମାନେ ଅନୁଭବ କରୁଛୁ। ଆପଣଙ୍କ ସ୍ନେହ, ଶ୍ରଦ୍ଧା, ଭଲ ପାଇବା ପ୍ରତ୍ୟେକ ମୁହୂର୍ତ୍ତରେ ମନେପଡୁଛି, ମହାପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ ଆପଣଙ୍କ ଅମର ଆତ୍ମା ସଦଗତି ହେଉ।
"ଇତି: ଆପଣଙ୍କର ହତଭାଗ୍ୟ ପୁତ୍ର ହିମାଂଶୁ ଶେଖର କୁଣ୍ଡୁ, ଶୁଭ୍ରାଂଶୁ ଶେଖର କୁଣ୍ଡୁ, ସିତାଂସୁ ଶେଖର କୁଣ୍ଡୁ, ବନ୍ଧୁବାନ୍ଧବ ଆତ୍ମୀୟ ସ୍ୱଜନ ଓ କୁଣ୍ଡୁ ପରିବାର ବର୍ଗ

### ଭିତ୍ତିଭୂମି ଅଭାବରୁ ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ

# ଏକାଧିକ ବିଦ୍ୟାଳୟରେ ୮ ଶ୍ରେଣୀକୁ ୨ କୋଠରି






କଳମପୁର, ୬।୮ (ସମିସ)

ଅସଜଡା ଭିତ୍ତିଭୂମି ଯୋଗୁଁ କଳାହାଣ୍ଡି ଜିଲ୍ଲା କଳମପୁର ଅଞ୍ଚଳରେ ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇ ପଡ଼ିଛି। ଫଳରେ କେଉଁଠି ବିପଦପୂର୍ଣ୍ଣ ପ୍ରକୋଷ୍ଠରେ ଜୀବନକୁ ବାଜି ଲଗାଇ ପାଠପଢ଼ା ଚାଲିଛି ତ, କେଉଁଠି ଗେଞ୍ଜାଗେଞ୍ଜି ହୋଇ ପାଠପଢ଼ା ଚାଲିଛି। ଯେଉଁଠି ବସିବାକୁ ସ୍ଥାନ ନାହିଁ ସେଠାରେ ପାଠପଢ଼ା କେମିତି ହେଉଥିବ ତାହା ବଡପ୍ରଶ୍ନ ଭାବେ ଠିଆ ହୋଇଛି। ହାରାମାଲ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ରହିଛି, ସେଠାରେ ୧୭୦ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ସେମାନଙ୍କ ପାଇଁ ମାତ୍ର ରହିଛି ୨ଟି ଶ୍ରେଣୀ ଗୃହ, ତାହା ପୁଣି ବିପଦ ସଂକୁଳ ଅବସ୍ଥାରେ, ଛାତ୍ରଛାତ୍ରୀଙ୍କ ମୁଣ୍ଡ ଉପରେ ସର୍ବଦା ବିପଦ ଅନାଇ ରହିଛି, ବୋଦେଲବନ୍ଧ ପ୍ରାଥମିକ ବିଦ୍ୟାଳୟରେ ମଧ୍ୟ ଶ୍ରେଣୀ ଗୃହର ଅଭାବ ରହିଛି, ହାରାମାଲ ବିଦ୍ୟାଳୟରେ ବାରଣ୍ଡାରେ ବସି ଛାତ୍ରଛାତ୍ରୀ ମାନେ ପାଠପଢୁଥିବା ବେଳେ ବୋଦେଲବନ୍ଧ ପ୍ରାଥମିକ ବିଦ୍ୟାଳୟରେ ବାରଣ୍ଡା ଓ ପ୍ରଧାନଶିକ୍ଷକଙ୍କ ପ୍ରକୋଷ୍ଠରେ ବସି ପାଠ ପଢୁଛନ୍ତି, ମଣ୍ଡଳ କଲୋନୀ ପଡ଼ା, ଧନପୁର ଓ କଳମପୁର କେନ୍ଦ୍ର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ମଇଳା ଆବର୍ଜନା ପାଣି ନିଷ୍କାସନ ହୋଇ ନ ପାରିବାରୁ ଛାତ୍ରଛାତ୍ରୀ ଅତିଷ୍ଠ ହୋଇ ପଡ଼ିଛନ୍ତି। ବାଲିଛଡା ପ୍ରାଥମିକ ବିଦ୍ୟାଳୟ ନିର୍ମାଣ ଅଧାପନ୍ତରିଆ ଭାବେ ପଡ଼ି ରହିଛି, ଫଳରେ ଛାତ୍ରଛାତ୍ରୀମାନେ ବନ୍ୟା ଆଶ୍ରୟସ୍ଥଳୀରେ ବିଦ୍ୟାଳୟ ଖୋଲି ପାଠ ପଢୁଛନ୍ତି, ଖଙ୍ଗାରଗୁଡାରେ ମଧ୍ୟ ଅନୁରୂପ ଘଟଣା ଦେଖିବାକୁ ମିଳିଛି, ଏଠାରେ ମଧ୍ୟ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ରହିଛି, ଏଠାରେ ମଧ୍ୟ ଦୁଇଟି ପ୍ରକୋଷ୍ଠରେ ପାଠପଢ଼ା ଚାଲିଥିବା ବେଳେ କିଛି କୁନୀକୁନୀ ଛାତ୍ରଛାତ୍ରୀ ମାନେ ବାରଣ୍ଡାରେ ବସି ପାଠ ପଢୁଛନ୍ତି, ଗୋଟିଏ ପ୍ରକୋଷ୍ଠରେ ଏକାଧିକ ଶ୍ରେଣୀର ଛାତ୍ରଛାତ୍ରୀଙ୍କୁ ପୁରାଇ କି ପରିବେଶରେ ପାଠପଢ଼ା ଯାଉଥିବ ତାହା କଳନା କରି ହେବ ନାହିଁ, ରୟତି ଜମି ଯୋଗୁଁ ଭାଲୁବୁଟୁରା ବିଦ୍ୟାଳୟ ଏକ ପ୍ରକାର ଅଚଳ କରିଦିଆଯାଇଥିଲା, ଛାତ୍ରଛାତ୍ରୀ ମାନେ ରାଜ ରାସ୍ତାରେ ଆନ୍ଦୋଳନ କଲେ, ଏବେ ସ୍ଥାନାନ୍ତର ହେଉଛି ବିଦ୍ୟାଳୟ, କେତେକ ବିଦ୍ୟାଳୟ ରୟତି ଯାଗାରେ ରହିଥିବା ବେଳେ କେତେକ ବିଦ୍ୟାଳୟ ଧାର୍ଯ୍ୟ ଉପସ୍ଥାପନ ନହେବାରୁ ବନ୍ଦ କରି ଦିଆଯାଇଛି, ବନ୍ଦ ପଡ଼ିଥିବା କେତେକ ବିଦ୍ୟାଳୟ ଲୋକଙ୍କ କବ୍ଜାକୁ ଚାଲିଗଲାଣି ତ, କେତେକ ବିଦ୍ୟାଳୟ ଭୂତକୋଠି ପାଲଟିଲାଣି, ଏବେ ବି ଏକାଧିକ ବିଦ୍ୟାଳୟ ବିବାଦୀୟ ହୋଇ ପଡ଼ିଛି, ଏ ନେଇ କଳମପୁର ଗୋଷ୍ଠୀ ଶିକ୍ଷା ଅଧିକାରୀଣୀ ସୁଶ୍ରୀ ମଧୁସ୍ମିତା ନାଏକ ଅଞ୍ଚଳରେ ପାଖାପାଖି ୩୦ଟି ବିଦ୍ୟାଳୟ ଜମି ବିବାଦରେ ଫସି ରହିଛି, ଫଳରେ ଭିତ୍ତିଭୂମି ନିର୍ମାଣରେ ଅନ୍ତରାୟ ସୃଷ୍ଟି ହୋଇଛି ବୋଲି କହିଛନ୍ତି, ସେତେବେଳେ ବଦାନ୍ୟ ବ୍ୟକ୍ତି ମାନେ ଅଞ୍ଚଳରେ ଶିକ୍ଷାର ବିକାଶ ପାଇଁ ଜମି ଦାନ କରି ଯାଇଛନ୍ତି, ଏବେ ସେମାନଙ୍କ ଉତ୍ତରାଧିକାରୀ ମାନେ ବିଦ୍ୟାଳୟ ଉପରେ ଲୋଲୁପ ଦୃଷ୍ଟି ପକାଇଛନ୍ତି, ଫଳରେ କିଛି ବିଦ୍ୟାଳୟ ଅନ୍ୟତ୍ର ସ୍ଥାନାନ୍ତର ହୋଇଥିବା ବେଳେ ସରକାରଙ୍କ ଦ୍ୱାରା ନିର୍ମିତ ଜମି ଓ ବିଦ୍ୟାଳୟ ଗୃହ ଛଡାଇ ନିଆଗଲାଣି, ସେତେବେଳେ ପୁରାତନ ବିଦ୍ୟାଳୟ ଗୁଡିକ ପ୍ରାୟତଃ ଲୋକଙ୍କ ଜମିରେ ନିର୍ମିତ ହୋଇଥିଲା, ଯଦି ଏଭଳି ଲୋଲୁପ ଦୃଷ୍ଟି ଲାଗିରହେ ତେବେ ଏକାଧିକ ବିଦ୍ୟାଳୟ ଲୋକଙ୍କ କବ୍ଜାକୁ ଚାଲିଯିବ, ସୁନ୍ଦର ପରିବେଶରେ ଗୁଣାବକ ଶିକ୍ଷା ଆଜି ଏହି ଅଞ୍ଚଳର କେତେକ ସ୍ଥାନରେ ଛାତ୍ରଛାତ୍ରୀ ମାନଙ୍କ ପାଇଁ ସପନ ପାଲଟି ଯାଇଛି, ଜନ ପ୍ରତିନିଧି ମାନଙ୍କ ସହଯୋଗ ଓ ପ୍ରଶାସନର ବଳିଷ୍ଠ ପଦକ୍ଷେପ ହିଁ ଏଭଳି ସମସ୍ୟାର ସମାଧାନ କରି ପାରିବ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି।

### ● ଟିକ୍ରାପଡ଼ା ସ୍କୁଲ ଛାତ୍ରଙ୍କୁ ମାଡ଼ ଘଟଣା

## ପୀଡ଼ିତ ଛାତ୍ରଙ୍କ ଅଭିଭାବକ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ

ବଲାଙ୍ଗିର, ୬।୮ (ସମିସ): ବଲାଙ୍ଗିର ଜିଲ୍ଲା ସଇଁନ୍ତଲା ଥାନା ଅନ୍ତର୍ଗତ ଟିକ୍ରାପଡ଼ା ପ୍ରାଥମିକ ବିଦ୍ୟାଳୟରେ ଛାତ୍ରଙ୍କୁ ମାଡ ଘଟଣାକୁ ନେଇ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି ପୀଡିତ ଛାତ୍ରଙ୍କ ପରିବାର। ଗତ ୩୧ ତାରିଖରେ ବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷୟିତ୍ରୀ ମଞ୍ଜୁଲତା ହୋତା ଜଣେ ଛାତ୍ରଙ୍କୁ ମାଡ଼ ମାରିଥିବା ଅଭିଯୋଗ ହୋଇଥିଲା। ପରବର୍ତ୍ତି ସମୟରେ ଅଭିଭାବକ ଏନେଇ ପଚାରିବାରୁ ଛାତ୍ରର ଟିସି ନେଇ ଚାଲିଯିବାକୁ କହୁଥିବା ପୀଡିତ ଛାତ୍ରଙ୍କ ମା'ଥାନାରେ ଅଭିଯୋଗ କରିଥିଲେ। ଏନେଇ ମାମଲା ରୁଜୁ ହୋଇଥିବା ବେଳେ କୌଣସି କାର୍ଯ୍ୟାନୁଷ୍ଠାନ ହେଉନଥିବାରୁ ସପରିବାର ବୁଧବାର ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ।



ଅଭିଯୋଗ ଅନୁସାରେ ଗତ ଜୁଲାଇ ୩୧ ତାରିଖରେ ସଇଁନ୍ତଲା ଥାନା ଟିକ୍ରାପଡ଼ା ପ୍ରାଥମିକ ବିଦ୍ୟାଳୟରେ ପଢୁଥିବା ଜଣେ ଛାତ୍ରଙ୍କୁ ପ୍ରଧାନଶିକ୍ଷୟିତ୍ରୀ ମଞ୍ଜୁଲତା ହୋତା ମାଡ଼ ମାରିଥିବା ଅଭିଯୋଗ ହୋଇଥିଲା। ସେ ସମ୍ପୃକ୍ତ ଛାତ୍ରଙ୍କ ମୁଣ୍ଡକୁ ଧରି ସ୍କୁଲ କାନ୍ଥରେ ବାଡେଇ ଦେଇଥିବାରୁ ତାଙ୍କ ମୁଣ୍ଡରେ ଆଘାତ ଲାଗିଥିବା ପରିବାର ଲୋକେ ଦେଖିଥିଲେ। ଏନେଇ ତାଙ୍କ ମା' ନିରୁପମା ବାଗ ଓ ବାପା ରମାକାନ୍ତ ବାଗ ଯାଇ ସ୍କୁଲରେ ପଚାରିବାରୁ ତାଙ୍କୁ ଶିକ୍ଷୟିତ୍ରୀ ଜଣକ ଗାଳି କରିବା ସହ ଛାତ୍ରର ଟିସି ନେଇ ଅନ୍ୟତ୍ର ପଢ଼ାଇବା ପାଇଁ କହିଥିଲେ। ତେବେ ଏହି ଘଟଣାକୁ ନେଇ ନିରୁପମା ବାଗ ଟିକ୍ରାପଡ଼ା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହି ଘଟଣାରେ ସଇଁନ୍ତଲା ଥାନା କେସ ନଂ ୩୦୩/୨୦୨୫ରେ ମାମଲା ରୁଜୁ ହୋଇଥିବା ଜଣାପଡ଼ିଛି। ତେବେ ଏହି ଘଟଣାକୁ ସପ୍ତାହେ ବିତିଥିବା ବେଳେ ନା ପୁଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି ନା ଏହାର ସମାଧାନ ପାଇଁ ଆଲୋଚନା କରାଯାଇଛି। ଫଳରେ ଛାତ୍ର ଜଣକ ସ୍କୁଲ ଯିବାରୁ ବଞ୍ଚିତ ରହିଛନ୍ତି। ଓ ପ୍ରଧାନଶିକ୍ଷୟିତ୍ରୀ ଜଣକ ମଧ୍ୟ ଛାତ୍ରଙ୍କ ନାମ କାଟିଦେବାକୁ ଜିଦ ଧରି ବସିଥିବା ନିରୁପମା ଅଭିଯୋଗ କରିଛନ୍ତି। ଏମିତିରେ ତାଙ୍କ ସମସ୍ୟା କେହି ବୁଝୁନଥିବାରୁ ବୁଧବାର ଜିଲ୍ଲାପାଳଙ୍କୁ ଭେଟି ଏନେଇ ଅଭିଯୋଗ କରିବା ସହ ସମ୍ପୃକ୍ତ ଶିକ୍ଷୟିତ୍ରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି।

### ● ନାବାଳକ ନରେଶ ସାହୁ ମୃତ୍ୟୁ ଘଟଣା

## ୩ ଜଣଙ୍କୁ ଗିରଫ କରି କାମ ସାରିଦେଲା ପୁଲିସ

ଥୁଆମୂଳରାମପୁର, ୬।୮ (ସମିସ): କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ଥାନା ଅନ୍ତର୍ଗତ ବିରିକୋଟ ଗ୍ରାମରେ ଜଣେ ନାବାଳକଙ୍କୁ ମାରି ଏକ ଗଛରେ ଟାଙ୍ଗି ଦେଇ ଆତ୍ମହତ୍ୟାର ରୂପ ଦିଆଗଲା। ହେଲେ ଏହି ହତ୍ୟାକାଣ୍ଡରେ ଅନେକ ଜଡିତ ଥିବା ବେଳେ ପୁଲିସ ମାତ୍ର ତିନି ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଥୁଆମୂଳ ରାମପୁର ପୁଲିସ ଅଭିଯୁକ୍ତଙ୍କୁ ଘଣ୍ଟ ଘୋଡ଼ାଉ ଥିବା ବେଳେ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ମୃତ ନରେଶର ମାଁ କଳାହାଣ୍ଡି ଏସପିଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଗତ ଜୁନ ୨୩ ତାରିଖ ଦିନ ନାବାଳକ ନରେଶ ଜଣେ ନାବାଳିକା ସହିତ କଥା ହେଉଥିବା ବେଳେ ନାବାଳିକାର ମା'ଆସି ନରେଶକୁ ମାଡ଼ ମାରିଥିଲେ ଏବଂ ସେହିଦିନ ଠାରୁ ନରେଶ ମଧ୍ୟ ନିଖୋଜ ହୋଇଥିଲେ। ପରିବାର ଲୋକେ ନରେଶକୁ ଖୋଜାଖୋଜି କରିବା ପରେ ନ ମିଳିବାରୁ ପୁଅ ନିଖୋଜ ନେଇ ଥୁଆମୂଳ ରାମପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ନିଖୋଜର ୪ ଦିନ ପରେ ନରେଶର ମୃତଦେହ ବଲଙ୍ଗି ଗ୍ରାମ ଯିବା ରାସ୍ତାରେ ଏକ ଗଛରେ ଝୁଲୁଥିବା ଲୋକେ ଦେଖିବାକୁ ପାଇଥିଲେ। ଏନେଇ ପରିବାର ଲୋକେ ପୁଲିସକୁ ଖବର ଦେବା ପରେ ଘଟଣାସ୍ଥଳରେ ସାଇଣ୍ଟିଫିକ ଟିମ୍ ଓ ସନ୍ଧାନୀ କୁକୁର ସହିତ ପୁଲିସ ତଦନ୍ତ କରିଥିଲେ। ପରେ ପୁଲିସ ପକ୍ଷରୁ ଏକ ମାମଲା ରୁଜୁ କରି ନରେଶଙ୍କୁ ଆତ୍ମହତ୍ୟା କରିବା ପାଇଁ ପ୍ରବର୍ତ୍ତାଇ ଥିବା ଅଭିଯୋଗରେ ତେନ୍ତୁଳିପଡ଼ା ଗ୍ରାମର ମହିଳା ଭଜନ୍ତି ରାଉତ, ସ୍ୱାମୀ ଲମ୍ବୁ ରାଉତ ଓ ଶଳା ବିରିକୋଟ ଗ୍ରାମର ଶଙ୍କର ଗଉଡ଼ଙ୍କୁ ଗରିଫ କରି କୋର୍ଟ ଚାଲାଣ କରିଥିଲେ। ଅନ୍ୟ ପକ୍ଷରେ ମୃତ ନାବାଳକ ନରେଶ ସାହୁର ମୁଣ୍ଡ ଓ କାନରେ ରକ୍ତ ବାହାରୁଥିଲା, ଆଖି ଡୋଳା ବାହାରି ଯାଇଥିଲା, ପାଟିରଦାନ୍ତକୁ ଭାଙ୍ଗି ଦିଆଯାଇଥିଲା, ବେକକୁ ମୋଡି ଭାଙ୍ଗି ଦିଆଯାଇଥିବା ବେଳେ ଗୁପ୍ତାଙ୍ଗକୁ ପଥରରେ ଛେଚି ଦିଆଯାଇଥିବା ନେଇ ପରିବାର ଲୋକେ ଅଭିଯୋଗ କରିଛନ୍ତି। ମୃତ ନରେଶକୁ ଅମାନବୀୟ ଅତ୍ୟାଚାର କରି ହତ୍ୟା କରାଯାଇଥିବା ବେଳେ ଏକ ତିନି ଜଣଙ୍କ କାମ ନୁହେଁ। ଏହି ହତ୍ୟାକାଣ୍ଡରେ ଅନେକ ଲୋକ ଜଡିତ ଅଛନ୍ତି ଥୁଆମୂଳ ରାମପୁର ପୁଲିସ ଘଟଣାକୁ ଚାପି ଦେବା ପାଇଁ ମାତ୍ର ତିନି ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରି ନିଜ ଦୋଷ ଖସାଇବାକୁ ଉଦ୍ୟମ କରୁଛନ୍ତି। ଅନ୍ୟ ପକ୍ଷରେ ଅନ୍ୟ ଅଭିଯୁକ୍ତମାନେ ଏବେବି ଖୁଲମଖୁଲା ବାହାରେ ବୁଲୁଛନ୍ତି। ଥୁଆମୂଳ ରାମପୁର ପୁଲିସ ଗରିବ ଲୋକଙ୍କୁ ନ୍ୟାୟ ପ୍ରଦାନ ପାଇଁ ଟାଳଟୁଳ ନୀତି ଅବଲମ୍ବନ କରୁଛନ୍ତି ବୋଲି ପରିବାର ଲୋକେ ଅଭିଯୋଗ କରିଛନ୍ତି। ନାବାଳକ ନରେଶକୁ ହତ୍ୟା କରାଯାଇଛି ଓ ଏଥିରେ ଅନେକ ଲୋକ ଜଡିତ ଅଛନ୍ତି ଏବଂ ସମସ୍ତ ଅଭିଯୁକ୍ତ ଗରିଫ ଦାବି ନେଇମୃତ ନରେଶର ମା'ସୁନି ସାହୁ କଳାହାଣ୍ଡି ଏସ୍‌ପିଙ୍କୁ ଲିଖିତ ଜଣାଇଛନ୍ତି।

● ଅଭିଯୁକ୍ତ ଖୁଲମଖୁଲା ବୁଲୁଛନ୍ତି
● ଗିରଫ ଦାବିରେ ଏସ୍‌ପିଙ୍କ ଦ୍ୱାରସ୍ଥ ମା'

## ଜିଲ୍ଲା ଶିକ୍ଷା ବିଭାଗ ଓ ଓଡ଼ିଶା ରାଇଜିଂ ଫାଉଣ୍ଡେସନ୍ ମଧ୍ୟରେ ଏମ୍‌ଓୟୁ ସ୍ୱାକ୍ଷରିତ



ଭବାନୀପାଟଣା, ୬।୮ (ସମିସ): କଳାହାଣ୍ଡି ଜିଲ୍ଲାର ବିଭିନ୍ନ ବିଦ୍ୟାଳୟରେ ଶିକ୍ଷା ଲାଭ କରୁଥିବା ଛାତ୍ରଛାତ୍ରୀଙ୍କୁ ବିଜ୍ଞାନ ଓ ଗଣିତ ଇଂରାଜୀ ବିଷୟରେ ଅଧିକରୁ ଅଧିକ ଦକ୍ଷ କରିବା ପାଇଁ ଷ୍ଟେମ ଶିକ୍ଷା ମାଧ୍ୟମରେ ଶିକ୍ଷା ପ୍ରଦାନ ଲକ୍ଷ ନେଇ ରାଜ୍ୟର ଅନ୍ୟତମ ବେସରକାରୀ ଅନୁଷ୍ଠାନ ଓଡ଼ିଶା ରାଇଜିଂ ଫାଉଣ୍ଡେସନ ଭୁବନେଶ୍ୱର ତାହାର ପ୍ରଚେଷ୍ଟା ଜାରି ରଖିବା ସହ କଳାହାଣ୍ଡି ଶିକ୍ଷା ବିଭାଗ ସହ ଏମ୍‌ଓୟୁ ସ୍ୱାକ୍ଷର କରିଛନ୍ତି। ଏହି ଉପଲକ୍ଷେ କଳାହାଣ୍ଡି ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ କନ୍‌ଫରେନ୍ସ ହଲରେ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିରେ କଳାହାଣ୍ଡି ଜିଲ୍ଲା ଜିଲ୍ଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରି, କଳାହାଣ୍ଡି ଡିଆଇଇଟିର ଅଧକ୍ଷ ଦେଶବନ୍ଧୁ ସାହୁ, ଏଡିଇଓ ପବିତ୍ରମୋହନ ସାହୁ, ଏଡିଓ ହେମସାଗର ମହାନନ୍ଦ, ଜିଲ୍ଲା ବିଜ୍ଞାନ ସୁପରଭାଇଜର ଦୁଷ୍ମନ୍ତ ଶେଖର ପାଢ଼ୀ, ପେଡ଼ାଗଜି ସଂଯୋଜକ ଶ୍ରଦ୍ଧାଞ୍ଜଳି ଦାସ, ଜିଲ୍ଲା ସଂଯୋଜକ ପ୍ରଶାନ୍ତ କୁମାର ନନ୍ଦ, ଡିଇଓ କାର୍ଯ୍ୟାଳୟର ସେକେଣ୍ଡାରୀ ବିଦ୍ୟାଳୟ ଇନ୍‌ଚାର୍ଯ୍ୟ ବିରେନ୍ଦ୍ର କୁମାର ଆଚାର୍ଯ୍ୟ ଉପସ୍ଥିତ ଥିବା ବେଳେ ଓଡ଼ିଶା ରାଇଜିଂ ଫାଉଣ୍ଡେସନ ପକ୍ଷରୁ ଅଧକ୍ଷ ଅକ୍ଷୟ ସାଗର, ଓଡ଼ିଶା ରାଇଜିଂ ଫାଉଣ୍ଡେସନ କାର୍ଯ୍ୟକ୍ରମ ମୁଖ୍ୟ ସାଗରିକା ରାୟ, କଳାହାଣ୍ଡି ପୋଗ୍ରାମ୍ ଲିଡର୍ ପ୍ରଜ୍ଞା ପୂର୍ବାଶା ତ୍ରିପାଠୀ, ଅନ୍ୟତମ କଳାହାଣ୍ଡି ପ୍ରୋଗ୍ରାମ ଲିଡର୍ ଆଦିତ୍ୟ କୁମାର ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ଛତ୍ରୀ ଓ ଓଡ଼ିଶା ରାଇଜିଂ ଫାଉଣ୍ଡେସନର ଅଧକ୍ଷ ଶ୍ରୀ ସାଗରଙ୍କ ମଧ୍ୟରେ ଆନୁଷ୍ଠାନିକ ଭାବେ ଏମ୍‌ଓୟୁ ସ୍ୱାକ୍ଷରିତ ହୋଇଥିଲା। କଳାହାଣ୍ଡି ଜିଲ୍ଲାର ୧୩ଟି ବ୍ଲକର ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ବିଜ୍ଞାନ, ଗଣିତ ଓ ଇଂରାଜୀ ବିଷୟରେ ଷଷ୍ଠ ଶ୍ରେଣୀରୁ ଅଷ୍ଟମ ଶ୍ରେଣୀରେ ପାଠ ପଢ଼ାଉଥିବା ଶିକ୍ଷକଙ୍କୁ ସ୍ୱତନ୍ତ୍ର ପ୍ରଶିକ୍ଷଣ ଦିଆଯିବ ଓ ବିଦ୍ୟାଳୟସ୍ତରରେ ଷ୍ଟେମସ୍ କ୍ଲବ୍ ଖୋଲାଯିବ ବୋଲି ଉପସ୍ଥିତ ଅଧିକାରୀମାନେ ମତ ପ୍ରକାଶ କରିଥିଲେ। ଶେଷରେ ପ୍ରଶାନ୍ତ କୁମାର ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।

## ଧର୍ମଗଡ଼ରେ ନୂତନ ଉପଜିଲ୍ଲାପାଳଙ୍କ ଯୋଗଦାନ



ବେହେରା/ଧର୍ମଗଡ଼, ୬।୮ (ସମିସ): କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ଉପଖଣ୍ଡର ଉପଜିଲ୍ଲାପାଳ ଭାବେ ଆଇଏଏସ ପ୍ରେକ୍ଷା ଅଗ୍ରୱାଲ ଯୋଗ ଦେଇଛନ୍ତି। ସେ ୨୦୨୨ ମସିହାରେ ସିଭିଲ ସର୍ଭିସ ପରୀକ୍ଷାରେ ୩୦ ତମ ସ୍ଥାନ ହାସଲ କରିଥିଲେ। ୨୦୧୮ ମସିହାରେ ଭୋପାଳର ନ୍ୟାସନାଲ ଇନ୍‌ଷ୍ଟିଚ୍ୟୁଟ ଅଫ ଟେକ୍ନୋଲୋଜିରୁ ଇଲେକ୍ଟ୍ରୋନିକ୍ସ ଏବଂ କମ୍ୟୁନିକେସନ ଇଞ୍ଜିନିୟରିଂରେ ବିଟେକ୍ ପାସ କରିଥିଲେ। ୟୁପିଏସସି ପରୀକ୍ଷାରେ ଭୂଗୋଳକୁ ଇଚ୍ଛାଧିନ ବିଷୟ ରଖି ସେ ତାଙ୍କର ଚତୁର୍ଥ ପ୍ରୟାସରେ ସର୍ବଭାରତୀୟ ସ୍ତରରେ ୩୦ ତମ ସ୍ଥାନ ହାସଲ କରିଥିଲେ। ଆଜି ଧର୍ମଗଡ଼ରେ ଉପଜିଲ୍ଲାପାଳ ଭାବେ ଯୋଗ ଦେବା ପରେ ସରକାରଙ୍କ ଜନହିତକର ଲୋକାଭିମୁଖୀ ଯୋଜନା ଗୁଡ଼ିକର ତୃଣମୂଳସ୍ତରରେ କାର୍ଯ୍ୟକାରୀ କରିବା ସହିତ ସ୍ଥାନୀୟ ସମସ୍ୟାର ସମାଧାନ କରିବାକୁ ପ୍ରୟାସ କରିବି ବୋଲି କହିବା ସହିତ ଧର୍ମଗଡ଼ ଉପଖଣ୍ଡ ଅଞ୍ଚଳର ଅଞ୍ଚଳବାସୀଙ୍କ ସହଯୋଗ କାମନା କରିଥିଲେ।

### ● ପାଟଣାଗଡ଼ ବ୍ଲକ୍‌ରେ ଭିନ୍ନକ୍ଷମ ଭତ୍ତା ହଡପ ଘଟଣା

## ମୁଖ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଟ୍ୱିଟ ସହ ବିଭାଗକୁ ଅଭିଯୋଗ କଲେ ସାମାଜିକ କର୍ମୀ

ପାଟଣାଗଡ଼, ୬।୮ (ସମିସ): ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ବ୍ଲକର ଅନେକ ପଞ୍ଚାୟତରେ ସୁସ୍ଥ ସବଳ ବ୍ୟକ୍ତି ନକଲି ଭିନ୍ନକ୍ଷମ ସାଜି ଭତ୍ତା ଟଙ୍କା ହାତଉଥିବା ଘଟଣାରେ 'ସକାଳ'ରେ ଲଗାତାର ଖୁଲାସା ହୋଇ ଚାଲିଛି। ତଦନ୍ତରେ ଆହୁରି ଅଭିଯୋଗର ଫର୍ଦ୍ଦ ଲମ୍ବିବାରେ ଲାଗିଛି। ଦେଉଳଗାଁ ପଞ୍ଚାୟତରେ ଦଶରୁ ଊର୍ଦ୍ଧ୍ୱ ନକଲି ଭିନ୍ନକ୍ଷମ ସାଜି ଭତ୍ତା ହାତଉଥିବା ଜଣାପଡ଼ିବା ପରେ ଏହି ଜାଲିଆତିର ଚେର ଅନ୍ୟ ପଞ୍ଚାୟତରେ ମଧ୍ୟ ବ୍ୟାପିଛି ବୋଲି ଆଶଙ୍କା କରାଯାଉଛି। ଏହି ଜାଲିଆତି ଘଟଣାରେ ସମ୍ପୃକ୍ତ ଥିବା ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗରେ କାର୍ଯ୍ୟରତ ଜନୈକ ଡାଟା ଏଣ୍ଟ୍ରି ଅପରେଟରଙ୍କୁ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଆଜି ପର୍ଯ୍ୟନ୍ତ ହାତ ମାରିବାକୁ ସାହସ ଜୁଟାଇ ପାରିନାହିଁ। ଉକ୍ତ କର୍ମଚାରୀ ଜଣକ ସୁସ୍ଥ ସବଳଙ୍କ ଠାରୁ ଭିନ୍ନକ୍ଷମ ସାର୍ଟିଫିକେଟ ତିଆରି ପାଇଁ ଟଙ୍କା ନେବା ସମୟର ଭିଡିଓ ପ୍ରମାଣ ରହିଛି। ଏଥିସହ ଏହି ଜାଲିଆତିରେ ସାମିଲ ଥିବା ନିର୍ଦ୍ଦିଷ୍ଟ ଡାକ୍ତରଙ୍କ ଭିନ୍ନକ୍ଷମ ପାଇଁ ଯାଞ୍ଚ ସମୟର ଭିଡିଓ ମଧ୍ୟ 'ସକାଳ' ହାତରେ ଲାଗିଛି। ଏହି ଜାଲିଆତି ସାର୍ଟିଫିକେଟ ବଳରେ ପାଟଣାଗଡ଼ ବ୍ଲକ ଅଞ୍ଚଳର ବିଭିନ୍ନ ପଞ୍ଚାୟତର ସୁସ୍ଥ ସବଳ ବ୍ୟକ୍ତି ଓ ମହିଳା ସରକାରଙ୍କ ଭିନ୍ନକ୍ଷମ ଭତ୍ତା ମଧ୍ୟ ହରିଲୁଟ କରୁଥିବା ପ୍ରମାଣ ଲାଗିଛି। ତେବେ ପାଟଣାଗଡ଼ ବ୍ଲକର ଦେଉଳଗାଁ ପଞ୍ଚାୟତରେ ଦଶରୁ ଊର୍ଦ୍ଧ୍ୱ ପୁରୁଷ ଓ ମହିଳା ନକଲି ଭିନ୍ନକ୍ଷମ ଭତ୍ତା ହରିଲୁଟ କରିଚାଲିଛନ୍ତି। ଏତେସବୁ ପ୍ରମାଣ ସତ୍ତ୍ୱେ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ସମ୍ପୃକ୍ତ ଥିବା କର୍ମଚାରୀ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନ ନେଇ ଚୁପ ରହିବା ସାଧାରଣରେ ଅନେକ ପ୍ରଶ୍ନ ଉଙ୍କିମାରୁଛି। ଅନ୍ୟପଟେ 'ସକାଳ'ରେ ପ୍ରକାଶିତ ହୋଇଥିବା ଖବର ପାଟଣାଗଡ଼ ବ୍ଲକରେ ଭିନ୍ନକ୍ଷମ ଭତ୍ତା ଲୁଟ ଘଟଣାକୁ ନେଇ ସାମାଜିକ କର୍ମୀ ଉମେଶ ବିଶି ତାଙ୍କ ଟ୍ୱିଟର ହେଣ୍ଡେଲରେ ଏହି ଘଟଣାର ତଦନ୍ତ ଦାବି ନେଇ ମୁଖ୍ୟମନ୍ତ୍ରୀ ଓଡ଼ିଶା ସରକାର, ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଓ ଜିଲ୍ଲାପାଳ ବଲାଙ୍ଗିରଙ୍କୁ ଟ୍ୱିଟ କରିଛନ୍ତି। ଏଥିସହ ଶ୍ରୀ ବିଶି ଏହି ଘଟଣାର ତଦନ୍ତ ପାଇଁ ସାଧାରଣ ପ୍ରଶାସନ ବିଭାଗର ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତି କରଣ ବିଭାଗରେ ଅନଲାଇନ୍ ଅଭିଯୋଗ କରିଛନ୍ତି। ଏଭଳି ଭିନ୍ନକ୍ଷମ ଭତ୍ତା ଲୁଟ ଭଳି ସମ୍ବେଦନଶୀଳ ଘଟଣାରେ ରାଜ୍ୟ ସରକାର ଦୃଷ୍ଟି ଦେଇ ସମ୍ପୃକ୍ତ କର୍ମଚାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ସହ ଘଟଣାର ଭିଜିଲାନ୍ସ ତଦନ୍ତ ନିର୍ଦ୍ଦେଶ ଦେବାପାଇଁ ପ୍ରକୃତ ଭିନ୍ନକ୍ଷମ ମହଲରେ ଦାବି ହେଉଛି।

## ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ବିଜ୍ଞାନ ମେଳା



କୋକସରା, ୬।୮ (ସମିସ): କୋକସରା ବ୍ଲକ ଆମପାଣି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ମଙ୍ଗଳବାର ଜ୍ଞାନବିଜ୍ଞାନ ମେଳା ଅନୁଷ୍ଠିତ ହୋଇଛି। ଶିଶୁ ମନ୍ଦିରର ମୋଟ ୧୫୦ ଜଣ ଛାତ୍ରଛାତ୍ରୀ ଭାଗ ନେଇ ବିଭିନ୍ନ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ଶିଶୁ ବିଦ୍ୟା ମନ୍ଦିରର ପ୍ରଧାନଆଚାର୍ଯ୍ୟ ଦେବାଶିଷ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣ ତଥା ଉଦଯାପନୀ ଉତ୍ସବରେ ରଏନ ଗୁଡାସ୍ଥିତ ବଡ଼ପୋଡ଼ାଗୁଡ଼ା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ କପିଳେନ୍ଦ୍ର ସିଂ, ପରିଚାଳନା କମିଟି ସଭାପତି ତ୍ରିନାଥ ପ୍ରଶନ୍ନ ରାୟ, ଉପସଭାପତି ନକୁଳ ବାଣୁଆ ପ୍ରମୁଖ ଅତିଥି ଭାବେ ମଞ୍ଚାସୀନ ହୋଇଥିଲେ। ଏହିକ୍ରମରେ ୫୫ ଜଣ କୃତୀ ଶିକ୍ଷାର୍ଥୀମାନଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ସୀମନ୍ତିନୀ ପଣ୍ଡା ସଂଯୋଜନା କରିଥିବା ବେଳେ ଗିରିଧାରୀ ବେମାଲ ଧନ୍ୟବାଦ ଅର୍ପଣ କରିଥିଲେ। ଶିଶୁ ବିଦ୍ୟା ମନ୍ଦିରର ସମସ୍ତ ଗୁରୁଜୀ, ଗୁରୁମାଁ ଓ ସେବିକା ମାନେ କାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ।

### ଦାଦନ ଗଡ଼ରେ ଦୁଃଖ

## ଦେଢ଼ ବର୍ଷ ପରେ ନିଖୋଜ ଝିଅ ଫେରିଲା

କଣ୍ଟାବାଞ୍ଜି, ୬।୮ (ସମିସ)

ସରକାର ଗରିବ ଖଟିଖିଆ ପରିବାରଙ୍କ ପାଇଁ ବିଭିନ୍ନ ଯୋଜନା ଆଣୁଛନ୍ତି। ତଥାପି ବଲାଙ୍ଗିର ଜିଲ୍ଲାର ଦାଦନଗଡ଼ ବଙ୍ଗୋମୁଣ୍ଡା ବ୍ଲକ ସବୁବେଳେ କିଛି ନା କିଛି ଘଟଣା ପାଇଁ ଚର୍ଚ୍ଚାରେ ରହିଥାଏ। ଦାଦନ ଗଡ଼ରୁ ସୁସ୍ଥ ସବଳ ପ୍ରବାସୀ ଶ୍ରମିକ ଭାବରେ ଇଟା ଗଡିବାକୁ ଯାଇ ଦିର୍ଘ ଦେଢ ବର୍ଷ ପରେ ମାନସିକ ସ୍ଥିତି ଠିକ୍ ନ ଥିବା ଅବସ୍ଥାରେ ଘରକୁ ଫେରିଥିବା ଭଳି ପୁଣି ଏକ ଦୁଃଖଦ ଘଟଣା ଦେଖିବାକୁ ମିଳିଛି। ପ୍ରବାସୀ ଶ୍ରମିକ ଭାବେ କାମ କରିବାକୁ ସୁଦୂର ମହାରାଷ୍ଟ୍ର ଯାଇ ପ୍ରାୟ ଦେଢବର୍ଷ ଧରି ନିଖୋଜ ହେବା ପରେ ନିଜ ବାପା ପାଖକୁ ପହଞ୍ଚିଛି ଝିଅ। ଖବରଟି ଗୋଟିଏ ପଟେ ଖୁସି ଲାଗୁଥିବା ବେଳେ ଗୋଟିଏ ପଟେ ଦୁଃଖର କରାଳ ରୂପ ବ୍ୟାଖ୍ୟା କରୁଛି। ଆମେ କହୁଛୁ ବଲାଙ୍ଗିର ଜିଲ୍ଲା ବଙ୍ଗୋମୁଣ୍ଡା ବ୍ଲକ ମୁଖ୍ୟାଳୟରେ ଥିବା ଗୁହୁରିଆପଦର ଗ୍ରାମର ଗୋରୁଚନ ଭତ୍ରାଙ୍କ କଥା। ପରିବାର କହିଲେ ବାପ ଓ ଝିଅ କେବଳ ଦୁଇଜଣ। ଗୋରୁଚନ ଅକ୍ଟୋବର ୨୦୨୩ ରେ ତାଙ୍କ ୨୪ ବର୍ଷର ଝିଅ ଯମୁନାକୁ ଧରି ଗାଁର ଅନ୍ୟ ଶ୍ରମିକଙ୍କ ସହିତ ମହାରାଷ୍ଟ୍ରର ଚନ୍ଦ୍ରପୁରକୁ ଇଟା ଗଡିବାକୁ ଯାଇଥିଲେ। ତେବେ ସେହି ଇଟାଭାଟିରେ ନିଜ ଗାଁ ଗୁହୁରିଆପଦର ଗ୍ରାମର ନିଜ ସମ୍ପର୍କୀୟ ଭାଇ ଲୋଚନ ଭତ୍ରା କାମ କରୁଥିଲା। ବଙ୍ଗୋମୁଣ୍ଡା ପୁଲିସକୁ ଗୋରୁଚନ ଦେଇଥିବା ଅଭିଯୋଗ ଅନୁଯାଇ କିଛି ଦିନ ପରେ ଲୋଚନ ନିଜ ଗାଁକୁ ଫେରିବ ବୋଲି ଜାଣି ଝିଅ ଯମୁନାକୁ ମଧ୍ୟ ସାଙ୍ଗରେ ନେଇ ଘରେ ଛାଡ଼ିଦେବା ପାଇଁ ଗୋରୁଚନ କହିଥିଲେ। କିଛି ଦିନ ପରେ ଗୋରୁଚନ କାମ କରିବାକୁ ଯାଇଥିବା ସମୟରେ ଲୋଚନ ଓ କିଛି ଅନ୍ୟ ଶ୍ରମିକ ସାଥୀ ଝିଅ ଯମୁନାକୁ ଗାଁକୁ ଯିବା ବୋଲି ସାଙ୍ଗରେ ଆଣିଥିଲେ। ଏପଟେ ବାପା ଗୋରୁଚନ କାମ ସାରି ଘରକୁ ଫେରି ଝିଅକୁ ନ ପାଇ ଇଟାଭାଟି ମାଲିକଙ୍କୁ ଛୁଟି ମାଗିଥିଲେ। ତେବେ ମାଲିକ ୮ ଦିନ ପରେ ଛୁଟିଦେବାରୁ ସେ ନିଜ ଗାଁ ଗୁହୁରିଆପଦର ପହଞ୍ଚି ଘରେ ପହଞ୍ଚି ସେଠାରେ ମଧ୍ୟ ଝିଅକୁ ନ ପାଇ ପଡୋଶୀଙ୍କୁ ପଚରାଉଚରା କରି ଲୋଚନଙ୍କ ଘରକୁ ପଚାରିବାକୁ ଯାଇଥିଲେ। ତେବେ ଲୋଚନ ଝିଅ ଯମୁନା ତାଙ୍କ ସାଙ୍ଗରେ ହିଁ ଟ୍ରେନରେ ଆସୁଥିବା ବେଳେ ବାଟରେ କୋଉଠି ଓହ୍ଲାଇ ପଡ଼ିଥିବା କହିଥିଲେ। ତେଣୁ ଅନ୍ୟ ଉପାୟ ନ ପାଇ କଣ୍ଟାବାଞ୍ଜି ଗରିବ ସେନାର ସହାୟତାରେ ବଙ୍ଗୋମୁଣ୍ଡା ଥାନାରେ ଲିଖିତ ଜଣାଇଥିଲେ। ପୁଲିସ ତଦନ୍ତ ଆରମ୍ଭ କରି ପ୍ରାୟ ଦେଢ ବର୍ଷ ପରେ ଝିଅକୁ ମହାରାଷ୍ଟ୍ରର ଏକ ଅନୁଷ୍ଠାନର ଆଶ୍ରୟସ୍ଥଳରେ ପାଇଥିଲେ। ଏହି ଆଶ୍ରୟସ୍ଥଳକୁ ଆସିବା ପୂର୍ବରୁ ଯମୁନା ଖଣ୍ଡିଆ ଖାବରା ହୋଇ ଟ୍ରେନ ଷ୍ଟେସନ ନିକଟରେ ଇତସ୍ତତଃ ଘୁରି ବୁଲୁଥିବା ନିକଟସ୍ଥ ପୁଲିସ ଖବର ପାଇ ଆଶ୍ରୟସ୍ଥଳରେ ନେଇ ଜିମା ଦେଇଥିଲା। ହେଲେ ଯମୁନାର ମାନସିକ ସ୍ଥିତି ଠିକ୍ ନ ଥିବାରୁ ସେ ଘର ଠିକଣା ମଧ୍ୟ ଦେଇ ପାରିନଥିଲା। ପରେ କିଛି ମାସ ଯିବାପରେ ତା'ର ବିବାହ କରାଯାଇଥିଲା। ହେଲେ ତା ସ୍ୱାମୀ ପାଖରୁ ମଧ୍ୟ ଏପଟ ସେପଟ ପଳାଇ ବସିବାରୁ ପୁଣି ସେହି ଅନୁଷ୍ଠାନକୁ ଆଣି ତା ସ୍ୱାମୀ ଛାଡିଦେଇ ଥିଲା। ପରେ ପୁଣି ଅନୁଷ୍ଠାନର କର୍ମକର୍ତ୍ତା ପଚାରିବାରୁ ସେ ତାର ପୁରା ଠିକଣା କହିନପାରି କେବଳ କଣ୍ଟାବାଞ୍ଜି କହିଥିଲା। ତେବେ ସେଠାରୁ କଣ୍ଟାବାଞ୍ଜି ଅଞ୍ଚଳର ପୁଲିସ ସହ ଯୋଗାଯୋଗ କରି ବଙ୍ଗୋମୁଣ୍ଡା ଥାନାକୁ ଯମୁନାର ଫଟୋ ପଠାଇଥିଲେ। ବଙ୍ଗୋମୁଣ୍ଡା ପୁଲିସ ଯମୁନାର ବାପାକୁ ଫଟୋ ଦେଖାଇ ସେ ଚିହ୍ନିବା ପରେ ଆଇନ ଅନୁଯାଇ ଆଦେଶ ଆଣି ଏକ ସାମାଜିକ ଟିମ୍ ଗଠନ କରି ମହାରାଷ୍ଟ୍ର ପଠାଇ ଯମୁନାକୁ ଗାଁକୁ ଫେରାଇ ଆଣିଥିଲେ। ଏ ମଧ୍ୟରେ ପ୍ରାୟ ଦେଢବର୍ଷ ବିତି ଯାଇଛି। ଯମୁନା ଟ୍ରେନରୁ ନିଜେ ଓହ୍ଲାଇଥିଲେ ନା ତାଙ୍କ ସହ ଆଉକିଛି ଘଟଣା ଘଟିଛି ତାହା ବର୍ତ୍ତମାନ ପର୍ଯ୍ୟନ୍ତ ସ୍ପଷ୍ଟ ହୋଇପାରିନାହିଁ। ହେଲେ ଯମୁନା ଯାହାକୁ ଦେଖିଲେ ବି ଡରି ଯାଉଥିବା ସହ ମାନସିକ ସ୍ଥିତି ଠିକ୍ ନ ଥିବାରୁ ପୁଲିସ ବୟାନ ରେକର୍ଡ ମଧ୍ୟ କରିପାରିନଥିବା ବଙ୍ଗୋମୁଣ୍ଡା ଆଇଆଇସି ସଞ୍ଜିବ ପ୍ରଧାନଙ୍କ ଠାରୁ ଜଣାପଡ଼ିଛି। ଏପଟେ ବିଳମ୍ବରେ ହେଲେ ମଧ୍ୟ ବଙ୍ଗୋମୁଣ୍ଡା ପୁଲିସ ଝିଅକୁ ଫେରାଇ ଆଣିଥିବାରୁ ଗରିବସେନା ସଭାପତି ଦିନେଶ ତାଣ୍ଡି ଧନ୍ୟବାଦ୍ ଦେଇଛନ୍ତି।



# ନୀଳକଣ୍ଠେଶ୍ୱର ବାବାଙ୍କ ଜଳାଭିଷେକ



ତରଭା,୬।୮ (ସମିସ): ତରଭା ଶ୍ରୀ ନୀଳକଣ୍ଠେଶ୍ୱର ବାବାଙ୍କ ମହାଜଳାଭିଷେକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ମନ୍ଦିର ପୂଜକ ଜନାର୍ଦ୍ଦନ ଥାନାପତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶତାଧିକ ମହିଳା, ପୁରୁଷ ଓ କାଉଡ଼ିଆଙ୍କ ଦ୍ୱାରା ମହାଜଳାଭିଷେକ ସମ୍ପନ୍ନ ହୋଇଥିଲା। ସକାଳ ୫ ଟାରେ ବାବାଙ୍କ ମହାଆଳତି, ନୀତି ପୂଜା ପରେ ପୂଜକ ଜନାର୍ଦ୍ଦନ ଥନାପତି, କୁଳମଣି ଥନାପତି, ମହାଜଳଶାୟୀର କର୍ତ୍ତା ସୁରେନ୍ଦ୍ର ମେହେର ଓ ପୁଷ୍ପା ମେହେରଙ୍କ ସହ ଶତାଧିକ ଭକ୍ତ ଘଣ୍ଟ ଶଙ୍ଖ, ହୁଳହୁଳି ଧ୍ୱନୀରେ ମନ୍ଦିର ପରିସରରୁ ଏକ ଶୋଭାଯାତ୍ରାରେ ବାହାରି ନିବୃତ୍ତି ଯୋରର କନିଆଁଦରୋ ଘାଟକୁ ଯାଇ ପୂଜାର୍ଚ୍ଚନା କରିଥିଲେ। ପରେ ଶହ ଶହ ସଂଖ୍ୟାରେ ଭକ୍ତ ମାହାଜଳାଭିଷେକ ପାଇଁ କଳସରେ ଜଳ ଆଣି ଶିବଲିଙ୍ଗରେ ଢ଼ାଳିଥିଲେ। ମହାଜଳାଭିଷେକ ସମ୍ପୂର୍ଣ୍ଣ ହେବା ପାଇଁ ୫ ଘଣ୍ଟା ଲାଗିଥିଲା। ଜଳାଭିଷେକ ଦର୍ଶନ ପାଇଁ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ ପରିଲକ୍ଷିତ ହୋଇଥିଲା। ପୂଜା ନୀତି କାନ୍ତିରେ ମନ୍ଦିର ପୂଜକ ଗୋବର୍ଦ୍ଧନ ଥାନାପତି, ଆଭାସ ଥାନାପତି ପ୍ରମୁଖ ସହଯୋଗ କରିଥିଲେ। ମନ୍ଦିର ପରିଚାଳନା କମିଟି ସଭାପତି ସନ୍ତୋଷ ସାହୁଙ୍କ ସହ ଗୁଞ୍ଜୁରୁ ଗୁରୁ, ଶଙ୍କର ସାହୁ, ପର୍ଶୁରାମ ସାହୁ, ଶିବୁ ଷଡ଼ଙ୍ଗୀ ଓ ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଜଳାଭିଷେକ ପରେ ସମସ୍ତ ଶ୍ରଦ୍ଧାଳୁଙ୍କ ପାଇଁ ଅନ୍ନପ୍ରସାଦର ବ୍ୟବସ୍ଥା କରାଯାଇଥିଲା।

# ଝୁଲଣଯାତ୍ରା ପାଇଁ ପ୍ରସ୍ତୁତି ବୈଠକ

ସୁବଳୟା,୬।୮ (ସମିସ): ସୁବର୍ଣ୍ଣପୁର ଜିଲ୍ଲା ବିରାମହରାଜପୁର ବ୍ଲକ୍ ସୁବଳୟାରେ ହେବାକୁ ଥିବା ୧୪୫ତମ ଝୁଲଣ ଯାତ୍ରା ପାଇଁ ସୁବଳୟା ଥାନାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଥାନାଧିକାରୀ ସୁଶାନ୍ତ ପଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସମସ୍ତ ଯାତ୍ରା କମିଟି ସଭାପତି ଓ ସଂପାଦକ ଯୋଗ ଦେଇଥିଲେ। ଯାତ୍ରାକୁ ଶାନ୍ତି ଶୃଙ୍ଖଳା ସହ ସମାପନ କରିବା ପାଇଁ ସମସ୍ତ ଯାତ୍ରା କମିଟି ସଦସ୍ୟ ସହମତି ପ୍ରକାଶ କରିଥିଲେ।

# ଉଚ୍ଚ ବିଦ୍ୟାଳୟରେ ଜୁନିୟର୍ ରେଡକ୍ରସ୍ ତାଲିମ ଶିବିର

ଶଗଡ଼ା/ପଲଶାଗୋରା,୬।୮ (ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ୍ ମିଳିତଗ୍ରାମ ପଞ୍ଚାୟତର ପଲଶାଗୋରା ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ଜୁନିୟର ରେଡ଼କ୍ରସ ତରଫରୁ ଏକ ଦିବସୀୟ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସଂଜୀବ କୁମାର ପ୍ରହରାଜଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ଲକ୍ ଜୁନିୟର ରେଡ଼କ୍ରସ କୋ-ଅର୍ଡିନେଟର ବନମାଳୀ ମେହେର ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କୁ ପ୍ରାଥମିକ ଚିକିତ୍ସା ସହାୟତା ବିଷୟରେ ତାଲିମ ପ୍ରଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ଜୁନିୟର ରେଡ଼କ୍ରସ ପରାମର୍ଶ ଦାତା ସୋନାଲି ପ୍ରିୟଦର୍ଶିନୀ ସଂଯୋଜନା କରିଥିଲେ। ଏହି ସଚେତନତା ତାଲିମ ଶିବିରରେ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ସହଯୋଗ କରିଥିଲେ। ଶେଷରେ କଳା ଶିକ୍ଷକ ରିଙ୍କୁ ଝାଙ୍କର ଧନ୍ୟବାଦ ଅର୍ପଣ କରିଥିଲେ।

# ଗଛ ଡାଳ ପଡ଼ି ଭାଙ୍ଗିଲା ଆଜବେଷ୍ଟସ; ଅଳ୍ପକେ ବର୍ତ୍ତିଲେ ପରିବାର



ଶଗଡା,୬।୮ (ସମିସ): ଆଜି ଅପରାହ୍ନରେ କଣ୍ଟାମାଳ ବ୍ଲକ୍‌ର ବିଭିନ୍ନ ଅଞ୍ଚଳରେ ପ୍ରବଳ ପବନ ସାଙ୍ଗକୁ ବର୍ଷା ହୋଇଥିଲା। ଏହି ବର୍ଷା ପବନରେ କଣ୍ଟାମାଳ ବ୍ଲକ୍ ଗୁଡଭେଲିପଦର ପଞ୍ଚାୟତର କୁର୍ତ୍ତୀପାଲୀ ଗ୍ରାମରେ ବ୍ୟାପକ କ୍ଷୟକ୍ଷତି ହୋଇଥିବା ଜଣାପଡିଛି। ବର୍ଷା ପବନରେ ଗ୍ରାମର ବୁଧୁ ଗୁରୁ, ରାଧୁ ଗୁରୁ, ମଧୁ ଗୁରୁ, ଚନ୍ଦ୍ରଶେଖର ଗୁରୁ ଓ ଧନମତ ମହାକୁଡ଼ଙ୍କ ଘର ଉପରେ ଶାଗୁଆନ ଗଛ ଡାଳ ଓ ନିମ୍ବ ଗଛ ଡାଳ ପଡିଯିବାରୁ ତାଙ୍କ ଆଜବେଷ୍ଟସ ଭାଙ୍ଗି ଯିବା ସହ ମାଟି ଘର ଛପର ନଷ୍ଟ ହୋଇଛି। ତେବେ ଅଘଟଣରୁ କ୍ଷତିଗ୍ରସ୍ତ ପରିବାର ଲୋକେ ଅଳ୍ପକେ ବର୍ତ୍ତିଯାଇଛନ୍ତି। ଗରିବ ପରିବାର ହୋଇଥିବାରୁ ରାଜସ୍ୱ ବିଭାଗ ପକ୍ଷରୁ ଏହାର ତଦନ୍ତ କରି ଉପଯୁକ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ବିଦ୍ୟାଳୟରେ ଚାରାରୋପଣ



ଶଗଡା,୬।୮ (ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ୍ ବିଲାସପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବୁଧବାର ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ଜଗମୋହନ କର୍ମୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଚାରାରୋପଣ କାର୍ଯ୍ୟକ୍ରମରେ ଶିକ୍ଷକ ସୁଦାମ ଚରଣ ମିଶ୍ର, ଉମେଶ ରଣା, ବିକ୍ରମ ସାହୁ ଓ ହରିଶଙ୍କର ଦାଶ, କମିଟି ସଭାନେତ୍ରୀ ସୁଜାତା ରାଜହଂସ, ପୁଷ୍ପାଞ୍ଜଳି ସାହୁ, ସୁକାନ୍ତ କ୍ଷେତି, ଲିଙ୍ଗରାଜ ନାଏକ, ଖଗପତି ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ବିଦ୍ୟାଳୟରେ ୧୫୦ ଗୋଟି ବିଭିନ୍ନ ପ୍ରକାରର ଚାରାରୋପଣ କରାଯାଇଥିଲା।

## ପ୍ରଶାସନିକ ଆନ୍ତରିକତାର ଅଭାବ

# ଅବହେଳିତ ଭୀମଭୋଇଙ୍କ ଜଟେସିଂହା ଜନ୍ମପୀଠ

ସୁବଳୟା,୬।୮ (ସମିସ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ୍‌ର ଜଟେସିଂହା ସ୍ଥିତ ଭୀମଭୋଇଙ୍କ ଜନ୍ମ ପୀଠ ଅବହେଳିତ ହୋଇପଡିରହିଛି। ପ୍ରଶାସନିକ ଆନ୍ତରିକତାର ଅଭାବ ଯୋଗୁଁ ଭୀମଭୋଇଙ୍କ ଜନ୍ମପୀଠ ଅବହେଳିତ ହୋଇ ପଡିରହିଥିବା ଅଭିଯୋଗ ହୋଇଛି। ତାଙ୍କ ଜନ୍ମପୀଠକୁ ଜନ୍ମ ସ୍ମୃତିପୀଠର ମାନ୍ୟତା ପ୍ରଦାନ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଅନ୍ୟପଟରେ ବାରମ୍ବାର ଦାବି ପରେ ପ୍ରଶାସନ ପକ୍ଷରୁ ସ୍ଥାନ ନିରୁପଣ କରି ବହୁ ବର୍ଷେ ପୂର୍ବେ ଭୀମଭୋଇଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରି ପ୍ରଶାସନ ଚୁପ୍ ରହିଛି। ତା' ପରଠାରୁ ଗୋଟିଏ ଦିନ ମଧ୍ୟ କୌଣସି ପ୍ରଶାସନ ଅଧିକାରୀଙ୍କ ଏଠାରେ ପାଦ ପଡି ନ ଥିବା ସ୍ଥାନୀୟ ଲୋକେ ପ୍ରକାଶ କରିଛନ୍ତି। ଯାହାକୁ ନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।




ବିଭିନ୍ନ ସ୍ଥାନରେ ବୈଶାଖ ପୂର୍ଣ୍ଣିମା ଦିନରେ ସନ୍ଥକବି ଭୀମଭୋଇଙ୍କ ଜନ୍ମ ଜୟନ୍ତୀ ପାଳିତ ହେଉଥିବାବେଳେ ତାଙ୍କ ଜନ୍ମପୀଠରେ ପ୍ରଶାସନ ପକ୍ଷରୁ ଜନ୍ମ ଜୟନ୍ତୀ ପାଳନ ହୋଇପାରୁନାହିଁ। ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ବିହିତ ପଦକ୍ଷେପ ନେବା ପାଇଁ ବିଭିନ୍ନ ମହଲରେ ଦାବି ହୋଇଛି। ଗବେଷକଙ୍କ କହିବା ଅନୁଯାୟୀ, ସୋନପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ଜଟେସିଂହା ତାଳବଣଠାରେ ସନ୍ଥକବି ଭୀମଭୋଇ ଜନ୍ମଗ୍ରହଣ କରିଥିବା ଜଣାଯାଇଛି। ସନ୍ଥକବି ଭୀମଭୋଇ ୧୮୪୬ ମସିହାରେ ଜନ୍ମ ଗ୍ରହଣ କରିଥିବା ବେଳେ ୧୮୬୨ ରେ ମହିମା ଧର୍ମର ପ୍ରତିଷ୍ଠାତା ମହିମା ଗୋସାଇଁଙ୍କ ସାନ୍ନିଧ୍ୟ ଲାଭ କରି ଏହି ଧର୍ମରେ ଦୀକ୍ଷିତ ହୋଇଥିଲେ।

# ନିଲାମ ନ ହୋଇ ପଡିରହିଛି ପଞ୍ଚାୟତ ସମ୍ପତ୍ତି; ରାଜସ୍ୱ ଆଦାୟ ପ୍ରଭାବିତ

ସୁବଳୟା,୬।୮ (ସମିସ): ବୀରମହାରାଜପୁର ବ୍ଲକ୍ ଅଞ୍ଚଳରେ ଥିବା ପଞ୍ଚାୟତ ଗୁଡିକରେ ନିଜସ୍ୱ ସମ୍ପତ୍ତି ନିଲାମ ହୋଇ ନପାରି ବର୍ଷ ବର୍ଷ ଧରି ପଡ଼ିରହିଛି। ଏହି ସମ୍ପତ୍ତି ମଧ୍ୟରୁ କେତେକ ଚିହ୍ନଟ ହୋଇ ନଥିବା ବେଳେ କେତେକ ଜବରଦଖଲ, କିଛି ଅନୁପଯୋଗୀ, ଆଉ କିଛି ଅଦାଲତରେ ବିଚାରାଧୀନ ହୋଇ ରହିଛି ବୋଲି ବିଶେଷ ସୂତ୍ରରୁ ଜଣାପଡ଼ିଛି। ଉକ୍ତ ବ୍ଲକ୍‌ର ୧୫ଟି ପଞ୍ଚାୟତ ଅଞ୍ଚଳରେ ଅନେକ ସମ୍ପତ୍ତି ନିଜସ୍ୱ ସମ୍ପତ୍ତି ହିସାବରେ ତାଲିକା ଭୁକ୍ତ ହୋଇଛି। ପୋଖରୀ, ଜଳାଶୟ, ସାଗର, କଟା, ମୁଣ୍ଡା, ଦରହ, ପାଲ, ଫେରି ଘାଟ, ସପ୍ତାହିକ ବଜାର, ଦୈନିକ ବଜାର ଗୁଡିକ ପଞ୍ଚାୟତ ସମ୍ପତ୍ତି ତାଲିକାଭୁକ୍ତ ହୋଇ ରହିଛି। ଏଥି ମଧ୍ୟରୁ ପ୍ରାୟ ୮୦ ପ୍ରତିଶତ ସମ୍ପତ୍ତି ନିଲାମ ନହୋଇ ପଡ଼ିରହିଛି। ବର୍ଷବର୍ଷ ଧରି ପଞ୍ଚାୟତ କିମ୍ବା ଜିଲ୍ଲା ପ୍ରଶାସନ ଦ୍ୱାରା କୌଣସି ପଦକ୍ଷେପ ନିଆଯାଉ ନାହିଁ। ଏପରିକି କିଛି ସମ୍ପତ୍ତି ଅନେକ ପ୍ରଭାବଶାଳୀ ବ୍ୟକ୍ତି ଜବରଦଖଲ କରି ନେଇଥିବା ମଧ୍ୟ ଅଭିଯୋଗ ହୋଇଛି। ଫଳରେ ପଞ୍ଚାୟତର ରାଜସ୍ୱ ଆଦାୟ ପ୍ରଭାବିତ ହୋଇଛି। ଯାହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବା ସହ ବିହିତ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି।

# ରାଷ୍ଟ୍ରପତିଙ୍କ ନିମନ୍ତ୍ରଣ ▶ ଦିଲ୍ଲୀ ଯିବେ ବିନିକାର ସୁରେଖା

ବିନିକା,୬।୮ (ସମିସ): ଚଳିତ ମାସ ଅଗଷ୍ଟ ୧୫ ତାରିଖ ସ୍ୱାଧୀନତା ଦିବସରେ ସୁରେଖା ମଲ୍ଲିକ ଦିଲ୍ଲୀ ଗସ୍ତ କରି ରାଷ୍ଟ୍ରପତି ଭବନକୁ ଯିବେ। ଏନେଇ ଭାରତର ମହାମହିମ ରାଷ୍ଟ୍ରପତିଙ୍କ ଠାରୁ ତାଙ୍କ ନିକଟକୁ ନିମନ୍ତ୍ରଣ ଆସିଛି। ଏହାପରେ ବିନିକା ସହର ମନହରିପଡ଼ାର ସୁରେଖାଙ୍କ ପରିବାରରେ ଖୁସିର ଲହରୀ ଖେଳିଯାଇଛି। ସେ ରାଷ୍ଟ୍ରପତି ଭବନରେ ଉକ୍ତ ଦିନ ରାଷ୍ଟ୍ରପତିଙ୍କ ସହ ରାତ୍ରି ଭୋଜନ କରିବେ ବୋଲି ଜଣାପଡ଼ିଛି। ଏହି ନିମନ୍ତ୍ରଣ ପତ୍ର ଭାରତୀୟ ଡାକ ବିଭାଗର କର୍ମଚାରୀ ତାଙ୍କ ଘରକୁ ଆସି ଦେଇଛନ୍ତି। ସୂଚନାଯୋଗ୍ୟ, ଗତ ଏକ ବର୍ଷ ତଳେ ସୁରେଖାଙ୍କ ସ୍ୱାମୀଙ୍କ ନାଁରେ ଏକ ଆବାସ ଗୃହ ମଞ୍ଜୁର ହୋଇଥିଲା। ସେ ଘର ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ। ହେଲେ ଘର ନିର୍ମାଣ କାର୍ଯ୍ୟ ଚାଲିବା ସମୟରେ ତାଙ୍କ ସ୍ୱାମୀଙ୍କ ମୃତ୍ୟୁ ହୋଇଥିଲା। ତଥାପି ସେ ଭାଙ୍ଗି ନଯାଇ ବିଭିନ୍ନ ବଜାରକୁ ଯାଇ ଚୁଡି ବିକ୍ରି କରି ପରିବାର ଭରଣପୋଷଣ କରିବା ସହ ଉକ୍ତ ଟଙ୍କାରେ ଅଧପନ୍ତରିଆ ଆବାସ ଗୃହର ନିର୍ମାଣ କାର୍ଯ୍ୟକୁ ନିର୍ଦ୍ଧାରିତ ସମୟ ମଧ୍ୟରେ ସଂପୂର୍ଣ୍ଣ କରିଥିଲେ। ଏହି ସମୟରେ ରାଜ୍ୟ ଗୃହ କମିଟି ବିନିକା ଗସ୍ତରେ ଆସି ଅସହାୟ ମହିଳାଙ୍କ ଦୟନୀୟ ପରିସ୍ଥିତି ଉପରେ ବୁଝିବା ସହ ନିର୍ଦ୍ଧାରିତ ସମୟରେ ଘର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିଥିବାରୁ କେନ୍ଦ୍ରକୁ ଜଣାଇଥିଲେ। ଏହା ଜାଣିବା ପରେ ରାଷ୍ଟ୍ରପତି ଅଗଷ୍ଟ ୧୫ ସ୍ୱାଧୀନତା ଦିବସରେ ରାତ୍ରି ଭୋଜନ ପାଇଁ ତାଙ୍କୁ ନିମନ୍ତ୍ରଣ କରିଛନ୍ତି। ଆଜି ସକାଳେ ବିନିକା ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ମାନସ କୁମାର ଭୋଇ ସୁରେଖାଙ୍କ ଘରେ ପହଞ୍ଚି ଶୁଭେଚ୍ଛା ଜଣାଇବା ସହିତ ରାଷ୍ଟ୍ରପତି ଭବନକୁ ପହଞ୍ଚେଇବାର ବ୍ୟବସ୍ଥା କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।



## ● ଜାତୀୟ ଉପକନିଷ୍ଠ ବକ୍ସିଂ ପ୍ରତିଯୋଗିତା

# ଭାଗନେବାକୁ ନିବେଦିତା ଓ ଝରଣାଙ୍କ ଦିଲ୍ଲୀ ଗସ୍ତ

ବୀରମହାରାଜପୁର,୬।୮ (ସମିସ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ୍ ସଂଗ୍ରାମପୁର ଗ୍ରାମପଞ୍ଚାୟତ ସାନକିରାଶିରା ଗ୍ରାମର ନିବେଦିତା ବେହେରା ଓ ଝରଣା ନାଏକ ଜାତୀୟ ଉପକନିଷ୍ଠ ବକ୍ସିଂ (୧୫ ବର୍ଷରୁ କମ୍) ପ୍ରତିଯୋଗିତାରେ ଅଂଶଗ୍ରହଣ କରାଇବାକୁ ମନୋନୀତ ହୋଇଛନ୍ତି। ଉଭୟେ ଏଥିପାଇଁ ଓଡ଼ିଶା ଦଳ ସହ ଦିଲ୍ଲୀ ଯାତ୍ରା



କରିଛନ୍ତି। ସେମାନେ ଗ୍ରେଟର ନେଇଡାରେ ୭ ରୁ ୧୩ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ପ୍ରତିଯୋଗିତାରେ ଭାଗ ନେବେ। ଉଭୟେ ଓଡ଼ିଶା ଅମେଚର୍ ବକ୍ସିଂ ଆସୋସିଏସନ୍ ତରଫରୁ ଖେଳି ଓଡିଶା ଦଳ ପାଇଁ ଚୟନ ହୋଇଛନ୍ତି। ପ୍ରକାଶ ଥାଉକି, ଗତ ଜୁଲାଇ ୨୬ ଓ ୨୭ ତାରିଖରେ ରାଉରକେଲା ସ୍ଥିତ ବିଜୁ ପଟ୍ଟନାୟକ ହକି ଷ୍ଟାଡିୟମ୍‌ଠାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ବକ୍ସିଂ ଚୟନ ପ୍ରତିଯୋଗିତାରେ ନିବେଦିତା ଓ ଝରଣା ଭାଗ ନେଇ ଜାତୀୟସ୍ତର ପ୍ରତିଯୋଗିତା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି।

ଝରଣା କମିରା ବାପୁଜୀ ହାଇସ୍କୁଲ୍ ନବମ ଶ୍ରେଣୀ ଓ ନିବେଦିତା ବଡକିରାଶିରା ଉନ୍ନୀତ ହାଇସ୍କୁଲ୍‌ର ଦଶମ ଶ୍ରେଣୀ ଛାତ୍ରୀ ଅଟନ୍ତି। ସେମାନେ ସଂଗ୍ରାମପୁର ରାମକୃଷ୍ଣ ମିଶନ ସ୍ପୋଟସ କ୍ଲବ୍‌ରେ ପ୍ରଶିକ୍ଷଣ ନେଇଥିଲେ। ଏହି ସଫଳତା ପାଇଁ କୋଚ୍ ରାଜେଶ ମେଣ୍ଡିଲି, ଜିଲ୍ଲା ଅମେଚର ବକ୍ସିଂ ସଭାପତି ରାମକୁମାର୍ ସାହୁ, ବ୍ରଜଗୋପାଳ ପଣ୍ଡାଙ୍କ ସମେତ ବହୁ ସଂଘର କର୍ମକର୍ତ୍ତା ଶୁଭେଚ୍ଛା ଜଣାଛନ୍ତି।

# ସ୍କୁଲରେ ତାଲା ମାରିଲେ ଜାଗା ମାଲିକ | ବାହାରେ ପଢ଼ିଲେ ଛାତ୍ରଛାତ୍ରୀ

ଥୁଆମୂଳରାମପୁର,୬।୮ (ସମିସ): କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର୍ ବ୍ଲକରେ ୧୭୧ ସରକାରୀ ପ୍ରାଥମିକ ଏବଂ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ରହିଛି। ତନ୍ମଧ୍ୟରୁ ୫୨ଟି ବିଦ୍ୟାଳୟ ବେସରକାରୀ ଜାଗାରେ ସ୍ଥାପନା କରାଯାଇଛି। ଯାହା ବିଭିନ୍ନ ସମୟରେ



ଜାଗାମାଲିକଙ୍କ ଦ୍ୱାରା ବିଭିନ୍ନ ସମସ୍ୟା ସୃଷ୍ଟି ହୋଇଥାଏ। ଫଳରେ ଛାତ୍ରଛାତ୍ରୀଙ୍କ ପାଠ ପଢା ବାଧାପ୍ରାପ୍ତ ହୋଇଥାଏ। ଏପରିକି ବିଦ୍ୟାଳୟର ପାରିପାର୍ଶ୍ୱିକ ବିକାଶ କାମରେ ମଧ୍ୟ ବାଧକ ହୋଇଥାଏ। ଏପରି ଏକ ସମସ୍ୟା ଦେଖିବାକୁ ମିଳିଥିଲା ବ୍ଲକ୍‌ର ସଦର ପଞ୍ଚାୟତ ତେରେଙ୍ଗାସିଲ୍ ପ୍ରାଥମିକ ବିଦ୍ୟାଳୟରେ।

୨୦୦୭ ମସିହାରେ ଏହି ଗାଁରେ ବିଦ୍ୟାଳୟ ସ୍ଥାପନା କରାଯିବା ନେଇ ଗ୍ରାମବାସୀଙ୍କ ଆଲୋଚନା ହୋଇଥିଲା। ଯେଉଁଥିରେ ବିଦ୍ୟାଳୟ ସ୍ଥାପନା ପାଇଁ ଗ୍ରାମରେ ଏକ ଜାଗା ଆବଶ୍ୟକ ପଡିଥିଲା। ଗ୍ରାମର ବିଦ୍ୟାଧର ନାଏକ ଗାଁ ରାସ୍ତା କଡରେ ଥିବା ନିଜର ଜାଗା ଦେବାପାଇଁ ରାଜି ହୋଇଥିଲେ। ହେଲେ ବିଦ୍ୟାଳୟରେ ଯେକୌଣସି କାର୍ଯ୍ୟକ୍ରମ ହୁଏ ସେଥିରେ ତାଙ୍କୁ ପ୍ରାଥମିକତା ଦେବା ନେଇ କିଛି ମୌଖିକ ସର୍ତ୍ତ ରଖିଥିଲେ। କିନ୍ତୁ ଏଥିରେ ତାଙ୍କୁ ଅଣଦେଖା କରାଯାଇଥିବା ଅଭିଯୋଗ ବଳରେ ସେ ସୋମବାର ମଧ୍ୟାହ୍ନ ଭୋଜନ ପରେ ବିଦ୍ୟାଳୟରେ ତାଲା ମାରିଥିଲେ। ଏନେଇ ଉକ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକ ଭରତ ନାଏକ ବିଭାଗୀୟ ଅଧିକାରୀଙ୍କୁ ସୂଚନା ଦେଇଥିଲେ। ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟ ବାହାରେ ପାଠ ପଢାଯାଇଥିବା ଦେଖିବାକୁ ମିଳିଥିଲା। ବୁଧବାର ଭାରପ୍ରାପ୍ତ ବିଆର୍‌ସି ତଥା ଏବିଇଓ ହେମନ୍ତ ପଣ୍ଡା ଏବଂ ଏବିଇଓ ହେମନ୍ତ ପଣ୍ଡା ଏବଂ ସିଆର୍‌ସିସି ଅମରସିଂ ମାଝୀ ବିଦ୍ୟାଳୟ ପରିଦର୍ଶନ କରି ଜାଗା ମାଲିକ ବିଦ୍ୟାଧର ଏବଂ ତାଙ୍କ ପତ୍ନୀ ରୁକ୍ମଣୀ ନାଏକ ସହିତ ଆଲୋଚନା ସହ ତାଲା ଖୋଲିବାକୁ ଅନୁରୋଧ କରିଥିଲେ। ଆଗକୁ ବିଦ୍ୟାଳୟରେ ଯେକୌଣସି କାର୍ଯ୍ୟକ୍ରମ ହୁଏ ଆପଣଙ୍କୁ ପ୍ରାଥମିକତା ଦିଆଯିବ ଏବଂ ବିଦ୍ୟାଳୟର ଦୁଇ ଶ୍ରେଣୀ କକ୍ଷକୁ ଆପଣ ଦୁଇ ସ୍ୱାମୀ ସ୍ତ୍ରୀଙ୍କ ନାମରେ ନାମାଙ୍କିତ କରାଯିବା ସହିତ ପ୍ରଶାସନ ପକ୍ଷରୁ ଯଦି ସମ୍ଭବ ହୁଏ ସହଯୋଗ କରାଯିବ ବୋଲି ପରିଦର୍ଶନରେ ଆସିଥିବା ଅଧିକାରୀ ମାନେ କହିଥିଲେ। ଯାହାକୁ ନେଇ ଜାଗା ମାଲିକ ବିଦ୍ୟାଧର ରାଜି ହୋଇ ବିଦ୍ୟାଳୟର ତାଲା ଖୋଲିଥିଲେ। ଫଳରେ ବିଦ୍ୟାଳୟ ସ୍ୱାଭାବିକ ଢଙ୍ଗରେ ଚାଲିଥିଲା। ପ୍ରଶାସନ ଏହି ସବୁ ବିଦ୍ୟାଳୟ ଗୁଡିକର ସ୍ଥାୟୀ ସମାଧାନ ନକଲେ ଏଭଳି ସମସ୍ୟା ବାରମ୍ବାର ଦୃଷ୍ଟିକୁ ଆସିବା ସହିତ ଶିକ୍ଷା ବ୍ୟବସ୍ଥା ପ୍ରଭାବିତ ହେବ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

## ● କେସିଙ୍ଗା ବ୍ଲକ୍‌ରେ ନର୍ଲା ବିଧାୟିକା

# ଗାଁ ଗାଁ ବୁଲି ବୁଝୁଛନ୍ତି ଅଞ୍ଚଳର ସମସ୍ୟା



କେସିଙ୍ଗା,୬।୮ (ସମିସ): କଳାହାଣ୍ଡି ଜିଲ୍ଲା ନର୍ଲା ବିଧାୟିକା ମନୋରମା ମହାନ୍ତି ମଙ୍ଗଳବାର ଦିନ କେସିଙ୍ଗା ବ୍ଲକ୍‌ର କସ୍ତୁପଡ଼ା, ଘଣ୍ଟଶୋଳା, କିନ୍ଦେରକେଲା, ବିଜଖମନ, ତୁଣ୍ଡଲା, ରଜାପଡ଼ା ଓ ଆହୁରି ଅନେକ ଛୋଟ ଛୋଟ ଗାଁମାନଙ୍କୁ ଯାଇ ଲୋକଙ୍କ ସମସ୍ୟା ବୁଝିବା ସହିତ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ବିଧାୟିକାଙ୍କୁ ପ୍ରତ୍ୟେକ ଗ୍ରାମରେ ଜୋରଦାର ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଇଥିବା ବେଳେ ଅଞ୍ଚଳର ଦୁଃଖ ସୁଖରେ ସଦାବେଳେ ଶ୍ରୀମତୀ ମହାନ୍ତିଙ୍କୁ ଲୋକମାନେ ଖୋଜି ଥାଆନ୍ତି ସେଥିପାଇଁ ବିଧାୟିକାଙ୍କୁ ସଦାବେଳେ ଜନ ସମର୍ଥନ ମିଳିଥାଏ। ପ୍ରକାଶ ଥାଉକି କେସିଙ୍ଗା ବ୍ଲକର ୨୬ଟି ପଞ୍ଚାୟତ ମଧ୍ୟରୁ କିଛି ପଞ୍ଚାୟତ ଭବାନୀପାଟଣା ସଦର ନିର୍ବାଚନ ମଣ୍ଡଳୀରେ ଅଛି ଓ କିଛି ପଞ୍ଚାୟତ ନର୍ଲା ନିର୍ବାଚନ ମଣ୍ଡଳୀରେ ଅଛି। ବିଧାୟକ ପାଣ୍ଠିରୁ ଶ୍ରୀମତୀ ମହାନ୍ତି ନର୍ଲା ବିଧାନସଭା ମଣ୍ଡଳୀରେ ମିଶିଥିବା କେସିଙ୍ଗା ବ୍ଲକ୍‌ର କିଛି ପଞ୍ଚାୟତର ଉନ୍ନତି ପାଇଁ ବିକାଶର କାମ ଅନବରତ ଚାଲିଛି। ଅନେକ ଗ୍ରାମରେ ଷ୍ଟ୍ରିଟ୍ ଲାଇଟର ସମସ୍ୟା ଦୂର ହୋଇଥିବା ବେଳେ ଅନେକ ଗ୍ରାମରେ ନିଜ ବିଧାୟକ ପାଣ୍ଠିରୁ ନଳକୂପ ଖନନ କରି ଲୋକଙ୍କୁ ଜଳକଷ୍ଟ ଦୂର କରିଛନ୍ତି। ମଙ୍ଗଳବାର ଦିନ ଟଣ୍ଡଲା ଗ୍ରସ୍ତ ସମୟରେ ତୁଣ୍ଡଲା ଧରଣୀଗୁଡ଼ିକୁ ପରିଦର୍ଶନ ରେ ଯାଇ ଯଥା ଶୀଘ୍ର କାମ ସମ୍ପୂର୍ଣ୍ଣ କରିବା ପାଇଁ ଦାୟିତ୍ୱରେ ଥିବା କେସିଙ୍ଗା ବ୍ଲକ୍ କନିଷ୍ଠଯନ୍ତ୍ରୀଙ୍କ ସହିତ ଆଲୋଚନା କରିଥିଲେ। ଗ୍ରସ୍ତ ସମୟରେ ତାଙ୍କ ସହିତ କେସିଙ୍ଗା ବ୍ଲକ୍ ବିଜେଡି ଛାତ୍ର ସଭାପତି ଶୁଭେନ୍ଦୁ କୁମାର ସାହୁ, କସ୍ତୁପଡ଼ା ପୂର୍ବତନ ସରପଞ୍ଚ ପର୍ଶୁରାମ ପାଢ଼ୀ, ପୂର୍ବତନ ତୁଣ୍ଡଲା ସରପଞ୍ଚ ଭଗବାନ ସାହୁ, ସୁଲତାନ ନନ୍ଦ, ରୋହିତ ସାହୁ, ପ୍ରମିଳା ଷଡଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ।

# ବସ୍‌ରୁ ଗଞ୍ଜେଇ ଜବତ; ୨ ଗିରଫ

ବୌଦ୍ଧ,୬।୮ (ସମିସ): ବୌଦ୍ଧ ଅବକାରୀ ମୋବାଇଲ୍ ସ୍କ୍ୱାର୍ଡ ପକ୍ଷରୁ ବୌଦ୍ଧ ମହାନଦୀ ବ୍ରିଜ ଛକରେ ଏକ ଯାତ୍ରୀବାହୀ ବସ୍‌ରୁ ୧୦ କେଜି ଗଞ୍ଜେଇ ଜବତ କରିବା ସହ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ମିଳିଥିବା ସୂଚନାନୁଯାୟୀ, ଖୁଣ୍ଟିଗୋରାରୁ ଭୁବନେଶ୍ୱର ଅଭିମୁଖେ ଗଞ୍ଜେଇ ଚାଲାଣ ହେଉଥିବା ଖବରପାଇ ବୌଦ୍ଧ ଅବକାରୀ ମୋବାଇଲ ସ୍କ୍ୱାର୍ଡ ମହାନଦୀ ବ୍ରିଜ ଛକ ନିକଟରେ ଏକ ଯାତ୍ରୀ ବାହୀ ବସ୍‌କୁ ଅଟକାଇ ଯାଞ୍ଚ କରିଥିଲା। ଉକ୍ତ ବସ୍‌ରୁ ଏକ ବ୍ୟାଗ୍ ମଧ୍ୟରୁ ୧୦ କେଜି ଗଞ୍ଜେଇ ଜବତ କରିବା ସହ ଦୁଇଜଣଙ୍କୁ ଗିରଫ କରିଥିଲା। ଗିରଫ ଦୁଇ ଅଭିଯୁକ୍ତ ହେଲେ ଘଣ୍ଟାପଡା ଥାନା କୁରୁ କୁପା ଗ୍ରାମର ରୂପଧର ବାଘ ଓ ଉଦେର ଗ୍ରାମର ବୀରେନ୍ଦ୍ର ହରିପାଲ। ଏକ ମାମଲା ରୁଜୁକରି ଦୁଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି ବୋଲି ସବ୍‌ଇନ୍ସପେକ୍ଟର ସତ୍ୟ ନାରାୟଣ ପ୍ରଧାନ ସୂଚନା ଦେଇଛନ୍ତି।

# ଏସ୍‌ସି ଏସ୍‌ଟିଙ୍କ ଜମି ବିକ୍ରି ଅନୁମତିରେ ଅନିୟମିତତା

## କାର୍ଯ୍ୟାନୁଷ୍ଠାନ ପାଇଁ ସିଏଜିଙ୍କ ସୁପାରିଶକୁ ଅଣଦେଖା / ଏଜି ଅଡିଟ ରିପୋର୍ଟରୁ ଜଣାପଡ଼ିଲା ସତ୍ୟ

ବୀରମହାରାଜପୁର,୬।୮ (ସମିସ)

ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ସରକାରୀ ଗାଇଡଲାଇନକୁ ଖୋଲାଖୋଲି ଉଲଂଘନ କରି ଅନୁସୂଚିତ ଜାତି(ଏସ୍‌ସି) ଅନୁସୂଚିତ ଜନଜାତି(ଏସ୍‌ଟି) ଲୋକଙ୍କ ଜମିକୁ ବିକ୍ରି କରିବାକୁ ଅନୁମତି ପ୍ରଦାନରେ ଅନିୟମିତତା ହୋଇଥିବା ଏଜି ଅଡିଟ ରିପୋର୍ଟରୁ ଜଣାପଡିଛି। ଅନ୍ୟପଟରେ ଏହାର ଫାଇଦା ଉଠାଇଛନ୍ତି ଧନୀ, ପ୍ରଭାବଶାଳି ଓ ଦଲାଲ୍‌ମାନେ। ଏହାଦ୍ୱାରା ଏସ୍‌ସି, ଏସ୍‌ଟି ଲୋକମାନେ ବାଧ୍ୟ ହୋଇ କମ୍ ଦାମରେ ଜମି ବିକ୍ରୟ କରି ଭୂମିହୀନ ହୋଇଥିବାବେଳେ ସେମାନଙ୍କର ପୈତୃକ ତଥା ନିଜ ଜମି ସାଧାରଣ ବର୍ଗର ଧନୀ ଲୋକଙ୍କ ହାତକୁ ଚାଲିଯାଇଛି। ଓଡ଼ିଶା ପ୍ରଧାନ ମହାଲେଖାଗର(ପ୍ରିନ୍ସିପାଲ ଆକାଉଣ୍ଟାଣ୍ଟ ଜେନେରାଲ)ଙ୍କ ଅଡିଟ ରିପୋର୍ଟ ମିଳିବା ପରେ ଏହାର ପର୍ଦ୍ଦାଫାସ ହୋଇଛି। ରିପୋର୍ଟରୁ ମିଳିଥିବା ତଥ୍ୟ ଅନୁଯାୟୀ, ଏସ୍‌ସି, ଏସ୍‌ଟିଙ୍କ ଜମି ବିକ୍ରୟ ପାଇଁ ବେଆଇନ୍ ଭାବେ ଅନୁମତି ଦେଇଥିବା ବୀରମହାରାଜପୁର ସମ୍ପୃକ୍ତ ଅଧିକାରୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ସହ ଏସ୍‌ସି, ଏସ୍‌ଟିଙ୍କ ଜମିକୁ ସେମାନଙ୍କ ପୂର୍ବ ଖାତାକୁ ଫେରସ୍ତ ପାଇଁ ରଜ୍ୟ ସରକାର ଓ ଜିଲ୍ଲାପାଳଙ୍କ ପତ୍ର ସଂଖ୍ୟା -୧୧୦୫ ତା -୨/୨/୨୦୨୪ରେ ସି.ଏ.ଜି. ସୁପାରିସ କରିଛନ୍ତି। ମାତ୍ର ଏହି ଜମି ବିକ୍ରୟ ପାଇଁ ଅନୁମତି ଦେଇଥିବା ସମ୍ପୃକ୍ତ ଅଧିକାରୀଙ୍କ ବିରୁଦ୍ଧରେ ଆଜି ପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଫଳରେ ଏସ୍‌ସି, ଏସ୍‌ଟି ବର୍ଗର ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇବା ସହ ମାମଲାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ଦାବି ହୋଇଛି। ଏନେଇ ଜିଲ୍ଲାପାଳ ଅନ୍ୟା ଦାସଙ୍କୁ ପଚାରିବାରୁ ଏଜି ଅଡିଟ ରୋପୋର୍ଟ ହସ୍ତଗତ ହୋଇଥିବା କହିବା ସହ ଅଡିଟ ରିପୋର୍ଟ ଅନୁଯାୟୀ ଏସ୍‌ସି, ଏସ୍‌ଟିଙ୍କ ଜମି ବିକ୍ରୟ ପାଇଁ ଅନୁମତି ପ୍ରଦାନରେ ଅନିୟମିତତା ହୋଇଥିବା ମଧ୍ୟ ପ୍ରମାଣ ମିଳିଥିବା ସ୍ୱିକାର କରିଛନ୍ତି। ତର୍ଜମା କରିବାପରେ ଯେଉଁ କେସ୍ ରେକର୍ଡ ଏଜି. ଅଡିଟ ରିପୋର୍ଟ ଅନୁଯାୟୀ ଅନିୟମିତତା ହୋଇଛି ସେ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି।

# ପ୍ରଶାସନ ସହଯୋଗରେ ଗାଁରେ ପହଁଞ୍ଚିଲା ଦାଦନଙ୍କ ଶବ

ଶଗଡା,୬।୮ (ସମିସ): ତାମିଲନାଡୁକୁ ଦାଦନ ଖଟିବାକୁ ଯାଇ ମୃତ୍ୟୁବରଣ କରିଥିବା ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ୍ ବରଗୋଛା ପଞ୍ଚାୟତର ମାଝିପଡ଼ା ଗ୍ରାମର ଶ୍ରମିକ ରମେଶ ଜଗଦଲା(୪୦)ଙ୍କ ଶବ ପ୍ରଶାସନର ସହଯୋଗରେ ତାଙ୍କ ଗ୍ରାମରେ ପହଞ୍ଚିଛି। ତାମିଲନାଡୁରେ ସେ ଦାଦନ ଶ୍ରମିକ ଭାବରେ କାର୍ଯ୍ୟ କରୁଥିବା ବେଳେ ରବିବାର ତାଙ୍କର ମୃତ୍ୟୁ ହୋଇଥିଲା। ବୌଦ୍ଧ ଜିଲ୍ଲା ପାଣ-ଗଣ୍ଡା ସମାଜ ବିକାଶ ପରିଷଦ ପକ୍ଷରୁ ଜିଲ୍ଲା ଶ୍ରମ ଅଧିକାରୀ ଓ ଜିଲ୍ଲା ପ୍ରଶାସନକୁ ମୃତକଙ୍କ ଶବ ଘରକୁ ଆଣିବାର ବ୍ୟବସ୍ଥା କରିବାକୁ ଅନୁରୋଧ କରାଯାଇଥିଲା। ସୂଚନାନୁଯାୟୀ, ମାଝିପଡ଼ା ଗ୍ରାମର ରମେଶ ଗତ ମାର୍ଚ୍ଚ ୨୧ ତାରିଖରୁ ତାମିଲନାଡୁ ରାଜ୍ୟର ଏରୋଡ ଜିଲ୍ଲା ଅଧୀନସ୍ଥ ଚିନିମେଲାଇ ଥାନା ଏଙ୍ଗର ଶିବକୋଟ ଏରିୟା ଗ୍ରାମର ଏକ ପ୍ଲାଷ୍ଟିକ୍ କମ୍ପାନୀ ସୁପ୍ରିମ ଇଣ୍ଡୋଷ୍ଟିୟା ପ୍ରାଇଭେଟ୍ ଲିମିଟେଡ଼ରେ ଶ୍ରମିକ ଭାବରେ କାର୍ଯ୍ୟ କରୁଥିଲେ। ଗତ ରବିବାର ଦିନ ୧୧ଟା ସମୟରେ କମ୍ପାନୀ ଭିତରେ କାର୍ଯ୍ୟ କରୁଥିବା ସମୟରେ ହଠାତ କମ୍ପାନୀ ଭିତରେ ଚେତାଶୂନ୍ୟ ହୋଇପଡିଗଲେ। ଅଚେତ୍ ଅବସ୍ଥାରେ ତାଙ୍କ ସହିତ କାମ କରୁଥିବା ଶ୍ରମିକମାନେ ତାଙ୍କୁ ମେଡିକାଲକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଗରିବ ପରିବାର ହୋଇଥିବାରୁ ଶବ ଆଣିବା ପାଇଁ ପରିବାର ଲୋକେ ଓ ବୌଦ୍ଧ ଜିଲ୍ଲା ପାଣ-ଗଣ୍ଡା ସମାଜ ବିକାଶ ପରିଷଦ ପକ୍ଷରୁ ଜିଲ୍ଲା ଶ୍ରମ ଅଧିକାରୀ ଓ ଜିଲ୍ଲା ପ୍ରଶାସନ ନିକଟରେ ଅନୁରୋଧ କରାଯାଇଥିଲା। ପ୍ରଶାସନ ପକ୍ଷରୁ ତୁରନ୍ତ ପଦକ୍ଷେପ ନିଆଯାଇଥିଲା। ତାମିଲନାଡୁରୁ ଏକ ସ୍ୱତନ୍ତ୍ର ଆମ୍ବୁଲାନ୍ସ ଯୋଗେ ତାଙ୍କ ଶବ ଜନ୍ମମାଟି ମାଝୀପଡ଼ାକୁ ମଙ୍ଗଳବାର ରାତି ପାଖାପାଖି ୨ ଟାରେ ପହଞ୍ଚିଥିଲା। ବୁଧବାର ପୂର୍ବାହ୍ନରେ ଗାଁ ମଶାଣିରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା।







## ସାଇବର୍ ଠକଙ୍କ ଜାଲରେ ଓଡ଼ିଶା | ଦିନକୁ ଲୁଟିନେଉଛନ୍ତି କୋଟିଏ

ଭୁବନେଶ୍ୱର, ୬।୮ (ସମିସ)

ବ୍ୟାଙ୍କ ଜମା ଅପେକ୍ଷା ସେୟାର ମାର୍କେଟରେ ପୁଞ୍ଜି ନିବେଶ କଲେ ଅଧିକ ଲାଭ ମିଳିଥାଏ। ତେଣୁ ଅନେକ ଲୋକ ଷ୍ଟକ୍ ମାର୍କେଟରେ ନିବେଶ କରିବାକୁ ପସନ୍ଦ କରୁଛନ୍ତି। ହେଲେ ସାଇବର ଠକମାନେ ଏହାର ଭରପୂର୍ ଫାଇଦା ଉଠାଉଛନ୍ତି। ଫେସବୁକ, ହ୍ୱାଟ୍ସଆପ, ଇନ୍‌ଷ୍ଟାଗ୍ରାମ ଭଳି ସାମାଜିକ ଗଣମାଧ୍ୟମରେ ମିଥ୍ୟା ବିଜ୍ଞାପନ ଦେଉଛନ୍ତି। କେବଳ ଏତିକି ନୁହେଁ; ଲୋକଙ୍କ ମୋବାଇଲ ନମ୍ବରକୁ ଲିଙ୍କ୍ ପଠାଉଛନ୍ତି। ଅଧିକ ଲାଭର ପ୍ରତିଶ୍ରୁତି ଦେଇ ଲୋକମାନଙ୍କୁ ପୁଞ୍ଜି ନିବେଶ କରିବା ପାଇଁ ପ୍ରବର୍ତ୍ତାଉଛନ୍ତି। ଶେଷରେ ବିଭିନ୍ନ ଆଳ ଦେଖାଇ କୋଟି କୋଟି ଟଙ୍କା ଠକି ନେଉଛନ୍ତି। ଅଧିକ ଲାଭର ଲୋଭରେ ପଡ଼ି ଲୋକମାନେ ସର୍ବସ୍ୱ ହରାଉଛନ୍ତି। ଦେଶବିଦେଶର ବିଭିନ୍ନ ସ୍ଥାନରୁ ଓଡ଼ିଶାକୁ ଟାର୍ଗେଟ କରି ଏହି ଅଦୃଶ୍ୟ ଠକମାନେ ଆଖି ପିଛୁଳାକେ ପୂରା ଆକାଉଣ୍ଟ ଖାଲି କରି ଦେଉଛନ୍ତି। ଜାନୁୟାରୀରେ ୪୧, ଫେବୃୟାରୀରେ ୨୨, ମାର୍ଚ୍ଚରେ ୨୫, ଏପ୍ରିଲରେ ୩୩, ମେ'ରେ ୨୩, ଜୁନରେ ୨୮ ଓ ଜୁଲାଇ ମାସରେ ୪୨ କୋଟି ଟଙ୍କା ଠକି ନେଇଛନ୍ତି। ଗତ ଜାନୁୟାରୀ ଠାରୁ ଜୁଲାଇ ମଧ୍ୟରେ ଅର୍ଥାତ୍ ୭ ମାସ ମଧ୍ୟରେ ରାଜ୍ୟରୁ ପ୍ରାୟ ୨୧୫ କୋଟି ଟଙ୍କା ଠକେଇ ହୋଇଛି। ଚଳିତବର୍ଷ ଜାନୁୟାରୀ ମାସରୁ ଜୁଲାଇ ୧୫ ତାରିଖ ମଧ୍ୟରେ ରାଜ୍ୟର ପ୍ରାୟ ୨୫ ହଜାର ଲୋକ ସାଇବର ଠକଙ୍କ ଦ୍ୱାରା ଠକେଇର ଶିକାର ହୋଇଛନ୍ତି। କେବଳ ଗତ ଜୁଲାଇ ମାସରେ ରାଜ୍ୟରୁ ୪୨ କୋଟି ଟଙ୍କା ଠକି ନେଇଛନ୍ତି। ଏହାରି ଭିତରେ ରାଜ୍ୟର ପ୍ରାୟ ୨୭ ହଜାର ୭୦୬ ଜଣ ଲୋକ ସାଇବର ଠକେଇର ଶିକାର ହେଲେଣି। ଯଦି ଏଇ ତଥ୍ୟକୁ ହିସାବକୁ ନିଆଯାଏ, ତେବେ ପ୍ରତିଦିନ ୧୩୦ରୁ ଅଧିକ ଲୋକ ସାଇବର ଠକେଇର ଶିକାର ହେଉଥିବା ବେଳେ ଅଦୃଶ୍ୟ ଠକମାନେ ଦିନକୁ କୋଟିଏରୁ ଅଧିକ ଟଙ୍କା ଲୁଟି ନେଉଥିବା କଥା ସ୍ପଷ୍ଟ ହୋଇଛି।

- **ଅଧିକ ଲାଭର ଲୋଭ ଦେଖାଇ ୭ ମାସରେ ନେଇଗଲେଣି ୨୧୫ କୋଟି**
- **ତାଲିମ ସତ୍ତ୍ୱେ ପୁଲିସର ରଣକୌଶଳ ଫେଲ୍ ସଫଳତା ହାର ନଗଣ୍ୟ**



ଅନ୍ୟପକ୍ଷରେ ରାଜ୍ୟରେ ସାଇବର ଠକେଇ ବଢୁଥିବା ବେଳେ ପୁଲିସର ଗିରଫଦାରୀ ଓ ଟଙ୍କା ଜବତ ହାର ଆଖିଦୃଶିଆ ହେଉନାହିଁ। ପୁଲିସ ବିଭାଗର କନେଷ୍ଟବଳ ଠାରୁ ଆରମ୍ଭ କରି ଉଚ୍ଚ ଅଧିକାରୀଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ବିଭିନ୍ନ ସମୟରେ ସାଇବର ତାଲିମ୍ ଦିଆଯାଉଛି। ସାଇବର ଠକେଇରେ କିପରି ରୋକ୍ ଲାଗିବ ସେନେଇ ମଧ୍ୟ ଓଡ଼ିଶା ପୁଲିସ ରଣକୌଶଳ ପ୍ରସ୍ତୁତ କରୁଛି। ହେଲେ ସାଇବର ଠକଙ୍କ ଗୋଟି ଚାଳନା ଆଗରେ ସେସବୁ ଏକପ୍ରକାର ଫେଲ୍ ହୋଇଯାଉଛି। ହାତଗଣତି କେତୋଟି ମାମଲାରେ ପୁଲିସ ସାଇବର ଠକଙ୍କୁ ଧରିବାରେ ସକ୍ଷମ ହେଉଥିବା ବେଳେ ବାକି ମାମଲାରେ ସଫଳତା ହାର ଏକଦମ୍ ନଗଣ୍ୟ ରହୁଛି।

ମିଳିଥିବା ସୂଚନା ଅନୁସାରେ, ଭୁବନେଶ୍ୱରର ବରିଷ୍ଠ ନାଗରିକ ଦିଗନ୍ତ କେଶରୀ ପଟ୍ଟନାୟକଙ୍କ ହ୍ୱାଟ୍ସଆପକୁ ପୁଞ୍ଜି ବଜାରରେ ନିବେଶ କରିବା ଲାଗି ଏକ ଲିଙ୍କ୍ ଆସିଥିଲା। ଲିଙ୍କରେ କ୍ଲିକ୍ କରିବା ପରେ ଶ୍ରୀ ପଟ୍ଟନାୟକ ଏକ ଅଜଣା ଗ୍ରୁପରେ ଯୋଡ଼ି ହୋଇ ଯାଇଥିଲେ। ଗ୍ରୁପରେ ଥିବା ଅନ୍ୟ ସଦସ୍ୟମାନେ ଏକ ନିର୍ଦ୍ଦିଷ୍ଟ ଟ୍ରେଡିଂ ଆପରେ ଟଙ୍କା ବିନିଯୋଗ କରି ଲାଭବାନ ହୋଇଥିବା ନେଇ ଚର୍ଚ୍ଚା କରୁଥିଲେ। ଏଥିସହିତ ଉକ୍ତ ଟ୍ରେଡିଂ ଆପରେ ଟଙ୍କା ବିନିଯୋଗ କଲେ ଭଲ ଲାଭ ମିଳିବ ବୋଲି ପ୍ରବର୍ତ୍ତାଇଥିଲେ। ଦିଗନ୍ତ ମଧ୍ୟ ସେମାନଙ୍କ କଥାରେ ପଡ଼ି ଟଙ୍କା ନିବେଶ କରିଥିଲେ। ଆରମ୍ଭରୁ ଆଶାନୁରୂପ ଲାଭ ମିଳିବା ପରେ ଦିଗନ୍ତ ଲୋଭରେ ପଡ଼ି ଅଧିକ ଟଙ୍କା ନିବେଶ କରିଥିଲେ। ଗତବର୍ଷ ଅଗଷ୍ଟ ମାସରେ ୧୦ ହଜାର ଟଙ୍କାରୁ ଆରମ୍ଭ ହୋଇଥିବା ନିବେଶ ଶେଷରେ ୪୯ ଲକ୍ଷ ଟଙ୍କାରେ ପହଞ୍ଚିଥିଲା। ନିବେଶରୁ ମିଳୁଥିବା ଲାଭାଂଶ ମଧ୍ୟ ଆପର ୱାଲେଟରେ ଦେଖାଉଥିଲା। ହେଲେ ନିକଟରେ ଦିଗନ୍ତ ଟଙ୍କା ଉଠାଇବାକୁ ଚେଷ୍ଟା କରିବା ବେଳକୁ ସାଇବର ଠକ ତାଙ୍କୁ ବିଭିନ୍ନ ଆଳ ଦେଖାଇବା ସହ ଆକାଉଣ୍ଟ ଅଚଳ କରି ଦେଇଥିଲେ। ଆକାଉଣ୍ଟକୁ ସଚଳ କରିବାକୁ ସାଇବର ଠକ ତାଙ୍କୁ ଆହୁରି ଟଙ୍କା ମାଗିଥିଲେ। ମୂଳଧନ ଫେରିପାଇବା ଆଶାରେ ଆହୁରି ୬ ଲକ୍ଷ ଟଙ୍କା ଦେଇଥିଲେ। ହେଲେ ଦିଗନ୍ତଙ୍କୁ ଟଙ୍କା ଫେରାଇବା ପରିବର୍ତ୍ତେ ତାଙ୍କ ଆପକୁ ସ୍ଥାୟୀ ଭାବେ ଅଚଳ କରି ଦିଆଯାଇଥିଲା। ଏନେଇ ସେ ପ୍ରଥମେ ସାଇବର ହେଲ୍ପ ଡେସ୍କ ଓ ପରେ ସାଇବର ଥାନାରେ ଅଭିଯୋଗ କରିଛନ୍ତି।

### ନାବାଳିକା ଅପହରଣ ଘଟଣା

## ବର୍ଷକ ପରେ ଧରାପଡ଼ିଲା ରାଜମିସ୍ତ୍ରି

ଭୁବନେଶ୍ୱର, ୬।୮ (ସମିସ): ନାବାଳିକା ଅପହରଣ ଘଟଣାର ବର୍ଷକ ପରେ ରାଜମିସ୍ତ୍ରିକୁ ଗିରଫ କରିଛି ଭରତପୁର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି କଟକ କଲ୍ୟାଣୀ ନଗରରେ ରହୁଥିବା ଜଗତସିଂହପୁର ଜିଲ୍ଲା ଅଲଣାହାଟ ଥାନା ଶାଳଜଙ୍ଗା ଗାଁର ଉମେଶ ଦାସ (୪୮)।

ପୁଲିସ ସୂଚନା ଅନୁସାରେ, ଗଞ୍ଜାମ ଜିଲ୍ଲାର ଜଣେ ମହିଳା କଟକରେ ରହି ଉମେଶ ଅଧୀନରେ କାମ କରୁଥିଲେ। ଗତବର୍ଷ ଜୁଲାଇ ମାସ ୨୯ ତାରିଖ ଦିନ ସପରିବାର ତାଙ୍କ ଗାଁକୁ ଯିବା ବାଟରେ ବରମୁଣ୍ଡା ବସ୍ ଷ୍ଟାଣ୍ଡରେ ବିଶ୍ରାମ ନେଉଥିଲେ। ଦିନ ପ୍ରାୟ ୧୧ ଟା ସମୟରେ ତାଙ୍କ ପାଖରେ ବସିଥିବା ତାଙ୍କ ନାବାଳିକା ଝିଅ ସେଠାରୁ ପଳାଇ ଯାଇଥିଲେ। କିଛି ଦୂର ପିଛା କରିବା ସତ୍ତ୍ୱେ ସେ ତାଙ୍କୁ ପାଇ ପାରି ନ ଥିଲେ। ଉମେଶ ଉପରେ ସନ୍ଦେହ କରି ସେ ଭରତପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ।

ତଦନ୍ତ ସମୟରେ ଜଣାପଡ଼ିଥିଲା ଯେ, ନାବାଳିକାଙ୍କ ପରିବାର ଓ ଉମେଶ ଉଭୟ ପାଖାପାଖି ରହୁଥିଲେ। ଆର୍ଥିକ ଅନଟନ ଯୋଗୁଁ ଅଭିଯୋଗକାରିଣୀ ପ୍ରାୟତଃ ତାଙ୍କ ପିଲାମାନଙ୍କ ପ୍ରତି ବିରକ୍ତି



ପ୍ରକାଶ କରୁଥିଲେ। ମାଆଙ୍କ ଆଚରଣରେ ଦୁଃଖିତ ହୋଇ ନାବାଳିକା ତାଙ୍କ ଘର ଛାଡ଼ି ଉମେଶ ସହିତ ରହିବା ଆରମ୍ଭ କରିଥିଲେ। ନାବାଳିକା ବୋଲି ଜାଣିବା ପରେ ମଧ୍ୟ ଉମେଶ ତାଙ୍କୁ ପରିବାର ଛାଡ଼ିବାକୁ ପ୍ରବର୍ତ୍ତାଇ ଥିଲା। ନାବାଳିକାଙ୍କୁ ଅପହରଣ କରି ନେଇ କଲ୍ୟାଣୀ ନଗର ସ୍ଥିତ ଭଡ଼ାଘରେ ରଖିଥିଲା। ଦୁଇ ଦିନ ପୂର୍ବରୁ ପୁଲିସ ନାବାଳିକାଙ୍କୁ ଉଦ୍ଧାର କରିଥିଲା। ଆଜି ଉମେଶକୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ଏମ୍ସ ଚାକିରି ନାଁରେ ୫ ଲକ୍ଷ ଟଙ୍କା; କର୍ମଚାରୀ ଗିରଫ

ଭୁବନେଶ୍ୱର, ୬।୮ (ସମିସ): ଏମ୍ସରେ ଚାକିରି କରାଇଦେବା ନାଁରେ ୫ ଲକ୍ଷ ଟଙ୍କା ଠକି ନେଇଥିବା କର୍ମଚାରୀକୁ ଗିରଫ କରିଛି ଖଣ୍ଡଗିରି ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ପିପିଲି ଡିହ ସାହିରେ ରହୁଥିବା ଜଗତସିଂହପୁର ବାଲିକୁଦା ଅଞ୍ଚଳର ଆଲୋକ ଭୋଳ (୪୨)।



ପୁଲିସ ସୂଚନା ଅନୁଯାୟୀ, ଆଲୋକ ଠିକା ସଂସ୍ଥା ଅଧୀନରେ ଏମ୍ସରେ ଲ୍ୟାବରେଟୋରୀ ଟେକ୍ନିସିଆନ ଭାବେ କାମ କରୁଥିଲା। ସିଜୁଆ ଅଞ୍ଚଳର ଲିପୁନ କୁମାର ଜୟସିଂହ ତା'କୁ ୧୨ ବର୍ଷ ଧରି ପରସ୍ପରକୁ ଜାଣିଥିଲେ। ଆଲୋକ ପ୍ରାୟ ୨/୩ ମାସ ପୂର୍ବେ ଏମ୍ସରେ ଚାକିରି କରାଇଦେବ ବୋଲି ପ୍ରତିଶ୍ରୁତି ଦେଇଥିଲା। ଚାକିରି ପାଇଁ ଲିପୁନଙ୍କ ଠାରୁ ୪ ଲକ୍ଷ ୯୯ ହଜାର ଟଙ୍କା ନେଇଥିଲା। କିନ୍ତୁ ଟଙ୍କା ପାଇବା ପରେ ଆଲୋକ କୌଣସି ଚାକିରି କରାଇ ନ ଥିଲା। ଯୋଗାଯୋଗ ନ ରଖିବା ସହ ଶେଷରେ ଲିପୁନଙ୍କ ମୋବାଇଲ୍ ନମ୍ବରକୁ ବ୍ଲକ କରିଦେଇଥିଲେ। ସେ ଏମ୍?ସର ଜଣେ କର୍ମଚାରୀ ରଶ୍ମି ରଞ୍ଜନ ମହାନ୍ତିଙ୍କୁ ଟଙ୍କା ଦେଇଥିବା କହିଥିଲା। ବାରମ୍ବାର ଅନୁରୋଧ ସତ୍ତ୍ୱେ କୌଣସି ପ୍ରତିଶ୍ରୁତି ନ ରଖିବାରୁ ଲିପୁନ ଖଣ୍ଡଗିରି ଥାନାରେ ଅଭିଯୋଗ କରିଥିଲେ। ତାଙ୍କ ଅଭିଯୋଗ ଆଧାରରେ ଏକ ମାମଲା ରୁଜୁକରି ତଦନ୍ତ କରୁଥିବା ପୁଲିସ ଆଜି ଆଲୋକକୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ଖଣ୍ଡାରେ ଆକ୍ରମଣ କରି ଯୁବକ ଗିରଫ

ହଂସପାଳ, ୬।୮ (ସମିସ): ଖଣ୍ଡାରେ ମରଣାତ୍ମକ ଆକ୍ରମଣ କରିବା ଅଭିଯୋଗରେ ପାହାଳ ଥାନା ପୋଲିସ କେନ୍ଦୁଝର ଜିଲ୍ଲା ପାଟଣା ଥାନା ମଙ୍ଗଳପୁରର ବୁବୁନ ରାଉତ ଓରଫ ସତ୍ୟ ପ୍ରକାଶ ରାଉତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

ସୂଚନା ଅନୁସାରେ ଗତ ୧୯ ତାରିଖ ସନ୍ଧ୍ୟା ସମୟରେ ଶିବ ଶଙ୍କର ସାହୁ ତାଙ୍କ ବନ୍ଧୁମାନଙ୍କ ସହିତ ଏକ ସ୍କର୍ପିଓ ଗାଡ଼ିରେ କାମରୁ ଫେରୁଥିବା ବେଳେ ପାହାଳସ୍ଥିତ ଆସୋଟେକ୍ ପ୍ରାଇଡ୍ ନିକଟରେ ଜରୁରୀ କାର୍ଯ୍ୟ ପାଇଁ ଅଟକି କିଛି ଦୂର ଏକ ସ୍ଥାନକୁ ଯାଇଥିବା ସମୟରେ ହଠାତ୍ ୬ ଜଣ ଦୁର୍ବୃତ୍ତ ମୋଟର ସାଇକେଲରେ ସେମାନଙ୍କ ପଛେ ପଛେ ଆସିଥିଲେ। ସେମାନଙ୍କ ମଧ୍ୟରୁ ୩ ଜଣ ଅଭିଯୁକ୍ତ ଯଥା ରବିନ ଶତପଥୀ ଓରଫ ଜଗନ, ବଳିଆ ବେହେରା ଏବଂ ଟାଇଗର ଓରଫ ଅଭିଷେକ ନନ୍ଦ ଶିବଙ୍କୁ ପିଛା କରି ନିକଟସ୍ଥ ଏକ ଦୋକାନ ଭିତରେ ଖଣ୍ଡାରେ ଆକ୍ରମଣ କରିଥିଲେ। ଯାହା ଫଳରେ ତାଙ୍କ ମୁଣ୍ଡ ଏବଂ ହାତରେ ଆଘାତ ଲାଗିଥିଲା। ଜଣେ ଅଭିଯୁକ୍ତ ରବିନ ଶତପଥୀଙ୍କୁ ସ୍ଥାନୀୟ ଲୋକମାନେ ଧରିଥିଲେ ଏବଂ ପଚରାଉଚରା ସମୟରେ ସେ କହିଥିଲେ ଯେ ସେମାନଙ୍କୁ ସତ୍ୟ ପ୍ରକାଶ ରାଉତ ଓରଫ ବୁବୁନ ପଠାଇଥିଲେ। ତଦନ୍ତରୁ ଜଣାପଡ଼ିଛି ଯେ, ଆକ୍ରମଣ ପଛରେ କାରଣ ଥିଲା ଇଗଲ୍ କ୍ଲବ୍‌ରେ ଏକ ଜନ୍ମଦିନ ପାର୍ଟି ଘଟଣା ସହିତ ଜଡିତ ପୂର୍ବ ବିବାଦ, ଯାହା ପାଇଁ ମଞ୍ଚେଶ୍ୱର ଥାନାରେ ଏକ ମାମଲା ରୁଜୁ କରାଯାଇଥିଲା। ଏହା ପରେ, ଅଭିଯୁକ୍ତ ଶିବଙ୍କୁ ମାମଲା ପ୍ରତ୍ୟାହାର କରିବାକୁ ଧମକ ଦେଇଥିଲେ। ଏକ ପୂର୍ବ ଯୋଜନା କରି ଅଭିଯୁକ୍ତମାନେ ଶିବଙ୍କୁ ହତ୍ୟା କରିବାକୁ ଚେଷ୍ଟା କରିଥିଲେ। ପାହାଳ ଥାନା ଅଧିକାରୀ ଅଶ୍ୱିନୀ ଜେନା ଘଟଣାର ତଦନ୍ତ କରି



ବୁବୁନ୍‌କୁ ଚକେଇସିଆଣି ଅଞ୍ଚଳରୁ ଗିରଫ କରାଯାଇଥିଲା। ଅଭିଯୁକ୍ତ ପୂର୍ବରୁ ମଞ୍ଚେଶ୍ୱର, ଖାରବେଳନଗର ଭରତପୁର ଏବଂ ନୟାପଲ୍ଲୀ ଥାନାରେ ୫ଟି ମାମଲା ରହିଛି।

### କ୍ରୁଟ୍ ପରିଚାଳନା ନିର୍ଦ୍ଦେଶକଙ୍କ ନିର୍ଦ୍ଦେଶ

## ସପ୍ତାହରେ ୨ ଦିନ 'ଆମ ବସ୍'ରେ ଯାତ୍ରା କରିବେ ଅଧିକାରୀ

ଭୁବନେଶ୍ୱର, ୬।୮ (ସମିସ)

'ଆମ ବସ୍' ସେବାରେ ସାଧାରଣ ଯାତ୍ରୀଙ୍କ ଯାତ୍ରା ଅଭିଜ୍ଞତା ବୃଦ୍ଧି ନେଇ କ୍ରୁଟ୍ ପକ୍ଷରୁ ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନିଆଯାଇଛି। କ୍ରୁଟ୍ ପରିଚାଳନା ନିର୍ଦ୍ଦେଶକ ଡଃ. ଏନ୍ ଥିରୁମାଲା ନାଏକ କ୍ରୁଟ୍‌ର ସମସ୍ତ ସଦସ୍ୟମାନଙ୍କୁ ସପ୍ତାହରେ ଅନ୍ତତଃ ଦୁଇଥର ଆମବସ୍‌ରେ ଯାତ୍ରା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ବସ୍‌ରେ ଯାତ୍ରା କରି ବିସ୍ତୃତ ଅନ୍‌ଲାଇନ୍ ଫର୍ମ ମାଧ୍ୟମରେ ଆମବସ୍‌ର ପ୍ରତ୍ୟେକ ସେବାର ସ୍ୱରୂପ ଉପରେ ମତାମତ ସଂଗ୍ରହ ହେବ। ମତାମତକୁ ଆଧାର କରି ଯଥାସମ୍ଭବ ସେବାର ଉନ୍ନତୀକରଣ ପାଇଁ କାର୍ଯ୍ୟ କରାଯିବ। ଡଃ. ନାୟକ କ୍ରୁଟ୍‌ର ଅନ୍ୟ ବରିଷ୍ଠ ଅଧିକାରୀଙ୍କ ସମେତ ବିଭିନ୍ନ ରୁଟ୍ ବସ୍‌ରେ ଯାତ୍ରା କରି ପ୍ରକୃତ ଅବସ୍ଥା ପରଖିଛନ୍ତି। ନିଜେ ଟିକେଟ୍ କାଟି ଆମବସ୍‌ରେ ସାଧାରଣ ଯାତ୍ରୀଙ୍କ ଭଳି ଯାତ୍ରା ଅନୁଭୂତି ନେଇଛନ୍ତି। ସେଭଳି ଅନେକ ଯାତ୍ରୀଙ୍କ ସହ ଯୋଗାଯୋଗ କରି ସେମାନଙ୍କ ଯାତ୍ରା ଅଭିଜ୍ଞତା ବିଷୟରେ ସିଧାସଳଖ ମତାମତ ସଂଗ୍ରହ କରିଛନ୍ତି। ପ୍ରଶାସନିକ ସ୍ତରରେ ନିର୍ଣ୍ଣୟ ହେଉଥିବା ଯୋଜନା ଏବଂ ଗ୍ରାଉଣ୍ଡ ସ୍ତରରେ ବାସ୍ତବତା ମଧ୍ୟରେ ଥିବା ବ୍ୟବଧାନକୁ ଦୂର କରିବା ଏବଂ ସମସ୍ତ ବର୍ଗର ଯାତ୍ରୀମାନଙ୍କ ପାଇଁ ଆମ ବସ୍ ସେବାକୁ

**ଯାତ୍ରୀଙ୍କ ପାଇଁ ଖୁବ୍‌ଶୀଘ୍ର ପ୍ରଚଳନ ହେବ ଅନ୍‌ଲାଇନ୍ ମତାମତ ଫର୍ମ**

ଅଧିକ ସୁଗମ କରିବା ଏହି ପଦକ୍ଷେପର ମୁଖ୍ୟ ଉଦ୍ଦେଶ୍ୟ ରହିଛି। ଏକ ଉନ୍ନତ ଓ ବ୍ୟବସ୍ଥିତ ଜନପରିବହନ ଗଠନ ଦିଗରେ ପ୍ରକୃତ ଯାତ୍ରୀଙ୍କର ଅଭିଜ୍ଞତାକୁ ବୁଝିବା ଗୁରୁତ୍ୱପୂର୍ଣ୍ଣ। ଏକ ଅର୍ଥପୂର୍ଣ୍ଣ ପରିବର୍ତ୍ତନ ଆଣିବାକୁ ହେଲେ ଆମ ଟିମ୍‌କୁ ବାସ୍ତବତା ସହିତ ଯୋଡ଼ିହେବା ଆବଶ୍ୟକ ବୋଲି ଡଃ. ନାୟକ କହିଛନ୍ତି। ସେଭଳି ଅଚାନକ ଯାଞ୍ଚ ରେ, କ୍ରୁଟ୍ ମହା ପ୍ରବନ୍ଧକ (ଓ ଆଣ୍ଡ ଏମ୍) ସଞ୍ଜୟ ବିଶ୍ୱାଳ କଟକ ସିଡ଼ିଏ ୯ରୁ ଭୁବନେଶ୍ୱର କଳାରାହାଙ୍ଗ ପର୍ଯ୍ୟନ୍ତ ବସ୍‌ରେ ଯାତ୍ରା କରି ସେବାର ଅବସ୍ଥା ମୂଲ୍ୟାଙ୍କନ କରିଥିଲେ। ଏହି ପଦକ୍ଷେପ ମାଧ୍ୟମରେ ପ୍ରତ୍ୟେକଟି ମତାମତକୁ ଗୁରୁତର ସହିତ ଗ୍ରହଣ କରି ଏହାକୁ ମୂଲ୍ୟାଙ୍କନ କରାଯିବ। ଆମ ବସ୍ ସେବାରେ ରୁଟ୍ ସମ୍ପର୍କିତ ମତାମତ, ଗୋଟିଏ ବସ୍ ପରେ ଅନ୍ୟ ବସ୍‌ର ସମୟ, ଆମବସ୍ ଆପ୍ଲିକେସନ୍, ପ୍ରଯୁକ୍ତିବିଦ୍ୟା ଓ ଜ୍ଞାନ କୌଶଳର ବୃଦ୍ଧି ଭଳି ସାମଗ୍ରିକ ସେବାର ଉନ୍ନତି ଦିଗରେ ମତାମତ ସଂଗ୍ରହ ହେବ। ଯାତ୍ରୀ ଅନୁଭୂତି ପାଇଁ ଆମବସ୍ ମୋବାଇଲ୍ ଆପ୍ଲିକେସନ୍‌ରେ ମଧ୍ୟ ଏକ ମତାମତ ଫର୍ମ ଯୋଡାହେବ। ଯେଉଁଥିରେ ନିୟମିତ ଭାବେ ବିଭିନ୍ନ ମତାମତକୁ ନେଇ ଆମ ବସ୍ ସେବାକୁ ଉନ୍ନତ କରିବାରେ ସହାୟକ ହେବ। ଏକ ଶ୍ରେଷ୍ଠ ଓ ପରିବେଶ ଅନୁକୂଳ ଜନପରିବହନ ସେବା ଯୋଗାଇବା ସହିତ ଯାତ୍ରୀମାନଙ୍କୁ ଏକ ସନ୍ତୁଷ୍ଟି ଯାତ୍ରା ଅନୁଭୂତି ପ୍ରଦାନ କରିବା କ୍ରୁଟ୍‌ର ସର୍ବୋଚ୍ଚ ପ୍ରାଥମିକତା।

## ବନ୍ଧା ହେଲା ବିଶ୍ୱାସଘାତକ ଘରୋଇ ସହାୟିକା

ଭୁବନେଶ୍ୱର, ୬।୮ (ସମିସ): ମାଲିକାଣୀଙ୍କ ଅନୁପସ୍ଥିତିରେ ଘରେ କଳାକନା ବୁଲାଇଥିବା ଘରୋଇ ସହାୟିକାଙ୍କୁ ଗିରଫ କରିଛି ନୂଆପଲ୍ଲୀ ଥାନା ପୁଲିସ। ଗିରଫ ମହିଳା ହେଲେ ନୂଆପଲ୍ଲୀ ବେହେରା ବସ୍ତିରେ ରହୁଥିବା କନ୍ଧମାଳ କେ ନୂଆଗାଁ ଅଞ୍ଚଳର ରୀନା ସାହାଣୀ (୨୮)।



ପୁଲିସ ସୂଚନା ଅନୁଯାୟୀ, ରୀନା ଗତ ୮/୯ ବର୍ଷ ହେବ ଆଇଆରସି ଭିଲେଜର ସରିତା ଭୁତଙ୍କ ଘରେ ଘରୋଇ ସହାୟକ ଭାବରେ କାମ କରି ଆସୁଥିଲେ। ଗତକାଲି ସରିତା ଜଣେ ଭଡ଼ାଟିଆଙ୍କୁ ଘର ଚାବି ଦେଇ ବାହାରକୁ ଯାଇଥିଲେ। ସେହି ସମୟ ମଧ୍ୟରେ ଘରୋଇ ସହାୟିକା ରୀନା ଆସି ଭଡ଼ାଟିଆଙ୍କ ଠାରୁ ଚାବି ନେଇଥିଲା। ଘରକାମ ସାରିବା ସହ ୫୦ ହଜାର ଟଙ୍କା ଚୋରି କରି ଭଡ଼ାଟିଆଙ୍କୁ ଚାବି ଫେରାଇ ଦେଇଥିଲା। ସରିତା ଘରକୁ ଫେରି ତାଙ୍କ ଦ୍ୱିତୀୟ ଚାବି ସହିତ ଘର ଖୋଲିଥିଲେ। ଶୋଇବା ଘର ଭିତରକୁ ଯିବା ପରେ ସେଠାରେ ତାଙ୍କର ଆଲମାରି ଖୋଲାଯାଇଥିବାର ଦେଖିବାକୁ ପାଇଥିଲେ। ଯାଞ୍ଚ କରିବା ପରେ ଭ୍ୟାନିଟି ବ୍ୟାଗରୁ ୫୦ ହଜାର ଟଙ୍କା ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ଘରୋଇ ସହାୟିକା ରୀନା ଚୋରି କରିଥିବା ସନ୍ଦେହ କରି ନୂଆପଲ୍ଲୀ ଥାନାରେ ଏତଲା ଦେଇଥିଲେ। ନୂଆପଲ୍ଲୀ ଥାନା ପୁଲିସ ଏକ ମାମଲା ରୁଜୁ କରିବା ସହ ବରମୁଣ୍ଡା ବସଷ୍ଟାଣ୍ଡରୁ ରୀନାଙ୍କୁ ଗିରଫ କରିଥିଲା। ତଲାସ ସମୟରେ ତାଙ୍କ ନିକଟରୁ ୪୧ ହଜାର ଟଙ୍କା ଜବତ ହୋଇଥିଲା। ଆଜି ରୀନାଙ୍କୁ କୋର୍ଟ ଚାଲାଣ କରିଛି ପୁଲିସ।

### ସଚିବଙ୍କ ସହ ଏସୀୟ ବିକାଶ ବ୍ୟାଙ୍କର କଣ୍ଟ୍ରି ନିର୍ଦ୍ଦେଶକଙ୍କ ସାକ୍ଷାତ

ଭୁବନେଶ୍ୱର, ୬।୮ (ସମିସ): ଖାରବେଳ ଭବନରେ ଏସୀୟ ବିକାଶ ବ୍ୟାଙ୍କ (ଏଡିବି)ର କଣ୍ଟ୍ରି ନିର୍ଦ୍ଦେଶକ ମିସ୍ ଏମଆଇଓ ଓକା ଏବଂ ଗୃହ ନିର୍ମାଣ ଓ ନଗରଉନ୍ନୟନ ବିଭାଗ ପ୍ରମୁଖ ସଚିବ ଉଷା ପାଢ଼ୀଙ୍କ ମଧ୍ୟରେ ଆଲୋଚନା ହୋଇଛି। ସ୍ଥାୟୀ ସହର ଅଭିବୃଦ୍ଧିକୁ ସହାୟତା କରିବା ଏବଂ ଓଡ଼ିଶାର ସହରଗୁଡ଼ିକର ଜୀବନଧାରଣ କ୍ଷମତା ବୃଦ୍ଧି ପାଇଁ ଏକ ଉପରେ ଆଲୋଚନା ହୋଇଥିଲା। ଭବିଷ୍ୟତରେ ସହରାଞ୍ଚଳ ଆହ୍ୱାନର ମୁକାବିଲା କରିବା ଏବଂ ରାଜ୍ୟର ସହରାଞ୍ଚଳରେ ଜୀବନଧାରଣର ମାନରେ ଉନ୍ନତି ଆଣିବା ପାଇଁ ସମନ୍ୱିତ ଯୋଜନା, ଅଭିନବ ଅର୍ଥ ଯୋଗାଣ ଏବଂ ଦକ୍ଷତା ବିକାଶର ଆବଶ୍ୟକତା ଉପରେ ଉଭୟ ପକ୍ଷ ଗୁରୁତ୍ୱାରୋପ କରିଥିଲେ।

## ଭଉଣୀ ଧରିଛି ରାକ୍ଷୀ | ଲିଙ୍କ୍ ଫେଲ୍; ଭାଇ ପାଇଁ ସାରାଦିନ କସରତ

ଭୁବନେଶ୍ୱର, ୬।୮ (ସମିସ)

ଦିନ କେଇଟା ପରେ ରାକ୍ଷୀ। ସେଥିପାଇଁ ଭଉଣୀମାନେ ଭାଇ ପାଖକୁ ବା ଘରକୁ ରାକ୍ଷୀ ପଠାଇବାକୁ ମାଧ୍ୟମ ଭାବେ ଡାକ ସେବାକୁ ବାଛୁଛନ୍ତି। ବିଭିନ୍ନ କୋରିଅର ସଂସ୍ଥା ଏବଂ ଅନଲାଇନରେ ତାର ଚାର୍ଜେସ ଅଧିକ ପଡୁଥିବାରୁ ସମସ୍ତେ ଡାକ ମୁହାଁ ହୋଇଛନ୍ତି। କାରଣ ଏହି ସମୟରେ ଡାକ ବିଭାଗ ଲୋକଙ୍କ ପାଇଁ ସହଜ ଏବଂ ସୁବିଧା

- **ମୁଖ୍ୟ ଡାକଘରେ ଦିନସାରା ହଟହଟା ଭଉଣୀ**
- **ସର୍ଭର ଡାଉନ, କାଉଣ୍ଟର ଆଗରେ ଲମ୍ବା ଧାଡ଼ି**

ମାଧ୍ୟମ ପାଲଟିଥାଏ। ହେଲେ ଚଳିତ ବର୍ଷ ରାଜଧାନୀରେ ଥିବା ବିଭିନ୍ନ ଡାକରେ ବ୍ୟତିକ୍ରମ ଦେଖିବାକୁ ମିଳିଛି। ଯେଉଁଠିକି ଗଲେ ଲୋକଙ୍କୁ ଘଣ୍ଟା ଘଣ୍ଟା ଲାଇନରେ ଠିଆ ହେବା ପରେ ଡାକ ବିଭାଗ ପକ୍ଷରୁ ଲିଙ୍କ ଫେଲ, ସର୍ବର ଡାଉନ ଏବଂ କୌଣସି ଜିନିଷ ଡେସ୍‌ପାଚ ହୋଇ ପାରିବନି ବୋଲି ଉତ୍ତର ଶୁଣିବାକୁ ମିଳୁଛି।

ଆଉ ତିନିଟା ଦିନ ପରେ ରାକ୍ଷୀ ଥିବାରୁ ଲୋକ ସ୍ପିଡ ପୋଷ୍ଟରେ ରାକ୍ଷୀ ପଠାଇବା ପାଇଁ ରାଜଧାନୀରେ ବିଭିନ୍ନ ଡାକରେ ଭିଡ



ଲଗାଉଛନ୍ତି। ହେଲେ ପିଏଜି ଛକରେ ଥିବା ମୁଖ୍ୟ ଡାକକୁ ଛାଡିଦେଲେ ବର୍ତ୍ତମାନ ଅନ୍ୟ ସବୁ ଶାଖାରୁ ଲୋକଙ୍କୁ ଫେରିବାକୁ ପଡୁଛି। କାରଣ ଯେଉଁ ଶାଖାକୁ ଗଲେ ଲିଙ୍କ ଫେଲ ବୋଲି କହି ଲୋକଙ୍କୁ ଫେରାଇ ଦିଆଯାଉଛି। ସେଥିପାଇଁ ସମସ୍ତେ ମୁଖ୍ୟ ଡାକକୁ ରାକ୍ଷୀ ସ୍ପିଡରେ ପୋଷ୍ଟ କରିବାକୁ ଆସୁଛନ୍ତି। ଆଉ ହାତରେ ମାତ୍ର ୨ ତିନି ଦିନ ଥିବାରୁ ଲୋକ ତରବରିଆ ଭାବେ ଆସୁଛନ୍ତି। ହେଲେ ମୁଖ୍ୟ ଡାକରେ ଏତେ ମାତ୍ରାରେ ଲୋକ ଭିଡ ହୋଇଯାଉଥିବାରୁ ସେଠାରେ ମଧ୍ୟ ସର୍ବର ଡାଉନର ସମସ୍ୟା ଉପୁଜୁଛି। ଗତ ଦୁଇ ତିନି ଦିନ ତଳେ ବିଭାଗ ପକ୍ଷରୁ ସଫ୍ଟୱେର୍‌ରେ ବଦଳା ଯାଇଥିବାରୁ ଏପରି ସମସ୍ୟା ହେଉଥିବା ଜାଣିବାକୁ ମିଳିଛି। ହେଲେ ରାଜଧାନୀର ଆଖପାଖ ଅଞ୍ଚଳରୁ ଏବଂ ଏଠାରେ ପଢୁଥିବା କଲେଜ ଛାତ୍ରଛାତ୍ରୀ, କର୍ମଜୀବୀ ମହିଳାମାନେ ମଧ୍ୟ ରାକ୍ଷୀ ପଠାଇବାକୁ ଏଠାକୁ ହି ଆସୁଛନ୍ତି। ଦିନକୁ ଦୁଇ ଶହରୁ ଅଧିକ ଲୋକ ସ୍ପିଡ ପୋଷ୍ଟ କରିବାକୁ ଆସୁଥିବାରୁ ଲୋଡ ଯୋଗୁଁ ଜଣଙ୍କୁ ପାଖାପାଖି ୧ ଦେଢ ଘଣ୍ଟା ସମୟ ଲାଗୁଥିବାର ଦେଖିବାକୁ ମିଳୁଛି। ଏପରି ସ୍ଥଳେ ଲୋକ ଡାକ ବିଭାଗର ମୁଖ୍ୟ ଡାକକୁ ଆସି ନିରାଶ ହୋଇ ଫେରୁଥିବା ଦେଖିବାକୁ ମିଳୁଛି।

ଏ ନେଇ ସେଠାକୁ ଆସିଥିବା ଜଣେ ମହିଳା ଶୁଭଲକ୍ଷ୍ମୀ କୁହନ୍ତି, ଗୋଟେ ଘଣ୍ଟା ଧାଡିରେ ଅପେକ୍ଷା କରିବା ପରେ ସେ ତାଙ୍କ ବ୍ରହ୍ମପୁରରେ ଥିବା ଭାଇଙ୍କୁ ରାକ୍ଷୀ ପଠାଇ ପାରିଲେ। ହେଲେ ବ୍ୟବସ୍ଥା ଠିକ ନଥିବା ଏବଂ ଭିତରେ ପଙ୍ଖା ଚାଲୁ ନ ଥିବାରୁ ତାଙ୍କୁ ହଇରାଣ ହେବାକୁ ପଡ଼ିଛି। ଅନ୍ୟ ଶାଖାରୁ ଲିଙ୍କ ଫେଲ ପରେ ସେ ଏଠାକୁ ଆସିଥିଲେ। କୋରିଅର ସଂସ୍ଥା ମାଧ୍ୟମରେ ତାଙ୍କୁ ଅଧିକ ପଡୁଥିବାରୁ ଏଠାରେ ମାତ୍ର ୪୦ ରୁ ୫୦ ଟଙ୍କାରେ କାମ ହେଉଛି ବୋଲି ଘଣ୍ଟା ଘଣ୍ଟା ଧରି ଧାଡିରେ ଠିଆ ହୋଇଥିଲେ।

ସେହିପରି ଅନ୍ୟ ଜଣେ ମହିଳା ଅନିତା ପାଟଣୀ କୁହନ୍ତି, ନିଜ ଭାଇକୁ ରାଜସ୍ଥାନ ରାକ୍ଷୀ ପଠାଇବାପରେ ସେ ଅନ୍ୟ ଦୁଇ ଭାଇଙ୍କୁ ଭିନ୍ନ ଠିକଣାରେ ପଠାଇବାକୁ ଚାହିଁଥିଲେ ହେଲେ ଦୁଇଟିରୁ ଅଧିକ ହେବନି ବୋଲି କହି ତାଙ୍କୁ ଫେରାଇ ଦିଆଗଲା। ଗରମ ଏବଂ ଭିଡରେ ଦେଢ ଘଣ୍ଟା ଛିଡା ହେବା ପରେ ସେ ନିରାଶ ହୋଇ ଫେରିଥିଲେ। ଏହା ପୂର୍ବରୁ ସେ ଖଣ୍ଡଗିରିକୁ ଯାଇଥିଲେ ହେଲେ ସେଠାରେ ସର୍ଭର ଫେଲ କହି ତାଙ୍କୁ ସେଠି ବି ପଠାଇ ଦିଆଗଲା। ।ଙ୍କ ସହ ତାଙ୍କ ସାଙ୍ଗ ମଧ୍ୟ ପଠାଇବାକୁ ଆସିଥିଲେ ହେଲେ ଅଧିକ ଲୋକ ଯୋଗୁଁ ଲିଙ୍କ ଫେଲ ବୋଲି ସେ ରାକ୍ଷୀ ପଠାଇ ନପାରି ଅସନ୍ତୋଷ ପ୍ରକାଶ କରିଥିଲେ।

ଏ ନେଇ ଡାକର ଜଣେ କର୍ମଚାରୀ କହିଛନ୍ତି, କିଛି ଦିନ ତଳେ ଡାକର ଆପ ସଫ୍ଟୱେର ବଦଳା ଯାଇଛି। ତେଣୁ ଅଧିକ ଲୋଡ ହେଲେ ଲିଙ୍କ ଫେଲ କିମ୍ବା ସର୍ଭର ଡାଉନ ଯୋଗୁଁ କାମ ହୋଇ ପାରୁନି। ନଚେତ ରାକ୍ଷୀ ପାଇଁ ରାତି ୮ ଯାଏଁ ଡାକ ଖୋଲା ରହୁଛି। ଯଥାଶିଘ୍ର ଚେଷ୍ଟା କରାଯାଉଛି ଠିକ କରିବାକୁ।




# ଜିଲ୍ଲାରେ ସବୁଠି ସିନ୍ଥେଟିକ ପନିର ହାଉଜାଉ

ଅନୁଗୋଳ, ୬।୮ (ସମିସ)



ଅନୁଗୋଳର ବିଭିନ୍ନ ସ୍ଥାନରେ ସିନ୍ଥେଟିକ ପନିର ବା ନକଲି ପନିର ଏବେ ବହୁଳ ଭାବରେ ବିକ୍ରି ହେଉଛି। ଏହି ପନିରର ମୂଲ୍ୟ ଅନ୍ୟ ପନିର ଅପେକ୍ଷା ଶସ୍ତା

**● ରାୟପୁରରୁ ଅନୁଗୋଳ ଲମ୍ବିଛି ଚେର**

ହୋଇଥିବାରୁ ବେପାରୀମାନେ ଅଧିକ ଲାଭ ଲୋଭରେ ବହୁଳ ଭାବରେ ବିକ୍ରି କରୁଛନ୍ତି। ତେବେ ଏହି ପନିର ରାୟପୁରରୁ ଗାଡ଼ି ଯୋଗେ ଆସୁଥିବା ଦେଖିବାକୁ ମିଳିଛି। ଆଜି ସକାଳୁ ବଡ଼କେରା ଛକରେ ଏନଫୋର୍ସମେଣ୍ଟ ଟିମ୍ ରାୟପୁରରୁ ଆସୁଥିବା ଏକ ପନିର ବୋଝେଇ ଗାଡ଼ି (ସିଜି୦୪କ୍ୟୁଏଚ୍ ୯୪୭୭)କୁ ଅଟକାଇ ଯାଞ୍ଚ କରିଥିଲା ଓ ପରେ ଛାଡ଼ି ଦିଆଯାଇଛି। ଯାହା ଏବେ ଚର୍ଚ୍ଚାର ବିଷୟ ପାଲଟିଛି। ସୂଚନା ମୁତାବକ, ଛତିଶଗଡ଼ ରାୟପୁରରେ ସିନ୍ଥେଟିକ ପନିର ପ୍ରସ୍ତୁତ ହୋଇ ଅନୁଗୁଳର ହଣ୍ଡପା, ବଇଣ୍ଡା, ଜରପଡ଼ା, ବଡ଼କେରା, ବନ୍ତଳା, ନାଲକୋ, ବରପାଳା, ତାଳଚେର ସମେତ ସହରକୁ ଚାଲାଣ ହେଉଛି। ଏହି ପନିର ପ୍ରସ୍ତୁତି ବେଳେ ଡିଟରଜେଣ୍ଟ, ୟୁରିଆ ସାର, ସଲଫ୍ୟୁରିକ୍ ଏସିଡ୍, ଗ୍ଲିସେରିନ୍, ମଇଦା ଓ ଅବ୍ୟବହୃତ ବାସି କ୍ଷୀର ମିଶୁଥିବା ଜଣାପଡ଼ିଛି। ବିଭିନ୍ନ ରାସାୟନିକ ଦ୍ରବ୍ୟ ମିଶାଇ ତିଆରି କରାଯାଉଥିବାରୁ ଏହା ଶରୀର ପାଇଁ ବେଶ କ୍ଷତିକାରକ। ତେବେ ଏହି ପନିର ଜିଲ୍ଲାରେ ଏବେ ସବୁଠି ବିକ୍ରି ହେଉଥିବା ବେଳେ ଠକ ବ୍ୟବସାୟୀଙ୍କୁ ଜଗିବାକୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ ବୋଲି ଅଭିଯୋଗ ହେଉଛି।

**■ ଅନୁଗୋଳ ସହରରେ ପ୍ରଥମ**

# ସହର ଭିତରେ ୨୧ଟିକିଆ ହାତୀପଲ



ଅନୁଗୋଳ, ୬।୮ (ସମିସ): ଅନୁଗୋଳ ସହରରେ ପ୍ରଥମ କରି ଜଙ୍ଗଲୀ ହାତୀପଲ ପଶିଛନ୍ତି। ସହରର ହୁଲୁରିସିଙ୍ଗାରେ ଗତକାଲି ରାତି ପ୍ରାୟ ୨ଟା ବେଳେ ୨୧ଟି ହାତୀ ପଶିଥିଲେ। ତେବେ ହାତୀମାନେ ନିକଟସ୍ଥ ମନ୍ଦରଗିରି ପାହାଡ଼ରୁ ଆସିଥିବା ବେଳେ ପୁଣି ସେଠାକୁ ଫେରିଯାଇଥିବା ବନବିଭାଗ ପକ୍ଷରୁ ଖବର ମିଳିଛି। ରାତିଅଧରେ ହାତୀକୁ ଦେଖିବା ପାଇଁ ଶହଶହ ଲୋକଙ୍କ ଭିଡ଼ ଲାଗିଥିବା ବେଳେ ସ୍ଥାନୀୟ ଲୋକେ ଭୟରେ ରାତ୍ରିଯାପନ କରିଥିଲେ। ଜନବସତି ଭିତରକୁ ହାତୀ ପଶି ଆସିବା ଘଟଣା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଏପଟେ ବନବିଭାଗ ହାତୀକୁ ଟ୍ରାକ୍ କରିବାରେ ଅସଫଳ ହେବାରୁ ଜନବସତି ମଧ୍ୟକୁ ହାତୀ ପଶିଥିବା ଲୋକେ ଅଭିଯୋଗ ଆଣିଛନ୍ତି। ହାତୀପଲ କାହାର କୌଣସି କ୍ଷତି କରି ନଥିବା ଜଣାପଡ଼ିଛି।

# ବିଭିନ୍ନ ସମସ୍ୟାକୁ ନେଇ ଉପଜିଲ୍ଲାପାଳଙ୍କୁ ଦାବିପତ୍ର



ତାଳଚେର, ୬।୮ (ସମିସ): ଆଜି ଅଲଓଡ଼ିଶା ମାନବାଧିକାର ସଭାପତି ଡ. ଦେବେନ୍ଦ୍ର ସିଂହ ତାଳଚେର ଉପଜିଲ୍ଲାପାଳ ସମୀର ଜେନାଙ୍କୁ ସାକ୍ଷାତ କରି ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଛନ୍ତି। ଏଥିସହ ତାଳଚେର ପୌରପରିଷଦର ୱାର୍ଡ ନଂ-୧୬ ଗୋପିନାଥପୁର ଡ୍ରେନ ଉପରେ ସ୍ଲାପ, ପରିମଳ ବ୍ୟବସ୍ଥା, ନଦୀପଠାରେ ଆବଶ୍ୟକ ସୋପାନ ଓ ମହିଳାମାନେ ପୋଷାକ ପରିବର୍ତ୍ତନ ଗୃହ ନିମନ୍ତେ ଦାବିପତ୍ର ପ୍ରଦାନ କରିଛନ୍ତି। ତତ୍‌ସହିତ ତାଳଚେର ବିରାଦରପଡ଼ାରେ ଭଡ଼ାଘରେ ଚାଲୁଥିବା ବୃଦ୍ଧାଶ୍ରମ ପାଇଁ ସରକାରୀ ଜମି ଓ ଗୃହ ଯୋଗାଇ ଦେବା, ତାଳଚେର ଉପଖଣ୍ଡ ଅଧୀନରେ ଥିବା ବିଜିଗୋଳ, ଦଣ୍ଡସିଂହା, ଗଦାଶୀଳା ଏବଂ ବଡ଼ତ୍ରିବିଡ଼ା ଗ୍ରାମର ରାସ୍ତା, ଡ୍ରେନ, ଆଲୋକ ବ୍ୟବସ୍ଥା, ମୋବାଇଲ ଟାୱାର ସ୍ଥାପନ କରିବା, ରାସ୍ତାର ଉଭୟପାର୍ଶ୍ୱରେ ଷ୍ଟ୍ରିଟ୍ ଲାଇଟ, ଦଣ୍ଡସିଂହା ଗ୍ରାମ ରାସ୍ତା ନିର୍ମାଣ, ଲୋଭୋଲଟେଜ୍ ସମସ୍ୟା, ଗଦାଶିଳା ପଞ୍ଚାୟତ ସାହି ଠାରୁ ହରିଜନ ସାହି ପର୍ଯ୍ୟନ୍ତ ରାସ୍ତା ଏବଂ ଡ୍ରେନ ନିର୍ମାଣ ଇତ୍ୟାଦିକୁ ନେଇ ଦାବିପତ୍ର ପ୍ରଦାନ କରିଥିଲେ। ତୁରନ୍ତ ଉପଜିଲ୍ଲାପାଳ ଏଦିଗରେ ଧ୍ୟାନ ଦେବାକୁ ଶ୍ରୀ ସିଂହ ନିବେଦନ କରିଛନ୍ତି।

# ଜିନ୍ଦଲ ଫାଉଣ୍ଡେସନ ପକ୍ଷରୁ ରକ୍ତଦାନ ଶିବିର



ଅନୁଗୋଳ, ୬।୮ (ସମିସ): ଓପି ଜିନ୍ଦଲ ଗୋଷ୍ଠୀର ପ୍ରତିଷ୍ଠାତା ତଥା ଓପି ଜିନ୍ଦଲଙ୍କ ଐତିହ୍ୟ ଓ ଯୋଗାଦାନକୁ ସମ୍ମାନ ଜଣାଇ ତାଙ୍କ ୯୫ତମ ଜନ୍ମବାର୍ଷିକୀ ପାଇଁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିନ୍ଦଲ ଷ୍ଟିଲର

**■ ୩୫୭ ୟୁନିଟ୍ ସଂଗୃହିତ**

କର୍ମଚାରୀ ଓ ଏହାର ଅଂଶୀଦାରମାନେ ଅଂଶଗ୍ରହଣ କରିଥିଲେ। ଜିନ୍ଦଲ ଟାଉନସିପ ମଧ୍ୟରେ ଥିବା ହଷ୍ଟେଲ-୩ ପରିସରରେ ରକ୍ତଦାନ ଶିବିରକୁ ଉଦଘାଟନ କରିଥିଲେ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ପ୍ରକଳ୍ପ) ଦାମୋଦର ମିତ୍ତଲ। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଯୋଗଗୁରୁ ସ୍ୱାମୀ ସତ୍ୟବିନ୍ଦୁ ସରସ୍ୱତୀ, ମୁଖ୍ୟମାନବ ସମ୍ବଳ ଅଧିକାରୀ ଦିଲୀପ କୁମାର ସିହ୍ନା, ଓଡ଼ିଶା ରକ୍ତଭଣ୍ଡାର ଡିଡିଏଚ୍ ଅନୁଗୁଳ ଇନଚାର୍ଜ ଡା. ସତ୍ୟବ୍ରତ ପାଟଯୋଶୀ, ଅନୁଗୁଳ ସିଏସ୍‌ଆର ମୁଖ୍ୟ ଜୟନ୍ତ ମହାନ୍ତି ଏବଂ ଅନ୍ୟାନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ସମାବେଶକୁ ସମ୍ବୋଧିତ କରି ଶ୍ରୀ ମିତ୍ତଲ ତାଙ୍କ ବକ୍ତବ୍ୟ ପ୍ରଦାନ କରିଥିଲେ। ଜିନ୍ଦଲ ଫାଉଣ୍ଡେସନ ଦ୍ୱାରା ଓଡ଼ିଶା ରକ୍ତଭଣ୍ଡାର ଡିଜିଏଚ ଅନୁଗୁଳ ସହଯୋଗରେ ଆୟୋଜିତ ସ୍ୱେଚ୍ଛାକୃତ ରକ୍ତଦାନ ଶିବିରରେ ସର୍ବମୋଟ ୩୫୭ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଓ.ପି. ଜିନ୍ଦଲ, ଜଣେ ସାଧାରଣ ଚାଷୀ ପୃଷ୍ଠଭୂମିରୁ ଆସି ମଧ୍ୟ ଜଣେ ଦୂରଦୃଷ୍ଟିସମ୍ପନ୍ନ ଶିଳ୍ପପତି ଏବଂ ଦାନଶୀଳ ବ୍ୟକ୍ତି ହୋଇପାରିଥିଲେ। ଆତ୍ମନିର୍ଭରଶୀଳ ଭାରତ ଗଠନର ସ୍ୱପ୍ନ ସହିତ ସେ ଓ.ପି. ଜିନ୍ଦଲ ଗୋଷ୍ଠୀର ପ୍ରତିଷ୍ଠା କରିଥିଲେ। ଭାରତୀୟ ଇସ୍ପାତ ଶିଳ୍ପରେ ତାଙ୍କର ଉଲ୍ଲେଖନୀୟ ଅବଦାନ ପାଇଁ ତାଙ୍କୁ ବେଙ୍ଗଲ ଚାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି ଦ୍ୱାରା ପ୍ରତିଷ୍ଠିତ 'ଲାଇଫଟାଇମ୍ ଆଚିଭମେଣ୍ଟ ପୁରସ୍କାର'ରେ ସମ୍ମାନିତ କରାଯାଇଥିଲା। ସେ ହରିୟାଣା ରାଜ୍ୟ ବିଧାନସଭାର ସଦସ୍ୟ, ସଂସଦ ସଦସ୍ୟ ଏବଂ ହରିୟାଣା ସରକାରଙ୍କ ଶକ୍ତି ମନ୍ତ୍ରୀ ଭାବରେ ମଧ୍ୟ କାର୍ଯ୍ୟ କରିଥିଲେ।

## ଗ୍ରାମ୍ୟ ସମ୍ବାଦକଙ୍କୁ ହତ୍ୟା ଧମକ

ବଇଣ୍ଡା, ୬।୮ (ସମିସ): ଅନୁଗୋଳ ଜିଲ୍ଲା ହଣ୍ଡପା ଥାନା ଧୂଣ୍ଡି ଗ୍ରାମର ସମ୍ବାଦକ ପ୍ରମୋଦ କୁମାର ବିଶ୍ୱାଳଙ୍କୁ ସେହି ଗ୍ରାମର ଜଗବନ୍ଧୁ ପଲେଇ ଗାଳି ଗୁଲଜ କରିବା ସହ ହତ୍ୟା ଧମକ ଦେଇଥିବା ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ କ୍ରମେ ପୁଲିସ ମାମଲା ରୁଜୁ କରିଛି। ପୁଲିସ କହିଛି ଯେ ପ୍ରମୋଦ ଗ୍ରାମର ଏକ ଦୋକାନରେ ଠିଆ ହୋଇଥିବା ବେଳେ ଜଗବନ୍ଧୁ ଆସି ତାଙ୍କୁ ତାଙ୍କୁ ଗାଳିଗୁଲଜ କରିବା ସହ ହତ୍ୟା ପାଇଁ ଧମକ ଦେଇଥିବା ଅଭିଯୋଗ ହୋଇଛି।

## ମଦ ଜବତ; ଜଣେ ଗିରଫ

ବଇଣ୍ଡା, ୬।୮ (ସମିସ): ଅନୁଗୋଳ ଜିଲ୍ଲା ଠାକୁରଗଡ଼ ଥାନା ପୁଲିସ ଚେରଖଣ୍ଡି ଗ୍ରାମରେ ଚଢଉ କରି କୁଞ୍ଜ ମହାକୁଡଙ୍କ ଠାରୁ ୭ ଲିଟର ଚୋରା ପାଉଚ ମଦ ଜବତ କରି ତାଙ୍କୁ ଗିରଫ କରଛି। ପୁଲିସ କହିଛି ଯେ କୁଞ୍ଜ ବେଆଇନ ଭାବରେ ଘରେ ମଦ ବିକ୍ରି କରିବା ପାଇଁ ନେଉଥିବା ବେଳେ ଠାକୁରଗଡ଼ ଖବର ପାଇ ତାଙ୍କୁ ଗିରଫ କରିବା ସହ ମଦ ଜବତ କରିଥିଲେ। ଠାକୁରଗଡ଼ ପୁଲିସ ମାମଲା ରୁଜୁ କରିଛି।

## ଦୁର୍ଘଟଣାରେ ଜଣେ ମୃତ

ଛେଣ୍ଡିପଦା, ୬।୮ (ସମିସ): ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ଥାନା ମାମୁରିଆ ନୂଆ ସାହି ଠାରେ ବାଇକ୍ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଥିବା ବେଳେ ଜଣେ ଗୁରୁତର ଆହତ ହୋଇ ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି ହୋଇଛନ୍ତି। ମୃତକ ହେଲେ କୁଣ୍ଡେଇଗଲା ଥାନା ରୁଟାନାଳି ଗ୍ରାମର କାଳିଆ ବେହେରା ଓ ଗୁରୁତର ଯୁବକ ଜଣଙ୍କ ହେଲେ ତାଙ୍କ ଭାଇ କୁମୁଦ ବେହେରା। ଉଭୟେ ଛେଣ୍ଡିପଦାରୁ ନିଜ ଗ୍ରାମ ରୁଟାନାଳି ଯାଉଥିବା ବେଳେ ମାମୁରିଆ ନୂଆ ସାହିରେ ବାଇକ୍ ଭାରସାମ୍ୟ ହରାଇ ରାସ୍ତାର ୫ ଫୁଟ ତଳକୁ ଖସିପଡ଼ିବା ସହିତ ଏକ ପଥରରେ ବାଡେଇ ହୋଇଥିଲା। ଫଳରେ ଘଟଣା ସ୍ଥଳରେ କାଳିଆଙ୍କର ମୃତ୍ୟୁ ହୋଇଥିବା ବେଳେ ତାଙ୍କ ଭାଇ କୁମୁଦ ଗୁରୁତର ଆହତ ହୋଇଥିଲେ। ଛେଣ୍ଡିପଦା ପୁଲିସ କୁମୁଦଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାରକରି ଛେଣ୍ଡିପଦା ମେଡିକାଲରେ ଭର୍ତ୍ତି କରି ଚିକିତ୍ସା କରିଥିବା ବେଳେ କାଳିଆଙ୍କ ମୃତଦେହ ଓ ଦୁର୍ଘଟଣା ଗ୍ରସ୍ତ ବାଇକ୍‌କୁ ପୁଲିସ ଜବତ କରିଛି। ଛେଣ୍ଡିପଦା ଥାନା ପୁଲିସ ଦୁର୍ଘଟଣା ଜନିତ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

## ଅବସରପ୍ରାପ୍ତ ଶିକ୍ଷକଙ୍କ ପରଲୋକ

 କିଶୋରନଗର, ୬।୮ (ସମିସ): କଦୋପଡ଼ା, ବାରକୋଟ (ଦେବଗଡ଼) ଗ୍ରାମର ଶିକ୍ଷାସେବୀ ତଥା ଅବସରପ୍ରାପ୍ତ ଶିକ୍ଷକ ବିପିନ ବିହାରୀ ଗଡ଼ନାୟକ(୬୯)ଙ୍କ ପରଲୋକ ଘଟିଛି। ସେ ବାର୍ଦ୍ଧକ୍ୟ ଜନିତ ରୋଗରେ ଅସୁସ୍ଥ ଥିଲେ। ପୁଅ ଆଶୁତୋଷ ପ୍ରସାଦ ଗଡ଼ନାୟକ ତାଙ୍କୁ ନିଜ କର୍ମକ୍ଷେତ୍ର ଅନୁଗୋଳ ଜିଲ୍ଲାର କିଶୋରେନଗର ବ୍ଲକ ଅଧୀନ ବଇଣ୍ଡାକୁ ଆଣି ପାଖରେ ରଖି ଚିକିତ୍ସା କରୁଥିଲେ। ସେ ନିଜ ଚାକରି ଜୀବନ ପ୍ରଥମେ ବଲଣ୍ଡା ଏବଂ ବହୁବର୍ଷ ଧରି ଅଞ୍ଚଳର ବିଭିନ୍ନ ବିଦ୍ୟାଳୟରେ ଶିକ୍ଷକ ଭାବେ କାମ କରିଥିଲେ। ପଞ୍ଚାୟତ ହାଇସ୍କୁଲ କଦୋପଡ଼ାରେ ଶିକ୍ଷକତା ଶେଷ



କରିଥିଲେ। ତାଙ୍କ ଦେହାବସାନରେ ପରିବାରରେ ପତ୍ନୀ, ପୁଅ, ପୁତ୍ରବଧୂ ଏବଂ କନ୍ୟା, ଜ୍ୱାଇଁ ଉପସ୍ଥିତ ଥିଲେ। ଖବର ଶୁଣି ବହୁତ ପୁରୁଣା ଶିକ୍ଷାର୍ଥୀ, ଶିକ୍ଷକ ସହଯୋଗୀ ଓ ଅଞ୍ଚଳବାସୀ ଶୋକପ୍ରକାଶ କରିଛନ୍ତି। ଗାଁ ମଶାଣିରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ପୁଅ ଆଶୁତୋଷ ମୁଖାଗ୍ନି ପ୍ରଦାନ କରିଥିଲେ।

# ଜ୍ଞାନ ଓ ବିଜ୍ଞାନ ମେଳା



ବଇଣ୍ଡା, ୬।୮ (ସମିସ): ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ବଇଣ୍ଡା ଶିଶୁ ମନ୍ଦିର ପରିସରରେ ଜ୍ଞାନ ଓ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ଅବସରପ୍ରାପ୍ତ ଶିକ୍ଷକ ସନାତନ ସାହୁ ଉଦ୍‌ଘାଟନ କରିଥିଲେ। ୭୦ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଏଥିରେ ଗଣିତ ପ୍ରକଳ୍ପ, ବିଜ୍ଞାନ ପ୍ରକଳ୍ପ, ପତ୍ରବାଚକ, ପ୍ରୟୋଗ ପ୍ରକଳ୍ପ, ମୃତ୍ତି ପ୍ରକଳ୍ପ, କଥାକଥନ, ଆସୁ ଭାଷଣରେ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଉଦ୍‌ଯାପାନୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଡା .ଅଲେଖ କୁମାର ପ୍ରଧାନ ଯୋଗ ଦେଇ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବଣ୍ଟନ କରିଥିଲେ। ବିଜ୍ଞାନ ପ୍ରତି ସମସ୍ତେ ଗୁରୁତ୍ୱ ଦେବା ଆବଶ୍ୟକ ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବରେ ନିତ୍ୟାନନ୍ଦ ବାରିକ ଯୋଗଦେଇଥିଲେ। ଏହାକୁ ବିଜ୍ଞାନ ପ୍ରମୁଖ ଜୟଶ୍ରୀ ପ୍ରଧାନ ପରିଚାଳନା କରିଥିବା ବେଳେ ସହ ପ୍ରଧାନଆଚାର୍ଯ୍ୟା ଜ୍ୟୋସ୍ନାମୟୀ ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିଲେ। ବଡହୁଲା ହାଇସ୍କୁଲର ବିଜ୍ଞାନ ଶିକ୍ଷୟିତ୍ରୀ ଲିଲି ପ୍ରଧାନ, ପ୍ରଭଞ୍ଜନୀ ପ୍ରଧାନ ବିଚାରକ ଭାବରେ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ବିନୀତା ପ୍ରଧାନ, ଗୌରୀ ଶତପଥୀ, ଚେତନା ବାରିକ, ଅମ୍ବାଳିକା ସାହୁ, ପ୍ରୀତିରାଣୀ ବୋଷ ଓ ବୁଲୁପ୍ରସାଦ ସାହୁ ସହଯୋଗ କରିଥିଲେ।

# ବିଜୁ ଯୁବ-ଛାତ୍ର ଜନତା ଦଳ ତରଫରୁ ଶୋଭାଯାତ୍ରା



ଅନୁଗୋଳ, ୬।୮ (ସମିସ): ରାଜ୍ୟରେ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା, ଛାତ୍ରୀ ଓ ମହିଳାଙ୍କ ଉପରେ ବାରମ୍ବାର ଅତ୍ୟାଚାର ବୃଦ୍ଧି ପାଉଥିବା ବେଳେ ଏହାକୁ ବିରୋଧ କରି ବିଜୁ ଯୁବ-ଛାତ୍ର ଜନତା ଦଳ ତରଫରୁ ପୁଲିସ ଡିଜିଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଅନୁଗୋଳରେ ବିଜୁ ଯୁବ-ଛାତ୍ର ଜନତା ଦଳ ତରଫରୁ ସ୍ଥାନୀୟ ବିଜୁ ମଇଦାନରୁ ବିକ୍ଷୋଭ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିବା ସହ ଅନୁଗୋଳ ଆରକ୍ଷୀ ଅଧିକ୍ଷକଙ୍କ କାର୍ଯ୍ୟାଳୟଠାରେ ପହଞ୍ଚିଥିଲା। ସେଠାରେ ଅନୁଗୋଳର ବିଭିନ୍ନ କଲେଜର ଶତାଧିକ ଛାତ୍ରୀ,

**■ ପୁଲିସ ଡିଜିଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ**

ମହିଳା ଓ ଯୁବକମାନେ ଉପସ୍ଥିତ ରହି ରାଜ୍ୟ ସରକାରଙ୍କ ଆଇନଶୃଙ୍ଖଳା ବ୍ୟବସ୍ଥା ପ୍ରତି ତୀବ୍ର ବିରୋଧ କରିବା ସହ ପ୍ରତିବାଦ କରିଥିଲେ। ରାଜ୍ୟରେ ଯଥାଶୀଘ୍ର ମହିଳାମାନଙ୍କୁ ସୁରକ୍ଷା ଦେବା ସହ ବଢୁଥିବା ନିର୍ଯାତନା ବିରୋଧରେ ତୁରନ୍ତ ପଦକ୍ଷେପ ନେବାକୁ ଦାବି କରାଯାଇ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କୁ ଡିଜିଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ବିକ୍ଷୋଭରେ ଯୁବନେତା ଅରୁଣାଭ ସିଂହ, ରାଜୀବ ଲୋଚନ ଦାସ, ରାକେଶ ନନ୍ଦ, ଶିବାନୀ ଶଙ୍କର ଗୌଡ଼, ଅବିନାଶ ପରିଡ଼ା, ସ୍ନେହା ପ୍ରିୟଦର୍ଶିନୀ ଦାସ, ରାଜଲକ୍ଷ୍ମୀ ନାଏକ, ସୋନାଲିକ ବେହେରାଙ୍କ ସମେତ ବହୁକର୍ମୀ ଉପସ୍ଥିତ ଥିଲେ।

# ଥଇଥାନ ଦାବିରେ ଗ୍ରାମବାସୀଙ୍କ ପୁଣି ଖଣିବନ୍ଦ ଆନ୍ଦୋଳନ

କଣିହାଁ, ୬।୮ (ସମିସ): ପ୍ରସ୍ତାବିତ ପଥରମୁଣ୍ଡା ରକବା ପୁନର୍ବସତି ସ୍ଥାନରେ ଥଇଥାନ କରିବା ପାଇଁ କୋଇଲା ଖଣି ଦ୍ୱାରା ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ଜରଡ଼ା ଗ୍ରାମବାସୀ ପୁଣି ଖଣି ବନ୍ଦ ଆନ୍ଦୋଳନ କରିଛନ୍ତି। ଫଳରେ ବୁଧବାର ସକାଳେ



ଗ୍ରାମବାସୀ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରି କଣିହାଁ କୋଇଲା ଖଣି ଟାଇମି ଅଫିସ ନିକଟସ୍ଥ ମୁଖ୍ୟଫାଟକ ସମ୍ମୁଖରେ ପହଞ୍ଚି ଧାରଣାରେ ବସିବା ସହ ଖଣି ବନ୍ଦ ଆନ୍ଦୋଳନ କରିଥିଲେ। ଫଳରେ କଣିହାଁ କୋଇଲା ଖଣିରୁ କୋଇଲା ପରିବହନ ଓ ଉତ୍ପାଦନ ବନ୍ଦ ରହିଥିଲା। ପରେ ଘଟଣା ସ୍ଥଳରେ

**■ ପ୍ରତିଶ୍ରୁତି ପରେ ପ୍ରତ୍ୟାହୃତ**

ଏମସିଏଲ କଣିହାଁ ମହା ପ୍ରବନ୍ଧକ ନରେଶ ସିଂହ, ପ୍ରବନ୍ଧକ ତଥା ସୁଲେଖକ ଓ ଅନୁବାଦକ ଦିନେଶ କୁମାର ମାଳି, ଏସଡିପିଓ କୈଳାଶ ଚନ୍ଦ୍ର ସେଠୀ ପହଞ୍ଚି ଧାରଣାରତ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ୧୫ଦିନ ମଧ୍ୟରେ ଏମସିଏଲ ଗ୍ରାମବାସୀଙ୍କୁ ପ୍ରସ୍ତାବିତ ପଥରମୁଣ୍ଡା ଜାଗାରେ ପ୍ଲଟ ହସ୍ତାନ୍ତର କରିବ ବୋଲି ଲିଖିତ ପ୍ରତିଶ୍ରୁତି ଦେବା ପରେ ସନ୍ଧ୍ୟା ୬ଟାରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଛି।

# ଆଠମଲ୍ଲିକ ଉପଖଣ୍ଡ ଔଷଧ ଦୋକାନ ମହାସଂଘର ବୈଠକ




ବଇଣ୍ଡା, ୬।୮ (ସମିସ): ଅନୁଗୋଳ ଜିଲ୍ଲା ଠାକୁରଗଡ଼ ଥାନା ଠାକୁରଗଡ଼ ଅଞ୍ଚଳରେ ଆଠମଲ୍ଲିକ ଔଷଧ ଦୋକାନ ମହାସଂଘର ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରତାପ ରୁଦ୍ର ସାହୁଙ୍କ ସଭାପତିତ୍ୱରେ ବୈଠକ ଅନୁଷ୍ଠିତ ହୋଇଥିଲା। ଦୁଇ ଜଣ ଔଷଧ ବ୍ୟବସାୟୀଙ୍କ ବିୟୋଗରେ ଶୋକସଭା ଅନୁଷ୍ଠିତ ହୋଇଥିଲା। ପରେ ବୈଠକରେ ଜିଲ୍ଲା ସମ୍ପାଦକ ନିର୍ମଳ ମିଶ୍ର, ବିପିନୀ କୁମାର ମହାପାତ୍ର, ଗିରିଜା ଶଙ୍କର ନନ୍ଦ, ବସନ୍ତ କୁମାର ନାଥ, ଭୀମସେନ ସାହୁ ଯୋଗଦେଇ କିପରି ଔଷଧ ବ୍ୟବସାୟୀମାନେ ନିୟମ ଅନୁସାରେ ବ୍ୟବସାୟ କରିବେ ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏଥିସହ ଗ୍ରାମାଞ୍ଚଳରେ ବିନା ଲାଇସେନ୍ସରେ ବିକ୍ରି କରୁଥିବା ଔଷଧ ବ୍ୟବସାୟୀଙ୍କୁ ଚିହ୍ନଟ କରିବା ସହ ସେମାନଙ୍କ ବିରୋଧରେ ଜିଲ୍ଲା ପ୍ରଶାସନକୁ ଅବଗତ କରାଇବା ପାଇଁ ନିଷ୍ପତ୍ତି ହୋଇଛି। ଶତ୍ରୁଘ୍ନ ସାହୁ ଓ ରତିରଞ୍ଜନ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରତାପ ରୁଦ୍ର ସାହୁ, ରଞ୍ଜିତ ପ୍ରଧାନ, ସରୋଜ ପ୍ରଧାନ, ଅଶୋକ ସାହୁ, ବସନ୍ତ ସାହୁ, ଯୋଭେନ ଆର୍ଯ୍ୟଭଟ, ତପନ ପ୍ରଧାନ ପ୍ରମୁଖ ବ୍ୟବସାୟୀ ଅଂଶଗ୍ରହଣ କରିଥିଲେ।

# ଯକ୍ଷ୍ମା ରୋଗୀଙ୍କ ପାଇଁ ପୋଷଣ ଯୋଜନାର ଶୁଭାରମ୍ଭ



ଅନୁଗୋଳ, ୬।୮ (ସମିସ)

ବନ୍ତଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସଭାଘରେ ପ୍ରଧାନମନ୍ତ୍ରୀଙ୍କ ଯକ୍ଷ୍ମାମୁକ୍ତ ଅଭିଯାନ ଅଧୀନରେ ନାଲକୋ ସହାୟତାରେ 'ନିକ୍ଷୟ ପୋଷଣ' ଯୋଜନାର ଶୁଭାରମ୍ଭ ହୋଇଛି। କାର୍ଯ୍ୟକ୍ରମକୁ ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ଉଦ୍‌ଘାଟନ କରିବାସହ ଯକ୍ଷ୍ମା ରୋଗୀମାନଙ୍କୁ ନିୟମିତ ଔଷଧ ସେବନ ସହିତ ପୁଷ୍ଟିକର ଆହାର ସେବନ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ନାଲକୋ ସହାୟତାରେ ବଅଁରପାଳ, କିଶୋର ନଗର ଏବଂ ଆଠମଲ୍ଲିକ ବ୍ଲକରେ ରହୁଥିବା ଯକ୍ଷ୍ମା ରୋଗୀମାନଙ୍କର ସ୍ୱାସ୍ଥ୍ୟରେ ଉନ୍ନତି ପାଇଁ ଏହି ଯୋଜନା ପାଇଁ ସେ ପ୍ରଶଂସା କରିଥିଲେ। ନାଲକୋ ମାନବ ସମ୍ବଳ ତଥା ପ୍ରଶାସନ ବିଭାଗର ସମୂହ ସାଧାରଣ ପ୍ରବନ୍ଧକ ସୁନୀଲ କୁମାର ମହାପାତ୍ର, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ମଦନ ମୋହନ ପ୍ରଧାନ, ସହକାରୀ ଜିଲ୍ଲା ସାର୍ବଜନିକ ଚିକିତ୍ସା, ଯକ୍ଷ୍ମା ଅଧିକାରୀ ଡା. କୃଷ୍ଣଚନ୍ଦ୍ର ପାଳ, ବ୍ଲକ ସାର୍ବଜନୀନ ଚିକିତ୍ସା ଅଧିକାରୀ ଘନଶ୍ୟାମ ବେହେରା, ନାଲକୋ ହାସ୍ପିଟାଲର ସହକାରୀ ସାଧାରଣ ପ୍ରବନ୍ଧକ ଡା. ଚିନ୍ମୟ କୁମାର ବାରିକ, ରାଜ୍ୟ ଯକ୍ଷ୍ମା ସଂଯୋଜକ, ଶିବ ପ୍ରସାଦ ଓଝା ପ୍ରମୁଖ ଉପସ୍ଥିତ ଜନସାଧାରଣଙ୍କୁ ସଚେତନ କରାଇଥିଲେ। ପୁରୁଣାଗଡ଼ ସାର୍ବଜନିନ ଚିକିତ୍ସା କେନ୍ଦ୍ରର ଆୟୁଷ ଚିକିତ୍ସା ଅଧିକାରୀ ଡା. ସତ୍ୟନାରାୟଣ ସାହୁ ଅତିଥି ପରିଚୟ ଓ ସଭା ପରିଚାଳନା କରିଥିଲେ। ବନ୍ତଳା ପଞ୍ଚାୟତରେ ବସବାସ କରୁଥିବା ୧୦୦ ଜଣ ଯକ୍ଷ୍ମା ରୋଗୀ ଏବଂ ସେମାନଙ୍କର ପରିବାରମାନଙ୍କ ନିମନ୍ତେ ୪୦୦ ଖାଦ୍ୟ ଝୁଡ଼ିକୁ ବିଧାୟକ ଏବଂ ଅନ୍ୟାନ୍ୟ ଅତିଥିମାନେ ବଣ୍ଟନ କରିଥିଲେ। ଅନୁଗୋଳ ବ୍ଲକ କାର୍ଯ୍ୟକ୍ରମ ପ୍ରବନ୍ଧକ, ରୋଜାଲିନ ସାହୁ, ବ୍ଲକ ହିସାବ ରକ୍ଷକ, ଦେବାଶିଷ ମିଶ୍ର, ଆଶା, ଅଙ୍ଗନବାଡ଼ି କର୍ମକର୍ତ୍ତା, ନାଲକୋ ଫାଉଣ୍ଡେସନର କର୍ମଚାରୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ଟି.ବି ଆଲର୍ଟ ଇଣ୍ଡିଆର ରାଜ୍ୟ ସଂଯୋଜକ ଦୀପକ ମିଶ୍ର, ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ସ୍ପନ୍ଦନ'ର ସଦସ୍ୟା ଗୀତାଞ୍ଜଳି ପ୍ରଧାନ ଅଂଶଗ୍ରହଣ କରିଥିଲେ।

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ଅର୍ଜୁନ ଚରଣ କୁଣ୍ଡୁ
(ପୂର୍ବତନ ପ୍ରଧାନଶିକ୍ଷକ)
ଗ୍ରାମ - ସୋଧ, ଦୋବଲ, ଧାମନଗର, ଭଦ୍ରକ
ଆବିର୍ଭାବ - ୧୧.୦୩.୧୯୪୮
ତିରୋଧାନ -୨୮,୦୭,୨୦୨୫
ବାପା, ଆପଣଙ୍କ ଅବର୍ତ୍ତମାନରେ ଆଜିକୁ ଏଗାର ଦିନ ହୋଇ। ଆପଣଙ୍କ ଅନୁପସ୍ଥିତିକୁ ପ୍ରତି ମୁହୂର୍ତ୍ତ ରେ ଆମ୍ଭେମାନେ ଅନୁଭବ କରୁଛୁ। ଆପଣଙ୍କ ସ୍ନେହ, ଶ୍ରଦ୍ଧା, ଭଲ ପାଇବା ପ୍ରତ୍ୟେକ ମୁହୂର୍ତ୍ତରେ ମନେପଡୁଛି, ମହାପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ ଆପଣଙ୍କ ଅମର ଆତ୍ମା ସଦଗତି ହେଉ।
"ଇତି: ଆପଣଙ୍କର ହତଭାଗ୍ୟ ପୁତ୍ର ହିମାଂଶୁ ଶେଖର କୁଣ୍ଡୁ, ଶୁଭ୍ରାଂଶୁ ଶେଖର କୁଣ୍ଡୁ, ସିତାଂସୁ ଶେଖର କୁଣ୍ଡୁ, ବନ୍ଧୁବାନ୍ଧବ ଆତ୍ମୀୟ ସ୍ୱଜନ ଓ କୁଣ୍ଡୁ ପରିବାର ବର୍ଗ

# ଜିଲ୍ଲା କଂଗ୍ରେସ କମିଟିର ଘରକୁ ଚାଲ ଅଭିଯାନ

କୁଚିଣ୍ଡା, ୬।୮ (ସମିସ) : ସମ୍ବଲପୁର ଜିଲ୍ଲା କଂଗ୍ରେସ କମିଟିର କୁଚିଣ୍ଡାରେ ଘରକୁ ଚାଲ ଅଭିଯାନ ସହ କୁଚିଣ୍ଡା ବ୍ଲକ ଓ ଟାଉନ କର୍ମକର୍ତ୍ତା ବୈଠକ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ କଂଗ୍ରେସ ନେତା କୁଚିଣ୍ଡା ଏନ୍ଏସିର ୨୫ବର୍ଷ କାଉନସିଲର ରହିଥିବା ବର୍ଷୀୟାନ ନେତା ଝସକେତନ ସାହୁଙ୍କୁ ଭେଟି ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିଥିଲେ। ଲୋକଙ୍କ ପାଖକୁ ଯାଇ ତାଙ୍କ ସମସ୍ୟା ଶୁଣି ସମାଧାନ କରିବା ପାଇଁ କଂଗ୍ରେସ ଚେଷ୍ଟା କରୁ ବୋଲି ମତ ଦେଇଥିଲେ। କଂଗ୍ରେସ କର୍ମୀ ଓ ନେତାମାନେ କଠିନ ପରିଶ୍ରମ କରନ୍ତୁ। ଦଳ ଓ ଲୋକେ ଉଭୟେ ଉପକୃତ ହେବେ। ଆଜିର କୁଚିଣ୍ଡା ବ୍ଲକ ଓ ସହର କାର୍ଯ୍ୟକ୍ରମରେ କୁଚିଣ୍ଡା ସଭାପତି ଅଖିଳେଶ ପ୍ରତାପ ସିଂଙ୍କ ନେତୃତ୍ୱରେ ପରିଚାଳିତ ହୋଇଥିଲା। କଂଗ୍ରେସ ଜିଲ୍ଲା ସଂଯୋଜକ ଦୁର୍ଗା ପାଢ଼ୀ ଦଳର ବିଭିନ୍ନ କାର୍ଯ୍ୟକ୍ରମ ଓ ବୈଠକର ଲକ୍ଷ୍ୟ ତଥା ପିସିସି ସଭାପତି ଭକ୍ତ ଦାସଙ୍କ ବାର୍ତ୍ତା ବିଷୟରେ କହିଥିଲେ। କଂଗ୍ରେସ ନେତା କେଦାର ବରିହା, ପୂର୍ବତନ ବ୍ଲକ ସଭାପତି ଡ ଦିଲୀପ ପଟେଲ, ଲବଣୀ ନାୟକ, ସେବାଦଳ ନେତା ବିପିନ ନାୟକ, ରାମଚନ୍ଦ୍ର କିସାନ, କିଶୋର ଭୋଇ, ସୁଷମା ସେନାପତି , ଜିଲ୍ଲା ଓବିସି ସଭାପତି ଶିବ ପ୍ରଧାନ ପ୍ରମୁଖ ଶତାଧିକ କର୍ମକର୍ତ୍ତା ଓ କର୍ମୀ ଉପସ୍ଥିତ ଥିଲେ। ଜିଲ୍ଲା କଂଗ୍ରେସ କମିଟିର ଘରକୁ ଚାଲ ଅଭିଯାନରେ କୁଚିଣ୍ଡା ଏନଏସିର ପୂର୍ବତନ କାଉନସିଲର ବିରଞ୍ଚି ସାହୁଙ୍କ ଘରକୁ ଯାଇ ତାଙ୍କସହ ଆଲୋଚନା କରିଥିଲେ। କଂଗ୍ରେସ ଦଳକୁ ସଂଗଠିତ କରିବା ପାଇଁ ସବୁ ପ୍ରକାର ସହଯୋଗ ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏକ ଟ୍ରେନ ଦୁର୍ଘଟଣାରେ ସେ ନିଜ ଗୋଡ଼ ହରାଇଛନ୍ତି। ଏଭଳି ସ୍ଥିତିରେ ମଧ୍ୟ ଆଜି ବି ଦଳ ପାଇଁ ସେ ସମର୍ପିତ ଥିବା କଂଗ୍ରେସ କର୍ମୀଙ୍କୁ ଉତ୍ସାହିତ କରିଥିଲା।

## ନିର୍ବାଚନ ପାଇଁ ସଘନ ସଂଶୋଧନ ତାଲିମ

ସମ୍ବଲପୁର, ୬।୮ (ସମିସ) : ସମ୍ବଲପୁର ଜିଲ୍ଲାପାଳ କାର୍ଯ୍ୟାଳୟସ୍ଥ ପ୍ରେକ୍ଷାଳୟରେ ଭାରତୀୟ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶକ୍ରମେ ଆଜି ବିଶେଷ ସଘନ ସଂଶୋଧନ (ସ୍ପେଶିଆଲ ଇନ୍ଟେନ୍ସିଭ୍ ରିଭିଜନ୍) ତାଲିମ ଦିଆଯାଇଛି। ଏଥିନୁଯାୟୀ ୨୦୦୨ ମତଦାତା ତାଲିକାକୁ ଆଧାରକରି ସମ୍ପୂର୍ଣ୍ଣ ଭାବେ ମୂଳରୁ ପୁଣି ସର୍ଭେ କରାଯିବ। ଅଯୋଗ୍ୟ ମାନଙ୍କ ନାମ ତାଲିକାରୁ ବାଦ୍ ଦେବାସହ ନୂତନ ନାମ ଯୋଡ଼ାଯିବ। ବୁଥ୍ ଲେଭେଲ ଅଧିକାରୀ (ବିଏଲ୍ଓ) ମାନେ ଘରକୁ ଘର ବୁଲି ଏହି ସର୍ଭେ କରିବେ। ମତଦାତା ତାଲିକାରେ ଥିବା ମୃତ କିମ୍ବା ସ୍ଥାନାନ୍ତରିତ ମାନଙ୍କ ନାମ ବାଦ୍ ଦିଆଯିବାସହ ନୂତନ କରି ମତଦାନ ସକାଶେ ଯୋଗ୍ୟ ବିବେଚିତଙ୍କ ନାମ ନୂତନ ମତଦାତା ତାଲିକାରେ ଯୋଡ଼ାଯାଇ ସଂଶୋଧିତ ତାଲିକା ପ୍ରକାଶ ପାଇବ। ଆଜିର କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ସୁଧାଂଶୁ କୁମାର ଭୋଇ, ଜିଲ୍ଲା ନିର୍ବାଚନ ଅଧିକାରୀ ସଞ୍ଜିବ ମେହେର, ସଦର ଉପଜିଲ୍ଲାପାଳ ଡା. ପୁଷ୍ପାଞ୍ଜଳି ପଣ୍ଡା ପ୍ରମୁଖ ପାୱାରପଏଣ୍ଟ ଉପସ୍ଥାପନା ଜରିଆରେ ତହସିଲଦାର, ବିଡିଓ, ଡେପୁଟି କମିଶନର ମହାନଗର ନିଗମ ଆଦି ଆସିଷ୍ଟାଣ୍ଟ ଇଲେକ୍ଟୋରାଲ ରେଜିଷ୍ଟ୍ରେସନ ଅଫିସର (ଏଇଆର୍ଓ) ମାନଙ୍କୁ ସଂଶୋଧନ ବିଷୟକ ନିର୍ବାଚନ ଆୟୋଗର ନିର୍ଦ୍ଦେଶନାମା ଏବଂ ଏହାର ଅନୁପାଳନ ବିଷୟରେ ପ୍ରଶିକ୍ଷଣ ଦେଇଥିଲେ। ଏହି ପ୍ରଶିକ୍ଷଣ ପାଇଥିବା ଏଇଆର୍ଓମାନେ ବୁଥ୍ ଲେଭେଲ ଅଧିକାରୀ (ବିଏଲ୍ଓ) ମାନଙ୍କୁ ପ୍ରଶିକ୍ଷଣ ଦେବେ।

## ମହାନଗର ନିଗମ କମିଶନରଙ୍କ ଧନୁପାଲି ୱାର୍ଡ ପରିଦର୍ଶନ

ସମ୍ବଲପୁର, ୬।୮ (ସମିସ) : ମହାନଗର ନିଗମର ନୂତନ କମିଶନର ରେହାନ ଖତ୍ରୀ ଅଚାନକ ୩୭ ନମ୍ବର ୱାର୍ଡ ଧନୁପାଲି ଛକରୁ ମହାବୀରପଡ଼ାର କିଛି ଅଂଶ ପରିଦର୍ଶନ କରି ନାଳ, ନର୍ଦ୍ଦମା ସଫେଇ ଓ ରାସ୍ତା ଆଲୁଅ ସହ ଅନ୍ୟାନ୍ୟ ବିଷୟ ଅନୁଧ୍ୟାନ କରିଥିଲେ। ସ୍ଥାନୀୟ କିଛି ଲୋକ ଖବରପାଇ କମିଶନରଙ୍କୁ ଭେଟି ବିଭିନ୍ନ ସମସ୍ୟା ବିଷୟରେ ଅବଗତ କରିଥିଲେ। ଧନୁପାଲି ଛକର ସଙ୍କୁଚିତ ଅବସ୍ଥା, ରାସ୍ତା ଉପରେ ବଜାର ବସିବା, ରାସ୍ତାକଡ଼ ନାଳରେ ପାଣି ନିଷ୍କାସନ ନହେବା, ଦୀର୍ଘଦିନ ଧରି ଧନୁପାଲି ଛକରୁ କଟକ ରୋଡ଼ରେ ଭତରା ପର୍ଯ୍ୟନ୍ତ ଏବଂ ଅନ୍ୟ ମୁଖ୍ୟ ରାସ୍ତା ମାନଙ୍କରେ ମାସ ମାସ ଧରି ଷ୍ଟ୍ରୀଟ ଲାଇଟ ନଜଳିବା, ମହାବୀରପଡ଼ା ଖେଳପଡ଼ିଆର ଉନ୍ନତି ପାଇଁ ୨୦୨୨ରୁ ଟେଣ୍ଡର ହୋଇ କାର୍ଯ୍ୟାଦେଶ ଦିଆଯାଇଥିବା ସତ୍ତ୍ୱେ ଏପର୍ଯ୍ୟନ୍ତ କାମ ଆରମ୍ଭ ନହେବା, ମହାବୀରପଡ଼ାସ୍ଥିତ ଜିମ୍‌ର ଉନ୍ନତିକରଣ ପାଇଁ ଅର୍ଥ ମଞ୍ଜୁର ହୋଇ ସୁଦ୍ଧା ଏପର୍ଯ୍ୟନ୍ତ କାମ ନହେବା, ନାଳଗୁଡ଼ିକର ମରାମତି ଓ ଢାଙ୍କୁଣୀ ବ୍ୟବସ୍ଥା ନହେବା ଆଦି ଉପରେ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରି କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଥିଲା। ବରିଷ୍ଠ ନାଗରିକ ରାଜେନ୍ଦ୍ର ପଣ୍ଡା, ପ୍ରଦୀପ ଧର, କାହ୍ନୁ ଶର୍ମା, ପିଭି ନାଇଡୁ, ପ୍ରକାଶ ନାୟକ, ଡେନି ପଟେଲ, ଜଗା ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ବିଭିନ୍ନ ବିଭାଗୀୟ ଅଧିକାରୀଙ୍କ ସହ କମିଶନର ବୁଲି ଲୋକଙ୍କୁ ରାସ୍ତାଘାଟରେ ଆବର୍ଜନା ନ ପକେଇବା ସହ ପ୍ଲାଷ୍ଟିକ ବ୍ୟବହାର ଉପରେ କଡ଼ା ଚେତାବନୀ ଦେଇଥିଲେ। କିଛି ବ୍ୟବସାୟୀଙ୍କୁ ତାଗିଦ କରିବାସହ ଜୋରିମାନା ମଧ୍ୟ ଆଦାୟ କରାଯାଇଥିଲା।



# ଜାମ୍ ହେଉଛି ନୂତନ ଡାକ ସଫ୍ଟୱେର; ହନ୍ତସନ୍ତ ଉପଭୋକ୍ତା

ସମ୍ବଲପୁର, ୬।୮ (ସମିସ)



ସମ୍ବଲପୁର ମୁଖ୍ୟ ଡାକଘର ସମେତ ଜିଲ୍ଲାର ସମସ୍ତ ଡାକଘର ଗୁଡ଼ିକରେ ଘଣ୍ଟା ଘଣ୍ଟା ଧରି ଉପଭୋକ୍ତାମାନେ ଛିଡ଼ା ହୋଇ ରହିବାକୁ ପଡୁଛି। ଗୋଟିଏ ରେଜିଷ୍ଟ୍ରୀ କିମ୍ବା ସ୍ପିଡ୍‌ପୋଷ୍ଟ କରିବାକୁ ଗଲେ କେତେ ସମୟ ଲାଗିବ ତା'ର ହିସାବ ନାହିଁ। ବହୁ ସମୟରେ ମୁଖ୍ୟ ସର୍ଭର୍‌କୁ ଲିଙ୍କ୍ ଲାଗୁନଥିବାବେଳେ ବହୁସମୟରେ ତାହା ଡାଟା ନେଉନାହିଁ। ଡାକ କର୍ମଚାରୀମାନେ ମଧ୍ୟ ଏକ ଅଡୁଆ ପରିସ୍ଥିତି ଦେଇ ଗତି କରୁଛନ୍ତି। ଉପଭୋକ୍ତାମାନେ ଅସନ୍ତୋଷ ପ୍ରକାଶ କରିବାସହ ଗାଳିଗୁଲଜ କରିବାକୁ ପଛଉ ନାହାନ୍ତି। ସହରାଞ୍ଚଳର ଅବସ୍ଥା ଏଭଳି ଥିବାବେଳେ ଡିଜିଟାଲ ଇଣ୍ଡିଆର ସ୍ୱପ୍ନ ଦେଖାଉଥିବା ଗ୍ରାମାଞ୍ଚଳର ଅବସ୍ଥା ଶୋଚନୀୟ। ଏପରିକି ଅନ୍ୟ ଜିଲ୍ଲା ଗୁଡ଼ିକରେ ଆଦୌ ୱେବସାଇଟ୍ ଖୋଲୁ ନଥିବାରୁ ଲୋକେ ସମ୍ବଲପୁର ମୁଖ୍ୟ ଡାକଘରକୁ ଧାଇଁ ଆସୁଛନ୍ତି।

ସମ୍ବଲପୁର ମୁଖ୍ୟ ଡାକଘରେ ଥିବା ଦୁଇଟି କାଉଣ୍ଟର ଥିବାବେଳେ ପ୍ରତ୍ୟହ ପ୍ରାୟ ପାଞ୍ଚଶହ ରେଜିଷ୍ଟ୍ରୀ, ସ୍ପିଡ୍‌ପୋଷ୍ଟ ଆଦି ହୋଇଥାଏ। ତେବେ, ଗତ କେଇଦିନ ହେବ ନୂତନ ଡାକ ସଫ୍ଟୱେର୍ ଜାମ୍ ହେଉଥିବାରୁ କାମ ଠପ୍ ହୋଇଯାଉଛି। ମୁଖ୍ୟ ଡାକଘରେ ଡାକ ପଠାଇବାକୁ ଲୋକଙ୍କ ଲମ୍ବା ଧାଡ଼ି ଲାଗି ରହୁଛି। କେତେବେଳେ ଲିଙ୍କ ଆସୁଛି ତ' କେତେବେଳେ ଆସୁନି। ଲିଙ୍କ୍ ଆସିଲେ ବହୁ ସମୟରେ ଡାଟା ଅପ୍‌ଲୋଡ୍ ହେଉନି। ଚିଠି ଖଣ୍ଡେ ପଠାଇବା କିମ୍ବା କୌଣସି କାର୍ଯ୍ୟ ପାଇଁ ଯାଇଥିବା ଲୋକେ ହନ୍ତସନ୍ତ ହେଉଛନ୍ତି।

ନୂତନ ଡାକ ସଫ୍ଟୱେରରେ କର୍ମଚାରୀମାନଙ୍କୁ ତାଲିମ ଦିଆଯାଇଥିବାବେଳେ ତାହା ବହୁତ ଭଲ କାମ କରୁଛି ଏବଂ ତାହାର ପ୍ରଦର୍ଶନ ବେଗ ମଧ୍ୟ ଭଲ ରହିଥିବା ସୂଚନା ମିଳିଛି। ତେବେ, କେବଳ ମହୀଶୂରରେ ଏହାର ମୁଖ୍ୟ ଓ କେନ୍ଦ୍ରୀୟ ସର୍ଭର ରହିଛି। ଏହି ସର୍ଭର ସାରା ଭାରତ ସକାଶେ ହୋଇଥିବାବେଳେ ଏକ ସମୟରେ ସମସ୍ତ ଡାକଘର ଖୋଲାଯାଇ ସମସ୍ତେ ଅପରେଟ୍ କରୁଛନ୍ତି, ଫଳରେ ଏହା ବାରମ୍ବାର ଜାମ୍ ହୋଇଯାଉଛି। ସମସ୍ତ ଡିଭିଜନ କାର୍ଯ୍ୟାଳୟରେ ମନିଟରିଂ ବ୍ୟବସ୍ଥା ରହିଛି। ସାରା ରାଜ୍ୟରେ ଭୁବନେଶ୍ୱର, ସମ୍ବଲପୁର ଓ ବ୍ରହ୍ମପୁର ତିନୋଟି ଆଞ୍ଚଳିକ କାର୍ଯ୍ୟାଳୟ ଥିବାବେଳେ ସମ୍ବଲପୁର ଆଞ୍ଚଳିକ କାର୍ଯ୍ୟାଳୟ ଅଧିନରେ ସମ୍ବଲପୁର ଡିଭିଜନ ରହିଛି। ସମ୍ବଲପୁର ଡିଭିଜନ କାର୍ଯ୍ୟାଳୟ ଅଧିନରେ ସମ୍ବଲପୁର (ଦେବଗଡ଼ ଅନ୍ତର୍ଭୁକ୍ତ) ଓ ବରଗଡ଼ ରହିଛି। ସମ୍ବଲପୁର ଅଧିନରେ ସମ୍ବଲପୁର ଓ ଦେବଗଡ଼ ଜିଲ୍ଲା ରହିଥିବାବେଳେ ଗୋଟିଏ ମୁଖ୍ୟ ଡାକଘର (ଏଚ୍ଓ), ୩୫ଟି ଏସ୍ଓ ଏବଂ ୨୧୨ ବିଓ ଡାକଘର ରହିଥିବା ସୂଚନା ମିଳିଛି।

ନୂତନ ଡାକ ସଫ୍ଟୱେର ୟୁଜର୍ ଫ୍ରେଣ୍ଡଲି ବୋଲି କୁହାଯାଉଥିବାବେଳେ ପୂର୍ବରୁ କମ ସମୟ ମଧ୍ୟରେ ଉପଭୋକ୍ତା ତାର କାମ କରି ଯାଇପାରିବ। କିନ୍ତୁ ବର୍ତ୍ତମାନ ସର୍ଭର ବାରମ୍ବାର ଡାଉନ୍ ହୋଇଯାଉଥିବାରୁ ଏଭଳି ସମସ୍ୟା ଉପୁଜିଥିବା କୁହାଯାଉଛି। ଜିଲ୍ଲା ମୁଖ୍ୟ ଡାକପାଳ ତରଣିସେନ ଭୋସାଗର କହିଛନ୍ତି, ସାରା ଭାରତରେ ଏକ ସମୟରେ ପୂର୍ବାହ୍ନ ସାଢ଼େ ୯ଟାବେଳେ ଡାକଘର ଖୋଲିଥାଏ। ଏହି ସମୟରେ ବାରମ୍ବାର ଜାମ୍ ହେଉଥିବାରୁ ସମ୍ବଲପୁର ଡିଭିଜନ ଅଧିକାରୀଙ୍କୁ ଜଣାଇବା ସହ ଗ୍ରାହକଙ୍କ ସୁବିଧା ନିମନ୍ତେ ଡାକଘର ସକାଳ ସାଢ଼େ୭ଟାରେ ଖୋଲାଯାଉଛି ଏବଂ ଏହି ସମୟରେ ଶୀଘ୍ର କାମ ହେଉଛି। ଆଜି ସକାଳ ସମୟରେ ପ୍ରାୟ ଶହେରୁ ଦେଢ଼ଶହ ଚିଠି ବୁକିଂ କରାଯାଇପାରିଛି। ଏହାବ୍ୟତୀତ ବଲ୍କ ବୁକିଂ ସକାଶେ ଅନ୍ୟ ଏକ କାଉଣ୍ଟର ମଧ୍ୟ ଖୋଲଯାଇଥିବା ଡାକପାଳ ଶ୍ରୀ ଭୋସାଗର ସୂଚନା ଦେଇଛନ୍ତି।

# ୬୬୨ ବର୍ଗ ଅଧ୍ୟାପକ କର୍ମଚାରୀଙ୍କ ବିକ୍ଷୋଭ



ସମ୍ବଲପୁର, ୬।୮ (ସମିସ) : ପେନସନ୍ ଓ ଚାକିରୀ ସର୍ତ୍ତାବଳୀ ଦାବି ନେଇ ରାଜ୍ୟ ସଂଘର ନିଷ୍ପତ୍ତି କ୍ରମେ ଆଜି ସମ୍ବଲପୁର ଜିଲ୍ଲାର ୬୬୨ ବର୍ଗ ମହାବିଦ୍ୟାଳୟ ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀମାନେ ସାମୁହିକ ଛୁଟିରେ ରହି ଜିଲ୍ଲାପାଳଙ୍କ ଜରିଆରେ ପ୍ରଧାନମନ୍ତ୍ରୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି। ସମ୍ବଲପୁର ଜିଲ୍ଲା ୬୬୨ ବର୍ଗ ମହାବିଦ୍ୟାଳୟ ସଂଘ ପକ୍ଷରୁ ଆଜି ଜିଲ୍ଲାର ୨୭ଟି ମହାବିଦ୍ୟାଳୟର ୩ ଶହରୁ ଉର୍ଦ୍ଧ୍ୱ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ଜିଲ୍ଲା ସଂଘ ସଭାପତି ଅଶୋକ ପୁରୋହିତ ଏବଂ ସମ୍ପାଦକ ଅଧ୍ୟାପକ ବିଶ୍ୱପତି ବେହେରାଙ୍କ ନେତୃତ୍ୱରେ ସ୍ଥାନୀୟ ଗଙ୍ଗାଧର ମଣ୍ଡପରୁ ଏକ ଶୋଭାଯାତ୍ରାରେ ବାହାରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ ସଭା କରିଥିଲେ। ଏହାପରେ ସଂଘର ଏକ ପ୍ରତିନିଧି ଦଳ ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଅଶୋକ କୁମାର ଭୋଇଙ୍କୁ ଦାବି ପତ୍ର ପ୍ରଦାନ କରିଥିଲେ।

ଦାବି ପତ୍ର ଅନୁଯାୟୀ, ଓଡ଼ିଶାର ଦୂରଦୂରାନ୍ତ ତଥା ଗ୍ରାମାଞ୍ଚଳରୁ ଆରମ୍ଭକରି ସହରାଞ୍ଚଳରେ ମଧ୍ୟ ଏହି ବର୍ଗର ମହାବିଦ୍ୟାଳୟ ରହିଛି ଏବଂ ଏହି ବର୍ଗର ମହାବିଦ୍ୟାଳୟଗୁଡ଼ିକ ରାଜ୍ୟର ୭୦ ଭାଗ ଶିକ୍ଷାର୍ଥୀଙ୍କ ଉଚ୍ଚଶିକ୍ଷାର ଭାର ବହନ କରିଆସୁଛନ୍ତି। ମାତ୍ର ବିଭିନ୍ନ ସମୟରେ ଏହି ବର୍ଗର ଅଧ୍ୟାପକ ଓ କର୍ମଚାରୀଙ୍କୁ ସରକାର ଅବହେଳା କରୁଛନ୍ତି। ପେନସନ ଓ ଚାକିରି ସର୍ତ୍ତାବଳୀବିହୀନ ଏହି କର୍ମଚାରୀମାନେ ରିକ୍ତହସ୍ତରେ ଅବସର ଗ୍ରହଣ ପରେ ଅତ୍ୟନ୍ତ ଦୁଃଖ ଓ ଦୁର୍ବିସହ ଜୀବନ ଅତିବାହିତ କରୁଛନ୍ତି। ଦୀର୍ଘ ଏକବର୍ଷ କାଳ ଏହି ବର୍ଗର ଶିକ୍ଷକ ଓ କର୍ମଚାରୀମାନଙ୍କ ଚାକିରୀ ସର୍ତ୍ତାବଳୀ ଓ ପେନସନ ବିଷୟରେ ସଂଘ ପକ୍ଷରୁ ନୂତନ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ସରକାରଙ୍କ ପକ୍ଷରୁ କୌଣସି ଠୋସ୍ ପଦକ୍ଷେପ ଗ୍ରହଣ କରାଯାଇନାହିଁ।



ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖସ୍ଥ ଧାରଣାସ୍ଥଳରେ ଅବସରପ୍ରାପ୍ତ ଅଧ୍ୟକ୍ଷ ଭଗବାନ ମେହେରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ସରୋଜ ଦାଶ, ନୀଳାଚଳ ତିୱାରୀ, ସୁଧୀର ସାହୁ, ଗୀତାଞ୍ଜଳି ନନ୍ଦ, ଅକ୍ଷୟ ମହାପାତ୍ର, ଦୟାସାଗର ପ୍ରଧାନ, ବାବୁଲାଲ ପୂଜାରୀ, ପ୍ରତାପ ମହାକୁର, ଅରୁଣ ପଟେଲ, ଅକ୍ଷୟ ମହାକୁର, ମମତା ବିଶ୍ୱାଳ, ରାଜେଶ ଦାଶ, ଜ୍ୟୋତ୍ସ୍ନାରାଣୀ ଦଳବେହେରା, ରବୀନ୍ଦ୍ର ନାରାୟଣ ଠାକୁର, ଡଃ ସିଦ୍ଧାର୍ଥ ପଣ୍ଡା, ଦେବେନ୍ଦ୍ର ମିଶ୍ର, ପ୍ରମୋଦ ପ୍ରଧାନ, ପ୍ରମୋଦ ସାହୁ, ଗଣ୍ଡାରାମ ଘଡିଆଳ, ବିଶ୍ୱଜିତ ପାଢ଼ୀ ପ୍ରମୁଖ ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀମାନେ ସରକାରଙ୍କ ଶିକ୍ଷା ବିରୋଧି ତଥା ଶିକ୍ଷକମାରଣ ନୀତି ବିରୁଦ୍ଧରେ ଉଦବୋଧନ ଦେବାସହ ଆବଶ୍ୟକ ପଡ଼ିଲେ ଆନ୍ଦୋଳନକୁ ଆହୁରି ବ୍ୟାପକ କରିବାକୁ ଚେତାବନୀ ଦେଇଥିଲେ। ଉଲ୍ଲେଖଯୋଗ୍ୟ ଯେ, ରାଜ୍ୟ ସଂଘର ନିଷ୍ପତ୍ତି କ୍ରମେ ଆସନ୍ତା ଅଗଷ୍ଟ ୧୬ ତାରିଖ ରାଜ୍ୟର ସମସ୍ତ ୬୬୨ ବର୍ଗ ମହାବିଦ୍ୟାଳୟର ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀମାନେ ସାମୁହିକ ଛୁଟି ନେଇ ଭୁବନେଶ୍ୱର ଲୋୟର ପିଏମଜିଠାରେ ବିକ୍ଷୋଭ ପ୍ରଦର୍ଶନ କରିବେ।

## ଭିମ୍‌ସାର ଡାକ୍ତରଙ୍କ ବିରୋଧରେ ଦୁର୍ବ୍ୟବହାର ଅଭିଯୋଗ

ସମ୍ବଲପୁର,୬।୮ (ସମିସ) : ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ଆୟୁର୍ବିଜ୍ଞାନ ଗବେଷଣା ପ୍ରତିଷ୍ଠାନ (ଭିମସାର)ର ଜଣେ ଆନେସ୍ଥେସିଆ ଡାକ୍ତର ଜେନେରାଲ ମେଡିସିନ ବିଭାଗର ରେସିଡେଣ୍ଟ ଡାକ୍ତର ମାନଙ୍କୁ ଦୁର୍ବ୍ୟବହାର କରୁଥିବା ନେଇ ସେମାନେ ଭିମସାର ଅଧୀକ୍ଷକଙ୍କଠାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ପତ୍ର ଅନୁଯାୟୀ, ଆନେସ୍ଥେସିଆ ବିଭାଗର ଆସୋସିଏଟ୍ ପ୍ରଫେସର ଡା. ଶୀଲା ଏକ୍କା ଜେନେରାଲ ମେଡିସିନ ବିଭାଗର ରେସିଡେଣ୍ଟ ଡାକ୍ତରଙ୍କୁ ଦୁର୍ବ୍ୟବହାର ସହ ମାନସିକ ନିର୍ଯାତନା ଦେଉଛନ୍ତି। ନିକଟ ଅତୀତରେ କୌଣସି କାରଣ ନଥାଇ ସେ ଦୁଇଜଣ ପ୍ରଥମବର୍ଷ ରେସିଡେଣ୍ଟ ଡାକ୍ତରଙ୍କୁ ହଇରାଣ କରିଥିଲେ। ସେ ଏଭଳି ପୂର୍ବ ବ୍ୟାଚ୍‌ର ମେଡିସିନ ରେସିଡେଣ୍ଟ ଡାକ୍ତରମାନଙ୍କ ସହ କରିଆସିଛନ୍ତି। ସେ ମେଡିସିନ କରୁଥିବା ବ୍ୟକ୍ତିଙ୍କ କ୍ଲିନିକାଲ ସ୍କିଲ ନାହିଁ ବୋଲି ମନ୍ତବ୍ୟ ଦେବାସହ ଅନୈତିକ କଥା ମଧ୍ୟ କହୁଛନ୍ତି। ମେଡିସିନ ରେସିଡେଣ୍ଟଙ୍କୁ ସେ ଶିକ୍ଷାଦାନ ବଦଳରେ ଏଭଳି ଅପମାନଜନକ ମନ୍ତବ୍ୟ ଦେଇଆସୁଛନ୍ତି। ମେଡିସିନ ବିଭାଗର ମତ ନନେଇ ସେ ରୋଗୀଙ୍କୁ ସିଆଇସିୟୁରେ ନିଜ ଇଚ୍ଛାନୁସାରେ ଭର୍ତ୍ତି କରୁଛନ୍ତି। ବହୁସମୟରେ ଗୁରୁତର ରୋଗୀଙ୍କୁ ମଧ୍ୟ ସିଆଇସିୟୁରେ ଭର୍ତ୍ତି କରିବାକୁ ମନା କରନ୍ତି।

ଏନେଇ ସମ୍ପୃକ୍ତ ଡାକ୍ତରଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାସହ ତୁରନ୍ତ ସିଆଇସିୟୁ ଦାୟିତ୍ୱରୁ ହଟାଇବାକୁ ମେଡିସିନ ରେସିଡେଣ୍ଟମାନେ ଦାବି କରିଛନ୍ତି। ଏହାସହ ମେଡିସିନ ବିଭାଗ ସକାଶେ ଏକ ସ୍ୱତନ୍ତ୍ର ଏମ୍ଆଇସିୟୁ କରାଗଲେ ସେଥିରେ ମେଡିସିନ ବିଭାଗ ରୋଗୀ ମାନଙ୍କୁ ପ୍ରାଥମିକତା ଦିଆଯାଇପାରିବ, ଭିମ୍‌ସାରରେ ଏମ୍ଆଇସିୟୁ କରାଯିବାକୁ ଦାବି ଜଣାଇଛନ୍ତି। ଡାକ୍ତରଙ୍କ ବିରୋଧରେ ତୁରନ୍ତ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଗଲେ ମେଡିସିନ ରେସିଡେଣ୍ଟ ଡାକ୍ତରମାନେ ନିଜେ ପଦକ୍ଷେପ ନେବାକୁ ବାଧହେବେ ବୋଲି ଚେତାବନୀ ଦେଇଛନ୍ତି।ଏନେଇ ଭିମସାର ଅଧୀକ୍ଷକ ଡା. ଲାଲମୋହନ ନାଏକଙ୍କ ଯୋଗାଯୋଗ କରିବାରୁ ସାମାନ୍ୟ ଭୁଲ ବୁଝାମଣାରୁ ଏଭଳି ସ୍ଥିତି ଉପୁଜିଥିଲା। ତେବେ ସମ୍ପୃକ୍ତ ଆସୋସିଏଟ୍ ପ୍ରଫେସର ଏବଂ ମେଡିସିନ ରେସିଡେଣ୍ଟ ଡାକ୍ତରଙ୍କ ମଧ୍ୟରେ ଆପୋଷ ବୁଝାମଣା ହୋଇଯାଇଛି ବୋଲି କହିଥିଲେ।

## ଦୃଷ୍ଟିବାଧିତ ବିଦ୍ୟାଳୟରେ ବିଶେଷ କାର୍ଯ୍ୟକ୍ରମ

ସମ୍ବଲପୁର, ୬।୮ (ସମିସ):ଆସନ୍ତା ରକ୍ଷାବନ୍ଧନ ଅବସରରେ ଆର୍ଥ କିପର୍ସ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଏକ ନିଆରା ପ୍ରୟାସ କରାଯାଇଛି। ବୁର୍ଲା ଦୃଷ୍ଟିବାଧିତ ବିଦ୍ୟାଳୟରେ ରକ୍ଷାବନ୍ଧନ ଅବସରରେ ଛାତ୍ରଛାତ୍ରୀମାନଙ୍କ ପାଇଁ ଏକ ଗୀତ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଏହାର ମୁଖ୍ୟ ଉଦ୍ଦେଶ୍ୟ ଥିଲା ତାଙ୍କର ଅନ୍ତର୍ନିହିତ ପ୍ରତିଭାକୁ ସାମ୍ନାକୁ ଆଣିବା ଏବଂ ସ୍ନେହ, ସମ୍ବେଦନା ଓ ସଂସ୍କୃତିର ଅନୁଭୂତି ଜାଗ୍ରତ କରିବା। କେତେଜଣ ଶିଶୁ ଏଭଳି ଭାବଗଭୀର ଗୀତ ଗାଇଲେ ଯେ ତାହା ସମସ୍ତଙ୍କ ହୃଦୟକୁ ଛୁଇଁଯାଇଥିଲା। ସେମାନଙ୍କୁ ପ୍ରମାଣପତ୍ର ଓ ସ୍ନେହସୂଚକ ଉପହାର ଦେଇ ଅନୁଷ୍ଠାନ ପକ୍ଷରୁ ଉତ୍ସାହିତ କରାଯାଇଥିଲା। ଆର୍ଥ କିପର୍ସ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ବିକାଶ, ବିଶ୍ୱଜିତ, ରାହୁଲ, ଚିନ୍ମୟ, ଜ୍ୟୋତି, ପ୍ରୀତି, କୁନ୍ଦନ, ଅବିନାଶ, ସଞ୍ଜୟ, ମହେନ୍ଦ୍ର, ଚିନ୍ମୟୀ, ରାଜା, ଅଭିନନ୍ଦନ, ଶ୍ରୀଧର, କ୍ଷୀରୋଦ, ରାଜେଶ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## କ୍ୟାମେରାମ୍ୟାନ୍ ମନୋଜ ନାଏକଙ୍କ ପରଲୋକ

ସମ୍ବଲପୁର, ୬।୮ (ସମିସ) : ସାକ୍ଷୀପଡ଼ାନିବାସୀ କ୍ୟାମେରାମ୍ୟାନ୍ ମନୋଜ ନାଏକ (୪୨)ଙ୍କ ବୁଧବାର ରାତିରେ ଭିମସାର ମେଡିକାଲରେ ଚିକିତ୍ସାଧିନ ଅବସ୍ଥାରେ ପରଲୋକ ହୋଇଯାଇଛି। ବୁଧବାର ସକାଳେ ସେ ଅସୁସ୍ଥ ଅନୁଭବ କରିବାରୁ ତାଙ୍କୁ ଭିମସାର ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେ ଗତ ୧୭ ବର୍ଷ ହେବ ବିଭିନ୍ନ ପ୍ରମୁଖ ବୈଦ୍ୟୁତିକ ଗଣମାଧ୍ୟମରେ କ୍ୟାମେରାମ୍ୟାନ୍ ଭାବେ କାର୍ଯ୍ୟନିର୍ବାହ କରୁଥିଲେ। ତାଙ୍କ ବିୟୋଗରେ ଓଡ଼ିଶା ସାମ୍ବାଦିକ ସଂଘ (ଓଜେୟୁ) ପକ୍ଷରୁ ଶୋକ ପ୍ରକାଶ କରାଯାଇଛି। ପ୍ରକାଶ ଯେ, ଗତ ୨୮ ତାରିଖ ସଡ଼କ ଦୁର୍ଘଟଣାରେ ଗୁରୁତର ଆହତ ହୋଇ ଭିମସାରରେ ଭର୍ତ୍ତି ହୋଇଥିବା ବୈଦ୍ୟୁତିକ ଗଣମାଧ୍ୟମ ସାମ୍ବାଦିକ ନବୀନ ଦାଶଙ୍କ ଦେହାନ୍ତ ହୋଇଥିଲା। ମାତ୍ର ୧୦ ଦିନ ମଧ୍ୟରେ ସମ୍ବଲପୁର ଗଣମାଧ୍ୟମ ଦୁଇଜଣ ସାଥୀଙ୍କୁ ହରାଇବାପରେ ସମ୍ବଲପୁରରେ ଶୋକାକୁଳ ପରିସ୍ଥିତି ସୃଷ୍ଟି ହୋଇଛି।



## ନଦୀ ପାଣିରୁ ଶବ ଉଦ୍ଧାର

ଜମନକିରା, ୬।୮ (ସମିସ): ଜମନକିରା ଥାନା ଗୌଡ଼ପାଲି ଫାଣ୍ଡି ଅନ୍ତର୍ଗତ ବଡକୁଣ୍ଡେଇସରା ରଙ୍ଗ କାରଖାନା ନିକଟରେ ଥିବା ଗହିରି ନାଳରେ ମଙ୍ଗଳବାର ସନ୍ଧ୍ୟାରେ ଜଣେ ଅଜଣା ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର ହୋଇଛି। ସ୍ଥାନୀୟ କିଛି ଯୁବକ ନାଳକୁ ସନ୍ଧ୍ୟାରେ ଶୌଚ କରିବା ପାଇଁ ଯାଇଥିବାବେଳେ ଉକ୍ତ ଯୁବକକୁ ପାଣିରେ ଭାସୁଥିବାର ଦେଖି ପୁଲିସକୁ ଖବର ଦେଇଥିଲେ। ଜମନକିରା ଆଇଆଇସି ପଦ୍ମାଳୟା ସାହୁଙ୍କ ନିର୍ଦ୍ଦେଶକ୍ରମେ ଗୌଡପାଲି ଫାଣ୍ଡି ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଆଗ୍ନିକ ସହାୟତାରେ ଉକ୍ତ ବ୍ୟକ୍ତିଙ୍କ ମୃତ ଦେହକୁ ଉଦ୍ଧାର କରିଥିଲେ। ମୃତ ବ୍ୟକ୍ତିଙ୍କ ପରିଚୟ ମିଳିପାରିନାହିଁ। ଆଜି ଶବ ବ୍ୟବଚ୍ଛେଦ ପାଇଁ କରାଯାଇଥିବା ସୂଚନା ମିଳିଛି।

# ସମ୍ବଲପୁର ଷ୍ଟେସନ ଉନ୍ନୟନ କାର୍ଯ୍ୟ ପାଇଁ ଟ୍ରେନ ବାତିଲ ଓ ମାର୍ଗ ପରିବର୍ତ୍ତନ

ସମ୍ବଲପୁର, ୬।୮ (ସମିସ)

ସମ୍ବଲପୁର ରେଳଷ୍ଟେସନରେ ପ୍ରମୁଖ ଉନ୍ନତିକରଣ କାର୍ଯ୍ୟ ଚାଲିଛି। ଏଥିପାଇଁ ବିଭିନ୍ନ ନିରାପତ୍ତା ସମ୍ବନ୍ଧୀୟ ଭିତ୍ତିଭୂମି କାର୍ଯ୍ୟ ଏବଂ ଯାତ୍ରୀ ସୁବିଧା କାର୍ଯ୍ୟ ମଧ୍ୟ ଗ୍ରହଣ କରାଯାଇଛି। ଏହି ପରିପ୍ରେକ୍ଷୀରେ କିଛି ଟ୍ରେନ୍ ବାତିଲ, ଗନ୍ତବ୍ୟସ୍ଥଳ ପୂର୍ବରୁ ବାତିଲ ଏବଂ ମାର୍ଗ ପରିବର୍ତ୍ତନ କରିବାକୁ ନିଷ୍ପତ୍ତି ନିଆଯାଇଛି।ସମ୍ବଲପୁର ଜଙ୍କସନ୍ ଦେଇ ଯାଉଥିବା ୨୫ଟି ଟ୍ରେନ ବାତିଲ ହୋଇଛି। ତନ୍ମଧ୍ୟରେ ଟିଟିଲାଗଡ଼-ବିଳାସପୁର ପାସେଞ୍ଜର ୭ ରୁ ୧୫ ତାରିଖ ପର୍ଯ୍ୟନ୍ତ, ବିଳାସପୁର-ଟିଟିଲାଗଡ଼ ପାସେଞ୍ଜର ୬ ରୁ ୧୪ ତାରିଖ ପର୍ଯ୍ୟନ୍ତ, ଟିଟିଲାଗଡ଼-ରାୟପୁର ପାସେଞ୍ଜର ୬ ରୁ ୧୪ ତାରିଖ ପର୍ଯ୍ୟନ୍ତ, ରାୟପୁର -ଟିଟିଲାଗଡ଼ ପାସେଞ୍ଜର ୭ ରୁ ୧୫ ତାରିଖ ପର୍ଯ୍ୟନ୍ତ, ସମ୍ବଲପୁର-ଜୁନାଗଡ଼ ରୋଡ୍ ପାସେଞ୍ଜର ୬ ରୁ ୧୫ ତାରିଖ ପର୍ଯ୍ୟନ୍ତ, ଜୁନାଗଡ଼ ରୋଡ୍ -ସମ୍ବଲପୁର ପାସେଞ୍ଜର ୭ ରୁ ୧୬ ତାରିଖ ପର୍ଯ୍ୟନ୍ତ, ବଲାଙ୍ଗୀର-ପୁରୁଣାକଟକ ପାସେଞ୍ଜର ୭ ରୁ ୧୫ ତାରିଖ ପର୍ଯ୍ୟନ୍ତ, ପୁରୁଣାକଟକ - ବଲାଙ୍ଗୀର ପାସେଞ୍ଜର ୭ ରୁ ୧୫ ତାରିଖ ପର୍ଯ୍ୟନ୍ତ, ବଲାଙ୍ଗୀର-ପୁରୁଣାକଟକ ପାସେଞ୍ଜର ୭ ରୁ ୧୫ ତାରିଖ ପର୍ଯ୍ୟନ୍ତ, ପୁରୁଣାକଟକ - ବଲାଙ୍ଗୀର ପାସେଞ୍ଜର ୭ ରୁ ୧୫ ତାରିଖ ପର୍ଯ୍ୟନ୍ତ, ବଲାଙ୍ଗୀର - ସୋନପୁର ପାସେଞ୍ଜର ୭ରୁ ୧୫ ତାରିଖ ପର୍ଯ୍ୟନ୍ତ, ସୋନପୁର- ବଲାଙ୍ଗୀର ପାସେଞ୍ଜର ୮ ରୁ ୧୬ ତାରିଖ ପର୍ଯ୍ୟନ୍ତ ବାତିଲ ରହିବ। ସମ୍ବଲପୁର-ରାୟଗଡା-ସମ୍ବଲପୁର ଏକ୍ସପ୍ରେସ ୭ ରୁ ୧୬ ତାରିଖ ପର୍ଯ୍ୟନ୍ତ ଉଭୟ ଦିଗରୁ ବାତିଲ ଏବଂ ସମ୍ବଲପୁର-ପୁରୀ-ସମ୍ବଲପୁର ଏକ୍ସପ୍ରେସ ୭ ରୁ ୧୬ ତାରିଖ ପର୍ଯ୍ୟନ୍ତ ଉଭୟ ଦିଗରୁ ବାତିଲ ରହିଛି। ସମ୍ବଲପୁର- ନାନ୍ଦେଡ ଏକ୍ସପ୍ରେସ୍ ୮, ୧୦, ୧୧ ଏବଂ ୧୫ ଅଗଷ୍ଟରେ ବାତିଲ, ନାନ୍ଦେଡ-ସମ୍ବଲପୁର ଏକ୍ସପ୍ରେସ୍ ୯, ୧୧, ୧୨ ଏବଂ ୧୬ ଅଗଷ୍ଟରେ ବାତିଲ, ସମ୍ବଲପୁର-ଶାଲିମାର ଏକ୍ସପ୍ରେସ୍ ୭, ୧୦, ୧୨ ଏବଂ ୧୪ ଅଗଷ୍ଟରେ ବାତିଲ, ଶାଲିମାର- ସମ୍ବଲପୁର ଏକ୍ସପ୍ରେସ୍ ୮, ୧୧, ୧୩ ଏବଂ ୧୫ ଅଗଷ୍ଟରେ ବାତିଲ, ସମ୍ବଲପୁର- ଶାଲିମାର ଏକ୍ସପ୍ରେସ୍ ୮ ଏବଂ ୧୫ ଅଗଷ୍ଟରେ ବାତିଲ, ଶାଲିମାର- ସମ୍ବଲପୁର ଏକ୍ସପ୍ରେସ୍ ୯ ଏବଂ ୧୬ ଅଗଷ୍ଟରେ ବାତିଲ, ବିଶାଖାପାଟଣା-ବନାରସ ଏକ୍ସପ୍ରେସ୍ ୧୦ ଏବଂ ୧୩ ଅଗଷ୍ଟରେ ବାତିଲ, ବନାରସ- ବିଶାଖାପାଟଣା ଏକ୍ସପ୍ରେସ୍ ୧୧ ଏବଂ ୧୪ ଅଗଷ୍ଟରେ ବାତିଲ, ସମ୍ବଲପୁର-ବୌଦ୍ଧ ଏକ୍ସପ୍ରେସ୍ ୧୦ ଅଗଷ୍ଟରେ ବାତିଲ, ବୌଦ୍ଧ-ସମ୍ବଲପୁର ଏକ୍ସପ୍ରେସ୍ ୧୨ ଅଗଷ୍ଟରେ ବାତିଲ, ବୌଦ୍ଧ- ଭୁବନେଶ୍ୱର-ବୌଦ୍ଧ ଏକ୍ସପ୍ରେସ ୧୧ ଅଗଷ୍ଟରେ ବାତିଲ ରହିବ।

ଏହା ବ୍ୟତୀତ ୯ଟି ଟ୍ରେନ୍‌ର ମାର୍ଗ ପରିବର୍ତ୍ତନ କରାଯାଇଛି। ତନ୍ମଧ୍ୟରେ ତପସ୍ୱିନୀ ଏକ୍ସପ୍ରେସ ୨୭ ଜୁଲାଇରୁ ୧୪ ଅଗଷ୍ଟ ପର୍ଯ୍ୟନ୍ତ ସରଳା-ସମ୍ବଲପୁର-ସମ୍ବଲପୁର ସିଟି ମାର୍ଗ ବଦଳରେ ସରଳା -ସମ୍ବଲପୁର ସିଟି ମାର୍ଗଦେଇ ଚଳାଚଳ କରିବ। ଟାଟା- ଏର୍ଣ୍ଣାକୁଲମ ଏକ୍ସପ୍ରେସ ୮ ରୁ ୧୪ ଅଗଷ୍ଟ ପର୍ଯ୍ୟନ୍ତ ଟାଟା, ଝାରସୁଗୁଡ଼ା, ବିଜୟନଗରମ୍ ମାର୍ଗ ବଦଳରେ ଝାରସୁଗୁଡ଼ା, ସମ୍ବଲପୁର ସିଟି, ଅନୁଗୁଳ, ନରାଜମାର୍ଥାପୁର, ଖୋର୍ଦ୍ଧା ରୋଡ୍, ବିଜୟନଗରମ୍ ମାର୍ଗ ଦେଇ ଚଳାଚଳ କରିବ। ଏର୍ଣ୍ଣାକୁଲମ- ଟାଟା ଏକ୍ସପ୍ରେସ ୭ରୁ ୧୩ ଅଗଷ୍ଟ ପର୍ଯ୍ୟନ୍ତ ବିଜୟନଗରମ୍, ଝାରସୁଗୁଡା, ଟାଟା ମାର୍ଗ ବଦଳରେ ବିଜୟନଗରମ୍, ଖୋର୍ଦ୍ଧା ରୋଡ୍, ନରାଜମାର୍ଥାପୁର, ଅନୁଗୁଳ, ସମ୍ବଲପୁର ସିଟି, ଝାରସୁଗୁଡା ମାର୍ଗଦେଇ ଚଳାଚଳ କରିବ। ତାମ୍ବରମ୍-ଜସିଡିହ ଏକ୍ସପ୍ରେସ ୯ ତାରିଖରେ ବିଜୟନଗରମ୍, ଝାରସୁଗୁଡା, ଚକ୍ରଧରପୁର ମାର୍ଗ ବଦଳରେ ବିଜୟନଗରମ୍, ଖୋର୍ଦ୍ଧା ରୋଡ୍, ନରାଜମାର୍ଥାପୁର, ଅନୁଗୁଳ, ସମ୍ବଲପୁର ସିଟି, ଝାରସୁଗୁଡା ମାର୍ଗ ଦେଇ ଚଳାଚଳ କରିବ। ଜସିଡିହ- ତାମ୍ବରମ ଏକ୍ସପ୍ରେସ ୧୩ ତାରିଖରେ ଚକ୍ରଧରପୁର, ଝାରସୁଗୁଡା, ବିଜୟନଗରମ୍ ମାର୍ଗ ବଦଳରେ ଝାରସୁଗୁଡା, ସମ୍ବଲପୁର ସିଟି, ଅନୁଗୁଳ, ନରାଜମାର୍ଥାପୁର, ଖୋର୍ଦ୍ଧା ରୋଡ୍, ବିଜୟନଗରମ୍ ମାର୍ଗଦେଇ ଚଳାଚଳ କରିବ। ସାଇନଗର ଶିରିଡି -ପୁରୀ ଏକ୍ସପ୍ରେସ ୧୦ ତାରିଖରେ ରାୟପୁର, ଟିଟିଲାଗଡ, ସମ୍ବଲପୁର, ଅନୁଗୁଳ, ଖୋର୍ଦ୍ଧା ରୋଡ୍ ମାର୍ଗ ବଦଳରେ ରାୟପୁର, ଟିଟିଲାଗଡ, ବିଜୟନଗରମ୍, ଖୋର୍ଦ୍ଧା ରୋଡ୍ ମାର୍ଗଦେଇ ଚଳାଚଳ କରିବ। ଟାଟା- ଏସ୍ଏମ୍ଭିବି ବେଙ୍ଗାଲୁରୁ ଏକ୍ସପ୍ରେସ ୮ ତାରିଖରେ ଟାଟା, ଝାରସୁଗୁଡା, ବିଜୟନଗରମ୍ ମାର୍ଗ ବଦଳରେ ଝାରସୁଗୁଡା, ସମ୍ବଲପୁର ସିଟି, ଅନୁଗୁଳ, ନରାଜମାର୍ଥାପୁର, ଖୋର୍ଦ୍ଧା ରୋଡ୍, ବିଜୟନଗରମ୍ ମାର୍ଗଦେଇ ଚଳାଚଳ କରିବ। ଏସ୍ଏମ୍ଭିବି ବେଙ୍ଗାଲୁରୁ-ଟାଟା ଏକ୍ସପ୍ରେସ ୧୧ ତାରିଖରେ ବିଜୟନଗରମ୍, ଝାରସୁଗୁଡା, ଟାଟା ମାର୍ଗ ବଦଳରେ ବିଜୟନଗରମ୍, ଖୋର୍ଦ୍ଧା ରୋଡ୍, ନରାଜମାର୍ଥାପୁର, ଅନୁଗୁଳ, ସମ୍ବଲପୁର ସିଟି, ଝାରସୁଗୁଡା ମାର୍ଗଦେଇ ଚଳାଚଳ କରିବ। ଏସ୍ଏମ୍ଭିବି ବେଙ୍ଗାଲୁରୁ-ହାଟିଆ ଏକ୍ସପ୍ରେସ ୧୨ ତାରିଖରେ ବିଜୟନଗରମ୍, ଝାରସୁଗୁଡା, ରାଉରକେଲା ମାର୍ଗ ବଦଳରେ ବିଜୟନଗରମ୍, ଖୋର୍ଦ୍ଧା ରୋଡ୍, ନରାଜମାର୍ଥାପୁର, ଅନୁଗୁଳ, ସମ୍ବଲପୁର ସିଟି, ଝାରସୁଗୁଡା ମାର୍ଗଦେଇ ଚଳାଚଳ କରିବ ବୋଲି ରେଳବାଇ ସୂତ୍ରରୁ ପ୍ରକାଶ।

ଗନ୍ତବ୍ୟ ସ୍ଥଳ ପୂର୍ବରୁ ୪ ଯୋଡ଼ା ବାତିଲ କରାଯାଇଛି। ଗୋରଖପୁର-ସମ୍ବଲପୁର ମୌର୍ଯ୍ୟ ଏକ୍ସପ୍ରେସ ୬ ରୁ ୧୩ ତାରିଖ ପର୍ଯ୍ୟନ୍ତ ରେଙ୍ଗାଲି ଷ୍ଟେସନ ପର୍ଯ୍ୟନ୍ତ ଏବଂ ସମ୍ବଲପୁର-ଗୋରଖପୁର ମୌର୍ଯ୍ୟ ଏକ୍ସପ୍ରେସ ୮ ରୁ ୧୫ ତାରିଖ ପର୍ଯ୍ୟନ୍ତ ରେଙ୍ଗାଲି ଷ୍ଟେସନରୁ ଯାତ୍ରା ଆରମ୍ଭ କରିବ। ରେଙ୍ଗାଲି ଏବଂ ସମ୍ବଲପୁର ମଧ୍ୟରେ ସେବା ବାତିଲ ରହିବ। ଝାରସୁଗୁଡା-ସମ୍ବଲପୁର (ମେମୁ) ଏବଂ ଝାରସୁଗୁଡା-ସମ୍ବଲପୁର (ମେମୁ) ୭ ରୁ ୧୪ ତାରିଖ ପର୍ଯ୍ୟନ୍ତ ସମ୍ବଲପୁର ସିଟି ଷ୍ଟେସନ ପର୍ଯ୍ୟନ୍ତ ଚଳାଚଳ କରିବ ଏବଂ ସମ୍ବଲପୁର-ଝାରସୁଗୁଡ଼ା (ମେମୁ) ଏବଂ ସମ୍ବଲପୁର-ଝାରସୁଗୁଡ଼ା (ମେମୁ) ୭ ରୁ ୧୪ ତାରିଖ ପର୍ଯ୍ୟନ୍ତ ସମ୍ବଲପୁର ସିଟି ଷ୍ଟେସନରୁ ଯାତ୍ରା ଆରମ୍ଭ କରିବ। ସମ୍ବଲପୁର ସିଟି ଏବଂ ସମ୍ବଲପୁର ମଧ୍ୟରେ ସେବା ବାତିଲ ରହିବ। ଜମ୍ମୁ ତାୱି-ସମ୍ବଲପୁର ଏକ୍ସପ୍ରେସ୍ ୫, ୭, ୮, ୧୦, ୧୨ ଏବଂ ୧୪ ଅଗଷ୍ଟରେ ରେଙ୍ଗାଲି ଷ୍ଟେସନ ପର୍ଯ୍ୟନ୍ତ ଚଳାଚଳ କରିବ ଏବଂ ସମ୍ବଲପୁର-ଜମ୍ମୁ ତାୱି ଏକ୍ସପ୍ରେସ୍ ୭, ୯, ୧୧, ୧୨ ଏବଂ ୧୪ ଅଗଷ୍ଟରେ ରେଙ୍ଗାଲି ଷ୍ଟେସନରୁ ଯାତ୍ରା ଆରମ୍ଭ କରିବ। ରେଙ୍ଗାଲି ଏବଂ ସମ୍ବଲପୁର ମଧ୍ୟରେ ସେବା ବାତିଲ ରହିବ। ଭୁବନେଶ୍ୱର- ପୁରୁଣାକଟକ ଏକ୍ସପ୍ରେସ୍ ୬ ରୁ ୧୪ ତାରିଖ ପର୍ଯ୍ୟନ୍ତ ମାନେଶ୍ୱର ଷ୍ଟେସନ ପର୍ଯ୍ୟନ୍ତ ଚଳାଚଳ କରିବ ଏବଂ ପୁରୁଣାକଟକ- ଭୁବନେଶ୍ୱର ଏକ୍ସପ୍ରେସ୍ ୭ ରୁ ୧୫ ତାରିଖ ପର୍ଯ୍ୟନ୍ତ ମାନେଶ୍ୱର ଷ୍ଟେସନରୁ ଯାତ୍ରା ଆରମ୍ଭ କରିବ। ମାନେଶ୍ୱର ଏବଂ ପୁରୁଣାକଟକ ମଧ୍ୟରେ ସେବା ବାତିଲ ରହିବ।

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ଅର୍ଜୁନ ଚରଣ କୁଣ୍ଡୁ
(ପୂର୍ବତନ ପ୍ରଧାନଶିକ୍ଷକ)
ଗ୍ରାମ - ସୋଧ , ଦୋବଲ ,ଧାମନଗର, ଭଦ୍ରକ
ଆବିର୍ଭାବ – ୧୧.୦୩.୧୯୪୮
ତିରୋଧାନ –୨୮,୦୭,୨୦୨୫
ବାପା , ଆପଣଙ୍କ ଅବର୍ତ୍ତମାନରେ ଆଜିକୁ ଏଗାର ଦିନ ହୋଇ। ଆପଣଙ୍କ ଅନୁପସ୍ଥିତିକୁ ପ୍ରତି ମୁହୂର୍ତ୍ତ ରେ ଆମ୍ଭେମାନେ ଅନୁଭବ କରୁଛୁ । ଆପଣଙ୍କ ସ୍ନେହ, ଶ୍ରଦ୍ଧା, ଭଲ ପାଇବା ପ୍ରତ୍ୟେକ ମୁହୂର୍ତ୍ତରେ ମନେପଡୁଛି, ମହାପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ ଆପଣଙ୍କ ଅମର ଆତ୍ମା ସଦଗତି ହେଉ।
"ଇତି: ଆପଣଙ୍କର ହତଭାଗ୍ୟ ପୁତ୍ର ହିମାଂଶୁ ଶେଖର କୁଣ୍ଡୁ , ଶୁଭ୍ରାଂଶୁ ଶେଖର କୁଣ୍ଡୁ, ସିତାଂସୁ ଶେଖର କୁଣ୍ଡୁ , ବନ୍ଧୁବାନ୍ଧବ ଆତ୍ମୀୟ ସ୍ୱଜନ ଓ କୁଣ୍ଡୁ ପରିବାର ବର୍ଗ

# କାର୍ଯ୍ୟକ୍ଷେତ୍ରରେ ଯୌନ ନିର୍ଯାତନା ନିବାରଣ କର୍ମଶାଳା




ବ୍ରହ୍ମପୁର,୬।୮ (ସମିସ): କାର୍ଯ୍ୟକ୍ଷେତ୍ରରେ ଯୌନ ନିର୍ଯାତନା ନିବାରଣ ସମ୍ପର୍କିତ ଏକ କର୍ମଶାଳା ଗୋଳନ୍ଥରା ସ୍ଥିତ ଗାନ୍ଧୀ ଏକାଡେମୀ ଅଫ୍ ଟେକ୍ନୋଲୋଜି ଆଣ୍ଡ ଇଞ୍ଜିନିୟରିଂ ସମ୍ମିଳନୀ କକ୍ଷରେ ଆୟୋଜିତ ହୋଇଛି। ମୁଖ୍ୟ ଅତିଥି ଭାବେ ଆନ୍ତର୍ଜାତୀୟ ମାନବାଧିକାର ପରିଷଦର ଜୋନାଲ ଅଧ୍ୟକ୍ଷା ସୁଶ୍ରୀ ରଶ୍ମିତା କୁମାରୀ ପାଣିଗ୍ରାହୀ ଯୋଗ ଦେଇଥିଲେ। ପ୍ରତିଷ୍ଠାନର ଅଧ୍ୟକ୍ଷ ଡକ୍ଟର ଗୌରୀ ଶଙ୍କର ମହାପାତ୍ର ଏବଂ ଆଇସିସି ସେଲର ସଂଯୋଜକ ଡକ୍ଟର ମୀନାକ୍ଷୀ ସାହୁ ମଞ୍ଚାସୀନ ଥିଲେ। ମହିଳାଙ୍କ ସମସ୍ୟାର ସମାଧାନ, କର୍ମକ୍ଷେତ୍ରରେ ଯୌନ ନିର୍ଯାତନାର ଶିକାର ଓ ଏହାର ନିରାକରଣ ଆଦି ବିଭିନ୍ନ ପ୍ରସଙ୍ଗ ଉପରେ ମୁଖ୍ୟଅତିଥି ମତବ୍ୟକ୍ତ କରିଥିଲେ। ସହକାରୀ ପ୍ରଫେସର ଶୁଭଶ୍ରୀ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ।

# କ୍ୟାମ୍ପସ୍‌ରେ ସୁରକ୍ଷା ବୃଦ୍ଧି ଦାବିରେ ବିଜେଡିର ବିକ୍ଷୋଭ

ବ୍ରହ୍ମପୁର,୬।୮ (ସମିସ)





ଶିକ୍ଷାନୁଷ୍ଠାନରେ ଛାତ୍ରଛାତ୍ରୀଙ୍କୁ ସୁରକ୍ଷା ପ୍ରଦାନ, ନାରୀ ନିର୍ଯାତନାରେ ସମ୍ପୃକ୍ତ ତଥା ଅପରାଧିକ କାର୍ଯ୍ୟକଳାପରେ ଲିପ୍ତ ଅପରାଧୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଦାବିରେ ବ୍ରହ୍ମପୁର ବିଜୁ ଯୁବ ଓ ଛାତ୍ର ଜନତା ଦଳ ପକ୍ଷରୁ ବିରାଟ ପ୍ରତିବାଦ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ ଏବଂ ବ୍ରହ୍ମପୁର ପୂର୍ବତନ ବିଧାୟକ ତଥା ନବନିଯୁକ୍ତ ଗଞ୍ଜାମ ଜିଲ୍ଲା ବିଜୁ ଜନତା ଦଳ ସଭାପତି ବିକ୍ରମ କୁମାର ପଣ୍ଡାଙ୍କ ଆହ୍ୱାନକ୍ରମେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ରାଜ୍ୟ ପୁଲିସ ମହାନିର୍ଦ୍ଦେଶକଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ବ୍ରହ୍ମପୁର ଏସ୍‌ପିଙ୍କୁ ପ୍ରଦାନ କରାଯାଇଛି।

ବ୍ରହ୍ମପୁର ସହରର ସମସ୍ତ ଶିକ୍ଷାନୁଷ୍ଠାନ କ୍ୟାମ୍ପସରେ ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ କରିବା ଦାବିରେ ରାଜରାସ୍ତାକୁ ଓହ୍ଲାଇଛି ବିଜେଡ଼ି ଛାତ୍ର, ଯୁବ ଓ ମହିଳା ଜନତା ଦଳ। ସ୍ଥାନୀୟ ଗଜପତିନଗର ଠାରୁ ବିକ୍ଷୋଭ ଶୋଭାଯାତ୍ରା ବାହାରି ବ୍ରହ୍ମପୁର ଏସ୍‌ପିଙ୍କ କାର୍ଯ୍ୟାଳୟ ନିକଟରେ ପହଞ୍ଚିଥିଲା। ବିଭିନ୍ନ ସ୍ଲୋଗାନ ଦେଇ ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଦୀର୍ଘ ସମୟଧରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ ବିଜେଡ଼ିର କର୍ମକର୍ତ୍ତା ଓ ବିଭିନ୍ନ ଶିକ୍ଷାନୁଷ୍ଠାନରୁ ଆସିଥିବା ଛାତ୍ରଛାତ୍ରୀମାନେ। ପରେ ଏହି ଏକ ଦାବିପତ୍ର ବ୍ରହ୍ମପୁର ଏସ୍‌ପି ଡ଼ା.ସର୍ବଣା ବିବେକ ଏମ୍‌ଙ୍କୁ ପ୍ରଦାନ କରାଯାଇଥିଲା। ବିଜେପି ସରକାର ଆସିବା ପରେ କଲେଜ କମ୍ପ୍ୟାସରେ ଛାତ୍ରଛାତ୍ରୀଙ୍କ ଉପରେ ନିର୍ଯାତନା ବଢ଼ି ଚାଲିଛି। ଫଳରେ ଛାତ୍ରଛାତ୍ରୀ ବାଧ୍ୟ ହୋଇ ଆମ୍ହତ୍ୟା ଭଳି ଚରମ ପନ୍ଥା ବାଛି ନେଉଛନ୍ତି। ଯାହାର ସ୍ୱଷ୍ଟ ଉଦାହରଣ ହେଉଛି ବାଲେଶ୍ୱର ଏଫଏମ୍ କଲେଜ ଛାତ୍ରୀ ଆତ୍ମାହୂତି ଘଟଣା। ଏହାକୁ ଦୃଷ୍ଟିରେ ଘଟଣାର ପୁନରାବୃତ୍ତି ଯେପରି ନହୁଏ ସେଥିପାଇଁ କଲେଜ କ୍ୟାମ୍ପସର ସୁରକ୍ଷା ବ୍ୟବସ୍ଥା ସୁଦୃଢ଼ କରିବାକୁ ଦାବି କରାଯାଇଛି। ସେହିଭଳି ଯେଉଁ କଲେଜ ଗୁଡ଼ିକରେ ଛାତ୍ରଛାତ୍ରୀଙ୍କୁ ନିର୍ଯ୍ୟାତନା ଦିଆଯାଉଥିବା ନେଇ ଅଭିଯୋଗ ହେଉଛି ସେଠାରେ ପୁଲିସ କ୍ରିୟାଶୀଳ ହୋଇ ଦୋଷୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ବୋଲି ବିଜେଡ଼ି ଛାତ୍ର, ଯୁବ ଓ ମହିଳା ଜନତା ଦଳର କର୍ମକର୍ତ୍ତା ଦାବି କରିଛନ୍ତି। ଏହି କାର୍ଯ୍ୟକ୍ରମରେ ବ୍ରହ୍ମପୁର ମହାନଗର ଯୁବ ବିଜେଡ଼ି ସଭାପତି ଅଜିତ କୁମାର ପଣ୍ଡା, ଜିଲ୍ଲା ଛାତ୍ର ବିଜେଡ଼ି ସଭାପତି ପ୍ରଶାନ୍ତ କୁମାର ପଣ୍ଡା ଓ ମହାନଗର ଛାତ୍ର ବିଜେଡି ସଭାପତି ଶୋଭନ କୁମାର ନାୟକ ନେତୃତ୍ୱ ନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କର୍ପୋରେଟର ସଞ୍ଜିତ କୁମାର ପାଣିଗ୍ରାହୀ, ଦୁର୍ଗା ଲାୟକ, ସୂର୍ଯ୍ୟକାନ୍ତ ସୁବୁଦ୍ଧି, ରାଜେଶ ପଟ୍ଟନାୟକ, ଦୋଲଞ୍ଜନ ନାୟକ, ନିଖିଳ ଚୌଧୁରୀ, କିରଣ ସାହୁ, ଶିର୍ଶୋକ ପାତ୍ର, ମହାନଗର ମହିଳା ସଭାନେତ୍ରୀ ସୋନାଲି ଗନ୍ତାୟତ, ଶ୍ୱେତରେଖା ତ୍ରିପାଠୀ, ଶ୍ୱେତପ୍ରଜ୍ଞା ପଟ୍ଟନାୟକ, ସ୍ୱର୍ଣ୍ଣଲତା ସାବତ, ଆରତୀ ତନ୍ତି, କାଦମ୍ବରୀ ଦାସ ଓ ଚିନୁ ବିଷୋୟୀ ପ୍ରମୁଖଙ୍କ ସହ ସହରର ସମସ୍ତ କଲେଜର ଛାତ୍ରଛାତ୍ରୀ, ଯୁବକ ଓ କର୍ମୀ ସକ୍ରିୟଅଂଶଗ୍ରହଣ କରିଥିଲେ।

# ଉପଜିଲ୍ଲାପାଳଙ୍କୁ ଭେଟିଲା ଗଞ୍ଜାମ ଓକିଲ ସଂଘ

ବ୍ରହ୍ମପୁର,୬।୮ (ସମିସ)

ବ୍ରହ୍ମପୁର ନୂତନ ଉପଜିଲ୍ଲାପାଳ ଅବିନାଶ କୁମାରଙ୍କୁ ଗଞ୍ଜାମ ଓକିଲ ସଂଘର କର୍ମକର୍ତ୍ତାମାନେ ସାକ୍ଷାତ କରି ୩ଦଫା



ଦାବି ଉପରେ ଆଲୋଚନା କରିଛନ୍ତି। କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟମାନେ ମହକିଲଙ୍କ ସତ୍ୟପାଠ ଗୁଡିକୁ ସବୁ ସମୟରେ କରୁନଥିବାରୁ ମହକିଲଙ୍କୁ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏଣୁ ପ୍ରତ୍ୟେକ ଦିନ ଅନ୍ୟୁନ ଜଣେ ମାଜିଷ୍ଟ୍ରେଟ ସତ୍ୟପାଠ କରିବା ପାଇଁ ଉପସ୍ଥିତ ରହିବାକୁ ସଂଘ ପକ୍ଷରୁ ଦାବି କରାଯାଇଛି। ଜଣେ ବ୍ୟକ୍ତିର ଆଧାର କାର୍ଡରେ ଗୋଟିଏ ନାମ ଓ ଅନ୍ୟାନ୍ୟ ନିଜର ଦସ୍ତାବିଜରେ ନାମ କିମ୍ବା ବର୍ଣ୍ଣାନ ଭୁଲଥିଲେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ସତ୍ୟପାଠ କରିବାକୁ ପଡିଥାଏ। ତେବେ ବର୍ତ୍ତମାନ ପରିସ୍ଥିତିରେ କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟମାନେ ଆଉ ସତ୍ୟପାଠ ସମ୍ପାଦନ କରୁନଥିବାରୁ ମହକିଲମାନଙ୍କୁ ବହୁ ହଇରାଣ ହେବାକୁ ପଡୁଛି। ଏହାକୁ ପୂର୍ବଭଳି କାର୍ଯ୍ୟକାରୀ କରିବାକୁ ସଂଘ ପକ୍ଷରୁ ଦାବି କରାଯାଇଛି। ସେହିଭଳି ଅନୁସୂଚିତ ଓ ଜନଜାତିର ବ୍ୟକ୍ତିଙ୍କୁ ନିଜର ଜମି ବିକ୍ରି କରିବାକୁ ଆଇନ ଅନୁଯାୟୀ ପ୍ରଶାସନିକ ଅନୁମତିର ଆବଶ୍ୟକତା ରହିଛି। ଏଥିପାଇଁ ମହକିଲମାନେ ଓକାଲତନାମା ଜରିଆରେ ନିଜର ଓକିଲଙ୍କୁ ନିଯୁକ୍ତି କରିଥାନ୍ତି। ତେବେ ରାଜସ୍ୱ ବିଭାଗର କିରାଣିମାନେ ଏହାକୁ ଉଦ୍ଦେଶ୍ୟମୂଳକ ଭାବେ କରାଇଦେଉନଥିବା ଅଭିଯୋଗ କରିଛି ସଂଘ। ଦୀର୍ଘଦିନ ଧରି ଏହି ସମସ୍ୟା ଲାଗି ରହିଥିବା ବେଳେ ଏହାର ସମାଧାନ ଦିଗରେ ଉପ ଜିଲ୍ଲାପାଳ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ

**୩ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ**

ସଂଘ ପକ୍ଷରୁ ବିସ୍ତୃତ ଆଲୋଚନା ପରେ କାର୍ଯ୍ୟକାରୀ କରିବାକୁ ଦାବି କରାଯାଇଛି।

ଏହି ଅବସରରେ ଗଞ୍ଜାମ ଓକିଲ ସଂଘ ସଭାପତି ମନୋଜ ପଟ୍ଟନାୟକ, ଉପ ସଭାପତି ତିର୍ମୁଳ କୁମାର ରେଡ୍ଡୀ, ସମ୍ପାଦକ ଟି. ଭେଙ୍କେଟ ରାଓ, ସହସମ୍ପାଦକ ଅସିତ କୁମାର ସାବତ, ରାମପ୍ରସାଦ ପଣ୍ଡା, ତ୍ରିପତି କୁମାର ସାହୁ, ଶୈଳେନ୍ଦ୍ର ମିଶ୍ର, ଦିଲ୍ଲୀପ ପ୍ରହରାଜ, ଲୋକନାଥ ମହାରଣା, ପିଣ୍ଟୁ ପାତ୍ର, ମୁନା ସିଂ, ମନୋଜ ପାଢୀ, ରାଜେଶ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

■ ସିବିଏସ୍‌ଇ ଜୋନାଲସ୍ତରୀୟ ପ୍ରତିଯୋଗିତା

# ବ୍ରହ୍ମପୁର ସ୍କେଟର୍‌ଙ୍କ ସଫଳତା



ବ୍ରହ୍ମପୁର,୬।୮ (ସମିସ): ଅଗଷ୍ଟ ୧ରୁ ୩ ତାରିଖ ପର୍ଯ୍ୟନ୍ତ ଛତିଶଗଡ଼ର ରାୟପୁରଠାରେ ଅନୁଷ୍ଠିତ ହୋଇଥିବା ସିବିଏସଇ ଜୋନାଲ ସ୍କେଟିଂ ପ୍ରତିଯୋଗିତାରେ ବ୍ରହ୍ମପୁର ସ୍କେଟରମାନେ ବେଶ୍ ସଫଳତା ହାସଲ କରିଛନ୍ତି। ଏଥିରେ ୬ଟି ରାଜ୍ୟରୁ ପ୍ରାୟ ୮ ସହ ଖେଳାଳୀ ଭାଗ ନେଇଥିଲେ। ୧୭ବର୍ଷ ବର୍ଗ ବାଳିକା ବିଭାଗରେ ବ୍ରହ୍ମପୁରର ଅନୁଷ୍କା ଶର୍ମା, ସୁଦୀକ୍ଷା ନାୟକ, ୧୨ବର୍ଷ ବାଳିକା ବିଭାଗରେ ବିଶ୍ୱନ୍ଵି ପଟ୍ଟନାୟକ, ୧୯ବର୍ଷ ବାଳକ ବିଭାଗରେ ଶ୍ରେୟସ୍ ମିଶ୍ର ଭାଗ ନେଇ ସମସ୍ତ ଖେଳାଳି ବ୍ରୋଞ୍ଜ ପଦକ ପାଇଛନ୍ତି। ଏହି ସମସ୍ତ ଖେଳାଳି ଦି ସ୍ପୋର୍ଟସ ଏରେନା ଠାରେ ମୁଖ୍ୟ କୋଚ୍ ବିଭୂତି ଭୂଷଣ ଜେନାଙ୍କଠାରୁ ବ୍ରହ୍ମପୁର ସ୍କେଟିଂ ଏକାଡେମୀରେ ଅଭ୍ୟାସ ଜାରି ରଖିଛନ୍ତି। ଖେଳାଳିମାନଙ୍କ ସାଥିରେ ମ୍ୟାନେଜର ଭାବେ ଅମିତ୍ କୁମାର ଏବଂ ଅବିଭାବକମାନେ ଯାଇଥିଲେ।

# କଂଗ୍ରେସ ଅନୁସୂଚିତ ଜାତି ବିଭାଗର ସାଂଗଠନିକ ବୈଠକ

ବ୍ରହ୍ମପୁର,୬।୮ (ସମିସ)



ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟ ପରିସରରେ କଂଗ୍ରେସ ଅନୁସୁଚିତ ଜାତି ବିଭାଗର ସାଂଗଠନିକ ବୈଠକ ଓ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଛି। ବରିଷ୍ଠ ନେତା ତ୍ରିନାଥ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ଅନୁସୁଚିତଜାତି ବିଭାଗ ସେଲ୍‌ର ଅଧ୍ୟକ୍ଷ ମାନସ ରଞ୍ଜନ ମଲ୍ଲିକ ଯୋଗ ଦେଇଥିଲେ। ବର୍ତ୍ତମାନ ଅନୁସୁଚିତ ଭାଇ ଭଉଣୀଙ୍କ ବିଭିନ୍ନ ସମସ୍ୟା ଉପରେ ଏଠାରେ ଆଲୋକପାତ କରାଯାଇଥିଲା। ରାଜ୍ୟ ସରକାର ଅନୁସୁଚିତ ଜାତିମାନଙ୍କ ପ୍ରତି ଦୃଷ୍ଟି ଦେଉନଥିବା ଅଭିଯୋଗ ହୋଇଥିଲା। ଏନେଇ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ନୂତନ ଭାବେ ଅନୁସୁଚିତ ଜାତି ବିଭାଗ ଗଜାମ ଜିଲ୍ଲା ଅଧ୍ୟକ୍ଷଭାବେ ମନୋନୀତ ହୋଇଥିବା ଚିନ୍ତାମଣୀ ନାୟକ, ଶିବରାମ ପାତ୍ର, ରାଜ୍ୟ ଉପାଧ୍ୟକ୍ଷ ଭୋକାଲୀ ସେଠୀ, ନଗର ସଭାପତି ଭାସ୍କର ବାଂଗାରୀ ଓ ରାଜ୍ୟ ଅନୁସୁଚିତ ଜାତି ବିଭାଗର ସାଧାରଣ ସମ୍ପାଦକ ଭାଗିରଥୀ ବେହେରା ଓ ନାରୀନେତ୍ରୀ ସୁବାସିନି ପଟ୍ଟନାୟକ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ଜିଲ୍ଲା ଅନୁସୂଚିତ ଜାତି ଏସ,ସି ମୋର୍ଚ୍ଚାର ଅଧ୍ୟକ୍ଷ ଭାବେ ଦାୟିତ୍ୱ ମିଳିଥିବା ଚିନ୍ତାମଣି ନାୟକଙ୍କୁ ମଞ୍ଚାସିନ ଅତିଥିମାନଙ୍କ ଦ୍ୱାରା ସମ୍ବର୍ଦ୍ଧନା କରାଯାଇଥିଲା।

# ମନ୍ତ୍ରୀଙ୍କ ପୁତୁରା ଓ ଫେରାର୍ ଅଭିଯୁକ୍ତଙ୍କୁ ଗିରଫ ଦାବି ତେଜିଲା

ବ୍ରହ୍ମପୁର,୬।୮ (ସମିସ)



- ବ୍ରହ୍ମପୁର ଏସ୍‌ପିଙ୍କୁ ଭେଟି ଦାବି ଜଣାଇଲା ଗଞ୍ଜାମ ଓକିଲ ସଂଘ
- ଫେରାର ଦୀପକ ଗୋଳନ୍ଥରା ଥାନା ଇଲାକାରେ ଆତଙ୍କ ଖେଳାଇଥିବା ଅଭିଯୋଗ
- ମେଡିକାଲରୁ ଡିସ୍‌ଚାର୍ଜ ହେଲେ ଆଇନଜୀବୀଙ୍କ ଭଣଜା

ଆଇନଜୀବୀଙ୍କ ପରିବାର ସଦସ୍ୟଙ୍କୁ ମରଣାନ୍ତକ ଆକ୍ରମଣ ଓ ହତ୍ୟା ଉଦ୍ୟମ ଘଟଣାକୁ ୮ ଦିନ ବିତିଲାଣି। ତଥାପି ଘଟଣାର ମାଷ୍ଟରମାଇଣ୍ଡ ଦୀପକ ଜେନା ଓ ଅନ୍ୟ ଫେରାର ଅଭିଯୁକ୍ତଙ୍କୁ ଗିରଫ କରିବାରେ ପୁଲିସ ବିଫଳ ହୋଇଛି। ଫେରାର ଦୀପକ ଜେନା ସ୍ଥାନୀୟ ବିଧାୟକ ତଥା ଖଣି ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କ ନିଜ ପୁତୁରା। ମନ୍ତ୍ରୀଙ୍କ ସମ୍ପର୍କୀୟଙ୍କ ସମ୍ପୃକ୍ତି ଥିବାରୁ ପୁଲିସ ଚାପରେ ଥିବା ଅଭିଯୋଗ ହୋଇଛି। ଜଣେ ଆଇନଜୀବୀ ତଥା ଗଞ୍ଜାମ ଓକିଲ ସଂଘର ବରିଷ୍ଠ ସଦସ୍ୟ ଟି. ଭାନୁମୂର୍ତ୍ତିଙ୍କ ଭଣଜା ଓ ପରିବାରର ମହିଳା ସଦସ୍ୟଙ୍କ ଉପରେ ହୋଇଥିବା ମରଣାନ୍ତକ ଆକ୍ରମଣ ଘଟଣାକୁ ତୀବ୍ର ନିନ୍ଦା କରିଛି ଗଞ୍ଜାମ ଓକିଲ ସଂଘ। ଆଇନଜୀବୀ ଭାନୁମୂର୍ତ୍ତିଙ୍କ ଲିଖିତ ନିବେଦନ ପରେ ଗଞ୍ଜାମ ଓକିଲ ସଂଘ ତାଙ୍କ ସପକ୍ଷରେ ଅଣ୍ଟା ଭିଡ଼ିଛି। ଭାନୁମୂର୍ତ୍ତିଙ୍କ ସହିତ ଗଞ୍ଜାମ ଓକିଲ ସଂଘର ସମସ୍ତ କର୍ମକର୍ତ୍ତା ଓ ବହୁ ଆଇନଜୀବୀ ବୁଧବାର ବ୍ରହ୍ମପୁର ଏସ୍‌ପି ଡାକ୍ତର ସର୍ବଣା ବିବେକ ଏମ୍‌ଙ୍କ ତାଙ୍କ କାର୍ଯ୍ୟାଳୟରେ ସାକ୍ଷାତ ଆଲୋଚନା କରିଛନ୍ତି। ଘଟଣାରେ ସମ୍ପୃକ୍ତ ଖଣି ମନ୍ତ୍ରୀ ବିଭୂତି ଜେନାଙ୍କ ପୁତୁରା ଦୀପକ ସମ୍ପୃକ୍ତ ଅଞ୍ଚଳରେ ଆତଙ୍କରାଜ ଚଳାଇଥିବା ଅଭିଯୋଗ କରିଛନ୍ତି ସଂଘର ସଭାପତି ମନୋଜ ପଟ୍ଟନାୟକ। ସେପଟେ ଘଟଣାରେ ଯଦିଓ ପୁଲିସ ୪ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ତଥାପି ଫେରାର ଅନ୍ୟ ୫ଜଣଙ୍କୁ ଏପର୍ଯ୍ୟନ୍ତ ଗିରଫ କରାଯାଇନାହିଁ। ଫେରାର ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବାକୁ ସଂଘ ପକ୍ଷରୁ ଦାବି କରାଯାଇଛି। ଆଲୋଚନା ବେଳେ ଆଇନଜୀବୀ ଟି. ଭାନୁମୂର୍ତ୍ତିଙ୍କ ପରିବାର ସଦସ୍ୟଙ୍କୁ କିଭଳି ଅମାନୁଷିକ ଭାବେ ଆକ୍ରମଣ ହୋଇଥିଲା ସେ ସମ୍ପର୍କରେ ଏସ୍‌ପିଙ୍କୁ ଅବଗତ କରିଥିଲେ। ଆକ୍ରମଣରେ ଗୁରୁତର ଆହତ ହୋଇ ଚିକିତ୍ସିତ ହେଉଥିବା ଆଇନଜୀବୀଙ୍କ ଭଣଜା ଭାନୁମୂର୍ତ୍ତି ଡାକ୍ତରଖାନାରୁ ଡିସଚାର୍ଜ ହୋଇଛନ୍ତି। ତାଙ୍କଠାରୁ ବୟାନ ରେକର୍ଡ କରିବା ସହ ଘଟଣା ସମ୍ପର୍କରେ ଅଧିକ ତଥ୍ୟ ହାସଲ ପରେ ତଦନ୍ତକୁ ତ୍ୱରାନ୍ୱିତ କରାଯିବା ସହ ଅଭିଯୁକ୍ତଙ୍କୁ ଗିରଫ କରିବା ଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି ଏସ୍‌ପି। ଏହି ଅବସରରେ ରାଜ୍ୟ ବାର୍ କାଉନସିଲ ସଦସ୍ୟ ସଂଜିତ କୁମାର ପାଣିଗ୍ରାହୀ, ଗଞ୍ଜାମ ଓକିଲ ସଂଘର ସଭାପତି ମନୋଜ ପଟ୍ଟନାୟକ, ଉପସଭାପତି ତ୍ରିମୁଳା କୁମାର ରେଡ୍ଡୀ, ସମ୍ପାଦକ ଟି. ଭେଙ୍କେଟ ରାଓ ଓ ଯୁଗ୍ମ ସମ୍ପାଦକ ଅସିତ କୁମାର ସାବତଙ୍କ ସମେତ ଜଗନ୍ନାଥ ମିଶ୍ର, ଅଜିତ ପଣ୍ଡା, ଅଜିତ ଦାଶ, ସନ୍ତୋଷ ଦାସ, ସନ୍ତୋଷ ସେଠୀ, ତାପସ ସାହୁ, ରାଜେଶ ପଟ୍ଟନାୟକ, ଶ୍ରୀକାନ୍ତ ମହାପାତ୍ର ପ୍ରମୁଖଙ୍କ ସହ ବହୁ ଆଇନଜୀବୀ ସାମିଲ ଥିଲେ।


यूनियन बैंक ऑफ़ इंडिया Union Bank of India
भारत सरकार का उपक्रम A Government of India Undertaking

**ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ**
କ୍ଷେତ୍ରୀୟ କାର୍ଯ୍ୟାଳୟ: ଭୁବନେଶ୍ୱର
୩/୧ଏ, ସିଭିକ୍ ସେଣ୍ଟର, ଆଇଆର୍‌ସି ଭିଲେଜ,
ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫

**ଡିମାଣ୍ଡ ନୋଟିସ୍**

**ସିକ୍ୟୁରିଟି ଇଣ୍ଟରେଷ୍ଟର ଏନ୍‌ଫୋର୍ସମେଣ୍ଟ ନିମନ୍ତେ ସରଫେଶୀ ଆକ୍ଟ ୨୦୦୨ର ଧାରା ୧୩(୨) ଅନୁଯାୟୀ ନୋଟିସ୍**

**ବିଷୟ: ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩(୩) ସହିତ ଧାରା ୧୩(୨) ଅନୁଯାୟୀ ନୋଟିସ୍**

ଆମେ ନିମ୍ନଲିଖିତ ଋଣଗ୍ରହୀତା/କୋ-ଆପ୍ଲିକାଣ୍ଟ/କୋ-ଓବ୍ଲିଗାଣ୍ଟ/ଗ୍ୟାରେଣ୍ଟିଦାତାମାନଙ୍କୁ ଜଣାଇ ଦେଉଛୁ କି ସେମାନେ ଆମର **ସମ୍ପୃକ୍ତ ଶାଖାରୁ** ନିମ୍ନଲିଖିତ ଋଣ ସୁବିଧା ଉପଲବ୍ଧ କରିଛନ୍ତି ଏବଂ ସେମାନେ ବକେୟା ଦେୟ / କିସ୍ତି / ସୁଧ ପରିଶୋଧ କରିନଥିବାରୁ ଭାରତୀୟ ରିଜର୍ଭ ବ୍ୟାଙ୍କର ନିର୍ଦ୍ଦେଶାବଳୀ ଅନୁସାରେ ସେମାନଙ୍କର ନିମ୍ନଲିଖିତ ଆକାଉଣ୍ଟ ଏନ୍‌ପିଏ ଶ୍ରେଣୀଭୁକ୍ତ ହୋଇଛି। କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସରଫେଶୀ ଆକ୍ଟ, ୨୦୦୨ର ଧାରା ୧୩(୨) ଅନୁଯାୟୀ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ସମ୍ପୃକ୍ତ ଶାଖାର** ଋଣଗ୍ରହୀତା/କୋ-ଆପ୍ଲିକାଣ୍ଟ/କୋ-ଓବ୍ଲିଗାଣ୍ଟ/ଗ୍ୟାରେଣ୍ଟିଦାତାମାନଙ୍କୁ ବ୍ୟାଙ୍କ ଦେୟ ପଇଠ କରିବା ନିମନ୍ତେ ଡ଼ିମାଣ୍ଡ ନୋଟିସ୍ ଜାରି କରାଯାଇଥିଲା କିନ୍ତୁ ନିମ୍ନଦର୍ଶିତ ପକ୍ଷମାନଙ୍କୁ ତାହା ପ୍ରଦାନ କରାଯାଇପାରିନଥିଲା। ତେଣୁ ଏହି ପ୍ରକାଶନଟି ସମସ୍ତ ପକ୍ଷଙ୍କୁ ଏକ ବିକଳ୍ପ ସେବା ଅଟେ। ସେମାନଙ୍କର ଆକାଉଣ୍ଟର ମୋଟ ବକେୟା ପରିମାଣ ନିମ୍ନ ଦର୍ଶିତ ସ୍ତମ୍ଭରେ ଦର୍ଶାଯାଇଛି। ସବିଶେଷ ବିବରଣୀ ନିମ୍ନରେ ପ୍ରଦତ୍ତ:

| ଶାଖା / ଋଣଗ୍ରହୀତା/କୋ-ଆପ୍ଲିକାଣ୍ଟ/ କୋ-ଓବ୍ଲିଗାଣ୍ଟ/ଗ୍ୟାରେଣ୍ଟିଦାତାଙ୍କ ନାମ ଓ ଠିକଣା | ଋଣ ପ୍ରକାର | ଏନ୍‌ପିଏ ତାରିଖ /ଡିମାଣ୍ଡ ତାରିଖ / ମୋଟ ବକେୟା | ସମ୍ପତ୍ତିଗୁଡିକର ବିବରଣୀ |
|---|---|---|---|
| **ଭୁବନେଶ୍ୱର ମୁଖ୍ୟ ଶାଖା /** ୧) ଋଣଗ୍ରହୀତା: ଶ୍ରୀ ଅମିତାଭ ଘଡେଇ / ୨) କୋ-ଓବ୍ଲିଗାଣ୍ଟ: ଶ୍ରୀମତୀ ମହେଶ୍ୱେତା ମହାପାତ୍ର, ଉଭୟଙ୍କ ଠିକଣା- ସା: ଫ୍ଲାଟ୍ ନଂ.: ୧୯୭୫/୫୩୨୪, ଆକାରପୁରୀ କଲୋନୀ, ରଥ ରୋଡ, ଓଲ୍ଡ ଟାଉନ୍, ଗୌତମ ନଗର, ଭୁବନେଶ୍ୱର, ଓଡ଼ିଶା | ୧. ୟୁନିୟନ୍ ହୋମ୍ ୨. ୟୁନିୟନ୍ ଆଶିୟାନା ବ୍ୟକ୍ତିଗତ ଋଣ | ୧୩.୦୭.୨୦୨୫ / ୧୮.୦୭.୨୦୨୫ / ୧୮.୦୭.୨୦୨୫ ସୁଦ୍ଧା ଟ.୧୯,୯୮,୨୫୯.୯୬ | ବନ୍ଧକପ୍ରାପ୍ତ ସ୍ଥାବର ସମ୍ପତ୍ତି ଯାହାର ଫ୍ଲାଟ୍ ନଂ.: ୪୦୪, ୪ର୍ଥ ମହଲା, "ଶିବଶକ୍ତି ଏନ୍‌କ୍ଲେଭ୍" ୨ ବିଏଚ୍‌କେ, କ୍ଷେତ୍ର: ୧୩୮୨ ବର୍ଗଫୁଟ, ଖାତା ନଂ.: ୧୫୯, ଅନୁରୂପ ଖାତା ନଂ.: ୩୧୧/୪୩୨, ପ୍ଲଟ୍ ନଂ.: ୩୩୧ (ସ୍ଥିତିବାନ), କିସମ: ଘରବାରୀ, ମୌଜା: କଣ୍ଡିଲୋ, ଏସ୍‌ଆରଓ: ଜଟଣୀ, ଜିଲ୍ଲା: ଖୋର୍ଦ୍ଧା |
| **ଭୁବନେଶ୍ୱର ମୁଖ୍ୟ ଶାଖା /** ୧) ଋଣଗ୍ରହୀତା: ୧(କ) ମେସର୍ସ ବିଜିନେସ୍.କମ୍, ସ୍ୱତ୍ତ୍ୱାଧିକାରୀ: ଶ୍ରୀମତୀ ବି ପି ଜୟଶ୍ରୀ ପଣ୍ଡା, ୧(ଖ) ଶ୍ରୀମତୀ ବି ପି ଜୟଶ୍ରୀ ପଣ୍ଡା / ୨) ଗ୍ୟାରେଣ୍ଟିଦାତା/ ବନ୍ଧକଦାତାମାନେ: ୨(କ) ଶ୍ରୀ ବିଶ୍ୱଜିତ୍ ସାହୁ, ପିତା: ୰ ଗୌରାଙ୍ଗ ଚରଣ ସାହୁ, ୨(ଖ) ଶ୍ରୀ ବିଶ୍ୱବିଜୟ ସାହୁ, ପିତା: ୰ ଗୌରାଙ୍ଗ ଚରଣ ସାହୁ, ସମସ୍ତଙ୍କ ଠିକଣା: ପ୍ଲଟ୍ ନଂ.: ୧୪୯୪/୧୫୨୪, ଆଇବିଏଲ୍ ହାଉସ୍, ଟଙ୍କପାଣି ରୋଡ, ବଡଗଡ ବ୍ରିଟ୍ କଲୋନୀ, ଭୁବନେଶ୍ୱର, ଓଡ଼ିଶା - ୭୫୧୦୧୮ / ୩) ମୃତକ ଗ୍ୟାରେଣ୍ଟିଦାତା/ ବନ୍ଧକଦାତା ଗୌରାଙ୍ଗ ଚରଣ ସାହୁଙ୍କ ଆଇନଗତ ଉତ୍ତରାଧିକାରୀମାନେ: ୩(କ) ଶ୍ରୀ ବିଶ୍ୱଜିତ୍ ସାହୁ, ପିତା: ୰ ଗୌରାଙ୍ଗ ଚରଣ ସାହୁ, ୩(ଖ) ଶ୍ରୀ ବିଶ୍ୱବିଜୟ ସାହୁ, ପିତା: ୰ ଗୌରାଙ୍ଗ ଚରଣ ସାହୁ, ୩(ଗ) କିରଣବାଳା ସାହୁ, ସ୍ୱାମୀ: ୰ ଗୌରାଙ୍ଗ ଚରଣ ସାହୁ, ସମସ୍ତଙ୍କ ଠିକଣା: ପ୍ଲଟ୍ ନଂ.: ୧୪୯୪/୧୫୨୪, ଆଇବିଏଲ୍ ହାଉସ୍, ଟଙ୍କପାଣି ରୋଡ, ବଡଗଡ ବ୍ରିଟ୍ କଲୋନୀ, ଭୁବନେଶ୍ୱର, ଓଡ଼ିଶା - ୭୫୧୦୧୮, ୩(ଘ) ଶ୍ରୀମତୀ ନଳିନୀ ପ୍ରଭା ସାହୁ, ପିତା: ୰ ଗୌରାଙ୍ଗ ଚରଣ ସାହୁ, ପ୍ଲଟ୍ ନଂ.: ଇ୨/୮, ୧ ନଂ. ବୃନ୍ଦାବନ କଲୋନୀ, ବଡପଡିଆ, ପାରାଦୀପ, ଜଗତସିଂହପୁର, ଓଡ଼ିଶା - ୭୫୪୧୪୨, ୩(ଙ) ମିସ୍ ନନ୍ଦିନୀ ପ୍ରଭା ସାହୁ, ପିତା: ୰ ଗୌରାଙ୍ଗ ଚରଣ ସାହୁ, ପ୍ଲଟ୍ ନଂ.: ଜିକେଭି-୫୮, ଗତି କୃଷ୍ଣ ଭିଲ୍ଲା, ବ୍ରହ୍ମେଶ୍ୱର ମନ୍ଦିର, ଟଙ୍କପାଣି ରୋଡ, ବଡଗଡ, ଭୁବନେଶ୍ୱର, ଓଡ଼ିଶା - ୭୫୧୦୧୮ | ୧. ସିସି ହାଇପୋଥିକେସନ୍ ୨. ମିଆଦୀ ଋଣ | ୨୩.୦୭.୨୦୨୫ / ୨୫.୦୭.୨୦୨୫ / ୨୪.୦୭.୨୦୨୫ ସୁଦ୍ଧା ଟ.୫,୦୧,୩୭,୬୩୭.୨୫ | ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଯାହାର (କ) ଶ୍ରୀ ବିଶ୍ୱବିଜୟ ସାହୁ, ଶ୍ରୀ ବିଶ୍ୱଜିତ୍ ସାହୁଙ୍କ ନାମରେ ଥିବା ସମ୍ପତ୍ତି ଯାହାର ମୌଜା: ତାଳପଡା, ତହସିଲ: କୁଜଙ୍ଗ, ଜିଲ୍ଲା: ଜଗତସିଂହପୁର, ଖାତା ନଂ.: ୭୫୫/୧୭୬, ପ୍ଲଟ୍ ନଂ.: ୩୫୭/୨୩୨୩, କ୍ଷେତ୍ର: ଏକର ୦.୦୫୦ ଡିସିମିଲି, (ଖ) ମୃତକ ଗୌରାଙ୍ଗ ଚରଣ ସାହୁଙ୍କ ଆଇନଗତ ଉତ୍ତରାଧିକାରୀମାନଙ୍କ ନାମରେ ଥିବା ସମ୍ପତ୍ତି ଯାହାର ମୌଜା: ତାଳପଡା, ତହସିଲ: କୁଜଙ୍ଗ, ଜିଲ୍ଲା: ଜଗତସିଂହପୁର, ଖାତା ନଂ.: ୭୫୫/୧୭୭, ପ୍ଲଟ୍ ନଂ.: ୩୫୭/୨୩୨୪, କ୍ଷେତ୍ର: ଏକର ୦.୦୪୦ ଡିସିମିଲି, (ଗ) ଶ୍ରୀ ବିଶ୍ୱବିଜୟ ସାହୁଙ୍କ ନାମରେ ଥିବା ସମ୍ପତ୍ତି ଯାହାର ମୌଜା: ତାଳପଡା, ତହସିଲ: କୁଜଙ୍ଗ, ଜିଲ୍ଲା: ଜଗତସିଂହପୁର, ଖାତା ନଂ.: ୭୫୫/୫୯, ଅନୁରୂପ ଖାତା ନଂ.: ୭୫୫/୫୧୪, ପ୍ଲଟ୍ ନଂ.: ୩୫୭/୨୫୫୭, କ୍ଷେତ୍ର: ଏକର ୦.୦୧୦ ଡିସିମିଲି |
| **ଓଏମ୍‌ସି କ୍ୟାମ୍ପସ୍ ଶାଖା /** ୧) ଋଣଗ୍ରହୀତା: ମେସର୍ସ ଜୟଦୁର୍ଗା ଟ୍ରାନ୍ସପୋର୍ଟ, ଅଂଶୀଦାରମାନେ: (କ) ଶ୍ରୀ ଶୁଭେନ୍ଦୁ କୁମାର ଦାସ, (ଖ) ଶ୍ରୀ ଚିତ୍ତରଞ୍ଜନ ଓଝା, ଉଭୟଙ୍କ ଠିକଣା-୧: ବ୍ଲକ୍-ସି, ପ୍ଲଟ୍ ନଂ.: ୨୨୯, ଜଗନ୍ନାଥ ବିହାର, ରୋଡ ନଂ.: ୬, ଝାରପଡା, ଲକ୍ଷ୍ମୀସାଗର, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା, ଠିକଣା-୨: ରୁମ୍ ନଂ.: ଏ-୧, ପ୍ଲଟ୍ ନଂ.: ୨୩୩୫/୪୦୬୧/୫୧୫୪, ସା: ଜଗତପୁର, ଗୋଲେଇ ଛକ, ଦୁର୍ଗା ମଣ୍ଡପ ନିକଟ, ଜଗତପୁର, କଟକ - ୭୫୪୦୨୧ / ୨) ଗ୍ୟାରେଣ୍ଟିଦାତା: ଶ୍ରୀ ଚିତ୍ତରଞ୍ଜନ ଓଝା (ଅଂଶୀଦାର), ପିତା: ଶ୍ରୀ ନିତ୍ୟାନନ୍ଦ ଓଝା, ସା: ବ୍ରାହ୍ମଣ ମଣିଯୋରି, କଟକ, ଓଡ଼ିଶା - ୭୫୪୨୦୬ / ୩) ବନ୍ଧକଦାତା: ଶ୍ରୀ ଶୁଭେନ୍ଦୁ କୁମାର ଦାସ (ପରିଚାଳନା ଅଂଶୀଦାର), ପିତା: କୃଷ୍ଣ ଚନ୍ଦ୍ର ଦାସ, ଗୋପିନାଥପୁର, ପଧାନପଡା, କଟକ, ଓଡ଼ିଶା - ୭୫୪୨୦୦ | ଏସ୍‌ଓଡିଜିଇଏନ୍ | ୨୯.୦୫.୨୦୨୫ / ୨୧.୦୭.୨୦୨୫ / ୩୦.୦୬.୨୦୨୫ ସୁଦ୍ଧା ଟ.୫୫,୦୫,୧୯୯.୫୧ | ଶୁଭେନ୍ଦୁ କୁମାର ଦାସଙ୍କ ନାମରେ ଥିବା ବାସୋପଯୋଗୀ ଜମି ଯାହାର ଖାତା ନଂ.: ୨୬୬/୧୮୦୨, ପ୍ଲଟ୍ ନଂ.: ୯୦୩/୨୩୮୭, ମୌଜା: ଅନନ୍ତପୁର, ଥାନା: ବାଲିଅନ୍ତା ନଂ.: ୮, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା, କ୍ଷେତ୍ର: ଏକର ୦.୦୪୦ ଡିସିମିଲି କିମ୍ବା ୧୭୪୨ ବର୍ଗଫୁଟ, ଏହାର ଚାରିପାର୍ଶ୍ୱରେ ଉତ୍ତର: ପ୍ଲଟ୍ ନଂ.: ୯୦୨, ଦକ୍ଷିଣ: ରାସ୍ତା, ପୂର୍ବ: ପ୍ଲଟ୍ ନଂ.: ୯୦୪, ପଶ୍ଚିମ: ପ୍ଲଟ୍ ନଂ.: ୯୦୩ର ଅବଶିଷ୍ଟ |
| **ରସୁଲଗଡ ଶାଖା /** ୧) ଋଣଗ୍ରହୀତା/ଆପ୍ଲିକାଣ୍ଟ/ବନ୍ଧକଦାତା: ୧(କ) ଶ୍ରୀ ବିରଞ୍ଚି ନାରାୟଣ ବେହେରା / ୧(ଖ) କୋ-ଆପ୍ଲିକାଣ୍ଟ / ବନ୍ଧକଦାତା: ଶ୍ରୀ ରବିନ୍ଦ୍ର କୁମାର ବେହେରା, ଉଭୟଙ୍କ ଠିକଣା- ସା: ପ୍ଲଟ୍ ନଂ.: ୨୭୧, ସା: ନହରକଣ୍ଟା, ମଞ୍ଚେଶ୍ୱର, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା - ୭୫୨୧୦୧ | ଏଚ୍‌ଏଲ୍‌ପିଜିଏନ୍ | ୨୯.୦୭.୨୦୨୫ / ୦୧.୦୮.୨୦୨୫ / ୩୧.୦୭.୨୦୨୫ ସୁଦ୍ଧା ଟ.୧୯,୫୫,୭୩୭.୧୨ | ଶ୍ରୀ ବିରଞ୍ଚି ନାରାୟଣ ବେହେରା ଏବଂ ଶ୍ରୀ ରବିନ୍ଦ୍ର କୁମାର ବେହେରାଙ୍କ ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୨୭୧/୨୧୮୧/୨୭୬୫, ଖାତା ନଂ: ୬୦୯/୮୪୩, କ୍ଷେତ୍ର: ଏକର ୦.୦୩୦ ଡିସିମିଲି ଏବଂ ପ୍ଲଟ୍ ନଂ.: ୨୭୧, ଖାତା ନଂ: ୭୨୦/୧୧୦, କ୍ଷେତ୍ର: ଏକର ୦.୦୧୫ ଡିସିମିଲି, ମୋଟ କ୍ଷେତ୍ର: ଏକର ୦.୦୪୫ ଡିସିମିଲି, ଉପରୋକ୍ତ ୨ଟି ପ୍ଲଟ୍‌ର ମୌଜା: ନହରକଣ୍ଟା, ମଞ୍ଚେଶ୍ୱର, ତହସିଲ: ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଏହାର (କାଗଜାତ୍ ଅନୁଯାୟୀ)ଚାରିପାର୍ଶ୍ୱରେ ଉତ୍ତର: ରାସ୍ତା, ଦକ୍ଷିଣ: କୈଳାସ ଚନ୍ଦ୍ର ସାହୁ ଏବଂ ଅନ୍ୟମାନେ, ପୂର୍ବ: ସବ୍ ପ୍ଲଟ୍ ନଂ.: ½, ପଶ୍ଚିମ: କୈଳାସ ଚନ୍ଦ୍ର ସାହୁ ଏବଂ ଅନ୍ୟମାନେ |
| **ଖୋର୍ଦ୍ଧା ଶାଖା /** ୧) ଋଣଗ୍ରହୀତା/ବନ୍ଧକଦାତା: ଶ୍ରୀମତୀ ବୈଜୟନ୍ତୀ ରାଣୀ ତ୍ରିପାଠୀ, ମେସର୍ସ ପାପାଲି ପେପର ପ୍ରଡକ୍ଟସ୍‌ର ସ୍ୱତ୍ତ୍ୱାଧିକାରୀ, ଠିକଣା-୧: ସ୍ୱାମୀ: ସତ୍ୟବ୍ରତ ମିଶ୍ର, ପ୍ଲଟ୍ ନଂ.: ୪୯୩, ରଘୁନାଥ ନଗର, ଶୁକ ବିହାର, ଶନି ମନ୍ଦିର ନିକଟ, ଭୁବନେଶ୍ୱର, ପୋ: ଡୁମୁଡୁମା ଏଚ୍‌ବି କଲୋନୀ, ଜିଲ୍ଲା: ଖୋର୍ଦ୍ଧା, ପିନ୍ - ୭୫୧୦୧୯, ଠିକଣା-୨: ସ୍ୱାମୀ: ସତ୍ୟବ୍ରତ ମିଶ୍ର, ମଲ୍ଲିପୁର, ଗଡନିଆଳ, ଖାତା ନଂ.: ୩୭୫/୫୬, ପ୍ଲଟ୍ ନଂ.: ୭୦୧/୧୦୭୪, ଖୋର୍ଦ୍ଧା, ଓଡ଼ିଶା, ପିନ୍ - ୭୫୨୦୫୫ / ୨) ଗ୍ୟାରେଣ୍ଟିଦାତା: ଶ୍ରୀ ସତ୍ୟବ୍ରତ ମିଶ୍ର, ଠିକଣା-୧: ପିତା: ସଚ୍ଚିଦାନନ୍ଦ ମିଶ୍ର, ପ୍ଲଟ୍ ନଂ.: ୪୯୩, ରଘୁନାଥ ନଗର, ଶୁକ ବିହାର, ଶନି ମନ୍ଦିର ନିକଟ, ଭୁବନେଶ୍ୱର, ପୋ: ଡୁମୁଡୁମା ଏଚ୍‌ବି କଲୋନୀ, ଜିଲ୍ଲା: ଖୋର୍ଦ୍ଧା, ପିନ୍ - ୭୫୧୦୧୯, ଠିକଣା-୨: ପିତା: ସଚ୍ଚିଦାନନ୍ଦ ମିଶ୍ର, ମଲ୍ଲିପୁର, ଗଡନିଆଳ, ଖାତା ନଂ.: ୩୭୫/୫୬, ପ୍ଲଟ୍ ନଂ.: ୭୦୧/୧୦୭୪, ଖୋର୍ଦ୍ଧା, ଓଡ଼ିଶା, ପିନ୍ - ୭୫୨୦୫୫ | କ୍ୟାଶ୍ କ୍ରେଡିଟ୍ | ୨୬.୦୬.୨୦୨୫ / ୨୮.୦୭.୨୦୨୫ / ୨୮.୦୭.୨୦୨୫ ସୁଦ୍ଧା ଟ.୬୮,୭୭,୯୧୧.୩୭ | ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୭୦୧/୧୦୭୪, ବର୍ତ୍ତମାନର ଖାତା ନଂ.: ୩୭୫/୫୬, କ୍ଷେତ୍ର: ଏକର ୦.୨୮୦ ଡିସିମିଲି, ମୌଜା: ମଲ୍ଲିପୁର, ତହସିଲ: ଖୋର୍ଦ୍ଧା, ଜିଲ୍ଲା: ଖୋର୍ଦ୍ଧା, କିସମ: ପତିତ, ସ୍ୱତ୍ୱ: ସ୍ଥିତିବାନ, ଏହାର ଚାରିପାର୍ଶ୍ୱରେ ଉତ୍ତର/ଦକ୍ଷିଣ/ପଶ୍ଚିମ: ସରକାରୀ ରାସ୍ତା, ପୂର୍ବ: ବିରଞ୍ଚି ନାରାୟଣ ମିଶ୍ର |
| **ପୁବାଶାସନ ଶାଖା /** ୧) ଋଣଗ୍ରହୀତା: ଶ୍ରୀ ତଥାଗତ ଭରଦ୍ୱାଜ, ପିତା: ଆର୍ତ୍ତତ୍ରାଣ ଜେନା / ୨) ଗ୍ୟାରେଣ୍ଟିଦାତା/ବନ୍ଧକଦାତା: ୨(କ) ଶ୍ରୀ ଆର୍ତ୍ତତ୍ରାଣ ଜେନା, ପିତା: ୰ କୁଞ୍ଜ ବିହାରୀ ଜେନା, ୨(ଖ) ଶ୍ରୀ ମନ ଆନନ୍ଦ ସାଗର, ପିତା: ଶ୍ରୀ ଆର୍ତ୍ତତ୍ରାଣ ଜେନା, ସମସ୍ତଙ୍କ ଠିକଣା- ସା/ଗ୍ରାମ: କାକରୁଦ୍ରପୁର, ପୋ: ବାଲିଅନ୍ତା, ଥାନା: ବାଲିଅନ୍ତା, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା - ୭୫୨୧୦୨ | ମିଆଦୀ ଋଣ | ୦୧.୦୬.୨୦୨୫ / ୨୮.୦୭.୨୦୨୫ / ୨୮.୦୭.୨୦୨୫ ସୁଦ୍ଧା ଟ.୧୭,୬୨,୦୮୮.୩୫ | ପଞ୍ଜିକୃତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୬୯୦, ବର୍ତ୍ତମାନର ଖାତା ନଂ.: ୨୩, କ୍ଷେତ୍ର: ଏକର ୦.୧୩୦ ଡିସିମିଲି, ମୌଜା: କାକରୁଦ୍ରପୁର, ତହସିଲ: ବାଲିଅନ୍ତା, ଜିଲ୍ଲା: ଖୋର୍ଦ୍ଧା, କିସମ: ଘରବାରୀ, ସ୍ୱତ୍ୱ: ସ୍ଥିତିବାନ, ଏହାର ଚାରିପାର୍ଶ୍ୱରେ ଉତ୍ତର: ବାରି, ଦକ୍ଷିଣ: ସର୍ବସାଧାରଣ ରାସ୍ତା, ପଶ୍ଚିମ: ରାଜ କିଶୋର ଜେନା, ପୂର୍ବ: ବିମଳ ଚନ୍ଦ୍ର ଜେନା |
| **ଶ୍ରୀକ୍ଷେତ୍ର ଶାଖା /** ୧) ଋଣଗ୍ରହୀତା/ବନ୍ଧକଦାତା: ନିବେଦିତା ମିଶ୍ର, ସ୍ୱାମୀ: ୰ ନାରାୟଣ ପ୍ରସାଦ ମିଶ୍ର, ମାତୃନିଳୟ ଗ୍ରେସ୍ ସିଟି, ହରିହର ବିହାର, ଗୁଣ୍ଡିଚା ମନ୍ଦିର ପଛପାର୍ଶ୍ୱ, ଥାନା: କୁମ୍ଭାରପଡା, ପୋ: ପୁରୀ, ଜିଲ୍ଲା: ପୁରୀ, ପିନ୍ - ୭୫୨୦୦୨ / ୨) କୋ-ଓବ୍ଲିଗାଣ୍ଟ/ଗ୍ୟାରେଣ୍ଟିଦାତା: ଶ୍ରୀମତୀ ସ୍ମିତା ମହାନ୍ତି, ସ୍ୱାମୀ: ଅଶେଷ କୁମାର ମହାନ୍ତି, ଠିକଣା-୧: ସା: ସାଇ ନାରାୟଣ ବିଦ୍ୟାମନ୍ଦିର, ନବକଳେବର ରୋଡ, ଜିଲ୍ଲା: ପୁରୀ - ୭୫୨୦୦୨, ଠିକଣା-୨: ସା: ସନ୍ତୋଷୀ ନଗର, ମଧୁପାଟଣା, କଟକ - ୭୫୩୦୧୦ | ୧. ଗୃହ ଋଣ ୨. ବନ୍ଧକ ଋଣ | ୨୯.୦୫.୨୦୨୫ / ୨୮.୦୭.୨୦୨୫ / ୨୮.୦୭.୨୦୨୫ ସୁଦ୍ଧା ଟ.୧୯,୪୮,୧୦୧.୩୭ | ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୬୯୩/୪୦୭୭, ଖାତା ନଂ.: ୫୨୧/୨୦୫୫, କ୍ଷେତ୍ର: ଏକର ୦.୦୨୯ ଡିସିମିଲି, ମୌଜା: ବାଲୁଖଣ୍ଡ, ଜିଲ୍ଲା: ପୁରୀ, କିସମ: ଘରବାରୀ |

ସରଫେଶୀ ଆକ୍ଟ ୨୦୦୨ର ଧାରା ୧୩(୨) ଅନୁଯାୟୀ ଆପଣମାନଙ୍କୁ ଉପରଦର୍ଶିତ ସ୍ତମ୍ଭରେ ଲିଖିତ ମୋଟ ବକେୟା ପରିମାଣ ସହିତ ଚୁକ୍ତି ହାରରେ ପରବର୍ତ୍ତୀ ସୁଧ ଏବଂ ଦେୟ, ଆପଣମାନଙ୍କ ଦ୍ୱାରା ସମ୍ପାଦିତ ଋଣ କାଗଜାତ୍‌ର ନିୟମ ଓ ସର୍ତ୍ତାବଳୀ ଅନୁଯାୟୀ ସମ୍ପୂର୍ଣ୍ଣ ବକେୟା ପରିମାଣ ଏହି ନୋଟିସ୍ ପାଇବାର **୬୦ ଦିନ** ମଧ୍ୟରେ ପୈଠ କରିବାକୁ ପଡ଼ିବ। ଅନ୍ୟଥା ଆମେ କଥିତ ବନ୍ଧକପ୍ରାପ୍ତ ସମ୍ପତ୍ତିଗୁଡିକୁ କଥିତ ଆକ୍ଟରେ ଦିଆଯାଇଥିବା କୌଣସି କିମ୍ବା ସମସ୍ତ ଅଧିକାରର ପ୍ରୟୋଗ କରି ନିଜ ଦଖଲକୁ ନେବାକୁ ବାଧ୍ୟ ହେବୁ । ଆକ୍ଟର ଧାରା ୧୩(୧୩) ଅନୁଯାୟୀ ଆପଣମାନେ ଏହି ନୋଟିସ୍ ପାଇବା ପରେ ବ୍ୟାଙ୍କର ବିନା ଅନୁମତିରେ ଉପରବର୍ଣ୍ଣିତ ବନ୍ଧକ ସମ୍ପତ୍ତିଗୁଡିକୁ ବିକ୍ରୟ କିମ୍ବା ସମ୍ପତ୍ତିଗୁଡିକ ସହିତ କୌଣସି ପ୍ରକାର କାରବାର କରିପାରିବେ ନାହିଁ। **ଏତଦ୍‌ଦ୍ୱାରା ଆପଣମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ସରଫେଶୀ ଆକ୍ଟର ଧାରା ୧୩ ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିଗୁଡିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରିପାରିବେ।**

ସ୍ଥାନ: ଭୁବନେଶ୍ୱର
ତାରିଖ: ୦୬.୦୮.୨୦୨୫

ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ
ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

# ବିଜୁ ଯୁବ ଛାତ୍ର ଜନତା ଦଳ ପକ୍ଷରୁ ପ୍ରତିବାଦ




ପାଣିକୋଇଲି, ୬।୮ (ସମିସ): ରାଜ୍ୟରେ ଏବେ ବିପର୍ଯ୍ୟସ୍ତ ହୋଇପଡ଼ିଛି ଆଇନଶୃଙ୍ଖଳା। ପ୍ରତିଦିନ ନାରୀ ନିର୍ଯାତନା ଘଟଣା ସାମ୍ନାକୁ ଆସୁଛି। ବିଶେଷ କରି ମହିଳା ଓ ଛାତ୍ରୀମାନଙ୍କ ବିରୋଧରେ ନାନା ଅପରାଧ ଘଟୁଥିଲେ ମଧ୍ୟ ଅପରାଧୀ ମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନି। ଏହାର ପ୍ରତିବାଦରେ ଯାଜପୁର ବିଜୁ ଯୁବ ଓ ଛାତ୍ର ଜନତା ଦଳ ପକ୍ଷରୁ ବିକ୍ଷୋଭ କରାଯାଇଛି। ଜିଲ୍ଲାର ୭ଟି ବିଧାନସଭା କ୍ଷେତ୍ର ତଥା ୧୦ଟି ବ୍ଲକ ଓ ୨ଟି ପୌରାଞ୍ଚଳରୁ ଯୁବ ଛାତ୍ରମାନେ ପାଣିକୋଇଲି ବଜାରରେ ଏକାଠି ହେବା ପରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ସରକାର କୌଣସି ପଦକ୍ଷେପ ନ ନେଲେ ବିଜୁ ଜନତା ଦଳର ଯୁବ ଛାତ୍ର ଗୋଷ୍ଠୀ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଥିଲେ। ଯୁବନେତା ଭବ ପ୍ରସାଦ ଦାସଙ୍କ ନେତୃତ୍ୱରେ ହଜାର ହଜାର ଯୁବ ଓ ଛାତ୍ର ପ୍ରତିନିଧି ଏଥିରେ ସାମିଲ ହୋଇଥିଲେ। ଏହି ଅବସରରେ ୧୦ ଜଣିଆ ପ୍ରତିନିଧି ମଣ୍ଡଳୀ ସୌମ୍ୟରଞ୍ଜନ ବିଶ୍ୱାଳ, ପ୍ରତାପ ମହାନ୍ତି, କ୍ଷିତିଶ ବିଶ୍ୱାଳ, ଗଣେଶ୍ୱର ବରାଳ, ଲେଲିନ ଦାସ, ଚିତ୍ତରଞ୍ଜନ ବେହେରା, ଚନ୍ଦ୍ରଶେଖର ସାମଲ, ଦେବୀପ୍ରସାଦ ମହାନ୍ତି, ବ୍ୟାସଦେବ ରାଉତ ପ୍ରମୁଖ ଯାଜପୁର ଏସ୍‌ପି ଯଶ ପ୍ରତାପ ଶ୍ରୀମଲଙ୍କୁ ଭେଟି ଡିଜିପିଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୌମ୍ୟ ରଞ୍ଜନ ଧଳ, ପ୍ରଶାନ୍ତ ପଣ୍ଡା, ପ୍ରଫୁଲ୍ଲ ଦାସ, ଭକ୍ତବତ୍ସଳ ସ୍ୱାଇଁ, ତାରକେଶ୍ୱର ମହାନ୍ତି, ରାକେଶ ମହାନ୍ତି, ମୁଜବିର ରହେମାନ, ସ୍ୱପ୍ନାନନ୍ଦ ଦାସଙ୍କ ସମେତ ସହସ୍ରାଧିକ ଯୁବ ଛାତ୍ରନେତା ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

ଧର୍ମଶାଳା: ଧର୍ମଶାଳା ବିଜୁ-ଯୁବ ଛାତ୍ର ଜନତା ଦଳ ତରଫରୁ ପୁଲିସ ମହାନିର୍ଦ୍ଦେଶକଙ୍କ ଉଦ୍ଦେଶ୍ୟରେ ଧର୍ମଶାଳା ଥାନାଧିକାରୀଙ୍କ ଜରିଆରେ ସ୍ମାରକପତ୍ର ପ୍ରଦାନ କରାଯାଇଛି। ରାଜ୍ୟରେ ଆଇନ ଶୃଙ୍ଖଳା ଦିନକୁ ଦିନ ବିପର୍ଯ୍ୟସ୍ତ ହୋଇପଡୁଛି। ମହିଳାମାନଙ୍କୁ ଅସଦାଚରଣ, ଦୁଷ୍କର୍ମ, ଅପହରଣ, ହତ୍ୟା ଘଟଣା ପ୍ରତିଦିନ ଖବର କାଗଜରେ ଶିରୋନାମା ପାଲଟିଛି। ଯାଜପୁର ଜିଲ୍ଲା ଛାତ୍ର ବିଜେଡି ସଭାପତି ସୌମ୍ୟପ୍ରକାଶ ବିଶ୍ୱାଳ, ଧର୍ମଶାଳା ଯୁବ ବିଜେଡି ସଭାପତି କ୍ଷିତୀଶ ନାୟକ, ବ୍ଲକ ଛାତ୍ର ବିଜେଡି ସଭାପତି ଜଗଦାନନ୍ଦ ରାଉତ, ନିର୍ବାଚନ ମଣ୍ଡଳୀ ଯୁବ ବିଜେଡି ସଭାପତି ସୁବ୍ରତ ଧଳ ସମେତ ବହୁ ଯୁବଛାତ୍ର ନେତା ଉପସ୍ଥିତ ରହି ଧର୍ମଶାଳା ଥାନାଧିକାରୀ ରଞ୍ଜନ କୁମାର ମାଝୀଙ୍କୁ ସ୍ମାରକପତ୍ର ପ୍ରଦାନ କରିଥିଲେ।

## ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ଅଧ୍ୟକ୍ଷଙ୍କୁ ମରଣାନ୍ତକ ଆକ୍ରମଣ

# ଅଭିଯୁକ୍ତଙ୍କୁ ଗିରଫ ଦାବିରେ ବିଦ୍ୟାଳୟ ଆଗରେ ଧାରଣା

ଦାନଗଦ, ୬।୮ (ସମିସ)



ଯାଜପୁର ଜିଲ୍ଲା ଦାନଗଦି ବ୍ଲକ ଅଧୀନରେ ରାମ୍ପିଲୋ ଠାରେ ଥିବା ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟରେ ଅଧ୍ୟକ୍ଷ ଅମ୍ବିକା ପ୍ରସାଦ ପାଢ଼ୀଙ୍କୁ ଜଣେ ଠିକାଦାର ମରଣାନ୍ତକ ଆକ୍ରମଣକରିଥିବାଅଭିଯୋଗହୋଇଛି।ଅଧ୍ୟକ୍ଷ ଶ୍ରୀ ପାଢ଼ୀ ଘରେ ନ ଥିବା ବେଳେ ବିଦ୍ୟାଳୟ ମରାମତି କାମ ନେଇଥିବା ଠିକାଦାର ପ୍ରଭୁଦତ୍ତ ସାମଲ ଓ ଅନ୍ୟ କିଛି ଯୁବକ ତାଙ୍କ କ୍ୱାଟର ନିକଟରେ ପହଞ୍ଚି ଅଧ୍ୟକ୍ଷଙ୍କୁ ଖୋଜିଥିଲେ। ତାଙ୍କ ପତ୍ନୀ ଭାର୍ଗବୀ ପାଢ଼ୀ ସାର୍ ଘରେ ନାହାଁନ୍ତି। ଯାଜପୁର ଟାଉନକୁ ଯାଇଛନ୍ତି ବୋଲି କହିବାରୁ ତାଙ୍କୁ ମଧ୍ୟ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରି ବିଦ୍ୟାଳୟ ବାହାରେ ଅଧ୍ୟକ୍ଷଙ୍କ ଫେରିବାକୁ ଅପେକ୍ଷା କରିଥିଲେ। ଏଥିରେ ଭୟଭୀତ ହୋଇ ଶ୍ରୀମତୀ ପାଢ଼ୀ ତାଙ୍କ ସ୍ୱାମୀଙ୍କୁ ଫୋନ ଯୋଗେ ଘଟଣା ସମ୍ପର୍କରେ ଜଣାଇଥିଲେ। ଅଧ୍ୟକ୍ଷ ବିଦ୍ୟାଳୟ ଫାଟକ ନିକଟରେ ପହଞ୍ଚିବା କ୍ଷଣି ତାଙ୍କ ଉପରକୁ ଆକ୍ରମଣ ଆରମ୍ଭ କରି ନିସ୍ଥୁକ ମାଡ଼ ମାରିବା ସହ ରକ୍ତାକ୍ତ କରିଦେଇଥିଲେ। ପରେ ଘଟଣାକୁ ପୁଲିସକୁ ନ ଜଣେଇବାକୁ ଚେତାବନୀ ଦେଇଥିଲେ। କିଛି ସମୟ ପରେ ଅଧ୍ୟକ୍ଷ ଶ୍ରୀ ପାଢ଼ୀ ଦାନଗଦି ଡାକ୍ତରଖାନାକୁ ଯାଇ ଚିକିତ୍ସିତ ହେବା ପରେ ଯାଜପୁର ଆଦର୍ଶ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଆକ୍ରମଣକାରୀଙ୍କୁ ଗିରଫ ଦାବି ସହ ଅନ୍ୟାନ୍ୟ ଦାବିକୁ ନେଇ ଆଜି ବିଦ୍ୟାଳୟର ଶିକ୍ଷକ-ଶିକ୍ଷୟିତ୍ରୀମାନେ ପାଠପଢ଼ା ବନ୍ଦ କରି ବିଦ୍ୟାଳୟ ସମ୍ମୁଖରେ ଧାରଣାରେ ବସିରହିଛନ୍ତି। ସେମାନଙ୍କ ଦାବି ଗୁଡ଼ିକ ହେଲା ଅଧ୍ୟକ୍ଷଙ୍କୁ ଆକ୍ରମଣ କରିଥିବା ଠିକାଦାର ପ୍ରଭୁଦତ୍ତ ସାମଲଙ୍କୁ ତୁରନ୍ତ ଗିରଫ କାରାଯାଉ, ଠିକାଦାରଙ୍କ ଲାଇସେନ୍ସକୁ ବାତିଲ କରାଯାଉ, ୭ ଦିନ ମଧ୍ୟରେ ନୂତନ ଠିକାଦାର ନିଯୁକ୍ତି ଦିଆଯାଇ ବାକି ରହିଥିବା କାମ ସବୁକୁ ଶେଷ କରାଯାଉ, ବିଦ୍ୟାଳୟରେ ସୁରକ୍ଷା ବ୍ୟବସ୍ଥା ଯୋଗାଇ ଦିଆଯାଉ। ଖବର ପାଇ ଦାନାଗଦି ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ମଙ୍ଗୁଳି ଚରଣ ସାମଲ ଓ ଦାନଗଦି ଫାଣ୍ଡି ଅଧିକାରୀ ଅମୂଲ୍ୟ ମିଶ୍ର ଆଜି ଧାରଣାସ୍ଥଳରେ ପହଞ୍ଚି ସେମାନଙ୍କୁ ବୁଝାସୁଝା କରିଥିଲେ। ହେଲେ ସେମାନେ ନିଜ ଜିଦରେ ଅଟଳ ଥିଲେ। ଜିଲ୍ଲାପାଳ ନ ଆସି ଆଲୋଚନା ନ କଲା ପର୍ଯ୍ୟନ୍ତ ଆନ୍ଦୋଳନ ଜାରିରହିବ ବୋଲି କହିଥିଲେ। ଫଳରେ ଆଜି ବିଦ୍ୟାଳୟରେ ପାଠପଢ଼ା ସମ୍ପୂର୍ଣ୍ଣ ଭାବେ ଠପ ହୋଇଯାଇଥିଲା।

## ମହିଳାଙ୍କୁ ଦୁଷ୍କର୍ମ ଅଭିଯୋଗରେ ଯୁବକ ଗିରଫ

ସୁକିନ୍ଦା, ୬।୮ (ସମିସ): ସୁକିନ୍ଦା ଥାନା ଅଞ୍ଚଳର ଜଣେ ବିବାହିତା ମହିଳାଙ୍କ ସହ ଜୋର୍ ଜବରଦସ୍ତ ଶାରୀରିକ ସମ୍ପର୍କ ରଖିବା ଅଭିଯୋଗରେ ପୁଲିସ ବୈରିମାଳ ଗ୍ରାମ ସିପୁ ପ୍ରଧାନ(୨୬) ନାମକ ଯୁବକକୁ ଗିରଫ କରି କୋର୍ଟଚାଲାଣ କରିଥିବା ଜଣାପଡ଼ିଛି। ସୂଚନା ମୁତାବକ ବୈରିମାଳ ଗ୍ରାମ ହୃଷୀକେଶ ପ୍ରଧାନଙ୍କ ପୁଅ ସିପୁ ସ୍ଥାନୀୟ ଅଞ୍ଚଳର ଜଣେ ବିବାହିତା ମହିଳାଙ୍କ ଘରେ ପଶି ଦୁଷ୍କର୍ମ କରିଥିବା ନେଇ ମହିଳା ମଙ୍ଗଳବାର ସୁକିନ୍ଦା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ଘଟଣାର ତଦନ୍ତ କରିବା ସହ ଏକ ମାମଲା ରୁଜୁ କରି ସିପୁକୁ ଗିରଫ କରି ବୁଧବାର ଦିନ କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି।

## ବ୍ୟାଟେରି ଚୋରି ଅଭିଯୋଗରେ ୨ ଗିରଫ

ପାଣିକୋଇଲି, ୬।୮ (ସମିସ): ପାଣିକୋଇଲି ପୁଲିସ ବ୍ୟାଟେରି ଚୋରି ଅଭିଯୋଗରେ ଆଜି ୨ ଜଣଙ୍କୁ ଗିରଫ କରି ଅଦାଲତ ଚାଲାଣ କରିଛି। ପାଣିକୋଇଲି ଥାନା ଅନ୍ତର୍ଗତ ୨୦ ନମ୍ବର ଜାତୀୟ ରାଜପଥ କଡରେ ଚାନ୍ଦପୁର ଛକ ନିକଟରେ ଘରକରିଥିବା ପ୍ରଫୁଲ୍ଲ ସମାଲ ତାଙ୍କ ଘର ସମ୍ମୁଖରେ ତାଙ୍କ ଟ୍ରକ୍ ରଖିଥିଲେ। ଉକ୍ତ ଟ୍ରକରୁ ପାଣିକୋଇଲି ଥାନା ଅନ୍ତର୍ଗତ କରଦା ପଞ୍ଚାୟତ ବର୍ତ୍ତମଣା ଗ୍ରାମର ସୁଦର୍ଶନ ମଲିକ (୨୬) ଓ ଯାଜପୁରରୋଡ ଥାନା ଅନ୍ତର୍ଗତ ବ୍ୟାସନଗର ପୌରାଞ୍ଚଳର ଝାଟିଆସାହି ଗ୍ରାମର ବିଶ୍ୱଜିତ ଜେନା (୨୫) ଆସି ଟ୍ରକରୁ ବ୍ୟାଟେରି ଚୋରି କରୁଥିବା ଅବସ୍ଥାରେ ଧରାପଡ଼ିଥିଲେ। ସ୍ଥାନୀୟ ଲୋକ ପ୍ରଫୁଲ୍ଲଙ୍କ ସହ ମିଶି ତାଙ୍କୁ ପୁଲିସ ଜିମା ଦେଇଥିଲେ। ଏନେଇ ଏକ ମାମଲା ୨୪୯/୨୫ ରୁଜୁ କରି ଆଜି ଦୁଇ ଅଭିଯୁକ୍ତଙ୍କୁ ଅଦାଲତ ଚାଲାଣ କରାଯାଇଛି।

## ଦେଶୀ ମଦ ଜବତ; ଜଣେ ଗିରଫ

ପାଣିକୋଇଲି, ୬।୮ (ସମିସ): ପାଣିକୋଇଲି ପୁଲିସ ଆଜି ଜଣେ ମଦ ବେପାରି ଠାରୁ ମଦ ଜବତ କରିବା ସହ ତାକୁ ଅଦାଲତ ଚାଲାଣ କରିଛି। ପ୍ରକାଶଯେ ଜହ୍ନା ପଞ୍ଚାୟତର ତାଲୁଙ୍ଗା ଛକରେ ଦେଶୀ ମଦର ଖବର ପାଇ ପୁଲିସ ଚଢ଼ଉ କରିଥିଲା। ଚଢାଉ ସମୟରେ ତାଲୁଗା ଗ୍ରାମର ଜଗୁଲୁ ମୁଣ୍ଡା (୪୭) ମଦ ବିକ୍ରି କରୁଥିବା ବେଳେ ପୁଲିସ ଧରିବାରେ ସକ୍ଷମ ହୋଇଥିଲା। ତା' ନିକଟରୁ ୧୦ ଲିଟର ମଦ ଜବତ କରିବା ସହ ସହ ତାକୁ ଗିରଫ କରିଥିଲେ। ଏନେଇ ଏକ ମାମଲା ୨୫୦/୨୫ରୁଜୁ କରାଯାଇ ଦଫା ୫୨(ଏ) ଓଡ଼ିଶା ଏକ୍ସସାଇଜ ଆକ୍ଟରେ ଅଦାଲତ ଚାଲାଣ କରାଯାଇଛି।

## ବାଇକ୍ ଚୋରି ଅଭିଯୋଗ

ପାଣିକୋଇଲି, ୬।୮ (ସମିସ): ପାଣିକୋଇଲି ଥାନା ଅନ୍ତର୍ଗତ ମୂଳାପାଳ ପଞ୍ଚାୟତ ସରସଦା ଗ୍ରାମ ନଦୀ ବନ୍ଧରୁ ଏକ ବାଇକ ଚୋରି ଅଭିଯୋଗ ହୋଇଛି। ପ୍ରକାଶଯେ ସରସଦା ଗ୍ରାମର ଚନ୍ଦ୍ରମଣି ସାହୁ ତାଙ୍କ ବାଇକ ନଦୀବନ୍ଧରେ ରଖି ବିଲକୁ ଯାଇଥିଲେ। ବିଲରୁ ଆସି ଦେଖିବା ବେଳକୁ ତାଙ୍କ ବାଇକଟି ଚୋରି ହୋଇଛି। ଏନେଇ ଚନ୍ଦ୍ରମଣି ପାଣିକୋଇଲି ଥାନାରେ ଅଭିଯୋଗ କରିବା ପରେ ତଦନ୍ତ ଜାରି ରହିଛି।

## ସାପ କାମୁଡ଼ାରେ ମହିଳା ଗୁରୁତର

ସୁକିନ୍ଦା, ୬।୮ (ସମିସ): ସୁକିନ୍ଦା ଥାନା ଅନ୍ତର୍ଗତ ଆମ୍ବପାଳ ଗ୍ରାମ ପାଖ ଚାଷ ଜମିରେ ବିଷଧର ସାପ କାମୁଡ଼ାରେ ଜଣେ ମହିଳା ମହିଳା ଆହତ ଅବସ୍ଥାରେ କଟକ ସ୍ଥାନାନ୍ତରିତ ହୋଇଥିବା ଜଣାପଡ଼ିଛି। ସୂଚନା ମୁତାବକ ଶାନ୍ତନୁ ମହନ୍ତଙ୍କ ପତ୍ନୀ ଜୟନ୍ତୀ ମହାନ୍ତ ଆମ୍ବପାଳ ଗ୍ରାମ ପାଖ ଚାଷ ଜମିରେ ଚାଷ କାର୍ଯ୍ୟ କରୁଥିବା ସମୟରେ ସର୍ପାଘାତର ଶୀକାର ହୋଇ ଗୁରୁତର ଆହତ ହୋଇଥିଲେ। ପରିବାର ଲୋକେ ତୁରନ୍ତ ଜୟନ୍ତୀଙ୍କୁ ଉଦ୍ଧାର କରି ସୁକିନ୍ଦା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ତାଙ୍କ ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ କଟକ ବଡ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଛି।

# ପୁଣି ଧାରଣା ଦେଲେ ୬ କାଉନସିଲର

**ବ୍ୟାସନଗର ପୌର ପରିଷଦ**

ବ୍ୟାସନଗର, ୬।୮ (ସମିସ): ଯେତେ ପ୍ୟାଚ ପକେଇଲେ ବି ବ୍ୟାସନଗର ପୌର ପରିଷଦରେ ପାରିଷଦମାନଙ୍କ ମଧ୍ୟରେ ପୁଣି ଫାଟ ଦିଶୁଛି। ଗତ କିଛି ମାସ ହେବ ବ୍ୟାସନଗର ସହରର ବିକାଶ ନିମନ୍ତେ ହେବାକୁ ଥିବା ଟେଣ୍ଡର ବିବାଦ ନେଇ ରାଜ୍ୟରେ ହଇଚଇ ସୃଷ୍ଟି ହୋଇଥିବା ବେଳେ ଏହାକୁ ନେଇ ବିଜେଡିର ୧୯ ଜଣ ପାରିଷଦ ୫ ଦିନ ଧରି ଧାରଣା ଦେବା ପରେ ନିଜେ ନିର୍ବାହୀ ଅଧିକାରୀ ଅଗଷ୍ଟ ୧୨ ତାରିଖ ମଧ୍ୟରେ ଟେଣ୍ଡର ପାରିତ ନେଇ ଲିଖିତ ଭାବେ ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ତେବେ ପୂର୍ବରୁ ଏନେଇ ରିଜୋଲୁସନ ପାରିତ ହୋଇଥିବାରୁ ଇଷ୍ଟମେଟରେ କାଣ୍ଟ ଛାଣ୍ଟ କରିବାର ବର୍ତ୍ତମାନ ପ୍ରଶ୍ନ ଉଠୁନାହିଁ। ଏହି ସ୍ଥିତିରେ ସହରର ବିକାଶ ପ୍ରାଥମିକତା ହୋଇଥିବା ଅଧ୍ୟକ୍ଷ ସୁବାସ ବଳ କହିଥିଲେ।

ପରବର୍ତ୍ତୀ ଟେଣ୍ଡରରେ ଯେଉଁ ୱାର୍ଡ ପାଇଁ ଚଳିତ ଟେଣ୍ଡରରେ କର୍ମ ଅର୍ଥ ପ୍ରଦାନ କରାଯାଇଛି ସେହି ୱାର୍ଡରେ ଅଧିକ ଅର୍ଥ ବିନିଯୋଗ କରାଯିବ ବୋଲି ପ୍ରତିଶ୍ରୁତି ମଧ୍ୟ ଦେଇଥିଲେ। ତେବେ ବୁଧବାର ସାନି ରିଜୋଲୁସନ କରାଯିବା ଦାବିରେ ୬ ଜଣ କାଉନସିଲର ଅନଶନରେ ବସିଛନ୍ତି। ସେମାନଙ୍କ ଅଭିଯୋଗ ଅନୁସାରେ ସେମାନଙ୍କ ୱାର୍ଡକୁ କମ ଅର୍ଥ ପ୍ରଦାନ କରାଯାଇଛି। ବୁଧବାର ଆଗତ ରିଜୋଲୁସନରେ ସଂଖ୍ୟାଧିକ ପାରିଷଦ (୧୯)ଙ୍କ ସହମତି ରହିଥିବାରୁ ଏହା ଏକପ୍ରକାର ଗୃହିତ ହୋଇଯିବା ନେଇ ପାରିଷଦମାନେ ଆଶା ପୋଷଣ କରିଥିବା ବେଳେ ନିର୍ବାହୀ ଅଧିକାରୀ ହିଁ ଏଥିରେ ଶେଷ ମୋହର ମାରିଲା ପରେ ଏହା ଟେଣ୍ଡରକୁ ଯିବ। ତେବେ ୬ ପାରିଷଦ ବୁଧବାର ଧାରଣା ଦେବା ସହିତ ସେମାନଙ୍କ ପ୍ରତି ଅନ୍ୟାୟ କରାଯାଇଥିବା ନେଇ ଏକ ଅଭିଯୋଗ ପତ୍ର ନିର୍ବାହୀ ଅଧିକାରୀଙ୍କୁ ପ୍ରଦାନ କରିଛନ୍ତି। ଏନେଇ ଗୁରୁବାର ଯାଜପୁର ଜିଲ୍ଲାପାଳଙ୍କୁ ଜଣାଇବା ପରେ ଯାହା ନିଷ୍କର୍ଷ ବାହାରିବ ବୋଲି ଜଣାପଡ଼ିଛି।

## ■ ବାଲିଚନ୍ଦ୍ରପୁର ଥାନାରେ ଅଭିଯୁକ୍ତଙ୍କୁ ମାଡ଼ ଘଟଣା

# ଘଟଣାର ତଦନ୍ତ ପାଇଁ ଗୃହ ବିଭାଗର ନିର୍ଦ୍ଦେଶ

ଯାଜପୁର/ବାଲିଚନ୍ଦ୍ରପୁର, ୬।୮ (ସମିସ): ଯାଜପୁର ଜିଲ୍ଲା ବାଲିଚନ୍ଦ୍ରପୁର ଥାନାରେ ମହିପୁର ଗ୍ରାମର ଅଭିଯୁକ୍ତ ରମେଶ ମଲ୍ଲିକ ଓରଫ ବାଦଲଙ୍କୁ ପୁଲିସର ନିର୍ଯାତନା ଘଟଣା ଗୃହ ବିଭାଗ ପକ୍ଷରୁ ଏହାର ତଦନ୍ତ କରିବାକୁ ଯାଜପୁର ଏସ୍‌ପିଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସୋସିଆଲ ମିଡିଆ ଏକ୍ସ ମାଧ୍ୟମରେ ଏହି ନିର୍ଦ୍ଦେଶ ଦିଆଯାଇଛି। ଏକ ଗଣ୍ଡଗୋଳ ଘଟଣାରେ ବାଦଲଙ୍କୁ ବାଲିଚନ୍ଦ୍ରପୁର ପୁଲିସ ଥାନାକୁ ଆଣି ଅଟକ ରଖି ପଚରାଉଚୁରା କରୁଥିବା ବେଳେ ପୁଲିସ ନିର୍ଯାତନା ଦେବାରୁ ସେ ବିଷ ପିଇ ଦେଇଥିଲା। ବାଦଲଙ୍କ ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ବାଦଲ ଅସୁସ୍ଥ ହେବା ପରେ ତାଙ୍କୁ ଅଧିକ ଚିକିତ୍ସା ପାଇଁ କଟକ ବଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଆଜି ସେ ସୁସ୍ଥ ହେବା ପରେ ତାକୁ ଘରେ ଛାଡି ଦିଆଯାଇଥିବା ଯାଜପୁର ଏସ୍‌ଡିପିଓ ଲକ୍ଷ୍ମୀଧର ସ୍ୱାଇଁ କହିଛନ୍ତି। ତେବେ ଥାନା ଭିତରେ ଏଭଳି ବିଷ କେଉଁଠୁ ଆସିଲା ଏବଂ କିଭଳି ସେ ବିଷ ପିଇବାକୁ ସୁଯୋଗ ପାଇଲା ତାକୁ ନେଇ ନାନା ସନ୍ଦେହ ସୃଷ୍ଟି ହୋଇଛି। ଅନ୍ୟପଟେ ଏହି ଘଟଣାକୁ ନେଇ ଆସନ୍ତା ୧୧ ତାରିଖରେ କଂଗ୍ରେସ ପକ୍ଷରୁ ଥାନା ଘେରଉ କରାଯିବ ବୋଲି ବ୍ଲକ କଂଗ୍ରେସ ସଭାପତି ସୁରେଶ ଚନ୍ଦ୍ର ସାହାଣୀ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

# ବ୍ରାହ୍ମଣୀରେ କୁମ୍ଭୀର ଆତଙ୍କ; ସତର୍କ କଲା ବନବିଭାଗ




କବାଟବନ୍ଧ, ୬।୮ (ସମିସ): ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁର ଥାନା ଅଧୀନ ବ୍ରାହ୍ମଣୀ ନଦୀରେ ମଙ୍ଗଳବାର ସ୍ଥାନୀୟ ଲୋକମାନେ ଏକ କୁମ୍ଭୀର ଦେଖିଥିବା ପ୍ରକାଶ କରିବା ପରେ ବନବିଭାଗ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇଛି। ଗଡ଼ମଧୁପୁର ଫରେଷ୍ଟର ଚିତ୍ତରଞ୍ଜନ ବିଶ୍ୱାଳ ଉକ୍ତ ସ୍ଥାନ ପରିଦର୍ଶନ କରିବା ସହିତ ସ୍ଥାନୀୟ ଜନସାଧାରଣଙ୍କୁ ସଚେତନ କରିବା ପାଇଁ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିଛନ୍ତି। ବ୍ରାହ୍ମଣୀ ନଦୀରେ ଏକ କୁମ୍ଭୀର ସ୍ଥାନୀୟ ଲୋକମାନେ ଦେଖିବାକୁ ପାଇବା ପରେ ଉକ୍ତ ଅଞ୍ଚଳରେ ଏକ ପ୍ରକାର ଆତଙ୍କ ସୃଷ୍ଟି ହୋଇଛି। ସ୍ଥାନୀୟ ଲୋକ ଏହାକୁ ଦେଖିବା ପରେ ମୋବାଇଲରେ ଭିଡ଼ିଓ ଉତ୍ତୋଳନ କରିଥିଲେ। ଏହା ପାଣି ଭିତରେ ଏବଂ ଦୂରରେ ରହୁଥିବାରୁ କୁମ୍ଭୀର ବୋଲି ସ୍ପଷ୍ଟ ଜଣା ପଡୁନ ଥିଲେ ମଧ୍ୟ ଏହା କୁମ୍ଭୀର ବୋଲି ଅନୁମାନ କରାଯାଉଛି। ବନ ବିଭାଗ ପକ୍ଷରୁ ବୁଧବାର ନଦୀକୂଳିଆ ତଥା ନଦୀ ଉପରେ ସ୍ନାନ, ଶୌଚ ପାଇଁ ନିର୍ଭର କରୁଥିବା ଜନସାଧାରଣ ମାନଙ୍କ ଧନଜୀବନ ସୁରକ୍ଷା ପାଇଁ ନଦୀ କି ଯାଉଥିବା ସମୟରେ ସତର୍କତା ଅବଲମ୍ବନ କରିବା, ଛୋଟ ପିଲାଙ୍କୁ ନଦୀକୁ ବାରଣ କରିବା, ଗୃହପାଳିତ ପଶୁଙ୍କୁ ନଦୀକୁ ନ ଛାଡ଼ିବା ପାଇଁ ବନବିଭାଗ ଅଧିକାରୀ ମାନେ କହିଛନ୍ତି। ବନ ବିଭାଗ ପକ୍ଷରୁ ଏଣ୍ଡଳବା ପଞ୍ଚାୟତ ମାଳହାଟ, ପାଇକରାପୁର, ରେଖିଦେଇପୁର, କଣ୍ଟାପାଟଣା, ବାଲି କୁଦିଆ, ସିଧାପାଳ, ରାଇଛନ୍ଦା, ବାରକଣା, କବାଟବନ୍ଧ, ମର୍ଜିତାପୁର, ଚଉସଠିପଡ଼ା, ଦଇପୁର, ଦଣ୍ଡସଣା, ବୃନ୍ଦାଦେଇପୁର, ଜେନାପୁର, ବ୍ରହ୍ମପୁର, ଏରସେଣ୍ଡା, କୁସୁନପୁର, କୁସ୍ତିରା ପର୍ଯ୍ୟନ୍ତ ଡାକବାଜି ଯନ୍ତ୍ର ଦ୍ୱାରା ପ୍ରଚାର କରାଯିବା ସହିତ ବ୍ରାହ୍ମଣୀ ବ୍ରିଜ ଏବଂ ମର୍ଜିତାପୁର ଠାରେ ସତର୍କ ସୂଚନା ବ୍ୟାନର ଲଗାଇଛନ୍ତି। ବନବିଭାଗ ପକ୍ଷରୁ ଫରେଷ୍ଟର ଚିତ୍ତରଞ୍ଜନ ବିଶ୍ୱାଳ, ଗାର୍ଡ ସିପ୍ରାରାଣୀ ମହାପାତ୍ର, ସମ୍ବିତ ରାଉତ, ଏସ କେ ଜାଭିର, କରୁଣାକର ଜେନା ପ୍ରମୁଖ ଏହି କାର୍ଯ୍ୟକ୍ରମ ରେ ସାମିଲ ଥିଲେ।

## ଅନାସ୍ଥାରେ କଟିବା ପରେ ରକ୍ତମୁଖା ବିଜେପି

# ଆକ୍ରମଣରେ ବିଜେଡି କର୍ମୀ ଗୁରୁତର

ଯାଜପୁର, ୬।୮ (ସମିସ)

ଯାଜପୁର ବ୍ଲକ ଅନ୍ତର୍ଗତ ପଣସା ପଞ୍ଚାୟତରେ ବିଜେପି ସମର୍ଥିତ ସରପଞ୍ଚ ପରାସ୍ତ ହେବା ପରେ ରକ୍ତମୁଖା ହୋଇଛି ଭାରତୀୟ ଜନତା ପାର୍ଟି। ବିଜେପି ସମର୍ଥକଙ୍କ ଆକ୍ରମଣରେ ମୋଟରଙ୍ଗାପାଳ ଗ୍ରାମର ବଳରାମ ମହାଳିକ ନାମକ ବିଜେଡି କର୍ମୀ ଆହତ ହୋଇଛନ୍ତି। ତାଙ୍କୁ ଗୁରୁତର ଅବସ୍ଥାରେ କଟକ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି। ସେହିପରି ଏହି ଘଟଣାକୁ କେନ୍ଦ୍ର କରି ଉଭୟ ଗୋଷ୍ଠୀଙ୍କ ପକ୍ଷରୁ ଯାଜପୁର ଥାନାରେ ୩ଗୋଟି ଏତଲା ବଳରାମ ମହାଳିକ, ସ୍ନେହଲତା ମିଶ୍ର ଓ ସିପୁନା ପରିଡ଼ାଙ୍କ ପକ୍ଷରୁ ଦାଖଲ କରାଯାଇଛି। କେସ୍ ନଂ ୩୬୦/୨୫, ୩୬୧/୨୫ ଓ ୩୬୨/୨୫ ରୁଜୁ କରି ପୁଲିସ ତଦନ୍ତ ଜାରି ରଖିଛନ୍ତି। ଖବର ଲେଖାହେବା ବେଳକୁ ଉଭୟଙ୍କ ପକ୍ଷରୁ ପୁଲିସ କାହାରିକୁ ଗିରଫ କରିନଥିବା ଜଣାପଡ଼ିଛି।

ଯାଜପୁର ଜିଲ୍ଲା ପଣସା ଗ୍ରାମପଞ୍ଚାୟତର ବିଜେପି ସମର୍ଥୀତ ସରପଞ୍ଚ କୁଳମଣି ବେହେରା ବୁଧବାର ଅନାସ୍ଥା ଭୋଟରେ ହାରିଯାଇଛନ୍ତି। ସେ ନିଜ ସମର୍ଥୀତ ୱାର୍ଡ ସଭ୍ୟଙ୍କ ସମର୍ଥନରେ ୬ଖଣ୍ଡ ଭୋଟ ପାଇଥିବା ବେଳେ ବିପକ୍ଷ ଦଳ ସପକ୍ଷରେ ୧୫ଗୋଟି ୱାର୍ଡ ସଭ୍ୟ/ସଭ୍ୟା ସରପଞ୍ଚଙ୍କ ବିପକ୍ଷରେ ଭୋଟ ଦେଇଥିଲେ। କୁଳମଣିଙ୍କ ବିରୋଧରେ ଦୀର୍ଘଦିନ ଧରି ୱାର୍ଡ ସଭ୍ୟ ମାନେ ନାନା ଅନିୟମିତତା ଓ କାର୍ଯ୍ୟଦକ୍ଷତାର ଅନଭିଜ୍ଞ ଅଭିଯୋଗ କରିଆସୁଥିଲେ। ଏପରିକି ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଲାଗୁ କରିବା ପାଇଁ ଆବେଦନ କରୁଥିଲେ ମଧ୍ୟ ଶାସକ ଦଳର ଚାପ ଆଗରେ ପ୍ରଶାସନ ବିଭିନ୍ନ ଆଳ ଦେଖାଇ ଟାଳି ଆସୁଥିଲା। କିନ୍ତୁ ବୁଧବାର ଏହି ଅନାସ୍ଥା ପ୍ରସ୍ତାବ ଆଗତ ସମୟରେ ପଣସା ଗ୍ରାମପଞ୍ଚାୟତ ଠାରେ ନିର୍ବାଚନ ଅଧିକାରୀ ଭାବେ ଯାଜପୁର ଅତିରିକ୍ତ ତହସିଲଦର, ମାଜିଷ୍ଟ୍ରେଟ ଭାବେ ଦଶରଥପୁର ଅତିରିକ୍ତ ତହସିଲଦାର, ଯାଜପୁର ବ୍ଲକର ଜିପିଓ ଏବଂ ବ୍ଲକର ଭିଏଲଡବ୍ଲୁ ଯୋଗ ଦେଇ ଭୋଟ ପରିଚାଳନା କରିଥିଲେ। ଶାସକ ଦଳର ଏଭଳି ଝଟକାକୁ ନେଇ ବିଜୁ ଜନତା ଦଳ ମଧ୍ୟରେ ପ୍ରବଳ ଉତ୍ସାହ ଦେଖିବାକୁ ମିଳିଛି।


यूनियन बैंक ऑफ़ इंडिया Union Bank of India
भारत सरकार का उपक्रम A Government of India Undertaking

**ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ**
କ୍ଷେତ୍ରୀୟ କାର୍ଯ୍ୟାଳୟ: ଭୁବନେଶ୍ୱର
୩/୧ଏ, ସିଭିକ୍ ସେଣ୍ଟର, ଆଇଆର୍‌ସି ଭିଲେଜ,
ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫

**ଡିମାଣ୍ଡ ନୋଟିସ୍**

**ସିକ୍ୟୁରିଟି ଇଣ୍ଟରେଷ୍ଟର ଏନ୍‌ଫୋର୍ସମେଣ୍ଟ ନିମନ୍ତେ ସରଫେଶୀ ଆକ୍ଟ ୨୦୦୨ର ଧାରା ୧୩(୨) ଅନୁଯାୟୀ ନୋଟିସ୍**

**ବିଷୟ: ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩(୩) ସହିତ ଧାରା ୧୩(୨) ଅନୁଯାୟୀ ନୋଟିସ୍**

ଆମେ ନିମ୍ନଲିଖିତ ଋଣଗ୍ରହୀତା/କୋ-ଆପ୍ଲିକାଣ୍ଟ/କୋ-ଓବ୍ଲିଗାଣ୍ଟ/ଗ୍ୟାରେଣ୍ଟିଦାତାମାନଙ୍କୁ ଜଣାଇ ଦେଉଛୁ କି ସେମାନେ ଆମର **ସମ୍ପୃକ୍ତ ଶାଖାରୁ** ନିମ୍ନଲିଖିତ ଋଣ ସୁବିଧା ଉପଲବ୍ଧ କରିଛନ୍ତି ଏବଂ ସେମାନେ ବକେୟା ଦେୟ / କିସ୍ତି / ସୁଧ ପରିଶୋଧ କରିନଥିବାରୁ ଭାରତୀୟ ରିଜର୍ଭ ବ୍ୟାଙ୍କର ନିର୍ଦ୍ଦେଶାବଳୀ ଅନୁସାରେ ସେମାନଙ୍କର ନିମ୍ନଲିଖିତ ଆକାଉଣ୍ଟ ଏନ୍‌ପିଏ ଶ୍ରେଣୀଭୁକ୍ତ ହୋଇଛି। କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସରଫେଶୀ ଆକ୍ଟ, ୨୦୦୨ର ଧାରା ୧୩(୨) ଅନୁଯାୟୀ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ସମ୍ପୃକ୍ତ ଶାଖାର** ଋଣଗ୍ରହୀତା/କୋ-ଆପ୍ଲିକାଣ୍ଟ/କୋ-ଓବ୍ଲିଗାଣ୍ଟ/ଗ୍ୟାରେଣ୍ଟିଦାତାମାନଙ୍କୁ ବ୍ୟାଙ୍କ ଦେୟ ପଇଠ କରିବା ନିମନ୍ତେ ଡ଼ିମାଣ୍ଡ ନୋଟିସ୍ ଜାରି କରାଯାଇଥିଲା କିନ୍ତୁ ନିମ୍ନଦର୍ଶିତ ପକ୍ଷମାନଙ୍କୁ ତାହା ପ୍ରଦାନ କରାଯାଇପାରିନଥିଲା। ତେଣୁ ଏହି ପ୍ରକାଶନଟି ସମସ୍ତ ପକ୍ଷଙ୍କୁ ଏକ ବିକଳ୍ପ ସେବା ଅଟେ। ସେମାନଙ୍କର ଆକାଉଣ୍ଟର ମୋଟ ବକେୟା ପରିମାଣ ନିମ୍ନ ଦର୍ଶିତ ସ୍ତମ୍ଭରେ ଦର୍ଶାଯାଇଛି। ସବିଶେଷ ବିବରଣୀ ନିମ୍ନରେ ପ୍ରଦତ୍ତ:

| ଶାଖା / ଋଣଗ୍ରହୀତା/କୋ-ଆପ୍ଲିକାଣ୍ଟ/ କୋ-ଓବ୍ଲିଗାଣ୍ଟ/ଗ୍ୟାରେଣ୍ଟିଦାତାଙ୍କ ନାମ ଓ ଠିକଣା | ଋଣ ପ୍ରକାର | ଏନ୍‌ପିଏ ତାରିଖ /ଡିମାଣ୍ଡ ତାରିଖ / ମୋଟ ବକେୟା | ସମ୍ପତ୍ତିଗୁଡିକର ବିବରଣୀ |
|---|---|---|---|
| **ଭୁବନେଶ୍ୱର ମୁଖ୍ୟ ଶାଖା /** **୧) ଋଣଗ୍ରହୀତା: ଶ୍ରୀ ଅମିତାଭ ଘଡେଇ / ୨) କୋ-ଓବ୍ଲିଗାଣ୍ଟ: ଶ୍ରୀମତୀ ମହେଶ୍ୱେତା ମହାପାତ୍ର,** ଉଭୟଙ୍କ ଠିକଣା- ସା: ପ୍ଲଟ୍ ନଂ.: ୧୯୭୫/୫୩୨୪, ଆକାରପୁରୀ କଲୋନୀ, ରଥ ରୋଡ, ଓଲ୍ଡ ଟାଉନ୍, ଗୌତମ ନଗର, ଭୁବନେଶ୍ୱର, ଓଡ଼ିଶା | ୧. ୟୁନିୟନ୍ ହୋମ୍ ୨. ୟୁନିୟନ୍ ଆଶିୟାନା ବ୍ୟକ୍ତିଗତ ଋଣ | ୧୩.୦୭.୨୦୨୫ / ୧୮.୦୭.୨୦୨୫ / ୧୮.୦୭.୨୦୨୫ ସୁଦ୍ଧା ଟ.୧୯,୯୮,୨୫୯.୯୬ | ବନ୍ଧକପ୍ରାପ୍ତ ସ୍ଥାବର ସମ୍ପତ୍ତି ଯାହାର ଫ୍ଲାଟ୍ ନଂ.: ୪୦୪, ୪ର୍ଥ ମହଲା, "ଶିବଶକ୍ତି ଏନ୍‌କ୍ଲେଭ୍" ୨ ବିଏଚ୍‌କେ, କ୍ଷେତ୍ର: ୧୩୮୨ ବର୍ଗଫୁଟ, ଖାତା ନଂ.: ୧୫୯, ଅନୁରୂପ ଖାତା ନଂ.: ୩୧୧/୪୩୨, ପ୍ଲଟ୍ ନଂ.: ୩୩୧ (ସ୍ଥିତିବାନ), କିସମ: ଘରବାରୀ, ମୌଜା: କଣ୍ଡିଲୋ, ଏସ୍‌ଆରଓ: ଜଟଣୀ, ଜିଲ୍ଲା: ଖୋର୍ଦ୍ଧା |
| **ଭୁବନେଶ୍ୱର ମୁଖ୍ୟ ଶାଖା /** **୧) ଋଣଗ୍ରହୀତା: ୧(କ) ମେସର୍ସ ବିଜିନେସ୍.କମ୍, ସ୍ୱତ୍ୱାଧିକାରୀ: ଶ୍ରୀମତୀ ବି ପି ଜୟଶ୍ରୀ ପଣ୍ଡା, ୧(ଖ) ଶ୍ରୀମତୀ ବି ପି ଜୟଶ୍ରୀ ପଣ୍ଡା / ୨) ଗ୍ୟାରେଣ୍ଟିଦାତା/ ବନ୍ଧକଦାତାମାନେ: ୨(କ) ଶ୍ରୀ ବିଶ୍ୱଜିତ୍ ସାହୁ,** ପିତା: ୰ ଗୌରାଙ୍ଗ ଚରଣ ସାହୁ, **୨(ଖ) ଶ୍ରୀ ବିଶ୍ୱବିଜୟ ସାହୁ,** ପିତା: ୰ ଗୌରାଙ୍ଗ ଚରଣ ସାହୁ, ସମସ୍ତଙ୍କ ଠିକଣା: ପ୍ଲଟ୍ ନଂ.: ୧୪୯୪/୧୫୨୪, ଆଇବିଏଲ୍ ହାଉସ୍, ଟଙ୍କପାଣି ରୋଡ, ବଡଗଡ ବ୍ରିଟ୍ କଲୋନୀ, ଭୁବନେଶ୍ୱର, ଓଡ଼ିଶା - ୭୫୧୦୧୮ / ୩) **ମୃତକ ଗ୍ୟାରେଣ୍ଟିଦାତା/ ବନ୍ଧକଦାତା ଗୌରାଙ୍ଗ ଚରଣ ସାହୁଙ୍କ ଆଇନଗତ ଉତ୍ତରାଧିକାରୀମାନେ: ୩(କ) ଶ୍ରୀ ବିଶ୍ୱଜିତ୍ ସାହୁ,** ପିତା: ୰ ଗୌରାଙ୍ଗ ଚରଣ ସାହୁ, **୩(ଖ) ଶ୍ରୀ ବିଶ୍ୱବିଜୟ ସାହୁ,** ପିତା: ୰ ଗୌରାଙ୍ଗ ଚରଣ ସାହୁ, **୩(ଗ) କିରଣବାଳା ସାହୁ,** ସ୍ୱାମୀ: ୰ ଗୌରାଙ୍ଗ ଚରଣ ସାହୁ, ସମସ୍ତଙ୍କ ଠିକଣା: ପ୍ଲଟ୍ ନଂ.: ୧୪୯୪/୧୫୨୪, ଆଇବିଏଲ୍ ହାଉସ୍, ଟଙ୍କପାଣି ରୋଡ, ବଡଗଡ ବ୍ରିଟ୍ କଲୋନୀ, ଭୁବନେଶ୍ୱର, ଓଡ଼ିଶା - ୭୫୧୦୧୮, **୩(ଘ) ଶ୍ରୀମତୀ ନଳିନୀ ପ୍ରଭା ସାହୁ,** ପିତା: ୰ ଗୌରାଙ୍ଗ ଚରଣ ସାହୁ, ପ୍ଲଟ୍ ନଂ.: ଇ୨/୮, ୧ ନଂ. ବୃନ୍ଦାବନ କଲୋନୀ, ବଡପଡିଆ, ପାରାଦୀପ, ଜଗତ୍‌ସିଂହପୁର, ଓଡ଼ିଶା - ୭୫୪୧୪୨, **୩(ଙ) ମିସ୍ ନନ୍ଦିନୀ ପ୍ରଭା ସାହୁ,** ପିତା: ୰ ଗୌରାଙ୍ଗ ଚରଣ ସାହୁ, ପ୍ଲଟ୍ ନଂ.: ଜିକେଭି-୫୮, ଗତି କୃଷ୍ଣ ଭିଲ୍ଲା, ବ୍ରହ୍ମେଶ୍ୱର ମନ୍ଦିର, ଟଙ୍କପାଣି ରୋଡ, ବଡଗଡ, ଭୁବନେଶ୍ୱର, ଓଡ଼ିଶା - ୭୫୧୦୧୮ | ୧. ସିସି ହାଇପୋଥିକେସନ୍ ୨. ମିଆଦୀ ଋଣ | ୨୩.୦୭.୨୦୨୫ / ୨୫.୦୭.୨୦୨୫ / ୨୪.୦୭.୨୦୨୫ ସୁଦ୍ଧା ଟ.୫,୦୧,୩୭,୬୩୭.୨୫ | ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଯାହାର (କ) **ଶ୍ରୀ ବିଶ୍ୱବିଜୟ ସାହୁ, ଶ୍ରୀ ବିଶ୍ୱଜିତ୍ ସାହୁଙ୍କ** ନାମରେ ଥିବା ସମ୍ପତ୍ତି ଯାହାର ମୌଜା: ତାଳପଡା, ତହସିଲ: କୁଜଙ୍ଗ, ଜିଲ୍ଲା: ଜଗତ୍‌ସିଂହପୁର, ଖାତା ନଂ.: ୭୫୫/୧୭୬, ପ୍ଲଟ୍ ନଂ.: ୩୫୭/୨୩୨୩, କ୍ଷେତ୍ର: ଏକର ୦.୦୫୦ ଡିସିମିଲି, (ଖ) **ମୃତକ ଗୌରାଙ୍ଗ ଚରଣ ସାହୁଙ୍କ ଆଇନଗତ ଉତ୍ତରାଧିକାରୀମାନଙ୍କ** ନାମରେ ଥିବା ସମ୍ପତ୍ତି ଯାହାର ମୌଜା: ତାଳପଡା, ତହସିଲ: କୁଜଙ୍ଗ, ଜିଲ୍ଲା: ଜଗତ୍‌ସିଂହପୁର, ଖାତା ନଂ.: ୭୫୫/୧୭୭, ପ୍ଲଟ୍ ନଂ.: ୩୫୭/୨୩୨୪, କ୍ଷେତ୍ର: ଏକର ୦.୦୪୦ ଡିସିମିଲି, (ଗ) **ଶ୍ରୀ ବିଶ୍ୱବିଜୟ ସାହୁଙ୍କ** ନାମରେ ଥିବା ସମ୍ପତ୍ତି ଯାହାର ମୌଜା: ତାଳପଡା, ତହସିଲ: କୁଜଙ୍ଗ, ଜିଲ୍ଲା: ଜଗତ୍‌ସିଂହପୁର, ଖାତା ନଂ.: ୭୫୫/୫୯, ଅନୁରୂପ ଖାତା ନଂ.: ୭୫୫/୫୧୪, ପ୍ଲଟ୍ ନଂ.: ୩୫୭/୨୫୫୭, କ୍ଷେତ୍ର: ଏକର ୦.୦୧୦ ଡିସିମିଲି |
| **ଓଏମ୍‌ସି କ୍ୟାମ୍ପସ୍ ଶାଖା /** **୧) ଋଣଗ୍ରହୀତା: ମେସର୍ସ ଜୟଦୁର୍ଗା ଟ୍ରାନ୍ସପୋର୍ଟ, ଅଂଶୀଦାରମାନେ: (କ) ଶ୍ରୀ ଶୁଭେନ୍ଦୁ କୁମାର ଦାସ, (ଖ) ଶ୍ରୀ ଚିତ୍ତରଞ୍ଜନ ଓଝା,** ଉଭୟଙ୍କ **ଠିକଣା-୧:** ବ୍ଲକ୍-ସି, ପ୍ଲଟ୍ ନଂ.: ୨୨୯, ଜଗନ୍ନାଥ ବିହାର, ରୋଡ ନଂ.: ୬, ଝାରପଡା, ଲକ୍ଷ୍ମୀସାଗର, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା, **ଠିକଣା-୨:** ରୁମ୍ ନଂ.: ଏ-୧, ପ୍ଲଟ୍ ନଂ.: ୨୩୩୫/୪୦୬୧/୫୧୫୪, ସା: ଜଗତ୍‌ପୁର, ଗୋଲେଇ ଛକ, ଦୁର୍ଗା ମଣ୍ଡପ ନିକଟ, ଜଗତ୍‌ପୁର, କଟକ - ୭୫୪୦୨୧ / **୨) ଗ୍ୟାରେଣ୍ଟିଦାତା: ଶ୍ରୀ ଚିତ୍ତରଞ୍ଜନ ଓଝା (ଅଂଶୀଦାର),** ପିତା: ଶ୍ରୀ ନିତ୍ୟାନନ୍ଦ ଓଝା, ସା: ବ୍ରାହ୍ମଣ ମଣିଯୋରି, କଟକ, ଓଡ଼ିଶା - ୭୫୪୨୦୬ / **୩) ବନ୍ଧକଦାତା: ଶ୍ରୀ ଶୁଭେନ୍ଦୁ କୁମାର ଦାସ (ପରିଚାଳନା ଅଂଶୀଦାର),** ପିତା: କୃଷ୍ଣ ଚନ୍ଦ୍ର ଦାସ, ଗୋପିନାଥପୁର, ପଧାନପଡା, କଟକ, ଓଡ଼ିଶା - ୭୫୪୨୦୦ | ଏସ୍‌ଓଡିଜିଇଏନ୍ | ୨୯.୦୫.୨୦୨୫ / ୨୧.୦୭.୨୦୨୫ / ୩୦.୦୬.୨୦୨୫ ସୁଦ୍ଧା ଟ.୫୫,୦୫,୧୯୯.୫୧ | **ଶୁଭେନ୍ଦୁ କୁମାର ଦାସଙ୍କ ନାମରେ** ଥିବା ବାସୋପଯୋଗୀ ଜମି ଯାହାର ଖାତା ନଂ.: ୨୬୬/୧୮୦୨, ପ୍ଲଟ୍ ନଂ.: ୯୦୩/୨୩୮୭, ମୌଜା: ଅନନ୍ତପୁର, ଥାନା: ବାଲିଅନ୍ତା ନଂ.: ୮, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା, କ୍ଷେତ୍ର: ଏକର ୦.୦୪୦ ଡିସିମିଲି କିମ୍ବା ୧୭୪୨ ବର୍ଗଫୁଟ, ଏହାର ଚାରିପାର୍ଶ୍ୱରେ ଉତ୍ତର: ପ୍ଲଟ୍ ନଂ.: ୯୦୨, ଦକ୍ଷିଣ: ରାସ୍ତା, ପୂର୍ବ: ପ୍ଲଟ୍ ନଂ.: ୯୦୪, ପଶ୍ଚିମ: ପ୍ଲଟ୍ ନଂ.: ୯୦୩ର ଅବଶିଷ୍ଟ |
| **ରସୁଲଗଡ ଶାଖା /** **୧) ଋଣଗ୍ରହୀତା/ଆପ୍ଲିକାଣ୍ଟ/ବନ୍ଧକଦାତା: ୧(କ) ଶ୍ରୀ ବିରଞ୍ଚି ନାରାୟଣ ବେହେରା / ୧(ଖ) କୋ-ଆପ୍ଲିକାଣ୍ଟ / ବନ୍ଧକଦାତା: ଶ୍ରୀ ରବିନ୍ଦ୍ର କୁମାର ବେହେରା,** ଉଭୟଙ୍କ ଠିକଣା- ସା: ପ୍ଲଟ୍ ନଂ.: ୨୭୧, ସା: ନହରକଣ୍ଟା, ମଞ୍ଚେଶ୍ୱର, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା - ୭୫୨୧୦୧ | ଏଚ୍‌ଏଲ୍‌ପିଜିଏନ୍ | ୨୯.୦୭.୨୦୨୫ / ୦୧.୦୮.୨୦୨୫ / ୩୧.୦୭.୨୦୨୫ ସୁଦ୍ଧା ଟ.୧୯,୫୫,୭୩୭.୧୨ | **ଶ୍ରୀ ବିରଞ୍ଚି ନାରାୟଣ ବେହେରା** ଏବଂ **ଶ୍ରୀ ରବିନ୍ଦ୍ର କୁମାର ବେହେରାଙ୍କ** ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୨୭୧/୨୧୮୧/୨୭୬୫, ଖାତା ନଂ: ୬୦୯/୮୪୩, କ୍ଷେତ୍ର: ଏକର ୦.୦୩୦ ଡିସିମିଲି ଏବଂ ପ୍ଲଟ୍ ନଂ.: ୨୭୧, ଖାତା ନଂ: ୭୨୦/୧୧୦, କ୍ଷେତ୍ର: ଏକର ୦.୦୧୫ ଡିସିମିଲି, **ମୋଟ କ୍ଷେତ୍ର: ଏକର ୦.୦୪୫ ଡିସିମିଲି,** ଉପରୋକ୍ତ ୨ଟି ପ୍ଲଟ୍‌ର ମୌଜା: ନହରକଣ୍ଟା, ମଞ୍ଚେଶ୍ୱର, ତହସିଲ: ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଏହାର (କାଗଜାତ୍ ଅନୁଯାୟୀ)ଚାରିପାର୍ଶ୍ୱରେ ଉତ୍ତର: ରାସ୍ତା, ଦକ୍ଷିଣ: କୈଳାସ ଚନ୍ଦ୍ର ସାହୁ ଏବଂ ଅନ୍ୟମାନେ, ପୂର୍ବ: ସବ୍ ପ୍ଲଟ୍ ନଂ.: ½, ପଶ୍ଚିମ: କୈଳାସ ଚନ୍ଦ୍ର ସାହୁ ଏବଂ ଅନ୍ୟମାନେ |
| **ଖୋର୍ଦ୍ଧା ଶାଖା /** **୧) ଋଣଗ୍ରହୀତା/ବନ୍ଧକଦାତା: ଶ୍ରୀମତୀ ବୈଜୟନ୍ତୀ ରାଣୀ ତ୍ରିପାଠୀ, ମେସର୍ସ ପାପାଲି ପେପର ପ୍ରଡକ୍ଟସ୍‌ର ସ୍ୱତ୍ୱାଧିକାରୀ, ଠିକଣା-୧:** ସ୍ୱାମୀ: ସତ୍ୟବ୍ରତ ମିଶ୍ର, ପ୍ଲଟ୍ ନଂ.: ୪୯୩, ରଘୁନାଥ ନଗର, ଶୁକ ବିହାର, ଶନି ମନ୍ଦିର ନିକଟ, ଭୁବନେଶ୍ୱର, ପୋ: ଡୁମୁଡୁମା ଏଚ୍‌ବି କଲୋନୀ, ଜିଲ୍ଲା: ଖୋର୍ଦ୍ଧା, ପିନ୍ - ୭୫୧୦୧୯, **ଠିକଣା-୨:** ସ୍ୱାମୀ: ସତ୍ୟବ୍ରତ ମିଶ୍ର, ମଲ୍ଲିପୁର, ଗଡନିଆଳ, ଖାତା ନଂ.: ୩୭୫/୫୬, ପ୍ଲଟ୍ ନଂ.: ୭୦୧/୧୦୭୪, ଖୋର୍ଦ୍ଧା, ଓଡ଼ିଶା, ପିନ୍ - ୭୫୨୦୫୫ / **୨) ଗ୍ୟାରେଣ୍ଟିଦାତା: ଶ୍ରୀ ସତ୍ୟବ୍ରତ ମିଶ୍ର, ଠିକଣା-୧:** ପିତା: ସଚ୍ଚିଦାନନ୍ଦ ମିଶ୍ର, ପ୍ଲଟ୍ ନଂ.: ୪୯୩, ରଘୁନାଥ ନଗର, ଶୁକ ବିହାର, ଶନି ମନ୍ଦିର ନିକଟ, ଭୁବନେଶ୍ୱର, ପୋ: ଡୁମୁଡୁମା ଏଚ୍‌ବି କଲୋନୀ, ଜିଲ୍ଲା: ଖୋର୍ଦ୍ଧା, ପିନ୍ - ୭୫୧୦୧୯, **ଠିକଣା-୨:** ପିତା: ସଚ୍ଚିଦାନନ୍ଦ ମିଶ୍ର, ମଲ୍ଲିପୁର, ଗଡନିଆଳ, ଖାତା ନଂ.: ୩୭୫/୫୬, ପ୍ଲଟ୍ ନଂ.: ୭୦୧/୧୦୭୪, ଖୋର୍ଦ୍ଧା, ଓଡ଼ିଶା, ପିନ୍ - ୭୫୨୦୫୫ | କ୍ୟାଶ୍ କ୍ରେଡିଟ୍ | ୨୬.୦୬.୨୦୨୫ / ୨୮.୦୭.୨୦୨୫ / ୨୮.୦୭.୨୦୨୫ ସୁଦ୍ଧା ଟ.୬୮,୭୭,୯୧୧.୩୭ | ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୭୦୧/୧୦୭୪, ବର୍ତ୍ତମାନର ଖାତା ନଂ.: ୩୭୫/୫୬, କ୍ଷେତ୍ର: ଏକର ୦.୨୮୦ ଡିସିମିଲି, ମୌଜା: ମଲ୍ଲିପୁର, ତହସିଲ: ଖୋର୍ଦ୍ଧା, ଜିଲ୍ଲା: ଖୋର୍ଦ୍ଧା, କିସମ: ପତିତ, ସ୍ୱତ୍ୱ: ସ୍ଥିତିବାନ, ଏହାର ଚାରିପାର୍ଶ୍ୱରେ ଉତ୍ତର/ଦକ୍ଷିଣ/ପଶ୍ଚିମ: ସରକାରୀ ରାସ୍ତା, ପୂର୍ବ: ବିରଞ୍ଚି ନାରାୟଣ ମିଶ୍ର |
| **ପୁବାଶାସନ ଶାଖା /** **୧) ଋଣଗ୍ରହୀତା: ଶ୍ରୀ ତଥାଗତ ଭରଦ୍ୱାଜ,** ପିତା: ଆର୍ତ୍ତତ୍ରାଣ ଜେନା / **୨) ଗ୍ୟାରେଣ୍ଟିଦାତା/ବନ୍ଧକଦାତା: ୨(କ) ଶ୍ରୀ ଆର୍ତ୍ତତ୍ରାଣ ଜେନା,** ପିତା: ୰ କୁଞ୍ଜ ବିହାରୀ ଜେନା, **୨(ଖ) ଶ୍ରୀ ମନ ଆନନ୍ଦ ସାଗର,** ପିତା: ଶ୍ରୀ ଆର୍ତ୍ତତ୍ରାଣ ଜେନା, ସମସ୍ତଙ୍କ ଠିକଣା- ସା/ଗ୍ରାମ: କାକରୁଦ୍ରପୁର, ପୋ: ବାଲିଅନ୍ତା, ଥାନା: ବାଲିଅନ୍ତା, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା - ୭୫୨୧୦୨ | ମିଆଦୀ ଋଣ | ୦୧.୦୬.୨୦୨୫ / ୨୮.୦୭.୨୦୨୫ / ୨୮.୦୭.୨୦୨୫ ସୁଦ୍ଧା ଟ.୧୭,୬୨,୦୮୮.୩୫ | ପଞ୍ଜିକୃତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୬୯୦, ବର୍ତ୍ତମାନର ଖାତା ନଂ.: ୨୩, କ୍ଷେତ୍ର: ଏକର ୦.୧୩୦ ଡିସିମିଲି, ମୌଜା: କାକରୁଦ୍ରପୁର, ତହସିଲ: ବାଲିଅନ୍ତା, ଜିଲ୍ଲା: ଖୋର୍ଦ୍ଧା, କିସମ: ଘରବାରୀ, ସ୍ୱତ୍ୱ: ସ୍ଥିତିବାନ, ଏହାର ଚାରିପାର୍ଶ୍ୱରେ ଉତ୍ତର: ବାରି, ଦକ୍ଷିଣ: ସର୍ବସାଧାରଣ ରାସ୍ତା, ପଶ୍ଚିମ: ରାଜ କିଶୋର ଜେନା, ପୂର୍ବ: ବିମଳ ଚନ୍ଦ୍ର ଜେନା |
| **ଶ୍ରୀକ୍ଷେତ୍ର ଶାଖା /** **୧) ଋଣଗ୍ରହୀତା/ବନ୍ଧକଦାତା: ନିବେଦିତା ମିଶ୍ର,** ସ୍ୱାମୀ: ୰ ନାରାୟଣ ପ୍ରସାଦ ମିଶ୍ର, ମାତୃନିଳୟ ଗ୍ରେସ୍ ସିଟି, ହରିହର ବିହାର, ଗୁଣ୍ଡିଚା ମନ୍ଦିର ପଛପାର୍ଶ୍ୱ, ଥାନା: କୁମ୍ଭାରପଡା, ପୋ: ପୁରୀ, ଜିଲ୍ଲା: ପୁରୀ, ପିନ୍ - ୭୫୨୦୦୨ / **୨) କୋ-ଓବ୍ଲିଗାଣ୍ଟ/ଗ୍ୟାରେଣ୍ଟିଦାତା: ଶ୍ରୀମତୀ ସ୍ମିତା ମହାନ୍ତି,** ସ୍ୱାମୀ: ଅଶେଷ କୁମାର ମହାନ୍ତି, **ଠିକଣା-୧:** ସା: ସାଇ ନାରାୟଣ ବିଦ୍ୟାମନ୍ଦିର, ନବକଳେବର ରୋଡ, ଜିଲ୍ଲା: ପୁରୀ - ୭୫୨୦୦୨, **ଠିକଣା-୨:** ସା: ସନ୍ତୋଷୀ ନଗର, ମଧୁପାଟଣା, କଟକ - ୭୫୩୦୧୦ | ୧. ଗୃହ ଋଣ ୨. ବନ୍ଧକ ଋଣ | ୨୯.୦୫.୨୦୨୫ / ୨୮.୦୭.୨୦୨୫ / ୨୮.୦୭.୨୦୨୫ ସୁଦ୍ଧା ଟ.୧୯,୪୮,୧୦୧.୩୭ | ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୬୯୩/୪୦୭୭, ଖାତା ନଂ.: ୫୨୧/୨୦୫୫, କ୍ଷେତ୍ର: ଏକର ୦.୦୨୯ ଡିସିମିଲି, ମୌଜା: ବାଲୁଖଣ୍ଡ, ଜିଲ୍ଲା: ପୁରୀ, କିସମ: ଘରବାରୀ |

ସରଫେଶୀ ଆକ୍ଟ ୨୦୦୨ର ଧାରା ୧୩(୨) ଅନୁଯାୟୀ ଆପଣମାନଙ୍କୁ ଉପରଦର୍ଶିତ ସ୍ତମ୍ଭରେ ଲିଖିତ ମୋଟ ବକେୟା ପରିମାଣ ସହିତ ଚୁକ୍ତି ହାରରେ ପରବର୍ତ୍ତୀ ସୁଧ ଏବଂ ଦେୟ, ଆପଣମାନଙ୍କ ଦ୍ୱାରା ସମ୍ପାଦିତ ଋଣ କାଗଜାତ୍‌ର ନିୟମ ଓ ସର୍ତ୍ତାବଳୀ ଅନୁଯାୟୀ ସମ୍ପୂର୍ଣ୍ଣ ବକେୟା ପରିମାଣ ଏହି ନୋଟିସ୍ ପାଇବାର **୬୦ ଦିନ** ମଧ୍ୟରେ ପୈଠ କରିବାକୁ ପଡ଼ିବ। ଅନ୍ୟଥା ଆମେ କଥିତ ବନ୍ଧକପ୍ରାପ୍ତ ସମ୍ପତ୍ତିଗୁଡ଼ିକୁ କଥିତ ଆକ୍ଟରେ ଦିଆଯାଇଥିବା କୌଣସି କିମ୍ବା ସମସ୍ତ ଅଧିକାରର ପ୍ରୟୋଗ କରି ନିଜ ଦଖଲକୁ ନେବାକୁ ବାଧ୍ୟ ହେବୁ। ଆକ୍ଟର ଧାରା ୧୩(୧୩) ଅନୁଯାୟୀ ଆପଣମାନେ ଏହି ନୋଟିସ୍ ପାଇବା ପରେ ବ୍ୟାଙ୍କର ବିନା ଅନୁମତିରେ ଉପରବର୍ଣ୍ଣିତ ବନ୍ଧକ ସମ୍ପତ୍ତିଗୁଡ଼ିକୁ ବିକ୍ରୟ କିମ୍ବା ସମ୍ପତ୍ତିଗୁଡ଼ିକ ସହିତ କୌଣସି ପ୍ରକାର କାରବାର କରିପାରିବେ ନାହିଁ। **ଏତଦ୍ଦ୍ୱାରା ଆପଣମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ସରଫେଶୀ ଆକ୍ଟର ଧାରା ୧୩ ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିଗୁଡ଼ିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରିପାରିବେ।**

**ସ୍ଥାନ: ଭୁବନେଶ୍ୱର**
**ତାରିଖ: ୦୬.୦୮.୨୦୨୫**

**ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ**
**ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ**

# ପୁରୁଣା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟ ସେବା ଦାବି

## ଯୁବ ଏକତା ମଞ୍ଚର ଆନ୍ଦୋଳନ ପାଇଁ ସଜବାଜ

ଦେବଗଡ଼,୬।୮ (ସମିସ):

ରାଜରାଜୁଡା ଅମଳରୁ ଦେବଗଡ଼ ସହର ମଧ୍ୟରେ ଥିବା ପୁରୁଣା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କୋଠା ରହିଛି । ତେବେ ତାକୁ ସହର ଠାରୁ ପ୍ରାୟ ୫ କିମି ଦୂରବର୍ତ୍ତି ନୂଆବାଲିରୋଇ ମୌଜାକୁ ସ୍ଥାନାନ୍ତର କରାଯାଇଛି । ଏହା ପରଠାରୁ ସହର ଠୁ ଗ୍ରାମାଞ୍ଚଳ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି । ନୂତନ କୋଠାକୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର ପର ଠାରୁ ଜିଲ୍ଲାରେ ଚିକିତ୍ସା ଜନିତ ସମସ୍ୟା ବୃଦ୍ଧି ପାଇଛି । ଏହାର ସମାଧାନ ପାଇଁ ଯୁବ ସ୍ୱେଚ୍ଛାସେବୀ ସୁରଞ୍ଜିତ ମହାପାତ୍ରଙ୍କ ଆବାହକତ୍ୱରେ ଜିଲ୍ଲା ଯୁବ ଏକତା ମଞ୍ଚ ନାମକ ଅଣରାଜନୈତିକ ସଂଗଠନ ଗଠିତ ହୋଇ ପୁରୁଣା କୋଠାରେ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟ ସେବା ଯୋଗାଇବା ନେଇ ଦାବି କରିଆସୁଅଛି । ଏହି କ୍ରମରେ ମଞ୍ଚ ପକ୍ଷରୁ ଜନ ସାଧାରଣଙ୍କୁ ନେଇ ବୈଠକ ହୋଇଥିଲା । ଜୁଲାଇ ୨୯ ତାରିଖ ୭ ଦିନ ମଧ୍ୟରେ ପୁରୁଣା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କୋଠାରେ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟ ସେବା ଯୋଗାଇବା ଦାବିରେ ଜିଲ୍ଲାପାଳ କବିନ୍ଦ୍ର ସାହୁଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ । ତେବେ ଜିଲ୍ଲା ପ୍ରଶାସନକୁ ମଞ୍ଚ ଦେଇଥିବା ୭ ଦିନ ସମୟ କଣ୍ଟ ପୁରିଥିଲେ ମଧ ଦାବି ପୂରଣ ହୋଇ ନାହିଁ । ତେଣୁ ପୁଣିଥରେ ଜିଲ୍ଲା ଯୁବ ଏକତା ମଞ୍ଚ ପକ୍ଷରୁ ଗୋପାଳଜୀ ମନ୍ଦିର ପରିସରରେ ସାଧାରଣ ସଭାରେ ଆଲୋଚନା କରାଯାଇଛି । ସଭାରେ ପ୍ରକାଶ ପାଇଥିବା ମତାମତ ଅନୁଯାୟୀ କାଲିଠାରୁ ପୌରାଞ୍ଚଳର ସମସ୍ତ ୱାର୍ଡରେ ଯୁବ କାର୍ଯ୍ୟକର୍ତ୍ତା ମାନେ ଘରକୁ ଘର ବୁଲି ଜନ ସଚେତନତା ସୃଷ୍ଟି କରିବେ । ଏହାସହ ମଞ୍ଚରେ ସାମିଲ ହୋଇ ଆସନ୍ତା ୧୨ ତାରିଖ ଦିନ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ସହ କାର୍ଯ୍ୟାଳୟ ଘେରଉ କାର୍ଯ୍ୟକ୍ରମ ସ୍ଥିର ହୋଇଛି । ଏହାସତ୍ତ୍ୱେ ଜିଲ୍ଲା ପ୍ରଶାସନ କୌଣସି ସମାଧାନ ନ କଲେ ପରବର୍ତ୍ତୀ ପଦକ୍ଷେପ ସ୍ୱରୂପ ଜିଲ୍ଲାରେ ଚକଅଖ ବନ୍ଦ କରିବା ସହ ରାଜରାସ୍ତାରେ ଆନ୍ଦୋଳନ ପାଇଁ ନିଷ୍ପତ୍ତି ନିଆଯାଇଥିବା ନେଇ ମଞ୍ଚ ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ମଞ୍ଚର ପ୍ରଫୁଲ୍ଲ ନାୟକ ସୂଚନା ଦେଇଛନ୍ତି । ଏହି ଅବସରରେ ପୌରାଞ୍ଚଳର ଯୁବ ସ୍ୱେଚ୍ଛାସେବୀ ଅର୍ଣ୍ଣବ ପଣ୍ଡା ଦେବଗଡ଼ ଜନ ସାଧାରଣଙ୍କ ସ୍ୱାସ୍ଥ୍ୟ ସେବା ସମ୍ପର୍କିତ ସମସ୍ୟାକୁ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ ପାଇଁ କାଲି ଠାରୁ ଦେବଗଡ଼ରୁ ଭୁବନେଶ୍ୱର ପଦଯାତ୍ରା କରିବେ ବୋଲି ସୂଚନା ଦିଆଯାଇଥିଲା । ସାମ୍ବାଦିକ ସମ୍ମିଳନୀରେ ଅନ୍ୟ ମାନଙ୍କ ମଧ୍ୟରେ ମଞ୍ଚର ବହୁ ମହିଳା ଓ ପୁରୁଷ ସଦସ୍ୟ ଉପସ୍ଥିତ ଥିଲେ ।



# କ୍ଲଷ୍ଟରସ୍ତରୀୟ କାର୍ଯ୍ୟକ୍ରମ ପରିଦର୍ଶନ କଲେ ଅଧିକାରୀ

ବରଗଡ଼,୪।୮ (ସମିସ): ଝାରବନ୍ଧ ବ୍ଲକ୍ ଗୌଡମାଳ କ୍ଲଷ୍ଟରର ଡୁଙ୍ଗୁରିପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ ଦ୍ୱିତୀୟ ମାସିକ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଡିଆଇଇଟି ଶିକ୍ଷକ ବେଣୁଧର ବରିହା, ପେଡାଗୋଜି ସଂଯୋଜକ ପୁଷ୍ପାଞ୍ଜଳି ଦାଶ, ଝାରବନ୍ଧ ବିଇଓ ଶୁଭମ ପତି, ଏବିଇଓ ଦୟାନିଧି କୈବର୍ତ୍ତ ପ୍ରମୁଖ ପରିଦର୍ଶନରେ ଆସିଥିଲେ । ବୈଠକରେ ଶିକ୍ଷାରେ ନୂତନତା ତଥା ନୂତନ କୌଶଳ, ବିଦ୍ୟାଳୟରେ ହେଉଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା ହୋଇଥିଲା । ଜିଲ୍ଲାରୁ ଆସିଥିବା ଅଧିକାରୀ ମାନେ ଏଫଏଲଏନ ଶ୍ରେଣୀ ଗୃହ ଦେଖି ପ୍ରଶଂସା କରିଥିଲେ । କାର୍ଯ୍ୟକ୍ରମରେ ଗୌଡମାଳ କ୍ଲଷ୍ଟର ସିଆରସିସି ପୁରନ୍ଦର କୁମ୍ଭାରଙ୍କ ସହିତ କ୍ଲଷ୍ଟରର ସମସ୍ତ ପ୍ରଧାନଶିକ୍ଷକ ଶିକ୍ଷୟିତ୍ରୀ ଏବଂ ଏଫଏଲଏନ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ ।

# ନୃସିଂହନାଥ ରାମଚଣ୍ଡୀ ମନ୍ଦିର ନିର୍ମାଣ କାର୍ଯ୍ୟ ପରିଦର୍ଶନ କଲେ ସାଂସଦ

ପାଇକମାଳ,୪।୮ (ସମିସ): ବରଗଡ଼ ଜିଲ୍ଲାର ପ୍ରମୁଖ ପର୍ଯ୍ୟଟନସ୍ଥଳୀ ନୃସିଂହନାଥରେ କୁଲତା ସମାଜର ଇଷ୍ଟଦେବୀ ମାଁ ରାମଚଣ୍ଡୀଙ୍କ ଦର୍ଶନ କରିବା ସହ ନିର୍ମାଣ ଚାଲିଥିବା ମନ୍ଦିର ୫ଟି କାର୍ଯ୍ୟକୁ ସାଂସଦ ପ୍ରଦୀପ ପୁରୋହିତ ପରିଦର୍ଶନ କରିଛନ୍ତି । ପରିଦର୍ଶନ ସମୟରେ ସାଂସଦ କୁଲତା ସମାଜ ପକ୍ଷରୁ ପ୍ରତ୍ୟେକ ଦିନ ଦିଆଯାଉଥିବା ଅନ୍ନ ଭୋଗକୁ ସମସ୍ତଙ୍କ ସହ ବସି ସେବନ କରିଥିଲେ । କୁଲତା ସମାଜର କିପରି ସର୍ବାଙ୍ଗୀନ ବିକାଶ ହେବ ସେ ଦିଗରେ ସାଂସଦ ଶ୍ରୀ ପୁରୋହିତ ପରାମର୍ଶ ଦେଇଥିଲେ । ଏଥିରେ ସମାଜର ଯୁବ ସଂଗଠକ ବୁଲୁ ବାରିକ, ହାଡୁ ସାହୁ, ଯୋଗେନ୍ଦ୍ର ଭୋଇ, ଦିନ ବାରିକ ମନୋଜ ବାରିକ, ପୁରଷୋତ୍ତମ ପ୍ରଧାନ, ଭୁବନେଶ୍ୱର ସାହା, ଶୁକଦେବ ପ୍ରଧାନ, ଅକ୍ଷ ପ୍ରଧାନ, ଇନ୍ଦ୍ରଜିତ ଭୋଇ ପ୍ରମୁଖଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ ।

# କୋଲ୍ ଇଣ୍ଡିଆ ଏସ୍‌ସି-ଏସ୍‌ଟି କର୍ମଚାରୀ ସଂଘର ନୂତନ କମିଟି

ଝାରସୁଗୁଡ଼ା,୬।୮ (ସମିସ): ଝାରସୁଗୁଡ଼ା ଜିଲ୍ଲା ବ୍ରଜରାଜନଗର ସ୍ଥିତ ମହାନଦୀ କୋଇଲା କମ୍ପାନୀ ଅଧୀନସ୍ତ ଇବ୍ ଭ୍ୟାଲି କୋଇଲା କ୍ଷେତ୍ରରେ ଥିବା କୋଲ୍ ଇଣ୍ଡିଆ ଏସ୍‌ସି-ଏସ୍‌ଟି ଏମ୍ପ୍ଲଇଜ ଆସୋସିଏସନ୍ (ସିଷ୍ଟା)ର ହିଲ୍‌ଟପ୍ କଲୋନୀ ସ୍ଥିତ କାର୍ଯ୍ୟାଳୟରେ ସାଧାରଣ ସଭା ଆୟୋଜିତ ହୋଇଛି । ଏଥିରେ ଇବ ଭ୍ୟାଲି ଏରିଆର ନୂତନ କମିଟି ଗଠନ ହୋଇଛି । ନୂତନ କମିଟିର ସଭାପତି ଭାବେ ଅର୍ଜୁନ, କାର୍ଯ୍ୟକାରୀ ସଭାପତି ଭାବେ ଉଗ୍ରଶେନ ତନ୍ତି, ଉପସଭାପତି ଦୀପକ, ସାଧାରଣ ସମ୍ପାଦକ ରବିରୋହିଦାସ, ଯୁଗ୍ମସମ୍ପାଦକ ଧିରେନ ଟପ୍ପୋ, କୋଷାଧ୍ୟକ୍ଷ ବଳରାମ ନାଏକ, ସହାୟକ କୋଷାଧ୍ୟକ୍ଷ ଭାବେ ଭଗବାନ ଧୁରୁଆଙ୍କୁ ଚୟନ କରାଯାଇଛି । ଏହା ସହିତ ଉପଦେଷ୍ଟା ଭାବେ ଡ.କପିଳ ଅଶୋକ ଭୋୟାର, ସନ୍ତୋଷ ମିର୍ଦ୍ଧା, ଲକ୍ଷ୍ମଣ ଗରୁଡ, ସୁବାଷ ଚନ୍ଦ୍ର ଜାଲୀ, ଚନ୍ଦ୍ର କିଶୋର ଗଣ୍ଡ ଓ ୨୦ ଜଣ କାର୍ଯ୍ୟକାରୀ ସଦସ୍ୟଙ୍କ ମଧ୍ୟ ଚୟନ କରାଯାଇଛି । ବୈଠକର ଅଧ୍ୟକ୍ଷତା ସିଷ୍ଟା ଇବ କୋଲ୍‌ଫିଲଡ୍ସର ସଭାପତି ଅକାଲୁରାମ କରିଥିବା ବେଳେ ସଞ୍ଚାଳନ ସିଷ୍ଟା ସମଲେଶ୍ୱରୀ ଖଣି ୟୁନିଟ୍‌ର ସଭାପତି ଈଶ୍ୱର ଆନନ୍ଦ ସତନାମୀ କରିଥିଲେ । ଏହି ବିଷୟରେ ଏମ୍‌ସିଏଲ୍ ଇବ ଭ୍ୟାଲି ଏରିଆର ମହାପ୍ରବନ୍ଧକଙ୍କୁ ଏକ ଚିଠି ଜରିଆରେ ସିଷ୍ଟା ଇବ୍ କୋଲଫିଲଡ୍ସର ସଭାପତି ଅକାଲୁରାମ ସୂଚନା ଦେଇଛନ୍ତି ।

# ବାସନ୍ତୀ ସ୍ୱାସ୍ଥ୍ୟକେନ୍ଦ୍ରରେ ନିଶୁଳ୍କ ଚିକିତ୍ସା ଶିବିର



ଝାରସୁଗୁଡ଼ା,୬।୮ (ସମିସ): ଝାରସୁଗୁଡ଼ା ଜିଲ୍ଲା ବେଲପାହାଡ ବାସନ୍ତୀ ହସ୍ପିଟାଲରେ ବୁଧବାର ନିଶୁଳ୍କ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଛି । ସ୍ୱର୍ଗତ ବାସନ୍ତୀ ପ୍ରଧାନଙ୍କ ସ୍ମୃତିରେ ତାଙ୍କ ଜନ୍ମ ଜୟନ୍ତୀ ଅବସରରେ ସକାଳ ୯ ରୁ ୨ ଟା ଯାଏଁ ଶିବିର ଅନୁଷ୍ଠିତ ହୋଇଥିଲା । ଶିବିରରେ ବାସନ୍ତୀ ହସ୍ପିଟାଲର ନିର୍ଦ୍ଦେଶକ ତଥା କ୍ରିଟିକାଲ କେୟାରର ଡ.ରାଜ ପ୍ରଧାନ, ୟୁରୋଲୋଜି ବିଭାଗର ଡ.ବରୁଣ ତମରାକର, ଗାଇନୋକୋଲୋଜି ବିଭାଗର ଡ.ଏସକେ ପାଣିଗ୍ରାହୀ, ଇଏନଟି, ଦନ୍ତ ଚିକିତ୍ସକ, ଗେଷ୍ଟ୍ରୋ ଏଣ୍ଟ୍ରୋଲୋଜି ବିଭାଗର ଡ.ମୁକ୍ତି ପ୍ରକାଶ ମେହେର, ଇଏନଟି ବିଶେଷଜ୍ଞ ଡ.ଏସ୍ ମହାନାୟକ, ଦନ୍ତ ଚିକିତ୍ସକ ଡ.ଜିତେନ୍ଦ୍ର ପ୍ରଧାନ, ଡ.ସୁଷମା ପ୍ରଧାନ, ଡ.ଶ୍ରେୟା ଅଗ୍ରୱାଲ ପ୍ରମୁଖ ଯୋଗଦେଇ ଚିକିତ୍ସା ସେବା ଯୋଗାଇଥିଲେ । ଏଥିରେ ୫୦୦ରୁ ଊର୍ଦ୍ଧ୍ୱ ରୋଗୀ ଯୋଗଦେଇ ଚିକିତ୍ସା ସେବାର ଲାଭ ନେଇଛନ୍ତି । ଲୋକଙ୍କ ସେବା ପାଇଁ ବାସନ୍ତୀ ହସ୍ପିଟାଲ ପକ୍ଷରୁ ପ୍ରତିବର୍ଷ ଏହିପରି ନିଶୁଳ୍କ ଚିକିତ୍ସା ଶିବିର ଆୟୋଜନ କରାଯିବ ଏବଂ ସେବା ପ୍ରଦାନ କରାଯିବ ବୋଲି ଡ.ଜିତେନ୍ଦ୍ର ପ୍ରଧାନ ଏବଂ ରାଜ ପ୍ରଧାନ ପ୍ରକାଶ କରିଛନ୍ତି ।

# ଫାଇଲେରିଆ ନିରାକରଣ ଅଭିଯାନ ସମ୍ପର୍କିତ ପ୍ରେସମିଟ




ଝାରସୁଗୁଡ଼ା,୬।୮ (ସମିସ): ଜିଲ୍ଲାରେ ଫାଇଲେରିଆ ରୋଗର ନିରାକରଣ ସକାଶେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ତତ୍ତ୍ୱାବଧାନରେ ଚଳିତ ଅଗଷ୍ଟ ମାସ ୧୦ରୁ ୧୯ ତାରିଖ ପର୍ଯ୍ୟନ୍ତ ସାମୂହିକ ଫାଇଲେରିଆ ଔଷଧ ସେବନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ସୂଚନା ଦିଆଯାଇଛି । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡ.ମହେଶ ମୋହନ ପଣ୍ଡାଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ.ରାଧାରମଣ ବିର୍ତ୍ତିଆ, ଡିପିଏମ ଦୀପକ ମହାନ୍ତି, ଜିଲ୍ଲା ଭେକ୍ଟର ବାହିତରୋଗ ପରାମର୍ଶ ଦାତା ଓ ସ୍ୱାସ୍ଥ୍ୟ ବିଭାଗର ଅଧିକାରୀ ମାନେ ଉପସ୍ଥିତ ଥିଲେ । ଜିଲ୍ଲାରେ ୩ ଲକ୍ଷ ୧୩ ହଜାର ୩୪୨ ଜଣ ଯୋଗ୍ୟ ବ୍ୟକ୍ତିଙ୍କୁ ଝାରସୁଗୁଡ଼ା ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର (ମଙ୍ଗଳ ବଜାର), ବେଲପାହାଡ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ପଞ୍ଚପଡା ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ତଥା ବ୍ରଜରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ଲଖନପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏହି ୫ଟି ସ୍ଥାନରେ ଅଗଷ୍ଟ ୧୦ରୁ ୧୯ ତାରିଖ ମଧ୍ୟରେ ଫାଇଲେରିଆ ଔଷଧ ସେବନ କରାଇବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ଏଥି ସକାଶେ ୧୨୮୦ ଜଣ ସ୍ୱେଚ୍ଛାସେବୀ, ୧୨୩ ଜଣ ସୁପରଭାଇଜରଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି । ୯ଟି ରାପିଡରେସପନ୍ସ ଫୋର୍ସ ଗଠନ ସହ ୬ଟି କଣ୍ଟ୍ରୋଲରୁମ ସ୍ଥାପନା କରାଯାଇଛି । ୫୦ଟି ଭ୍ରାମ୍ୟମାଣ ୟୁନିଟକୁ ଅଭିଯାନରେ ନିୟୋଜିତ କରାଯାଇଛି । ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମରେ ଆଶାକର୍ମୀ କିମ୍ବା ତାଲିମପ୍ରାପ୍ତ ସ୍ୱେଚ୍ଛାସେବୀ ଘରକୁ ଘର, ବିଦ୍ୟାଳୟ, ମହାବିଦ୍ୟାଳୟ, ଅଫିସ ଏବଂ ଅନ୍ୟ ଅନୁଷ୍ଠାନକୁ ଯାଇ ସମସ୍ତ ଯୋଗ୍ୟ ବ୍ୟକ୍ତିଙ୍କୁ ଫାଇଲେରିଆ ଔଷଧ ଖୁଆଇବେ । ୨ରୁ ୫ ବର୍ଷ ବୟସର ଶିଶୁ କେବଳ ଡିଇସି ଓ ଆଲବେଣ୍ଡାଜଲ ବଟିକା ଓ ୬ ବର୍ଷରୁ ଊର୍ଦ୍ଧ୍ୱ ସମସ୍ତ ଯୋଗ୍ୟ ବ୍ୟକ୍ତି ଉପରୋକ୍ତ ଦୁଇ ବଟିକା ସହ ଆଇଭରମେକ୍ଟିନ ବଟିକା ଖାଇବା ସମ୍ପର୍କରେ ସୂଚନା ଦିଆଯାଇଥିଲା । କେବଳ ଗର୍ଭବତୀ ମହିଳା, ଦୁଇ ବର୍ଷରୁ କମ ଶିଶୁ, ଏକ ସପ୍ତାହ ମଧ୍ୟରେ ଶିଶୁ ଜନ୍ମ କରିଥିବା ମାଆ ଏବଂ ଗୁରୁତର ଅସୁସ୍ଥ ରୋଗୀଙ୍କୁ ଏହି ବଟିକା ଦିଆଯିବ ନାହିଁ । ସରକାରଙ୍କ ତରଫରୁ ସମ୍ପୂର୍ଣ୍ଣ ମାଗଣାରେ ଯୋଗାଇ ଦିଆଯାଉଥିବା ଫାଇଲେରିଆ ଔଷଧ ସେବନ ସମ୍ପୂର୍ଣ୍ଣ ନିରାପଦ ବୋଲି ମୁଖ୍ୟ ଚିକିତ୍ସା ଅଧିକାରୀ କହିଥିଲେ । ଡିଇସି, ଆଲବେଣ୍ଡାଜଲ ଓ ଆଇଭରମେକ୍ଟିନ ବଟିକାର ଗୋଟିଏ ମାତ୍ରା ଖାଇବାକୁ ସମସ୍ତଙ୍କୁ ଅନୁରୋଧ କରାଯିବା ସହ ଫାଇଲେରିଆର ସମ୍ପୂର୍ଣ୍ଣ ନିରାକରଣ ପାଇଁ ଗ୍ରହଣ କରାଯାଇଥିବା ସଂକଳ୍ପ ପୂରଣ ଦିଗରେ ସମସ୍ତଙ୍କର ସହଯୋଗ କାମନା କରାଯାଇଛି ।

# ଟ୍ରଷ୍ଟ ଫଣ୍ଡ କଲେଜରେ ବକ୍ତୃତା ପ୍ରତିଯୋଗିତା

ବରଗଡ଼,୪।୮ (ସମିସ): ଟ୍ରଷ୍ଟ ଫଣ୍ଡ ମହାବିଦ୍ୟାଳୟରେ ଜିଲ୍ଲାସ୍ତରୀୟ ବକ୍ତୃତା ପ୍ରତିଯୋଗିତା ଅଧ୍ୟକ୍ଷ ଡ.ସରୋଜ ଦେବତାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି । ବିଚାରକ ଭାବେ ସାହିତ୍ୟକ ଦିବ୍ୟ କିଶୋର ଦେବତା, ସୁଜିତ୍ ଦାସ ପ୍ରମୁଖ ଯୋଗ ଦେଇଥିଲେ । ପ୍ରତିଯୋଗିତାରେ ପଞ୍ଚାୟତ ଡିଗ୍ରୀ ମହାବିଦ୍ୟାଳୟର ଛାତ୍ର ଅବିନାଶ ନାଗ ପ୍ରଥମ, ରୋଟାରୀ ପବ୍ଲିକ ସ୍କୁଲ ଛାତ୍ରୀ ଅକ୍ଷିତା ଷଡଙ୍ଗୀ ଦ୍ୱିତୀୟ, ବିକାଶ ସ୍କୁଲ ଅଫ୍ ବିଜନେସ ମ୍ୟାନେଜମେଣ୍ଟର ଛାତ୍ରୀ ଆରାଧନା ପ୍ରଧାନ ତୃତୀୟ ସ୍ଥାନ ଅଧିକାର କରି ବିଜୟୀ ଘୋଷିତ ହୋଇଛନ୍ତି । କାର୍ଯ୍ୟକ୍ରମ ପରିଚାଳନାରେ ଅଧ୍ୟାପକ ଅଶୋକ ବେହେରା, ନମିତା ବିଶି, ସୁନିଲ ଅଗସ୍ତି, ସୁଷମା ପଣ୍ଡା, ଯାଦବ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ ।

● ନବ ଦାସ ହତ୍ୟା ମାମଲା

# ସାକ୍ଷ୍ୟ ପାଇଁ କୋର୍ଟକୁ ଆସିଲେନି ତତ୍କାଳୀନ ଆଇଆଇସି

ଝାରସୁଗୁଡ଼ା,୬।୮ (ସମିସ): ବହୁ ଚର୍ଚ୍ଚିତ ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସଙ୍କ ହତ୍ୟା ମାମଲାରେ ଝାରସୁଗୁଡ଼ା ଏଡିଜେ କୋର୍ଟରେ ମୁଖ୍ୟ ସାକ୍ଷୀ ତତ୍କାଳୀନ ବ୍ରଜରାଜନଗର ଥାନା ଅଧିକାରୀ ପ୍ରଦ୍ୟୁମ୍ନ ସ୍ୱାଇଁଙ୍କ ସାକ୍ଷ୍ୟ ଗ୍ରହଣ ହୋଇପାରି ନାହିଁ । ବୁଧବାର ଝାରସୁଗୁଡ଼ା ଏଡିଜେ କୋର୍ଟରେ



ପ୍ରଦ୍ୟୁମ୍ନ ସ୍ୱାଇଁ ସାକ୍ଷ୍ୟ ଦେବାର ଥିଲା । ହେଲେ ସେ କାର୍ଯ୍ୟ ବ୍ୟସ୍ତତା ଯୋଗୁଁ ଅନୁପସ୍ଥିତ ରହିବାରୁ ସାକ୍ଷ୍ୟ ଗ୍ରହଣ ହୋଇପାରି ନାହିଁ । ପୂର୍ବରୁ ଏହି ମାମଲାରେ ୩୩ ଜଣଙ୍କ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଛି । ହେଲେ ଏବେ ମଧ ନବ ଦାସଙ୍କ ହତ୍ୟା ଗୋପାଳ କରିଛି କି ଅନ୍ୟ କେହି କରିଛନ୍ତି ତାହା ସ୍ପଷ୍ଟ ହୋଇନାହିଁ । ପ୍ରଦ୍ୟୁମ୍ନ ସ୍ୱାଇଁ ଯେହେତୁ ଗୁଳିକାଣ୍ଡ ସମୟରେ ଉପସ୍ଥିତ ଥିଲେ ତାଙ୍କ ସାକ୍ଷ୍ୟ ପରେ ଏହି ମାମଲାର ରହସ୍ୟ କିଛିଟା ଉନ୍ମୋଚନ ହେବ ବୋଲି ଗୋପାଳଙ୍କ ଓକିଲ ନରେଶ ନାଏକ କହିଛନ୍ତି ।

# ଗଙ୍ଗାଧର ଜ୍ୟୋତିଯାତ୍ରା ୨୦୨୫ ପାଇଁ ବ୍ୟାପକ ପ୍ରସ୍ତୁତି

ବରଗଡ଼,୫।୮ (ସମିସ): ପବିତ୍ର ଶ୍ରାବଣ ପୂର୍ଣ୍ଣିମା ଆଗାମୀ ଅଗଷ୍ଟ ୯ ତାରିଖରେ ସ୍ୱଭାବକବି ଗଙ୍ଗାଧର ମେହେରଙ୍କ ୧୬୪ ତମ ଜୟନ୍ତୀ ରହିଛି । ଏହି ପରିପ୍ରେକ୍ଷୀରେ ଗଙ୍ଗାଧର ମେହେର ଜ୍ୟୋତିଯାତ୍ରା ୨୦୨୫ ସ୍ୱଭାବକବି ଗଙ୍ଗାଧର ମେହେରଙ୍କ ଜନ୍ମପୀଠ ବରପାଲିର କବି ଭବନରୁ ସତଲମା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପର୍ଯ୍ୟନ୍ତ ଭବ୍ୟ



ଜ୍ୟୋତିଯାତ୍ରା କରାଯିବାକୁ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ହୋଇଛି ।

ପ୍ରତିବର୍ଷ ପରି ଗଙ୍ଗାଧର ଜ୍ୟୋତିଯାତ୍ରା ୨୦୨୫ ବରଗଡ଼ କମିଟି ତରଫରୁ ଅନୁଷ୍ଠିତ ହେବ । ଏଥିପାଇଁ ଏମ୍‌ଆର୍‌ପ୍ରେସ୍‌ରେ ପ୍ରସ୍ତୁତି ବୈଠକ ହୋଇଯାଇଛି । ସେହିପରି ସତଲମା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଲିଙ୍ଗରାଜ ବେହେରାଙ୍କ ଅଧ୍ୟକ୍ଷତାରେ ବିଦ୍ୟାଳୟ ପରିସରରେ ଏକ ସଭା ହୋଇଥିଲା । ସଭାରେ ଗଙ୍ଗାଧର ଜ୍ୟୋତିଯାତ୍ରା କାର୍ଯ୍ୟକ୍ରମ ଉପରେ ଆଲୋଚନା ହୋଇଥିଲା । ଅଧ୍ୟକ୍ଷ ଲିଙ୍ଗରାଜ ବେହେରା, ଅଧ୍ୟାପକ ଲୋକବନ୍ଧୁ ପ୍ରଧାନ, ପ୍ରଧାନଶିକ୍ଷୟିତ୍ରୀ ଅରୁନ୍ଧତୀ ଭୋଇ, ତେଜରାଜ ଭୋଇ, ମୋହନ ଚାନ୍ଦ ପଧାନ, ପ୍ରଧାନଶିକ୍ଷକ ଡୋଳାମଣି ପଟେଲ, ଅଧ୍ୟାପକ ଭରତ ଚନ୍ଦ୍ର ସାହୁ ପ୍ରମୁଖ ଯୋଗ ଦେଇଥିଲେ ।

କବି ଗଙ୍ଗାଧର ମେହେରଙ୍କ ୧୬୪ତମ ଜୟନ୍ତୀରେ କବିଙ୍କ ଜନ୍ମପୀଠ ବରପାଲି କବିଭବନରୁ ଜ୍ୟୋତିଯାତ୍ରା ଦିବା ଘ.୧୦.୩୦ମି.ରେ ବାହାରି ବିଭିନ୍ନ ବିଦ୍ୟାଳୟ ଦେଇ ସତଲମା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ମଧ୍ୟାହ୍ନରେ ପହଞ୍ଚିବାକୁ ସ୍ଥିର ହୋଇଛି । ଉଲ୍ଲେଖନୀୟ, ଏହିବର୍ଷ ଓଡ଼ିଆ ଭାଷା ବିକାଶ ଆନ୍ଦୋଳନ ତରଫରୁ ବ୍ୟାସକବି ଫକୀରମୋହନଙ୍କ ଜନ୍ମପୀଠ ବାଲେଶ୍ୱରରୁ ସ୍ୱଭାବକବି ଗଙ୍ଗାଧରଙ୍କ ଜନ୍ମପୀଠ ବରପାଲିକୁ ଗଙ୍ଗାଧରଙ୍କ ଶ୍ରାଦ୍ଧ ଶତବାର୍ଷିକୀ ପୂର୍ତ୍ତି ଉପଲକ୍ଷେ ଆସୁଥିବା ସାରସ୍ୱତ-ସଂପ୍ରତି ଯାତ୍ରାର ଯାତ୍ରୀ ବହୁ ସାହିତ୍ୟିକମାନେ ମଧ ଏହି ଜ୍ୟୋତିଯାତ୍ରାରେ ସାମିଲ ହେବାର କାର୍ଯ୍ୟକ୍ରମ ରହିଛି । ଏହାସହ ସଭାରେ ମୁଖ୍ୟ ଅତିଥି ଭାବେ ବରଗଡ଼ ଜିଲ୍ଲାପାଳ ଆଦିତ୍ୟ ଗୋଏଲ, ବରେଣ୍ୟ ଅତିଥି ଭାବେ ଜିଲ୍ଲା ପୁଲିସ୍ ସୁପରିଣ୍ଟେଣ୍ଡେଣ୍ଟ ପ୍ରହ୍ଲାଦ ସାହାଇ ମୀନା, ମୁଖ୍ୟବକ୍ତା ଭାବେ ଡ.ଉମେଶ ଚନ୍ଦ୍ର ଶତପଥୀ, ସମ୍ମାନିତ ଅତିଥି ଭାବେ ଡ.ସାରଙ୍ଗଧର ତ୍ରିପାଠୀ, ଦୀପକ ବୋଷ, ଡ.ଦୂର୍ବାଦଳ ମେହେର, ସାମ୍ବାଦିକ ରକ୍ଷାକାରୀ ବିଶି, ଅଭିନେତ୍ରୀ ଡ.ତପସ୍ୱିନୀ ଗୁରୁ, ବାଗ୍ମୀ ଅଧ୍ୟାପକ ଲୋକବନ୍ଧୁ ପ୍ରଧାନ ଏବଂ ଅଧ୍ୟକ୍ଷ ଲିଙ୍ଗରାଜ ବେହେରା ତଥା ସ୍ୱଭାବକବିଙ୍କ ସାହିତ୍ୟିକ ପ୍ରପୌତ୍ର ମନୋରଞ୍ଜନ ମେହେର ପ୍ରମୁଖ ଯୋଗଦାନ କରିବାର କାର୍ଯ୍ୟକ୍ରମ ରହିଛି ।

# ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅଧ୍ୟାପକ ଓ କର୍ମଚାରୀ ସଂଘର ଦାବିପତ୍ର

ଦେବଗଡ଼,୬।୮ (ସମିସ):




ନିଖିଳ ଓଡ଼ିଶା ୬୬୨ (+୨ ଓ +୩) ଅନୁଦାନ ପ୍ରାପ୍ତ ବେସରକାରୀ ଅଧ୍ୟାପକ ଓ କର୍ମଚାରୀ ସଂଘ ଦେବଗଡ଼ ଜିଲ୍ଲା ଶାଖା ପକ୍ଷରୁ ବୁଧବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୩ ଦଫା ଦାବି ସମ୍ବଳିତ ପତ୍ର ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଛି । ସଂଘ ଜିଲ୍ଲା ସଭାପତି ବିଜୟ ଶତପଥୀଙ୍କ ନେତୃତ୍ୱରେ ଜିଲ୍ଲାର ସମସ୍ତ ୬୬୨ ବର୍ଗ ଅନୁଦାନ ପ୍ରାପ୍ତ ଯୁକ୍ତ ୨ ଓ ଯୁକ୍ତ ୩ର ଅଧ୍ୟାପକ ଓ କର୍ମଚାରୀ ଏକ ଶୋଭାଯାତ୍ରାରେ ବିଭିନ୍ନ ସ୍ଲୋଗାନ ଦେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ । ସେଠାରେ ରାଜ୍ୟ ସରକାରଙ୍କ ଚାକିରି ସର୍ତ୍ତାବଳୀ, ଅବସରକାଳୀନ ବୟସ ୬୦ରୁ ୬୨ ଓ ପେନସନ ଲାଗୁ ଦାବିରେ ଏକ ସ୍ମାରକପତ୍ର ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳ ରେବୀକା ବିଲୁଙ୍ଗଙ୍କୁ ପ୍ରଦାନ କରିଥିଲେ । ସଂଘର ଅଭିଯୋଗ ଅନୁଯାୟୀ ଦୀର୍ଘ ବର୍ଷ ଚାକିରି କରି ଅବସର ପରେ ମଧ ୬୬୨ ବର୍ଗ ଅନୁଦାନ ପ୍ରାପ୍ତ ଅଧ୍ୟାପକ ଓ କର୍ମଚାରୀଙ୍କୁ ସରକାର ପେନସନ ବ୍ୟବସ୍ଥା କରି ନଥିବାରୁ ଅବସରକାଳୀନ ଜୀବନ ସମ୍ପୃକ୍ତ କର୍ମଚାରୀଙ୍କ ଦୁସ୍ଥ ହୋଇପଡୁଛି । ସାମାନ କାମକୁ ଅନ୍ୟ ଅଧ୍ୟାପକ ଓ କର୍ମଚାରୀଙ୍କୁ ରାଜ୍ୟ ସରକାରଙ୍କ ଚାକିରି ସର୍ତ୍ତାବଳୀ ଅନୁଯାୟୀ ପଦୋନ୍ନତି, ମହଙ୍ଗା ଭତ୍ତା, ଅବସରକାଳୀନ ପେନସନ ଭଳି ସୁବିଧା ମିଳୁଛି । ହେଲେ ଏହି ୬୬୨ ବର୍ଗ ଅନୁଦାନ ପ୍ରାପ୍ତ ଅଧ୍ୟାପକ ଓ କର୍ମଚାରୀଙ୍କ କ୍ଷେତ୍ରରେ ବ୍ୟତିକ୍ରମ ଘଟୁଛି । ତେଣୁ ସରକାର ସାମାନ କାମକୁ ସାମାନ ଦରମା ଓ ସୁବିଧା ସୁଯୋଗ ଦାବିକରି ତୁରନ୍ତ ପେନସନ ବ୍ୟବସ୍ଥା ଲାଗୁ କରିବାକୁ ଦାବିପତ୍ରରେ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଥିବା ଜଣାପଡିଛି ।


यूनियन बैंक ऑफ़ इंडिया | Union Bank of India
भारत सरकार का उपक्रम | A Government of India Undertaking

**ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ**
କ୍ଷେତ୍ରୀୟ କାର୍ଯ୍ୟାଳୟ: ଭୁବନେଶ୍ୱର
୩/୧ଏ, ସିଭିକ୍ ସେଣ୍ଟର, ଆଇଆର୍‌ସି ଭିଲେଜ,
ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫

**ଡିମାଣ୍ଡ ନୋଟିସ୍**

ସିକ୍ୟୁରିଟି ଇଣ୍ଟରେଷ୍ଟର ଏନ୍‌ଫୋର୍ସମେଣ୍ଟ ନିମନ୍ତେ ସରଫେଶୀ ଆକ୍ଟ ୨୦୦୨ର ଧାରା ୧୩(୨) ଅନୁଯାୟୀ ନୋଟିସ୍

**ବିଷୟ: ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩(୩) ସହିତ ଧାରା ୧୩(୨) ଅନୁଯାୟୀ ନୋଟିସ୍**

ଆମେ ନିମ୍ନଲିଖିତ ଋଣଗ୍ରହୀତା/କୋ-ଆପ୍ଲିକାଣ୍ଟ/କୋ-ଓବ୍ଲିଗାଣ୍ଟ/ଗ୍ୟାରେଣ୍ଟିଦାତାମାନଙ୍କୁ ଜଣାଇ ଦେଉଛୁ କି ସେମାନେ ଆମର **ସମ୍ପୃକ୍ତ ଶାଖାରୁ** ନିମ୍ନଲିଖିତ ଋଣ ସୁବିଧା ଉପଲବ୍ଧ କରିଛନ୍ତି ଏବଂ ସେମାନେ ବକେୟା ଦେୟ / କିସ୍ତି / ସୁଧ ପରିଶୋଧ କରିନଥିବାରୁ ଭାରତୀୟ ରିଜର୍ଭ ବ୍ୟାଙ୍କର ନିର୍ଦ୍ଦେଶାବଳୀ ଅନୁସାରେ ସେମାନଙ୍କର ନିମ୍ନଲିଖିତ ଆକାଉଣ୍ଟ ଏନ୍‌ପିଏ ଶ୍ରେଣୀଭୁକ୍ତ ହୋଇଛି । କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସରଫେଶୀ ଆକ୍ଟ, ୨୦୦୨ର ଧାରା ୧୩(୨) ଅନୁଯାୟୀ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ସମ୍ପୃକ୍ତ ଶାଖାର** ଋଣଗ୍ରହୀତା/କୋ-ଆପ୍ଲିକାଣ୍ଟ/କୋ-ଓବ୍ଲିଗାଣ୍ଟ/ଗ୍ୟାରେଣ୍ଟିଦାତାମାନଙ୍କୁ ବ୍ୟାଙ୍କ ଦେୟ ପଇଠ କରିବା ନିମନ୍ତେ ଡିମାଣ୍ଡ ନୋଟିସ୍ ଜାରି କରାଯାଇଥିଲା କିନ୍ତୁ ନିମ୍ନଦର୍ଶିତ ପକ୍ଷମାନଙ୍କୁ ତାହା ପ୍ରଦାନ କରାଯାଇପାରିନଥିଲା । ତେଣୁ ଏହି ପ୍ରକାଶନଟି ସମସ୍ତ ପକ୍ଷଙ୍କୁ ଏକ ବିକଳ୍ପ ସେବା ଅଟେ । ସେମାନଙ୍କର ଆକାଉଣ୍ଟର ମୋଟ ବକେୟା ପରିମାଣ ନିମ୍ନ ଦର୍ଶିତ ସ୍ତମ୍ଭରେ ଦର୍ଶାଯାଇଛି । ସବିଶେଷ ବିବରଣୀ ନିମ୍ନରେ ପ୍ରଦତ୍ତ:

| ଶାଖା / ଋଣଗ୍ରହୀତା/କୋ-ଆପ୍ଲିକାଣ୍ଟ/କୋ-ଓବ୍ଲିଗାଣ୍ଟ/ଗ୍ୟାରେଣ୍ଟିଦାତାଙ୍କ ନାମ ଓ ଠିକଣା | ଋଣ ପ୍ରକାର | ଏନ୍‌ପିଏ ତାରିଖ /ଡିମାଣ୍ଡ ତାରିଖ / ମୋଟ ବକେୟା | ସମ୍ପତ୍ତିଗୁଡିକର ବିବରଣୀ |
|---|---|---|---|
| ଭୁବନେଶ୍ୱର ମୁଖ୍ୟ ଶାଖା / **୧) ଋଣଗ୍ରହୀତା: ଶ୍ରୀ ଅମିତାଭ ଘଡେଇ / ୨) କୋ-ଓବ୍ଲିଗାଣ୍ଟ: ଶ୍ରୀମତୀ ମହେଶ୍ୱେତା ମହାପାତ୍ର,** ଉଭୟଙ୍କ ଠିକଣା- ସା: ପ୍ଲଟ୍ ନଂ.: ୧୯୭୫/୫୩୨୪, ଆକାରପୁରୀ କଲୋନୀ, ରଥ ରୋଡ, ଓଲ୍ଡ ଟାଉନ୍, ଗୌତମ ନଗର, ଭୁବନେଶ୍ୱର, ଓଡ଼ିଶା | ୧. ୟୁନିୟନ୍ ହୋମ୍ ୨. ୟୁନିୟନ୍ ଆଶିୟାନା ବ୍ୟକ୍ତିଗତ ଋଣ | ୧୩.୦୭.୨୦୨୫ / ୧୮.୦୭.୨୦୨୫ / ୧୮.୦୭.୨୦୨୫ ସୁଦ୍ଧା ଟ.୧୯,୯୮,୨୫୯.୯୬ | ବନ୍ଧକପ୍ରାପ୍ତ ସ୍ଥାବର ସମ୍ପତ୍ତି ଯାହାର ଫ୍ଲାଟ୍ ନଂ.: ୪୦୪, ୪ର୍ଥ ମହଲା, "ଶିବଶକ୍ତି ଏନ୍‌କ୍ଲେଭ୍" ୨ ବିଏଚ୍‌କେ, କ୍ଷେତ୍ର: ୧୩୮୨ ବର୍ଗଫୁଟ, ଖାତା ନଂ.: ୧୫୯, ଅନୁରୂପ ଖାତା ନଂ.: ୩୧୧/୪୩୨, ପ୍ଲଟ୍ ନଂ.: ୩୩୧ (ସ୍ଥିତିବାନ), କିସମ: ଘରବାରୀ, ମୌଜା: କଣ୍ଡିଲୋ, ଏସ୍‌ଆରଓ: ଜଟଣୀ, ଜିଲ୍ଲା: ଖୋର୍ଦ୍ଧା |
| ଭୁବନେଶ୍ୱର ମୁଖ୍ୟ ଶାଖା / **୧) ଋଣଗ୍ରହୀତା: ୧(କ) ମେସର୍ସ ବିଜିନେସ୍.କମ୍, ସ୍ୱତ୍ତ୍ୱାଧିକାରୀ: ଶ୍ରୀମତୀ ବି ପି ଜୟଶ୍ରୀ ପଣ୍ଡା, ୧(ଖ) ଶ୍ରୀମତୀ ବି ପି ଜୟଶ୍ରୀ ପଣ୍ଡା / ୨) ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନେ: ୨(କ) ଶ୍ରୀ ବିଶ୍ୱଜିତ୍ ସାହୁ,** ପିତା: ୰ ଗୌରାଙ୍ଗ ଚରଣ ସାହୁ, **୨(ଖ) ଶ୍ରୀ ବିଶ୍ୱବିଜୟ ସାହୁ,** ପିତା: ୰ ଗୌରାଙ୍ଗ ଚରଣ ସାହୁ, ସମସ୍ତଙ୍କ ଠିକଣା: ପ୍ଲଟ୍ ନଂ.: ୧୪୯୪/୧୫୨୪, ଆଇବିଏଲ୍ ହାଉସ୍, ଟଙ୍କପାଣି ରୋଡ, ବଡଗଡ ବ୍ରିଟ୍ କଲୋନୀ, ଭୁବନେଶ୍ୱର, ଓଡ଼ିଶା - ୭୫୧୦୧୮ / **୩) ମୃତକ ଗ୍ୟାରେଣ୍ଟିଦାତା/ବନ୍ଧକଦାତା ଗୌରାଙ୍ଗ ଚରଣ ସାହୁଙ୍କ ଆଇନଗତ ଉତ୍ତରାଧିକାରୀମାନେ: ୩(କ) ଶ୍ରୀ ବିଶ୍ୱଜିତ୍ ସାହୁ,** ପିତା: ୰ ଗୌରାଙ୍ଗ ଚରଣ ସାହୁ, **୩(ଖ) ଶ୍ରୀ ବିଶ୍ୱବିଜୟ ସାହୁ,** ପିତା: ୰ ଗୌରାଙ୍ଗ ଚରଣ ସାହୁ, **୩(ଗ) କିରଣବାଳା ସାହୁ,** ସ୍ୱାମୀ: ୰ ଗୌରାଙ୍ଗ ଚରଣ ସାହୁ, ସମସ୍ତଙ୍କ ଠିକଣା: ପ୍ଲଟ୍ ନଂ.: ୧୪୯୪/୧୫୨୪, ଆଇବିଏଲ୍ ହାଉସ୍, ଟଙ୍କପାଣି ରୋଡ, ବଡଗଡ ବ୍ରିଟ୍ କଲୋନୀ, ଭୁବନେଶ୍ୱର, ଓଡ଼ିଶା - ୭୫୧୦୧୮, **୩(ଘ) ଶ୍ରୀମତୀ ନଳିନୀ ପ୍ରଭା ସାହୁ,** ପିତା: ୰ ଗୌରାଙ୍ଗ ଚରଣ ସାହୁ, ପ୍ଲଟ୍ ନଂ.: ଇ୨/୮, ୧ ନଂ. ବୃନ୍ଦାବନ କଲୋନୀ, ବଡପଡିଆ, ପାରାଦୀପ, ଜଗତ୍‌ସିଂହପୁର, ଓଡ଼ିଶା - ୭୫୪୧୪୨, **୩(ଙ) ମିସ୍ ନନ୍ଦିନୀ ପ୍ରଭା ସାହୁ,** ପିତା: ୰ ଗୌରାଙ୍ଗ ଚରଣ ସାହୁ, ପ୍ଲଟ୍ ନଂ.: ଜିକେଭି-୫୮, ଗତି କୃଷ୍ଣ ଭିଲ୍ଲା, ବ୍ରହ୍ମେଶ୍ୱର ମନ୍ଦିର, ଟଙ୍କପାଣି ରୋଡ, ବଡଗଡ, ଭୁବନେଶ୍ୱର, ଓଡ଼ିଶା - ୭୫୧୦୧୮ | ୧. ସିସି ହାଇପୋଥିକେସନ୍ ୨. ମିଆଦୀ ଋଣ | ୨୩.୦୭.୨୦୨୫ / ୨୫.୦୭.୨୦୨୫ / ୨୪.୦୭.୨୦୨୫ ସୁଦ୍ଧା ଟ.୫,୦୧,୩୭,୬୩୭.୨୫ | ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଯାହାର **(କ) ଶ୍ରୀ ବିଶ୍ୱବିଜୟ ସାହୁ, ଶ୍ରୀ ବିଶ୍ୱଜିତ୍ ସାହୁଙ୍କ** ନାମରେ ଥିବା ସମ୍ପତ୍ତି ଯାହାର ମୌଜା: ତାଳପଡା, ତହସିଲ: କୁଜଙ୍ଗ, ଜିଲ୍ଲା: ଜଗତ୍‌ସିଂହପୁର, ଖାତା ନଂ.: ୭୫୫/୧୭୬, ପ୍ଲଟ୍ ନଂ.: ୩୫୭/୨୩୨୩, କ୍ଷେତ୍ର: ଏକର ୦.୦୫୦ ଡିସିମିଲି, **(ଖ) ମୃତକ ଗୌରାଙ୍ଗ ଚରଣ ସାହୁଙ୍କ ଆଇନଗତ ଉତ୍ତରାଧିକାରୀମାନଙ୍କ** ନାମରେ ଥିବା ସମ୍ପତ୍ତି ଯାହାର ମୌଜା: ତାଳପଡା, ତହସିଲ: କୁଜଙ୍ଗ, ଜିଲ୍ଲା: ଜଗତ୍‌ସିଂହପୁର, ଖାତା ନଂ.: ୭୫୫/୧୭୭, ପ୍ଲଟ୍ ନଂ.: ୩୫୭/୨୩୨୪, କ୍ଷେତ୍ର: ଏକର ୦.୦୪୦ ଡିସିମିଲି, **(ଗ) ଶ୍ରୀ ବିଶ୍ୱବିଜୟ ସାହୁଙ୍କ** ନାମରେ ଥିବା ସମ୍ପତ୍ତି ଯାହାର ମୌଜା: ତାଳପଡା, ତହସିଲ: କୁଜଙ୍ଗ, ଜିଲ୍ଲା: ଜଗତ୍‌ସିଂହପୁର, ଖାତା ନଂ.: ୭୫୫/୫୯, ଅନୁରୂପ ଖାତା ନଂ.: ୭୫୫/୫୧୪, ପ୍ଲଟ୍ ନଂ.: ୩୫୭/୨୫୫୭, କ୍ଷେତ୍ର: ଏକର ୦.୦୧୦ ଡିସିମିଲି |
| ଓଏମ୍‌ସି କ୍ୟାମ୍ପସ୍ ଶାଖା / **୧) ଋଣଗ୍ରହୀତା: ମେସର୍ସ ଜୟଦୁର୍ଗା ଟ୍ରାନ୍ସପୋର୍ଟ, ଅଂଶୀଦାରମାନେ: (କ) ଶ୍ରୀ ଶୁଭେନ୍ଦୁ କୁମାର ଦାସ, (ଖ) ଶ୍ରୀ ଚିତ୍ତରଞ୍ଜନ ଓଝା,** ଉଭୟଙ୍କ **ଠିକଣା-୧:** ବ୍ଲକ୍-ସି, ପ୍ଲଟ୍ ନଂ.: ୨୨୯, ଜଗନ୍ନାଥ ବିହାର, ରୋଡ ନଂ.: ୬, ଝାରପଡା, ଲକ୍ଷ୍ମୀସାଗର, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା, **ଠିକଣା-୨:** ରୁମ୍ ନଂ.: ଏ-୧, ପ୍ଲଟ୍ ନଂ.: ୨୩୩୫/୪୦୬୧/୫୧୫୪, ସା: ଜଗତ୍‌ପୁର, ଗୋଲେଇ ଛକ, ଦୁର୍ଗା ମଣ୍ଡପ ନିକଟ, ଜଗତ୍‌ପୁର, କଟକ - ୭୫୪୦୨୧ / **୨) ଗ୍ୟାରେଣ୍ଟିଦାତା: ଶ୍ରୀ ଚିତ୍ତରଞ୍ଜନ ଓଝା (ଅଂଶୀଦାର),** ପିତା: ଶ୍ରୀ ନିତ୍ୟାନନ୍ଦ ଓଝା, ସା: ବ୍ରାହ୍ମଣ ମଣିଯୋରି, କଟକ, ଓଡ଼ିଶା - ୭୫୪୨୦୬ / **୩) ବନ୍ଧକଦାତା: ଶ୍ରୀ ଶୁଭେନ୍ଦୁ କୁମାର ଦାସ (ପରିଚାଳନା ଅଂଶୀଦାର),** ପିତା: କୃଷ୍ଣ ଚନ୍ଦ୍ର ଦାସ, ଗୋପିନାଥପୁର, ପଧାନପଡା, କଟକ, ଓଡ଼ିଶା - ୭୫୪୨୦୦ | ଏସ୍‌ଓଡିଜିଇଏନ୍ | ୨୯.୦୫.୨୦୨୫ / ୨୧.୦୭.୨୦୨୫ / ୩୦.୦୬.୨୦୨୫ ସୁଦ୍ଧା ଟ.୫୫,୦୫,୧୯୯.୫୧ | **ଶୁଭେନ୍ଦୁ କୁମାର ଦାସଙ୍କ** ନାମରେ ଥିବା ବାସୋପଯୋଗୀ ଜମି ଯାହାର ଖାତା ନଂ.: ୨୬୬/୧୮୦୨, ପ୍ଲଟ୍ ନଂ.: ୯୦୩/୨୩୮୭, ମୌଜା: ଅନନ୍ତପୁର, ଥାନା: ବାଲିଅନ୍ତା ନଂ.: ୮, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା, କ୍ଷେତ୍ର: ଏକର ୦.୦୪୦ ଡିସିମିଲି କିମ୍ବା ୧୭୪୨ ବର୍ଗଫୁଟ, ଏହାର ଚାରିପାର୍ଶ୍ୱରେ ଉତ୍ତର: ପ୍ଲଟ୍ ନଂ.: ୯୦୨, ଦକ୍ଷିଣ: ରାସ୍ତା, ପୂର୍ବ: ପ୍ଲଟ୍ ନଂ.: ୯୦୪, ପଶ୍ଚିମ: ପ୍ଲଟ୍ ନଂ.: ୯୦୩ର ଅବଶିଷ୍ଟ |
| ରସୁଲଗଡ ଶାଖା / **୧) ଋଣଗ୍ରହୀତା/ଆପ୍ଲିକାଣ୍ଟ/ବନ୍ଧକଦାତା: ୧(କ) ଶ୍ରୀ ବିରଞ୍ଚି ନାରାୟଣ ବେହେରା / ୧(ଖ) କୋ-ଆପ୍ଲିକାଣ୍ଟ / ବନ୍ଧକଦାତା: ଶ୍ରୀ ରବିନ୍ଦ୍ର କୁମାର ବେହେରା,** ଉଭୟଙ୍କ ଠିକଣା- ସା: ପ୍ଲଟ୍ ନଂ.: ୨୭୧, ସା: ନହରକଣ୍ଠା, ମଞ୍ଚେଶ୍ୱର, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା - ୭୫୨୧୦୧ | ଏଚ୍‌ଏଲ୍‌ପିଜିଏନ୍ | ୨୯.୦୭.୨୦୨୫ / ୦୧.୦୮.୨୦୨୫ / ୩୧.୦୭.୨୦୨୫ ସୁଦ୍ଧା ଟ.୧୯,୫୫,୭୩୭.୧୨ | **ଶ୍ରୀ ବିରଞ୍ଚି ନାରାୟଣ ବେହେରା** ଏବଂ **ଶ୍ରୀ ରବିନ୍ଦ୍ର କୁମାର ବେହେରାଙ୍କ** ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୨୭୧/୨୧୮୧/୨୭୬୫, ଖାତା ନଂ: ୬୦୯/୮୪୩, କ୍ଷେତ୍ର: ଏକର ୦.୦୩୦ ଡିସିମିଲି ଏବଂ ପ୍ଲଟ୍ ନଂ.: ୨୭୧, ଖାତା ନଂ: ୭୨୦/୧୧୦, କ୍ଷେତ୍ର: ଏକର ୦.୦୧୫ ଡିସିମିଲି, **ମୋଟ କ୍ଷେତ୍ର: ଏକର ୦.୦୪୫ ଡିସିମିଲି,** ଉପରୋକ୍ତ ୨ଟି ପ୍ଲଟ୍‌ର ମୌଜା: ନହରକଣ୍ଠା, ମଞ୍ଚେଶ୍ୱର, ତହସିଲ: ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଏହାର (କାଗଜାତ୍ ଅନୁଯାୟୀ) ଚାରିପାର୍ଶ୍ୱରେ ଉତ୍ତର: ରାସ୍ତା, ଦକ୍ଷିଣ: କୈଳାସ ଚନ୍ଦ୍ର ସାହୁ ଏବଂ ଅନ୍ୟମାନେ, ପୂର୍ବ: ସବ୍ ପ୍ଲଟ୍ ନଂ.: ½, ପଶ୍ଚିମ: କୈଳାସ ଚନ୍ଦ୍ର ସାହୁ ଏବଂ ଅନ୍ୟମାନେ |
| ଖୋର୍ଦ୍ଧା ଶାଖା / **୧) ଋଣଗ୍ରହୀତା/ବନ୍ଧକଦାତା: ଶ୍ରୀମତୀ ବୈଜୟନ୍ତୀ ରାଣୀ ତ୍ରିପାଠୀ, ମେସର୍ସ ପାପାଲି ପେପର ପ୍ରଡକ୍ଟସ୍‌ର ସ୍ୱତ୍ତ୍ୱାଧିକାରୀ, ଠିକଣା-୧:** ସ୍ୱାମୀ: ସତ୍ୟବ୍ରତ ମିଶ୍ର, ପ୍ଲଟ୍ ନଂ.: ୪୯୩, ରଘୁନାଥ ନଗର, ଶୁକ ବିହାର, ଶନି ମନ୍ଦିର ନିକଟ, ଭୁବନେଶ୍ୱର, ପୋ: ଡୁମୁଡୁମା ଏଚ୍‌ବି କଲୋନୀ, ଜିଲ୍ଲା: ଖୋର୍ଦ୍ଧା, ପିନ୍ - ୭୫୧୦୧୯, **ଠିକଣା-୨:** ସ୍ୱାମୀ: ସତ୍ୟବ୍ରତ ମିଶ୍ର, ମଲ୍ଲିପୁର, ଗଡନିଆଳ, ଖାତା ନଂ.: ୩୭୫/୫୬, ପ୍ଲଟ୍ ନଂ.: ୭୦୧/୧୦୭୪, ଖୋର୍ଦ୍ଧା, ଓଡ଼ିଶା, ପିନ୍ - ୭୫୨୦୫୫ / **୨) ଗ୍ୟାରେଣ୍ଟିଦାତା: ଶ୍ରୀ ସତ୍ୟବ୍ରତ ମିଶ୍ର, ଠିକଣା-୧:** ପିତା: ସଚ୍ଚିଦାନନ୍ଦ ମିଶ୍ର, ପ୍ଲଟ୍ ନଂ.: ୪୯୩, ରଘୁନାଥ ନଗର, ଶୁକ ବିହାର, ଶନି ମନ୍ଦିର ନିକଟ, ଭୁବନେଶ୍ୱର, ପୋ: ଡୁମୁଡୁମା ଏଚ୍‌ବି କଲୋନୀ, ଜିଲ୍ଲା: ଖୋର୍ଦ୍ଧା, ପିନ୍ - ୭୫୧୦୧୯, **ଠିକଣା-୨:** ପିତା: ସଚ୍ଚିଦାନନ୍ଦ ମିଶ୍ର, ମଲ୍ଲିପୁର, ଗଡନିଆଳ, ଖାତା ନଂ.: ୩୭୫/୫୬, ପ୍ଲଟ୍ ନଂ.: ୭୦୧/୧୦୭୪, ଖୋର୍ଦ୍ଧା, ଓଡ଼ିଶା, ପିନ୍ - ୭୫୨୦୫୫ | କ୍ୟାଶ୍ କ୍ରେଡିଟ୍ | ୨୬.୦୬.୨୦୨୫ / ୨୮.୦୭.୨୦୨୫ / ୨୮.୦୭.୨୦୨୫ ସୁଦ୍ଧା ଟ.୬୮,୭୭,୯୧୧.୩୭ | ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୭୦୧/୧୦୭୪, ବର୍ତ୍ତମାନର ଖାତା ନଂ.: ୩୭୫/୫୬, କ୍ଷେତ୍ର: ଏକର ୦.୨୮୦ ଡିସିମିଲି, ମୌଜା: ମଲ୍ଲିପୁର, ତହସିଲ: ଖୋର୍ଦ୍ଧା, ଜିଲ୍ଲା: ଖୋର୍ଦ୍ଧା, କିସମ: ପତିତ, ସ୍ୱତ୍ୱ: ସ୍ଥିତିବାନ, ଏହାର ଚାରିପାର୍ଶ୍ୱରେ ଉତ୍ତର/ଦକ୍ଷିଣ/ପଶ୍ଚିମ: ସରକାରୀ ରାସ୍ତା, ପୂର୍ବ: ବିରଞ୍ଚି ନାରାୟଣ ମିଶ୍ର |
| ପୁବାଶାସନ ଶାଖା / **୧) ଋଣଗ୍ରହୀତା: ଶ୍ରୀ ତଥାଗତ ଭରଦ୍ୱାଜ,** ପିତା: ଆର୍ତ୍ତତ୍ରାଣ ଜେନା / **୨) ଗ୍ୟାରେଣ୍ଟିଦାତା/ବନ୍ଧକଦାତା: ୨(କ) ଶ୍ରୀ ଆର୍ତ୍ତତ୍ରାଣ ଜେନା,** ପିତା: ୰ କୁଞ୍ଜ ବିହାରୀ ଜେନା, **୨(ଖ) ଶ୍ରୀ ମନ ଆନନ୍ଦ ସାଗର,** ପିତା: ଶ୍ରୀ ଆର୍ତ୍ତତ୍ରାଣ ଜେନା, ସମସ୍ତଙ୍କ ଠିକଣା- ସା/ଗ୍ରାମ: କାକରୁଦ୍ରପୁର, ପୋ: ବାଲିଅନ୍ତା, ଥାନା: ବାଲିଅନ୍ତା, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା - ୭୫୨୧୦୨ | ମିଆଦୀ ଋଣ | ୦୧.୦୬.୨୦୨୫ / ୨୮.୦୭.୨୦୨୫ / ୨୮.୦୭.୨୦୨୫ ସୁଦ୍ଧା ଟ.୧୭,୬୨,୦୮୮.୩୫ | ପଞ୍ଜିକୃତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୬୯୦, ବର୍ତ୍ତମାନର ଖାତା ନଂ.: ୨୩, କ୍ଷେତ୍ର: ଏକର ୦.୧୩୦ ଡିସିମିଲି, ମୌଜା: କାକରୁଦ୍ରପୁର, ତହସିଲ: ବାଲିଅନ୍ତା, ଜିଲ୍ଲା: ଖୋର୍ଦ୍ଧା, କିସମ: ଘରବାରୀ, ସ୍ୱତ୍ୱ: ସ୍ଥିତିବାନ, ଏହାର ଚାରିପାର୍ଶ୍ୱରେ ଉତ୍ତର: ବାରି, ଦକ୍ଷିଣ: ସର୍ବସାଧାରଣ ରାସ୍ତା, ପଶ୍ଚିମ: ରାଜ କିଶୋର ଜେନା, ପୂର୍ବ: ବିମଳ ଚନ୍ଦ୍ର ଜେନା |
| ଶ୍ରୀକ୍ଷେତ୍ର ଶାଖା / **୧) ଋଣଗ୍ରହୀତା/ବନ୍ଧକଦାତା: ନିବେଦିତା ମିଶ୍ର,** ସ୍ୱାମୀ: ୰ ନାରାୟଣ ପ୍ରସାଦ ମିଶ୍ର, ମାତୃନିଳୟ ଗ୍ରେସ୍ ସିଟି, ହରିହର ବିହାର, ଗୁଣ୍ଡିଚା ମନ୍ଦିର ପଛପାର୍ଶ୍ୱ, ଥାନା: କୁମ୍ଭାରପଡା, ପୋ: ପୁରୀ, ଜିଲ୍ଲା: ପୁରୀ, ପିନ୍ - ୭୫୨୦୦୨ / **୨) କୋ-ଓବ୍ଲିଗାଣ୍ଟ/ଗ୍ୟାରେଣ୍ଟିଦାତା: ଶ୍ରୀମତୀ ସ୍ମିତା ମହାନ୍ତି,** ସ୍ୱାମୀ: ଅଶେଷ କୁମାର ମହାନ୍ତି, **ଠିକଣା-୧:** ସା: ସାଇ ନାରାୟଣ ବିଦ୍ୟାମନ୍ଦିର, ନବକଳେବର ରୋଡ, ଜିଲ୍ଲା: ପୁରୀ - ୭୫୨୦୦୨, **ଠିକଣା-୨:** ସା: ସନ୍ତୋଷୀ ନଗର, ମଧୁପାଟଣା, କଟକ - ୭୫୩୦୧୦ | ୧. ଗୃହ ଋଣ ୨. ବନ୍ଧକ ଋଣ | ୨୯.୦୫.୨୦୨୫ / ୨୮.୦୭.୨୦୨୫ / ୨୮.୦୭.୨୦୨୫ ସୁଦ୍ଧା ଟ.୧୯,୪୮,୧୦୧.୩୭ | ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୬୯୩/୪୦୭୭, ଖାତା ନଂ.: ୫୨୧/୨୦୫୫, କ୍ଷେତ୍ର: ଏକର ୦.୦୨୯ ଡିସିମିଲି, ମୌଜା: ବାଲୁଖଣ୍ଡ, ଜିଲ୍ଲା: ପୁରୀ, କିସମ: ଘରବାରୀ |

ସରଫେଶୀ ଆକ୍ଟ ୨୦୦୨ର ଧାରା ୧୩(୨) ଅନୁଯାୟୀ ଆପଣମାନଙ୍କୁ ଉପରଦର୍ଶିତ ସ୍ତମ୍ଭରେ ଲିଖିତ ମୋଟ ବକେୟା ପରିମାଣ ସହିତ ଚୁକ୍ତି ହାରରେ ପରବର୍ତ୍ତୀ ସୁଧ ଏବଂ ଦେୟ, ଆପଣମାନଙ୍କ ଦ୍ୱାରା ସମ୍ପାଦିତ ଋଣ କାଗଜାତ୍‌ର ନିୟମ ଓ ସର୍ତ୍ତାବଳୀ ଅନୁଯାୟୀ ସମ୍ପୂର୍ଣ୍ଣ ବକେୟା ପରିମାଣ ଏହି ନୋଟିସ୍ ପାଇବାର **୬୦ ଦିନ** ମଧ୍ୟରେ ପୈଠ କରିବାକୁ ପଡ଼ିବ । ଅନ୍ୟଥା ଆମେ କଥିତ ବନ୍ଧକପ୍ରାପ୍ତ ସମ୍ପତ୍ତିଗୁଡ଼ିକୁ କଥିତ ଆକ୍ଟରେ ଦିଆଯାଇଥିବା କୌଣସି କିମ୍ବା ସମସ୍ତ ଅଧିକାରର ପ୍ରୟୋଗ କରି ନିଜ ଦଖଲକୁ ନେବାକୁ ବାଧ୍ୟ ହେବୁ । ଆକ୍ଟର ଧାରା ୧୩(୧୩) ଅନୁଯାୟୀ ଆପଣମାନେ ଏହି ନୋଟିସ୍ ପାଇବା ପରେ ବ୍ୟାଙ୍କର ବିନା ଅନୁମତିରେ ଉପରବର୍ଣ୍ଣିତ ବନ୍ଧକ ସମ୍ପତ୍ତିଗୁଡିକୁ ବିକ୍ରୟ କିମ୍ବା ସମ୍ପତ୍ତିଗୁଡିକ ସହିତ କୌଣସି ପ୍ରକାର କାରବାର କରିପାରିବେ ନାହିଁ । **ଏତଦ୍‌ଦ୍ୱାରା ଆପଣମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ସରଫେଶୀ ଆକ୍ଟର ଧାରା ୧୩ ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିଗୁଡିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରିପାରିବେ ।**

ସ୍ଥାନ: ଭୁବନେଶ୍ୱର
ତାରିଖ: ୦୬.୦୮.୨୦୨୫

ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ
ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ



# ଭୁବନେଶ୍ୱର ସିଟି

## ରାଜ୍ୟରେ ଛାତ୍ରୀ ଓ ନାରୀ ସୁରକ୍ଷା ଦାବି: ଷଷ୍ଠ ଦିନରେ ଆନ୍ଦୋଳନ

# ଗର୍ଜିଲେ ଛାତ୍ର, ଯୁବ ବିଜେଡି କର୍ମୀ




ପୁଲିସ ଡିଜିଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ

ଭୁବନେଶ୍ୱର,୬।୮ (ସମିସ)

ବିଜୁ ଛାତ୍ର ଓ ଯୁବ ଜନତା ଦଳର ଆହ୍ୱାନକ୍ରମେ ରାଜ୍ୟରେ ଛାତ୍ରୀ ଓ ମହିଳାଙ୍କୁ ସୁରକ୍ଷା ଓ ନ୍ୟାୟ ପ୍ରଦାନ ଦାବିରେ ଆଜି ଷଷ୍ଠ ଦିନରେ ରାଜ୍ୟର ବିଭିନ୍ନ କଲେଜର ଛାତ୍ରଛାତ୍ରୀମାନେ ରାଜରାସ୍ତାକୁ ଓହ୍ଲାଇଛନ୍ତି । ରାଜ୍ୟର ବିଭିନ୍ନ ଅଞ୍ଚଳରେ ଘଟୁଥିବା ଛାତ୍ରୀ ଓ ନାରୀ ବିରୋଧୀ ଘଟଣାର ପ୍ରତିବାଦରେ ଛାତ୍ର ଓ ଯୁବ ବିଜେଡି ପକ୍ଷରୁ ରଣହୁଙ୍କାର ଦିଆଯାଇଛି। ଛାତ୍ରୀ ଓ ନାରୀଙ୍କ ଉପରେ ନିର୍ଯାତନା ଓ ଅପରାଧ ବିରୁଦ୍ଧରେ ତ୍ୱରିତ ଉପଯୁକ୍ତ ପୁଲିସ କାର୍ଯ୍ୟାନୁଷ୍ଠାନ ଦାବିରେ ପୁଲିସ ଡିଜିଙ୍କ ଉଦ୍ଦେଶ୍ୟରେ ନିକଟସ୍ଥ ଥାନା ଓ ଏସପି ଅଫିସରେ ଛାତ୍ର ଓ ଯୁବ ବିଜେଡି ପକ୍ଷରୁ ସ୍ମାରକପତ୍ର ପ୍ରଦାନ କରାଯାଇଛି।

ଛାତ୍ର ଓ ଯୁବ ବିଜେଡି ପକ୍ଷରୁ ରାଜ୍ୟବ୍ୟାପୀ ଆନ୍ଦୋଳନ ଜାରି ରହିଥିବା ବେଳେ ଏହିକ୍ରମରେ ବୁଧବାର ଭୁବନେଶ୍ୱରର ମହର୍ଷି ମହାବିଦ୍ୟାଳୟ, କଳାହାଣ୍ଡିର ମଦନପୁର ଓ ରାମପୁର ଡିଗ୍ରୀ ମହାବିଦ୍ୟାଳୟ, ଅନୁଗୁଳ ସ୍ୱୟଂଶାସିତ ମହାବିଦ୍ୟାଳୟ, କନ୍ଧମାଳ ଡିଗ୍ରୀ ମହାବିଦ୍ୟାଳୟ, ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ, କଙ୍କଡାହାଡର ପରଜଙ୍ଗ ମହାବିଦ୍ୟାଳୟ, ଖୋର୍ଦ୍ଧାର ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ, କଟକର ବୀରେନମିତ୍ର ମହିଳା ମହାବିଦ୍ୟାଳୟ, ସାଲେପୁର ସ୍ୱୟଂଶାସିତ ମହାବିଦ୍ୟାଳୟ, ଢେଙ୍କାନାଳର କାମାକ୍ଷାନଗର ମହାବିଦ୍ୟାଳୟ, ବାଲେଶ୍ୱରର ଶିମୁଳିଆ ମହାବିଦ୍ୟାଳୟ, ନୂଆପଡାର ସିନାପାଲି ମହାବିଦ୍ୟାଳୟ, ମୟୂରଭଞ୍ଜର ବେତନଟି ମହାବିଦ୍ୟାଳୟ, ଅନୁଗୁଳର ତାଳଚେର ମହାବିଦ୍ୟାଳୟ, ବ୍ରହ୍ମପୁରର ସମସ୍ତ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ଆନ୍ଦୋଳନରେ ସାମିଲ୍ ହୋଇଥିଲେ।

## ଶ୍ରୀଲିଙ୍ଗରାଜଙ୍କ ନୀତି ବୈଠକରେ ବାହାରିପାରିଲାନି ନିଷ୍କର୍ଷ

# ଏବର୍ଷ ବି ହେବନାହିଁ ପଇତାରୋପଣ ନୀତି

ଭୁବନେଶ୍ୱର, ୬।୮ (ସମିସ)

ଗତ ୫ ବର୍ଷ ଧରି ଶ୍ରୀ ଲିଙ୍ଗରାଜଙ୍କ ପଇତାରୋପଣ ନୀତି ବନ୍ଦ ଥିବା ବେଳେ ଚଳିତ ବର୍ଷ ଏ ନେଇ ବୈଠକ ବସିଥିଲା। କିନ୍ତୁ ବୈଠକରେ ଚଳିତବର୍ଷ ମଧ ପବିତ୍ରାରୋପଣ ତିଥିରେ ଲିଙ୍ଗରାଜଙ୍କର ପଇତାରୋପଣ ନୀତି ବନ୍ଦ ରହିବ ବୋଲି ନିଷ୍ପତ୍ତି ନିଆଯାଇଛି। ପ୍ରକାଶ ଥାଉ କି ୨୦୨୦ ମସିହା ଶିବ ପଇତାରୋପଣ ତିଥିରେ ଲିଙ୍ଗରାଜଙ୍କ ପାଖରେ ବଡୁ ନିଯୋଗ ଓ ପୂଜାପଣ୍ଡା ନିଯୋଗ ମଧରେ କେଉଁ ନିଯୋଗ ଠାକୁରଙ୍କୁ କେତେ ପଇତା ଲାଗି କରିବେ ଏହାକୁ ନେଇ ବିବାଦ ସୃଷ୍ଟି ହୋଇଥିଲା। ଏହା ଭିତରେ ୫ ବର୍ଷ ବିତିଗଲାଣି ହେଲେ ଏହି ବିବାଦ ଦିନ ପରେ ଦିନ ଗଡ଼ିଚାଲିଛି। କିନ୍ତୁ ସମାଧାନର ରାସ୍ତା କିଛି ବାହାରି ପାରୁନି। ଏହି ସବୁ ମଝିରେ ଭକ୍ତମାନେ ଏହିଭଳି ନୀତିକାନ୍ତି ଦେଖିବାରୁ ବଞ୍ଚିତ ହେଉଛନ୍ତି। ଏହି ବିବାଦ ଏବେ ସହକାରୀ ଦେବୋତ୍ତରଙ୍କ ନିକଟରେ ବିଚାରାଧୀନ ରହିଅଛି।

ଏହି ପଇତାରୋପଣ ନୀତି କରାଯିବ କି ନାହିଁ ଏହାକୁ ନେଇ ମଙ୍ଗଳବାର ଦିନ ଅତିରିକ୍ତ ଜିଲ୍ଲାପାଳ ରୁଦ୍ରନାରାୟଣ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଏକ ବୈଠକ କରାଯାଇଥିଲା ଏହି ବୈଠକରେ ବଡୁନିଯୋଗ ସଭାପତି, ସମ୍ପାଦକ, ପୂଜାପଣ୍ଡା ନିଯୋଗର ସଭାପତି ଓ ସମ୍ପାଦକ ସମସ୍ତେ ଉପସ୍ଥିତ ରହିଥିଲେ। ହେଲେ ଏହି ବୈଠକରେ ପଇତାରୋପଣ ନୀତିପାଇଁ କୈଣସି ପ୍ରକାରର ନିଷ୍କର୍ଷ ବାହାରି ପାରି ନ ଥିଲେ। ଫଳରେ ସମସ୍ତେ ଏକ ପ୍ରକାରର ନିଶ୍ଚିତ ହୋଇଯାଇଥିଲେ ଯେ ଏହି ବର୍ଷ ମଧ ଠାକୁରଙ୍କର ପଇତାରୋପଣ ନୀତି ହେବନାହିଁ ଏବଂ ଲିଙ୍ଗରାଜ ଦେଢ଼ଦିନ ଉପବାସରେ ରହିବେ। ହେଲେ ତରବରିଆ ଭାବରେ ପୁଣି ବୁଧବାର ସର୍କିଟ୍ ହାଉସରେ ଜିଲ୍ଲାପାଳ ଅମ୍ରିତ୍ ରୁତୁରାଜଙ୍କ ଅଧ୍ୟକ୍ଷତାରେ ଏକ ଜରୁରିକାଳୀନ ବୈଠକ ବସିଥିଲା। ଏହି ବୈଠକରେ ବୁଧବାର ସନ୍ଧ୍ୟା ଧୂପ ପରେ ଅଧିବାସ ପୂଜା ବା ପଇତା ପୂଜା ହୋଇଥାନ୍ତା। ହେଲେ ଏହାକୁ ବାଦ୍ ଦେଇ ଧୂପ ଉଠି ବଡ଼ ସିଂହାର ହୋଇ ମନ୍ଦିର ପହୁଡ଼ ପଡ଼ିବ। ଗୁରୁବାର ସକାଳୁ ମନ୍ଦିରରେ ପହୁଡ଼ ଖୋଲିବା ପରେ ସାହାଣମେଲା ସହ ଅନ୍ୟ ନୀତି ହୋଇ ଭୋଗମଣ୍ଡପ ପରେ ଯାତ୍ରା ପୂଜା ବା ପଇତାରୋପଣ ନୀତିକୁ ବାଦ୍ ଦିଆଯିବ। କିନ୍ତୁ ଅନ୍ୟ ସବୁ ନୀତିକାନ୍ତି ଯେମିତି କରାଯାଉଥିଲା ତାହା କରାଯିବ। ବୋଲି ନିଷ୍ପତ୍ତି ନିଆଯାଇଛି। ଶ୍ରାବଣ ମାସ ଶେଷ ହେବାପରେ ପୁଣି ଏକ ବୈଠକ ଡ଼କାଯାଇ ଏହାର ନିଷ୍ପତ୍ତି ନିଆଯିବ ବୋଲି ବୈଠକରେ ଆଲୋଚନା ହୋଇଥିଲା। ଏହି ବୈଠକରେ ବଡୁ ନିଯୋଗର ସଭାପତି ଅଞ୍ଚଳ ବଡୁ, ସମ୍ପାଦକ କମଳାକାନ୍ତ ବଡୁ, ପୂଜାପଣ୍ଡା ନିଯୋଗର ସଭାପତି ପ୍ରସନ୍ନ ପୂଜାପଣ୍ଡା, ସମ୍ପାଦକ ସଚ୍ଚିକାନ୍ତ ପୂଜାପଣ୍ଡା, ଦେବତ୍ତର କମିଶନର ଲଲାଟେନ୍ଦୁ ଜେନା, ଅତିରିକ୍ତ ଜିଲ୍ଲାପାଳ ରୁଦ୍ରନାରାୟଣ ମହାନ୍ତି, ସହକାରୀ କାର୍ଯ୍ୟନିର୍ବାହୀ ଅଧିକାରୀ ହେମନ୍ତ ବାରିମୂଳ, ବ୍ରାହ୍ମଣ ନିଯୋଗ ସଭାପତି ନାରାୟଣ ମହାପାତ ପ୍ରମୁଖ ଉପସ୍ଥିତ ରହିଥିଲେ।

# ୧୦ କେନ୍ଦ୍ରୀୟ ଶ୍ରମିକ ସଂଗଠନଙ୍କ ପ୍ରତିବାଦ




ଭୁବନେଶ୍ୱର, ୬।୮ (ସମିସ): ଓଡ଼ିଶା ସରକାରଙ୍କ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ ପକ୍ଷରୁ ଅଗଷ୍ଟ ୪ରେ ଜାରି ହୋଇଥିବା ଏକ ନୋଟିଫିକେସନକୁ ନେଇ କେନ୍ଦ୍ରୀୟ ଟ୍ରେଡ଼ ୟୁନିଅନ ଆଇଏନଟିୟୁସି, ଏଆଇଟିୟୁସି, ଏଚଏମଏସ, ସିଟୁ, ଏଆଇୟୁଟିୟୁସି, ଏଆଇସିସିଟିୟୁ ଟିୟୁସିସି ଓ ଏଲପିଏଫ ପକ୍ଷରୁ ତୀବ୍ର ବିରୋଧ ପ୍ରକାଶ କରିଛନ୍ତି।

ଏହି ନୋଟିଫିକେସନ ମାଧ୍ୟମରେ ଓଡ଼ିଶା ଦୋକାନ ଓ ବାଣିଜ୍ୟିକ ପ୍ରତିଷ୍ଠାନ ଆଇନ ୧୯୫୬ର ଧାରା ୨୩ରୁ ମୁକ୍ତିଦେଇ ମହିଳା କର୍ମଚାରୀମାନଙ୍କୁ ରାତି ସିଫ୍ଟରେ କାମ କରିବାକୁ ଅନୁମତି ଦିଆଯାଇଛି। କେନ୍ଦ୍ରୀୟ ଟ୍ରେଡ଼ ୟୁନିଅନଗୁଡ଼ିକ ଅଭିଯୋଗ କରିଛନ୍ତି ଯେ, ଏହି ନିଷ୍ପତ୍ତି ଟ୍ରେଡ଼ ୟୁନିଅନଗୁଡ଼ିକ ସହ ଆଲୋଚନା ନକରି ଏକତରଫା ଭାବେ ଗ୍ରହଣ କରାଯାଇଛି। ଯାହା ଭାରତୀୟ ଶ୍ରମ ଆଇନର ତ୍ରିପାକ୍ଷିକ ଆଲୋଚନା ଓ ସାମୂହିକ ଆଲୋଚନାର ମୂଳସୂତ୍ରକୁ ଉଲ୍ଲଂଘନ କରୁଛି। ଟ୍ରେଡ୍ ୟୁନିଅନଗୁଡ଼ିକ ଏହି ନୋଟିଫିକେସନ ଜାରି କରିବା ପୂର୍ବରୁ ୟୁନିଅନଙ୍କ ସହ କୌଣସି ଆଲୋଚନା କରାଯାଇ ନାହିଁ ବୋଲି ଅଭିଯୋଗ କରିଛନ୍ତି। ଏହା ଅନ୍ତର୍ଜାତୀୟ ଶ୍ରମ ସଂଗଠନ ଓ ଭାରତୀୟ ଶ୍ରମ ସମ୍ମିଳନୀର ନୀତିବିରୋଧୀ। ମହିଳା କର୍ମଚାରୀଙ୍କ ସୁରକ୍ଷା ନେଇ ମଧ ଟ୍ରେଡ଼ ୟୁନିଅନଗୁଡ଼ିକ ଆଶଙ୍କା ପ୍ରକାଶ କରିଛନ୍ତି। କର୍ଣ୍ଣାଟକରେ ସମାନ ନୋଟିଫିକେସନକୁ ନେଇ ଟ୍ରେଡ଼ ୟୁନିଅନଗୁଡ଼ିକ ପୂର୍ବରୁ ସୁରକ୍ଷା ଅଭାବ ଓ ମହିଳାଙ୍କ ବିରୁଦ୍ଧରେ ଅପରାଧ ବୃଦ୍ଧି ନେଇ ଚେତାବନୀ ଦେଇଥିଲେ। ଟ୍ରେଡ଼ ୟୁନିଅନଗୁଡ଼ିକ ସହ ଆଲୋଚନା ନହେବା ପର୍ଯ୍ୟନ୍ତ ନୋଟିଫିକେସନକୁ ସ୍ଥଗିତ ରଖାଯାଉ ବୋଲି କେନ୍ଦ୍ରୀୟ ଶ୍ରମିକ ସଂଗଠନ ମିଳିତ ମଞ୍ଚର ସଂଯୋଜକ ମହେନ୍ଦ୍ର ପରିଡ଼ାଙ୍କ ନେତୃତ୍ୱରେ ଶ୍ରମିକ ନେତା ବିଜୟ ଜେନା, ମଞ୍ଜୁ ମିଶ୍ର, ପ୍ରଣତି ମିଶ୍ର, ଦୁଷ୍ମନ୍ତ ଦାସ, ନିରଞ୍ଜନ ମହାନ୍ତି, ଜ୍ୟୋତିରଞ୍ଜନ ମହାପାତ୍ର ପ୍ରମୁଖ ଏକ ସ୍ମାରକ ପତ୍ର ଶ୍ରମ ଅଯୁକ୍ତ କମିସିନଙ୍କୁ ପ୍ରଦାନ କରିଛନ୍ତି।

# ପଞ୍ଚାୟତ ସମିତି କାର୍ଯ୍ୟାଳୟ ଆଗରେ ବିଜେଡିର ଧାରଣା

ଭୁବନେଶ୍ୱର, ୬।୮ (ସମିସ)

ଭୁବନେଶ୍ୱର ପଞ୍ଚାୟତ ସମିତିର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ଆର୍ଥିକ ଅନିୟମିତତା, ଦୁର୍ନୀତି ଚରମ ସୀମାରେ ପହଞ୍ଚିଛି। ଗତ ଏକ ବର୍ଷ ଧରି ପ୍ରିୟାପ୍ରୀତିତୋଷଣ ଜାରି ରହିଥିବା ବେଳେ ବିକାଶ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି। ଯାହାକୁ ନେଇ ବୁଧବାର ଭୁବନେଶ୍ୱର ପଞ୍ଚାୟତ ସମିତି କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛି ବିଜେଡି। ପଞ୍ଚାୟତ ସମିତି କାର୍ଯ୍ୟାଳୟକୁ ଦୁର୍ନୀତିମୁକ୍ତ ଦାବି ତଥା ଉନ୍ନୟନମୂଳକ କାର୍ଯ୍ୟ ତ୍ୱରାନ୍ୱିତ ଦାବିରେ ବିଜେଡି ପକ୍ଷରୁ ଏହି ଧାରଣା ଦିଆଯାଇଥିଲା। ଅନୁଷ୍ଠିତ ପ୍ରତିବାଦ ସଭାରେ ଭୁବନେଶ୍ୱର ବିଜେଡିର ବରିଷ୍ଠ ନେତା ସରକାରଙ୍କ ଉପରେ ବର୍ଷିବା ସହ ଖୋର୍ଦ୍ଧା ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଭୁବନେଶ୍ୱର ଅତିରିକ୍ତ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।

ଭୁବନେଶ୍ୱର ସାଂଗଠନିକ ଜିଲ୍ଲା ସଭାପତି ଅଶୋକ ଚନ୍ଦ୍ର ପଣ୍ଡାଙ୍କ ନେତୃତ୍ୱରେ ବିଧାୟକ ଅନନ୍ତ ନାରାୟଣ ଜେନା, ସୁଶାନ୍ତ କୁମାର ରାଉତ, ମେୟର ସୁଲୋଚନା ଦାସ, ବିଜେଡି ନେତା ମନ୍ମଥ ରାଉତରାୟ, ଅମିୟ ଦାଶ, ଡେପୁଟି ମେୟର ମଞ୍ଜୁଲତା କହଁର, ପ୍ରକାଶ ବସ୍ତିଆ, କର୍ପୋରେଟର ଶ୍ରୀଧର ବେହେରା, ଅଜିତ ବେହେରା, ମହାମାୟା ସ୍ୱାଇଁ, ଶିବ ପ୍ରସାଦ ବେହେରା, ନୃପେଶ ନାୟକ, କେ ଶାନ୍ତି, ସନ୍ତୋଷ ସିଂ, ଚନ୍ଦ୍ର ଶେଖର ମଲ୍ଲିଆ, ଶିବ ନାରାୟଣ ରାୟ, ଛବି ଦାସ, ଡ. ସୁରେଶ ବାରିକ, ସନ୍ତୋଷ ବେଜ, ପୂର୍ବତନ କର୍ପୋରେଟର ଅଶ୍ୱିନୀ ସୁନ୍ଦରାୟ, ସୁଜିତ୍ ସ୍ୱାଇଁ, ହୃଦୟବଲ୍ଲଭ ସାମନ୍ତରାୟ, ମୁଜାହିଦ୍ ହୁସେନ, ଜୀତେନ୍ଦ୍ର ନନ୍ଦ, ରୁନୁ ଜେନା, ଦାଶରଥି ଗରାବଡୁ, ସମିତି



ସଭ୍ୟ ସରସ୍ୱତୀ ସେଠି, ହେମନ୍ତ ପ୍ରଧାନ, କୁତାର୍ଥ ପ୍ରଧାନ, ହରେକୃଷ୍ଣ ସାହୁ, ନୃଜନ ବରାଳ, ରୀନାରାଣୀ ବେହେରା, ବିଜେଡି ରାଜ୍ୟ ସମ୍ପାଦକ ଅମରଜିତ ସେନାପତି, ବିଜୁ ଯୁବ ଜନତା ଦଳ ରାଜ୍ୟ ଉପ ସଭାପତି ଦିଲ୍ଲିପ ସେନାପତି, ବିଜେଡି ସଂଖ୍ୟା ଲଘୁ ସାମ୍ମୁଖ୍ୟ ସେଣ୍ଟ୍ରାଲ ଜୋନ ଆବାହକ ସେକ ନିଜାମୁଦ୍ଦିନ, ପୂର୍ବତନ କର୍ପୋରେଟର ରାମନାଥ ସାମନ୍ତରାୟ, ଦେବାଶିଷ ସିଟ୍, ବୁଦ୍ଧିରାମ ସାହୁ, କର୍ପୋରେଟର ରଞ୍ଜୁଲତା ରାୟ, ଆସିଆ ବେଗମ୍, ପଦ୍ମଜା ପ୍ରିୟଦର୍ଶିନୀ ଜେନା, ରାଜକିଶୋର ଦାସ, ଆଶିଷ ପଟ୍ଟନାୟକ, ଅଲିଅଲୀ ମଲ୍ଲିକ, ପୁଷ୍ପାଞ୍ଜଳି ସେଠି ଙ୍କ ସହିତ ମଧ ନିର୍ବାଚନ ମଣ୍ଡଳୀରୁ ମିଳନ ପାଇକରାୟ, ସାଗର ବଳବନ୍ତରାୟ, ଚିନ୍ମୟ ଦାଶ, ସମରେନ୍ଦ୍ର ଜେନା, ଫିରୋଜ୍ ଖାନ, ରାଜକିଶୋର ସାହୁ, ଜଗବନ୍ଧୁ ବଳିଆରସିଂ, ପ୍ରତାପ ରାଉତ, ନିର୍ମଳ ରାଉତ, ଦେବରାଜ ଭୋଇ, ମିହିର ରାଉତ ଖୋଳନା ମଝି, ମୋନାଲିସା ବେହେରା, , ପ୍ରସନ୍ନ କୁମାର ସାହୁ, ଭୋଳାନଥ ମହାରଣା, ଶୁଭ୍ରାଂଶୁ ପଟ୍ଟନାୟକ, ଜୟନ୍ତୀ ଜେନା, ସ୍ୱର୍ଣ୍ଣଲତା ରାୟ, ସବ୍ୟସାଚୀ ସାହୁ, ମଞ୍ଜୁଲତା କହଁର, ମାନସୀ ରାଣୀ ସୁନ୍ଦରାୟ, ଆଦିକନ୍ଦ ରାଉତ, ପ୍ରତାପ ରାଉତରାୟ, ଭାରତୀ ସିଂ, ପ୍ରିତିନନ୍ଦା ରାଉତରାୟ, ସଞ୍ଜୟ ସେଠୀ ପ୍ରମୁଖ ଉପସ୍ଥିତ ରହିଥିଲେ।

# ପ୍ରଜାପତି ବ୍ରହ୍ମା କୁମାରୀ ଓ ରୋଟାରୀ ପକ୍ଷରୁ ରକ୍ଷାବନ୍ଧନ ଉତ୍ସବ

ଭୁବନେଶ୍ୱର/ଯାଁଳା, ୬।୮ (ସମିସ): ୟୁନିଟ୍ -୯ ସ୍ଥିତ ପ୍ରଜାପତି ବ୍ରହ୍ମା କୁମାରୀ ମୁଖ୍ୟାଳୟ ଓମ୍ ନିବାସଠାରେ ରୋଟାରୀ କ୍ଲବର ମିଳିତ ଆନୁକୂଲ୍ୟରେ ରକ୍ଷାବନ୍ଧନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ରୋଟାରୀ ଜିଲ୍ଲା ୩୨୬୨ର ପ୍ରାନ୍ତପାଳ ମନୋଜ ତ୍ରିପାଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଥିବାବେଳେ ମାଉଣ୍ଟଆବୁରୁ ଆସିଥିବା ରାଜ ଯୋଗି ରାଜୁ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଓମ୍ ନିବାସର ବ୍ରହ୍ମା କୁମାରୀମାନେ ଉପସ୍ଥିତ ରୋଟାରୀଆନମାନଙ୍କୁ ରାକ୍ଷୀ ପିନ୍ଧାଇ ଥିଲେ ଓ ଓମ୍ ନିବାସ ତରଫରୁ ସମସ୍ତ ନିମନ୍ତ୍ରିତମାନଙ୍କ ପାଇଁ ବ୍ରହ୍ମ ଭୋଜନର ବ୍ୟବସ୍ଥା କରାଯାଇଥିଲା। ରୋଟାରିଆନ୍ କୈଳାସ କାନୁନଗୋ ସଭା ସଞ୍ଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ରୋଟାରିଆନ ଡ. ବିଷ୍ଣୁ ଚରଣ ସାହୁ, ସୌମ୍ୟ ରଞ୍ଜନ ମିଶ୍ର, ଇଁ ଭକ୍ତ ରଞ୍ଜନ ମହାନ୍ତି, ଶିବବ୍ରତ ଦାସ, ରୁଦ୍ର ପ୍ରସନ୍ନ ହୋତା, ଇନର ହୂଇଲ କ୍ଲବ୍ର ସଭାପତି ମଧୁସ୍ମିତା ତ୍ରିପାଠୀ, ରୋଟାରୀ କନ୍ ଫ୍ଲୁ ଏନସ, ରୋଟାରୀ ହେରି ଟେଜ, ରୋଟାରୀ କ୍ୟାପିଟାଲ, ରୋଟାରୀ ଫ୍ଲେମିଙ୍ଗୋର ଶତାଧିକ ସଦସ୍ୟ ସଦସ୍ୟା ଉପସ୍ଥିତ ଥିଲେ।

# ବିଶ୍ୱସ୍ତରରେ ଚମକିଲା ଓଡ଼ିଶାର ନୃତ୍ୟ ପରମ୍ପରା

ଭୁବନେଶ୍ୱର, ୬।୮ (ସମିସ): ଓଡ଼ିଶା ଡ୍ୟାନ୍ସ ଏକାଡେମୀ ଜର୍ମାନୀର ଲ'ଆର୍ଟ ଡେଲ ମୋଣ୍ଡୋ ସହିତ ମିଳିତ ଭାବରେ ଆଶାଫେନବର୍ଗ, ଲେଭରକୁସେନ ଏବଂ ସ୍କେଲାସ୍ ସାନସୋସି ଜର୍ମାନୀରେ ଇଣ୍ଡିଆନ ସ୍ୱାନ ଲେକ ଶୀର୍ଷକ ଏକ ମନୋରମ ପ୍ରଦର୍ଶନ ଆୟୋଜନ କରିଥିଲା। ଏହି କାର୍ଯ୍ୟର ପରିକଳ୍ପନା ଏବଂ ଆୟୋଜନ ଲ'ଆର୍ଟ ଡେଲ ମୋଣ୍ଡୋର ନିର୍ଦ୍ଦେଶକ ୱର୍ଣ୍ଣର ଏହରହାର୍ଡଙ୍କ ଦ୍ୱାରା କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଓଡ଼ିଶା ଡ୍ୟାନ୍ସ ଏକାଡେମୀ ଦ୍ୱାରା ବୁଧବାର ଉତ୍କଳ ରଙ୍ଗ ମଞ୍ଚରେ ଏହି ଐତିହାସିକ ସହଯୋଗ ବିଷୟରେ ଆଲୋଚନା କରାଯାଇଥିଲା। ବିଶ୍ୱବ୍ୟାପୀ ପ୍ରତ୍ୟେକ ଭାରତୀୟ ଏବଂ ଓଡ଼ିଆଙ୍କ ପାଇଁ ୟୁରୋପୀୟ ନୃତ୍ୟ ସହିତ ଓଡ଼ିଶୀକୁ ବିଶ୍ୱ ମଞ୍ଚରେ ପ୍ରଦର୍ଶନ କରିବା ଏକ ଗୌରବର ମୁହୂର୍ତ୍ତ ଆଣିଛି। ଉକ୍ତ କାର୍ଯ୍ୟକ୍ରମରେ ଉଚ୍ଚଶିକ୍ଷା, କ୍ରୀଡା ଓ ଯୁବ ସେବା ବିଭାଗର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, ଓଡ଼ିଶୀ ନୃତ୍ୟାଙ୍ଗନା ଡକ୍ଟର ପ୍ରିୟମ୍ବଦା ମହାନ୍ତି ହେଜମାଦି, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଅନୁ ଗର୍ଗ, ନାଟ୍ୟ ବ୍ୟକ୍ତିତ୍ୱ ଅନନ୍ତ ମହାପାତ୍ର ଏବଂ ଓଡ଼ିଶା ଡ୍ୟାନ୍ସ ଏକାଡେମୀର ସମ୍ପାଦିକା ଡକ୍ଟର ଅରୁଣା ମହାନ୍ତି ଉପସ୍ଥିତ ରହିଥିଲେ।

## ଉତ୍କଳରେ ବଢୁଛି ଅଣଛାତ୍ରଙ୍କ ଦୌରାତ୍ମ୍ୟ

# କାର୍ଯ୍ୟାନୁଷ୍ଠାନ ଦାବିରେ ଛାତ୍ରଛାତ୍ରୀଙ୍କ ଆନ୍ଦୋଳନ

ଭୁବନେଶ୍ୱର, ୬।୮ (ସମିସ)

ଛାତ୍ର ସଂସଦ ନିର୍ବାଚନ ଘୋଷଣା ହେବା ପୂର୍ବରୁ ବାଣୀବିହାରରେ ଆରମ୍ଭ ହେଲାଣି ଛାତ୍ର ସଂଘର୍ଷ। 'ସୈନିକଙ୍କ ଉଦ୍ଦେଶ୍ୟରେ ରାକ୍ଷୀ' କାର୍ଯ୍ୟକ୍ରମରୁ ସୃଷ୍ଟି ହୋଇଥିବା ସଂଘର୍ଷର ପାର୍ଶ୍ୱ ପ୍ରତିକ୍ରିୟା ଆଜି ମଧ ଦେଖିବାକୁ ମିଳିଛି। ଏବିଭିପି ସହ ଜଡ଼ିତ କିଛି ଛାତ୍ର ଓ ଅଣଛାତ୍ର ସ୍ନାତକୋତ୍ତର ଦ୍ୱିତୀୟ ବର୍ଷର ଜଣେ ଛାତ୍ରୀଙ୍କୁ ଖରାପ ବ୍ୟବହାର କରିଥିବା ଅଭିଯୋଗ

**● ଅଣଛାତ୍ର ରୋକିବାରେ ବିଫଳ ବିଶ୍ୱବିଦ୍ୟାଳୟ ପ୍ରଶାସନ**

କରି କିଛି ଛାତ୍ରଛାତ୍ରୀ କୁଳପତିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି। ଅଣଛାତ୍ରଙ୍କ ଦୌରାତ୍ମ୍ୟ ବଢୁଥିବା ସହ ଛାତ୍ରଛାତ୍ରୀମାନେ ନିଜକୁ ଅସୁରକ୍ଷିତ ମନେ କରୁଥିବା ଲିଖିତ ଭାବେ କୁଳପତିଙ୍କୁ ଅଭିଯୋଗ କରିବା ସହ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

ଅଭିଯୋଗ ଅନୁଯାୟୀ, ସ୍ନାତକୋତ୍ତର ଦ୍ୱିତୀୟ ବର୍ଷ ଇତିହାସ ବିଷୟର ଜଣେ ଛାତ୍ରୀଙ୍କୁ ଗଣିତ ବିଭାଗର ଛାତ୍ର ବାସୁଦେବ ପାଣିଗ୍ରାହୀ ମଙ୍ଗଳବାର ଖରାପ ବ୍ୟବହାର କରିଥିଲେ। ଏହାକୁ କେନ୍ଦ୍ରକରି ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ଏବଂ ବିଜେପି ଯୁବମୋର୍ଚ୍ଚା ସଦସ୍ୟଙ୍କ ମଧ୍ୟରେ ହାତାହାତି ହୋଇଥିଲା। ଉଭୟ ପକ୍ଷରୁ ଥାନାରେ ମାମଲା ହୋଇଛି। ଜଣେ ଗୁରୁତର ଡାକ୍ତଖାନାରେ ମଧ ଚିକିତ୍ସିତ ହେଉଛନ୍ତି। ଏହାକୁ କେନ୍ଦ୍ରକରି କିଛି ଛାତ୍ରଛାତ୍ରୀ କୁଳପତିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବୁଧବାର ଧାରଣା ଦେଇଛନ୍ତି। ସେମାନେ ଅଭିଯୋଗ କରିଛନ୍ତି ଯେ,



ବିଶ୍ୱବିଦ୍ୟାଳୟରେ ଅଣଛାତ୍ର ପ୍ରବେଶ ପାଇଁ ଶୈକ୍ଷିକ ବାତାବରଣ ବାଧାପ୍ରାପ୍ତ ହେଉଛି। ଛାତ୍ରୀଙ୍କୁ ଅଶ୍ଳୀଳ ଇଙ୍ଗିତ ସହ ଦୁର୍ବ୍ୟବହାର, ନିଶାଦ୍ରବ୍ୟ କାରବାର ଏବଂ ମାରଣାସ୍ତ୍ର ରଖି ପତିଆରା ପ୍ରଦର୍ଶନ କରୁଥିବାରୁ ଛାତ୍ରଛାତ୍ରୀମାନେ ଭୟଭୀତ ଅଛନ୍ତି। ବାରମ୍ବାର ଅଣଛାତ୍ର ରୋକିବାକୁ ଦାବିପତ୍ର ଦେଉଥିଲେ ମଧ ବିଶ୍ୱବିଦ୍ୟାଳୟ ପ୍ରଶାସନ ବିଫଳ ହେଉଥିବାରୁ ଅସନ୍ତୋଷ ଝାଡ଼ିବା ସହ ତୁରନ୍ତ ଦୃଢ଼ ପଦକ୍ଷେପ ନେବାକୁ ଦାବି କରିଛନ୍ତି। ଅନ୍ୟଥା ଆଗକୁ ଛାତ୍ରଛାତ୍ରୀମାନେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

ଅପରପକ୍ଷରେ ଅଭିଯୋଗ ଆସିଥିବା ବାସୁଦେବ ପାଣିଗ୍ରାହୀ କହିଛନ୍ତି ଯେ ଅଭିଯୋଗ ଭିତ୍ତିହୀନ ଓ ଉଦ୍ଦେଶ୍ୟ ପ୍ରଣୋଦିତ। କିଛି ଅଣଛାତ୍ର ପଛପଟେ ରହି ପିଲାଙ୍କୁ ଉସୁକାଇ ଏପରି ଅଭିଯୋଗ ଓ ଆନ୍ଦୋଳନ କରିବାକୁ ପ୍ରବର୍ତ୍ତାଉଛନ୍ତି। କ୍ୟାମ୍ପସ୍ ଓ ହଷ୍ଟେଲ୍‌କୁ ଅଣଛାତ୍ର ମୁକ୍ତ କରିବା ସହ ନିଶାମୁକ୍ତ କରିବା ପାଇଁ ୩ମାସ ପୂର୍ବରୁ ଏବିଭିପିର ସଦସ୍ୟମାନେ ଆମରଣ ଅନଶନ କରିଛନ୍ତି। ଏଥିରୁ ସେମାନଙ୍କ ଆଭିମୁଖ୍ୟ ସ୍ପଷ୍ଟ। ରାଜନୈତିକ ପତିଆରା ପାଇଁ କିଛି ନିର୍ଦ୍ଦିଷ୍ଟ ଅଣଛାତ୍ର କୁତ୍ସାରଟନା କରୁଥିବା ସେ ପାଲଟା ଅଭିଯୋଗ କରିଛନ୍ତି।

# ସବୁ ରେଳ ଷ୍ଟେସନ୍ ଓ ବସ୍‌ଷ୍ଟାଣ୍ଡରେ ଖୋଲିବ ସ୍ତନ୍ୟପାନ କେନ୍ଦ୍ର

ଭୁବନେଶ୍ୱର,୬।୮ (ସମିସ): ଏଣିକି ସମସ୍ତ ସରକାରୀ ଓ ବେସରକାରୀ ସର୍ବସାଧରଣ ସ୍ଥାନରେ ଶିଶୁ ସ୍ତନ୍ୟପାନ କକ୍ଷ ପ୍ରତିଷ୍ଠା କରାଯିବ। ସମସ୍ତ ରେଲୱେଷ୍ଟେସନ୍, ବସ୍ ଷ୍ଟପ୍‌ରେ ମଧ ରହିବ ସ୍ତନ୍ୟପାନ କରାଇବାର ସୁବିଧା। ସେହିପରି ଯେଉଁ ସ୍ଥାନକୁ ମହିଳାମାନେ ଆସୁଛନ୍ତି ସେହି ସ୍ଥାନରେ ବା ୱିମେନ୍ ଫ୍ରେଣ୍ଡଲି ପରିବେଶରେ ଛୁଆମାନଙ୍କୁ ସ୍ତନ୍ୟପାନ କରାଇବା ପାଇଁ ସେଣ୍ଟର ଖୋଲାଯିବା ସହ ବିଶେଷକରି ରେଳଷ୍ଟେସନ୍‌ରେ ମହିଳା ଆଟେଣ୍ଡାଣ୍ଟ ରହିବେ ବୋଲି ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି।

**■ ରାଜ୍ୟସ୍ତରୀୟ ବିଶ୍ୱ ସ୍ତନ୍ୟପାନ ସପ୍ତାହ-୨୦୨୫ ପାଳିତ**

**■ ରାଜ୍ୟ ମହିଳା କମିଶନ କାର୍ଯ୍ୟାଳୟରେ ଶିଶୁ ସ୍ତନ୍ୟପାନ କକ୍ଷ ଲୋକାର୍ପିତ**



ବୁଧବାର ମହିଳା ଓ ଶିଶୁ ବିକାଶ ବିଭାଗ ଆନୁକୂଲ୍ୟରେ ଲୋକସେବା ଭବନ କନ୍‌ଭେନସେନ୍ ସେଣ୍ଟରରେ ରାଜ୍ୟସ୍ତରୀୟ ବିଶ୍ୱ ସ୍ତନ୍ୟପାନ ସପ୍ତାହ-୨୦୨୫ ପାଳନ ଅବସରରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଶ୍ରୀମତୀ ପରିଡ଼ା କହିଛନ୍ତି ଯେ ସ୍ତନ୍ୟପାନ ଯୋଗୁଁ ଶିଶୁ ମା'ର କ୍ଲୋଜ୍ ଟୁ ହାର୍ଟ ଅର୍ଥାତ୍ ମା' ହୃଦୟର ଆହୁରି ନିକଟତର ହେବା ସହ ସ୍ତନ୍ୟପାନ ଦ୍ୱାରା ଉଭୟ ମା' ଓ ଶିଶୁର ସ୍ୱାସ୍ଥ୍ୟ ଭଲ ରହିବ ବୋଲି ମତବ୍ୟକ୍ତ କରିଛନ୍ତି। ବିଶେଷକରି ସ୍ତନ୍ୟପାନ ଦ୍ୱାରା ମହିଳାମାନଙ୍କ ମଧ୍ୟରେ ବୃଦ୍ଧି ପାଉଥିବା ସ୍ତନ କର୍କଟ ଓ ଜରାୟୁ କର୍କଟ ଭଳି ଭୟଙ୍କର ରୋଗକୁ ବହୁମାତ୍ରାରେ ଏଡ଼ାଇ ଦିଆଯାଇ ପାରିବ। ଶିଶୁର ପ୍ରାରମ୍ଭିକ ୬ ମାସର ନିରନ୍ତର ସ୍ତନ୍ୟପାନ ଉଭୟ ମା' ଓ ଶିଶୁର ମାନସିକ ସ୍ୱାସ୍ଥ୍ୟ ଉପରେ ସକାରାତ୍ମକ ପ୍ରଭାବ ପକେଇଥାଏ ବୋଲି କହିବା ସହ ଆଭାସୀ ମାଧ୍ୟମରେ ଓଡ଼ିଶା ରାଜ୍ୟ ମହିଳା ଆୟୋଗ କାର୍ଯ୍ୟାଳୟରେ ଏକ ଶିଶୁ ସ୍ତନ୍ୟପାନ କକ୍ଷକୁ ଉଦ୍‌ଘାଟନ କରିଛନ୍ତି।

ସେହିପରି ଅଙ୍ଗନବାଡ଼ି ହେଲା ଶିଶୁର ଦ୍ୱତୀୟ ମା' ଘର ବୋଲି କହି ଅଙ୍ଗନବାଡ଼ିକୁ ଆହୁରି ଉନ୍ନତ କରିବା ପାଇଁ ଅଗଷ୍ଟ ୧୫ରୁ 'ଆସ ବୁଲିଯିବା ଅଙ୍ଗନବାଡ଼ି' ଅଭିଯାନରେ ଅଙ୍ଗନବାଡ଼ି ପରିଦର୍ଶନ ପାଇଁ ଜନସାଧାରଣଙ୍କୁ ଶ୍ରୀମତୀ ପରିଡ଼ା ଆହ୍ୱାନ ଦେଇଛନ୍ତି। ଏହି ଅବସରରେ 'ଲୋକ କଲ୍ୟାଣ' ଅନ୍‌ଲାଇନ ୱେବ୍ ଲିଙ୍କ୍ ଫର୍ମ ଲୋକାର୍ପଣ କରିଥିଲେ। ଏହି ୱେବ୍ ଲିଙ୍କ ମହିଳା ଓ ଶିଶୁ ବିକାଶ ବିଭାଗ (ଡବ୍ଲ୍ୟୁସିଡି) ଅଧୀନରେ କାର୍ଯ୍ୟ କରୁଥିବା ଓଡ଼ିଶା ରାଜ୍ୟ ସାମାଜିକ କଲ୍ୟାଣ ବୋର୍ଡ (ଏସଏସଡବ୍ଲ୍ୟୁବି) ଦ୍ୱାରା ପରିଚାଳିତ ହେବ। ଏହି ପଞ୍ଜୀକରଣ ମାଧ୍ୟମରେ ଓଡିଶା ରାଜ୍ୟ ସାମାଜିକ କଲ୍ୟାଣ ବୋର୍ଡ(ଓଏସଏସଡବ୍ଲ୍ୟୁବି) ଏକ ସକ୍ରିୟ ଏନ୍‌ଜିଓ ଡାଟାବେସ୍ ପ୍ରସ୍ତୁତ କରିବ ବୋଲି କହିଛନ୍ତି। କାର୍ଯ୍ୟକ୍ରମରେ ମହିଳା ଓ ଶିଶୁ ବିକାଶର ପ୍ରମୁଖ ସଚିବ ଶୁଭା ଶର୍ମା, ବିଭାଗୀୟ ନିର୍ଦ୍ଦେଶିକା ମୋନିଷା ବାନାର୍ଜୀ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ସହକାରୀ ନିର୍ଦ୍ଦେଶିକ ଡ. ଆଦିତ୍ୟ ମହାପାତ୍ର, ୟୁନିସେଫ୍‌ର ପୋଷଣ ବିଶେଷଜ୍ଞ ସୌରଭ ଭଟ୍ଟାଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

ଭୂତମୁଣ୍ଡାଇରୁ ପାରାଦୀପ ପର୍ଯ୍ୟନ୍ତ ରାସ୍ତା ସମ୍ପ୍ରସାରଣ

# ଉଡୁଛି ଜିପ୍‌ସମ୍; ଦୁର୍ଦ୍ଦଶା ଭୋଗୁଛନ୍ତି ସ୍ଥାନୀୟ ଲୋକ

ପାରାଦୀପ,୬।୮ (ସମିସ):



ଭୂତମୁଣ୍ଡାଇରୁ ପାରାଦୀପ ପର୍ଯ୍ୟନ୍ତ ରାସ୍ତା ସମ୍ପ୍ରସାରଣ କାମ ଏବେ ଆଗେଇ ଚାଲିଛି। ଠିକା ସଂସ୍ଥା ଏଆରଏସଏସ ଠିକ୍ ଢଙ୍ଗରେ କାମ କରୁ ନ ଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। କାମ ଏଭଳି ଢଙ୍ଗରେ ହେଉଛି, ଯାହା ସ୍ଥାନୀୟ ଅଧିବାସୀଙ୍କ ପାଇଁ ବିପଦ ସୃଷ୍ଟି କରୁଛି। ରାସ୍ତା କାମରେ ଜିପସମ ବ୍ୟବହାର ହେଉଥିବାରୁ ସ୍ଥାନୀୟ ଲୋକଙ୍କ ପାଇଁ ଏହା ସମସ୍ୟା ସୃଷ୍ଟି କରୁଛି। ଜିପସମ ଉଡୁଥିବାରୁ ଲୋକେ ଅଣନିଶ୍ୱାସୀ ହୋଇପଡୁଛନ୍ତି। ଏହା ମଧ୍ୟ ରୋଗର କାରଣ ଭାବେ ଉଭା ହେଉଛି। ଏଥିପ୍ରତି ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବାକୁ ଦାବି ହେଉଛି।

ରାସ୍ତା କାମରେ ଯେଉଁଠି ବାଲି, ଗୋଡି, ମାଟି ଓ ମୋରମ ବ୍ୟବହାର କରାଯାଏ,ଏଠି କିନ୍ତୁ ତାହା ଓଲଟା। ଯିଏ ପରିବେଶ ପାଇଁ ସବୁଠାରୁ ଅଧିକ ପ୍ରଦୂଷିତ ଜିପସମ, ଏଠାରେ ତାକୁ ପ୍ରଥମରୁ ହିଁ ବ୍ୟବହାର କରାଯାଉଛି। ଏହି ରାସ୍ତାର ଗୋଟିଏ ପାଶ୍ୱର୍ରେ ଜନବସତି ଥିବାବେଳେ ରାସ୍ତାର ଅପର ପାଶ୍ୱର୍ରେ ତାଳଦଣ୍ଡା କେନାଲ ଯାଇଛି। କମ୍ପାନୀ ସକାଳୁ ରାତି ଯାଏ ଜିପସମ ଆଣି ରାସ୍ତା ପୋତା କାର୍ଯ୍ୟରେ ଲଗାଉଛି। ରାସ୍ତାରେ ଆସିଲାବେଳେ ଜିପସମ ଲୋଡ ଗାଡ଼ିରେ ନା ପାଲ ଅଛି, ଢାଳିଲା ସମୟରେ ନା କିଛି ଦେଖୁଛନ୍ତି। ରାସ୍ତା ସାରା ଧୂଳି ଉଡୁଛି। ଏହି ଜିପସମ ପରିବେଶ ପାଇଁ ସବୁଠାରୁ ଅଧିକ ପ୍ରଦୂଷିତ ବୋଲି କୁହାଯାଇଛି। ଏହା ସାଧାରଣ ଲୋକଙ୍କ ଦେହରେ ବାଜି ପୋଡିବା ସହିତ ଦେହରେ ଘା' କରିଦେଉଛି। ଗାଡ଼ିରେ ଗଲାବେଳେ ଆଖିରେ ପଡ଼ି ପୋଡୁଛି। ଏଭଳି ସ୍ଥିତିରେ ଏଆରଏସଏସ କମ୍ପାନୀ କର୍ତ୍ତୃପକ୍ଷ ଏହି କଥାକୁ କିଭଳି ହାଲୁକା ଭାବେ ଗ୍ରହଣ କରି ଦାୟିତ୍ୱହୀନତା ଭାବେ କାର୍ଯ୍ୟ କରୁଛନ୍ତି, ତାହା ଏବେ ପାରାଦୀପ ଅଞ୍ଚଳରେ ଆଲୋଚନାର ବିଷୟ ପାଲଟିଛି। ଏକମାତ୍ର ତାଳଦଣ୍ଡା କେନାଲ ପାଣିକୁ ବନ୍ଦରବାସୀ ପାନୀୟ ଜଳ ଭାବେ ବ୍ୟବହାର କରୁଛନ୍ତି, ସେହି ପାଣିରେ ଏହି ଜିପସମ ଗୁଣ୍ଡ ପଡି ପାଣିକୁ ଦୂଷିତ କରୁଛି। ଯାହା ଶରୀର ପାଇଁ ସବୁଠାରୁ କ୍ଷତିକାରକ ହୋଇପଡିଛି। ଏହି ରାସ୍ତା ଦେଇ ସ୍କୁଲ ଓ କଲେଜକୁ ଛାତ୍ରଛାତ୍ରୀ ଯାଉଛନ୍ତି। ଏଥିସହିତ ଗଛ ପତ୍ରରେ ଏକ ପ୍ରକାର ଧଳା ଆସ୍ତରଣ ବସିଯାଉଛି। ଘର କାନ୍ଥରେ ପଡ଼ି କଳର ଛାଡ଼ିଯାଉଛି। ସାଧାରଣ ଲୋକଙ୍କଠାରୁ ଆରମ୍ଭ କରି ପରିବେଶକୁ ଏତେ ପରିମାଣରେ କ୍ଷତି ପହଞ୍ଚାଉଥିବା ଜିପସମକୁ ସଠିକ୍ ଢଙ୍ଗରେ ବ୍ୟବହାର କରାଗଲେ, କାହାର କିଛି କ୍ଷତି ହେବନାହିଁ। ସେଥିପ୍ରତି ଯତ୍ନବାନ ହେବାର ଆବଶ୍ୟକତା ରହିଛି।

ଏହି ଜିପସମ ବ୍ୟବହାର କରିବା ସମୟରେ ପ୍ରଥମେ ତଳେ ପାଲ, ତା' ଉପରେ ମାଟି ମୋରମ ଓ ଆଉ ଦେଲେ ପରିବେଶ ସୁରକ୍ଷିତ ରହିବ ବୋଲି ପରିବେଶବିତ୍ କହିଛନ୍ତି। ଜିପସମ ନ ଉଡିବା ପାଇଁ ପାଣି ଛିଞ୍ଚିବା ଆବଶ୍ୟକ ଅଛି ବୋଲି ସେମାନେ କହିଛନ୍ତି। ଯଦି ଆଗକୁ ଠିକ୍ ଢଙ୍ଗରେ ରାସ୍ତାରେ ଜିପସମ ବିଛା କାମ ନ ହୁଏ, ତେବେ ଅଞ୍ଚଳବାସୀ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିବାକୁ ବାଧ୍ୟ ହେବେ ବୋଲି ତାରିଣୀଗଡ଼ାର ସମାଜସେବୀ ବାଦଲ କୁମାର ଜେନା ଓ ମନୋଜ କୁମାର ବିଶ୍ୱାଳ ଚେତାବନୀ ଦେଇଛନ୍ତି।

## ଜିଅସାହି ନିକଟରେ ଜାତୀୟ ରାଜପଥ ଶୋଚନୀୟ



ଜଗତସିଂହପୁର,୬।୮ (ସମିସ): ଜଗତସିଂହପୁର ଜିଲ୍ଲା ମଧ୍ୟଦେଇ ଯାଇଥିବା ୫୫ ନମ୍ବର ଜାତୀୟ ରାଜପଥ କାର୍ଯ୍ୟ ଚାଲୁ ରହିଥିବାବେଳେ ଜିଲ୍ଲା ସଦର ମହକୁମାଠାରୁ ଜିଅସାହି ବଜାର ପର୍ଯ୍ୟନ୍ତ ଏହି କାର୍ଯ୍ୟ ପ୍ରାୟ ଦୁଇ ମାସରୁ ଊର୍ଦ୍ଧ୍ୱ ସମୟ ଧରି ବନ୍ଦ ରହିଛି। କାମ ବନ୍ଦ ରହିଥିବା ସତ୍ତ୍ୱେ କାର୍ଯ୍ୟ କରୁଥିବା ସଂସ୍ଥା ଏହି ରାସ୍ତାର ଜିଅସାହି, ଚାଦୋଳ, ଇଟାପଡା, ପାକନପୁର ଓ ଯୋଗଧାରୀ ସିକଟରେ ରାସ୍ତା ଖୋଲି ସେହି ଖୋଲା ଅବସ୍ଥାରେ ପକାଇ ରଖିଛନ୍ତି। ରାସ୍ତା ଖୋଲା ହୋଇ ପଡ଼ିଥିବାରୁ ଗୋଡି ରାସ୍ତା ଉପରେ ବିକ୍ଷିପ୍ତ ଭାବେ ପଡ଼ିରହିଛି। ବିଭିନ୍ନ ସମୟରେ ଏହି ଗୋଡି ତଥା ଖଣ୍ଡିଆ ଖାବରା ରାସ୍ତା ପାଇଁ ଦୁର୍ଘଟଣା ଘଟୁଛି। ଏଥିପାଇଁ ଜୀବନହାନୀର ସମ୍ଭାବନାକୁ ମଧ୍ୟ ଏଡ଼ାଇ ଦିଆଯାଇ ନ ପାରେ। ଏଥିସହିତ ରାସ୍ତାରେ ଖରାରେ ପ୍ରବଳ ମାତ୍ରାରେ ଧୂଳି ଉଡୁଥିବା କାରଣରୁ ଅଣନିଶ୍ୱାସୀ ହୋଇ ଯିବାକୁ ପଡୁଛି। ଏହା ମଧ୍ୟ ଅନେକ ରୋଗର କାରଣ ହୋଇପାରେ। ବର୍ଷା ସମୟରେ ଖାଲରେ ପାଣି ଭର୍ତ୍ତି ହୋଇରହୁଥିବା କାରଣରୁ ଗାଡ଼ି ଚାଳକ ଜାଣି ନ ପାରି ଦୁର୍ଘଟଣାର ଶିକାର ହେଉଛନ୍ତି। ବିଶେଷକରି ଦୁଇଚକିଆ ଯାନ, ସାଇକେଲ ଆରୋହୀ ଓ ପଥଚାରୀଙ୍କୁ ଅକଥନୀୟ ଯନ୍ତ୍ରଣା ଭୋଗିବାକୁ ପଡୁଛି। ପ୍ରତିଦିନ ଏହି ରାସ୍ତାରେ ଶହ ଶହ ଯାନବାହନ ଚଳାଚଳ କରୁଥିବାରୁ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ତୁରନ୍ତ ଏହକୁ ଅସୁବିଧା ଦୂର କରିବା ପାଇଁ ଜିଲ୍ଲାପାଳ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ସହିତ ଆଲୋଚନା କରି ପଦକ୍ଷେପ ନେବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ଆଇନଜୀବୀ ନରେଶ ଦାସ ଏକ ପତ୍ର ଜଗତସିଂହପୁର ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଲେଖିଛନ୍ତି। ଏଥିସହିତ ଏହି ସମସ୍ୟା ବିଷୟରେ ଫଟୋ ସହିତ ଜିଲ୍ଲାପାଳ ଓ କେନ୍ଦ୍ର ସଡ଼କ ମନ୍ତ୍ରାଳୟକୁ ଟ୍ୱିଟ୍ କରି ଅବଗତ କରାଇଛନ୍ତି। ଯଦି ଏହି ଅସୁବିଧା ଆଗାମୀ ଦିନରେ ଲାଗିରହେ, ସ୍ଥାନୀୟ ଅଞ୍ଚଳବାସୀ ପକ୍ଷରୁ ଆନ୍ଦୋଳନ କରାଯିବା ସମ୍ଭାବନାକୁ ମଧ୍ୟ ଏଡ଼ାଇ ଦିଆଯାଇ ନ ପାରେ ବୋଲି ଚେତାବନୀ ମଧ୍ୟ ଦେଇଛନ୍ତି।

● ଡ୍ରେନ୍ ଖୋଳିଦେଇ ଠିକାଦାର ଛୁ

## ପଞ୍ଚୁପାଣ୍ଡବ ଛକରେ ଯାତାୟାତ ସମସ୍ୟା



ପଞ୍ଚୁପାଣ୍ଡବ,୬।୮ (ସମିସ): ପାରାଦୀପ-ଚଣ୍ଡିଖୋଲ ୫୩ ନମ୍ବର ଜାତୀୟ ରାଜପଥର ପଞ୍ଚୁପାଣ୍ଡବ ଛକରେ ଚାଲିଥିବା ରାସ୍ତାକାମ ପାଇଁ ଯାତାୟାତରେ ସମସ୍ୟା ହେଉଥିବା ଅଭିଯୋଗ ହେଉଛି। ମାସେ ପୂର୍ବରୁ ଡ୍ରେନ୍ ଖୋଳିଦେଇ କାମ ନ କରି ଠିକାଦାର ଛୁ ମାରିଛି। ପଞ୍ଚୁପାଣ୍ଡବ ଛକ ନିକଟରେ ପ୍ରାୟ ମାସ ହେଲା ଖାଲ ହୋଇଥିବାରୁ ଲୋକେ ଓ ସ୍ଥାନୀୟ ଦୋକାନୀ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଥିବା ଅଭିଯୋଗ ହେଉଛି। ଏହି ଖାଲ ହୋଇଥିବା ଜାଗାରେ ଅଜଣା ଲୋକେ ପଡ଼ି ଖଣ୍ଡିଆ ଖାବରା ହୋଇଥିବା ସ୍ଥାନୀୟ ଲୋକେ କହିଛନ୍ତି। ଏହି ରାସ୍ତା ଦେଇ ବିଭିନ୍ନ ଗାଡ଼ି ଓ ଦୁଇଟି ସରକାରୀ ବସ୍ ଯାତାୟାତ କରୁଛି। ଏହି ରାସ୍ତାରେ ଏଣ୍ଡର, ଓଳକଣା , ଗୌଡଗୋପ, ଏରକଣା ଓ ଇଟାମୁଣ୍ଡୁଳୀକୁ କଟକ, କେନ୍ଦ୍ରାପଡ଼ା ଓ ଯାଜପୁର ଜିଲ୍ଲାର ହଜାର ହଜାର ସଂଖ୍ୟାରେ ଲୋକମାନେ ଯାତାୟାତ କରୁଥିବାବେଳେ କୁସୁନପୁର ବିଦ୍ୟାଳୟକୁ ଛାତ୍ରଛାତ୍ରୀ ଯିବାଆସିବା କରୁଛନ୍ତି। ଛକଠାରେ ହେଉଥିବା ବ୍ରିଜ ନିକଟରେ ଡଷ୍ଟ ଧୋଇ ହୋଇ ପିଚୁ ରାସ୍ତା ଉପରେ ଜମିଥିବା ଦେଖିବାକୁ ମିଳୁଛି। ଠିକାଦାର ମନମୁଖୀ କାର୍ଯ୍ୟ କରୁଥିବାବେଳେ କେତେକ ବ୍ରିଜ ତଳେ ବର୍ଷା ପାଣି ଜମି ରହିଥିବାବେଳେ କେତେକ ଜାଗାରେ ମାସ ମାସ ଧରି ଖାଲ ଖୋଳିଦେଇ କାମରେ ବିଳମ୍ବ ହେଉଥିବା ଅଭିଯୋଗ ହେଉଛି। ଠିକାଦାରଙ୍କ ମନମୁଖୀ କାମରେ ଲୋକେ ବିଭିନ୍ନ ସମସ୍ୟା ଭୋଗୁଛନ୍ତି। କେତେକ ଜାଗାରେ କେନାଲ ମୁହଁକୁ ପୋତିଦେଇଥିବାରୁ ଚାଷୀ ବିଲରେ ଚାଷ କରିବାରେ ହଇରାଣ ହେଉଛନ୍ତି। ସରକାରଙ୍କ ପକ୍ଷରୁ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଥିବାବେଳେ ଠିକାଦାର ଜଣଙ୍କ ନିମ୍ନମାନର କାର୍ଯ୍ୟ କରୁଥିବା ଓ ଦାୟିତ୍ୱହୀନତା ଭଳି କାର୍ଯ୍ୟ କରୁଥିବା ସ୍ଥାନୀୟ ଲୋକେ କହିଛନ୍ତି। ପଞ୍ଚୁପାଣ୍ଡବ ଛକରେ ଶହ ଶହ ଲୋକେ ଯିବା ଆସିବା କରୁଥିବାବେଳେ ଖରା ଓ ବର୍ଷା ହେଲେ ଲୋକଙ୍କ ଠିଆ ହେବାକୁ ବ୍ୟବସ୍ଥା ନାହିଁ। ଏହାର ତଦନ୍ତ କରାଯାଇ ଯାତ୍ରୀଙ୍କ ପାଇଁ ସୁବିଧା କରିବା ସହ ରାସ୍ତାରେ ହୋଇଥିବା ଖାଲର କାମ ଶୀଘ୍ର ସାରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ୧୦୭ ଲିଟର ଚୋରାମଦ ଜବତ, ୨ ଗିରଫ

ଏରସମା,୬।୮ (ସମିସ): ଏରସମାର ପାଳଧୁଆ ବନ୍ଧ ନିକଟରୁ ଚୋରାରେ ମଦ ବିକ୍ରି କରିବାକୁ ନେଇ ଯାଉଥିବା ଜଗତସିଂହପୁର ଥାନା ଅଧୀନ ମାର୍କଣ୍ଡପୁର ଗ୍ରାମର ବୀରେନ ଦାସକୁ ପୁଲିସ ଗିରଫ କରିଛି। ତା' ନିକଟରୁ ନମ୍ବର ବିହୀନ ବାଇକ୍ ଓ ୫୦ ଲିଟର ମଦ ହୋଇଛି। ଅନ୍ୟ ଜଣେ ବାଲିକୁଦା ତିତିରା ଗ୍ରାମର ଶତ୍ରୁଘ୍ନ ସାମଲ ନିକଟରୁ ୫୭ ଲିଟର ମଦ କରାଯିବା ସହ ଗିରଫ କରାଯାଇଛି। ଏରସମା ଥାନା ପକ୍ଷରୁ ୨୫୭/୨୫ ଓ ୨୫୬/୨୫ରେ ମାମଲା ରୁଜୁ କରାଯାଇ କୋର୍ଟ ଚାଲାଣ କରାଯାଇଥିବା ଥାନାଧିକାରୀ ପ୍ରେମଜିତ ଦାସ ସୂଚନା ଦେଇଛନ୍ତି।

■ ଓଡ଼ିଶା କଷ୍ଟମସ ବ୍ରୋକର୍ସ ଆସୋସିଏସନର ନୂତନ କର୍ମକର୍ତ୍ତା

## ହରିହର ଦାସ ସଭାପତି, ବିଶ୍ୱଜିତ ମିଶ୍ର ସମ୍ପାଦକ




ପାରାଦୀପ, ୬।୮ (ସମିସ): ଓଡ଼ିଶା କଷ୍ଟମସ ବ୍ରୋକର୍ସ ଆସୋସିଏସନର ୨୦୨୫-୨୮ ବର୍ଷ ପାଇଁ ନୂତନ କର୍ମକର୍ତ୍ତା କରାଯାଇଛି। ହରିହର ଦାସ ସଭାପତି ଭାବେ ମନୋନୀତ ହୋଇଛନ୍ତି। ଉକ୍ତ ଆସୋସିଏସନର ମୁଖ୍ୟ ପରାମର୍ଶଦାତା ଭାବେ ସଚ୍ଚିଦାନନ୍ଦ ପଟ୍ଟନାୟକ ମନୋନୀତ ହୋଇଥିବାବେଳେ ଉପସଭାପତି ଭାବେ ରଞ୍ଜିତ ଶତପଥୀ, ସମ୍ପାଦକ ଭାବେ ବିଶ୍ୱଜିତ ମିଶ୍ର, ଯୁଗ୍ମସମ୍ପାଦକ ଭାବେ ଜୟନ୍ତ ଦାସ ଓ କୋଷାଧ୍ୟକ୍ଷ ଭାବେ କଳ୍ପତରୁ ମନ୍ତ୍ରୀଙ୍କୁ ସର୍ବ ସମ୍ମତିକ୍ରମେ ମନୋନୀତ କରାଯାଇଛି। ଏ ନେଇ ପାରାଦୀପର ହୋଟେଲ ଏମ୍ପାୟାର୍ସଠାରେ ସମସ୍ତ ସଦସ୍ୟଙ୍କ ଉପସ୍ଥିତରେ ଏହି କର୍ମକର୍ତ୍ତା ଚୟନ କରାଯାଇଥିଲା। ନବନିର୍ବାଚିତ ସଭାପତି ଶ୍ରୀ ଦାସ ନୂତନ କର୍ମକର୍ତ୍ତା ଓ ସମସ୍ତ ସଦସ୍ୟଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ବନ୍ଦର ନିଷିଦ୍ଧାଞ୍ଚଳରେ ଦୁର୍ଘଟଣା

ପାରାଦୀପ,୬।୮ (ସମିସ): ବନ୍ଦର ନିଷିଦ୍ଧାଞ୍ଚଳ ମଧ୍ୟରେ ଥିବା ଶାରଳା କ୍ୟାମ୍ପ ସମ୍ମୁଖରେ ଦୁଇଟି ହାଇୱା ମଧ୍ୟରେ ଧକ୍କା ହୋଇଛି। ଦୁର୍ଘଟଣାରେ ହାତୀ କମ୍ପାନୀର ହାଇୱା ଅଧିକ କ୍ଷତିଗ୍ରସ୍ତ ହୋଇଥିବାବେଳେ ଡ୍ରାଇଭରଙ୍କ ମୁଣ୍ଡରେ ଆଘାତ ଲାଗି ଅବସ୍ଥା ଗୁରୁତର ହୋଇଛି। ଡ୍ରାଇଭରଙ୍କୁ ପ୍ରଥମେ ଅଠରବାଙ୍କୀ ଓ ପରେ କଟକ ସ୍ଥାନାନ୍ତରିତ କରାଯାଇଛି।

## ଚୋରାମଦ ଜବତ; ଜଣେ ଗିରଫ

ପାରାଦୀପ,୬।୮ (ସମିସ): ଆଜି ପାରାଦୀପ ଲକ୍‌ଥାନା ଅଧୀନ ଗେଟ ବଜାର ଅଞ୍ଚଳରୁ ଜଣେ ଚୋରାମଦ ବେପାରୀକୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ତା' ନିକଟରୁ ୧୦ ଲିଟର ଦେଶୀମଦ ଜବତ କରାଯାଇଛି। ଚୋରା ବେପାରୀ ଜଣଙ୍କ କେନ୍ଦ୍ରାପଡ଼ା ଜିଲ୍ଲା ପାଟକୁରା ଥାନା ଖମା ଗ୍ରାମର ଜୟନ୍ତ ମହାରାଜଙ୍କ ପୁଅ ପ୍ରଭାତ ମହାରାଜ (୨୮)। ଏ ନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି।

## କାର୍ ଧକ୍କାରେ ବାଇକ୍ ଚାଳକ ଗୁରୁତର

ପାରାଦୀପ, ୬।୮ (ସମିସ): ପାରାଦୀପ ଇଫ୍‌କୋ ଛକ ନିକଟ ସାହୁ କମ୍ପ୍ଲେକ୍ସ ସମ୍ମୁଖରେ ଥୁଆ ହୋଇଥିବା ଏକ ବାଇକ୍‌କୁ ଏକ କାର ଧକ୍କା ଦେବାରୁ ବାଇକ୍ ଚାଳକ ଗୁରୁତର ହୋଇ କଟକ ସ୍ଥାନାନ୍ତରିତ ହୋଇଛନ୍ତି। ଗୁରୁତର ବାଇକ୍ ଚାଳକଙ୍କୁ ପ୍ରଥମେ ଅଠରବାଙ୍କୀ ଓ ପରେ କଟକ ସ୍ଥାନାନ୍ତରିତ କରାଯାଇଛି। ବ୍ୟକ୍ତିଙ୍କ ପାଖରେ ଠିଆ ହୋଇଥିବା ଅନ୍ୟଦୁଇ ବ୍ୟକ୍ତି ସୁରକ୍ଷିତ ଅଛନ୍ତି। କାର୍‌ଟି ଏଭଳି ଭାବେ ବାଇକ୍‌କୁ ଧକ୍କା ଦେଇଥିଲା ଯେ ବ୍ୟକ୍ତି ଜଣକ ଛିଟିକି ପଡ଼ି କାର୍ ଉପରେ ମାଡ଼ ହୋଇଥିଲେ।

## ଅକ୍ଷୟ ଦାସ ନିଖିଳ ଉତ୍କଳ ଶିକ୍ଷକ ମହାସଂଘ ସଭାପତି



ତିର୍ତ୍ତୋଲ, ୬।୮ (ସମିସ): ନିଖିଳ ଉତ୍କଳ ଶିକ୍ଷକ ମହାସଂଘର ସଭାପତି ଭାବେ ଜଗତସିଂହପୁର ଜିଲ୍ଲା ତିର୍ତ୍ତୋଲର ଶିକ୍ଷକ ନେତା, ରାଜ୍ୟ ନିମ୍ନମାଧମିକ ଓ ଶିକ୍ଷକ ମହାସଂଘର ପୂର୍ବତନ ଯୁଗ୍ମ ସମ୍ପାଦକ ଓ କୋଷାଧ୍ୟକ୍ଷ ଅକ୍ଷୟ ଦାସ ନିର୍ବାଚିତ ହୋଇଛନ୍ତି। ରାଜ୍ୟ କାର୍ଯ୍ୟକାରୀ କମିଟିର ପ୍ରଥମ ବୈଠକରେ ଶ୍ରୀ ଦାସ ସଂଗଠନକୁ ଜିଲ୍ଲା ଓ ବ୍ଲକ ସ୍ତରରେ ସକ୍ରିୟ ଓ ଦୃଢ଼ କରିବା, ରାଜ୍ୟର ଶତାଧିକ ଶିକ୍ଷକ ନେତାଙ୍କୁ ପୃଷ୍ଠପୋଷକ ଭାବେ ଗ୍ରହଣ କରିବା, ମୁଖପତ୍ର ଶିକ୍ଷା ସମାଚାର ପୁନଃପ୍ରଚଳନ, ଭୁବନେଶ୍ୱରକୁ ଶିକ୍ଷକ ମହାସଂଘର ସାଂଗଠନିକ ଜିଲ୍ଲା ମାନ୍ୟତା ଦେବା ପାଇଁ ପ୍ରସ୍ତାବ ରଖିଛନ୍ତି। ମୁଖ୍ୟ ଉପଦେଷ୍ଟା କାମରାଜୁ ମହାରଣା, ଉପଦେଷ୍ଟା ବିବେକାନନ୍ଦ ଦାସ, ସାରଦା ପ୍ରସନ୍ନ ମହାପାତ୍ର, ଡଃ ଅମୀୟ ମହାନ୍ତି, ଦୁର୍ଯ୍ୟୋଧନ ପରିଡ଼ା, ଅଜୟ ସାମଲ, କମଳ ବିଶ୍ୱାଳ, ଧନଞ୍ଜୟ କେଶରୀ ରାଉତରାୟ, ନିକୁଞ୍ଜ ବେହେରା, କାର୍ଯ୍ୟକାରୀ ସଭାପତି ଅଶୋକ ଦଳାଇ, ସାଧାରଣ ସମ୍ପାଦକ ଡ ଦୁଷ୍ମନ୍ତ ନାୟକ, ଯୁଗ୍ମ ସାଧାରଣ ସମ୍ପାଦକ ବୃନ୍ଦାବନ ମହାପାତ୍ର ପ୍ରମୁଖ ଆଗାମୀ ୧୬ ତାରିଖ ଦାବି ଦିବସରେ ଭୁବନେଶ୍ୱର ମାଷ୍ଟର କ୍ୟାଣ୍ଟିନଠାରେ ବହୁ ସଂଖ୍ୟାରେ ଉପସ୍ଥିତ ରହି ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରିବାକୁ ନିବେଦନ କରିଥିଲେ।

## ପୋଖରୀରେ ବୁଡ଼ି ବୃଦ୍ଧ ମୃତ

ପଟ୍ଟାମୁଣ୍ଡାଇ,୬।୮ (ସମିସ): ପଟ୍ଟାମୁଣ୍ଡାଇ ପୌର ପରିଷଦ ଅଧୀନ ୧୦ ନମ୍ବର ୱାର୍ଡ ପଟ୍ଟାମୁଣ୍ଡାଇ ଗ୍ରାମର ସହଦେବ ମଲିକ (୭୫) ଶୌଚ ହେବାକୁ ଯାଇଥିବାବେଳେ ଗୋଡ଼ ଖସିଯିବାରୁ ପୋଖରୀରେ ବୁଡି ମୃତ୍ୟୁବରଣ କରିଛନ୍ତି। ସହଦେବ ସ୍ଥାନୀୟ ମହାଜନ ସାହିରେ ଥିବା ପୋଖରୀକୁ ଅପରାହ୍ନ ପ୍ରାୟ ୩ଟା ସମୟରେ ଶୌଚ ହେବାକୁ ଯାଇଥିବାବେଳେ ଏହି ଅଘଟଣ ଘଟିଛି। ସହଦେବ ପୋଖରୀରେ ବୁଡିଯିବା ଅବସ୍ଥାରେ ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ପଟ୍ଟାମୁଣ୍ଡାଇ ସବଡ଼ିଭିଜନ ଡାକ୍ତରଖାନାକୁ ଚିକିତ୍ସା ପାଇଁ ନେଇଥିଲେ ହେଁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିବା ଜଣାପଡ଼ିଛି।

ଚାକିରି ସର୍ତ୍ତାବଳୀ ସହ ପେନସନ ଦାବି

## ୬୬୨ କଲେଜ ସଙ୍ଘର ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ

ଜଗତସିଂହପୁର,୬।୮ (ସମିସ): ୬୬୨ +୨ ଓ +୩ ମହାବିଦ୍ୟାଳୟ ଅଧ୍ୟାପକ ଓ କର୍ମଚାରୀ ଜଗତସିଂହପୁର ଜିଲ୍ଲା ସଙ୍ଘ ତରଫରୁ ଚାକିରି ସର୍ତ୍ତାବଳୀ ସହ ପେନସନ ଦାବିରେ ଆଦିକବି ଶାରଳା ଦାସ ସଂସ୍କୃତି ଭବନଠାରୁ ଏକ ଶୋଭାଯାତ୍ରା ବାହାରି ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲା। ସେଠାରେ ପ୍ରଶାସନ ଓ ସରକାରୀ ଅବ୍ୟବସ୍ଥାର




ଟାଳଟୁଳ ନୀତିକୁ ବିରୋଧ କରି ସ୍ଲୋଗାନ ଦିଆଯାଇଥିଲା। ଏହି ମର୍ମରେ ଏକ ଦାବିପତ୍ର ୬୬୨ ଜଗତସିଂହପୁର ଜିଲ୍ଲା କଲେଜ ସଂଘ ଜିଲ୍ଲାପାଳଙ୍କ ମାଧ୍ୟମରେ ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଥିଲା। ପରେ ୬୬୨ ବର୍ଗ କଲେଜ ସଂଘ ସଭାପତି ସୁକାନ୍ତ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଜଗତସିଂହପୁର ଜିଲ୍ଲାପାଳଙ୍କ ପକ୍ଷରୁ ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତି ଶଙ୍କର ରାୟ ଦାବିପତ୍ର ଗ୍ରହଣ କରି ପ୍ରତିନିଧି ମଣ୍ଡଳୀ ସହ ଆଲୋଚନା କରିଥିଲେ। ଯଦି ରାଜ୍ୟ ସରକାର ସଂଘ ସହିତ ପୁନଃ ଟାଳଟୁଳ ନୀତି ଅବଲମ୍ବନ କରି ସମାଧାନର ବାଟ ବାହାର ନ କରନ୍ତି, ତେବେ ଅଗଷ୍ଟ ୧୬ ତାରିଖରେ ଭୁବନେଶ୍ୱର ଗାନ୍ଧୀମାର୍ଗରେ ଆନ୍ଦୋଳନ କରାଯାଇ ଜିଲ୍ଲାର ୬୬୨ ବର୍ଗର ସମସ୍ତ କଲେଜ ବନ୍ଦ ରହିବ ଓ ଆନ୍ଦୋଳନରେ ସମସ୍ତେ ସାମିଲ ହେବେ ବୋଲି ସଙ୍ଘ ପକ୍ଷରୁ ସୂଚନା ଦିଆଯାଇଛି। ଆଜିର ଏହି ଆନ୍ଦୋଳନରେ ଜଗତସିଂହପୁର ଜିଲ୍ଲା ୬୬୨ ସଂଘ ସାଧାରଣ ସମ୍ପାଦକ ଡକ୍ଟର ସୁଧୀର କୁମାର ମହାନ୍ତି, ଡଃ ଭାରତୀ ବେହେରା, ଅଧ୍ୟକ୍ଷ ଶିଶିର ଦାସ, ପ୍ରସନ୍ନ ବାରିକ, ଡଃ ବନପ୍ରଭା ପରିଡା, ଦୁର୍ଗାପ୍ରସାଦ ମହାନ୍ତି, ଡଃ ନିରଞ୍ଜନ ବିଶ୍ୱାଳ, ଶ୍ରୀକାନ୍ତ ସାହୁ, ଉପେନ୍ଦ୍ର ପରିଡା, ଆଶିଷ ମହାପାତ୍ର, ଦିଲ୍ଲୀପ ଆଚାର୍ଯ୍ୟ, ସସ୍ମିତା ଦାସ, ରିତା ମିଶ୍ର, ପ୍ରତାପ ମିଶ୍ର, ରବୀନ୍ଦ୍ର କାନୁନଗୋ, ସୁଦର୍ଶନ ନାୟକ, ଦିଲ୍ଲୀପ ନନ୍ଦ, ତୁଷାର ଶିଖର ସ୍ୱାଇଁ, ସନ୍ତୋଷ କୁମାର କାନୁନଗୋ, ନିରଞ୍ଜନ ସାମନ୍ତସିଂହାର ପ୍ରମୁଖ ଯୋଗ ଦେଇଥିଲେ।

## କୁଜଙ୍ଗ ଡାକ୍ତରଖାନାରେ ଅଗ୍ନିକାଣ୍ଡ

କୁଜଙ୍ଗ, ୬।୮ (ସମିସ): କୁଜଙ୍ଗ ବଜାର ସନ୍ନିକଟ କୁଜଙ୍ଗ ଡାକ୍ତରଖାନା ପୁରୁଣା ୱାର୍ଡରେ ରାତ୍ର ୧୧ଟା ସମୟରେ ଅଗ୍ନିକାଣ୍ଡ ଘଟିଛି। ଏହି ଅଗ୍ନିକାଣ୍ଡରେ ଡାକ୍ତରଖାନାର ତିନୋଟି ୱାର୍ଡ ସମ୍ପୂର୍ଣ୍ଣ ପୋଡ଼ିଯାଇଛି। ତେବେ ଦୁର୍ଘଟଣାରେ କେହି ମୃତାହତ ହୋଇ ନ ଥିବା ଜଣାପଡ଼ିଛି। ସେହି ଗୃହ ମଧ୍ୟରେ ଥିମା ମେଡିକାଲ ଉପକରଣ, ଆସବାବପତ୍ର ପୋଡ଼ିଯାଇଛି। ସଫେଇ କାମ କରୁଥିବା କର୍ମଚାରୀଙ୍କ ଲକ୍ଷାଧିକ ଟଙ୍କାର ଆସବାବପତ୍ର ପୋଡ଼ି ପାଉଁଶ ହୋଇଯାଇଛି। ୮ଟି ଦମକଳ ଗାଡ଼ି ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

## ସଂଗ୍ରାମୀ ନିଶାମଣି ଖୁଣ୍ଟିଆଙ୍କ ଶ୍ରାଦ୍ଧୋତ୍ସବ

ତିର୍ତ୍ତୋଲ, ୬।୮ (ସମିସ):ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ସମାଜବାଦୀ ଓ କୃଷକ ନେତା ତଥା ତିର୍ତ୍ତୋଲର ପୂର୍ବତନ ବିଧାୟକ ନିଶାମଣି ଖୁଣ୍ଟିଆଙ୍କ ୪୪ତମ ଶ୍ରାଦ୍ଧ ଉତ୍ସବ ନିଶାମଣି ଖୁଣ୍ଟିଆ ସ୍ମୃତି ସଂସଦ ଆନୁକୂଲ୍ୟରେ ସାଇ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ବୈଠକରେ ଅବସରପ୍ରାପ୍ତ ଶିକ୍ଷା ଜିଲ୍ଲା।



ଅଧିକାରୀ ମନମୋହନ କାନୁନଗୋ ଅଧ୍ୟକ୍ଷତା କରିଥିଲେ। ସ୍ମୃତି ସଂସଦ ସମ୍ପାଦକ ଅକ୍ଷୟ ଦାସ, ଆଇନଜୀବୀ ଅମର ଜ୍ୟୋତି ସାହୁ, ଅବସରପ୍ରାପ୍ତ ଶିକ୍ଷକ ସୁରେନ୍ଦ୍ର ମହାପାତ୍ର, ରାଘବ ଦାସ, ଝଙ୍କଡ଼ ସାହିତ୍ୟ ସଂସଦ କୋଷାଧ୍ୟକ୍ଷ ଝୁଲରାମ୍ ଦାସ, ପଣ୍ଡିତ ବାସବ ନନ୍ଦ, ଶରତ ମହାନ୍ତି ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଖୁଣ୍ଟିଆଙ୍କ ମହାନ୍ ସଂଗ୍ରାମୀ ଜୀବନର ସ୍ମୃତିଚାରଣ କରିଥିଲେ।

## ରାଜ୍ୟ ପେଣ୍ଟିଂ ଆର୍ଟିଷ୍ଟ ୱାର୍କର୍ସ ଆସୋସିଏସନ ଜିଲ୍ଲା ଶାଖାର ବାର୍ଷିକ ଉତ୍ସବ

ତିର୍ତ୍ତୋଲ, ୬।୮ (ସମିସ): ଅଲ୍ ଓଡ଼ିଶା ପେଣ୍ଟିଂ ଆର୍ଟିଷ୍ଟ ଆସୋସିଏସନ ଜିଲ୍ଲା ଶାଖାର ଦ୍ୱିତୀୟ ବାର୍ଷିକ ଉତ୍ସବ ତିର୍ତ୍ତୋଲ କୁମାରଉତ୍ସବ ସମିତି ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଆସୋସିଏସନ୍ ପକ୍ଷରୁ ଏକ ଶୋଭାଯାତ୍ରା ବ୍ଲକ ଛକଠାରୁ ବାହାରି ସଭା ସ୍ଥଳରେ ପହଞ୍ଚିଥିଲା। ଜିଲ୍ଲା ସମ୍ପାଦକ ଜ୍ୟୋତି ରଞ୍ଜନ ରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ସରପଞ୍ଚ ପ୍ରିୟମ୍ବଦା ମହାପାତ୍ର, ମୁଖ୍ୟବକ୍ତା ରାଜ୍ୟ ସମ୍ପାଦକ ରଞ୍ଜନ ମିଶ୍ର, ସମ୍ମାନିତ ଅତିଥି ସମାଜସେବୀ ବିମଳ ମହାପାତ୍ର, ଆସୋସିଏସନ୍‌ର ରାଜ୍ୟ ଯୁଗ୍ମସମ୍ପାଦକ କୈଳାସ ଚନ୍ଦ୍ର ମହାନ୍ତି, ବରିଷ୍ଠ ଚିତ୍ରଶିଳ୍ପୀ ବାବାଜୀ ଚରଣ ସାହୁ, ସୁରେଶ ଚୌଧୁରୀ, ଜିଲ୍ଲା ସଭାପତି ଲୋକନାଥ




ଦାସ, ଉପସଭାପତି ମୋହନ ଚରଣ ଦାସ, ସଂଯୋଜକ ନାରାୟଣ ଦାସ, ଏସିଆନ ପେଣ୍ଟ ବିତରକ ଅଂଶୁପ୍ରସାଦ ମୁଦୁଲି ପ୍ରମୁଖ ଯୋଗଦେଇ ଚିତ୍ରଶିଳ୍ପୀଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିବା ସହ ଚିତ୍ରଶିଳ୍ପୀଙ୍କୁ ସରକାର ତୁରନ୍ତ କଳାକାର ଭତ୍ତା ପ୍ରଦାନ ଓ ବିଶ୍ୱକର୍ମା ଯୋଜନାରେ ସାମିଲ କରିବା ପାଇଁ ଦାବି କରିଥିଲେ। ଏ ଅବସରରେ ଜିଲ୍ଲାର ବରିଷ୍ଠ ଚିତ୍ରଶିଳ୍ପୀ ବାନାମ୍ବର ସାହୁ, ସୁରେଶ ଚନ୍ଦ୍ର ସ୍ୱାଇଁ, ବିଷ୍ଣୁଚରଣ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଜିଲ୍ଲା ଯୁଗ୍ମସମ୍ପାଦକ ମନୋଜ ସାହୁ, କୋଷାଧ୍ୟକ୍ଷ ଲଳିତ ମୋହନ ଭୋଇ, ଶରତ ବାରିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଜୟପ୍ରକାଶ, ଯୋଗେନ୍ଦ୍ର, ନରେନ୍ଦ୍ର, ନୃସିଂହ, ସିଦ୍ଧେଶ୍ୱର, ସାଗର, ପ୍ରଭାତ, କୃପାସିନ୍ଧୁ, ସୌମିତ୍ର ପ୍ରମୁଖ ସହଯୋଗ କରିଥିଲେ। ରାଜ୍ୟ ସଂଯୋଜକ ପ୍ରଭାତ ନଳିନୀ କାନ୍ତି ଧନ୍ୟବାଦ ଦେଇଥିଲେ।

# ତିର୍ତ୍ତୋଲ ନିର୍ବାଚନମଣ୍ଡଳୀ ଉନ୍ନୟନ କମିଟି ସମୀକ୍ଷା ବୈଠକ

ଜଗତସିଂହପୁର,୬।୮ (ସମିସ):

ଆଜି ପୂର୍ବାହ୍ନରେ ତିର୍ତ୍ତୋଲ ନିର୍ବାଚନମଣ୍ଡଳୀ ଉନ୍ନୟନ କମିଟି ସମୀକ୍ଷା ବୈଠକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥ ସଦଭାବନା ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଅଧ୍ୟକ୍ଷତା କରି ବିଧାୟକ ତିର୍ତ୍ତୋଲ ଡଃ ରମାକାନ୍ତ ଭୋଇ କହିଲେ, ଜିଲ୍ଲା ପ୍ରଶାସନ ଓ ଜନପ୍ରତିନିଧିଙ୍କ ମଧ୍ୟରେ ସଠିକ୍ ସମନ୍ୱୟ ସହ ବିଭାଗୀୟ ଅଧିକାରୀଙ୍କ ଆନ୍ତରିକ ଉଦ୍ୟମ ରହିଲେ ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ ଯୋଜନା ଲୋକଙ୍କ ପାଖରେ ଠିକ୍ ଭାବେ ପହଞ୍ଚିପାରିବ। ସରକାରଙ୍କ ପ୍ରଣୀତ ଲୋକ ହିତକାରୀ ଯୋଜନା ସଠିକ ଉପାୟରେ ସଠିକ୍ ଲୋକଙ୍କ ପାଖରେ ପହଞ୍ଚାଇବାକୁ ସେ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ଏହି ବୈଠକରେ ବିଧାୟକ ଡଃ ଭୋଇ ସମସ୍ତ ବିଭାଗୀୟ ଅଧିକାରୀଙ୍କ ସହ ଉନ୍ନୟନମୂଳକ କାର୍ଯ୍ୟର ପ୍ରଗତି ଓ କାର୍ଯ୍ୟକାରିତା ବିଷୟରେ ସମୀକ୍ଷା କରିଥିଲେ।



ଉକ୍ତ ବୈଠକରେ ଜିଲ୍ଲା ପରିଷଦ ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ରବିନାରାୟଣ ଜେଠୀ ସମନ୍ୱୟ ଓ ସହଭାଗିତା ରହିଲେ ଉନ୍ନୟନ ସମ୍ଭବ ବୋଲି କହିଥିଲେ। ଆଗାମୀ ଦିନରେ ଆଉ କ'ଣ କରାଗଲେ ସରକାରଙ୍କ ଯୋଜନା ଆହୁରି ସଠିକ୍ ଭାବେ ଲୋକଙ୍କ ପାଖରେ ପହଞ୍ଚିପାରିବ, ତା'ର ପୁଙ୍ଖାନୁପୁଙ୍ଖ ଆଲୋଚନା ଅଧିକାରୀଙ୍କ ସହ କରାଯାଇଛି। ଏହି ବୈଠକରେ ସମସ୍ତ ବିଭାଗର ଅଧିକାରୀ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିବା ସହ ନିଜ ନିଜ ବିଭାଗର କାର୍ଯ୍ୟକାରିତା ବିଷୟରେ ତଥ୍ୟ ଉପସ୍ଥାପନ କରିଥିଲେ। ବିଶେଷକରି କୃଷି ବିଭାଗ, ପ୍ରାଣୀ ଚିକିତ୍ସା ବିଭାଗ, ମତ୍ସ୍ୟ ବିଭାଗ ଉପରେ ଗୁରୁତ୍ୱ ପ୍ରଦାନ କରି ବିଧାୟକ ଅଧିକାରୀଙ୍କୁ ଯୋଜନାରେ ଲାଭବାନ ହୋଇଥିବା ହିତାଧୀକାରୀଙ୍କ ନାମ ଓ ଠିକଣା ଦେବାକୁ କହିଥିଲେ। ବିଭାଗୀୟ ଅଧିକାରୀଙ୍କ ସହ ସେ ନିଜେ ଉକ୍ତ ହିତାଧିକାରୀଙ୍କୁ ପରିଦର୍ଶନ କରିବେ ବୋଲି କହିଥିଲେ। ପ୍ରାଣୀ ଚିକିତ୍ସା ବିଭାଗର ପ୍ରମୁଖ ଯୋଜନା ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନାର ଉପାଦେୟତା ବିଷୟରେ ତୃଣମୂଳ ସ୍ତରରେ ସଚେତନତା ସୃଷ୍ଟି କରିବା ପାଇଁ ମାର୍ଗଦର୍ଶନ କରିଥିଲେ। ସେହିପରି କଟକ-ପାରାଦୀପ ରାସ୍ତା ନିର୍ମାଣ ଓ ସମ୍ପ୍ରସାରଣ ସମୟରେ ବୃକ୍ଷ ଛେଦନକୁ ଅତି ଆବଶ୍ୟକ ନ ହେଲେ କରିବାକୁ ବାରଣ କରିଥିଲେ। ସମସ୍ତ ବିଭାଗର ଉନ୍ନତିମୂଳକ କାର୍ଯ୍ୟକରୀ ଯୋଜନା ବିଷୟରେ ଶୁଣି ସାରିବା ପରେ ଏହାର ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଏହି ବୈଠକରେ ବିରିଡ଼ି ପଞ୍ଚାୟତ ସମିତି ଅଧ୍ୟକ୍ଷ ଶ୍ରୀମତୀ ମମତା ପାତ୍ର, ବିରିଡ଼ି, ରଘୁନାଥପୁର, ତିର୍ତ୍ତୋଲ ବିଡିଓ, ତହସିଲଦାର ଓ ଲାଇନ୍ ବିଭାଗୀୟ ଅଧିକାରୀ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।



# ବାବୁ, ସମ୍ପତ୍ତି ଦୁର୍ନୀତି

ଲୋକଙ୍କୁ ସରକାରୀ ସେବା ଯୋଗାଇ ଦେବା ପାଇଁ ବାବୁମାନଙ୍କୁ ମିଳିଛି ନିଯୁକ୍ତି। କିନ୍ତୁ ଏହି ସରକାରୀ ବାବୁମାନେ ଲୋକଙ୍କ ସେବା କରିବା ବଦଳରେ ଦୁର୍ନୀତିରେ ବୁଡ଼ି ରହି ଲୋକଙ୍କୁ ଶୋଷଣ କରୁଛନ୍ତି। ଲାଞ୍ଚ ଏବଂ ସରକାରୀ ଅର୍ଥ ହେରଫେର କରି ନିଜ ଘରେ ଟଙ୍କାର ପାହାଡ଼ କରିଛନ୍ତି। ସେମାନଙ୍କ ମଧ୍ୟରୁ ଅନେକ ମାଲମାଲ ପ୍ଲଟ୍, ଫ୍ଲାଟ୍ ଆଦି ସମ୍ପତ୍ତି ଠୁଳ କରିଛନ୍ତି। କେବଳ ରାଜ୍ୟରେ ନୁହେଁ ରାଜ୍ୟ ବାହାରେ ମଧ୍ୟ ବାବୁମାନେ ଆଲିସାନ ବଙ୍ଗଳା କରିଛନ୍ତି। ଏହି ସରକାରୀ ବାବୁଙ୍କ କାରନାମା ଭିଜିଲାନ୍ସ ନଜରକୁ ଆସିବା ପରେ ଭିଜିଲାନ୍ସ ପକ୍ଷରୁ ତାଙ୍କ ଘରେ ଚଢ଼ଉ କରି କୋଟି କୋଟି ଟଙ୍କାର ସମ୍ପତ୍ତି ଠାବ କରାଯାଇଛି। ତେଣୁ ଭିଜିଲାନ୍ସ ଜାଲରେ ପଡ଼ିଥିବା କିଛି ବଡ଼ ବଡ଼ ସରକାରୀ ବାବୁଙ୍କ କଳା କାରନାମା।

ପ୍ରସ୍ତୁତି : ସକାଳ ବ୍ୟୁରୋ

## ସେବା ବଦଳରେ ଶୋଷୁଛନ୍ତି

## ୧୩ ଜଣଙ୍କ ନିକଟରୁ ମିଳିଲା ସର୍ବାଧିକ ୯ କୋଟି



## ସହକାରୀ ଯନ୍ତ୍ରୀଙ୍କ ଅମାପ ସମ୍ପତ୍ତି



ଡିଏ ମାମଲାରେ ଭିଜିଲାନ୍ସ ଆର୍ ଆଣ୍ଡ ବି ଡିଭିଜନର ସହକାରୀ ଯନ୍ତ୍ରୀ ରାଜ କିଶୋର ଜେନା ଗିରଫ ହୋଇଛନ୍ତି। ହେଲେ ତାଙ୍କ ଠାରୁ ଭିଜିଲାନ୍ସ ଅମାପ ସମ୍ପତ୍ତି ଠାବ କରିଛି। ତାଙ୍କର ସିମ୍ଫନି ଓ ଉତ୍କଳ ଗ୍ୟାଲେରିଆ ମଲରେ ବଡ଼ବଡ଼ ଦୋକାନ ଘର ଭଡା ଦିଆଯାଇଛି। ଏଥିସହ ୧୩ଟି ସ୍ଥାନରେ ଦାମୀ ପ୍ଲଟ ରହିଛି। ଏଥିରେ ଭୁବନେଶ୍ୱର ୯ ଟି ସ୍ଥାନରେ ଓ ନୟାଗଡ଼ର ତିନୋଟି ସ୍ଥାନରେ, ଖୋର୍ଦ୍ଧାରେ ଗୋଟିଏ ସ୍ଥାନରେ ପ୍ଲଟ ଥିବା ଜଣାଯାଇଛି। ଜେନାଙ୍କ ବ୍ୟାଙ୍କ ପୋଷ୍ଟାଲ ଡିପୋଜିଟ୍ ୭୫ଲକ୍ଷ ଟଙ୍କା ଓ ପିଲାଙ୍କ ପାଠପଢ଼ା ଖର୍ଚ୍ଚରେ ୬୭ଲକ୍ଷ ଟଙ୍କା ଖର୍ଚ୍ଚ ସହ ଘରୁ ମିଳିଥିବା ଟଙ୍କା ଓ ଆସବାପତ୍ର ମିଶାଇ ୩୦ଲକ୍ଷ ଟଙ୍କାର ସମ୍ପତ୍ତି ଠାବ କରାଯାଇଥିଲା। ତାଙ୍କର ନୀଳାଦ୍ରି ବିହାର ସେକ୍ଟର- ୫ରେ ପ୍ଲଟ ନମ୍ବର ୨୨୬ରେ ୩୫୦୦ ବର୍ଗଫୁଟର ଜାଗାରେ ତିନି ମହଲା କୋଠା ରହିଛି। ଏଠି ସହିତ ଭୁବନେଶ୍ୱର ଆଇଗିଣିଆ ଅନ୍ତର୍ଗତ କସ୍‌ମୋପୋଲିସରେ ୮ମ ମହଲାରେ ୧୮୦୦ ବର୍ଗଫୁଟ୍‌ର ଫ୍ଲାଟ, ୧୬ ମହଲାରେ ୬୫୦ ବର୍ଗଫୁଟର ଏକ ଫ୍ଲାଟ୍ ମଧ୍ୟ ଭିଜିଲାନ୍ସ ଠାବ କରିଥିଲା।

## ରେଞ୍ଜରଙ୍କ ଘରେ ଟଙ୍କାର ପାହାଡ଼



ଆୟବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଜୟପୁର ଫରେଷ୍ଟ ରେଞ୍ଜର ରାମଚନ୍ଦ୍ର ନେପାକଙ୍କୁ ଭିଜିଲାନ୍ସ ଗିରଫ କରିଛି। ଚଢ଼ଉ ବେଳେ ଫରେଷ୍ଟ ରେଞ୍ଜରଙ୍କ ଘରୁ ମିଳିଥିଲା ଅମାପ ସମ୍ପତ୍ତି। ଟଙ୍କାର ଥାକ କରି ଭର୍ତ୍ତି ହୋଇଥିବା ଷ୍ଟିଲ୍ ଆଲମିରା ସହିତ ସୁନାର ବିସ୍କୁଟ ସହ ଗୋଲ୍ଡ କଏନ ମଧ୍ୟ ଠାବ ହୋଇଥିଲା। ଜୟପୁର ଗୋଲ୍‌ଡେନ୍ ହାଇଟ୍ସ ରେସିଡେନ୍ସିଆଲ ଆପାର୍ଟମେଣ୍ଟରେ ୫୧୦ରୁ ଚଢ଼ଉ ବେଳେ ଏକ ଷ୍ଟିଲ୍ ଆଲମିରା ମିଳିଥିଲା। ଯେଉଁଥିରେ ତିନିଟି ଥାକରେ ଟଙ୍କାର ବଣ୍ଡଲ ରଖାଯାଇଥିଲା। ଯେଉଁଥିରୁ ବାହାରିଥିଲା ୧ କୋଟି ୪୩ ଲକ୍ଷ ଟଙ୍କା ତା ସହିତ ୪ଟି ସୁନା ବିସ୍କୁଟ ଓ ସୁନା କଏନ ମଧ୍ୟ ଠାବ କରାଯାଇଥିଲା। ସେତିକି ନୁହେଁ ସମସ୍ତ ସୁନା ଗହଣାକୁ ମିଶାଇ ଦେଢ଼ କିଲୋଗ୍ରାମ ସୁନା ଗହଣା, ସାଢ଼େ ଚାରି କିଲୋଗ୍ରାମ୍‌ରୁ କେଜି ରୁପା ଅଳଙ୍କାର, ଜୟପୁରରେ ଏକ ମହଲା ଘର, ଭୁବନେଶ୍ୱରରେ ୩ ମହଲା ବିଶିଷ୍ଟ ୩ ଟି ଫ୍ଲାଟ, ୧ କାର, ୨ଟି ପ୍ଲଟ ଠାବ ହୋଇଥିଲା।

## ବିଏମ୍‌ସିବାବୁଙ୍କ ଟଙ୍କା ସଉକ



ଭିଜିଲାନ୍ସ ଜାଲରେ ପଡ଼ିଥିଲେ ବିଏମ୍‌ସି କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଜଗନ୍ନାଥ ପଟ୍ଟନାୟକ। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ୪ଟି ସ୍ଥାନରେ ଚଢଉ କରାଯାଇଥିଲା। ବିଏମ୍‌ସି ଅଫିସ୍ ସମେତ ଭୁବନେଶ୍ୱର ଘରେ ଚଢଉ ମଧ୍ୟ ହୋଇଥିଲା। ଭୁବନେଶ୍ୱର, ଖୋର୍ଦ୍ଧା, ବଡ଼ଗଡ଼ ବ୍ରିଟ୍ କଲୋନୀ ଓ ରାୟଗଡ଼ରେ ମଧ୍ୟ ଚଢଉ ହୋଇଥିଲା। ଭିଜିଲାନ୍ସର ୬ ଜଣ ଡିଏସ୍‌ପି, ୧୦ ଜଣ ଇନ୍ସପେକ୍ଟର ଏବଂ ଅନ୍ୟାନ୍ୟ ସହାୟକ କର୍ମଚାରୀଙ୍କ ସାମିଲ ହୋଇଥିଲା। ତାଙ୍କ ଠାରୁ କୋଟି କୋଟି ଟଙ୍କାର ସମ୍ପତ୍ତି ଠାବ କରିଥିଲା ଭିଜିଲାନ୍ସ।

## ଆଇଏଏସ୍‌ଙ୍କ ଘରୁ ୪୦ ଲକ୍ଷ ଜବତ



ଆଇଏଏସଙ୍କ ଘରେ ପୁଳା ପୁଳା ଟଙ୍କା ଜବତ ହୋଇଥିଲା। ଧର୍ମଗଡ଼ ଉପଜିଲ୍ଲାପାଳ ଧିମନ ଚକମାଙ୍କ ଘରେ ଲାଞ୍ଚ ଅଭିଯୋଗରେ ଚଢଉ କରାଯାଇ ତାଙ୍କୁ ଗିରଫ କରାଯାଇଛି। ଏବେ ସେ ଜାମିନ୍‌ରେ ଅଛନ୍ତି। ରେଡ ବେଳେ ୪୭ ଲକ୍ଷ ଟଙ୍କା ଜବତ ହୋଇଥିଲା। ୧୦ ଲକ୍ଷ ଟଙ୍କା ଲାଞ୍ଚ ନେଉଥିବା ବେଳେ ଉପଜିଲ୍ଲାପାଳ ଧିମନ ଚକମା ଧରାପଡ଼ିଥିଲେ। କ୍ରସର ୟୁନିଟ ମାଲିକଙ୍କ ଠାରୁ ସେ ଏହି ଲାଞ୍ଚ ଟଙ୍କା ନେଉଥିଲେ। ୨୦ ଲକ୍ଷ ଟଙ୍କା ଲାଞ୍ଚ ମାଗିଥିଲେ, ଆଉ କିସ୍ତି ହିସାବରେ ୧୦ ଲକ୍ଷ ଟଙ୍କା ନେଇଥିବା ବେଳେ ଭିଜିଲାନ୍ସ ତାଙ୍କୁ ଧରିଥିଲା। ରୋଚକ କଥା ହେଉଛି ଲାଞ୍ଚ ପାଇଁ ବ୍ୟବସାୟୀଙ୍କୁ ନିଜ ସରକାରୀ ବାସଭବନକୁ ଡାକିଥିଲେ ଏହି ସରକାରୀ ବାବୁ ଜଣକ। ୨୦୨୧ ବ୍ୟାଚର ଆଇଏଏସ ଅଫିସର ହେଉଛନ୍ତି ଧିମନ ଚକମା। ଆଇଏସ୍ ୪୮୨ ରାଙ୍କ ପାଇଥିଲେ। ତାଙ୍କ ଘର ତ୍ରିପୁରା କାଞ୍ଚନପୁରରେ। ପୂର୍ବରୁ ଆଇଏଫଏସ ପାଇଥିଲେ ଧିମନ। ବାରିପଦାରେ ଫରେଷ୍ଟ ଅଫିସର ଭାବେ କାର୍ଯ୍ୟ କରିସାରିଛନ୍ତି। ଫରେଷ୍ଟ ଅଫିସର ଥିବାବେଳେ ଆଇଏଏସ ପାଇଥିଲେ।



## ସହକାରୀ କାର୍ଯ୍ୟନିର୍ବାହୀଙ୍କ ଘରେ ବିଡ଼ାବିଡ଼ା ଟଙ୍କା



ଟିଟିଲାଗଡ଼ ପୂର୍ତ୍ତ ବିଭାଗର ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଦିଲେଶ୍ୱର ମାଝୀ ଘରେ ବିଡ଼ା ବିଡ଼ା ଟଙ୍କା ଠାବ କରିଥିଲା ଭିଜିଲାନ୍ସ। ସମ୍ବଲପୁରରେ ଚଢାଉ ବେଳେ ଜବତ ହେଲା ନଗଦ ୬ ଲକ୍ଷ ଟଙ୍କା। ଆୟଠୁ ଅଧିକ ସମ୍ପତ୍ତିଠୁ ଠୁଳ ଅଭିଯୋଗରେ ଏକକାଳୀନ ୬ଟି ସ୍ଥାନରେ ଭିଜିଲାନ୍ସ ରେଡ୍ କରିଥିଲା। ସମ୍ବଲପୁର, ଝାରସୁଗୁଡ଼ା ଓ ବଲାଙ୍ଗୀରର ବିଭିନ୍ନ ସ୍ଥାନରେ ଚଢ଼ଉ ହେଉଛି। ସମ୍ବଲପୁର ଟାଉନ୍ ଥିବା କୋଠା, ଝାରସୁଗୁଡ଼ା ବ୍ରଜରାଜନଗରରେ ଥିବା ଦୁଇ ମହଲା କୋଠା, ବ୍ରଜରାଜନଗର ନୂଆଡିହିରେ ଥିବା ମାର୍କେଟ୍ କମ୍ପେ୍ଲକ୍ସ, ଝାରସୁଗୁଡ଼ାରେ ଥିବା ୨ଟି ହାଉସିଂ ବୋର୍ଡ ଘରେ ଚଢ଼ଉ ହୋଇଥିଲା। ଏହାସହ କୋରାପୁଟ କଣ୍ଟାବାଞ୍ଜିରେ ଥିବା ଅଫିସ୍ ଓ ସରକାରୀ ବାସଭବନରେ ଭିଜିଲାନ୍ସ ଟିମ ଚଢ଼ଉ କରିଥିଲା। କେବଳ ଟଙ୍କା ନୁହେଁ; ବାବୁଙ୍କ ଘରୁ ଡବା ଭର୍ତ୍ତି ସୁନା ମଧ୍ୟ ମିଳିଥିଲା।

## ଡିଏଫ୍‌ଓଙ୍କର ରହିଛି ୧୧୫ ପ୍ଲଟ୍



ଡିଏ ମାମଲାରେ ଗିରଫ ହୋଇଥିଲେ କୁବେର ଡିଏଫଓ ନିତ୍ୟାନନ୍ଦ ନାୟକ। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ତାଙ୍କୁ ଗିରଫ କରାଯାଇଥିଲା। ତାଙ୍କର ଅନୁଗୁଳରେ ୯ ହଜାର ବର୍ଗଫୁଟର ବହୁ ମହଲା କୋଠା, ଅନୁଗୁଳ ଛେଣ୍ଡିପଦାରେ ଏକ ବିଶାଳ ଫାର୍ମ ହାଉସ, ୧୧୫ ପ୍ଲଟ, ୨୦୦ ଗ୍ରାମ୍ ସୁନା, ୧୦ ଲକ୍ଷ ୨୫ ହଜାର ଟଙ୍କାର ନଗଦ ଟଙ୍କା, ୫୦ ଲକ୍ଷ ୩୮ ହଜାର ଟଙ୍କା ବ୍ୟାଙ୍କ ଜମା, ୨ଟି କାର ଆଦି ସମ୍ପତ୍ତି ଠାବ ହୋଇଥିଲା। ତବେ ବାବୁଙ୍କ ସରକାରୀ ବାସଭବନରୁ ନଗଦ ୮ ଲକ୍ଷ ୫୦ହଜାର ଟଙ୍କା ସହ ଏକ ବନ୍ଧୁକ ମଧ୍ୟ ଜବତ ହୋଇଥିଲା।

## ଜାଲରେ ବୌଦ୍ଧ ଏମ୍‌ଭିଆଇ



ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଗତ ୩ ତାରିଖରେ ବୌଦ୍ଧ ଜିଲ୍ଲା ଆଞ୍ଚଳିକ ପରିବହନ ବିଭାଗର ଏମ୍‌ଭିଆଇ ଗୋଲାପ ଚନ୍ଦ୍ର ହାଁସଦାଙ୍କ ଘରେ ଭିଜିଲାନ୍ସ ଚଢ଼ଉ କରିଥିଲା। ଚଢ଼ଉ ସମୟରେ ଲକ୍ଷ ଲକ୍ଷ ନଗଦ ଟଙ୍କା, କୋଟିକୋଟି ଟଙ୍କା ଜମା ସହ ୪୪ଟି ପ୍ଲଟ, ୨୫୦ ଗ୍ରାମ ସୁନା ଜବତ କରିଛି ଭିଜିଲାନ୍ସ। ଗୋଟିଏ ବିଲ୍ଡିଂ, ୪୪ଟି ପ୍ଲଟ, ପ୍ରାୟ ୨୫୦ ଗ୍ରାମ୍ ସୁନା, ୨.୩୮ ଲକ୍ଷରୁ ଅଧିକ ନଗଦ ଟଙ୍କା, ୧.୦୮ କୋଟି ଜମା, ଝିଅର ଡାକ୍ତରୀ ଶିକ୍ଷା ପାଇଁ ଖର୍ଚ୍ଚ ହୋଇଥିବା ୪୦ ଲକ୍ଷ ଟଙ୍କାର କାଗଜ ଜବତ ହୋଇଛି।



## ଜେଲରେ ମୃତ୍ତିକା ସଂରକ୍ଷଣ ବିଭାଗର ଯୁଗ୍ମ ନିର୍ଦ୍ଦେଶକ



ଭିଜିଲାନ୍ସ ଜାଲରେ ଧରାପଡ଼ି ଗିରଫ ହୋଇଛନ୍ତି ମୃତ୍ତିକା ସଂରକ୍ଷଣ ବିଭାଗର ଯୁଗ୍ମ ନିର୍ଦ୍ଦେଶକ ଦୟାନିଧି ବାଗ୍। ରାୟଗଡ଼ା ଜଳ ବିଭିସିକା ନିଶନର ପ୍ରକଳ୍ପ ନିର୍ଦ୍ଦେଶକ ଥିବା ବେଳେ ଠକେଇ କରିଥିବା ଅଭିଯୋଗ ହୋଇଥିଲା। ଏହି ଠକେଇ ଅଭିଯୋଗରେ ତାଙ୍କ ଘରେ ଚଢଉ କରାଯାଇଥିଲା। କଳାହାଣ୍ଡି ଜୁନାଗଡ଼ରେ ଥିବା ଘର, ଧର୍ମଗଡ଼ରେ ଥିବା ଶ୍ୱଶୁର ଘରେ ଚଢ଼ଉ କରାଯାଇଥିଲା। ଏକାଧିକ ଘର ଏବଂ କୋଟି କୋଟି ଟଙ୍କାର ସମ୍ପତ୍ତି ଜବତ ହୋଇଥିଲା।

## ଅବସର ପୂର୍ବରୁ ବନ୍ଧାହେଲେ ଯନ୍ତ୍ରୀ



ଅବସର ପୂର୍ବରୁ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ ଗିରଫ ହେଲେ ଗଞ୍ଜାମ ବ୍ଲକର ସହକାରୀ ନିର୍ବାହୀ ଯନ୍ତ୍ରୀ ସୁଶୀଲ ପଣ୍ଡା। ସୁଶୀଲଙ୍କ ଘରେ ଭିଜିଲାନ୍ସ ଚଢ଼ଉ କରି କୋଟି କୋଟି ଟଙ୍କାର କଳାଧନ ଠାବ କରିଥିଲା। ବ୍ଲକ କାର୍ଯ୍ୟାଳୟ ସମେତ ୭ଟି ଠିକଣାରେ ଚଢ଼ଉ କରାଯାଇଥିଲା। ଯନ୍ତ୍ରୀ ବାବୁଙ୍କ ଅବସର ନେବାର ଦୁଇ ଦିନ ପୂର୍ବରୁ ମାଡ଼ି ବସିଥିଲା ଭିଜିଲାନ୍ସ। ତାଙ୍କ ଘରୁ ମିଳିଥିଲା ୨ ଲକ୍ଷ ୫ ହଜାର ଟଙ୍କା, ସୁନା ଗହଣା। ବ୍ରହ୍ମପୁର ରାମହରି ନଗରରେ ତିନି ମହଲା କୋଠା। ବ୍ରହ୍ମପୁର ଆଙ୍କୁଲି ମୁକ୍ତେଶ୍ୱର ଆପାର୍ଟମେଣ୍ଟରେ ଟୁ-ବିଏଚକେ ଫ୍ଲାଟ୍। ଆଙ୍କୁଲି ମୁକ୍ତେଶ୍ୱର ଆପାର୍ଟମେଣ୍ଟରେ ଭାଇ ନାଁରେ ଫ୍ଲାଟ୍। ପୁରୀ ଚୁଡ଼ଙ୍ଗସାହିରେ ଗୋଟିଏ ଫ୍ଲାଟ୍। ଭୁବନେଶ୍ୱର, ଖୋର୍ଦ୍ଧା ଓ ବ୍ରହ୍ମପୁରରେ ୬ଟି ଦାମୀ ପ୍ଲଟ୍ ଠାବ ହୋଇଥିଲା।

## ପଲଙ୍କରେ ଟଙ୍କାଗଦି



କୋରାପୁଟ ଜିଲ୍ଲା ଜୟପୁର ବନଖଣ୍ଡ ଡେପୁଟି ରେଞ୍ଜର ରାମଚନ୍ଦ୍ର ନେପାକଙ୍କ ଘରେ ଚଢ଼ଉ କରାଯିବା ପରେ ୧.୪୩ କୋଟିର ନଗଦ ଟଙ୍କା ଜବତ କରାଯାଇଛି। ସେହିପରି ଘରୁ ୧.୫ କେଜି ସୁନା ଏବଂ ୪.୬ କେଜିର ରୁପା ଜବତ କରାଯାଇଛି। ଏହିଭଳି ୧୩ଜଣ ସରକାରୀ ବାବୁଙ୍କ ଘରୁ କୋଟି କୋଟି ଟଙ୍କା ଜବତ କରିଛି ଭିଜିଲାନ୍ସ। ଭିଜିଲାନ୍ସ ଇତିହାସରେ ସର୍ବାଧିକ ଟଙ୍କା କଟକ ସେତୁ ଏବଂ ନିର୍ମାଣ ନିଗମର ଅତିରିକ୍ତ ମୁଖ୍ୟଯନ୍ତ୍ରୀ ପ୍ରଦୀପ କୁମାର ରଥଙ୍କ ଘରୁ ଜବତ କରାଯାଇଥିଲା। ତାଙ୍କ ଘରୁ ୧୦କୋଟି ୩୭ ଲକ୍ଷ ୯ହଜାର ୩୭୦ ଟଙ୍କା ଜବତ କରାଯାଇଥିଲା। ସେହିପରି ଦ୍ୱିତୀୟରେ ଆରଟିଓ ବୌଦ୍ଧ ବସନ୍ତ କୁମାର ମହାପାତ୍ରଙ୍କ ଘରୁ ୯କୋଟି ୬୧ଲକ୍ଷ ୭୭ହଜାର ୪୮୯ଟଙ୍କା ଜବତ କରାଯାଇଥିଲା। ସେହିପରି ତୃତୀୟରେ ଗଞ୍ଜାମ, ଭଞ୍ଜନଗର ଜୟସେଚନ (ସିଭିଲ)ର ସହକାରୀ ଯନ୍ତ୍ରୀ ପ୍ରସନ୍ନ କୁମାର ସ୍ୱାଇଁଙ୍କ ଠାରୁ ୮କୋଟି ୧୧ଲକ୍ଷ ୩୮ହଜାର ୬୧୪ଟଙ୍କା ଜବତ ହୋଇଥିଲା। ଭୁବନେଶ୍ୱର ରାସ୍ତା ଏବଂ କୋଠା(ସିଭିଲ)ର ପୂର୍ବତନ ମୁଖ୍ୟ ଯନ୍ତ୍ରୀ ତାରା ପ୍ରସାଦ ମିଶ୍ରଙ୍କ ଠାରୁ ୭କୋଟି ୨୭ଲକ୍ଷ ୪୯ ହଜାର ଟଙ୍କା ଜବତ କରାଯାଇଥିଲା। ସେହିପରି ବାଲେଶ୍ୱର ଜଳସେଚନ ବିଭାଗ, ଅଧୀକ୍ଷଣ ଯନ୍ତ୍ରୀ ପ୍ରଭାସ କୁମାର ପ୍ରଧାନଙ୍କ ଘରୁ ୬ କୋଟି ୩୦ ଲକ୍ଷ ୧୪ ହଜାର ୯୩୯ ଟଙ୍କା ଜବତ ହୋଇଥିଲା। ବଲାଙ୍ଗିର ଲୋୟର ସୁକତେଲ ଜଳସେଚନ ପ୍ରକଳ୍ପ ମୁଖ୍ୟ ନିର୍ମାଣ ଯନ୍ତ୍ରୀ ସୁନୀଲ କୁମାର ରାଉତଙ୍କ ଠାରୁ ୫ କୋଟି ୭୯ ଲକ୍ଷ ୬୫ ହଜାର ୮୪୭ ଟଙ୍କା ଜବତ କରାଯାଇଥିଲା।

ଭୁବନେଶ୍ୱର ଇଡ୍‌କୋ ଜୁନିଅର ମ୍ୟାନେଜର ବିଜୟ କୁମାର ଉଦୟସିଂଙ୍କ ଘରୁ ୫ କୋଟି ୩୦ଲକ୍ଷ ୭୨ ହଜାର ୭୧୮ ଟଙ୍କା ଜବତ କରାଯାଇଥିଲା। ବ୍ରହ୍ମପୁର ଡିଭିଜନର ଓଡ଼ିଶା ପୁଲିସ ହାଉସିଂ ୱେଲଫେୟାର କର୍ପୋରେସନ ଡେପୁଟି ଜେନେରାଲ ମ୍ୟାନେଜର ସୁବାଷ ଚନ୍ଦ୍ର ପଣ୍ଡାଙ୍କ ଠାରୁ ୫କୋଟି ୨୫ଲକ୍ଷ ୭୨ ହଜାର ୭୬୬ ଟଙ୍କା ଜବତ କରାଯାଇଥିଲା। ସେହିପରି ଅନୁଗୁଳ, ତାଳଚେର ଖଣି ଉପନିର୍ଦ୍ଦେଶକ ଧରଣୀଧର ନାୟକଙ୍କ ଠାରୁ ୪କୋଟି ୭୮ଲକ୍ଷ ୮୩ ହଜାର ୯୭୧ ଟଙ୍କା ଜବତ ହୋଇଥିଲା। ସେହିପରି ବାଲେଶ୍ୱର ଗ୍ରାମ୍ୟ ଉନ୍ନୟନର ମୁଖ୍ୟଯନ୍ତ୍ରୀ ଏନ.ଭି ହରିହର ରାଓଙ୍କ ଘରୁ ୪ କୋଟି ୭ ଲକ୍ଷ ୨୦ ହଜାର ୭୮୨ ଟଙ୍କା ଜବତ କରାଯାଇଥିବା ବେଳେ ମାଲକାନାଗିରି ଜଳଛାୟା ଶାଖାର ଉପ-ନିର୍ଦ୍ଦେଶକ ଶାନ୍ତନୁ ମହାପାତ୍ରଙ୍କ ଠାରୁ ୧.୫କୋଟି ଟଙ୍କା କରାଯାଇଥିଲା। ମୁଖ୍ୟଯନ୍ତ୍ରୀ ବୈକୁଣ୍ଠନାଥ ଷଡ଼ଙ୍ଗୀଙ୍କ ଘରୁ ୨.୧କୋଟି ଟଙ୍କା ଜବତ କରାଯାଇଥିବା ବେଳେ ଯୁବ ଆଇଏଏସ୍ ଧିମାନ ଚକମାଙ୍କ ଘରୁ ୪୭ ଲକ୍ଷ ଟଙ୍କା ଜବତ ହୋଇଥିଲା।

### ରାଜ୍ୟରେ ଛାତ୍ରୀ ଓ ନାରୀ ସୁରକ୍ଷା ପ୍ରସଙ୍ଗ

# ବିଜୁ ଛାତ୍ର ଜନତା ଦଳର ଆନ୍ଦୋଳନ; ଡିଜିଙ୍କୁ ସ୍ମାରକପତ୍ର






ଭଦ୍ରକ,୬।୮ (ସମିସ):

ବିଜୁ ଯୁବ ଓ ଛାତ୍ର ଜନତା ଦଳର ଘୋଷଣା ଆଧାରରେ ଅଗଷ୍ଟ ୧ରୁ ୮ ପର୍ଯ୍ୟନ୍ତ ଛାତ୍ରୀ ଓ ମହିଳାଙ୍କୁ ସୁରକ୍ଷା ଓ ଏଫ୍‌ଏମ୍ କଲେଜ ଛାତ୍ରୀ ସୌମ୍ୟାଶ୍ରୀଙ୍କୁ ନ୍ୟାୟ ପ୍ରଦାନ ଦାବିରେ ଆଜି ଷଷ୍ଠ ଦିନରେ ରାଜ୍ୟର ବିଭିନ୍ନ କଲେଜର ଛାତ୍ରଛାତ୍ରୀମାନେ ରାଜରାସ୍ତାକୁ ଓହ୍ଲାଇଛନ୍ତି। ଏହାସହ ଗୋପାଳପୁର ବେଳାଭୂମିରେ ଏକ କଲେଜ ଛାତ୍ରୀଙ୍କୁ ଗଣଦୁଷ୍କର୍ମ, ପୁରୀ ଜିଲ୍ଲା ବଳଙ୍ଗାରେ ଏକ ନାବାଳିକାକୁ ଜିଅନ୍ତା ଜାଳିଦେବା ପାଇଁ ଉଦ୍ୟମ ଓ ରାଜ୍ୟର ବିଭିନ୍ନ ଅଞ୍ଚଳରେ ଘଟୁଥିବା ଛାତ୍ରୀ ଓ ନାରୀ ବିରୋଧୀ ଘଟଣାର ପ୍ରତିବାଦରେ ବିଜେଡି ଛାତ୍ର ଓ ଯୁବ ପକ୍ଷରୁ ରଣହୁଙ୍କାର ଦିଆଯାଇଛି। ବିଜେପି ସରକାରରେ ଗତ ୧୩ ମାସ ମଧ୍ୟରେ ରାଜ୍ୟରେ ଘଟିଥିବା ପ୍ରମୁଖ ଛାତ୍ରୀ ଓ ମହିଳା ନିର୍ଯାତନା ଘଟଣାମାନ କେବଳ ନାରୀଙ୍କ ସୁରକ୍ଷା ଉପରେ ନୁହେଁ ବରଂ ଆଇନ ଓ ଶାସନ ବ୍ୟବସ୍ଥା ଉପରେ ପ୍ରଶ୍ନ ଉଠାଇଛି। ଏହି ଘଟଣାର ପ୍ରତିବାଦ କରି ଆଜି ରାଜ୍ୟର ବିଭିନ୍ନ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀମାନେ ରାଲିରେ ଯାଇ ଛାତ୍ରୀ ଓ ନାରୀମାନଙ୍କୁ ପର୍ଯ୍ୟାପ୍ତ ସୁରକ୍ଷା ଯୋଗାଇଦେବା ସହ ଓଡ଼ିଶାରେ ଅହେତୁକ ବୃଦ୍ଧି ପାଇଥିବା ଛାତ୍ରୀ ଓ ନାରୀଙ୍କ ଉପରେ ନିର୍ଯାତନା ଓ ଅପରାଧ ବିରୁଦ୍ଧରେ ତ୍ୱରିତ ଉପଯୁକ୍ତ ପୁଲିସ କାର୍ଯ୍ୟାନୁଷ୍ଠାନ ଦାବିରେ ଛାତ୍ର ନେତା ସୌମ୍ୟରଞ୍ଜନ ମହାପାତ୍ର(ସୁମନ)ଙ୍କ ନେତୃତ୍ୱରେ ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ ସମ୍ମୁଖରୁ ଛାତ୍ର ବିଜେଡିର ଶୋଭାଯାତ୍ରା ବାହାରି ଭଦ୍ରକ ଏସ୍‌ପିଙ୍କ ଅଫିସ ଆଗରେ ପ୍ରତିବାଦ କରିବା ସହ ସ୍ମାରକପତ୍ର ପ୍ରଦାନ କରିଥିଲେ। ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ, ଭଦ୍ରକ ଚରମ୍ପା ମହାବିଦ୍ୟାଳୟ ଓ ଭଦ୍ରକ ମହିଳା ମହାବିଦ୍ୟାଳୟ ର ଛାତ୍ରୀମାନେ ଭଦ୍ରକ ଏସ୍‌ପି ମନୋଜ କୁମାର ରାଉତଙ୍କୁ ଡିଜିଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରିବା ସହ ରାଜ୍ୟ ବିଜେପି ସରକାରଙ୍କୁ କଡା ସମାଲୋଚନା କରିଥିଲେ। ଏଥିରେ ସହଯୋଗ କରିଥିଲେ ଛାତ୍ର ନେତୃତ୍ୱ କାମେଶ ବାରିକ, ଶାନ୍ତନୁ ବିଶ୍ୱାଳ, ଯତୀନ ମିଶ୍ର, ଅଭିନାଶ ପୃଷ୍ଟୀ, ରଞ୍ଜନ ନାୟକ, ରାକେଶ ଜେନା, ରାକେଶ ରାୟ, ସୁରଜ ସିଂହ, ସ୍ମୃତିରଞ୍ଜନ ନାଥ, ମିଳନ ପୃଷ୍ଟି, ଦିବ୍ୟଜ୍ୟୋତି ନାୟକ, ଶୁଭ୍ରାଂଶୁ ବିଶ୍ୱାଳ, ରାଜେନ୍ଦ୍ର ନାୟକ, ସାହିଲ ଖାନ, ସୌମ୍ୟବ୍ରତ ସାହୁ, ଏସ ଭବାନୀ, ରାକେଶ ମଲ୍ଲିକ, ରୋହିତ ଚୌଧୁରୀ, କାହ୍ନୁଚରଣ ନାୟକ, ଲକ୍ଷ୍ମୀଧର ଦଳେଇ, ଗୌତମ ସାହୁ।

### ଅପହୃତ ନାବାଳିକାଙ୍କୁ ଉଦ୍ଧାର ପାଇଁ ପୁଲିସ ଟଙ୍କା ଦାବି କରିବା ଅଭିଯୋଗ

## ଭଦ୍ରକ ଏସ୍‌ପି ଓ ଧାମନଗର ଆଇଆଇସିଙ୍କୁ ବ୍ୟକ୍ତିଗତ ହାଜିରା ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ

କଟକ, ୬।୮ (ସମିସ): ଜନୈକା ଅପହୃତ ନାବାଳିକା ଝିଅକୁ ଉଦ୍ଧାର କରିବା ପାଇଁ ସମ୍ପୃକ୍ତ ନାବାଳିକାଙ୍କ ପିତାଙ୍କୁ ପୁଲିସ ଟଙ୍କା ଦାବି କରିଥିବା ଭଳି ସଂଗୀନ ଅଭିଯୋଗକୁ ହାଇକୋର୍ଟ ଗୁରୁତ୍ୱର ସହ ଗ୍ରହଣ କରିଛନ୍ତି। ଯଦି ଏପରି ଅଭିଯୋଗ ସତ୍ୟ, ତେବେ ଏହା ସମଗ୍ର ପୁଲିସ ପ୍ରଶାସନ ଉପରେ କଳଙ୍କ ଲଗାଇବା ଭଳି ଅଧିକାରୀଙ୍କ ନିରପେକ୍ଷତା ଉପରେ ସନ୍ଦେହ ସୃଷ୍ଟି କରେ," ବୋଲି ହାଇକୋର୍ଟ କହିଛନ୍ତି। ଏପରି ଅଭିଯୋଗକୁ ଦୃଷ୍ଟି ରଖି ଭଦ୍ରକ ଜିଲ୍ଲା ପୁଲିସ ଅଧିକ୍ଷକ (ଏସପି), ଧାମନଗର ଥାନାର ଆଇଆଇସି ଏବଂ ତଦନ୍ତକାରୀ ଅଧିକାରୀଙ୍କୁ ବ୍ୟକ୍ତିଗତ ଭାବରେ ହାଜର ହେବାକୁ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ । ସମ୍ପୃକ୍ତ ଅପହୃତ ନାବାଳିକାଙ୍କ ପିତାଙ୍କ ତରଫରୁ ରୁଜୁ ଆବେଦନର ଶୁଣାଣି କରି ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ଓ ଜଷ୍ଟିସ ମୁରାହରି ଶ୍ରୀ ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ପ୍ରକାଶଥାଉକି ଗତ୨୦୨୫ ଜୁନ ୧୮ ରେ ଅପହରଣ ହୋଇଥିବା ନାବାଳିକା ଝିଅକୁ ଉଦ୍ଧାର ପାଇଁ ପିତାଙ୍କ ପକ୍ଷରୁ ଏକ ଫୌଜଦାରୀ ରିଟ୍ ଆବେଦନ ରୁଜୁ ହୋଇଥିଲା । ଗତ ଶୁଣାଣିରେ ରାଜ୍ୟ ସରକାର ବିଭିନ୍ନ ସ୍ଥାନରେ ଚଢଉ କରିବା ପାଇଁ ଏକ ସ୍ୱତନ୍ତ୍ର ଦଳ ଗଠନ ବିଷୟରେ କୋର୍ଟକୁ ଅବଗତ କରିଥିଲେ। ଅଦାଲତ ମଧ୍ୟ ପୁଲିସକୁ ନାବାଳିକା ପୀଡିତାକୁ ଖୋଜିବାରେ କୌଣସି କସରତ ନଛାଡିବାକୁ କହିଥିଲେ। ହେଲେ ମାମଲା ଶୁଣାଣି ବେଳେ ପୁଲିସ ନାବାଳିକାଙ୍କୁ ଠାବ କରିସାରିଛନ୍ତି ହେଲେ ଉଦ୍ଧାର କରିବା ପାଇଁ ଆବେଦନକାରୀଙ୍କ ଠାରୁ ଟଙ୍କା ଦାବି କରିଥିବା ଅଭିଯୋଗ ଆଣିଥିଲେ ଆବେଦନକାରୀଙ୍କ ଆଇନଜୀବୀ। ଟଙ୍କା ନଦେଲେ ଉଦ୍ଧାର ଓ ତଦନ୍ତର ଗତିକୁ ମନ୍ଥର କରାଯିବ ବୋଲି ପୁଲିସ ପକ୍ଷରୁ ଆବେଦନକାରୀଙ୍କୁ ଚେତାବନୀ ଦିଆଯାଇଥିଲା । ପୁଲିସ ବିଭାଗ ବିରୁଦ୍ଧରେ ଏପରି ଅଭିଯୋଗ ପାଇଁ ଅଦାଲତ ମଧ୍ୟ ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି । ଏହି ମାମଲାର ପରବର୍ତ୍ତୀ ଶୁଣାଣି ଅଗଷ୍ଟ ୧୧କୁ ଧାର୍ଯ୍ୟ ହୋଇଛି।

## ମାଟି ବ୍ୟବହାରକୁ ନେଇ ଅସନ୍ତୋଷ

ବାରିକପୁର, ୬।୮ (ସମିସ): ଭଣ୍ଡାରିପୋଖରୀ ବ୍ଲକ ଛତାବରଠାରୁ ବଳିଘାଇ ଦେଇ ପଡୋଶୀ ଯାଜପୁର ଜିଲ୍ଲାକୁ ସଂଯୋଗ କରୁଥିବା ପୂର୍ତ୍ତ ବିଭାଗ ରାସ୍ତାର ନବୀକରଣ କାର୍ଯ୍ୟ ଦୀର୍ଘ ଦିନ ଧରି ହେଉଛି। ରାସ୍ତା ଦୋହରୀକରଣ କାର୍ଯ୍ୟ ଅତି ମନ୍ଥର ଗତିରେ ଚାଲୁଥିବା ହୋଇଛି। ସେତୁର ଦୁଇ ପାର୍ଶ୍ୱରେ ମୁଖ୍ୟ ରାସ୍ତାକୁ ସଂଯୋଗ ପାଇଁ ପ୍ରାୟ ୩-୪ ମିଟର ଯାଏଁ ସଂଯୋଗ ପଥ ନିର୍ମିତ ହେଉଛି। ଏଥିରେ ବାଲି ଓ ଡଷ୍ଟ ପରିବର୍ତ୍ତେ ସମ୍ପୂର୍ଣ୍ଣ ମାଟି ବ୍ୟବହାର ହେଉଥିବା ଅଭିଯୋଗ ହେଉଛି। ପକ୍କା ପୋଲ ଓ ମୁଖ୍ୟ ରାସ୍ତା ସଂଯୋଗ ପାଇଁ



ବେଳେ କାମର ମାନକୁ ନେଇ ସ୍ଥାନୀୟ ଲୋକମାନେ ବିଭିନ୍ନ ସମୟରେ ଆପତି ଅଭିଯୋଗ କରିଛନ୍ତି। ସଂପ୍ରତି ପର୍ବତୀ ଘାଟଠାରେ ୩ ନମ୍ବର ହାଇଲେବୁଲ କେନାଲ ଉପରେ ଦୁଇଟି ନୂତନ ସେତୁ ନିର୍ମାଣ ହୋଇଛି। ଗୋଟିଏ ସେତୁର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ଶେଷ ହୋଇଥିବା ବେଳେ ଅନ୍ୟଟିର ଏବେ ସେତୁ ସଂଯୋଗୀ ରାସ୍ତା ନିର୍ମାଣ ଆରମ୍ଭ ମଝିରେ ମାଟି ରହିଲେ ଏହା ସେତୁ ଓ ରାସ୍ତା ଉଭୟକୁ ଦୁର୍ବଳ କରିବ ବୋଲି ମତପ୍ରକାଶ ପାଇଛି। ଏହି ବାଟଦେଇ ଅନେକ ଭାରି ଯାନ ଚଳାଚଳ କରୁଥିବା ବେଳେ ଏଭଳି କାର୍ଯ୍ୟ ର ସ୍ଥାୟିତ୍ୱକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହା ଯାନ୍ତ୍ରିକ ମାନ ଦଣ୍ଡକୁ ଫାଙ୍କୁଥିବା ବେଳେ ସଂଯୋଗ ରାସ୍ତାରେ ମାଟି ବ୍ୟବହାର ସମ୍ପୂର୍ଣ୍ଣ ଭୁଲ ବୋଲି ଅନେକେ କହିଛନ୍ତି।

## ସୁଶାନ୍ତ ପଣ୍ଡାଙ୍କ ପ୍ରଥମ ବାର୍ଷିକ ଶ୍ରାଦ୍ଧବାର୍ଷିକୀରେ ୭୧ ୟୁନିଟ ରକ୍ତ ସଂଗ୍ରହ





ଅସୁରାଳି, ୬।୮ (ସମିସ): ଧାମନଗର ବ୍ଲକର ଯୁବନେତା ଓ କଟସାହି ଗ୍ରାମପଞ୍ଚାୟତର ଗୌରବ ସ୍ୱର୍ଗତ ସୁଶାନ୍ତ ପଣ୍ଡା (ଅଖୁଜାନାନା)ଙ୍କ ପ୍ରଥମ ବାର୍ଷିକ ଶ୍ରାଦ୍ଧ ଅବସରରେ ଶ୍ରଦ୍ଧାଞ୍ଜଳି ସଭା ସହ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ତାଙ୍କ ଜୀବନ ଓ ଦାୟିତ୍ୱବୋଧକୁ ସ୍ମରଣ କରି ବରିଷ୍ଠ ନେତୃତ୍ୱ ଓ ଯୁବ ସମାଜସେବୀମାନେ ତାଙ୍କ ପ୍ରତି ଶ୍ରଦ୍ଧା ଜଣାଇଥିଲେ। ପୂର୍ବତନ ବିଧାୟକ ପ୍ରଣବ ପ୍ରକାଶ ଦାସ, ସାଂସଦ ମଞ୍ଜୁଲତା ମଣ୍ଡଳ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ ଜିଲ୍ଲା ସଭାପତି ଜଗନ୍ନାଥ ସ୍ୱାଇଁ, ପଞ୍ଚାୟତସମିତି ଅଧ୍ୟକ୍ଷ ଶର୍ମିଷ୍ଠା ବେହେରା, ଡାକ୍ତର ସଞ୍ଜୟ ଦାସ, ଏନଏସି ଅଧ୍ୟକ୍ଷା ନିବେଦିତା ଜେନା, ଜିଲ୍ଲା ପରିଷଦ ସଦସ୍ୟ ଶାରଦା ପ୍ରସନ୍ନ ସାହୁ, ବିଦ୍ୟୁତ୍‌ଲତା ନାୟକ, ବ୍ଲକ ସଭାପତି ପ୍ରତାପ ସାମଲ, ଉମେଶ ମହାନ୍ତି, ସଭାପତି ସୁଶାନ୍ତ ରାଉତ, ନିର୍ବାଚନମଣ୍ଡଳୀରସ୍ତରୀୟ ସଭାପତି ସ୍ୱଧନା ନାୟକ, ଯୁବ ଭାଇଭଉଣୀ ଏଥିରେ ଯୋଗ ଦେଇଥିଲେ। ରକ୍ତଦାନ ଶିବିରରେ ୭୧ ୟୁନିଟ୍ ରକ୍ତଦାନ କରାଯାଇ ସ୍ୱର୍ଗତ ନେତାଙ୍କ ଜୀବନ ଦାୟିତ୍ୱ ଓ ସାମାଜିକ ଉଦ୍ଦିପନାକୁ ଅନୁସରଣ କରାଯାଇଥିଲା। ସମସ୍ତ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ ଓ ଯୁବ ନେତୃତ୍ୱ ଏହି ଉଦ୍ୟମରେ ସାମିଲ ହୋଇଥିଲେ। ଏହି ଅନୁଷ୍ଠାନ ମାଧ୍ୟମରେ ସ୍ୱର୍ଗତ ସୁଶାନ୍ତ ପଣ୍ଡାଙ୍କ ଦୟା, ଦାୟିତ୍ୱବୋଧ ଓ ଜନସେବାର ଆଦର୍ଶକୁ ନୂତନ ପିଢି ପାଇଁ ପ୍ରେରଣା ଦେଇ ଯାଇଛି।

## ଦୁର୍ବଳ କେନାଲ ବନ୍ଧ, ଘାଇ ଆଶଙ୍କା

ବାରିକପୁର, ୬।୮ (ସମିସ): ଭଣ୍ଡାରିପୋଖରୀ ବ୍ଲକର ସମସ୍ତ ଚାଷ ଜମିକୁ ଧାମନଗର, ଆଖୁଆପଦା ଓ ଶାଳଣିଆ ଜଳସମ୍ପଦ ବିଭାଗ ଉପଖଣ୍ଡ କାର୍ଯ୍ୟାଳୟ ଦ୍ୱାରା କେନାଲ ଜରିଆରେ ଜଳ ଯୋଗା ଯାଇଥାଏ। ଗୁରୁତ୍ୱ ଦୃଷ୍ଟିରୁ କେନାଲଗୁଡିକର ସଦୃଢିକରଣ ଏବଂ ଜଳ ସୁପରିଚାଳନା ପାଇଁ ବିଭାଗ ସଦାସର୍ବଦା ତତ୍ପର ରହିବା କଥା। ବିଶେଷ କରି ଖରିଫ ଚାଷ ସମୟରେ ବିଭାଗୀୟ ଯନ୍ତ୍ରୀ କେନାଲ ପରିଦର୍ଶନ କରି ସ୍ଥିତି ପରଖିବା ଜରୁରୀ ଅଟେ। ଦେଖିବାକୁ ଗଲେ ଚିରାଚରିତ ଢଙ୍ଗରେ କେନାଲ ଗୁଡିକରେ ପାଣି ଆସୁଥିବା ବେଳେ ଏହାର ରକ୍ଷଣାବେକ୍ଷଣ ପାଇଁ ସତେ ଯେମିତି କେହି



ଗଭୀର ଭାବେ ଦୃଷ୍ଟି ଦେଉନାହାନ୍ତି। ସୂଚନା ଅନୁଯାୟୀ ଧାମନଗର ଜଳସମ୍ପଦ ବିଭାଗ ଅଧୀନ ତାଳପଦାଠାରୁ ୩ନଂ କେନାଲଟି ବାହାରିଥିବା ବେଳେ ଏହାଦ୍ୱାରା ୬/୭ ଗୋଟି ପଞ୍ଚାୟତ ଅଞ୍ଚଳ ଚାଷ ଜମିକୁ ପାଣି ମାଡିଥାଏ। ଏହି କେନାଲରୁ ୨ଟି ମୁଖ୍ୟ ଶାଖା କେନାଲ ସହିତ ଅନେକ ମାଇନର ଓ ସବମାଇନର କେନାଲ ବାହାରି ଚାଷ ଜମିକୁ ଜଳ ଯୋଗାଇଥାଏ। ତେଣୁ ଗୁରୁତ୍ୱ ଦୃଷ୍ଟିରୁ ମୁଖ୍ୟ କେନାଲଟିର ପ୍ରଥମେ ରକ୍ଷଣାବେକ୍ଷଣ ତଥା ସଦୃଢିକରଣ ଜରୁରୀ ଅଟେ। ପରିତାପର ବିଷୟ ସରସଦା କୋଳିଗଡିଠାରୁ ତାଳପଦା ଯାଏଁ ମୁଖ୍ୟ କେନାଲର ବାମ ପାର୍ଶ୍ୱ ବନ୍ଧଟି ଅତ୍ୟନ୍ତ ଦୁର୍ବଳ ଅବସ୍ଥାରେ ରହିଛି। ଅନେକ ସ୍ଥାନରେ କେନାଲ ଗର୍ଭକୁ ବନ୍ଧର ଆଂଶିକ ଖସି ଯାଇଛି। ପୁରୁଣା ବନ୍ଧ ଏବେ ସମ୍ପୂର୍ଣ୍ଣ ଜଳଧାରଣ କ୍ଷମତା ହରାଇ ବସିଛି କହିଲେ ଅତ୍ୟୁକ୍ତି ହେବନାହିଁ। ଏପରିକି କେତେକ ସ୍ଥାନରେ ପରିସ୍ଥିତି ଏଭଳି ହୋଇଛି ଯେ ବନ୍ଧରେ ଘାଇ ସୃଷ୍ଟି ହେବା ଆଶଙ୍କା ଦେଖାଦେଇଛି। କେନାଲରେ ଏବେ ସମ୍ପୂର୍ଣ୍ଣ ପାଣି ପ୍ରବାହିତ ହେଉଥିବା ବେଳେ ଦୁର୍ବଳ ବନ୍ଧକୁ ନେଇ ଅନେକ ଚାଷୀ ଚିନ୍ତା ପ୍ରକଟ କରିଛନ୍ତି। ତେଣୁ ଏହା ଉପରେ ବିଭାଗୀୟ ଯନ୍ତ୍ରୀ ଦୃଷ୍ଟି ଦେବାକୁ ଶହ ଶହ ଚାଷୀ ଦାବି କରିଛନ୍ତି।

## ଶତ ପ୍ରତିଶତ ଭିନ୍ନକ୍ଷମଙ୍କୁ ଭତ୍ତା କେବେ ?

ଦୋଲସାହି, ୬।୮ (ସମିସ): ନାଇଁ ଟଙ୍କା ସରକାରଙ୍କ ପାଖରେ। ଶତ ପ୍ରତିଶତ ଭିନ୍ନକ୍ଷମଙ୍କୁ ମିଳୁନି ବଢା ଭତ୍ତା। ତିହିଡ଼ି ବ୍ଲକ୍‌ର ୩୧ଟି ପଞ୍ଚାୟତରେ ଶତାଧିକ ହିତାଧିକାରୀ ବଢା ଭତା ପାଇବାକୁ ବାକିଥିବା ଜଣାଯାଇଥିଲା ବେଳେ ଅନେକ ଶତ ପ୍ରତିଶତ ଭିନ୍ନକ୍ଷମ ବଢା ଭତା ପାଇ ନଥିବା ଜଣାଯାଇଛି। ସୂଚନା ମୁତାବକ, ତିହିଡି ବ୍ଲକ ଗୁଆମାଳ ପଞ୍ଚାୟତରେ ସରକାରଙ୍କ ତରଫରୁ ପ୍ରଦାନ କରାଯାଉଥିବା ବିଭିନ୍ନ ଧରଣର ଭତ୍ତା



ହିତାଧିକାରୀଙ୍କୁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳୁଛି। ଏହି ପଞ୍ଚାୟତର ବିଶ୍ୱନାଥପୁର ଗାଁର ଶତପ୍ରତିଶତ ଭିନ୍ନକ୍ଷମ ପାଗିଳି ମାଝୀଙ୍କୁ ବଢା ଭତ୍ତା ମିଳୁ ନଥିବା ଜଣାପଡିଛି। ସରକାରଙ୍କ ପାଖରେ ଟଙ୍କା ନଥିବା ନେଇ ଏହି ବଢା ଭତ୍ତା ପ୍ରଦାନ କରାଯାଇପାରୁ ନଥିବା ଜଣାଯାଇଛି।

## ଅସୁରକ୍ଷିତ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ

ବାରିକପୁର/ମଞ୍ଜୁରୀ ରୋଡ, ୬।୮ (ସମିସ): ଭଣ୍ଡାରିପୋଖରୀ ତହସିଲ ମଞ୍ଜୁରୀରୋଡ଼ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟଟି ଦୀର୍ଘ ଦିନ ହେବ ଅସୁରକ୍ଷିତ ରହିଛି। ଦୁଇ ବଖରା ବିଶିଷ୍ଟ ଉକ୍ତ ସଙ୍କଟାପନ୍ନ କାର୍ଯ୍ୟାଳୟଟିରେ ଦୈନିକ ରାଜସ୍ୱ ନିରୀକ୍ଷକ ଓ ଅନ୍ୟ ଜଣେ କର୍ମଚାରୀ ସରକାରୀ କାର୍ଯ୍ୟ କରିଥାନ୍ତି। ଏହାଛଡା ଅତି ସଙ୍କୁଚିତ ଅବସ୍ଥାରେ ସରକାରୀ କାଗଜପତ୍ର ମଧ୍ୟ ରହିଛି। ଅନେକ ବର୍ଷ ହେବ କାର୍ଯ୍ୟାଳୟଟି ନିର୍ମିତ ହୋଇଥିବା ବେଳେ ରକ୍ଷଣାବେକ୍ଷଣ ବାବଦରେ ଏହାର କୌଣସି ମରାମତି କାର୍ଯ୍ୟ ହୋଇନାହିଁ। ତେଣୁ ସରକାରୀ ବାସଗୃହଟି ଧିରେଧିରେ ଦୁର୍ବଳ ହୋଇଯାଇଛି। ଏବେ ଘରର ଛାତରୁ ଖଣ୍ଡ ଖଣ୍ଡ ହୋଇ ପ୍ଲାଷ୍ଟର ଝଡୁଛି। ବର୍ଷାହେଲେ ପାଣି ମଧ୍ୟ ଝରୁଛି। ଅବସ୍ଥା ଏପରି ହେଲାଣି ଯେ ଛାତର ଲୁହା ଛଡ଼ ପଦାକୁ ଦେଖା ଯାଉଛି। କେତେବେଳେ ଯେ ପୁରାତନ ଜରାଜୀର୍ଣ୍ଣ ଛାତଟି ଗଳି ପଡିବ କହି ହେଉନାହିଁ। ନିକଟସ୍ଥ ନାଆମୀ ସହିତ ଶାନସାଶନ, ରାଜେନ୍ଦ୍ରପୁର ଓ ବନ୍ଧାଳମଢିଆଳୀ ପଂଚାୟତର ଶହଶହ ଲୋକ ଏଠାକୁ ରାଜସ୍ୱ କାର୍ଯ୍ୟ ସମ୍ପାଦନ ପାଇଁ ଆସିଥାନ୍ତି। ଏପରିସ୍ଥଳେ ବିପଦସଙ୍କୁଳ କାର୍ଯ୍ୟାଳୟକୁ ନେଇ ଜନସାଧାରଣଙ୍କ ମଧ୍ୟରେ ଅନେକ ଭୟ ଜାତ ହୋଇଛି। ତେଣୁ ଏହା ଉପରେ ତହସିଲଦାର ଓ ଜିଲ୍ଲାପାଳ ଦୃଷ୍ଟି ଦେବାକୁ ଦାବି ହୋଇଛି।




## ହ୍ୱାଟ୍‌ସଆପ୍‌ରେ ମିଳିବ ତହସିଲ ସେବା ସହାୟତା




ଭଦ୍ରକ, ୬।୮ (ସମିସ): ତ୍ୱରିତ ସେବା ପାଇଁ ହ୍ୱାଟ୍‌ସଆପ୍ ନମ୍ବର ଜାରି କରାଯାଇଛି। ଯେକୌଣସି ଅଭିଯୋଗ ପାଇଁ ଯୋଗାଯୋଗ କରିବା ସହ କେହି ଅର୍ଥ ବା ଲାଞ୍ଚ ଦାବି କଲେ ଏହି ନମ୍ବରରେ ଅବଗତ କରିପାରିବେ। ଏ ନେଇ ଭଦ୍ରକ ତହସିଲ ତରଫରୁ ଏକ ନମ୍ବର ଜାରି କରାଯାଇଛି। ୯୧୭୮୨୫୮୫୩୫ ନମ୍ବରରେ ତହସିଲ ଅଧୀନରେ ଆବେଦନ କରିବା ପରେ ଏହାର ସ୍ଥିତି ଜାଣିବା ପାଇଁ ବ୍ୟବହାର କରିବେ ସାଧାରଣ ଲୋକେ। କୌଣସି କାର୍ଯ୍ୟରେ ବିଳମ୍ବ ହେଲେ, ମଧ୍ୟସ୍ଥି ଓ କର୍ମଚାରୀ ଲାଞ୍ଚ ଦାବି କଲେ ଏହି ନମ୍ବରରେ ଯୋଗାଯୋଗ କରିବେ। ଜଣେ ଅତିରିକ୍ତ ତହସିଲଦାରଙ୍କ ଦାୟିତ୍ୱରେ ଏହି ନମ୍ବର ରହିବ। ଯଦି କୌଣସି ସେବାର ଆବେଦନକାରୀ ତ୍ୱରିତ ସେବା ପାଇଁ ଚାହିଁବେ ତେବେ ନିଜର ଆବଶ୍ୟକ କାଗଜପତ୍ର ପ୍ରଦାନ କଲେ ଶୀଘ୍ର ସେବା ଉପଲବ୍ଧ ହେବ ବୋଲି ତହସିଲଦାର କହିଛନ୍ତି।

## ସଡ଼କ ଓ ସ୍ୱାସ୍ଥ୍ୟ ସୁରକ୍ଷା ସଚେତନତା ଅଭିଯାନ

ଦାନଗଦି,୬।୮ (ସମିସ): ଟାଟା ଷ୍ଟିଲ କଳିଙ୍ଗନଗର (ଟିଏସ୍‌କେ)ର ସୁରକ୍ଷା ବିଭାଗ ଓ କଳିଙ୍ଗନଗର ପୁଲିସ ଉଦ୍ୟମରେ ତିନିଦିନିଆ ବର୍ଷା ଋତୁ ସଡ଼କ ଓ ସ୍ୱାସ୍ଥ୍ୟ ସୁରକ୍ଷା ସଚେତନତା ଅଭିଯାନ ଆରମ୍ଭ ହୋଇଛି। ସ୍ଥାନୀୟ ଅଞ୍ଚଳବାସୀ, ଡ୍ରାଇଭର, କର୍ମଚାରୀ ଏବଂ ଶ୍ରମିକଙ୍କ ମଧ୍ୟରେ ସଚେତନତା ବୃଦ୍ଧି କରିବା ଉଦ୍ଦେଶ୍ୟରେ ଡୁବୁରି ସ୍ଥିତ ଟାଟା ଷ୍ଟିଲର ମେନ୍ ଗେଟ୍-୧ରେ ଅନୁଷ୍ଠିତ ଏହି ଅଭିଯାନକୁ କଳିଙ୍ଗନଗର ଅତିରିକ୍ତ ପୁଲିସ ଅଧୀକ୍ଷକ ସୁପ୍ରସନ୍ନ ମଲ୍ଲିକ ଓ ଇନ୍ସପେକ୍ଟର ଇନ୍‌ଚାର୍ଜ କଳିଙ୍ଗନଗର ଥାନା ପ୍ରକାଶ କୁମାର ସାହୁ ଉଦଘାଟନ କରିଥିଲେ। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ଟାଟା ଷ୍ଟିଲ କଳିଙ୍ଗନଗର ଓ ଟାଟା ଷ୍ଟିଲ ମେରାମଣ୍ଡଳୀର ଚିଫ୍ ସିକ୍ୟୁରିଟି ପ୍ରକାଶ ସଞ୍ଜୟ ଓ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ଅଭିଯାନର ମୁଖ୍ୟ ଲକ୍ଷ୍ୟ ହେଉଛି ଅତ୍ୟଧିକ ବର୍ଷା ଯୋଗୁଁ ସୃଷ୍ଟି ହେଉଥିବା କଷ୍ଟକର ସଡ଼କ ପରିସ୍ଥିତି ଜନିତ ବିପଦକୁ ହ୍ରାସ କରିବା। ଏହି ଅଭିଯାନରେ ବର୍ଷଋତୁ ସମୟରେ ସଡ଼କ ସୁରକ୍ଷା ଏବଂ ସ୍ୱାସ୍ଥ୍ୟ ସୁରକ୍ଷା ବ୍ୟବସ୍ଥାର ଗୁରୁତ୍ୱ ଉପରେ ସଚେତନତା ସୃଷ୍ଟି କରାଯାଇଛି। ଏହି ଅବସରରେ ଚାଳକମାନଙ୍କୁ ସିଟ୍ ବେଲ୍ଟ ପିନ୍ଧିବାର ଗୁରୁତ୍ୱ ବିଷୟରେ ସଚେତନ କରାଯିବା ସହିତ, ବାଇକ୍ ଚାଳକ ଏବଂ ପିଲିଅନ୍ ଆରୋହୀଙ୍କୁ ସର୍ବଦା ହେଲମେଟ୍ ପିନ୍ଧିବା ପାଇଁ ଉତ୍ସାହିତ କରାଯାଇଥିଲା। ଏଥି ସହ ବର୍ଷାଋତୁରେ ଗ୍ରହଣୀୟ ମୁଖ୍ୟ ସତର୍କତା ସମ୍ବନ୍ଧୀୟ ସୁରକ୍ଷା ପତ୍ରିକା ମଧ୍ୟ ବିତରଣ କରାଯାଇଥିଲା। କାର୍ଯ୍ୟକ୍ରମ ଆରମ୍ଭରେ ଏକ ପଥପ୍ରାନ୍ତ ନାଟକ ଅନୁଷ୍ଠିତ ହୋଇଥିଲା। ଏହି ସଚେତନତା ଅଭିଯାନ ମାଧ୍ୟମରେ ବର୍ଷା ଋତୁ ସମୟରେ ସାପ କାମୁଡ଼ା, ଡେଙ୍ଗୁ, ମ୍ୟାଲେରିଆ ଓ ଜଳବାହିତ ରୋଗ ପାଇଁ ମଧ୍ୟ ଲୋକମାନଙ୍କୁ ସତର୍କ କରାଯାଉଛି। ଏହି ଅଭିଯାନ ମାଧ୍ୟମରେ ରୋଗ ପ୍ରତିରୋଧର ଉପାୟ ଓ ରୋଗ ଚିହ୍ନଟ ପାଇଁ ପ୍ରାରମ୍ଭିକ ଲକ୍ଷଣ ବିଷୟରେ ବ୍ୟବହାରିକ ଜ୍ଞାନ ପ୍ରଦାନ କରାଯାଇଥିଲା।

# ଆରମ୍ଭ ହେଲା ବରପଦା-ଆଗରପଡ଼ା ରାସ୍ତା ନିର୍ମାଣ କାର୍ଯ୍ୟ

ବନ୍ତ/ଆଗରପଡ଼ା, ୬।୮ (ସମିସ):

ଆଗରପଡ଼ା ମୁଖ୍ୟ ବଜାରକୁ ସଂଯୋଗ କରୁଥିବା ସମସ୍ତ ରାସ୍ତାର ଦୁରବସ୍ଥାରେ ସୁଧାର ଆଣିବା ନେଇ କଂଗ୍ରେସ ପକ୍ଷରୁ ରାସ୍ତାରୋକ କରାଯିବ ବୋଲି ଆଗରପଡ଼ାସ୍ଥିତ ଇଲେଭେନଷ୍ଟାର କ୍ଲବରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବ୍ଲକ ସଭାପତି ରାଜକିଶୋର ସ୍ୱାଇଁ ସୂଚନା ପ୍ରଦାନ କରିଥିଲେ। ଅବଧି ମଧ୍ୟରେ ବିଭାଗ କିମ୍ବା ପ୍ରଶାସନ ପକ୍ଷରୁ କୋ÷ଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନଯିବାରୁ କଂଗ୍ରେସ ପକ୍ଷରୁ ରାସ୍ତାରୋକ ଆନ୍ଦୋଳନ ଆରମ୍ଭ ହୋଇଥିଲା। ବରିଷ୍ଠ ନେତା ନବଜ୍ୟୋତି ପଟ୍ଟନାୟକ, ପ୍ରାକ୍ତନ ବିଧାୟକ ଫଚାନନ ମଣ୍ଡଳ, ବ୍ଲକ ସଭାପତି ରାଜକିଶୋର ସ୍ୱାଇଁ, ରବିନାରାୟଣ ମହାନ୍ତି, ସତ୍ୟବାନ ଦାସ, କାର୍ତ୍ତିକ ଜେନା, ଛାୟାକାନ୍ତ ନନ୍ଦ, ଗୟାଧର ପତି, ବାଙ୍କବିହାରୀ ଜେନା ପ୍ରମୁଖ ଏଥିରେ ସାମିଲ ଥିଲେ। ପରେ ବିଭାଗୀୟ ଅଧିକାରୀ ଖୁବ୍ ଶୀଘ୍ର ରାସ୍ତା ମରାମତି କାର୍ଯ୍ୟ ଆରମ୍ଭ କରିବାର ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ଘଟଣାସ୍ଥଳରେ ଥାନାଧିକାରୀ ଦେବରାଜ ଜେନା ମଧ୍ୟ ଉପସ୍ଥିତ ଥିଲେ। ବର୍ତ୍ତମାନ ପ୍ରତିଶ୍ରୁତି ପାଳନ ପୂର୍ବକ ବିଭାଗ ପକ୍ଷରୁ ବରପଦାଠାରୁ ଆଗରପଡ଼ାକୁ ଲମ୍ବିଥିବା ପୂର୍ତ୍ତବିଭାଗ ରାସ୍ତାର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିବା ଜଣାପଡ଼ିଛି। ନବ ଉତ୍କଳର ନିର୍ମାତା ଉତ୍କଳ କେଶରୀ ଡ଼କ୍ଟର ହରେକୃଷ୍ଣ ମହତାବଙ୍କ ଜନ୍ମମାଟି ଏବଂ ଏକମାତ୍ର ଐତିହାସିକ କର୍ମମନ୍ଦିର ଆଗରପଡ଼ାଠାରେ ଅବସ୍ଥିତ ଥିବାରୁ ଉକ୍ତ ଅଞ୍ଚଳ ଓଡ଼ିଶା ତଥା ଭାରତ ଇତିହାସରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି। ଆଜି ପର୍ଯ୍ୟନ୍ତ ଏହି ଅଂଚଳକୁ ସଂଯୋଗ କରୁଥିବା ସମସ୍ତ ରାସ୍ତା ଯଥା ଜିଲ୍ଲା ସଦର ମହକୁମାକୁ ଯିବା ପାଇଁ ଆଗରପଡ଼ା-ବରପଦା ରାସ୍ତା, ବ୍ଲକ ଓ ତହସିଲ ଯିବା ପାଇଁ ଆଗରପଡ଼ା-ବନ୍ତ ରାସ୍ତା, ପଡ଼ୋଶୀ ଜିଲ୍ଲା କେନ୍ଦୁଝର ଯିବା ପାଇଁ ଆଗରପଡ଼ା-ଆନନ୍ଦପୁର ରାସ୍ତା ଏବଂ ବାଲେଶ୍ୱର ଜିଲ୍ଲାକୁ ଯିବା ପାଇଁ ଆଗରପଡ଼ା-କୁପାରୀ ରାସ୍ତା ଅତ୍ୟନ୍ତ ଶୋଚନୀୟ ଅବସ୍ଥାରେ ପଡ଼ି ରହିଛି ଏବଂ ରାସ୍ତା ଗୁଡ଼ିକ ମରଣଯନ୍ତା ପାଲଟିଛି। ଆଗରପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ମୁଖ୍ୟ ବଜାର ଉପରେ ଆମ ଜିଲ୍ଲା ତଥା ପଡ଼ୋଶୀ ବାଲେଶ୍ୱର ଓ କେନ୍ଦୁଝର ଏହିପରି ପାଖାପାଖି ୩ଟି ଜିଲ୍ଲାର ଅଧିବାସୀ ନିର୍ଭର କରିଥାନ୍ତି। ରାସ୍ତା ସମସ୍ୟାକୁ ନେଇ ବାରମ୍ବାର କଂଗ୍ରେସ ଦଳର ନେତୃତ୍ୱମାନେ ପ୍ରଶାସକଙ୍କ ପାଖରେ ନିଜର ଦାବି ରଖି ଆସୁଥିଲେ। କିଛିଦିନ ତଳେ ଆଗରପଡ଼ା-ବରପଦା ରାସ୍ତାର ମରାମତି କରାଯାଇଥିଲେ ସୁଦ୍ଧା ଏହା ନିମ୍ନମାନର ହୋଇଥିବାରୁ ପୁଣି ସେହି ରାସ୍ତା ଶୋଚନୀୟ ହେବା ସହ ଯାତାୟତ ଆଉ ସମ୍ଭବ ହୋଇପାରୁ ନାହିଁ। ପ୍ରଶାସନ ଉକ୍ତ ଘଟଣାଟିକୁ ସକରାତ୍ମକ ଭାବରେ ଗ୍ରହଣ କରି ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ସେମାନେ ଜିଲ୍ଲାପାଳଙ୍କ ସମେତ ବିଭିନ୍ନ ପଦାଧିକାରୀଙ୍କ ଦୃଷ୍ଟି ଆକର୍ଷଣ ମଧ୍ୟ କରିଥିଲେ।



# ମାର୍ଶାପାଳରୁ ମହୁଲି ମଦ ଜବତ

ଆନନ୍ଦପୁର, ୬।୮ (ସମିସ): ଏବେ ଆକ୍ସନ ମୋଡରେ ଘସିପୁରା ପୁଲିସ। ଘସିପୁରା ଥାନା ମାର୍ଶାପାଳ ଗାଁରେ ଥାନା ଅଧିକାରୀ ମାନସ କୁମାର ବାରିକଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ ଚଢ଼ଉ କରି ୯୦୦ ଲିଟର ମହୁଲି ପୋଚକୁ ନଷ୍ଟ କରିବା ସଙ୍ଗେ ସଙ୍ଗେ ୧୦ ଲିଟର ଦେଶୀ ମଦକୁ ଜବତ କରିଛନ୍ତି। କଳାକାର ସାହୁଙ୍କୁ ଗିରଫ କରିବା ସହିତ ୧୧୫ ବୋତଲ ବିଦେଶୀ ମଦ ଜବତ କରିଥିବା ଜଣାଯାଇଛି।

# ସହାୟତାରୁ ବଞ୍ଚିତ ଭିନ୍ନକ୍ଷମ ନାବାଳକ

ତେଲକୋଇ, ୬।୮ (ସମିସ): ତେଲକୋଇ ବ୍ଲକ ଭୀମକାଣ୍ଡ ଗ୍ରାମର କୃଷ୍ଣ ମୁଣ୍ଡାଙ୍କ ଭିନ୍ନକ୍ଷମ ନାବାଳକ ପୁଅ ଅବିନାଶ (୧୪) ସରକାରଙ୍କ ସାମାଜିକ ସୁରକ୍ଷା ଯୋଜନାରୁ ବଞ୍ଚିତ ହୋଇଥିବା ଅଭିଯୋଗ ହୋଇଛି। ଅବିନାଶଙ୍କୁ ଅଦ୍ୟାବଧି ଭିନ୍ନକ୍ଷମ ସହାୟତା ମିଳି ନଥିବା ବେଳେ ସେ ୭୫ ପ୍ରତିଶତ ଭିନ୍ନକ୍ଷମ ଥିବା ପ୍ରମାଣପତ୍ରକୁ ଧରି ବାରଦୁଆର ହେଉଛନ୍ତି। କେତେବେଳେ ପଞ୍ଚାୟତ ତ କେତେବେଳେ ବ୍ଲକ କାର୍ଯ୍ୟାଳୟ ଦୌଡ଼ି ଦୌଡ଼ି ନୟାନ୍ତ ହେଉଛନ୍ତି। ସାମାଜିକ ସୁରକ୍ଷା ଯୋଜନାରେ ସାମିଲ ହୋଇପାରୁ ନାହାନ୍ତି। ତୁରନ୍ତ ଅବିନାଶଙ୍କୁ ଭିନ୍ନକ୍ଷମ ଭତ୍ତା ପ୍ରଦାନ କରିବାକୁ ଦାବି ହୋଇଛି।

# ଆବାସ ଯୋଜନାରେ ଆର୍ଥିକ ଅନିୟମିତତା !

ତେଲକୋଇ, ୬।୮ (ସମିସ): କେନ୍ଦୁଝର ଜିଲ୍ଲା ତେଲକୋଇ ବ୍ଲକରେ ଆବାସ ଯୋଜନାରେ ଆର୍ଥିକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ଖୁଣ୍ଟାପଡ଼ା ପଞ୍ଚାୟତ ମଧୁସୁଦନପୁର ଗ୍ରାମର ଜଣେ ଆବାସ ହିତାଧିକାରୀଙ୍କ ଟଙ୍କା ମୃତ ବ୍ୟକ୍ତିଙ୍କ ଜମାଖାତାକୁ ଯାଇଥିବା ଅଭିଯୋଗ ହୋଇଛି। କାର୍ଯ୍ୟରତ ଜିଆରଏସ ତଥା ଏଡିଓଙ୍କ ଭୂମିକା ସନ୍ଦେହ ଘେରରେ ରହିଛି। ଯାହାକୁ ନେଇ ଆବାସ ହିତାଧିକାରୀ ବାବୁଲି ନାଏକ ବିଡିଓଙ୍କ ନିକଟରେ ଫେରାଦ ହୋଇଛନ୍ତି। ସେ ଦୀର୍ଘ ଦିନ ସରକାରଙ୍କ ତରଫରୁ ମିଳିଥିବା ଆବାସ ଗୃହ ନିର୍ମାଣ କରିଥିଲେ ସୁଦ୍ଧା ଶ୍ରମିକଙ୍କ ପାଇଁ ଉଦ୍ଦିଷ୍ଟ ଥିବା ମନରେଗା ଅର୍ଥ ପାଇ ପାରି ନାହାନ୍ତି। ଜବ କାର୍ଡ ନମ୍ବର ରେ ସଂପୃକ୍ତ ଏଡିଓ ଶ୍ରମିକ ମଜୁରୀ ନଦେଇ ତିନି ଜଣ ମୃତ ବ୍ୟକ୍ତି ରଘୁ ନାଏକ, ଧନେଶ୍ୱର ନାଏକ ଓ ବ୍ରହ୍ମାନନ୍ଦ ନାଏକଙ୍କ ନାମରେ ଅର୍ଥ ପ୍ରଦାନ କରିଛନ୍ତି। ଏହାକୁ ନେଇ ସଂପୃକ୍ତ ଏଡିଓ ହିତାଧିକାରୀଙ୍କୁ ଗାଳିଗୁଲଜ କରିବା ସହିତ ପାଖରେ ରଖିଥିବା ଗୁଣ୍ଡା ଦ୍ୱାରା ଧମକଚମକ ଦେଇଥିବା ଅଭିଯୋଗ ହୋଇଛି। ଏ ସମ୍ବନ୍ଧରେ ବିଡିଓ ପୂର୍ଣ୍ଣଚନ୍ଦ୍ର ନାଏକ କହିଛନ୍ତି, ଏହାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ଦାଦନ ଯୁବକ ନିଖୋଜ



ବାଲିବନ୍ଧ, ୬।୮ (ସମିସ): ସାଙ୍ଗମାନଙ୍କ ଗହଣରେ କାମ ଅନ୍ୱେଷଣରେ ଯାଉଥିଲେ, ହେଲେ ଅଧା ବାଟରୁ ଯୁବକ ନିଖୋଜ ହେବାନେଇ ରେଲୱେ ଥାନାରେ ଅଭିଯୋଗ ହୋଇଛି। ଆନ୍ଧ୍ରପ୍ରଦେଶର ଘୁଣ୍ଟକାଲ ରେଲୱେ ଷ୍ଟେସନରେ ଏଭଳି ଘଟିଥିବା ଅଭିଯୋଗ ଆଣିଛନ୍ତି ନିଖୋଜ ଯୁବକଙ୍କ ଭାଇ ରାଉତ ନାଏକ। ନିଖୋଜ ଯୁବକ ଜଣକ ହେଲେ ବାମେବାରୀ ଥାନା ଅନ୍ତର୍ଗତ ମଳଦା ପଞ୍ଚାୟତ ଲୁଣଗାଡ଼ିଆ ଗ୍ରାମର କରୁଣାକର ନାଏକଙ୍କ ୩୮ ବର୍ଷର ପୁଅ ବିରଞ୍ଚି। ଟ୍ରେନ ଯୋଗେ ଏହି ଯୁବକମାନେ କାମ ଅନ୍ୱେଷଣରେ ବେଙ୍ଗାଲୁରୁକୁ ଯାଉଥିଲେ। ୨୬ ତାରିଖରେ ନିକଟସ୍ଥ ନୟାଗଡ଼ ରେଲୱେ ଷ୍ଟେସନରୁ ଟ୍ରେନରେ ଭୁବନେଶ୍ୱର ଏବଂ ସେଠାରୁ ବାଙ୍ଗାଲୁର ଯାଉଥିବା ବେଳେ ଆନ୍ଧ୍ରପ୍ରଦେଶର ଘୁଣ୍ଟକାଲ ରେଲୱେ ଷ୍ଟେସନରୁ ୨୮ ତାରିଖରେ ବିରଞ୍ଚି ନିଖୋଜ ହୋଇଥିବା ଲିଖିତ ଅଭିଯୋଗ ହୋଇଛି। ପରିବାରବର୍ଗ ଏବଂ ସାଙ୍ଗମନେ ବହୁ ଖୋଜାଖୋଜି ପରେ ମଧ୍ୟ କୌଣସି ସନ୍ଧାନ ମିଳିପାରି ନାହିଁ।

# ଦୁଇଦିନିଆ ବିପର୍ଯ୍ୟୟ ପ୍ରଶମନ ତାଲିମ

କେନ୍ଦୁଝର, ୬।୮ (ସମିସ): ଓସଡମା ସହଯୋଗରେ କେନ୍ଦୁଝର ଆପତକାଳୀନ ବିଭାଗ ଆନୁକୂଲ୍ୟରେ ଜିଲ୍ଲା ସମ୍ପ୍ରସାରଣ ତାଲିମ କେନ୍ଦ୍ରରେ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ଦୁଇଦିନିଆ ବିପର୍ଯ୍ୟୟ ପ୍ରଶମନ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଳିକ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲା ବେଳେ ଅତିରିକ୍ତ ଜିଲ୍ଲାପାଳ ସନ୍ତୋଷ ଜେନା କାର୍ଯ୍ୟକ୍ରମର ଉପଯୋଗିତା ବିଷୟରେ ଆଲୋକପାତ କରିଥିଲେ। ଜିଲ୍ଲା ରେଡକ୍ରସ ଯୁଗ୍ମସମ୍ପାଦକ ତଥା ଜାତୀୟସ୍ତରୀୟ ମାଷ୍ଟର ତାଲିମଦାତା ଏଆର ଖାନ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଜିଲ୍ଲା ପ୍ରକଳ୍ପ ଅଧିକାରୀ ଇଜାଜ ଇକବାଲ ଶିବିରରେ ୫୭ ଜଣ ପିଇଓଙ୍କୁ କାର୍ଯ୍ୟାନ୍ୱୟନ ସମ୍ପର୍କରେ ଅବଗତ କରିଥିଲେ। ମାଷ୍ଟର ଟ୍ରେନର ରଞ୍ଜନ ପଟ୍ଟନାୟକ, କେଦାରନାଥ ଆରୁକ, ଡକ୍ଟର ମହାରଣା ଓ ବିଭିନ୍ନ ବିଭାଗୀୟ ଅଧିକାରୀ ତାଲିମ ପ୍ରଦାନ କରିଥିଲେ। ଝସକେତନ ମହାନ୍ତ, ସେକ ମହମ୍ମଦ ସହନାୱାଜ, ସନ୍ଦୀପ ପଟନାୟକ, ମାନସ ସେଠୀ, ସସ୍ମିତାରାଣୀ ଧର ଶିବିର ପରିଚାଳନା କରିଥିଲେ।

# ଚାଷୀ ପଞ୍ଜୀକରଣ ରଥର ଶୁଭାରମ୍ଭ

ଚମ୍ପୁଆ, ୬।୮ (ସମିସ): ଚମ୍ପୁଆ ନିୟନ୍ତ୍ରିତ ବଜାର କମିଟି ପକ୍ଷରୁ ଖରିଫ ଋତୁରେ ଧାନ କ୍ରୟ ପାଇଁ ଚାଷୀ ପଞ୍ଜୀକରଣ ନିମନ୍ତେ ଏକ ରଥର ଶୁଭାରମ୍ଭ କରାଯାଇଛି। ଏହି ରଥ ଯୋଡା, ଚମ୍ପୁଆ ଓ ଝୁମ୍ପୁରା ଅଞ୍ଚଳରେ ପରିକ୍ରମା କରି ଚାଷୀ ପଞ୍ଜୀକରଣର ପ୍ରକ୍ରିୟା, ଆବଶ୍ୟକ କାଗଜପତ୍ର ଓ ପଞ୍ଜୀକରଣ ସମୟରେ ଆଧାର ଭିତ୍ତିକ ଇ-କେୱାଇସି ବିଷୟରେ ଚାଷୀଙ୍କୁ ଅବଗତ କରିବା ସହିତ ଅବଧି ବିଷୟରେ ସୂଚନା ପ୍ରଦାନ କରିବ। ଭାଗ ଚାଷୀ, କ୍ଷୁଦ୍ର ଓ ନାମ ମାତ୍ର ଚାଷୀ କିପରି ଓ କିଭଳି ଏହି କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତ ହେବେ ତାହା ଲକ୍ଷ୍ୟ ରଖାଯାଇଛି। ଏହାସହ ସମିତିର ଦାୟିତ୍ୱ, ହେଲ୍ପଡେସ୍କ ଓ ହେଲ୍ପଲାଇନ ମାଧ୍ୟମରେ ସୁବିଧା ପାଇପାରିବେ ବୋଲି ଜଣାଯାଇଛି। ଉପଜିଲ୍ଲାପାଳ ଉମାକାନ୍ତ ପରିଡା, ବରିଷ୍ଠ ନାଗରିକ ଧିରେନ ଦାସ ଓ ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ଦିଗାମ୍ବର ପ୍ରଧାନ ପ୍ରମୁଖ ପତାକା ଦେଖାଇ ରଥର ଶୁଭାରମ୍ଭ କରିଥିଲେ। **ଆନନ୍ଦପୁର:** ସେହିପରି ଆନନ୍ଦପୁର ଆରଏମସି ପକ୍ଷରୁ ଆଜି ଏକ ଧାନ ପ୍ରଚାର ରଥର ଶୁଭାରମ୍ଭ ହୋଇଛି। କାର୍ଯ୍ୟାଳୟସମ୍ପାଦକ ଶକ୍ତିଧର କାଣ୍ଡିଙ୍କ ତତ୍ତ୍ୱାବଧାନରେ ଆନନ୍ଦପୁର ଉପଜିଲ୍ଲାପାଳ ନୀଳମାଧବ ସୁନା ପତାକା ଦେଖାଇ ଏହି ଗାଡିର ଶୁଭାରମ୍ଭ କରିଥିଲେ। ଏଆରସିଏସରାମଚନ୍ଦ୍ରବିଶ୍ୱାଳ, ଜଳଧରସିଂ, ଶକ୍ତିପ୍ରସାଦମିଶ୍ର. ଅମୀୟପଟନାୟକ, ସୁବ୍ରତ ବେହେର. ଚିତ୍ରସେନ ପାତ୍ର, ଦିଲୀପ ସାହୁ, ଲିଙ୍କି ଜେନା ପ୍ରମୁଖ ସହଯୋଗ କରିଥିଲେ।

# ସମାକୋଇ ନଦୀରୁ ଚାଲିଛି ବାଲି ଲୁଟ୍

ତେଲକୋଇ, ୬।୮ (ସମିସ)



ତେଲକୋଇ ବ୍ଲକର ଜୀବନରେଖା ସମାକୋଇ ନଦୀଗର୍ଭ ଏବେ ବାଲି ମାଫିଆଙ୍କ କବଜାରେ ରହିଛି। ସନ୍ଧ୍ୟା ଓ ଭୋର ପ୍ରାୟ ୩ରୁ ୪ଟା ଯାଏଁ ଶହ ଶହ ଟ୍ରିପ ବାଲି ବେଆଇନ ଚୋରା ଚାଲାଣ ହେଉଛି। ଉକ୍ତ ନଦୀର କଦଳୀକୁଣ୍ଡ, ନୂଆ ବସଷ୍ଟାଣ୍ଡ ତଳମୁଣ୍ଡ, କଣା ଆମ୍ବ ଓ ଉଷାଦରହ ଏବେ ବାଲି ମାଫିଆଙ୍କ ଭୂସ୍ୱର୍ଗ ସାଜିଛି। ସ୍ଥାନୀୟ ଅଞ୍ଚଳରେ କାର୍ଯ୍ୟ କରୁଥିବା କେତେକ ଠିକାସଂସ୍ଥା ଓ କେତେକ ଫ୍ଲାଏ ଆସ ଇଟା ଭାଟି ମାଲିକଙ୍କୁ ମାଫିଆମାନେ ମୋଟା ଅଙ୍କରେ ବାଲି ବିକ୍ରି କରୁଛନ୍ତି। ଏଥିରେ ସରକାରଙ୍କ କୋଟି କୋଟି ଟଙ୍କାର ରାଜସ୍ୱ ହାନି ହେଉଥିବା ବେଳେ ବାଲି ମାଫିଆ ଓ କେତେକ ପ୍ରଶାସନିକ ଅଧିକାରୀଙ୍କ ପକେଟ ଗରମ ହେଉଥିବା ଅଭିଯୋଗ ହୋଇଛି। ବାଲି ମାଫିଆମାନେ ଖଣି ବିଭାଗଠୁ ଆରମ୍ଭ କରି ରାଜସ୍ୱ ବିଭାଗ ଓ ପୁଲିସ ପ୍ରଶାସନକୁ ହାତକରି ଅନାୟସରେ ରାଜସ୍ୱ ଲୁଟ କରୁଛନ୍ତି। ସ୍ଥାନୀୟ ଲୋକେ ଯେତେ ଅଭିଯୋଗ କଲେ ସୁଦ୍ଧା ବେଆଇନ ବାଲି ଚୋରା କାରବାର ଦିଗରେ କେହି ପଦକ୍ଷେପ ଗ୍ରହଣ କରୁ ନଥିବା ସଙ୍ଗୀନ ଅଭିଯୋଗ ହୋଇଛି। ବାଲି ମାଫିଆ ଓ ପ୍ରଶାସନ ମଧ୍ୟରେ ମଧୁଚନ୍ଦ୍ରିକା ଥିବା କୁହାଯାଉଛି। ନଦୀରେ ବନ୍ୟାଜଳ ପ୍ରବାହିତ ହେବା ପରେ ପରେ ନଦୀପଠା ଓ ନଦୀଗର୍ଭରେ ପଡ଼ିଥିବା ବାଲିକୁ ମାଫିଆମାନେ ଜେସିବିରେ ତାଡି ଲୁଟ କରିବାରେ ବ୍ୟସ୍ତ ରହୁଛନ୍ତି। ରାଜସ୍ୱ ଜଗିବାକୁ ଗଠନ ହୋଇଥିବା ସ୍ୱତନ୍ତ୍ର ଟାସ୍କ ଫୋର୍ସ ଟିମ୍ ମାଫିଆଙ୍କ ପ୍ରତି ଆଖି ବୁଜି ଦେଇଛି। ଶାସକ ଦଳର କେତେକ କୁଜି ନେତା ଓ ବିଧାୟକଙ୍କ ଖାସ ଲୋକ ବୋଲାଉଥିବା କେତେକ କର୍ମୀ ଏହି ବେଆଇନ ଚୋରା ବାଲି କାରବାରର ମୁଖ୍ୟ କାର୍ପଟଦାର ସାଜିଥିବା ଅଭିଯୋଗ ହୋଇଛି। କେହି ମୁହଁ ଖୋଲିଲେ କିମ୍ବା ବିରୋଧ କଲେ ସଂପୃକ୍ତ ବାଲି ମାଫିଆମାନେ ଟ୍ରାକ୍ଟର ଚଢାଇ ଜୀବନରୁ ମାରି ଦେବାକୁ ଖୋଲା ଖୋଲି ଧମକଚମକ ମଧ୍ୟ ଦେଉଥିବା ଅଭିଯୋଗ ହୋଇଛି। ଜିଲ୍ଲା ପ୍ରଶାସନ ଏ ଦିଗରେ ଦୃଷ୍ଟି ଦେଇ ବେଆଇନ ବାଲି କାରବାରକୁ ବନ୍ଦ କରିବା ସହ ବାଲି ମାଫିଆଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ତେଲକୋଇ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହୋଇଛି।

## ମିଳିତ ଚଢ଼ଉ; ୫ ବାଲି ଟ୍ରାକ୍ଟର ସହ ଜେସିବି ଜବତ

ଆନନ୍ଦପୁର/ବେଲବାହାଳି, ୬।୮ (ସମିସ): ଆନନ୍ଦପୁର ଉପଖଣ୍ଡ ବିଭିନ୍ନ ବାଲିଘାଟରେ ଖଣିବିଭାଗ ଓ ପୁଲିସ ପକ୍ଷରୁ ମିଳିତ ଚଢଉ ଫଳରେ ୫ ବାଲି ବୋଝେଇ ଟ୍ରାକ୍ଟର, ଏକ ଜେସିବି ମେସିନ୍ ଜବତ କରାଯାଇଛି। ଘଟଣାରେ ସମ୍ପୃକ୍ତ ଜଣେ ଡ୍ରାଇଭରକୁ ଅଟକ ରଖାଯାଇଛି। ଖଣିବିଭାଗ ଘଷିପୁରା ପୁଲିସ୍ ସହାୟତାରେ ପ୍ରଥମେ କୁଶେଇ ନଦୀର ଟୋଲଙ୍କପଡା କୁରୁମେଇ ଘାଟଠାରେ ଚଢଉ କରିଥିଲା। ସେଠାରୁ କେତେକ ଟ୍ରାକ୍ଟର ଖସି ପଳାଇଥିବା ବେଳେ ଗୋଟିଏ ଟ୍ରାକ୍ଟର ସହ ବାଲି ଉତ୍ତୋଳନରେ ବ୍ୟବହୃତ ଜେସିବି ମେସିନ୍‌କୁ ଜବତ କରାଯାଇଛି। ପରେ ବୈତରଣୀ ନଦୀର ଅମାରଙ୍ଗ ଘାଟରୁ ବାଲି ବୋଝେଇ କରି ଆସୁଥିବା ୪ଟି ଟ୍ରାକ୍ଟରକୁ ଜବତ କରିଛି ଖଣିବିଭାଗ। ଏମାନଙ୍କ ବିରୋଧରେ ମୋଟା ଅଙ୍କର ଫାଇନ୍ ହେବାକୁ ଥିବା ସୂଚନା ମିଳିଛି। ସୂଚନାଯୋଗ୍ୟ, ବର୍ଷାଋତୁକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ନିର୍ଦ୍ଦେଶକ୍ରମେ ଚଳିତବର୍ଷ ଜୁନ୍ ମାସ ୫ରୁ ଅକ୍ଟୋବର ୧୫ ତାରିଖ ପର୍ଯ୍ୟନ୍ତ ବାଲି ପରିବହନକୁ ବନ୍ଦ କରାଯାଇଛି। ଏହି ଦୃଷ୍ଟିରୁ ଚୋରା ଚାଲାଣ ଧରପଗଡ଼ ଅଭିଯାନ ନିୟମିତ ବ୍ୟବଧାନରେ ଜାରି ରହିଛି।

# ୬୬୨ ବର୍ଗ ମହାବିଦ୍ୟାଳୟ ସଂଘର ଧାରଣା ଓ ଦାବିପତ୍ର

କେନ୍ଦୁଝର, ୬।୮ (ସମିସ): ବୁଧବାର କେନ୍ଦୁଝର ଜିଲ୍ଲା ୬୬୨ ବର୍ଗ (ଯୁକ୍ତ ୨ ଓ ଯୁକ୍ତ ୩) ମହାବିଦ୍ୟାଳୟ ଶିକ୍ଷକ ଓ କର୍ମଚାରୀ ସଂଘର ଅଧ୍ୟାପକ ଓ କର୍ମଚାରୀମାନେ ଜିଲ୍ଲାପାଳଙ୍କ ସମ୍ମୁଖରେ ଧାରଣା ଦେଇ ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କ ମାଧ୍ୟମରେ ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ବର୍ଗର ଅଧ୍ୟାପକ ଓ କର୍ମଚାରୀମାନେ ରାଜ୍ୟର ପ୍ରାୟ ୭୦ ଭାଗ ବିଦ୍ୟାର୍ଥୀଙ୍କୁ ଉଚ୍ଚଶିକ୍ଷା ପ୍ରଦାନ କରିଥାନ୍ତି। ବିଭିନ୍ନ ସମୟରେ ଏହି ବର୍ଗର ଅଧ୍ୟାପକ ଓ କର୍ମଚାରୀଙ୍କୁ ସରକାର ଅବହେଳା କରି ଆସୁଛନ୍ତି। ପେନସନ୍ ଓ ଚାକିରୀ ସର୍ତ୍ତାବଳୀ ବିହୀନ ଏହି କର୍ମଚାରୀମାନେ ୩୦/୩୫ ବର୍ଷ ସେବା କରି ଖାଲି ହାତରେ ଅବସର ଗ୍ରହଣ କରୁଛନ୍ତି। ଚାକିରୀ ସର୍ତ୍ତାବଳୀ ସହିତ ପେନସନ ପ୍ରଦାନ କରିବାକୁ ଦାବି କରି ଆସୁଥିବା ବେଳେ ଏ ପର୍ଯ୍ୟନ୍ତ ସରକାରଙ୍କ ତରଫରୁ କୌଣସି ପଦକ୍ଷେପ ନିଆଯାଇନାହିଁ। କେନ୍ଦୁଝର ଜିଲ୍ଲା ସଭାପତି ସତ୍ୟନାରାୟଣ ସାହୁଙ୍କ ନେତୃତ୍ୱରେ ଜିଲ୍ଲାପାଳଙ୍କ ମାଧ୍ୟମରେ ଏହି ଦାବିପତ୍ର ପ୍ରଦାନ ସମୟରେ ଅଧ୍ୟାପକ ନରେନ୍ଦ୍ର ଶତପଥୀ, ସଂଗ୍ରାମ କେଶରୀ ବେହେରା, ଅଶୋକ ସାହୁ, ପ୍ରକାଶ ଆଚାର୍ଯ୍ୟ, ନାରାୟଣ ସାହୁ, ହିମାଂଶୁ ଶେଖର ମହାନ୍ତ, ତୁଳସୀ ଚରଣ ମହାନ୍ତ, ସ୍ମୃତି ବାନାର୍ଜୀ, ନିରୁପମା ଦାସ, ଏଲିନା ନାୟକ, ଅମୀୟ ସାମନ୍ତରା, ପରେଶ ଧର, ସନ୍ତୋଷ ସେଠୀ ପ୍ରମୁଖ ଯୋଗ ଦେଇଥିଲେ।

# ଓଏସ୍‌ସିପିସିଆର୍ ସଦସ୍ୟା ହେଲେ ସୁକେଶି ଓରାମ



ଚମ୍ପୁଆ, ୬।୮ (ସମିସ): ଚମ୍ପୁଆ ବ୍ଲକ ଅନ୍ତର୍ଗତ କଦଗଡିଆ ପଞ୍ଚାୟତର ବରିଷ୍ଠ ବିଜେପି ସଭାନେତ୍ରୀ ସୁକେଶି ଓରାମ ହେଲେ ରାଜ୍ୟ ଶିଶୁ ସୁରକ୍ଷା ଓ ଅଧିକାର ସଦସ୍ୟା। ଏନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ଚିଠି ସଂଖ୍ୟା ୧୯୮୧୪ ତା. ୦୫।୦୮।୨୦୨୫ରେ ବିଧିବଦ୍ଧ ଘୋଷଣା ପରେ ଚମ୍ପୁଆ ବିଜେପିରେ ଖୁସିର ଲହରି ଖେଳିଯାଇଛି। ସୁଶ୍ରୀ ଓରାମ ଭାରତୀୟ ଜନତା ପାର୍ଟିର ଜଣେ ଆଗ ଧାଡିର ନେତ୍ରୀ ଭାବେ ବେଶ ପରିଚିତ। ପୂର୍ବରୁ ବିଜେପି ପକ୍ଷରୁ ତାଙ୍କୁ ରାଜ୍ୟ ଉପସଭାନେତ୍ରୀ ଭାବେ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ନିଜ ଦାୟିତ୍ୱକୁ ନିଷ୍ଠାର ସହ ସମ୍ପାଦନ କରୁଥିବା ଏହି ମହିଳା ଆଜି ଶିଶୁ ସୁରକ୍ଷା ଓ ଅଧିକାର ସଦସ୍ୟା ଭାବେ ମନୋନୀତ ହୋଇଥିବାରୁ ବିଭିନ୍ନ ମହଲରୁ ତାଙ୍କୁ ସ୍ୱାଗତ କରାଯାଇଛି।

# ଶ୍ରୀଝାଡ଼େଶ୍ୱର ପୀଠରେ ଶ୍ରାବଣୀ ଭଜନ ସମାରୋହ

ଆନନ୍ଦପୁର, ୬।୮ (ସମିସ): ଆନନ୍ଦପୁର କଳାକାର ସଙ୍ଘ ପକ୍ଷରୁ ଝାଡ଼େଶ୍ୱର ମନ୍ଦିର ପ୍ରାଙ୍ଗଣରେ ଶ୍ରାବଣୀ ଭଜନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏସଏନ ମ୍ୟୁଜିକ ପକ୍ଷରୁ କଣ୍ଠଶିଳ୍ପୀ ସୁଦାମ ନାହାକ, ମାନସୀ ପଣ୍ଡା, ସୁଦର୍ଶନ ରଣା, ବଳରାମ ଜେନା, ରଞ୍ଜନ ଜେନା, ପ୍ରଦୀପ ରାମ, ରିୟାଂଶ ସାହୁ ଭଜନ ପରିବେଷଣ କରିଥିଲେ। କଳାକାର ସଙ୍ଘ ସମ୍ପାଦକ ରାଜକିଶୋର ସାହୁଙ୍କ ତତ୍ତ୍ୱାବଧାନରେ ପ୍ରଭାତ ରାଉତଙ୍କ ସଂଯୋଜନାରେ ପ୍ରେସକ୍ଲବ ସଭାପତି ନାରାୟଣ ସାହୁ, ସମାଜସେବୀ ଜ୍ଞାନଲୋକ ପଣ୍ଡା, ସଙ୍ଗୀତ ଗୁରୁ ମନୋଜ ପତି, ବ୍ରଜକିଶୋର, ଗାୟିକା ମୋହିନୀ ମଞ୍ଜରୀ ନାହାକଙ୍କ ଦ୍ୱାରା ଏକ "ବୋଲବମ ଭଜନ'ର ଉନ୍ମୋଚନ କରାଯାଇଥିଲା। ଆନନ୍ଦପୁରର ଦୁଇ ଶିଶୁ କଣ୍ଠଶିଳ୍ପୀ ନିଶିକାନ୍ତ ଓ ସ୍ମୃତିରେଖା ଗୀତଟିକୁ ଗାଇଥିବା ବେଳେ ସ୍ଥାନୀୟ କଳାକାର, ଗୟାଧର ପତି, ଅନାଦି ସା, କୈଳାଶ ନାୟକ, ମନୋଜ ମହାନ୍ତି, ଅନିଲ ସାହୁ, ଶୁଭଦର୍ଶିନୀ ସାହୁ, ବୃନ୍ଦାବନ ସ୍ୱାଇଁ, ୟୁଟ୍ୟୁବର ବିଦିଶା ଚକ୍ରବର୍ତ୍ତୀ, ଆୟେଷା ଚକ୍ରବର୍ତ୍ତୀ, ମାମାଲି ସାହୁ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

# ମା' ପାଇଁ ଗଛଟିଏ' କାର୍ଯ୍ୟକ୍ରମ




ତେଲକୋଇ, ୬।୮ (ସମିସ): ଚାରିଗଡ଼ ମହାବିଦ୍ୟାଳୟରେ ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଯୁବ ରେଡ୍‌କ୍ରସ ଓ ଜାତୀୟ ସେବା ଯୋଜନା ଚାରିଗଡ଼ ମହାବିଦ୍ୟାଳୟ ତେଲକୋଇ ମିଳିତ ଉଦ୍ୟମରେ ଏହି କାର୍ଯ୍ୟକ୍ରମରେ ପ୍ରାଣୀ ବିଜ୍ଞାନ ବିଭାଗର ଅଧ୍ୟାପିକା ପାର୍ବତୀ ସାହୁ, ଇତିହାସ ବିଭାଗ ଅଧ୍ୟାପକ ଡ. ନିତ୍ୟାନନ୍ଦ କର, ତର୍କଶାସ୍ତ୍ର ବିଭାଗ ଅଧ୍ୟାପକ ସୁରିଆ ଜୁଆଙ୍ଗ, ଗଣିତ ଅଧ୍ୟାପକ ଟୁନାରାମ ମହାନ୍ତ ଏବଂ ଯୁବ ରେଡ୍‌କ୍ରସ ସଂଯୋଜକ ସଞ୍ଜୟ ଦେହୁରୀ ଯୋଗ ଦେଇଥିଲେ। ତେଲକୋଇ ବନ ବିଭାଗ ପକ୍ଷରୁ ଦିଆଯାଇଥିବା ୨୦୦ ଚାରା ଛାତ୍ରଛାତ୍ରୀଙ୍କୁ ବଣ୍ଟନ କରାଯାଇଥିଲା। ଜାତୀୟ ସେବା ଯୋଜନା ସଂଯୋଜକ ସନ୍ଦୀପ ସିଂ ଧନ୍ୟବାଦ ଅର୍ପଣ କରିଥିଲେ।

# ବୈତରଣୀ କୂଳରେ କୁଢ଼ କୁଢ଼ ଆବର୍ଜନା



ତୁରୁମୁଙ୍ଗା, ୬।୮ (ସମିସ): କେନ୍ଦୁଝର ଜିଲ୍ଲା ପାଟଣା ମୁଖ୍ୟାଳୟ ପରମେଶ୍ୱର ଶିବ ମନ୍ଦିର ନିକଟ ବୈତରଣୀ ନଦୀର ଅନୁସୟା ଘାଟରେ ଶ୍ରାବଣ ମାସର ସୋମବାର ପାଇଁ ବୁଡ଼ ପକାଇ ପାଣି ଉଠାଇବାକୁ କାଉଡ଼ିଆଙ୍କ ପ୍ରବଳ ସମାଗମ ହୋଇଥିଲା। ପୂଜା ପରେ ପକାଇଥିବା ବର୍ଜ୍ୟବସ୍ତୁ କୁଢ଼ କୁଢ଼ ହୋଇ ପଡ଼ି ରହିଛି। ଏହି ଆବର୍ଜନା ନଦୀ ଘାଟକୁ ଅପରିଷ୍କାର କରିବା ସହ ପରିବେଶ ପ୍ରଦୂଷିତ କରିଥିବା ଦେଖିବାକୁ ମିଳିଛି। କୁଢ଼କୁଢ଼ ହୋଇ ବ୍ୟବହୃତ ପଲିଥିନ, ଶୋଲ ଚଉପତି, ଧୂପ ଜରି, ଦିଆସିଲ ଖୋଳ ଆଦି ଏଣେ ତେଣେ ପଡ଼ି ରହିଥିବାରୁ ଉକ୍ତ ନଦୀଘାଟ ଅସ୍ୱାସ୍ଥ୍ୟକର ହେବା ସହ ପରିବେଶ ପ୍ରଦୂଷିତ ହୋଇ ରହିଛି। ଉକ୍ତ ଘାଟରେ ଏବେ ସ୍ଥାନୀୟ ଲୋକେ ଗାଧୋଇବାକୁ ନାପସନ୍ଦ କରୁଛନ୍ତି। ଏଥିପ୍ରତି ମନ୍ଦିର କର୍ତ୍ତୃପକ୍ଷ, ସ୍ଥାନୀୟ ପ୍ରଶାସନ କିମ୍ବା ସାମାଜିକ କର୍ମୀ ଦୃଷ୍ଟି ଦେଇ ଘାଟର ପରିଷ୍କାର କରିବାର ପରିଲକ୍ଷିତ ହେଉନାହିଁ। ଏସବୁ ବର୍ଜ୍ୟବସ୍ତୁ ପାଣିରେ ପଡ଼ି ନଦୀ ଜଳ ଦୂଷିତ ହେବାର ଆଶଙ୍କା ରହିଛି।

# ଶ୍ରୀଦଧିବାମନଜୀଉଙ୍କ ଝୁଲଣ ଯାତ୍ରା



ଆନନ୍ଦପୁର, ୬।୮ (ସମିସ): ଆରାଧ୍ୟ ଦେବ ଶ୍ରୀଶ୍ରୀଦଧିବାମନଜୀଉଙ୍କ ଝୁଲଣ ଯାତ୍ରା ମନ୍ଦିର ପରିସରରେ ଚାଲିଛି। ସୋମବାରଠାରୁ ଆରମ୍ଭ ହୋଇଥିବା ବେଳେ ଶ୍ରାବଣ ପୂର୍ଣ୍ଣମୀ ଦିନରେ ଶେଷ ହେବ। ମହାପ୍ରଭୁ ଶ୍ରୀଦଧିବାମନଜୀଉଙ୍କ ପ୍ରତିନିଧି ଭାବେ ଶ୍ରୀମଦନମୋହନ ଓ ଭୂଦେବୀ, ଶ୍ରୀଦେବୀଙ୍କୁ ସନ୍ଧ୍ୟା ଆଳତି ପରେ ବେଶ କରାଯାଇ ସ୍ୱତନ୍ତ୍ର ବିମାନ ଯୋଗେ ଘଣ୍ଟଶଙ୍ଖ ହୁଳହୁଳି ଧ୍ୱନିରେ ଓ କୀର୍ତ୍ତନର ତାଳେତାଳେ ଝୁଲଣ ବେଦୀରେ ଉପବେଶନ କରାଯାଇଥାଏ। ମନ୍ଦିରର ରାଜପୁରୋହିତ ଶରତ ମିଶ୍ରଙ୍କ ମନ୍ତ୍ରପାଠରେ ଶ୍ରୀଜୀଉମାନେ ଝୁଲଣ ବେଦୀରେ ବିଜେ କରିଛନ୍ତି। ପୂଜକ ବାବୁଲି ଦାଶ, ସୁଆର ବିଶ୍ୱ ପାତ୍ରଙ୍କ ସମେତ ମଦନ ମୋହନ ମିଶ୍ର, ପରିଚାଳକ ସୁରେନ୍ଦ୍ର ମିଶ୍ର, ମନ୍ଦିର କମିଟି, ଦେବୋତ୍ତର ବିଭାଗର କର୍ମକର୍ତ୍ତା ସେବାୟତ ଉପସ୍ଥିତ ଥିଲେ। ସନ୍ଧ୍ୟାରେ ଝୁଲଣ ଯାତ୍ରା ଦେଖିବା ପାଇଁ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହେଉଛି।

# ରାଜ୍ୟ ଖାଦ୍ୟ ସୁରକ୍ଷା ଆୟୋଗ ସଦସ୍ୟଙ୍କ ଗସ୍ତ

ଚମ୍ପୁଆ/ବାଲିବନ୍ଧ, ୬।୮ (ସମିସ)



ରାଜ୍ୟ ଫୁଡ କମିଶନ ସଦସ୍ୟ ଦୟାନିଧି ଦାସ ଓ ସଦସ୍ୟ ଅକ୍ଷୟ ବେହେରା ଚମ୍ପୁଆ ବ୍ଲକ ଗସ୍ତ କରି ବିଭିନ୍ନ ଅଙ୍ଗନବାଡି, ଭଣ୍ଡା ଚିକିତ୍ସାଳୟ, ବିଦ୍ୟାଳୟ, ଛତୁଆ ପ୍ରସ୍ତୁତି କେନ୍ଦ୍ର ଓ ପିଡିଏସ୍ କେନ୍ଦ୍ର ଆଦି ପରିଦର୍ଶନ କରିଛନ୍ତି। ବିଡିଓ ସ୍ମୃତିରଂଜନ ସାହୁ, ସିଡିପିଓ ଲକ୍ଷ୍ମୀକାନ୍ତି ମାରାଣ୍ଡି, ଏସିଏସଓ ମାଙ୍ଗଲ ସିଂ, ଏସଡିଏମଓ ଉମାକାନ୍ତ ସାହୁ, ଭାରପ୍ରାପ୍ତ ବ୍ଲକ ଶିକ୍ଷାଧିକାରୀ ନରେନ୍ଦ୍ର ନାଏକ, ଡବ୍ଲୁଇଓ ପ୍ରମୋଦ ନାଏକ ପ୍ରମୁଖ ଉପସ୍ଥିତ ରହିଥିଲେ। ପ୍ରଥମେ ପର୍ଶଳା ପଞ୍ଚାୟତର ପିଡିଏସ କେନ୍ଦ୍ର ଓ ଅଙ୍ଗନବାଡି କେନ୍ଦ୍ର ପରିଦର୍ଶନ କରିବା ପରେ କୃଷ୍ଣପୁର, କାଳିକାପ୍ରସାଦ, ଗୁଲୁଦିପୋଶି, କାଶିପାଳ କ୍ରେଜ, କାଶିପାଳ ଉଚ୍ଚ ବିଦ୍ୟାଳୟ, କାଶିପାଳ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ବଣ୍ଡା ସିଏଚ୍‌ସି ପରେ ଚମ୍ପୁଆ ପାଞ୍ଚପୋଖରିଆସ୍ଥିତ ଛତୁଆ ପ୍ରସ୍ତୁତ କେନ୍ଦ୍ର ପରିଦର୍ଶନ କରିଥିଲେ। କାଶିପାଳରେ ଥିବା ୭ ମାସରୁ ୩ ବର୍ଷର ଛୁଆଙ୍କ ନିମିତ କ୍ରେଜ ସେଣ୍ଟରରେ ମିଳୁଥିବା ଖାଦ୍ୟ, ଖାଦ୍ୟ ପ୍ରସ୍ତୁତି, ପୁଷ୍ଟିକର ଖାଦ୍ୟ ପ୍ରଦାନ ହେଉଛି କି ନାହିଁ ସେ ନେଇ କେନ୍ଦ୍ର ପରିଚାଳିକା ସହ ଆଲୋଚନା କରି କିପରି ଅଧିକରୁ ଅଧିକ ଯତ୍ନ ନିଆଯାଇପାରିବ ସେନେଇ ପରାମର୍ଶ ଦେଇଥିଲେ। ଭଣ୍ଡାସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ଅଭାବ, ରୋଗୀସେବା ଆଦି ବିଷୟରେ ପଚାରି ବୁଝିଥିଲେ। ଅପରାହ୍ନରେ ବ୍ଲକ ସଭାଗୃହଠାରେ ଏକ ସମୀକ୍ଷା ବୈଠକ ହୋଇଥିଲା। ପାଞ୍ଚପୋଖରିଆସ୍ଥିତ ଛତୁଆ ପ୍ରସ୍ତୁତି କେନ୍ଦ୍ରର ସଭାପତି ଗୀତାଞ୍ଜଳି ଦାସଙ୍କ ସହ ଆଲୋଚନା କରି ଗଚ୍ଛିତ ଥିବା ପଦାର୍ଥ, ପ୍ରସ୍ତୁତି ସ୍ଥାନର ପରିବେଶ ଆଦି ବୁଲି ଦେଖିଥିଲେ। ସଦସ୍ୟମାନେ ଛତୁଆ ସାମଗ୍ରିର ଦରବୃଦ୍ଧି ହେତୁ ଲାଭ କମ ହେଉଥିବା ସୂଚନା ଦେଇଥିଲେ।

ସେହିପରି ଉଖୁଣ୍ଡା ପଞ୍ଚାୟତ କାର୍ଯ୍ୟାଳୟ, ଝୁମ୍ପୁରାସ୍ଥିତ ଛତୁଆ କେନ୍ଦ୍ର ଆଦି ପରିଦର୍ଶନ କରି ଖାଦ୍ୟ, ରହଣି ବ୍ୟବସ୍ଥା ପରଖିଥିବାବେଳେ ପଞ୍ଚାୟତରେ ସାଧାରଣ ବଣ୍ଟନ ବ୍ୟବସ୍ଥା ଏବଂ ଝୁମ୍ପୁରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ବ୍ୟବସ୍ଥା ଅନୁଧ୍ୟାନ କରିଛନ୍ତି।

ସେହିପରି ବାଲିବନ୍ଧ ଅନ୍ତର୍ଗତ ନାଗରପାଳ, ନୟାଧନୁର୍ଜପୁର, ଗଣ୍ଡବରେଇ ଆଦି ଅଙ୍ଗନବାଡି କେନ୍ଦ୍ର ଏବଂ ଆସନପାଟ ଆଶ୍ରମ ବିଦ୍ୟାଳୟ ଏବଂ କନ୍ୟା।ଶ୍ରମ ପରିଦର୍ଶନ କରି ଛାତ୍ରଛାତ୍ରୀଙ୍କ ସହ ଭାବ ବିନିମୟ କରିଥିଲେ। ବିଡିଓ ହୃଦାନନ୍ଦ ଅଡା, ଚମ୍ପୁଆ ଅତିରିକ୍ତ ଖାଦ୍ୟ ଯୋଗାଣ ଅଧିକାରୀ ମଙ୍ଗଲ ସିଂ, ଝୁମ୍ପୁରା ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ମଣିମାଳା ନାଏକ, ଗୋଷ୍ଠୀ ଶିକ୍ଷାଧିକାରୀ ଭଗବାନ ମିଶ୍ର, ଝୁମ୍ପୁରା ଖାଦ୍ୟ ଯୋଗାଣ ନିରୀକ୍ଷକ ସୌଭାଗ୍ୟ ପ୍ରସାଦ ମିଶ୍ର, ଗ୍ରାମପଞ୍ଚାୟତ ଉନ୍ନୟନ ଅଧିକାରୀ ମାନସ ରଞ୍ଜନ, ମଙ୍ଗଳ ଅଧିକାରୀ ମନୋରଞ୍ଜନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ଶିକ୍ଷକ ସଙ୍ଘର ଦାବିପତ୍ର

ଆନନ୍ଦପୁର ୬।୮ (ସମିସ): ଆନନ୍ଦପୁର ବ୍ଲକ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ସମସ୍ତ ବିଦ୍ୟାଳୟରେ ୟୁଏସଏ କାର୍ଯ୍ୟକାରୀ କରାଯିବା ପାଇଁ ସ୍ଥିର କରାଯାଇଥିଲା। ବିଦ୍ୟାଳୟ ସ୍ତରରେ ଆବଶ୍ୟକ ଭିତ୍ତିଭୂମି ଯଥା କମ୍ପୁଟର ଶିକ୍ଷକ, ଆବଶ୍ୟକ ମୋବାଇଲ, ଇଣ୍ଟରନେଟ ଇତ୍ୟାଦି ନଥିବାରୁ ସମସ୍ତ ଶିକ୍ଷକବୃନ୍ଦଙ୍କ ପାଇଁ ଏହା ଏକ ଚିନ୍ତାର କାରଣ ହୋଇଛି। ଏଣୁ ସମସ୍ତ ଶିକ୍ଷକଙ୍କ ସାର୍ଥ ଦୃଷ୍ଟିକୋଣରୁ ସଂଘ ତରଫରୁ ଏହାକୁ ବିରୋଧ କରାଯାଇ ଏହାର ପୁନଃବିଚାର କରିବା ପାଇଁ ସରକାରଙ୍କୁ ନିବେଦନ କରାଯାଇଛି।

# ମଇଦାନକେଲ ପିଏଚ୍‌ସିରେ ଚକ୍ଷୁ ପରୀକ୍ଷା ଶିବିର

କେନ୍ଦୁଝର, ୬।୮ (ସମିସ): କେନ୍ଦୁଝର ଡେଭଲମେଣ୍ଟ ଟ୍ରଷ୍ଟ, ମଇଦାନକେଲ ସ୍ୱାସ୍ଥ୍ୟଉପକେନ୍ଦ୍ର ଓ ପ୍ରଗତି ଫାଉଣ୍ଡେସନ ଟ୍ରଷ୍ଟ ମିଳିତ ଆନୁକୂଲ୍ୟରେ ମଇଦାନକେଲ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଛି। ମଇଦାନକେଲ ପଞ୍ଚାୟତର ହରିହରପୁର, ବାସୁଦେବପୁର, ମଇଦାନକେଲ, କେରୀ, ଜଜପୋଶି, ତାଳପତା ଆଦି ଗ୍ରାମର ୩୯ ଜଣ ଆଦିବାସୀ ଭାଇଭଉଣୀ ପ୍ରାଥମିକ ସେବା ପାଇଛନ୍ତି। କେନ୍ଦୁଝର ଡେଭଲମେଣ୍ଟ ଟ୍ରଷ୍ଟର ସମ୍ପାଦକ ତଥା କେନ୍ଦୁଝର ସିଟିଜେନ ଫୋରମର ବରିଷ୍ଠ ସଦସ୍ୟ ଭକ୍ତବତ୍ସଳ ମହାନ୍ତି ଶିବିର ପରିଚାଳନା କରିଥିଲେ। ପଦ୍ମପୁର ଗୋଷ୍ଠୀସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଚିକିତ୍ସାଧିକାରୀ ଡା. ଶିବଚରଣ ବାଘଙ୍କ ମାର୍ଗଦର୍ଶନରେ ମଇଦାନକେଲ ପ୍ରାଥମିକ ସ୍ୱାସ୍ଥ୍ୟର ଫାର୍ମାସିଷ୍ଟ ବିଜୟ ବେହେରା, ସ୍ୱାସ୍ଥ୍ୟସେବିକା ସ୍ୱାଗତିକା କର, ଭୂମିକା ଚକ୍ଷୁ ଚିକିତ୍ସାଳୟର ସୟନ ସୁନ୍ଦର ମାଇତି, ଭିଜନ ଟେକନିସିଆନ ଭବସ୍ମିତା ପାତ୍ର, ସୁଶ୍ରୀ ଲକ୍ଷ୍ମୀପ୍ରିୟା ବେହେରା, କ୍ଷେତ୍ରୀୟ ସଂଗଠକ ହିଂମାଂଶୁ ପାତ୍ର ପ୍ରମୁଖ ୧୨ଜଣ ମୋତିଆବିନ୍ଦୁ ରୋଗୀଙ୍କୁ ଚିହ୍ନଟ କରି ପ୍ରାଥମିକ ସେବା ଓ ପରାମର୍ଶ ଯୋଗାଇଥିଲା ବେଳେ ୮ଜଣଙ୍କୁ ଅସ୍ତ୍ରୋପଚାର ପାଇଁ ଭୂମିକା ଚକ୍ଷୁ ଚିକିତ୍ସାଳୟକୁ ପଠାଯାଇଛି। ଦୃଷ୍ଟି ସମସ୍ୟା ଥିବା ୧୮ ଜଣ ବରିଷ୍ଠ ନାଗରିକଙ୍କୁ ମାଗଣାରେ ଚଷମା ବଣ୍ଟନ କରାଯାଇଛି। ଟ୍ରଷ୍ଟ କୋଷାଧ୍ୟକ୍ଷ ତଥା ଅଧିବକ୍ତା ସଞ୍ଜିବ ପାଇକରାୟ ଓ କାର୍ଯ୍ୟକ୍ରମ ପରାମର୍ଶଦାତା ଡା. ବିମ୍ବାଧର ବେହେରା କେନ୍ଦୁଝର ଜିଲ୍ଲାରେ ଚାଲିଥିବା ଅନ୍ଧତ୍ୱମୁକ୍ତ ଅଭିଯାନରେ ସର୍ବସାଧାରଣ ସହଯୋଗ କରିବାକୁ ନିବେଦନ କରିଛନ୍ତି। ପ୍ରଗତି ଫାଉଣ୍ଡେସନ ଟ୍ରଷ୍ଟ ଯୁବ ସ୍ୱେଚ୍ଛାସେବୀ, ମଇଦାନକେଲ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଆଶାକର୍ମୀ, ସ୍ୱାସ୍ଥ୍ୟସହାୟକ ଜତିନ ମୁଣ୍ଡା, ଗୀତାଞ୍ଜଳି ମୁଣ୍ଡା, ପଞ୍ଚାୟତ ପ୍ରତିନିଧିଗଣ ସହଯୋଗ କରିଥିଲେ।